অନ୍ତର୍ଭାରତୀୟ ପୁସ୍ତକମାଳା

ଆଦାନ ପ୍ରଦାନ

ମରଣ ପରେ

ଶିବରାମ କାରନ୍ତ

ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by PPRACHIN, SOA

ମରଣ ପରେ

Digitized by PPRACHIN, SOA

ଅନ୍ତର୍ଭାରତୀୟ ପୁସ୍ତକମାଳା

ମରଣ ପରେ

ଲେଖକ
ଶିବରାମ କାରନ୍ତ
ଅନୁବାଦକ
ଚଉଧୁରୀ ହେମକାନ୍ତ ମିଶ୍ର

ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ
ନୂଆ ଦିଲ୍ଲୀ

Digitized by PPRACHIN, SOA

1974 (Pausa 1895)
୧୭୪ (ପୌଷ ୧୮୯୫)

© ଶିବରାମ କାରନ୍ତ, 1972

Original Title : ALIDA MELE (Kannada)
Oriya Translation : MARANA PARE

ମୂଲ୍ୟ ୪·୦୦
Rs.4·00

ମୁଖ୍ୟ ପରିବେଷକ
ଗ୍ରନ୍ଥମନ୍ଦିର
କଟକ-୨ : ବ୍ରହ୍ମପୁର

ଡାଇରେକ୍ଟର, ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ୍, ଇଣ୍ଡିଆ ଏ-୫ ଗ୍ରୀନ୍ ପାର୍କ
ନୂଆ ଦିଲ୍ଲୀ-୧୬ କର୍ତ୍ତୃକ ପ୍ରକାଶିତ ଏବଂ ପ୍ରସାଦ ପ୍ରେସ, କଟକ-୨ ଦ୍ୱାରା ମୁଦ୍ରିତ ।

Digitized by PPRACHIN, SOA

ଭୂମିକା

ଉପନ୍ୟାସ ସିନା ଲେଖି ବସିଛି, କିନ୍ତୁ ତାର ଭୂମିକା ଲେଖିବାରେ ମୁଁ ଉଦାସୀନ । ଯେଉଁ କଥାଟା ଗୋଟାଏ ପୂର୍ଣ୍ଣ ଉପନ୍ୟାସ ବୁଝାଇ ପାରିନାହିଁ, ସେ କଥାକୁ ଭୂମିକାଟିଏ ଦେଇ କିପରି ବୁଝାଇ ହେବ ? ଉପନ୍ୟାସ ଲେଖିବାର ଉଦ୍ଦେଶ୍ୟଟି ଯେବେ ଉପନ୍ୟାସ ନିଜେ ହିଁ ଦେଖାଇ ନ ପାରେ, ତା' ହେଲେ ତାକୁ ଲେଖିକରି ଲାଭଟା କଣ ?—ଏଇ ସବୁ କାରଣରୁ ମୁଁ ଭୂମିକା ପ୍ରତି ଟିକିଏ ଅନାଗ୍ରହୀ ।

ତଥାପି ଏପରି କେତେକ କଥା କହିବାକୁ କଦବା କିପରି ଇଚ୍ଛାହୁଏ, ଯାହା କି ନ ଲେଖି ରହିପାରେନା । ମାନବ ଜୀବନର ଶେଷକୁ କଣ ବାକି ରହିଯିବ, ଏତିକି ଖୋଜିଦେଖିବାର ପ୍ରଯତ୍ନର ଦୃଷ୍ଟି ଉପନ୍ୟାସରେ ଥାଏ । ଜୀବନ ଶେଷ ହେବାପରେ ରହିଯିବା କଥା କେବଳ ସ୍ମୃତି । ପଥଗ୍ରହୀ ଯେପରି ନିଜର ପଦଚିହ୍ନ ରଖି ରଖି ଚାଲିଥାଏ, ବୋଧହୁଏ ସେହିପରି କେଉଁ ବ୍ୟକ୍ତିର ଜୀବନର ହିସାବ ନିକାଶ କେବଳ ଏତିକି କଥାରେ ନିର୍ଦ୍ଧାରିତ ହୋଇଥାଏ ସେ ଅନ୍ୟମାନଙ୍କ ଉପରେ କିଏ କିଏ ଓ କେତେ କେତେ ପ୍ରଭାବ ଚିହ୍ନିତ କରି ଯାଇଅଛି । ପ୍ରତ୍ୟେକ ପଥିକ ଏତିକି ଭାବି ଅଗ୍ରସର ହୁଏ ଯେ ତା ଜୀବନ ଅନ୍ୟମାନଙ୍କ ଉପରେ ଆହୁରି ଗଭୀର ଦାଗ ରଖିଯାଇଥିବ; କିନ୍ତୁ ଏତିକି ପ୍ରକୃତରେ କରିପାରିବାର ଭାଗ୍ୟ କେତେକଙ୍କର ହୋଇଥାଏ ? ଉପସ୍ଥିତ ଉପନ୍ୟାସର ଯଶୋବନ୍ତ ବାବୁଙ୍କ ପରି ଲୋକ ସଂସାରରେ ଜନ୍ମ ହୁଅନ୍ତି, ବଞ୍ଚନ୍ତି ଓ ମରିଯାଆନ୍ତି । ତାଙ୍କ ନିକଟକୁ ଆସିଥିବା କେତେକ ଲୋକଙ୍କ ପାଇଁ ସେ ହିତକାଙ୍କ୍ଷୀ ଓ ଆତ୍ମୀୟ ରହନ୍ତି, ଆଉ କେତେକଙ୍କ ଲାଗି ରହିଯାଆନ୍ତି ନିରପେକ୍ଷ ଓ ଅନସ୍ତିତ୍ୱ । ମାନବୀୟ ସମ୍ପର୍କରୁ ଉପଜାତ ଭଲ ମନ୍ଦ ପ୍ରଭାବକୁ ମିଳାଇ ମୁଁ ଯଶୋବନ୍ତ ବାବୁଙ୍କ ଜୀବନକୁ ଚିତ୍ରିବାକୁ ଚେଷ୍ଟା କରିଅଛି । ଏହା ତାଙ୍କର ପଦଚିହ୍ନର ଅନୁସରଣ କଲାପରି କାମ ।

ସେ ଥିଲେ ପଥିକ, ଆଉ ମୁଁ ଅଳ୍ପ ଟିକିଏ ପରିଚୟ ଜରିଆରେ ତାଙ୍କର ପଦାଙ୍କ ଖୋଜି ବୁଲିବାକୁ ବାହାରିଛି । ତାଙ୍କ ଜୀବନକୁ ମୁଁ ନିଜର ବିବେକର ମାପକାଠିରେ ହିଁ ମାପିବାକୁ ଚେଷ୍ଟାକରିଛି । ମୁଁ ତ କେବଳ ଗୋଟିଏ ଦର୍ଶକ ହିସାବରେ ଏହି ଉପନ୍ୟାସରେ ରହିଛି । ସତେ ଯେପରି ମୁଁ "ବେଛେଦ ଜୀବ' ଉପନ୍ୟାସରେ ଯେଉଁ

Digitized by PPRACHIN, SOA

ଣିଥରେ ଦୋହରାଇ ନବୀନ୍ଦ୍ର କରୁଛି । ସେ ଆଉ
ଏ ପ୍ରକାରର । ସେ ଥିଲା ଜୀବିତକାଳର ସତ୍ୟ,
ଏହ୍ମ ମୃତ୍ୟୁ ପରର ଅନୁସ୍ମୃତ ସତ୍ୟ ।

ଜାଣି ଅନ୍ୟମାନେ ମୋ ଜୀବନକୁ ବି ଏହିପରି ଦେଖିପାରିବେ ମୋ ମୃତ୍ୟୁପରେ । ସେମାନେ ହୁଏତ ସ୍ମୃତିକୁ ବୁଝିବାକୁ ଚେଷ୍ଟା ବି କରିବେ । ଆଉ ସେମାନେ ବୁଝନ୍ତୁ ନ ବୁଝନ୍ତୁ, ଏତିକି ତ ନିଶ୍ଚିତ ଯେ ଆମଜୀବନର ଭାବ ଭଙ୍ଗିମାନ ଗୃହକାର ଜୀବନଉପରେ ବ୍ୟାପକ ପ୍ରଭାବ ରଖିଯାଏ । ଯେପରିକି ହଜାର ହଜାର ରକମର ପ୍ରଭାବ ସଙ୍ଗେ ମିଶିଯାଏ ଆମ ପ୍ରଭାବ ବି; ମୃତ୍ୟୁ ମୁଖରେ ପତିତ କୌଣସି ଜୀବନ ବ୍ୟର୍ଥ ଯାଏନା; କିନ୍ତୁ ମନ ଏତିକି ଗ୍ରହେ ଯେ ଜୀବନକୁ ଯେତେଦୂର ସମ୍ଭବ ସାର୍ଥକ କରିବାର ପ୍ରଯତ୍ନ କରିବାଟା ହିଁ ମାନବର ଧର୍ମ ।

ଉପନ୍ୟାସ ଛପା ହେବା ପରେ ତାକୁ ଦଶ ବାରଜଣ ବନ୍ଧୁଙ୍କ ପାଖକୁ ପଠାଇବାର ଅଭ୍ୟାସ ମୋର ରହିଛି । ସେମାନେ ସେଇଟିକୁ ପଢ଼ନ୍ତି, ଯଦ୍ୟପି ମୋର ଏପରି କିଛି ଆଗ୍ରହ ନାହିଁ ଯେ ପ୍ରତ୍ୟେକେ ନିଶ୍ଚିତଭାବେ ସେଇଟି ପଢ଼ିବେ । କେହି କେହି ସାଙ୍ଗସାଥି ଠିକ୍ ପଢ଼ନ୍ତି ଏବଂ ନିଜର ମନ୍ତବ୍ୟ ମୋତେ ଜଣାଇ ଦିଅନ୍ତି । କେତେକ ବନ୍ଧୁ ଦେଖାହେଲେ ନିଜର ମତାମତ ପ୍ରକଟ କରନ୍ତି । ମୋର ତରୁଣବନ୍ଧୁ ଶ୍ରୀ ବି. ଏ. ରୁଙ୍ଗ ଏହିପରି ସ୍ୱଭାବର ଥିଲେ । ଏହି ଉପନ୍ୟାସ ଲେଖିବା ଉପଲକ୍ଷ କରି ମୁଁ ଗୋଟିଏ ଚିଠିରେ ତାଙ୍କୁ ଲେଖିଥିଲି, "ମନରେ ଆଜି ଗୋଟିଏ ତୀବ୍ର ବେଦନା ଓ ଅସ୍ୱସ୍ତି ଅନୁଭବ କରୁଅଛି । କିଛି ଅନ୍ୟ ଅପରିଚିତ ପ୍ରସଙ୍ଗ ମଧ୍ୟ ଏହାରି ମଧ୍ୟରେ ଦେଖାଇଛନ୍ତି ଓ ସେଗୁଡ଼ିକ ଯଦିଓ ସନ୍ତୋଷଜନକ, ତଥାପି ମୋତେ ସେମାନଙ୍କର ବ୍ୟଥା ଆଚ୍ଛନ୍ନ କରି ରଖିଅଛି । ଏହି ଉପନ୍ୟାସର ରଚନାରେ ମନଦେଇଛି—ଯଦି ଏଥିରୁ କିଛିଟା ମୁକ୍ତି ପାଇପାରେ କେବଳ, ଏତିକି ସନ୍ତୋଷ ଯାହା ।"

ଉପନ୍ୟାସ ସମାପ୍ତ କରି ଛାପିବାକୁ ପଠାଇଦେଲି । ଭାବିଥିଲି, ଶରୀର ପୀଡ଼ାର ସମସ୍ତଭିତରେ ରଚିତ ଏହି କୃତି ଯେତେବେଳେ ନିଜର ସାଙ୍ଗଙ୍କ ନିକଟକୁ ପଠାଇବି, ସେତେବେଳେ ସ୍ମୃତିକୁ ପଢ଼ି ତାଙ୍କ ମନରେ କେଜାଣି କେତେ ପ୍ରକାରର କୁତୂହଳ, କେତେ ସନ୍ଦେହ ଉପୁଜି ଉଠିବ; କିନ୍ତୁ ସେଦିନ ଆଉ କେବେ ଆସିଲାନାହିଁ । ପ୍ରେସ୍‌ରୁ ବାହାରିବା ଲାଗି ଏହି ଉପନ୍ୟାସର ବେଶ୍ କିଛିଦିନ ଡେରି ହୋଇଗଲା । ଆଉ ଏହାରି ଭିତରେ ଦିନେ ମୋର ସାଙ୍ଗ ରୁଙ୍ଗ ଏକ ଦୁର୍ଘଟଣାଯୋଗେ ଚାଲିଗଲେ । ସେହି

Digitized by PPRACHIN, SOA

ଅନ୍ତରଙ୍ଗ ମୈତ୍ରୀର ଗହନ ସୂତ୍ର ଉଦ୍ଦେଶ୍ୟରେ ଏ
ଚନ୍ତା ମନକୁ ଆସିଲା । ସେ ବୟସରେ ମୋଠାରୁ
ଥିଲେ । ଆଗେ ତ କେବେ ଭାବି ନ ଥିଲି ଯେ
ହେବ ।

ଉଙ୍ଗ ବାକକୁଦୁରରେ ଜନ୍ମ ଗ୍ରହଣ କରିଥିଲେ । ଏ ସ୍ଥାନ ମୋର ଜନ୍ମସ୍ଥାନ-ଠାରୁ ପାଞ୍ଚ ମାଇଲ୍ ମାତ୍ର ଦୂରରେ ଅବସ୍ଥିତ; କିନ୍ତୁ ଆମର ପରିଚୟ ଓ ସ୍ନେହ ସମ୍ବନ୍ଧ ମାତ୍ର ସାତ ଆଠବର୍ଷ ଆଗର ଥିଲା । ୧୯୬୧ ର ସାଧାରଣ ନିର୍ବାଚନ ଉପଲକ୍ଷେ ସେ ଯେବେ ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ସମ୍ବାଦଦାତା ହିସାବରେ ଆମ ଜିଲାକୁ ଆସିଥିଲେ, ସେତିକିବେଳେ ତାଙ୍କ ସଙ୍ଗରେ ମୋର ପରିଚୟ ହୋଇଥିଲା ।

ଏବଂ ସେହି ଅଳ୍ପ ପରିଚୟ ବଢ଼ି ବଢ଼ି ଗଭୀର ସ୍ନେହପୂର୍ଣ୍ଣ ଅନ୍ତରଙ୍ଗତାରେ ପରିଣତ ହେଲା । ଉଙ୍ଗ ଟିକିଏ ଡହଳ ଡାହଳ ଓ ଗୋରା ଥିଲେ । ଦୁଷ୍ଟାମି ପୂର୍ଣ୍ଣ ହସ ସଦାବେଳେ ମୁହଁରେ ଖେଳୁଥାଏ । ତାଙ୍କର ସୁକୁମାର ମୂର୍ତ୍ତିହସା ଓ ଉଜ୍ଜ୍ୱଳ ଆଖି ତାଙ୍କର ସମୃଦ୍ଧ ବୁଦ୍ଧିଦୀପ୍ତିର ପରିଚାୟକ ଥିଲା । ତାଙ୍କର ବୁଦ୍ଧି ବି ଯେତେ ଗହନ ଓ ସମୃଦ୍ଧ, ସେତିକ ତାଙ୍କର ଭାଷା ବି ।

ପ୍ରଖର ବିଚାରଶୀଳତା ସଙ୍ଗେ ସଙ୍ଗେ ତାଙ୍କର ଖୋଲା ଓ ଉଦାର ହୃଦୟ ତାଙ୍କର ସହଜ ସ୍ୱଭାବର ବିଶିଷ୍ଟତା ଥିଲା । ନିଜର ସାହସିକ ପ୍ରବୃତ୍ତିମାନଙ୍କ ହେତୁରୁ ଏତେ କମ୍ ବୟସରେ ହିଁ ସେ ପତ୍ର ପତ୍ରିକା ଓ ପି. ଟି. ଆଇ. ପରି ସମାଚାର ସଂସ୍ଥା-ମାନଙ୍କରେ ଯଥେଷ୍ଟ ଖ୍ୟାତି ହାସଲ କରିଥିଲେ । ସେ ଗୋଟିଏ ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ହୋଇ ଯାଇଥିଲେ । ତାଙ୍କର ସ୍ନେହ ସମ୍ପର୍କର ବ୍ୟାପ୍ତି ବହୁତ ବେଶିଥିଲା । ପାକିସ୍ଥାନରେ ଦି ତିନିବର୍ଷ ଯାକେ ପି. ଟି. ଆଇ. ଙ୍କର ସମ୍ବାଦଦାତା ହୋଇ ରହି ସାରିଥିଲେ । ତା'ହେଲେ କହିବାକୁ ହେବ ଯେ ଭାରତ ସରକାର ତାଙ୍କର କାର୍ଯ୍ୟକୁଶଳତା ଉପରେ ପ୍ରସନ୍ନ ଥିଲେ । ଆୟୁବ୍ ଖାଁଙ୍କର ସର୍ବୋସର୍ବା ହେବାର ସମ୍ବାଦ· ସବା ଆଗେ ସେହି ପ୍ରକାଶିତ କରିଥିଲେ; ସେ ହିଁ ସର୍ବପ୍ରଥମ ଏହି ସମ୍ବାଦ ମଧ୍ୟ ଦେଇଥିଲେ ଯେ ପଣ୍ଡିଚେରୀର ବିପ୍ଳବ ସମୟରେ ଆଶ୍ରମର କେତେଦୂର କ୍ଷତି ହୋଇଥିଲା । ନିଜ ମୃତ୍ୟୁର ମାସେ ଦି ମାସ ଆଗରୁ ସେ ନେଫା ଯିବାକୁ ଚାହୁଁଥିଲେ; କିନ୍ତୁ ଆସାମର ବସ-ଦୁର୍ଘଟଣା ତାଙ୍କର ଜୀବନ ଅନ୍ତ କରିଦେଲା । ତାଙ୍କର ଆକସ୍ମିକ ମୃତ୍ୟୁରେ ଆକାଶବାଣୀ ଓ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଡକ୍ଟର କେସ୍କର ଯେଉଁ ସମବେଦନା ସନ୍ଦେଶ ପ୍ରସାରିତ କରିଥିଲେ, ତାହା ଅତି ସାବଲୀଳ ଏବଂ ତାଙ୍କପରି ବ୍ୟକ୍ତିଙ୍କଲାଗି ସର୍ବଥା ଉପଯୁକ୍ତ ।

Digitized by PPRACHIN, SOA

;ସ ଜନ୍ମ ହୋଇଥିଲେ । ପିଲାଦିନୁ ପିତାଙ୍କର ଆଶ୍ରୟ
। ବ ଯାଇଥିଲା ଓ ଅନାଥ ଜୀବନ ବିତାଇବାକୁ
ସ୍. ଏଲ୍. ସି (SSLC) ଯାଏ ପାଠ
ପଢ଼ା ହୋଇ ପାରିଥିଲା । ଧୈର୍ଯ୍ୟ ଓ ନିଷ୍ଠା ତାଙ୍କୁ ଜୀବନ ପଥରେ ଅଗ୍ରସର କରିଥିଲା । ଧନ ବା ଅହଂକାର ତାଙ୍କୁ କେବେହେଲେ ବିଚଳିତ କରିନାହିଁ । ମାନବ ସମାଜର କୋଣ କୋଣରେ ନିରେଖି ଜୀବନର ଅନୁସନ୍ଧାନ କରିବାର ସାହସିକତା ତାଙ୍କର ଏକମାତ୍ର ଧ୍ୟେୟ ଥିଲା ।

ଯେଉଁଭଳି 'ମରଣ ପରେ' ଭିତରେ ଯଶୋବନ୍ତ ବାବୁଙ୍କ ଶେଷ ସ୍ମୃତି-ଗୁଡ଼ିକର ଅନୁଗୁଞ୍ଜନ ରହିଅଛି ବୋଧହୁଏ ସେହିପରି ଚୁଙ୍ଗବାବୁ ମଧ୍ୟ ମୋ ପରି ଅନେକ ବନ୍ଧୁଙ୍କ ମନରେ, ଅଲିଭା ଦାଗଟିଏ ଏକ ଜୀବନବିମ୍ବ ରୂପରେ ସୁରକ୍ଷିତ ରଖିଗଲେ ।

ଆଜି ମୁଁ ତାଙ୍କ ସଙ୍ଗେ କଥା ହୋଇ ପାରୁନି ସତ୍ୟ, କିନ୍ତୁ ତାଙ୍କର ସ୍ମୃତି, ତାଙ୍କର ଆତ୍ମା ଯେପରି ମୋ ଭିତରେ ମୋ ସଙ୍ଗେ କଥାବାର୍ତ୍ତା ଅହରହ କରିଚାଲିଛି ।

ଶିବରାମ କାରନ୍ତ

Digitized by PPRACHIN, SOA

ଏକ

ଜୀବନ ଏକ ଦୀର୍ଘକାଳବ୍ୟାପୀ ଯାତ୍ରା । ତାର ଆରମ୍ଭର ସାତ ଆଠ ବର୍ଷ ଯାକେ ଆମେ ନିଜଠାରୁ ମଧ୍ୟ ଅଜଣା ଅପରିଚିତ ରହିଥାଉଁ । ସେହି ଅବୁଝା ଜୀବନ ମାତା-ପିତା, ଜ୍ୟେଷ୍ଠ-ବଡ଼ ଭାଇ ଓ କେତେ କେତେ ବନ୍ଧୁ ବାନ୍ଧବଙ୍କ ସମ୍ପର୍କରେ ଆସିଥାଏ । ପରିସ୍ଥିତି ବ୍ୟତୀତ ସେହି ଶୈଶବ ବିକଶିତ ହୋଇ ପାରେନାହିଁ; ତଥାପି ସେହି ସବୁ ଶୈଶବ-ସନ୍ଦର୍ଭର ସ୍ମୃତି ଆମ ଭିତରେ ବହୁତ କମ୍ ରହିଯାଏ ଶେଷକୁ । ପୁଣି ଶୈଶବ ଶେଷ ହୋଇଯାଏ ଓ ଘର ବା ପାଠଶାଳାରେ ନିଜର ସାଙ୍ଗସାଥିଙ୍କ ସାଙ୍ଗରେ ଖେଳାବୁଲା ଆରମ୍ଭ ହୋଇଯାଏ । ସେତେବେଳକାର ସାଙ୍ଗମାନଙ୍କ କଥା ମନରେ ବେଶି ରହିଯାଏ; କିନ୍ତୁ ସେ ସ୍ମୃତିମାନ ମଧ୍ୟ ତାତ୍କାଳୀନ ହିଁ ଥାଆନ୍ତି । ସ୍କୁଲ ଜୀବନରୁ ବାହାରି ଆସି ଯେବେ ଆମେ ଯୁବାବସ୍ଥାରେ ପ୍ରବେଶ କରୁ, ସେତେବେଳେ, ସୁକୋମଳ ସ୍ମୃତିରେ ପରିପୂର୍ଣ୍ଣ ହେଲେ ବି, ଭବିଷ୍ୟତର ସାଂସାରିକ ସଂଘର୍ଷ ଭିତରେ ଗୋଡ଼ ରଖିଲେ, କେତେଜଣ ସାଙ୍ଗଙ୍କର ସ୍ମୃତି ରହିପାରେ ? ଖୁବ୍ ହେଲେ ଜଣେ କି ଦିଜଣ—ବଢ଼ି ବଢ଼ି କରି ଦଶ କି ବାର !

ତା ପରର ସଂସାର ଗୋଟାଏ ଅଲଗା ସଂସାର ହୋଇଥାଏ । ଜୀବନ ରୂପକ ରଙ୍ଗ ମଞ୍ଚରେ ଏକ ଅଲଗା ଓ ଅପରିଚିତ ମିତ୍ର-ମଣ୍ଡଳୀ ସଙ୍ଗରେ ଆମେ ଆସି ଜୁଟିଯାଉଁ । କେହି କେହି ଆମର ହିତୈଷୀ ଓ ସାହାଯ୍ୟକାରୀ ବି ମିଳିଯାନ୍ତି ଓ କେହି କେହି ଆମକୁ ଠେଲି ପେଲି ବାହାରିଯାନ୍ତି; କିନ୍ତୁ ଜୀବନରେ ଗଭୀର ସ୍ମୃତି ରେଖାମାନ କାଟିଦେବା ଲୋକଙ୍କ ସଂଖ୍ୟା ସଦାବେଳେ କମ୍ । ପୁଣି ବୁଢ଼ାଦିନକୁ ପୁରୁଣା ସ୍ମୃତିଙ୍କ ଭଣ୍ଡାର ପ୍ରାୟ ଶେଷ ହୋଇ ଆସିଥାଏ । ବୃଦ୍ଧାବସ୍ଥା ଆମକୁ ସେଇ ସେଇ ଲୋକଙ୍କଠାରୁ କାଟି ଅଲଗା କରିଦିଏ ଯେକି ଆମର ସମବୟସ୍କ ନୁହନ୍ତି । ଆମର ସୁଖ ଦୁଃଖରେ ଭାଗୀଦାରଙ୍କ ସଂଖ୍ୟା ବି ସେତେବେଳକୁ ଆଙ୍ଗୁଠିରେ ଗଣିବା ଭଳି କମ୍ ରହିଯାଏ । ଷାଠିଏ ସତୁରି ବର୍ଷର ଜୀବନ ଯାତ୍ରା ମଧ୍ୟରେ ଯେଉଁମାନଙ୍କ ସଙ୍ଗେ ଆମର ଦେଖା ସାକ୍ଷାତ ହେଲା, ଯାହାଙ୍କ ସାଥିରେ ଆମେ ଖେଳିଲେ ବୁଲିଲେ, ସାଂସାରିକ କାର୍ଯ୍ୟ ଓ

Digitized by PPRACHIN, SOA

;ସ ଜନ୍ମ ହୋଇଥିଲେ । ପିଲାଦିନୁ ପିତାଙ୍କର ଆଶ୍ରୟ
'। ବ ଯାଇଥିଲା ଓ ଅନାଥ ଜୀବନ ବିତାଇବାକୁ
ସ୍. ଏଲ୍. ସି (SSLC) ଯାଏ ପାଠ
ପଢ଼ା ହୋଇ ପାରିଥିଲା । ଧୈର୍ଯ୍ୟ ଓ ନିଷ୍ଠା ତାଙ୍କୁ ଜୀବନ ପଥରେ ଅଗ୍ରସର କରିଥିଲା । ·ଂବ ବା ଅହଂକାର ତାଙ୍କୁ କେବେହେଲେ ବିଚଳିତ କରିନାହିଁ । ମାନବ ସମାଜର କୋଣ କୋଣରେ ବିଚରି ଜୀବନର ଅନୁସନ୍ଧାନ କରିବାର ସାହସିକତା ତାଙ୍କର ଏକମାତ୍ର ଧ୍ୟେୟ ଥିଲା ।

ଯେଉଁଭଳି 'ମରଣ ପରେ' ଭିତରେ ଯଶୋବନ୍ତ ବାବୁଙ୍କ ଶେଷ ସ୍ମୃତି-ଗୁଡ଼ିକର ଅନୁଗୁଞ୍ଜନ ରହିଅଛି ବୋଧହୁଏ ସେହିପରି ଭୁଙ୍ଗବାବୁ ମଧ୍ୟ ମୋ ପରି ଅନେକ ବନ୍ଧୁଙ୍କ ମନରେ, ଅଲିଭା ଦାଗଟିଏ ଏକ ଜୀବନବନ୍ଧୁ ରୂପରେ ସୁରକ୍ଷିତ ରଖିଗଲେ ।

ଆଜି ମୁଁ ତାଙ୍କ ସଙ୍ଗେ କଥା ହୋଇ ପାରୁନି ସତ୍ୟ, କିନ୍ତୁ ତାଙ୍କର ସ୍ମୃତି, ତାଙ୍କର ଆତ୍ମା ଯେପରି ମୋ ଭିତରେ ମୋ ସଙ୍ଗେ କଥାବାର୍ତ୍ତା ଅନ୍ତରଙ୍ଗ କରିଚାଲିଛି ।

ଶିବରାମ କାରନ୍ତ

Digitized by PPRACHIN, SOA

ଏକ

ଜୀବନ ଏକ ଦୀର୍ଘକାଳବ୍ୟାପୀ ଯାତ୍ରା । ତାର ଆରମ୍ଭର ସାତ ଆଠ ବର୍ଷ ଯାଏ ଆମେ ନିଜଠାରୁ ମଧ୍ୟ ଅଜଣା ଅପରିଚିତ ରହିଥାଉଁ । ସେହି ଅବୁଝା ଜୀବନ ମାତା-ପିତା, ଜ୍ୟେଷ୍ଠ-ବଡ଼ ଭାଇ ଓ କେତେ କେତେ ବନ୍ଧୁ ବାନ୍ଧବଙ୍କ ସମ୍ପର୍କରେ ଆସିଥାଏ । ପତ୍ରାଶ୍ରୟ ବ୍ୟତୀତ ସେହି ଶୈଶବ ବିକଶିତ ହୋଇ ପାରେନାହିଁ; ତଥାପି ସେହି ସବୁ ଶୈଶବ-ସନ୍ଦର୍ଭର ସ୍ମୃତି ଆମ ଭିତରେ ବହୁତ କମ୍ ରହିଯାଏ ଶେଷକୁ । ପୁଣି ଶୈଶବ ଶେଷ ହୋଇଯାଏ ଓ ଘର ବା ପାଠଶାଳାରେ ନିଜର ସାଙ୍ଗସାଥୀଙ୍କ ସାଙ୍ଗରେ ଖେଳାବୁଲା ଆରମ୍ଭ ହୋଇଯାଏ । ସେତେବେଳକାର ସାଙ୍ଗମାନଙ୍କ କଥା ମନରେ ବେଶି ରହିଯାଏ; କିନ୍ତୁ ସେ ସ୍ମୃତିମାନ ମଧ୍ୟ ତାତ୍କାଳୀନ ହିଁ ଥାଆନ୍ତି । ଛାତ୍ର ଜୀବନରୁ ବାହାରି ଆସି ଯେବେ ଆମେ ଯୁବାବସ୍ଥାରେ ପ୍ରବେଶ କରୁ, ସେତେ-ବେଳେ, ସୁକୋମଳ ସ୍ମୃତିରେ ପରିପୂର୍ଣ୍ଣ ହେଲେ ବି, ଭବିଷ୍ୟତର ସାଂସାରିକ ଝଂଝଟ ଭିତରେ ଗୋଡ଼ ରଖିଲେ, କେତେଜଣ ସାଙ୍ଗଙ୍କର ସ୍ମୃତି ରହିପାରେ ? ଖୁବ୍ ହେଲେ ଜଣେ କି ଦିଜଣ—ବଢ଼ି ବଢ଼ି କରି ଦଶ କି ବାର !

ତା ପରର ସଂସାର ଗୋଟାଏ ଅଲଗା ସଂସାର ହୋଇଥାଏ । ଜୀବନ ରୂପକ ରଙ୍ଗ ମଞ୍ଚରେ ଏକ ଅଲଗା ଓ ଅପରିଚିତ ମିତ୍ର-ମଣ୍ଡଳୀ ସଙ୍ଗରେ ଆମେ ଆସି ଜୁଟି-ଯାଉଁ । କେହି କେହି ଆମର ହିତୈଷୀ ଓ ସାହାଯ୍ୟକାରୀ ବି ମିଳିଯାନ୍ତି ଓ କେହି କେହି ଆମକୁ ଠେଲି ପେଲି ବାହାରିଯାନ୍ତି; କିନ୍ତୁ ଜୀବନରେ ଗଭୀର ସ୍ମୃତି ରେଖାମାନ କାଟିଦେବା ଲୋକଙ୍କ ସଂଖ୍ୟା ସଦାବେଳେ କମ୍ । ପୁଣି ବୁଢ଼ାଦିନକୁ ପୁରୁଣା ସ୍ମୃତିଙ୍କ ଭଣ୍ଡାର ପ୍ରାୟ ଶେଷ ହୋଇ ଆସିଥାଏ । ବୃଦ୍ଧାବସ୍ଥା ଆମକୁ ସେଇ ସେଇ ଲୋକଙ୍କଠାରୁ କାଟି ଅଲଗା କରିଦିଏ ଯେକି ଆମର ସମବୟସ୍କ ନୁହନ୍ତି । ଆମର ସୁଖ ଦୁଃଖରେ ଭାଗୀଦାରଙ୍କ ସଂଖ୍ୟା ବି ସେତେବେଳକୁ ଆଙ୍ଗୁଠିରେ ଗଣିବା ଭଳି କମ୍ ରହିଯାଏ । ଷାଠିଏ ସତୁରି ବର୍ଷର ଜୀବନ ଯାତ୍ରା ମଧ୍ୟରେ ଯେଉଁମାନଙ୍କ ସଙ୍ଗେ ଆମର ଦେଖା ସାକ୍ଷାତ ହେଲା, ଯାହାଙ୍କ ସାଥିରେ ଆମେ ଖେଳିଲେ ବୁଲିଲେ, ସାଂସାରିକ କାର୍ଯ୍ୟ ଓ

Digitized by PPRACHIN, SOA

ବ୍ୟାବହାରିକତା କ୍ଷେତ୍ରରେ ଯେଉଁମାନଙ୍କ ସଙ୍ଗେ ସମ୍ପର୍କ ସ୍ଥାପିତ ହେଲା ଓ ଭାଙ୍ଗିଲା, ସେମାନଙ୍କୁ ଗଣିଲେ ହଜାର ହଜାର ସଂଖ୍ୟା ହେବ। ଏହି ଅପରିଚିତ ପରିଚୟ ସତ୍ତ୍ୱେ ଆମେ ଏକ କ୍ଷୁଦ୍ର ଓ ଅଜ୍ଞାତ ମନୁଷ୍ୟ ହୋଇ ଦୁନିଆରୁ ବିଦାୟ ନେବୁ। କେହି ଭାଗ୍ୟ-ଶାଳୀ ଥିବ ତ ତାର ଦଶବାରଜଣ ସାଙ୍ଗ ତା ଅନ୍ତେ ମନେପକାଇ 'ବିଚରା! ଚାଲିଗଲା। ସେ ବୟସରେ ମରଣ ଛଡ଼ା ଆଉ କଣ ହୁଅନ୍ତା!' କହିବେ ଓ ବୁନ୍ଦେ ଲୁହ ଗଡ଼ାଇଦେବେ କିମ୍ବା ହୁଏତ ଆଖିରୁ ଲୁହ ନ ଝରାଇ ତାଙ୍କର ସମବେଦନା ପ୍ରକଟ କରିଦେବେ।

କେତେ ଲମ୍ବା ଯାତ୍ରା ସେ! କେଜାଣି କେବେ ଆରମ୍ଭ ହୋଇଥିଲା! କେଜାଣି କେତେ କେତେ କାମ କଲେଇଁ ଓ ସେଗୁଡ଼ିକର ଫଳ ପାଇଲେଇଁ, କେତେ କମାଇଲେ, କେତେ ଗଲା? ଏସବୁର ହିସାବ କଲେ ମାତ୍ର ଘରଦ୍ୱାର ଓ ଟଙ୍କା ପଇସା କିଛି ଶେଷକୁ ବଳକରି ରହିଥାଏ। ସେ ଚାଲିଗଲା ନା! ତା ମୃତ୍ୟୁରେ ଆମ ଜୀବନରେ ଗୋଟାଏ ଅଭାବ ପରି ରହିଗଲା। ଲୋକଙ୍କ ମନରେ ଏପରି ପ୍ରଭାବ ରଖିଯିବାର ସୌଭାଗ୍ୟ କେତେ ଜଣଙ୍କୁ ମିଳି ପାରେ!

ଏଇମିତି ସେ ଜୀବନଯାତ୍ରା। ସେହି ବିରାଟ ନାଟକର ଏକ କ୍ଷଣିକ ଦୃଶ୍ୟ ହେଉଛି; ଗାଆଁ ଗାଆଁରେ ବୁଲୁଥିବାର ଯାତ୍ରାମାନେ ଏକ ବାସ୍ତବିକ ଯାତ୍ରା। ବସ୍, ଗାଡ଼ି ବା ଜାହାଜରେ ଆମେ କୌଣସି ନା କୌଣସି କାମ ଘେନି ବୁଲୁଥାଉଁ। ନିଜ ଜାଗା ଛାଡ଼ି ଅନ୍ୟ ଜାଗାକୁ ବି ଯାଇଥାଉଁ—କାମ ଖୋଜିବାକୁ—ସୁଖ ଓ ବିଳାସିତାର ସନ୍ଧାନ କରିବାକୁ। ମୁଁ, ଆପଣ ସମସ୍ତେ, କେତେକ ଘଣ୍ଟାର ବସ୍ ଯାତ୍ରା ବାଦ୍, ରେଳ-ଗାଡ଼ି ବା ଜାହାଜରେ ଥରେ ଦିଥର ଆମେ ସମସ୍ତେ ଯାତ୍ରା କରିଥିବୁ, ସେତେବେଳେ ଆମେ ବାହାରର ଦୁନିଆଁଟାକୁ କିଛିଟା ଭୁଲିଯାଉଁ। ଆମେ ସବୁ ଚାଲିଥାଉଁ କି ନା! ସେଇ ଗାଡ଼ି ବା ଜାହାଜରେ ଆମେ ବସିଚୁଁ, କେତେ ହଜାର ମାଇଲ ଯିବାବାଲା ଆଉମାନେ ବି ତହିଁରେ ଭର୍ତ୍ତି ହୋଇଛନ୍ତି। ଗାଡ଼ି ବା ଜାହାଜରେ ଚଢ଼ି ଯିବା ବାଦ୍ ତହିଁରୁ ଓହ୍ଲାଇବା ଯାକେ ସେଇ ଆମର ଘର। ଗାଡ଼ିରେ ଯେବେ ଆଗରୁ ଲୋକ ଖୁନ୍ଦି ହୋଇଥିବେ ତ ଆମେ ତାଙ୍କର ସାଧାରଣ ଶତ୍ରୁ ପରି ହେବା। ଏମିତି ବି କେତେ ଲୋକ ଅଛନ୍ତି, ସାମନାରେ ଆସନପାଇ ଆମ ଆଡ଼କୁ ଅନାଇଁ ରହିଥିବେ। କେତେକ ଯାତ୍ରୀ ଦି'ପହରବେଳେ ବି ବିଛଣାଟି ସେଇମିତି ବିଛାଇ ନିଜର ପେଖନା କରି ଶୋଇ ରହିଥାନ୍ତି। 'ଆସିବା ଲୋକଙ୍କୁ ବି ଟିକିଏ ଜାଗା ଦେଇଦେବା' ଏମିତି ଖୁବ୍ କମ୍ ଲୋକ ଭାବନ୍ତି, ଆଉ ଯେବେ ଜାଗା ଇ ନାହିଁ, ତେବେ ଦେବାର ପ୍ରଶ୍ନ ଇ ଉଠୁନାହିଁ। କେତେଥର ଘଣ୍ଟା ଘଣ୍ଟା ଠିଆ ଠିଆ ଯିବାକୁ ହୁଏ। ଏପରି ସ୍ଥଳେ ମାନସିକ ଉଦ୍‌ବିଗ୍ନତା

Digitized by PPRACHIN, SOA

ଓ ଉତ୍ତେଜନା ହୋଇଥାଏ । ଗାଡ଼ିରେ ବସିଥିବା ଯାତ୍ରୀଙ୍କ ଉପରେ କ୍ରୋଧ ଆସେ, ଯେପରିକ ହଜାର ହଜାର ପଶୁପକ୍ଷୀଙ୍କୁ ଗୋଟିଏ ଜାଗାରେ ଏକାଠି କରି ରଖାଯାଇଛି । ଆଉ ଲୋକଙ୍କ ଗଣ୍ଡଗୋଳ ବି କାନରେ ଝାଁ ଝାଁ କରୁଥାଏ । କେଉଁ ସାଙ୍ଗର ବରଯାତ୍ରୀ ହୋଇ ଯାଉଥିବି କି, ଅନ୍ୟ ସାଥିମାନଙ୍କ ସଙ୍ଗେ ନିଜର ପସନ୍ଦ ଅପସନ୍ଦ କେତେ କଥା ହୋଇକରି ରେଲଯାତ୍ରାର ସାରା କଷ୍ଟ ଭୁଲିଯାଇ ପାରିବି । କେହି କେହି ଯାତ୍ରୀ ଭିତରେ ଅପରିଚିତମାନଙ୍କ ସଙ୍ଗରେ ମଧ୍ୟ କଥାବାର୍ତ୍ତା କରି ଦିଘଣ୍ଟା ଭିତରେ ହିଁ ତମାମ୍ ଯାତ୍ରୀଙ୍କୁ ନିଜର ପଡ଼ୋଶୀ ବନ୍ଧୁ ଭଳି କରିନେଇ ମଜାରେ ସମୟ କଟାଇ ଦିଅନ୍ତି ଓ ନମସ୍କାରଟିଏ କରି ଓହ୍ଲାଇ ଯାଆନ୍ତି, ତା ପରେ ଇଏ କୋଉଠି, ସିଏ କୋଉଠି !

ଯାଯାବରି ପରି ବୁଲିବାର ଜୀବନ ଯେଉଁମାନଙ୍କର, ତାଙ୍କ ଭିତରେ ବି କେତେ ପ୍ରକାରର ଲୋକ ଥାନ୍ତି । ଇଂଲଣ୍ଡ ପରି ଦେଶମାନଙ୍କରେ ରେଲରେ ଯାତ୍ରା କରିବା କେତେ ବିଚିତ୍ରତାର ଅନୁଭବ ଦିଏ । ସେଠି ଜଣେ ଲୋକ ଆଉ ଜଣଙ୍କ ସ୍ଥାନ ଉପରେ ନିଜର ଦାବୀ ଜମାଏ ନାହିଁ । ଯାହାଙ୍କୁ ଜାଗା ମିଳିଯାଏ, ସେମାନେ ବସି ରହନ୍ତି । ଦଶ-ଦଶ ବାର-ବାର ଘଣ୍ଟା ପାଖକୁ ପାଖ ବସି ସେମାନେ ଯାଉଥିବେ । କିଛି ବହିପତ୍ର ପାଖରେ ଥିଲେ ତାକୁ ପଢ଼ିବେ, ନଚେତ୍ ମୂକ ପ୍ରାଣୀଙ୍କପରି ବସି ରହିଥିବେ । "ଆପଣଙ୍କ ନିବାସ କୋଉଠି ?", "କୋଉଠିକି ଯିବେ ?" "କଣ କରନ୍ତି ?" "କେତେ ରୋଜଗାର ?" ଏ ଭଳିଆ ପ୍ରଶ୍ନ ସେମାନେ କେବେ ପଚାରନ୍ତି ନାହିଁ । ଟ୍ରେନ ଖାଲି ନିଜର । ଗାଡ଼ି ତିଆରି ହୋଇଚି ଯାତ୍ରା କରିବା ଲାଗି, ବନ୍ଧୁତା କରିବା ଲାଗି ନୁହେଁ । ଠିକ୍ ହଉ, ଭୁଲ ହଉ ସେଠା ଲୋକେ ଏଇମିତି ଭାବନ୍ତି ।

ଉତ୍ସାହଠାରୁ ଆରମ୍ଭ କରି ଦରକାର ଲାଗିବା ପର୍ଯ୍ୟନ୍ତ ମୁଁ କେତେ କେତେ ଥର ଗାଡ଼ି ଓ ଜାହାଜରେ ଯାତ୍ରା କରିଅଛି । ମୁଁ କିଛି ସେଇ ସବୁ ପ୍ରବାସର କାହାଣୀ ଆପଣଙ୍କୁ ଶୁଣାଇବାକୁ ବସିନାହିଁ । କେବଳ ଯାତ୍ରା ଓ ପ୍ରବାସର ମନୋଧର୍ମ ପ୍ରସଙ୍ଗ-କ୍ରମେ କହୁଛି । ଭିଡ଼ଭାଡ଼ ମୋତେ ଭଲ ଲାଗେନା । ଲୋକ ବେଶି ହେଲେ ବା ସେମାନଙ୍କ ଭିତରେ କଥାବାର୍ତ୍ତା ବେଶି ହେଲେ, ମୁଁ ଚୁପ୍‌ମାରିଯାଏ । ମୁଁ ନିଜ ଉପରେ ଗରୁଡ଼ଗାମୀ ହୋଇ ଠେସି ହୋଇଥିବା ଲୋକଙ୍କୁ ଦେଖିଛି, ଭଗୀରଥ ତପସ୍ୟା କରୁଥିବାର ବା ପୂରା ଶବାସନ ପକାଇ ବସିଥିବା ଲୋକଙ୍କୁ ବି ମୁଁ ଦେଖିଛି । ଡବାରେ ଭିଡ଼ ବଢ଼ିଗଲେ, ଯେତେବେଳେ ନିଃଶ୍ୱାସ ନେବା ବି କଷ୍ଟକର ହୁଏ, ସେତେବେଳେ ମନରେ ବାରମ୍ବାର ପ୍ରଶ୍ନ ଆସେ, କେବେ ସରିବ ଏ ଯାତ୍ରା ! ଏଇଥିପାଇଁ, କିଛିବର୍ଷ ହେଲା ଇଚ୍ଛା ହେଉଛି ଯେ ବେଶି ପଇସା ପଡ଼ିଲେ ପଡ଼ୁ, ଟିକିଏ ଆରାମ ଓ ଶାନ୍ତିରେ

Digitized by PPRACHIN, SOA

ଯାତ୍ରା କରେ । ତୃତୀୟ ଶ୍ରେଣୀର ଯାତ୍ରା ମୋତେ ଅନୁକୂଳ ଲାଗୁନାହିଁ । ଇଣ୍ଟର କ୍ଲାସ, ମାନେ ଆଜି କାଲିକାର ସେକେଣ୍ଡ କ୍ଲାସ ସେ । ପିବାଟା ଭଲ ଆଉ ନିଜ ପକେଟକୁ ବି ସୁହାଏ; କିନ୍ତୁ ଯେପରି ସ୍ୱାଧୀନତା ପରେ ଦେଶର ମଧ୍ୟବିତ୍ତ ଶ୍ରେଣୀ ଅଧମ ସ୍ଥିତିରେ ପହଞ୍ଚି ଗଲେଣି, ସେକେଣ୍ଡ୍ କ୍ଲାସ ବି କିଛୁଟା ସେଇରକମ ହୋଇ ଗଲାଣି । ସେ ଖାଲି ପଇସାରେ ବେଶି, ନଚେତ୍ ତୃତୀୟଶ୍ରେଣୀ ଧକ୍କା ଧକ୍କ, ଗଣ୍ଡଗୋଳ ଓ ଠେଲାପେଲା ଏଥିରେ ବି କିଛି କମ୍ ଯାଏନା । ତେଣୁ ଇଚ୍ଛା-ଅନିଚ୍ଛାର ବିଗୃହ ନକରି ମୁଁ ନିଜର ସୁବିଧା ଲାଗି ପ୍ରଥମଶ୍ରେଣୀରେ ହିଁ ଯାତ୍ରା କରେ; କିନ୍ତୁ ଏମିତି କିଛି କଥା ନାହିଁ ଯେ ମୁଁ ଯାହା ଗୃହୁଁଚ, ମୋତେ ସେଠି ମିଳିଯାଏ । ଟିକଟ କାଟିକରି ଆଗରୁ ଯାଇ ନିଜ ପାଇଁ ଜାଗାଟି ରଖି ପାରିଲେ ବସିବାରେ କୌଣସି ଅସୁବିଧା ହୁଏନାହିଁ । କୋଉ କୋଣରେ ଗୋଡ଼ ଲଟକାଇ ବା ପଦ୍ମାସନ ପକାଇ ବା ଯାହା ଇଚ୍ଛା ତା ଭଙ୍ଗୀରେ ବସିବାକୁ ମୋତେ ଭଲଲାଗେ ଖୁବ୍; କିନ୍ତୁ ବୋଲିବା ବାହୁଲ୍ୟ ଯାତ୍ରାରେ ସହଯାତ୍ରୀଗଣ କେତେ ବିଚିତ୍ର ହୋଇଥାନ୍ତି । ପ୍ରଥମ ଶ୍ରେଣୀର ଟିକଟ କାଟିଲେଇ ସେମାନେ ବିଗୃରନ୍ତି ଏଇଟା ତାଙ୍କର ଘର, ଏଠି ଆଉ କାହାଲାଗି ଜାଗା ନାହିଁ । ଗୃରି ପାଞ୍ଚଟା ବିଛଣା, ଆଠଦଶଟା ବାକ୍ସ, ଫଳ ଟୁକୁଡ଼ି, ଜଳଖିଆ ଡବା ଓ ପିଲାଙ୍କ କମୋଡ଼ ଭଳି ଜିନିଷ ଯେମିତି ବ୍ରେକ୍‌ଭ୍ୟାନ୍ (Brake-van) ରେ ଲଦି ଦିଆଯାଏ । ତା ଛଡ଼ା ପଇସା ଦିଆହେଇଛି, ତାକୁ ପୂରି ଅସୁଲ କରିବାକୁ ବଦ୍ଧପରିକର ବଡ଼ଲୋକ ଯାତ୍ରୀ ବି କିଛି କମ୍ ନାହାନ୍ତି । ଏହି ପହିଲା ନମ୍ବର ଶ୍ରେଣୀରେ ଏମିତିକା ଦମାକା ଲୋକ ବି ଥାନ୍ତି, ଯେଉଁମାନଙ୍କ ବ୍ୟବହାର ଦେଖି ମନେହୁଏ ସେ ପୂରି ଗାଡ଼ିଟାକୁ ଖରିଦ କରି ନେଇଛନ୍ତି ପରି । ମଣିଷ କେବଳ ମଣିଷର, ଧନ ଦଉଲତ ଲାଗି ତ ଆଉ ଦେବତା ହୋଇପିବେ ନ ? ତଥାପି ଗୋଟାଏ ଆଶା ହୁଏ ଯେ ଏମାନେ ଟିକେ ବେଶି ନବ୍ୟସଭ୍ୟ ହୋଇ-ଥିବେ ପରି । ଏମିତି ନ ହେଲେ ବି, ତଥାପି ଏମାନେ ତୃତୀୟଶ୍ରେଣୀ ଭିଡ଼ଠାରୁ ଅନେକ ବେଶି ସଫା ସୁତୁରି ରହନ୍ତି । ଏଇ କାରଣରୁ ଯାତ୍ରାଟା ଟିକିଏ ସୁଖକର ହୋଇଯାଏ । ସ୍ୱାଛଡ଼ା, ଏତେ ଭୟାନକ ଭିଡ଼ ବି ଏଠି ହୁଏନା, ତେଣୁ ଯାତ୍ରାଟା ଏତେ ବିରକ୍ତିକର ହୁଏନା । ଗ୍ରତିରେ ଆରାମରେ ଶୋଇ ବି ହୁଏ ।

ମୁଁ ନିଦ ଗୃପି ପାରେନା । ଯଦି କେହି ପଗୃରେ ଯେ ମୋର ଜୀବନରେ ସବୁଠୁଁ ସୁଖକର ସମୟ କୋଉଟା ତ ମୁଁ ଝଟ କରି କହିଦେବି ସବୁ ସୁଖ ଦୁଃଖରୁ ମୁକ୍ତ ନିଦ ! ଖାଲି କହିବ ନାହିଁ, ମୁଁ ସ୍ୱାକୁ ଖୁବ୍ ଭଲ କରି ବୁଝିଛି ବି; କିନ୍ତୁ ମୋର ନିଜର ବି ଗୋଟାଏ ସୀମା ରହିଛି । ଅନେକ ଲୋକଙ୍କ ପରି ଫାଷ୍ଟକ୍ଲାସ୍ ଡବାଟିଏ ଦେଖିଲା ମାତ୍ରକେ ମୋତେ ଚଟ୍‌କରି ନିଦ ଲାଗି ଯାଏନା । ମୁଁ ଗୃହେଁ, ଦିନରେ ନ

Digitized by PPRACHIN, SOA

ଶୋଇବାକୁ; କିନ୍ତୁ ନିଦ ମାଡ଼ିଲେ ଘଣ୍ଟାଟାଏ ଶୋଇଯାଏ । ବାକିଟା ସମସ୍ତ ଚେଇଁ ରହିବାକୁ ହୁଏ । ସେତେବେଳେ କିଛି ବହିପତ୍ର ପଢ଼େ, ନହେଲେ ସେଇମିତି ପିଠି ଆଉଜି ବସି ରହେ ଚୁପ୍‌ଚାପ୍ । ପ୍ରବାସର ଏହି ନାଟକରେ ସାମନାର ରଙ୍ଗମଞ୍ଚରେ ଚହଲ ପକାଇ ଚରିତ୍ରମାନଙ୍କର କଥାବାର୍ତ୍ତା ଓ କାରବାର ଚୁପଚାପ୍ ଶୁଣିଯାଏ— ବିଶେଷତଃ କଥାବାର୍ତ୍ତାର ଜାଲ ଭିତରକୁ କେବେ ଯାଏନା । ଭାଗ୍ୟକୁ ଭଲ ବନ୍ଧୁସଙ୍ଗ ମିଳିଗଲେ କିଛି କହିବିନି, ତା ନୁହେଁ । ଏମିତିକା ବନ୍ଧୁ କେବେ କେମିତି ମିଳି ବି ଯାଆନ୍ତି । ଯାହାର ଏହି ବନ୍ଧୁଙ୍କ ମଧ୍ୟରୁ କିଛି ଏପରି ସ୍ମୃତିରେ ରହିଛନ୍ତି, ଯେଉଁମାନେ ମୋ ମନରେ ଏକ ଗରିମାମୟ ସ୍ଥାନ ପାଇ ବସିଛନ୍ତି ।

ଏହିପରି ଜଣେ ଲୋକଙ୍କ କଥା ମୁଁ ଶୁଣାଇବାକୁ ବସିଛି । ଯଦି କହେ ଥରେ ପ୍ରବାସରେ ଅଧଦିନ ମୋ ସାଙ୍ଗରେ ବସିଥିବା ଗୋଟିଏ ବୁଢ଼ାକୁ ନେଇ ଏହି ଉପନ୍ୟାସ ଲେଖି ବସିଛି, ତା ହେଲେ ଆପଣମାନେ ଆଶ୍ଚର୍ଯ୍ୟ ବି ହେବେ । ଏହି କାହାଣୀ ମୋତେ କେବଳ ଏଇଥିପାଇଁ ଲେଖିବାକୁ ପଡ଼ୁଛି ଯେ ପ୍ରବାସକାଳରେ ସେହି ବ୍ୟକ୍ତି ସଙ୍ଗେ ମିଶିଥିଲି, ପରେ ନାନା କାରଣରୁ ତା ସଙ୍ଗେ ମୋର ଆସକ୍ତି ବଢ଼ିଲା ଓ ପୁଣି ଗଭୀର ମୈତ୍ରୀରେ ପରିଣତ ହେଲା । ଜୀବନଯାତ୍ରାରେ ସେ ମୋର ସ୍ମୃତିପଟରେ ତାର ଅନପଣ ଚିହ୍ନ ରଖି ଯାଇଅଛି ଓ ଆଶକ୍ତିର ଅନୁମୋଦନ କରୁଥିବା ଦୁଇ ତିନିଜଣ ସ୍ୱଜନ ଓ ତାଙ୍କର ଗୃହିଣୀମାନଙ୍କୁ ବି ସେ ତା ପଛରେ ରଖିଯାଇଛି । ତାର ଗୋଟିଏ ଡାଇରି ବି ମୋତେ ମିଳିଛି—ଆଉ ଏସବୁରୁ ମୋତେ ଗୋଟିଏ ଚରିତ୍ର-ଚିତ୍ରଣର ଖୋରାକ ମିଳି ପାରିଛି । ଏମିତି କେତେକ ଅପୂର୍ଣ୍ଣ ଦୃଶ୍ୟ ଓ ଚିତ୍ର ବି ଏଥିରେ ଆଇପାରେ, ତହିଁର ମଝିର କଡ଼ିଗୁଡ଼ିକ ଓ ଅନ୍ତର ସୂତ୍ରମାନଙ୍କରେ ବେଶ୍ କିଛି ବିଚ୍ଛିନ୍ନତା ରହିଥାଇ ପାରେ । ସେତେବେଳେ ଯଦି ଜଣା ଥାନ୍ତା ଯେ ସେ ଲୋକର ଏକଲା ଜୀବନ ଭିତରେ ଏତେ ଗୁଡ଼ାଏ ଅଭିଜ୍ଞତା ଲୁଚି ରହିଥିବ ଏବଂ ଏଗୁଡ଼ିକ ସଜାଇ ପରିବେଷଣ କରିବାର ସୁଯୋଗ ମୋର ହେବ, ତା ହେଲେ ହୁଏତ ମୋର ଏହି ଲେଖାଟି ଆହୁରି ସଜୀବ ହୋଇ ପାରିଥାନ୍ତା । ତା ହୋଇଥିଲେ ଉପନ୍ୟାସ ନ ଲେଖି ମୁଁ ଗୋଟିଏ ଜୀବନୀ ଜାଣି ଲେଖିଥାନ୍ତି । ଯେଉଁ ଗଣ୍ଠି ଓ ସମସ୍ୟାମାନ ଆଜି ମୁଁ ଜାଣି ପାରୁନାହିଁ, ତାଙ୍କ ଜୀବଦ୍ଦଶାରେ ତାଙ୍କୁ ପଚାରି ରଖିଥାନ୍ତି । ତାଙ୍କ ସଙ୍ଗେ ମୋର ବନ୍ଧୁତାର ଅବଧି ମାତ୍ର ପାଞ୍ଚ ଛଅ ବର୍ଷର—ଆଉ ତାହା ବି ବର୍ଷକୁ ଥରେ ଅଧେ ଦେଖା ହେବ, ଟିକିଏ କଥାବାର୍ତ୍ତା ହେବ, ସେତିକିରୁ ଉପଜାତ ବନ୍ଧୁତା । ମୋର ପସନ୍ଦଲାଏକ୍ ଲୋକଙ୍କ ସାଙ୍ଗରେ ମୁଁ ଯେତେ ଗପୁଡ଼ା ହୋଇଯାଏ, ମୋର ବନ୍ଧୁ ଜଣକ ସେ ତୁଳନାରେ ଖୁବ୍ କମ୍ କଥା କହନ୍ତି । ପରିଚୟର ପ୍ରାରମ୍ଭିକ

Digitized by PPRACHIN, SOA

କାଳରେ ଏକ ଦଶାଂଶ କଥାବାର୍ତ୍ତା ବି ହୁଏନା ଆମର । ପାଞ୍ଚବର୍ଷ ପରେ ଜାଣି ଆମେ ଖୋଲି ଖୋଲି କଥାବାର୍ତ୍ତା ହେଉଥିଲୁ । ଆମର ଚିଠିପତ୍ର ବି କିଛି ଅଧିକ ହେଉ- ନଥିଲା । ତାଙ୍କର ଘରେ ଯାହା ତାଙ୍କ ସଙ୍ଗେ ଦେଖା ସାକ୍ଷାତ ହେଉଥିଲା, ତା ପରେ ନିଜ ଗାଁ ଲେଉଟି ଆସିଲେ ମୁଁ ତାଙ୍କ ପରି ନୀରବ ରହୁଥିଲି । ତାଙ୍କୁ ଭେଟିବାକୁ ଯେବେ ଇଚ୍ଛାହୁଏ, ମୁଁ ତାଙ୍କୁ ଲେଖେଁ, "ଆପଣଙ୍କ ଜାଗାକୁ ଯାଉଛି, ଦେଖା କରିବି ।" ଜବାବରେ ସେ ସାଙ୍ଗେ ସାଙ୍ଗେ ଲେଖନ୍ତି, "ନିଶ୍ଚୟ ଆସିବେ, ମୁଁ କିଛି ହେଲେ ବ୍ୟସ୍ତ ନାହିଁ । ଆପଣଙ୍କୁ ଅପେକ୍ଷା କରି ରହିଥିବି ।"

ଆମର ଚିଠିପତ୍ରର କାରବାର ବୋଇଲେ ଏତିକି, ଜୀବନର ଅନ୍ତିମ ଦୁଇ ବର୍ଷରେ ସେ ମାସେ ଦିମାସରେ ଖଣ୍ଡିଏ ଚିଠି ମୋତେ ଲେଖୁଥିଲେ । ମୁଁ ବି ଉତ୍ତର ଦେଉଥିଲି । ସେ ମୋଠୁଁ ବଡ଼ଥିଲେ, ତାଙ୍କ ପ୍ରତି ମୋର ଗଭୀର ଆସ୍ଥା ଥିଲା । ମୁଁ ଥିଲି ଶ୍ରେଷ୍ଠ, ତେଣୁ ମୋତେ ଚିଠି ଲେଖିବାର ଆବଶ୍ୟକତା ତାଙ୍କର ନଥିଲା । ତାଙ୍କର ଅଭିଜ୍ଞତା ମୋଠୁଁ କେତେଗୁଣ ବେଶି ଥିଲା, ଆଉ ସେ କେତେ ପୋଖତ ଥିଲେ । ମୋର ଅଧାପନ୍ତରିଆ ଅଭିଜ୍ଞତା ସକାଶେ ସେ ଯେତେବେଳେ ମତେ "କାହିଁକି ?" ବା "କେମିତି ?" ଭଳିଆ ପ୍ରଶ୍ନ ପଚାରି ଦେଉଥିଲେ, ମୁଁ ବଡ଼ ଅଖାଡ଼ୁଆ ଓ ଆଶ୍ଚର୍ଯ୍ୟ ପରିସ୍ଥିତିରେ ପଡ଼ିଯାଉଥିଲି ।

ତାଙ୍କ ଚିଠିରେ ଏକଥାର ସୂଚନା ମିଳୁଥିଲା ଯେ ସବୁ ମଣିଷଙ୍କ ପରି ଜୀବନର ସମସ୍ୟାମାନ ତାଙ୍କୁ ବି ବ୍ୟଥିତ କରୁଥିବ । ତାଙ୍କର ପ୍ରଶ୍ନମାନ ଖୁବ୍ ଜଟିଳ ହେଉଥିଲା, ଯାହାର ଉତ୍ତର ଦେବାବେଳେ ମୁଁ ଆହୁରି ଗୋଲକ ଧନ୍ଧାରେ ପଡ଼ି ଯାଉଥିଲି ଏବଂ ନିଜର ଅନୁମାନ ଦେଇକରି, ଏମିତି ହୋଇପାରେ କି ନାହିଁ, କିମ୍ବା 'ଏକଥା ବୋଧେ ଏଇଆ ହେଇଥିବ' ଭଳିଆ କଥାଗୁଡ଼ା ତାଙ୍କୁ ଲେଖି ଦେଉଥିଲି । ଏଥିରୁ ବେଶି କିଛି ଲେଖିବାର ଆଗ୍ରହ ବି ମୋର କେବେ ହୋଇନାହିଁ । ବାସ୍ତବିକ୍ ପ୍ରଶ୍ନଗୁଡ଼ାକ କିଛି ଆଲୋଚନା ସକାଶେ ପଚରା ଯାଉନଥିଲା । ତହିଁରେ 'ମୁଁ ବେଶି ଜାଣିଛି' ମାର୍କା ଭଙ୍ଗୀ ବି କେବେ ନଥାଏ । 'ଜୀବନ କାହିଁକି ଓ କିପରି' ଭଳି ବିଗୃଢ଼ୀୟ ଶାଶ୍ୱତ ପ୍ରଶ୍ନମାନଙ୍କର ପଣ୍ଡିତିଆ ତର୍କଗୁଡ଼ାଙ୍କ ସଙ୍ଗେ କିଛି ସମ୍ପର୍କ ନଥିଲା । ଏସବୁ ପ୍ରାମାଣିକତା ଓ ଅଭିଜ୍ଞତା ସଙ୍ଗେ ଯୁକ୍ତ ପ୍ରଶ୍ନ, ଆମର ବିଶ୍ୱାସ ଓ ଆତ୍ମମାନଙ୍କୁ ଦୋହଲାଇ ଝିଙ୍ଗାଇ ଦେଇ ଉଠିଥିବା ପ୍ରଶ୍ନ । ଏସବୁର ସମାଧାନ ଅନ୍ଧଉକ୍ତି ଦେଇ କରି ବି କରି ହୁଏନା । ଏପରିସ୍ଥଳେ, ତାଙ୍କ ପ୍ରଶ୍ନଗୁଡ଼ାକ ସମାଧାନ କରିବାର ବିଶ୍ୱାସ ମୋର ବା କାହୁଁ ଆସିବ ? ଖୁବ୍ ହେଲେ ଲେଖିଦିଏ, "ଆପଣଙ୍କ ପରି ମୋର ବି ଠିକ୍ ସେଇପରି ସନ୍ଦେହ ହୁଏ ।"

Digitized by PPRACHIN, SOA

ପାଠକମାନଙ୍କୁ ଏହି ଭୂମିକା ବି ପ୍ରହେଳିକା ପରି ଲାଗୁଥିବ । ମୋର ବନ୍ଧୁଙ୍କର ଜୀବନକାହାଣୀ ବି ଗୋଟିଏ ପ୍ରହେଳିକାଠାରୁ କିଛି କମ୍ ନୁହେଁ । ତାଙ୍କର ଶେଷ ପତ୍ରରେ ସେ ମୋତେ ଲେଖିଥିଲେ; ଆପଣ କେବେ ବମ୍ବେ ଆସିବେ ? ଆପଣ ଯଦିଓ ଏଇ ଛଅମାସ ତଳେ ଏଠାକୁ ଆସିଥିଲେ; କିନ୍ତୁ ମୋର ଅଧୈର୍ଯ୍ୟକୁ କ୍ଷମା କରିବେ । ଆପଣଙ୍କୁ ଆଉଥରେ ଦେଖି ପାରିବି ଏପରି ମନେ ହେଉନାହିଁ । କେଜାଣି କାହିଁକି ! ଏଇଥିପାଇଁ ଅନୁରୋଧ କରୁଛି, ଯେତେ ଶୀଘ୍ର ସମ୍ଭବ ଏଠାକୁ ଚାଲିଆସନ୍ତୁ ନିଶ୍ଚୟ । ମୁଁ ବି କିଛି ପାଗଳାମି କରି ଲେଖି ଥୋଇଛି, ସେଗୁଡ଼ାକ କାହାରିକି ଏଯାଏ ଦେଖାଇ ନାହିଁ, ଆଉ ଦେଖାଇବାକୁ ବର୍ତ୍ତମାନ ସୁଦ୍ଧା ସେମିତି ଇଚ୍ଛା ବି ନାହିଁ । ମୋ ଜୀବଦ୍ଦଶାରେ ମୁଁ ସେଥିକୁ କାହାରିକୁ ଦେଖାଇବି ନାହିଁ; କିନ୍ତୁ ଲେଖିବା ଯେତେବେଳେ ସେତକ ନଷ୍ଟ ଯିବ, ସେଥି ବି ଚାହୁଁ ନାହିଁ । ଆପଣଙ୍କ ହାତରେ ମୋର ସବୁତକ ଲେଖା ସଁପି ଦିବାର ଇଚ୍ଛା; ମୋ ଅନ୍ତେ ଆପଣ ସେଥିକୁ ସବୁ ପଢ଼ିବେ; ଏ ଆଶା ରହିଛି । ସେଥିଠୁ ବଳିକରି ଆଉ କିଛି ଚାହେଁନା ।

ଆଉ ଗୋଟିଏ କଥା; ଆମର କେତେ ପୂର୍ବଜଗଣ ଓ ଋଷିଗଣ ସଂସାର ଓ ସୃଷ୍ଟି ବିଷୟରେ କେତେ ପ୍ରକାରର ବିଚାରଧାରା ବ୍ୟକ୍ତ କରି କହିଛନ୍ତି ଯେ ଏହି ଠିକ୍ ଏହି ଚରମସତ୍ୟ ଅଟେ । ଆପଣ ତାକୁ ବେଦ କହନ୍ତୁ, ଉପନିଷଦ୍ କହନ୍ତୁ, ବା ମନେକଲେ କହନ୍ତୁ ଭଗବାନ୍ ସ୍ୱୟଂ ତାଙ୍କ କାନରେ କଥାଗୁଡ଼ାକ କହିଛନ୍ତି, ମୋର କିନ୍ତୁ ଏସବୁ ନେଇ ବରାବର ଗୋଟିଏ ସନ୍ଦେହ ରହିଛି । ବିଶ୍ୱ ଓ ସୃଷ୍ଟି ବିଷୟରେ ମୁଁ ମଧ୍ୟ ଅଳ୍ପେ-ବହୁତେ ପଢ଼ିକରି ଜାଣିଛି । ସମଗ୍ର ଜଗତର ଏହି ଅନନ୍ତ ଯାତ୍ରା କେଜାଣି କେବେଠୁଁ ଆରମ୍ଭ ହେଲାଣି, କେଜାଣି କୁଆଡ଼େ ଯାଉଛି । ଆଉ ଯାତ୍ରାର ବହୁତ ପରେ, ବାଟର ଗୋଟିଏ ଷ୍ଟେସନରେ ଗାଡ଼ିର ଡବାରେ ଚଢ଼ିବାର କେଉଁ ଯାତ୍ରୀ ଭଳିଆ ମନୁଷ୍ୟ ନାମକ ପ୍ରାଣୀଟି ଭିତରକୁ ପଶିଗଲା, ଆଉ ପୁଣି ସେଇମିତି କରି ଓହ୍ଲାଇ ବି ଗଲା; କିନ୍ତୁ ଜୀବନର ଯାତ୍ରାଟି ଏବେ ବି ଚାଲିଛି ଓ ତାର ଲକ୍ଷ୍ୟ ଏବେ ସୁଦ୍ଧା ଅଜ୍ଞାତ ଓ ଅବିଦିତ ରହିଛି । ସାମନାରେ ଅଗଣିତ ଦୂରତ୍ୱ, ଏପରି ସ୍ଥଳେ ଯେବେ କେହି ଗୁଡରେ ହାତ ବାଡ଼େଇ ଦମ୍ଭରେ କହିବ ମୁଁ 'ସେଥିର ଭେଦ ଜାଣି ପାରିଛି', ତାହେଲେ କଥାଟା ହାସ୍ୟକର ନୁହେଁ କି ?

ଏହିଭଳି କଥାରେ ଭରପୂର ଥିଲା ତାଙ୍କ ଚିଠି । ତାଙ୍କ ପ୍ରଶ୍ନଗୁଡ଼ାକ ଯେମିତି ସକଳ ଧର୍ମ ଓ ସମ୍ପ୍ରଦାୟଗୁଡ଼ିକୁ ମୂଳରୁ ହଲାଇ ଦେଇଥିଲା ।

Digitized by PPRACHIN, SOA

ସେ ଜଣେ ଏପରି ମଣିଷ ଥିଲେ, ଯେ କି ଜୀବନକୁ ଶ୍ରଦ୍ଧା ଦେଇ ଓ ପ୍ରାମାଣିକତା ଦେଇ ପରଖି ନେଇଛୁ ଓ ବୁଝି ନେଇଛୁ ଯେ ସେ ଯାହା କିଛୁ ଜାଣିଛୁ, ତା କେବଳ ଅପୂର୍ଣ୍ଣ ସତ୍ୟ ମାତ୍ର । ସେ ଗୃହ ପାଞ୍ଚଟା ବିଷୟ ନେଇ ଦଶପନ୍ଦର ଧାଡ଼ି ଲେଖିଥିବେ; କିନ୍ତୁ ସେ ସବୁ ତୁଚ୍ଛା ଗପ ବୋଲି ଲାଗୁନାହିଁ । ଯେଯାକେ ଜୀଇଥିବି, ସେଯାକେ ମୋ ଲେଖା କେହି ନ ଦେଖୁ—ଏମିତି ଯେ ଭାବୁଚି, ସେ ନିଜର ପ୍ରସିଦ୍ଧି ଆଉ ପ୍ରତିଷ୍ଠା ସକାଶେ ଭଲ କେମିତି ଲେଖିପାରିବ ? ତାହେଲେ ଲେଖିଲି କଣ ପାଇଁ ? କାହା ପାଇଁ ଲେଖିଲି ? ତହିଁରେ କଣ କଣ ଥାଇପାରେ ?—ଏମିତି କେତେ ପ୍ରଶ୍ନ ମୋ ମନରେ ଘୁଣ୍ଡି ପୁଣ୍ଡି ହେଲେ । ଏଣେ, ଯେ ଯାକେ ସେ ବଞ୍ଚିଥିବେ, ସେ ଯାକେ ତାଙ୍କ ଲେଖା ପାଇବା ସମ୍ଭବ ନୁହେଁ; କିନ୍ତୁ ତାଙ୍କର ଚିଠିଟା ମତେ ଆଶ୍ଚର୍ଯ୍ୟ କରିଦେଲା; ସେ ମୋଠୁ ଏମିତି ଆଶାଟି କାହିଁକି ରଖି ବସିଛନ୍ତି । ମୋର ଗୋଟିଏ କଥା ମନେ ହେଲା ଯେ ବାହାର ଜୀବନରେ ଅତୃପ୍ତ ଥାଇ ସେ ଏବେ କଇଁଛ ପରି ହାତଗୋଡ଼ ନିଜ ଦେହ ଭିତରେ ସିଙ୍କୁଡ଼ି କରି ଏକାକୀ ଜୀବନ ବିତାଉଛନ୍ତି । ବାହାରେ ବି, ଭିତରେ ବି, କଣଟା ଏମିତି ହୋଇଗଲା ଯେ ତାଙ୍କର ନିଜ ଉପରେ ବିଶ୍ୱାସ ଭାଙ୍ଗିପିବ ? ମତେ ଲାଗିଲା, ଏହି "ନିଜ କଥା" ବୋଧେ ଅନ୍ୟମାନଙ୍କଠୁଁ ଖାଲି ହସ ଉତ୍ପନ୍ନ କରିବ । ହୁଏତ ସେ ଭାବୁଛନ୍ତି ଯେ ମୃତ୍ୟୁପରେ ମୋତେ ନେଇ ଲୋକେ କଣ କହିବେ ନ କହିବେ ତା ଲାଗି ପରୁଆ କଣ ?

ବମ୍ବେରେ ମୋର କିଛି କାମ ନଥିଲା; ବରଂ ମୁଁ ଭାବୁଥିଲି ଯେ ଆଉ ତିନି ଚାରି ମାସ ବମ୍ବେ ଯିବାର ଯୋଗ ଯେମିତି ନହୁଏ । ଥରେ ମନରେ ଆଗ୍ରହ ବି ହେଲା କି ତାଙ୍କ ସାଙ୍ଗରେ ଭେଟିବାକୁ ହେଲେ ବମ୍ବେ ବୁଲି ଆସେଁ; କିନ୍ତୁ ସେ ଆଗ୍ରହକୁ ତାଲଦେଇ କାମ କରିବାର ପ୍ରବୃତ୍ତି ମୋର ନଥିଲା । ଆଗ୍ରହ ଇଚ୍ଛାରେ ପରିଣତ ହେବ, ଇଚ୍ଛା ବଢ଼ି ବଢ଼ି ଉତ୍କଣ୍ଠାର ରୂପ ନେବ ଓ ମୋତେ ଉସ୍କେଇବ, ତେବେ ଯାଇ ମୁଁ ନିଜ ଜଗାରୁ କୁଆଡ଼ିକି ଯାଇପାରେ । ତା ଛଡା କେତେକ ଝଞ୍ଝଟ-ଜଞ୍ଜାଳ ବି ସେତେବେଳେ ଥିଲା । ସେସବୁ ଡେଇଁ ବମ୍ବେ ଯିବାକୁ ମନ ହୋଇ ନଥିଲା । ମାନେ ତାଙ୍କର ଇହଲୋକ-ଯାତ୍ରା ଶେଷ ହେବା ଆଗରୁ ତାଙ୍କ ସାଙ୍ଗରେ ଭେଟିବା ସମ୍ଭବ ହୋଇ ପାରିଲାନି । ଦିନେ ବମ୍ବେରୁ ତାରଟିଏ ମିଳିଲା । ତାଙ୍କର ଜଣେ ପାଖ ପଡ଼ିଶା ପଠାଇଥିଲା । ଲେଖାଥିଲା; 'ଆପଣଙ୍କ ଭାଇ ବେମାର, ଶୀଘ୍ର ଆସନ୍ତୁ ।' ତାଙ୍କ ପଡ଼ିଶା ଭାବିଥିବ ଯେ ମୁଁ ତାଙ୍କ ଭାଇ । ମୋର ବନ୍ଧୁ ହିଁ ତାକୁ ସେଇଆ କହିଥିବେ । ମୁଁ ସାଙ୍ଗେ ସାଙ୍ଗେ ବମ୍ବେ ଗଲି । ତାଙ୍କ ଘରେ ପହଞ୍ଚିଲାବେଳକୁ ସେ ନାହାନ୍ତି । ପଡ଼ିଶା ଘରୁ ଜଣାପଡ଼ିଲା

Digitized by PPRACHIN, SOA

ଯେ ତାଙ୍କୁ କେ. ଇ. ଏମ୍. ହସ୍ପିଟାଲରେ ଭରତି କରାହୋଇଛି । ଦଉଡ଼ିକରି ସେଠାକୁ ବି ଗଲି । ସେ ମୋତେ ଦେଖିବାର ଇଚ୍ଛା କରିଥିବେ—ଏଇଆ ଭାବିଥିବେ ଯେ ମୋ ଛଡ଼ା ତାଙ୍କର ସାଙ୍ଗସାଥି ବା ବନ୍ଧୁବାନ୍ଧବ କେହି ନାହିଁ; କିନ୍ତୁ ଯେଉଁ ବିଶ୍ୱାସ ସେ ମୋ ଉପରେ ରଖିଥିଲେ, ତା ଯୋଗ୍ୟ କାମ କରିବାର ଯୋଗ୍ୟତା ମୋର ନଥିଲା । ସତରେ ନଥିଲା, ତା ଯେବେ ଥାନ୍ତା, ତାହେଲେ ତାଙ୍କର ଶେଷ ଚିଠି ପାଇବା ମାତ୍ରେ ତାଙ୍କୁ ଭେଟିବାକୁ ସଙ୍ଗେ ସଙ୍ଗେ ବମ୍ବେ ଚାଲି ଆସି ନଥାନ୍ତି ?

ବର୍ତ୍ତମାନ, ହସ୍ପିଟାଲ ଯାଇକରି ଯାହା ଜଣାପଡ଼ିବା କଥା, ତାଙ୍କର ଅବସ୍ଥା କଣ । ତାଙ୍କ ବେମାରୀ ନେଇ ପଡ଼ଶା ଜଣକ ବି କିଛି ପରିଷ୍କାର କରି କହି ପାରିଲେ ନାହିଁ । ସେମାନଙ୍କର ଏତେ ଆଗ୍ରହ ବି ନଥିଲା । ଆଗ୍ରହର କିଛି କାରଣ ଥିଲେ ତ ! ଜଣେ କହିଲା, "ସେ କାଗଜ ଖଣ୍ଡିଏ ଦେଖାଇଥିଲେ, ତହିଁରେ ଆପଣଙ୍କ ଠିକଣା ଥିଲା । ସେତେବେଳକୁ ତାଙ୍କର ଖୁସିଣ ଜର । ମୁଁ ଜଣେ ଡାକ୍ତରଙ୍କୁ ଡାକି ପଠାଇଲି । ସେ ଡାକ୍ତର କହିଲେ, 'ସ୍ୱାଙ୍କୁ ଜଲ୍‌ଦି ହସ୍ପିଟାଲ ପଠାଇଦିଅ ।' ଦୁଇ ତିନି ଦିନ ଯାକେ ସେ ଖାଲି ଶୋଇକରି ରହୁଥିଲେ । ଘରର ଦରଜା ବନ୍ଦ ଥାଏ । ମୁଁ ଯାଇ ତାକୁ ଖୋଲିଲି, ଆଉ ତାଙ୍କର ସେ ଅବସ୍ଥା ଦେଖିଲି, ଦେଖିକରି ବଡ଼ ଡରିଗଲି । ତାଙ୍କର କଥା କହିବାର ଶକ୍ତି ବି ନଥିଲା ସେତେବେଳକୁ । ଖାଲି ତାଙ୍କର ଦୁର୍ବଳ ଆଙ୍ଗୁଠିରେ ଟେବୁଲ୍ ଉପରୁ କାଗଜ ଖଣ୍ଡିକ ମୋତେ ସେ ଦେଲେ । ତହିଁରେ ଆପଣଙ୍କର ଠିକଣା ଥିଲା । ଏଇଲେ ଆପଣ ଆସିଗଲେଣି । ଆପଣ ସବୁ ଭାର ସମ୍ଭାଳିବେ ।"

ମୁଁ ବ୍ୟସ୍ତ ହୋଇ ହସ୍ପିଟାଲକୁ ଦଉଡ଼ିଲି । ମୋର ହସ୍ପିଟାଲ ପହଞ୍ଚିବାର ଟିକିଏ ଆଗରୁ ତାଙ୍କର ଶବଟି ମୁର୍ଦ୍ଦାର ଘରେ ରଖା ସରିଛି ।

ମୋର ଆସିବାଟା ନ ଆସିବା ସମାନ ହେଲା, ଆଉ ରହିବାଟା ବି ନ ରହିବା ହେଲା । ତଥାପି ଠିଆ ହୋଇ ରହିଲି ଅଧ ଘଣ୍ଟାଏ । ସେଇ ଯାତନା-ପୀଡ଼ା-ମୁକ୍ତ ତାଙ୍କର ଶାନ୍ତ ବୃଦ୍ଧ ମୁଖକୁ ଅନାଇଁ ରହିଲି । ଢେର୍‌ଗୁଡ଼ାଏ ଭାବିବା ଚିନ୍ତିବାର ସମୟ ସେ ନୁହେଁ । ମତେ ପଚାରିଗଲା; "ସ୍ୱା ପରର ବ୍ୟବସ୍ଥା କରିବା ଉଚିତ ନୁହେଁ କି ?" ଜୀବିତଲୋକଙ୍କ ଦାୟିତ୍ୱ ମଣିଷ ମଲା ମାତ୍ରେ ଶେଷ ହୋଇ ଯାଏନା—ଏହା ଭାବୁ ଭାବୁ ବମ୍ବେର କେତେକ ବନ୍ଧୁଙ୍କ କଥା ମନେ ପଡ଼ିଗଲା । ହସ୍ପିଟାଲ୍‌ରୁ ବାହାରି ଅଇଲି ଓ ଟେଲିଫୋନ୍ କରି ଜଣେ ଘନିଷ୍ଠ ବନ୍ଧୁଙ୍କୁ ଡକାଇ ଆଣିଲି । ତାଙ୍କ ସାହାଯ୍ୟରେ ବନ୍ଧୁଙ୍କର ଅନ୍ତିମ ସତ୍କାର ପୂର୍ତ୍ତି କରି ନେଲି; କିନ୍ତୁ ତା ପରେ ?

Digitized by PPRACHIN, SOA

ମୋର ତାଙ୍କ ଘରକୁ ଫେରିବା ଦରକାର କି ନାହିଁ ? ମୁଁ କିଏ ସେ ? ସେ କିଏ ମୋର ? ସତ କଥା, ମୁଁ ତାଙ୍କ ସାଙ୍ଗ, ହିତଭାଗ୍ୟ ବି; କିନ୍ତୁ ଯାହା କିଛି ସେ ରଖି ଯାଇଛନ୍ତି, ସେ ସବୁ ଉପରେ ମୋର ଦାବୀ କଣ ? ରହି ସବୁ ଭାବି ଲାଗିଲି । ବମ୍ବେର ସାଙ୍ଗ ଜଣକ କହିଲେ, "ଏମିତି କିଛି କଥା ନାହିଁ । ସେଠିକି ଯାଆନ୍ତୁ । ତାଙ୍କ ଘରେ ଯାହା କିଛି ଜିନିଷ ପତ୍ର ଅଛି ତାକୁ ସବୁ ନେଇ, ତାଙ୍କ ଭାଇବନ୍ଧୁ କୁଟୁମ୍ବଙ୍କ ଖବର ନେଇ ଜିନିଷ ସମର୍ପିବା ଯାକେ ଦାୟିତ୍ୱ ଆପଣଙ୍କର । ଆପଣଙ୍କ ଉପରେ ଯେବେ ଏତିକି ବିଶ୍ୱାସ ନଥିବ, ତା ହେଲେ ଆପଣଙ୍କ ନାଁ ସେ ନେବେ କାହିଁକି ?" ସାଙ୍ଗଙ୍କୁ ଘେନିକରି ମୁଁ ତାଙ୍କ ଘରକୁ ଗଲି । ସାଇ ପଡ଼ିଶାଙ୍କ ଅନୁମତି ନେଇ ସେହି ଦିନକି ଲାଗି ଘର ଓ ଜିନିଷ ପତ୍ରର ମାଲିକ ମୋତେ ହେବାକୁ ପଡ଼ିଲା ।

ସେ ବମ୍ବେର ମାଲବାର୍ ହିଲ୍‌ରେ ରହୁଥିଲେ । ଆପଣମାନଙ୍କୁ ଅନ୍ତତଃ ଏତିକି ଜଣାଥିବ ଯେ ମାଲବାର୍ ହିଲ୍‌ରେ ରହିବା ଲୋକେ ସାଧାରଣତଃ ବଡ଼ଲୋକ, କିନ୍ତୁ ବଡ଼ଲୋକଙ୍କ କୋଠା ଗୃହକଡ଼େ ହଜାର ହଜାର କୁଡ଼ିଆ ବି ରହିଛି ସେଠି । ଦିନେ ଯେଉଁ ଘର ସବୁ ବଡ଼ ଲୋକଙ୍କର ଥିଲା, ସେଗୁଡ଼ିକ ଜୀର୍ଣ୍ଣ ପୁରାତନ ହୋଇ ଗରିବଙ୍କ ଘର ପରି ଦିଶୁଛି । ମୋର ବନ୍ଧୁ ଜଣକ ଏଇମିତି ଗୋଟିଏ ଘରେ ରହୁଥିଲେ । 'କ୍ୟାକ୍ ବେ' ସମୁଦ୍ରକୁ ଲାଗିକରି ଗୋଟିଏ ଛୋଟିଆ ପଛ ଜମି, ଗୋଟିଏ ବଡ଼ ଘରକୁ ଲାଗି ପୁରୁଣା 'ଆଉଟ୍ ହାଉସ୍' ଢାଞ୍ଚାରେ ଘରଟା ତିଆରି ହୋଇଥିଲା । ତଳ ମହଲରେ ଦୋକାନମାନ, ଆଉ ପଛଆଡ଼େ ଗୋଟିଏ ଗରିବ ପରିବାର । ସେହି ଦମହାଲା କୋଠାଟା ବେଶ୍ ବଡ଼ । ଗୋଟିଏ ଗ୍ରୀଲ ବି ରହିଛି ସମୁଦ୍ର ଆଡ଼କୁ ମୁହଁ କରି । ତାର ସାମନା ଭାଗରେ ଦୁଇଟି ପରିବାର ରହୁଥିଲେ । ତହିଁରେ ପାହାଚ ପାଖରେ ହିଁ ମୋର ସ୍ୱର୍ଗତ ବନ୍ଧୁ ଯଶୋବନ୍ତ ରାଓଙ୍କର ନିବାସ ଥିଲା । ତିନିଟି ବଖରାର ଘର ସେ । ବମ୍ବେନିବାସୀ, ତହିଁରେ ପୁଣି ମଧ୍ୟବିତ୍ତ ଲୋକଙ୍କ ଲାଗି ଏପରି ବସା ଦୁର୍ଲଭ । ତାଙ୍କର ବଖରାଗୁଡ଼ିକ ବି ବେଶ୍ ବଡ଼ ବଡ଼, ହାଉଆ ଓ ଆଲୁଅ କୋଉଥିରେ କମ୍‌ତି ନାହିଁ । ତାଙ୍କର ସାମନା ପଟେ ରହୁଥିବା ପରିବାରକୁ ହିଁ ଏଯାକେ ମୁଁ ପଡ଼ିଶା ଘର କହି ଆସିଛି । ସେମାନେ ପାର୍ସି । ପରିବାରର ମାଲିକ ଜମ୍‌ଶେଦ୍ ବାବୁ କଂଟ୍ରାକ୍ଟର୍ ଥିଲେ । ତାରଟା ସେଇ ମୋତେ ପଠାଇଥିଲେ ।

ଯୋଉ ସାଙ୍ଗ ଜଣକ ମୋ ସାଙ୍ଗରେ ଥିଲେ, ସେ ବମ୍ବେରେ କେତେ ବର୍ଷ ହେଲା ବ୍ୟବସାୟରେ ଲାଗିଥିଲେ—ମାଧବ ରାଓ ବାବୁ । ଅନ୍ଧାର ହେଲାବେଳକୁ ଆମେ ଦୁହେଁ ଯାଇ ଯଶୋବନ୍ତ ରାଓଙ୍କ ଘରେ ପହଞ୍ଚିଲୁ । ମାଧବ ରାଓ ଦର୍ଜା ଖୋଲିଲେ ଓ

Digitized by PPRACHIN, SOA

ଆଲୁଅ ଲଗାଇ ଦେଇ ସେଠି ଥିବା ବେତ ଚଉକି ଉପରେ ବସି ପଡ଼ିଲେ । ମୁଁ କହିଲି, "ମାଧବ ରାଓ ବାବୁ, ଆପଣ ମୋ ଲାଗି କେତେ କଷ୍ଟ କଲେ । ଅନ୍ତିମ ସତ୍‌କାର ବି ସରିଗଲା । ଆପଣ ଥକି ଯାଇଥିବେ ଖୁବ୍ । ମୁଁ ତ ଆଜି ଖିଆପିଆ କରିବାର ଅବସ୍ଥାରେ ନାହିଁ । ଏଇଠି ଶୋଇ ଯାଉଛି, ପରେ ସକାଳ ହେଲେ ସବୁ କଥା ଠିକ୍ କରି ଚିନ୍ତା କରିବ ।"

"ସ୍ବାଙ୍କ ସାଙ୍ଗରେ ଆପଣଙ୍କର କିଛି ସମ୍ପର୍କ ଥିଲା କି ? କେତେ ଦିନରୁ ତ ଆପଣଙ୍କର ଚିହ୍ନା ପରିଚୟ ଥିଲା ।" ମାଧବରାଓ ବାବୁ ପଚାରିଲେ । ଏତିକିବେଳେ କାହାର ଯୋତା ଶବ୍ଦ ଶୁଣି ପାରିଲି । ମୁଁ ତାଙ୍କୁ କହିଲି, "କାଲି ଆପଣଙ୍କୁ ସବୁକଥା ଭଲ କରି କହିବ ।"

ଆସୁଥିଲେ ପଡ଼ିଶାର କଣ୍ଟ୍ରାକ୍ଟର ମହୋଦୟ । କବାଟ ମେଲା ଦେଖି ଓ ଆଲୁଅ ଦେଖି ଯେମିତି ଅଭ୍ୟାସ ଯୋଗୁ ସେ କହି ପକାଇଲେ, "ହାଲୋ··· ! ପରେ ପରେ ଯଶୋବନ୍ତ ରାଓଙ୍କ ନାମ ନେଇଁ ନେଇଁ-ସେ ଥମକି ରହିଗଲେ । ଆମେ ଦୁହେଁ ତାଙ୍କ ଲାଗି ନୂଆ ଓ ଅଜଣା ଅଶୁଣା ଥିଲୁ । ହିଁ, ଥରେ ଦିଥର ମୋତେ ଦେଖି ନ ଥିବେ କି । ଏଇଲା ତ ମୋ ନାଁ ବି ତାଙ୍କୁ ଜଣା । "ମୁଁ ହସ୍ପିଟାଲ୍ ଯାଇ ପାରିଲିନି । ଆମେ ତ ଜାଣନ୍ତି ସମସ୍ତଙ୍କ ଚାକର ! ଛୁଡ଼ନ୍ତୁ ।" କହି ସେ ପଚାରିଲେ, "ଆମ ଯଶୋବନ୍ତ ରାଓ ବାବୁ କେମିତି ଅଛନ୍ତି ?"

ମୁଁ ହାତ ଠାରି ବୁଝାଇଲି, ସେ ଚାଲିଗଲେଣି, ପୁଣି କହିଲି, "ମୋ ସାଙ୍ଗଙ୍କ ସାହାଯ୍ୟରେ ଅନ୍ତ୍ୟେଷ୍ଟି କ୍ରିୟା ଶେଷ କରି ଏଇଲାଗେ ଫେରିଲି ଦାଦରରୁ ।"

"ଏଁ ?···ଚାଲିଗଲେ !" ଦୀର୍ଘଶ୍ୱାସ ସହ ତାଙ୍କର ପ୍ରାୟ ଚିତ୍କାର କଲାପରି ସ୍ୱର ବାହାରିଲା । ପୁଣି ତରତର କରି ତାଙ୍କ ସ୍ତ୍ରୀଙ୍କୁ ଡକାଇ ଖବରଟା ଦେଇଦେଲେ ! ତାଙ୍କର ପୂରା ପରିବାର ସେଠି ଜମା ହୋଇଗଲେ । ଦୁଃଖ ସ୍ୱରରେ ସେ ମୋତେ ପଚାରିଲେ, "ଆପଣଙ୍କ ନାଁ କାନ୍ତି ନା ?"

"ସେଇଆ ହଉ ।"

"ନାଁଇଁ, ତଥାପି ?"

"କାନ୍ତ ।"

"ଆଉ ଏଙ୍କେ ?" ତାଙ୍କ ସଙ୍କେତ ମାଧବ ରାଓଙ୍କ ଉପରେ ଥିଲା ।

"ମୋ ସାଙ୍ଗ, ମାଧବ ରାଓ ବାବୁ ।"

Digitized by PPRACHIN, SOA

"କାନ୍ତ ବାବୁ," ଜମ୍‌ଶେର୍ ବାବୁ କହିଲେ, "ଆପଣ ବର୍ଷକୁ ଥରେ ଦୁଥର ଏଠିକି ଆସୁଥିଲେ, ଏଣୁ ଆପଣଙ୍କ କଥା ମନେ ଅଛି । ତାଙ୍କ ବିଷୟ ଆପଣ ଭଲକରି ଜାଣିଥିବେ । ସେ ଆପଣଙ୍କର ନିକଟର ଲୋକ ଥିଲେ, ନା ? ମୁଁ ବି ନିକଟର ଲୋକ । ଆମେ ଦୁହେଁ ଏକା ସମୟରେ ଏକା ମୁହୂର୍ତ୍ତରେ, ଏ ଘରକୁ ଆସିଥିଲୁ । ସେତେବେଳେ ଯୁଦ୍ଧ ଡରରେ ବମ୍ବେ ଖାଲି ହୋଇଯାଇଥିଲା । ସେଇଥିରୁ ଏ ବସା ଏତେ ଶସ୍ତାରେ ମିଳିଗଲା । ଯଶୋବନ୍ତ ରାଓ ବାବୁ ଖୁବ୍ କମ୍ କଥା କହୁଥିଲେ । ମୋ ପିଲେ ତ ତାଙ୍କୁ 'ଅଜା' ଡାକୁଥିଲେ । ମୋ ସ୍ତ୍ରୀଙ୍କର ବି ତାଙ୍କ ଉପରେ ଖୁବ୍ ଶ୍ରଦ୍ଧା ରହିଛି । ପିଲାଙ୍କୁ ଛାଡ଼ିଦେଲେ, ସେ ସମସ୍ତଙ୍କ ସାଙ୍ଗରେ ଖୁବ୍ କମ୍ କଥା କହୁଥିଲେ । ଯେବେ ମୋ ପିଲେ ତାଙ୍କୁ କେବେ କିଛି ମାଗୁଥିଲେ କି ତାଙ୍କୁ କିଛି ପଚାରୁଥିଲେ, ସେ ସେମାନଙ୍କର ଚିତ୍ର ଆଙ୍କି ଦେଉଥିଲେ ବା ସେମାନଙ୍କୁ ଗପ ଶୁଣାଉଥିଲେ । ଏତେ ଭଲ କଳାକାର ସେ ନଥିଲେ ସତ; ଛାଡ଼ନ୍ତୁ, ସେ ଭିନେ କଥା···କିନ୍ତୁ ସେ ଜଣେ ବି ଭଦ୍ରଲୋକ ଥିଲେ । ଯେତେ ସରଳ, ସେତିକି ବୁଦ୍ଧିମାନ୍ ବି । ତାଙ୍କ ବୟସ ହେଉରୁ ଏମିତି କଥା କହୁଚି, ତା ଭାବିବେ ନାହିଁ । ତାଙ୍କ ଜୀବନରେ, ତାଙ୍କ ସରଳତାରେ ଓ ତାଙ୍କର ଚିନ୍ତାଶୀଳ ମୁଖମଣ୍ଡଳରେ ଗୋଟାଏ ଅଦ୍‌ଭୁତ ଚମକ ଥିଲା । ନୁହେଁ ?"

"ସତ କଥା !" ମୁଁ ଜବାବ୍ ଦେଲି ।

"ବେଳେ ବେଳେ ସେ ମୋ ସାଙ୍ଗେ କଥା ହେଉଥିଲେ; କିନ୍ତୁ ବିଲ୍‌କୁଲ୍ ମାପିଚୁପି । ତହିଁରେ ଜୀବନର ମିଷ୍ଟତା ଥିଲା । ସାଧାରଣ କି ବାଜେ କଥା ତ ସେ କେବେହେଲେ କହୁ ନ ଥିଲେ । ସତରେ ତାଙ୍କର ଜୀବନ ମହାନ୍ ଥିଲା । ଆପଣଙ୍କ ମତ କଣ···ମୁଁ ତ ଭାବି ନ ଥିଲି ଯେ ଏତେ ଶୀଘ୍ର ସେ ଆମଠୁ ଅଲଗା ହୋଇ ଯିବେ ! ପନ୍ଦରଦିନ କେ:ଇ:ଏମ୍: ଯାଇ ପଚରା ଓଚରା କରି ଆସିଥିଲି । ଖବର ମିଳିଲା ବୋଧେ ସେରିବ୍ରାଲ ଇନର୍ଶିଆ । ସ୍ତ୍ରୀ ଛଡ଼ା, ମୁଁ ଯୋଉ ଡାକ୍ତରକୁ ଡାକି ଆଣିଥିଲି, ତାର ବି ସେ ବଞ୍ଚିବେ ବୋଲି ଭରସା ନ ଥିଲା ।···ଭାଗ୍ୟ, ଭାଗ୍ୟ । ଟେବୁଲ ଉପରେ ଖଣ୍ଡିଏ କାଗଜ ପଡ଼ିଥିଲା, ତହିଁରେ ଲେଖାଥିଲା, 'ଓ୍ୱିଲ୍ ୟୁ କଣ୍ଟାକ୍ଟ ଦିସ ଫ୍ରେଣ୍ଡ୍ ଫର୍ ମି ?' ସେଇଠୁ ଆପଣଙ୍କୁ ତାର ପଠାଇଲି ।

"ଆପଣଙ୍କର ଦୟା ସେ ।" ମୁଁ କହିଲି ।

"ତାଙ୍କ ବିନା ଘରଟା କେଡ଼େ ଶୁନ୍‌ଶାନ୍ ଆଉ ଖାଇ ଗୋଡ଼ଉଛି କହିଲେ । ବିପଦବେଳେ ସେ ମୋତେ କେତେ ଧୈର୍ଯ୍ୟ ଦେଇଛନ୍ତି ! ମୋତେ ସାହାଯ୍ୟ କରିଛନ୍ତି ! ଥରେ, କେଜାଣି କେମିତି ତାଙ୍କୁ ଖବର ମିଳିଗଲା ଯେ

Digitized by PPRACHIN, SOA

ଆମର ପଇସା ଅଭାବ । ନକେ ଆସି କହିଲେ, ଯେବେ କିଛି ସମୟ ଲାଗି ଦରକାର ଥାଏ କହନ୍ତୁ, ମୁଁ କିଛି ଟଙ୍କା ଦେଇପାରେ । ଆଉ ହଜାରେଟି ଟଙ୍କାର ଚେକ୍ ମୋତେ ଦେଇଦେଲେ । ମୁଁ ଜାଣି ନଥିଲି ଯେ ସ୍ତ୍ରୀଙ୍କ ପାଖେ ଏତେଗୁଡ଼ାଏ ଟଙ୍କା ଥିବ । ନିଜ ପରିବାର ବିଷୟରେ ଯେତେ ପଚାରିଲେ ବି ଚୁପ୍ ରହୁଥିଲେ । ମୋର ଧାରଣା ଥିଲା ଯେ ତାଙ୍କର ପୁଅମାନେ ବଡ଼ ବଡ଼ ହୋଇସିଥିବେଣି । ଦୂର ପ୍ରବାସରେ କମାଉଥିବେ ଆଉ ଖର୍ଚ ଲାଗି ତାଙ୍କୁ ଟଙ୍କା ପଠାଉଥିବେ । ସେଦିନ ମଗା ନାହିଁ ଯାଚି ନାହିଁ, ସେ ମତେ ଏତେଗୁଡ଼ାଏ ଟଙ୍କା ଦେଇଦେଲେ ? । ପରେ ମୁଁ ଟଙ୍କାଟା ଶୁଝି ଦେଲି; କିନ୍ତୁ ସେଦିନ ମୋର ମାନ ସମ୍ମାନ ରହିଗଲା···ଦି ତିନି ମାସ ଅନ୍ତରରେ ସେ ଥରେ ଥରେ ମହାବଳେଶ୍ୱର, ପୁନା, ବୋର୍ଡ଼ି ଇତ୍ୟାଦି ଜାଗାକୁ ଯାଉଥିଲେ, ଫଟୋ ଉଠେଇବାକୁ । ସେତେବେଳେ ବି ଘରଟା କେମିତି ଶୂନ୍ୟ ଲାଗୁଥିଲା । ସେ ଏଠି ଥିଲେ ଯେମିତି ଗୃହଆଡ଼େ ଗୋଲାପ ଫୁଟୁଥିଲା ।

ତାଙ୍କର କଥାତକ ସରିଗଲା । ମୁଁ ମାଧବ'ରାଓ ବାବୁଙ୍କୁ ବିଦାୟ ଦେଲି । କଣ୍ଟ୍ରାକ୍ଟର ମହୋଦୟ ମଧ୍ୟ 'ଏଇଲାଗେ ଆସୁଛି' କହି ଘରକୁ ଚାଲିଗଲେ । ସେଠି ବି ସେ ଯଶୋବନ୍ତ ରାଓ ବାବୁଙ୍କ କଥା କହୁଥାନ୍ତି । ତାଙ୍କ ସ୍ତ୍ରୀ ଓ ଦୁଇଜଣ ଗ୍ରେଟ ପିଲାଙ୍କର କାନ୍ଦଣାର ଲଗାତର ଶବ୍ଦ ଆସୁଥାଏ । ମୋତେ କିଛି ହେଲେ ବୁଝାପଡ଼ୁନଥାଏ । 'ମୁଁ କୋଉଠି ? କାହିଁକି ଅଇଲି ? ସ୍ତ୍ରୀ'ପରେ କଣ କରିବ ?' ମୁଣ୍ଡରେ ଖାଲି ପ୍ରଶ୍ନ ଥିଲା, ଜବାବ୍ ନାହିଁ । ଯେଉଁ ଚଉକୀରେ ବସିଥିଲି, ସେଇଥିରେ ଢୁଳାଇ ଲାଗିଲି । ମୋତେ ବି ଜଣା ପଡ଼ିଲାନି କେତେବେଳେ ଜମଶେର ବାବୁ ମୋ ଆଗରେ ଆସି ଛିଡ଼ା ହୋଇଛନ୍ତି । କହିଲେ, "ଆପଣ ଥକି ଯାଇଥିବେ । ଶୋଇ ପଡ଼ନ୍ତୁନା··· । କିନ୍ତୁ ଖାଇବା ?···ଦାଦା ତ ତାଙ୍କର ରୋଗରେ ପଡ଼ିବାର ଆଠ ଦିନ ଆଗରୁ ହିଁ ଝଗଡ଼ା କରି ଚାଲିଗଲା । ପାଞ୍ଚବର୍ଷ କାଳ ତାଙ୍କ ସାଙ୍ଗରେ ରହି ଭଲଆ ରହିଲା । ଦିନେ କରଜ ମାଗିଲା; କିନ୍ତୁ ସେ ନାହିଁ କରିଦେଲେ । ସେଇଠୁ ସେ କହିଲା, 'କଣ ମଲାବେଳକୁ ସେ ଧନସମ୍ପତ୍ତି ସାଙ୍ଗରେ ନେଇଯିବେ କି ?' ବାପ୍‌ରେ ! ଏମିତିକା ବେଇମାନୀ, ଏମିତି ବିଶ୍ୱାସରେ ବିଷ କିଏ ଦିଏ ! ଖୋରାକ ପୋଷାକ ସବୁ ଦେଇକରି ତା ଉପରେ ଚାଳିଶ ଟଙ୍କାରୁ ଅଧିକ ଦରମା ତାକୁ ଦେଉ-ଥିବେ । ତେବେ ସେ ଖୁସୀ ନଥିଲା !"

ଜମ୍‌ଶେର୍ ବାବୁ କହିଗଲେ, "ତା ମୁହଁଁଟାଣ ଦେଖି ଯଶୋବନ୍ତ ରାଓ କହି-ଥିଲେ, 'ଦାଦା, ମଲାବେଳେ କଣ ହୁଏ ମୁଁ ଜାଣିନି । ମୁଁ ଖାଲି ନିଜର ପଇସାପତ୍ର ଛାଡ଼ି ଦେଇ ଯିବିନି, ତା ସାଙ୍ଗରେ ନିଜର ଲାଶ୍‌ଟା ବି ଛାଡ଼ିଯିବି । ଏମିତି କଥା ତମ

Digitized by PPRACHIN, SOA

ମୁହଁରୁ ବାହାରିବାର ଉଚିତ ନଥିଲା । ତମେ ସେଦିନ ଟେବୁଲ୍ ଉପରୁ ଶହେ ଶହେ ଟଙ୍କା ଉଠେଇଚ, ଆଉ ପୁଣି ନେଇନ ବୋଲି କେଜାଣି କେତେ ଗୁଣ ଖାଇଲ ! ସେଇଦିନୁଁ ମୁଁ ବୁଝି ଯାଇଚି ଯେ ତମେ ମଣିଷ ନୁହଁ । ସେଇଦିନୁଁ ଯୋଉ ଘିଡ ତମେ ରାନ୍ଧୁଛ ତା ମୋ ତଣ୍ଟି ଦେଇ ଯିବା ବି ମୁସ୍କିଲ୍ ହେଲା; ତଥାପି ମୁଁ ତମକୁ କେବେ ଯିବାକୁ କହି ନାହିଁ, କିନ୍ତୁ ଶୁଣ, ଏଇଲା କହିବାର ବେଳ ଆସି ଯାଇଛି ଯେ ତମେ ରାସ୍ତା ଦେଖ ।' ବଡ଼ ଦୁଃଖରେ ସେ ଦାଦାଙ୍କୁ କହିଲେ, 'ଦାଦା, ପଇସା ଆସିବ, ଯିବ, ମୁଁ କମେଇଚି, ହିଜେଇଚି ।......କିନ୍ତୁ ହଜିଲା ବିଶ୍ୱାସ ଆଉ ଫେରି ପାଇବା ବଡ଼ କଠିଣ ।' ଏକଥା ଶୁଣି ଦାଦା କହିଲା, 'ରଖହୋ ତମ ବିଶ୍ୱାସ, କାହାର ଦର୍କାର ସେଇଟା ? ଦେଖନ୍ତ ବୁଢ଼ାଟାର ପଇସାର ଗର୍ଭ ହେଇଗଲାଣି ହେ !' ଦାଦା ଯେତେ-ବେଳେ ଗାଳି କରି ଲାଗିଲା, ମୋ ସ୍ତ୍ରୀ ଆସି ତାକୁ ଧମକାଇ ବାହାର କରିଦେଲା । ତା'ପରେ ସେ ନିଜେ ନିଜେ ଷ୍ଟୋଭ ଲଗେଇ ଗୃହା ଆଉ ଟୋଷ୍ଟ୍ ବନେଇ ନେଉଥିଲେ ।"

ଜମ୍‌ଶେର୍ ବାବୁଙ୍କ ସ୍ତ୍ରୀ ପିଲାଙ୍କ ହାତରେ ମୋ ଲାଗି କିଛି ଦୁଧ, ବ୍ରେଡ୍, ଫଳ ଓ ଲହୁଣି ପଠେଇ ଦେଲେ । ସେତେବେଳେ ମତେ ଲାଗୁଥାଏ ଯେମିତି ଯଶୋବନ୍ତରାଓ ବାବୁ ମୋ ଆଗରେ ଆସି ଠିଆ ହୋଇ ଯାଇଛନ୍ତି । ଯେପରି ସେ ଦାଦାକୁ ବୁଝାଉଛନ୍ତି ! ମୁଁ ଖାଇବା ଆଡ଼କୁ କିଛି ଧ୍ୟାନ ନ ଦେବାରୁ ଜମଶେର୍ ବାବୁ କହିଲେ, "ଏସବୁ ଖାଆନ୍ତୁ !" ମୁଁ କହିଲି, "ନା, ଭୋକ ନାହିଁ ।" ମୋର ସତରେ ଭୋକ ନଥିଲା ।

"ସକାଳୁ ଆପଣ କିଛି ଖାଇ ନଥିବେ..."

"ହଁ । କାଲି ଠୁଁ..."

"ଓଃ ! ତା ହେଲେ ତ ଅବଶ୍ୟ କିଛି ଖାଇବାକୁ ପଡ଼ିବ । ଭାଇଙ୍କ କଥା ମନେ ପକାଇ ବ୍ୟସ୍ତ ହେବା ସ୍ୱାଭାବିକ; କିନ୍ତୁ ଆପଣ ତ ଜାଣିବା ଶୁଣିବା ଲୋକ । ମରଣଠୁଁ କିଏ ରକ୍ଷା ପାଇ ପାରିବ କି ?"

"ମରଣ ଲାଗି କିଛି ଏମିତି ଦୁଃଖ ନାହିଁ; କିନ୍ତୁ ମାସେ ଆଗରୁ ସେ ମୋତେ ଆସିବାକୁ ଲେଖିଥିଲେ । ସେତିକବେଳେ ମୋର ଏଠାକୁ ଆସିବାର ଥିଲା । ବହୁତ କିଛି ତାଙ୍କଠୁଁ ଜାଣିବାର ଥିଲା ।"

"ସତରେ ସେ କେତେ ବଡ଼ ଥିଲେ ! ଆମେ ଦଶଟା କଥା କହିଲେ, ସେ ଗୋଟାଏ କଥା କହୁଥିଲେ । ମୁଁ ଏତେ ପାଖରେ ଥିଲି; ତଥାପି ଖୁବ୍ କମ୍ କଥା କହୁ-ଥିଲେ ।...ଆଚ୍ଛା, ଆପଣଙ୍କର କିଏ ଥିଲେ ସେ ?"

Digitized by PPRACHIN, SOA

ଏ କଥାର ଚଟ୍ କରି ଜବାବ୍ ଦେବାର ସାହସ ମୋର ହେଲାନାହିଁ । କହି ପାରିଥାନ୍ତି ମୁଁ ତାଙ୍କର ସାଙ୍ଗ; କିନ୍ତୁ ତାହେଲେ ତାଙ୍କର ସମ୍ପତ୍ତିକୁ ଛୁଇଁବି ପାରି ନଥାନ୍ତି । ମୋର ଅବଶ୍ୟ ସେ ସବୁର ପ୍ରୟୋଜନ ନଥିଲା, କିନ୍ତୁ ଏତକ ଜାଣିବାକୁ ଚେଷ୍ଟା ତ କରୁଥିଲି ଯେ ମତେ ସେ ଏମିତିକା ଚିଠିଟି ଲେଖି ଥିଲେ କାହିଁକି । ତାଙ୍କ କାଗଜପତ୍ର ଦେଖିକରି ତାଙ୍କ ବନ୍ଧୁବାନ୍ଧବଙ୍କ ଠିକଣା ତ ମୋତେ ବାହାର କରିବାକୁ ହିଁ ପଡ଼ିବ । ଏଣୁ ଜମ୍‌ଶେର୍ ବାବୁଙ୍କ ପ୍ରଶ୍ନର ଜବାବ୍ ଦେବାକୁ ମୁଁ ଟିକିଏ ଇତସ୍ତତଃ ହେଲି ।

ସେ ପଚାରିଲେ, "ବୋଧେ ଆପଣଙ୍କ ସାଙ୍ଗରେ ତାଙ୍କର କିଛି ଦୂର ସମ୍ପର୍କ ଥିବ ?"

"ହଁ ।" ମୁଁ ଜବାବ ଦେଲି । ମୋ ଆଖିରେ ଖୁବ୍ ବେଶି କ୍ଲାନ୍ତି ଓ ନିଦ ଥିଲା । ଜମ୍‌ଶେର୍‌ବାବୁ ଖାଇବାକୁ ଜୋର କରି ଲାଗିଲେ । ଖାଇବା ଆରମ୍ଭ କଲି, କିନ୍ତୁ ଜାଣି ପାରିଲି ନାହିଁ କଣ ଖାଇଲି, କଣ ନାହିଁ । କ୍ଲାନ୍ତି, ନିଦ, ମୃତ୍ୟୁ, ଦୁଃଖ ଓ ସ୍ମୃତି—ସବୁ କିଛି ଏକାଠି ମସ୍ତିଷ୍କରେ ଆଘାତ କରୁଥିଲେ । ବୋଧେ ଟିକିଏ ଦୁଧ ପିଇଥିବି । ଜମଶେର୍ ବାବୁ ଚାଲିଗଲେ । ତା'ପରେ କବାଟ କିଳିଲି, ଆଲୁଅ ଲିଭାଇଲି ଓ ପାଖରେ ଥିବା ଗୋଟାଏ ପୁରୁଣା ସୋଫା ଉପରେ ଲମ୍ବ ହୋଇ ଶୋଇଗଲି । ସେଇ ରାତି ସାରା ସ୍ୱପ୍ନ ପରେ ସ୍ୱପ୍ନ । ଯେମିତି ମୁଁ ବେଗରେ ପଡ଼ୁଚି, ଆଉ ଯଶୋବନ୍ତ-ରାଓ ମୋ ମଥାରେ ହାତ ରଖି ବସିଚନ୍ତି । ଯେମିତି ମୁଁ କହୁଚି ମୋତେ ମରିବାକୁ ଡର ଲାଗୁଚି ଓ ସେ ଧୈର୍ଯ୍ୟ ଦେଇ କହୁଚନ୍ତି, "ଡରିବାର କଣ ଅଛି ? ଏଠିକା କାମ ତ ସରିଗଲା, ନା ନାହିଁ ? ତମେ ଯୋଉ କାମ ଲାଗି ଆସିଥିଲ, ତା ତ ସରିଲା । ସମାପ୍ତିରେ ଖୁସୀ ହୁଅ !"

ମୁଁ ପଚାରିଲି, "ଆଉ କାଲି ?"

ସେ କହିଲେ, "କାଲିକା କାମ ଆଗେଇ ନବା ଅନ୍ୟମାନଙ୍କ ଦାୟିତ୍ୱ ।"

"ତା ହେଲେ ମୋର କଣ ହବ ?"

"ରହିବ ନା ।"

"ପୁଣି ? ପୁନର୍ଜନ୍ମ ?

"କିଏ ଜାଣେ !

"ହବନି ?"

"ସେ ଚିନ୍ତା ତମର କାହିଁକି ? ତମେ ଖାଲି ଆଜିକାର, କାଲିବି ଥିଲନି, କି କାଲିକି ବି ନଥିବ !"

Digitized by PPRACHIN, SOA

ଏତକ କଥା ସେଇ କଳ୍ପନା ଜଗତରେ ହେଉଥିବ କି ନାହିଁ ମୋ ଆଖି ଲାଗିଗଲା ନିଦରେ, ସକାଳର ଖରା ଝରକା ବାଟେ ଆସି ପଡ଼ିବାରୁ ଯାଇ ଉଠିଲି । ଯେତେ କ୍ଳାନ୍ତ ଥିଲି, ସବୁ ଦୂର ହୋଇ ଯାଇଥିଲା । ମୋର ଯେମିତି ଗୋଟାଏ ନବ-ଜୀବନ ଆସି ଯାଇଛି । ଯଶୋବନ୍ତ ରାଓଙ୍କର ସ୍ମୃତି ମାନସକରେ ମୃତ୍ୟୁର ଦୁଃଖର କ୍ଳାନ୍ତ ଯେମିତି ଶେଷ ହୋଇଯାଇଛି, ଆମେ ଗୋଟିଏ ନାଟକ ଦେଖିଲେ ଯେମିତି ସେ ନାଟକର ଚରିତ୍ରଗୁଡ଼ିକୁ ଆତ୍ମସାତ୍ କରୁଁ, ତାଙ୍କ ସଙ୍ଗେ ନିଜକୁ ଓତପ୍ରୋତ ଏକାତ୍ମ କରୁଁ, ଆଉ ନାଟକ ସରିଲେ ଘରକୁ ଯାଉଁ, ସେତେବେଳକୁ ଖାଲି ତାର ସ୍ମୃତି ମାତ୍ର ବଳିଛି । ସେ ସ୍ମୃତି ଯେତେ ଅଧିକ ତିକ୍ତ ବା ମିଠା ରହିବ, ସେତେ ବେଶି ବେଳ ଆମ ଭିତରେ ସୁରକ୍ଷିତ ରହିବ ।

ଯଶୋବନ୍ତ ରାଓଙ୍କର ସ୍ମୃତି ମୋ ପାଇଁ ଅତି ପ୍ରିୟ, ତାର ମାଧୁର୍ଯ୍ୟ ଅବି-ସ୍ମରଣୀୟ । ନିଜର ସ୍ୱାର୍ଥ ଓ ଉପକାର ସକାଶେ ମୁଁ ଏଇକ୍ଷଣି ତାଙ୍କୁ ପୁଣି ପାଇ ପାରିବିନି । ତଥାପି ମୋ ଜୀବନରେ ଯେଉଁ ସ୍ମୃତିରେଖା ସେ ଆଙ୍କି ଯାଇଛନ୍ତି, ସେଇଟି ସଦା-ବେଳେ ମୋ ଭିତରେ ଜୀଇ ରହିଥିବ । ତାଙ୍କୁ ମୁଁ ଜୀଆଇ କରି ରଖିଛି । ଆଉ ଭୁଲି ବି ଯାଇ ପାରେ । ବ୍ୟକ୍ତିର ଚିହ୍ନ ଜୀଇ ରହିବ କି ମିଳେଇ ଯିବ ତା ପର ଚରିତ୍ର ଉପରେ ନିର୍ଭର କରେ । ମୋତେ ଲାଗିଲା, ଯଦି କେଉଁ ଚରିତ୍ର ତାର ଗଭୀର ଓ ଅଲିଭା ସ୍ମୃତି ବଳରେ କାହାରି ହୃଦୟରେ ଜୀବନ୍ତ ସ୍ପନ୍ଦିତ ରହେ ଓ କ୍ରମେ ବଢ଼ି ଯାଉଥାଏ, ତା ହେଲେ ଏହି ପୁନର୍ଜନ୍ମ ଅଟେ ।

ଯଶୋବନ୍ତ ରାଓଙ୍କୁ ମୁଁ ଆଠ ଦଶଥର ଦେଖିଥିଲି । ସେ ଯେଉଁ ଦାଗ ରଖି ଯାଇଛନ୍ତି, ବର୍ତ୍ତମାନ ସେଗୁଡ଼ିକ ଦେଖିବାକୁ ବାହାରିଛି । ମୋତେ ଲାଗିଲା ଯେ ମୁଁ ଯଦି ତାଙ୍କୁ ଭଲ କରି ଜାଣିଥାଏ, ତା ହେଲେ ତାଙ୍କର ପାଦଚିହ୍ନ ହିଁ ତାଙ୍କର ଜୀବନ ଯାତ୍ରାକୁ ମୋ ଆଗରେ ଦେଖାଇ ଦେବ ।

ଉଠି ଭିଡ଼ ମୋଡ଼ ହେଲି । ମୁହଁ ଧୋଇଲି । ଆଇନା ସାମନାରେ ଠିଆ ହେଲି । ମୁହଁ ପୋଛୁ ପୋଛୁ ସାମନାର କାନ୍ଥ ଉପରେ ଆଖି ପଡ଼ିଲା । ସେଇ ଆଇନାର ଚାରିକଡ଼େ ଆଠ ଦଶଟା ଛବି ଦେଖାଗଲେ । ଏ ଛବିଗୁଡ଼ିକ ଯଶୋବନ୍ତ ବାବୁ ଉଠାଇଛନ୍ତି । ଚିତ୍ରକଳା ପ୍ରତି ତାଙ୍କର ଅସୀମ ଆଗ୍ରହ । କଳାର ଅଧ୍ୟୟନ କରି ନାହାନ୍ତି, ତାର କାଇଦାମାନ ଜାଣି ନାହାନ୍ତି, କିନ୍ତୁ ସମୟ କଟାଇବାକୁ ଫଟୋଗ୍ରାଫୀକୁ ସେ ନିଜର ସଉକ କରିଥିଲେ, ଏସବୁ ଛବି ମୁଁ କେତେ ଥର ଦେଖିଛି । ଯଶୋବନ୍ତ ରାଓ କିଛି ବିରାଟ କଳାକାର ନଥିଲେ; ତଥାପି ସେ ନିଜ ମନରେ ପ୍ରତିଫଳନକୁ ରଙ୍ଗ ଦେଇ

Digitized by PPRACHIN, SOA

ଅଙ୍କନ କରିବାର, ଲେଖିବାର ଓ ଉଠାଇ ଫୁଟାଇବାର ପ୍ରଯତ୍ନ କରିଥିଲେ । ସେ ଭାବିଥିବେ, ଏଥିରେ ଆପତ୍ତି ବା କଣ ଥାଇ ପାରେ ?

ଏଥରକ ସେଇ ଚିତ୍ରଗୁଡ଼ିକ ଦେଖି ଦେଖି—ଯଦିଓ ସେଥିରେ କିଛି ଶିଳ୍ପ-କଳାର ସୌନ୍ଦର୍ଯ୍ୟ ଦେଖାଯାଉ ନଥିଲା—ମୋର ମନେ ହେଲା ଯେ ଯଶୋବନ୍ତ ରାଓ ବାବୁ ଯଥେଷ୍ଟ ସମୟ କଟାଇବା ସକାଶେ ଏସବୁ ଉଠାଇଥିବେ, ନ ହେଲେ··· । ଚିତ୍ରକଳା ତାଙ୍କର ଭାଷା ହୋଇ ପାରି ନଥିଲା—ଏକଥା ତ ସ୍ପଷ୍ଟ ଜଣାଯାଉଛି; କିନ୍ତୁ ଗୋଟିଏ ଭାଷା ଜାଣିଥିବା ଲୋକ ବିଦେଶ ଯାଇକରି ହାତ ମୁହଁ ଇସାରା କରି 'ଅମୁକ ଜାଗା ଯିବି, ବାଟ କୋଉଟା' କହିବାର ଚେଷ୍ଟାକଲେ, ଏଥିରେ ଆପତ୍ତି କଣ ?

ସେଇଠୁ ମୋର କୌତୂହଳ ହେଲା—ତାଙ୍କ ଚିତ୍ର ଦେଇ ସେ କଣ କହିବାକୁ ଚାହିଁଛନ୍ତି ? ଅଧଘଣ୍ଟା ଅନାଇ ରହିବା ପରେ ବି ମୋତେ ଲାଗିଲାନି ସେ ଗୁଡ଼ାକର କିଛି ଅର୍ଥ ଅଛି । କୌଣସି ବିଷୟବସ୍ତୁ ତହିଁରୁ ଜାଗିଲା ନାହିଁ ।

ଭାବିଲି କେଉଁ ହୋଟେଲରୁ ଆଗ ଜଳଖିଆ କରି ଆସେ । ତା ପରେ ତାଙ୍କ ସମ୍ପତ୍ତି ଓ ଜିନିଷ ପତ୍ର ବୁଝିନିଏ, ଆଉ ଯେତେ ଶୀଘ୍ର ପାରେ ଘରକୁ ଫେରିଯାଏଁ ।

Digitized by PPRACHIN, SOA

ଦୁଇ

ପ୍ରତୀକ୍ଷା ନ କରୁଥିଲେ ବି, ସେଦିନ ସକାଳୁ ମୋର ବନ୍ଧୁ ମାଧବରାଓ ବାବୁ ନିଜ କାମରୁ ଛୁଟି ନେଇ ସିଧା ମୋ ପାଖରୁ ଚାଲି ଆସିଥିଲେ ତାଙ୍କ ଦେଇ ଯାହା କିଛି ସାହାଯ୍ୟ ହବ ତାକୁ କରିବା ଲାଗି । ଦୁଇଟି ଅଲଙ୍କ ଯୋଡ଼ପରି ଆମର ସମ୍ପର୍କ ହୋଇ ଯାଇଥିଲା । ପଡ଼ିଶାର ଜମଶେରବାବୁ ସକାଳୁ ଆସିଥିଲେ ଓ ନମସ୍କାର କରି ଚାଲିଗଲେ । ଆମେ ଦୁହେଁ କବାଟ କିଳିଲୁ ଓ କାମ କଥା ଭାବିଲୁ । ସବା ଆଗ ମୁଁ ମାଧବରାଓ ବାବୁଙ୍କୁ ଯଶୋବନ୍ତରାଓଙ୍କ ସଙ୍ଗେ ମୋର ପରିଚୟର ଇତିହାସ ଶୁଣାଇଲି ଓ ସଙ୍ଗେ ସଙ୍ଗେ ଏତିକି ସନ୍ଦେହ ପ୍ରକଟ କଲି ଯେ ଯଶୋବନ୍ତବାବୁଙ୍କର ମୋଠୁ କିଛି କାମ ହାସଲ କରିବାର ଥିଲା କି, କିନ୍ତୁ ସାହାଯ୍ୟ ମାତ୍ର ସେ ଚାହୁଁଥିଲେ । "ସବୁ କଥା ତାଙ୍କ କାଗଜ ପତ୍ର ପଢ଼ିଲେ ଜଣାପିବ ।" ମାଧବରାଓ ବାବୁ ପରାମର୍ଶ ଦେଲେ ଓ ମୁଁ କାମ ଆରମ୍ଭ କରି ଦେଲି । ସେ ଘରର ସବୁତକ ଟ୍ରଙ୍କ୍ ବନ୍ଦ ପତ୍ରରେ ଭରିଥିଲା । ତାହା ସଙ୍ଗେ ପରିଷ୍କାର ହସ୍ତାକ୍ଷରରେ ଗୋଟିଏ ଦିଟା ହିସାବ ଖାତା ବି ଥିଲା । ବ୍ୟାଙ୍କର ପାସ୍‌ବୁକ୍ ବି ଥିଲା । ପାସ୍‌ବୁକ୍ ଦେଖି ଜଣାଗଲା ଯେ ମାତ୍ର ପାଞ୍ଚଦିନ ଆଗରୁ ପନ୍ଦର ହଜାର ଟଙ୍କା ନିଆ ହୋଇଛି । ଆଉ ଶେଷ ଜମାର ପରିମାଣ ଦେଢ଼ ହଜାର ପାଖାପାଖି । ଟଙ୍କା ନେଇ କଣ କରାହୋଇଥିବ ? ଟଙ୍କାଟାତ ଏଇ ଘରେଇ ରହିଥିବ । ତା'ହେଲେ ଚାକର ଦାଦା ତ ଚୋରିକରି ଫେରାର ହୋଇ ଗଲାକି ? ଅରେ ସେ ଶହେଟଙ୍କା ଚୋରାଇ ଫେରାର ହୋଇଥିଲା । ମନରେ କେତେ ସନ୍ଦେହ ଆସିଲା । ସନ୍ଦେହ କଣ, ଟିକିଏ ଘାବରେଇ ଗଲି । ଯେବେ ସତରେ ସେଇଆ ହୋଇଥାଏ, ତା ହେଲେ ପୁଲିସରେ ଖବରଟା ଦବା ଦରକାର । ଯେ ଯାକେ କଥାଟା ପରିଷ୍କାର ନ ହୋଇଛି, ମୋତେ ବମ୍ବେରେ ରହି ଘୂରି ବୁଲିବାକୁ ହେବ । ମୁଁ ଚିନ୍ତିତ ହୋଇ ପଡ଼ିଲି । ନିଜର ଏହି ଛଟପଟ ଅବସ୍ଥାକୁ ଦୂର କରିବାକୁ ଗରଜ କରି ମୁଁ ପଡ଼ୋଶୀ କଣ୍ଟ୍ରାକ୍ଟରଙ୍କ ସ୍ତ୍ରୀଙ୍କ ପାଖୁ ଗଲି ଏବଂ ପଚାରିଲି, "ଦାଦା କାମ କେବେ ଛାଡ଼ିଲା ?" ଖବର ମିଳିଲା ଯେ ଟଙ୍କା ବାହାର କରିବା ଆଗରୁଇ ଦାଦା କାମ ଛାଡ଼ି ସାରିଥିଲା । ତଥାପି ମନରେ ସନ୍ଦେହ ରହିଗଲା । ତାଙ୍କର ମୁହଁପରେ

Digitized by PPRACHIN, SOA

ତ ଆଉ ଫେରି ଆସି ଗୃହଯାଇନାହିଁ ? ଈର୍ଷା ଯୋଗୁ ଖାଇବାରେ ତ ଆଉ ବିଷ ମିଶାଇ ଦେଇନାହିଁ । ଏମିତି କେତେ ପ୍ରକାରର ସନ୍ଦେହ ମନରେ ଆସିବାକୁ ଲାଗିଲା ।

ଯା ପରେ ମୁଁ ଖୋଜି ବସିଲି ଯେ ଯଶୋବନ୍ତରାଓ ବାବୁ କାହା କାହା ପାଖ୍‌କୁ ଲେଖା ଲେଖି କରନ୍ତିତ୍ୟ । କିଛି ପୃଷ୍ଠା ମିଳିଲା, ଆଉ ବାକିଗୁଡ଼ାକର କିଛି ପାଇଲିନି । ସେ ତ ମତେ ଲେଖିଥିଲେ ଯେ ଯେ ଦେଶ୍ କିଛି ଲେଖି ରଖିନ୍ତନ୍ତି; କିନ୍ତୁ କିଛି ହେଲେ ଦେଖିବାକୁ ମିଳିଲାନି । ସେଇ ଘରେ ଥିବା କାଗଜପତ୍ରଗୁଡ଼ାକ ମୁଁ ଉଦ୍‌ଦାର ହବାଯ କେ ଘାଣ୍ଟିଲି । ଶେଷକୁ ଗୋଟାଏ କଥାର ମନକୁ ଆସିଲା ଯେ କାଛରେ ତାଙ୍କର କୁରୁତାଟି ଟଙ୍ଗା ହୋଇଛି, ତାକୁ ଦେଖିବା ଦରକାର । ଖୋଜା ଖୋଜରୁ ସେହି କୁରୁତା ପକେଟରୁ ଗୋଟିଏ ଚେକ୍‌ବୁକ୍ ମିଳିଲା, ତା ସଙ୍ଗେ ଡାକ ଘରର ଖଣ୍ଡିଏ ରସିଦ୍ ବି ମିଳିଲା । ରସିଦ୍‌ଟି ଦେଖି ଜଣାଗଲା ଯେ ସେ ମୋ ନାଁରେ ଡାକଘରୁ ଗୋଟିଏ ରେଜେଷ୍ଟ୍ରି ପଠାଇଛନ୍ତି । ଯା ଛଡ଼ା ପକେଟରେ ଗୋଟିଏ ମନି-ବ୍ୟାଗ୍ ଥିଲା, ତହିଁରେ ଦେଢ଼ଶହ ଭଳି ଟଙ୍କା ଥିଲା; କିନ୍ତୁ ଏତେ କରି ବି ଜାଣି ପାରିଲିନି ଯେ ଯୋଉ ଟଙ୍କାଟା ସେ ବାହାର କରିଥିଲେ ବ୍ୟାଙ୍କରୁ ତାର କଣ ହେଲା । ସେଇଟା ଯେବେ ଚୋରି ଯାଇଥିବା କଥା, ତା ହେଲେ ଏଇ ଦେଢ଼ଶ ଭଳି ଟଙ୍କାଟା ବା ଏଠି ରହିଲା କେମିତି । ପୁଣି ଭାବିଲି ଆଗ ଯାଇ ନିଜ ଘରେ ସେଇ ରେଜେଷ୍ଟ୍ରିଟାର ଖବର ନବା ଦରକାର । ତା ଆଗରୁ ଦାଦା ଉପରେ ସନ୍ଦେହ କରିବା ଠିକ୍ ନୁହଁ ।

କିନ୍ତୁ କେବଳ ଭାବି ବସିଲେଇ ଭବିଷ୍ୟତର ବାଟ ଦେଖାଦିବାର କଥା ନୁହେଁ । ଦୁହେଁ ମିଶି ସେ ଘରର ସବୁ ଜିନିଷର ତାଲିକା କଲୁ । ଚିଠିଗୁଡ଼ିକ ଆଣି ଗୋଟିଏ ଟ୍ରଙ୍କରେ ଭର୍ତ୍ତିକଲି । ସେ ଯୋଉ ବହିପତ୍ର ପଢ଼ୁଥିଲେ ସେଗୁଡ଼ିକ ବି ଦେଖିଲି । ବେଶି ବହି ସମ୍ପ୍ରଦାୟ, ଧର୍ମ ଓ ଦର୍ଶନ ମୂଳକ । ବହିଗୁଡ଼ିକର ଜାଗାଏ ଜାଗାଏ ନେଳି ନାଲି ପେନ୍‌ସିଲର ଦାଗ ଦେଖିବାକୁ ମିଳିଲା । ଠାଏ ଠାଏ ପ୍ରଶ୍ନ ବାଚକ ଓ ବିସ୍ମୟ ବୋଧକ ଚିହ୍ନ ଦେଇ ସନ୍ଦେହମାନ ମଧ୍ୟ ପ୍ରକଟିତ ହୋଇଛି; କିନ୍ତୁ ସେତେବେଳେ ମୁଁ ତାଙ୍କୁ କଣ କଣ ବିଷୟ ଉଦ୍‌ବେଳିତ କରିଛି ଜାଣିବାକୁ ଆତୁର ନ ଥିଲି । ମୁଁ ତ ନିଜର ବନ୍ଧୁଙ୍କର ନିଧନରେ ତାଙ୍କ ଧନ ନଷ୍ଟ ହେବାର ବ୍ୟାକୁଳତାରୁ ଶୋକାକୁଳ ହୋଇଥିଲି । ଘରର ସବୁ ଜିନିଷପତ୍ର ବନ୍ଦାବନ୍ଧ କରି, ମୁଁ ତାଙ୍କ ଟ୍ରଙ୍କରୁ ଯେଉଁ କାଗଜ ପତ୍ର ପାଇଥିଲି, ତାକୁ ପଢ଼ିବାକୁ ବସିଗଲି; ମୂଳରୁ ଶେଷ ଯାଏ । ତହିଁରେ ଯାହା ଯାହାର ଠିକଣା ମିଳେ ତାହା ବିଷୟରେ ମୋ ମନରେ କୌତୁହଳ

Digitized by PPRACHIN, SOA

ଜାତ ହୁଏ । ମୁଁ ସ୍ତବେ ଯଶୋବନ୍ତରାୟ ବାବୁଙ୍କ ସାଙ୍ଗରେ ତାଙ୍କର ସବୁ କେମିତିକା ସମ୍ପର୍କ ରହିଥିବ । ତହିଁରେ କେତେ ଲୋକ ଟଙ୍କା ପଇସା ମାଗିଛନ୍ତି । ସାହାଯ୍ୟଲାଗି କେତେକ ପୁଣି କୃତଜ୍ଞତା ମଧ୍ୟ ଜଣାଇଛନ୍ତି । ସେଇ ସବୁ ଚିଠି ଲେଖିଥିଲେ ଅଲଗା ଅଲଗା ଜାଗାର ଲୋକମାନେ । ଦେଖିଲେ ଲାଗୁଥିଲା ଯଶୋବନ୍ତରାଓ ବାବୁ କେବଳ ଟଙ୍କା ପଇସା ବାହାର କରୁଥିଲେ ଆଉ ଖର୍ଚ୍ଚ କରୁଥିଲେ । ବହୁତ ଲୋକଙ୍କୁ ଛ ମାସିଆ କରି କିଛି ନିର୍ଦ୍ଧିଷ୍ଟ ରାଶିର ଟଙ୍କା ମଧ୍ୟ ପଠାଉଥିଲେ । ପୂରା ଖର୍ଚ୍ଚବାର୍ଚ୍ଚର ହିସାବ କରି ସାରି ମୁଁ ଜାଣି ପାରିଲି ଯେ ପନ୍ଦର ହଜାର, ଦେଢ଼ ହଜାର ଓ ଦେଢ଼ ଶହ ଟଙ୍କାର ବାଲାକା ତଥାପି ରହି ଯାଇଥିବ ।

ସେଠି ଯେଉଁ କାଗଜପତ୍ର ଥିଲା, ତହିଁରେ ଲେଖାଥିବା ପ୍ରତ୍ୟେକ ଠିକଣାର ଗୋଟାଏ ତାଲିକା ମୁଁ ତିଆରି କଲି । କେତେକ ଚିଠିରେ ତାଙ୍କର ମନ୍ତବ୍ୟମାନ ଲେଖାଥିଲା, "ଯୋଗ୍ୟ ନୁହେଁ ।" 'ଦାନ ସ୍ୱୀକାର ସକାଶେ ପାତ୍ର କି ?' 'କେତେଥର ମାଗିବ ?', 'ନିଜ ଗୋଡ଼ରେ କେବେ ଛିଡ଼ା ହେବ ?' ପ୍ରଭୃତି ଏହି ପ୍ରକାରର କେତେ ବାକ୍ୟ ତାଙ୍କ ପତ୍ରମାନଙ୍କରେ ଲେଖାଥିଲା । ଆଉ ମାଲିକର ହିସାବ ଦେଖି ଜଣାଗଲା ଯେ ପୂରା ବର୍ଷର ଭଡ଼ା ତାକୁ ମିଳି ସାରିଛି···ମାନେ ତିନିମାସର ଭଡ଼ା ଭୋଗ ହୋଇ ସାରିଛି, ବାକି ନଅ ମାସର ଭଡ଼ା ଅଧିକା ରହିଛି । ମୋତେ ଆଉ ମୋର ସାଙ୍ଗଙ୍କୁ ଦିନେ ଦି ଦିନ ଏହି କାମରେ ଲଗାଇବାକୁ ହେଲା । ଇତିମଧ୍ୟରେ ମୁଁ ନିଜ ଘରକୁ ଗୋଟିଏ ତାର ପଠାଇଥିଲି କି 'ବମ୍ବେରୁ ମୋ ନାଁରେ କିଛି ରେଜେଷ୍ଟ୍ରି ଚିଠି ଆସିଲେ ତା ଖବରଟା ମୋତେ ତାର କରି ଜଣାଇ ଦେବ ।' ତାର ଜବାବ୍ ଆସିବାଯାକେ ମୋର କାମ ହେଲା—'ବନ୍ଧୁଙ୍କର ଦୈନନ୍ଦିନ ଜୀବନ ବିଷୟରେ ଜମଶେର ଦମ୍ପତିଙ୍କ ସଙ୍ଗେ କଥାବାର୍ତ୍ତା, ଅବସର ପାଇଲେଇ ମାଧବରାଓ ବାବୁଙ୍କ ଘରକୁ ଯାଇ ଭବିଷ୍ୟତ କର୍ତ୍ତବ୍ୟ ବିଷୟରେ ପରାମର୍ଶ; ତାଙ୍କ ଘରେ ଭୋଜନକରି ଫେରିବା ଓ ଯଶୋବନ୍ତରାୟ ବାବୁଙ୍କ ଘରକୁ ଆସି ସେଠି ପଡ଼ିଥିବା ସୋଫାଟି ଉପରେ କଡ଼ ଲେଉଟାଇବା, ତା ପରେ ହକ୍‌ଦାର ହୋଇଗଲେ ବା ପଢ଼ିବାର ଧୈର୍ଯ୍ୟ ହରାଇଲେ, ତାଙ୍କର ଟ୍ରଙ୍କରୁ ତାଙ୍କର ଅଙ୍କିତ ଛବିଗୁଡ଼ାକ ଉପରେ ଆଖି ବୁଲାଇବା । ଏତିକି କାମ ଥିଲା ସେ ସମୟରେ । ମୁଁ ତ ଆଗରୁ କହିଛି, ସେ କିଛି ପେଶାଦାର ଚିତ୍ରକର ନ ଥିଲେ । ସେ କ୍ୟାନ୍‌ଭାସ୍ ଓ ଅଏଲ୍ କଲର ଭଳି ଦାମୀ ଜିନିଷର କେବେ ବ୍ୟବହାର କରି ନଥିଲେ । ପେନ୍‌ସିଲ୍, କ୍ରେୟନ, ପେଷ୍ଟେଲ, ଓ୍ୱାଟର କଲର ଭଳିଆ ଜିନିଷର ଉପଯୋଗ କରି ସେ ଚିତ୍ର ଆଙ୍କୁଥିଲେ । ଏମିତି କୋଉ ବିଷୟ ନାହିଁ ଯାହାର ଚିତ୍ରାଙ୍କନ ସେ କରି ନ ଥିବେ । ଏହିପରି କେତେ କେତେ କାଗଜ ଟୁକୁଡ଼ା ଥିବ, ତହିଁରୁ ମାତ୍ର ଆଠ ଦଶଟା

Digitized by PPRACHIN, SOA

ମୋ ମନ ମାଙ୍କିକେ ହେଉଥିବ । କାହିଁକି କେଜାଣି ସେସବୁ ଚିତ୍ରର କଳାକୌଶଳ ଓ ଅଦ୍ଭୁତ ଚିତ୍ରକାରିତା ଯୋଗୁଁ ମୁଁ ଆକର୍ଷିତ ହୋଇ ନ ଥିଲି । ତହିଁରେ ଅଙ୍କିତ କଳାକାରର ସ୍ୱାଭାବିକ ତେଜସ୍ୱିତାକୁ ବୁଝିପାରିବା ବେଶ୍ କଠିଣ ଥିଲା । ଶାସ୍ତ୍ରୀୟ-ବୋଧର ଅଭାବରୁ ରଙ୍ଗ ଓ ରେଖାମାନଙ୍କର ମୋହମାଦକତା ଶେଷ ହୋଇଯାଏ । ଚିତ୍ରର ବିଷୟବସ୍ତୁ ବିଷୟରେ କୌଣସି ସଙ୍କେତ ନ ମିଳିଲେ, ସେସବୁ ଚିତ୍ରକୁ ବୁଝିବା ମୋ ଭଳି ଅଳ୍ପଜ୍ଞ ପକ୍ଷରେ ଅତି କଠିଣ । କେତେକ ଚିତ୍ରରେ ସେ ନିଜ ନାମ ଯଶୋବନ୍ତ ଲେଖିକରି ଚିତ୍ରଗୁଡ଼ିକର ବିଷୟ ମଧ୍ୟ ଲେଖି ଦେଇଥିଲେ, ଏହିପରି ଚିତ୍ରକୁ ବାଛି ମୁଁ ବାନ୍ଧି ଅଲଗା କରି ରଖିଦେଲି ।

ବମ୍ବେ ଅସିବାର ଛ ବା ସାତ ଦିନ ପରେ ମୋ ପାଖକୁ ସ୍ତ୍ରୀଙ୍କର ଗୋଟିଏ ତାର ଆସିଲା, 'ଡ୍ରାଫ୍ଟ, ବିଲ୍, ମେଲ୍ଡ୍ପ୍ରିପ୍ଟ୍ସ ରିସୀଭ୍‌ଡ଼ ।' ତାରଟା ତ ମୋତେ ଆହୁରି ଆଶ୍ଚର୍ଯ୍ୟ କରି ଦେଲା । ବିଲ୍ କଣ ? ମୋତେ ପଇସା ପଠାଇବାର କାରଣ କଣ ? ଆକସ୍ମିକ ପରିଚୟ ମାତ୍ର, ଏପରିସ୍ଥଳେ ଏତେ ବେଶି ଭରସା କରି ମୋତେ ପଇସା ପଠାଇବାର କଣ କାରଣ ଥାଇପାରେ ? ଯାହା ହେଉ, ଟଙ୍କାତ ଫେରିଯାଇ ନାହିଁ···ଏହା ମୋ ଲାଗି ଗୋଟିଏ ସନ୍ତୋଷଜନକ କଥା ଥିଲା, ଭାବିଲି, ଘରକୁ ଫେରିଲେ ଜଣା ପଡ଼ିଯିବ ତାକୁ କୋଉ କୋଉ ଜାଗାକୁ ପଠାଇବା ଦରକାର । ଆଉ ଗୋଟାଇ ବଡ଼ ଆଶ୍ଚର୍ଯ୍ୟ କଥା ଯଶୋବନ୍ତରାଓ ବାବୁ କେମିତି ଜାଣି ପାରିଥିଲେ ସେ ଏତେ ଶୀଘ୍ର ଚାଲିଯିବେ ବୋଲି । ମୋତେ ଲେଖିଥିବା ଖଣ୍ଡିଏ ଚିଠିରେ ଏକଥା ଥିଲା ନା ? ଆଉ ଏଇ ସବୁ ଯାହା ବ୍ୟବସ୍ଥା କରି ଯାଇଛନ୍ତି, ଏସବୁ ତ ତାଙ୍କର ହୋସଟା ଦୋରସ୍ତିରେ ଥିବାବେଳେ ହୋଇଥିବ । ଧରି ଏ ସବୁ କରିଗଲେ କାହିଁକିନା ସେ ଜାଣିପାରିଲେ ଯେ ତାଙ୍କର ଜୀବନଯାତ୍ରା ସରିବାକୁ ବସିଛି । ହୁଏତ ତାଙ୍କର ହଠାତ୍ ମ୍ୟାଲେରିଆ ଧରିଲା । ବିଛଣା ନେବାପରେ ଜର ଦିହରେ ତ ସେ ଆଉ ଏତେ ଗୁଡ଼ାଏ କଥା କରି ପାରି ନଥିବେ । ନିଜେ ନିଜେ ତ ଆଉ ନିର୍ଯ୍ୟାରେ ଡେଇଁବାର ନଥିଲା, ତେଣୁ କରି ମୋ ପାଖକୁ ଏସବୁ ଜିନିଷ ପଠାଇ ପାରି ନ ଥିବେ; କିମ୍ବା ତାଙ୍କର ରୋଗଟା ସେରିବ୍ରାଲ୍ ମ୍ୟାଲେରିଆ ନ ହୋଇ ବି ପାରେ । ଡାକ୍ତରମାନେ ଯୋଉ ବିଚାର କରିଥିଲେ ତା ଭୁଲ ହେଲେ, ହୋଇଥିବ ଅବା । ଜର ବଢ଼ିବା ଆଗରୁ ଇ ତାଙ୍କର ନିଜ ରୋଗର ଅନାରୋଗ୍ୟ ଲକ୍ଷଣ ଜଣାଯାଇ ପାରେ; ଏହିପରି କେତେ ଆକାଶ ପାତାଳ ଭାବି ଲାଗିଲି । ଏହାପରେ ଘର ମାଲିକ ସାଙ୍ଗରେ ସବୁ କଥା କହି; ତାଙ୍କର ସବୁ ସମ୍ପତ୍ତି ଓ ଜିନିଷ ପତ୍ରର ନିଜେ ଅଧିକାରୀ ହେବାର କଳ୍ପନାରେ ଡୁବିକରି ମୁଁ ବମ୍ବେରୁ ବାହାରିଲି ।

Digitized by PPRACHIN, SOA

ମୋ ଯାକେ ଘରେ ପହଞ୍ଚି ନିଜ ନାମରେ ଆସିଥିବା କାଗଜ ପତ୍ରଗୁଡ଼ିକ ଦେଖି ନ ନେଇଛୁ, ମୋର ଯେମିତି ହୋସ ନ ଥିଲା । ପ୍ରତି ମୁହୂର୍ତ୍ତରେ ମନରେ ଯଶୋବନ୍ତରାଓ ବାବୁଙ୍କ ଜୀବନର ବର୍ତ୍ତମାନ ଯୋଡ଼ି ଯାଉଥାଏ, ମୋତେ ଦେଇ ଯାଇଥିବା ଦାୟିତ୍ୱ କଣ ହବ, କେମିତି ହବ, ଏହା ଅନୁମାନ କରୁ କରୁ ମୁଁ ବମ୍ବେରୁ ମଙ୍ଗଳୁର ଫିବାର ଜାହାଜରେ ଯାଇ ବସିଲି । ତହିଁରେ ପାଞ୍ଚଶ ଭଲ ଲୋକ ଥିଲେ; କିନ୍ତୁ ଏକୁଟିଆ ବୋଇଲେ ଖାଲି ମୁଁ, ଯାହା ଜଣା ପଡ଼ୁଥାଏ । ନୀଳ ସମୁଦ୍ରରେ ପହଁରି ଚହିଁଲା ସେହି ଜାହାଜଟା ବି କେତେ ଏକୁଟିଆ ଜଣା ଯାଉଥାଏ । ସେହିପରି ଜନସମୁଦ୍ର ଭିତରେ ମୁଁ ଏକା । ଦୁଇଦିନ ଏହିପରି ବିତିଗଲା । ତୃତୀୟ ଦିନ ଜାହାଜଟି ମଙ୍ଗଳୁର ବନ୍ଦରରେ ପହଞ୍ଚିଲା । ସେଠୁ ଘରକୁ ଫିବାକୁ ଦୁଇ ଘଣ୍ଟାର ରାସ୍ତା ଅତିକ୍ରମ କରିବାକୁ ପଡ଼ିବ । ଜିନିଷପତ୍ର ଭିତରେ ଯୋଉ ଟ୍ରଙ୍କ୍ ହବୁ ମୁଁ ସଙ୍ଗରେ ଆଣିଥିଲି, ତାକୁ ସାଙ୍ଗେ ସାଙ୍ଗେ କୁଲିଙ୍କ ମୁଣ୍ଡରେ ଥୋଇ ବାହାରକୁ ଆଣିଲି ଓ ତାପରେ ଘରର ଚଉତରା ଉପରେ ସେଗୁଡ଼ାକ ଓହ୍ଲାଇ ପକାଇ ବସିବାଯାକେ ମୋ ଅବସ୍ଥା ଗୋଟାଏ ବାଟବଣା ଯାତ୍ରୀ ଭଳିଆ ହୋଇ ଯାଇଥିଲା । ଯଶୋବନ୍ତ ରାଓ ବାବୁଙ୍କ ଛଡ଼ା ଆଉ କୋଉ ଜିନିଷ ମୋତେ ଦେଖା ଯାଉନଥାଏ ।

ବମ୍ବେରୁ ଫେରିଲି । ବସିଲି, ଗାଧୋଇଲି, ଜଳଖିଆ କଲି ଓ ଯାତ୍ରାର କ୍ଲାନ୍ତି ଦୂର ହେଲାପରେ କାଗଜର ବଣ୍ଡଲ୍‌ଟି ମଗାଇ ଆଣିଲି । କାଗଜପତ୍ରର ଯେଉଁ ବଣ୍ଡଲ୍‌ଟି ଯଶୋବନ୍ତରାଓ ପଠାଇଥିଲେ, ସେଇଟି କିଛି ବଡ଼ ନଥିଲା । ସେଥିରେ ତାଙ୍କର ଡାଇରୀଟା ଥିଲା, ଖଣ୍ଡିଏ ଖାତା ଥିଲା......ଖଣ୍ଡିଏ ଗ୍ରେଟ୍ ଖାତା, ଯହିଁରେ ନିଜର ମନୋଭାବଗୁଡ଼ିକୁ ତାଙ୍କର ମପାଚୁପା ବାକ୍ୟର ଶୈଳୀରେ ଲେଖି ରଖିଥିଲେ । ଖାତାଟା ବେଶ୍ ପୁରୁଣା । ଜଣାପଡ଼ୁଥିଲା ଯେ ଗତ ଆଠ ଦଶବର୍ଷ ହେଲା ତାଙ୍କର ଜୀବନ ଅନୁଭବଗୁଡ଼ିକ କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନରଖି ସେ ଖାତାରେ ଲେଖି ରଖିଛନ୍ତି । ଅବସର ପାଇଲେ ଯାଇ ସେସବୁ ଲେଖାକୁ ଭଲକରି ପଢ଼ିହବ । ହଁ ତହିଁରେ ଖଣ୍ଡିଏ ଚିଠି ବି ଥିଲା, ଯହିଁରେ ମୋତେ ସମ୍ବୋଧନ କରି ଢେର୍ କିଛି କଥା ଲେଖାଥିଲା । ତା ସାଙ୍ଗରେ ବ୍ୟାଙ୍କ୍‌ରୁ ନିଆ ହୋଇଥିବା ପନ୍ଦର ହଜାର ଟଙ୍କାର ଡ୍ରାଫ୍‌ଟ୍‌ଟି ମଧ୍ୟ ଥିଲା । ଡ୍ରାଫ୍‌ଟିକୁ ଦେଖିକରି ପରିଷ୍କାର ଜାଣିପାରିଲି ଯେ ଦାଦା ଉପରେ ମୋର ସନ୍ଦେହଟା ଅମୂଳକ । ତାପରେ ଏତେ ବେଶି ବିଶ୍ୱାସ ଓ ଏତେ ଦୂରରୁ ମୋ ପାଖକୁ ଏ ଡ୍ରାଫ୍‌ଟ୍‌ଟା କାହିଁକି ପଠାଗଲା । ଏହି ଦାୟିତ୍ୱକୁ ମୁଁ କିପରି ତୁଲାଇବି ? ଏହି ସମସ୍ୟାଟି ତାଙ୍କ ଚିଠି ପଢ଼ିବା ପରେ ବି ଯେମିତି ସେଇମିତି ରହିଗଲା । ଚିଠିର ଆରମ୍ଭରେ ହିଁ ଲେଖାଥିଲା—"ଏ

Digitized by PPRACHIN, SOA

ଡ୍ରାଫ୍ଟ୍ ଆପଣଙ୍କ ସକାଶେ ପଠା ହୋଇନାହିଁ । ବର୍ତ୍ତମାନ ମୁଁ ବେଶି ଦିନ ବଞ୍ଚିବି ନାହିଁ, ଏହି ସନ୍ଦେହ ମୋ ମନରେ ଉତ୍ପନ୍ନ ହେଲା, ଆଉ ଯଦି ଏହି ସନ୍ଦେହ ସତ୍ୟ ହୁଏ, ତା ହେଲେ ଆପଣହିଁ ମୁଁ ଏହା ଭାବି ଏହି ଟଙ୍କା ଆପଣଙ୍କ ନାମରେ ଖର୍ଚ୍ଚ କରିବାକୁ ପଠାହେଲି । ଏହି କାର୍ଯ୍ୟ ସହଜ ନୁହେଁ । ଏହା ମୁଁ ଜାଣେ । ଯଦି ମୋର ସନ୍ଦେହ, ସନ୍ଦେହ କିଣ, ଭୟ କହିପାରନ୍ତି, ସତ୍ୟ ହୁଏ ତ ଏହି ଟଙ୍କା ମୋ ନାମରେ ଆପଣ ରଖି ପାରନ୍ତି । ପ୍ରକୃତରେ ମୋର ସନ୍ଦେହଟା ସତ୍ୟ ହେବାର ସମ୍ଭାବନାହିଁ ଅଧିକ ଜଣାଯାଉଛି । ତା ହେଲେ ତ ମୁଁ ନଥିବି; କିନ୍ତୁ ଏତିକି ଚାହୁଁଛି ଯେ ଏହି ଟଙ୍କା କେଉଁ ଭଲ କାମରେ ବ୍ୟବହାର ହେଉ । ଦାନର ଯୋଗ୍ୟ କେତେକ ଲୋକତ ମିଳିପିବେ । ଆପଣ ଯେପରି ଉଚିତ ମନେ କରିବେ, ଖର୍ଚ୍ଚ କରିବେ । ଏଥିରୁ କିଛି ଟଙ୍କା ମୋ ଉପରେ ଆଶ୍ରିତ ତିନିଚାରିଜଣ ଲୋକଙ୍କୁ ପ୍ରତିମାସ ପ୍ରତିବ୍ୟକ୍ତିକୁ ପଚାଶଟଙ୍କା ଲେଖାଏଁ ହିସାବରେ ଦେବେ, ମୂଳଧନରୁ ହେଉ ବା ସୁଧରୁ ହେଉ । କେବଳ ଏତିକି ସାହାଯ୍ୟ ସେମାନଙ୍କୁ ମିଳୁଥାଉ ମୁଁ ଚାହୁଁଛି । ମୁଁ ଏ ଯାକେ ସେମାନଙ୍କୁ ଅଳ୍ପ ବହୁତେ ସାହାଯ୍ୟ ଦେଇ ଆସିଛି ।”

ଏତିକି ଲେଖିବା ପରେ ସେଇ ଲୋକମାନଙ୍କର ଠିକଣା ବି ସେ ମୋତେ ଦେଇଛନ୍ତି । ଚିଠିର ବାକି ଅଂଶ ବେଶ୍ ବିସ୍ତାରିତ ଭାବେ ଲେଖା ହୋଇଥିଲା । କେବଳ ତହିଁର ସାରାଂଶ ହିଁ ଆପଣମାନଙ୍କ ଆଗରେ ଉପସ୍ଥାପିତ କରୁଅଛି—

“ମୁଁ ଅନେକ ଦିନରୁ ଚାହୁଁଥିଲି ଯେ ଏହି ବିଷୟରେ ଆପଣଙ୍କ ସଙ୍ଗରେ ଆଲୋଚନା କରିବି । ଆପଣଙ୍କୁ କାହିଁକି କଷ୍ଟ ଦେବି ଏହି ଦୃଷ୍ଟିରୁହିଁ ଆପଣ ଯେତେବେଳେ ଏଠାକୁ ଆସିଥିଲେ, ମୁଁ ଆପଣଙ୍କ ସାଙ୍ଗରେ ଏ ବିଷୟରେ କଥା ହୋଇ ପାରି ନଥିଲି । ପହିଲି ଦିନ, ହଠାତ୍ ମୋ ମନରେ କାହିଁକି କେଜାଣି ଗୋଟାଏ ଭାବନା ଆସିଲା କି ମୁଁ ବେଶି କାଳ ଆଉ ବଞ୍ଚିବିନି । କାଳ କିଣ, ବହୁତ ଦିନ ଯାକେ, ମତେ ଲାଗିଲା ଆଉ ଖୁବ୍ କମ୍ ଦିନ ବାକି ଅଛି । ମୃତ୍ୟୁର ଭୟ ମୋର ନାହିଁ, କିନ୍ତୁ ଗୋଟିଏ ଚିନ୍ତା ମୋତେ ବ୍ୟାକୁଳ କରି ଦେଉଛି, ସେଇଟି ହେଲା ଏଇ ଯେ, ମୋର ଜୀବନରୁ କାହାର କିଣ ଲାଭ ହୋଇପାରିଲା । ଏହି ଗୋଟିଏ ଚିନ୍ତା ମୋତେ ବ୍ୟାକୁଳ କରୁଛି ଯେ ଜୀବନରେ ଯେତେ ମୁଁ ନେଇଛି, ମୋର ଦେବାଟା ତହିଁରୁ ଯେପରି କମ୍ ନ ହୁଏ, ବାରମ୍ବାର ବ୍ୟାକୁଳ କରୁଛି ଏହି ଚିନ୍ତାଟା । ଧନ ସମ୍ପତ୍ତି ସାଙ୍ଗରେ କିଛି ସ୍ଥାର ସମ୍ବନ୍ଧ ନାହିଁ, ସେ ହେଲା ମଣିଷର ଜୀବନର ହିସାବ ନିକାଶ । ମଣିଷ ସମାଜର ଋଣ ବହନ

Digitized by PPRACHIN, SOA

କରି ଆସିଛୁ । ତାହାରି ଋଣରେ ସେ ବଢ଼ିଛୁ, ଯେଉଁ ଋଣ ସେ ନେଇଛୁ, ମଳବେଳକୁ ସେ ଋଣ ଶୁଝି ପାରିଲେ ଯାଇ ତା ଜୀବନ ସାର୍ଥକ ହେଲା । ନଚେତ୍ ତା ଜନ୍ମଟା ସମାଜର ହାନି ବୋଲି ଜାଣିବାକୁ ହେବ । ଏତିକି ମୋର ଚିନ୍ତା । ଧନସମ୍ପତ୍ତି ଏ ଦୃଷ୍ଟିରୁ ନଗଣ୍ୟ, କିନ୍ତୁ ଏସବୁ ଜୀବିକା ସକାଶେ ଆବଶ୍ୟକ ବସ୍ତୁ ନିଶ୍ଚୟ ।

"ମୋର ବାଲ୍ୟକାଳ ମ୍ୟୁଲ୍ଲାପୁର ତହସିଲର ଗୋଟିଏ ଗ୍ରାମରେ ବିତିଲା । ମୁଁ ଟିକିଏ ଧନୀ ପରିବାରରେ ହିଁ ଜନ୍ମ ହୋଇଥିଲି, ଶିକ୍ଷା ପାଇଥିଲି, ବଡ଼ ହେଲି । କିଶୋର ଅବସ୍ଥାରେ ହିଁ ପୂର୍ବପୁରୁଷଙ୍କ ସମ୍ପତ୍ତିର ଅଧିକାରୀ ହେଲି । ଅନ୍ୟମାନଙ୍କ ଦୁଃଖ ମୁଁ ସହିପାରୁ ନ ଥିଲି । ମୋର ଦୟା ଭାବ ଟିକିଏ ବେଶି । ଯେତେବେଳେ ଯେ କେହି କାନ୍ଦିକରି ଆଖି ଲୁହ ଭରି କରି ମାଗିଲା ତାକୁ ଅଞ୍ଜଳି ଭରି ଦାନ କରିଗଲି । ସେତେବେଳେ ମୋର ଭଉଣୋଇ, ମାମୁଁ ଆଦି ବନ୍ଧୁବାନ୍ଧବମାନେ ମତେ ସାବଧାନ କରୁଥିଲେ । ସେମାନେ କହୁଥିଲେ କି 'ତୁ ବଡ଼ ଖର୍ଚ୍ଚି ।' ପ୍ରକୃତ କଥା, ମୁଁ ଖୁବ୍ ଖର୍ଚ୍ଚ କରୁଥିଲି । ଲୋକ, ଜ୍ଞାନ ନ ଥାଇ, ନିଜର ଅର୍ଜିଲା ଧନ ବି ନୁହେଁ, ତାକୁ ସବୁ ଅନ୍ୟ-ମାନଙ୍କୁ ହାତଖୋଲି ଦେବାର ଅଧିକାର ମୋର କୁଆଡ଼ୁ ଆସିଲା ? କିଛି ସମୟ ପରେ ଯାଇ ଏହି ଜ୍ଞାନ ମୋର ଆସିଲା । ଯାହା କିଛି ପାଖରେ ଥିଲା, ସେସବୁ ହରାଇଲା ପରେ, ପୁଣି କିଛି କଷ୍ଟରେ ପଡ଼ିବା ପରେ ଅକଲ ହେଲା । ସ୍ଥିର ଗୋଟିଏ ପ୍ରତିଜ୍ଞା ହେଲା ଏହି ଯେ ମୋର ଆଉ କାହାରିକି ବିଶ୍ୱାସ କରିବା ଉଚିତ ନୁହେଁ । ମନରେ ଏତିକି ତିକ୍ତତା ଉତ୍ପନ୍ନ ହେଲା ଯେ ମାନବ ସମାଜ ଉପରୁ ହିଁ ବିଶ୍ୱାସ ତୁଲିସିବାକୁ ବସିଲା ।

ଏହାପରି କହିବାକୁ ଗଲେ ପଚିଶ ବର୍ଷ ଯାଏଁ ମୋର ଜୀବନଟା ବିଚିତ୍ର ଶୂନ୍ୟ ଉଚ୍ଛୃଙ୍ଖଳତା ଭିତରେ ହିଁ ବ୍ୟତୀତ ହେଲା । ଇତି ମଧ୍ୟରେ ମୋର ବିବାହ ହୋଇ ସାରିଛି । ମୁଁ ଷୋଳଣା ଗେରସ୍ତ ବନିକରି ଗୋଟିଏ ପିଲାର ବାପ ବି ହୋଇ ଗଲିଣି । ଏହା ପରେ ମୋର ଆର୍ଥିକ ଅବସ୍ଥା ଖରାପରୁ ଖରାପ ହୋଇ ଚାଲିଲା । କରଜ ବି ନେବାକୁ ଆରମ୍ଭ କଲି ଏବଂ ଚିନ୍ତିତ ହୋଇ ରହିଲି । ମୁଁ ଏତିକି ତିକ୍ତ ସତ୍ୟ ଜାଣିଗଲି ଯେ ଯେଯାଏଁ ମଧୁ ରହିଥିବ, ସେ ଯାଏଁ ଭ୍ରମର ଆସି ଫୁଲରେ ଲାଗି ରହିଥିବେ । ତଥାପି ମୁଁ ଧୈର୍ଯ୍ୟ ହରାଇନାହିଁ; କାହିଁକିନା ମୋ ପାଖରେ ପୈତୃକ ସମ୍ପତ୍ତି ରହିଛି, କରଜରେ ଲଗାଣ ହୋଇଥିବା ଧନ ବି କିଛି ବଳିଛି । ପୁଣି ମନେହେଲା, ସଂସାରରେ କଣ ଖାଲି ହାତରେ ଜନ୍ମ ହୋଇକରି ଫଳେ ପୁଷ୍ଟି କମାଇ ବାର ଲୋକ ନାହାନ୍ତି କି ? ଆଉ ସେଇଦିନଠାରୁ ମୁଁ ମୋ ଜୀବନର ଗତି ବଦଳାଇ ନେଲି । ମୋର ମାମୁଁଘର ପାଖରେ କୁମଣ୍ଡା ବାଲି ଗୋଟିଏ ବଡ଼ ଗାଁ ଅଛି । ସେଇଠି

Digitized by PPRACHIN, SOA

ମୁଁ ଘରକରି ରହିଗଲି । ଗୋଟିଏ ବେପାରୀ ସାଙ୍ଗରେ ମିଶିକରି ମୁଁ ମୋ ଜୀବନର ନୂଆ ଅଧ୍ୟାୟ ଆରମ୍ଭ କଲି । ପ୍ରଥମରୁ ଏପରି ଜୀବନ କଷ୍ଟକର ଲାଗିଲା । ତଥାପି ନିଜ ମେହନତର ଫଳ ରୂପେ ହେଉ ବା ଅନୁକୂଳ ପରିସ୍ଥିତି ରହିଥିବାରୁ ହେଉ, ମୁଁ ଖୁବ୍ ଟଙ୍କା ଅର୍ଜିଲି । ଯେତେ ନଷ୍ଟ କରିଥିଲି, ତହିଁରୁ ବି ବେଶି; କିନ୍ତୁ ଏହି ସାଫଲ୍ୟ ଫଳରେ ଯେତେଟା ଖୁସୀ ଲାଗିବାର କଥା, ମୋତେ ସେତେଟା ଲାଗିଲା ନାହିଁ । ସେ ସଫଳତା ତ ଖାଲି ଟଙ୍କା ପଇସା ସମ୍ପର୍କୀତ ସଫଳତା । ମନେ ହେଲା, ମନୁଷ୍ୟ ଜୀବନ ପ୍ରତି ଯେଉଁ ତିକ୍ତତା ମୋ ମନରେ ମୁ ପୂରାଇ ଦେଇଛି, ତାହାରି ସକାଶେ ମୁଁ ଏତେ ଗୁଡ଼ାଏ ସମ୍ପତ୍ତି ଅର୍ଜି ପାରିଲି । ଯୋଉଠି ପଇସା ଅଛି, ସେଠି ମୋହ ଅଛି, ଦୁରାଶା ଅଛି, ସ୍ୱାର୍ଥ, ରହିଛି ତିକ୍ତତା ଅଛି । ସେହି କାରଣରୁ ପତ୍ନୀ-ପୁତ୍ର-ଝିଅ ସମସ୍ତେ ମୋର ଶତ୍ରୁ ଭଳି ହୋଇଗଲେ । ପ୍ରକୃତ କଥା ମୁଁ ଲୋଭୀ ହୋଇ ଯାଉଥିଲି । ଏହି ଅଧ୍ୟାୟକୁ ଶେଷ କରିବା ଉଦ୍ଦେଶ୍ୟରେ, ଯେଉଁ ସମ୍ପତ୍ତି ମୋତେ ପୂର୍ବପୁରୁଷଙ୍କଠାରୁ ମିଳିଥିଲା, ତହିଁରେ ଆଉ କିଛି ମିଶାଇ ମୁଁ ସେତକ ପତ୍ନୀ-ପୁତ୍ରଙ୍କ ଜିମା କଲି ଓ ଦିନେ ଗାଁ ଛାଡ଼ି ଅଦୃଶ୍ୟ ହୋଇଗଲି । ଆପଣ ଯେତେବେଳେ ବମ୍ବେରେ ମୋତେ ଦେଖିଥିଲେ, ସେତେବେଳେ ମୁଁ ସେହି ସହରରେ ଗୋଟାଏ ବିଚିତ୍ର ବାନପ୍ରସ୍ଥ ଅବସ୍ଥାରେ ରହୁଥିଲି । ଲୋକେ କହନ୍ତି, ପ୍ରାଚୀନକାଳରେ ଗୃହସ୍ଥ ଲୋକମାନେ ବାନପ୍ରସ୍ଥ ସକାଶେ ଅରଣ୍ୟକୁ ଚାଲିଯାଉଥିଲେ । ମୁଁ ସେପରି ଅରଣ୍ୟ ନ ପାଇ ବମ୍ବେ ପରି ଜନାରଣ୍ୟରେ ଆସି ବସା ବାନ୍ଧିଲି ଓ ଅଜ୍ଞାତ ବ୍ୟକ୍ତି ଭଳି ଜୀବନ ବିତାଇ ଲାଗିଲି । ପଡ଼ୋଶୀ ଜମଶେର୍ ବାବୁ କଣ୍ଟ୍ରାକ୍ଟରଙ୍କୁ ଛାଡ଼ିଦେଲେ କୌଣସି ଲୋକ ସାଙ୍ଗରେ ମୁଁ ନିଜର ସମ୍ବନ୍ଧ ଯୋଡ଼ିଲି ନାହିଁ । ସେହି ପାର୍ସି ପରିବାର ସଙ୍ଗରେ ମଧ୍ୟ ମୋର ସମ୍ପର୍କ କିଛି ଅନ୍ତରଙ୍ଗ ନଥିଲା; କିନ୍ତୁ ଯେବେ କାହାରି ସାଙ୍ଗରେ ମନଖୋଲି କେବେ କଥା ହୋଇଥାଏ, ସେ କେବଳ ଚାକର ଦାଦା । ଦାଦା ପେଟ ଚାଖଣ୍ଡିକ ଭରିବା ପାଇଁ ମୋର ଚାକର ହୋଇ ରହିଲା । ଆମେ ଯେତେ ଚାହୁଁ ମଣିଷଙ୍କ ସାଙ୍ଗରେ ସମ୍ପର୍କ ରଖିବୁ ନାହିଁ, ତଥାପି ସେମାନଙ୍କ ବିନା ଆମେ ବଞ୍ଚି ପାରିବାନି । ଯେଉଁ ମୋହ ବନ୍ଧନକୁ ମୁଁ ନିଜ ପିଲାଙ୍କଠାରୁ ଛିଣ୍ଡାଇ ଆଣିଥିଲି, ସେଇ ବନ୍ଧନ ଦାଦା ଉପରେ ବଢ଼ିବାକୁ ଲାଗିଲା । ଧୀରେ ଧୀରେ ସେ ବି ଜାଣି ପାରିଲା ଯେ ମାନବ ମୋହ ମୋର ଦୁର୍ବଳତା । ସେ ଆସିଥିଲା ଚାକର ହୋଇକରି ଏବଂ 'ଦାଦା'ଡାକର ଆତ୍ମୀୟ ସମ୍ବୋଧନର ମଧ୍ୟ ଅଧିକାରୀ ହୋଇଗଲା । ଶେଷକୁ ମୋ ଉପରେ ତାର ଅଧିକାର ମୋର ବଡ଼ ଭାଇଠାରୁ ବେଶି ହୋଇଗଲା । ତା ସାଙ୍ଗରେ ଚାକର ଭଳି ବ୍ୟବହାର କରିବା ମୋ ପକ୍ଷରେ ଅସମ୍ଭବ ଥିଲା । କାମରୁ ତାକୁ ବାହାର କରିଦେବାକୁ ଅବଶ୍ୟ ମୋତେ ଦଣ୍ଡେ ଲାଗି ନ ଥାନ୍ତା ।

Digitized by PPRACHIN, SOA

ମୁଁ ତ ଅନୁକମ୍ପାପୂର୍ଣ୍ଣ କ୍ଷଣରେ ତାକୁ କଥା ଦେଇଥିଲି ଯେ ଯେ ଯାକେ ମୁଁ ବଞ୍ଚିଥିବି ସେ ପର୍ଯ୍ୟନ୍ତେ ତାର ଦେଖାଶୁଣା କରୁଥିବି । ଏହି କଥା ରଖିବା ସକାଶେ ହିଁ ବହୁତ ଦିନ ଯାକେ ତାକୁ ପାଖରେ ରଖିଥିଲି; କିନ୍ତୁ ସେ ମଧ୍ୟ ମୋତେ ଠକିବା ଆରମ୍ଭକଲା । ସେ ମୋ ପଇସା ଚୋରି କରିବାକୁ ଆରମ୍ଭ କଲା । ପାଖ ପଡ଼ଶାର ପିଲାଙ୍କ ସାଥିରେ ଅବିଶ୍ୱାସପୂର୍ଣ୍ଣ କଥାବାର୍ତ୍ତା କଲା ଏବଂ ଶେଷକୁ ଆପେ ବୁଜୁଳାବାନ୍ଧି ଚାଲିଗଲା । ଏଣେ ବର୍ଷେ ହେଲା ମୋ ଦେହଟା ଖୁବ୍ କମ୍‌ଜୋର ହୋଇ ଯାଉଛି । ତା ସତ୍ତ୍ୱେ କୁମ୍ଭାରେ ଥିବା ମୋର ବନ୍ଧୁଜନଙ୍କ ପାଖକୁ ଲେଉଟିବାର ଇଚ୍ଛା ମୋର କେବେ ହେଲେ ହୋଇନାହିଁ । ସେମାନଙ୍କର କିଛି ଖବର ବି ମୋତେ ମିଳିନାହିଁ ।

"ସେଦିନ ପୁନାରୁ ବମ୍ବେ ଆମେ ଦୁହେଁ ଏକାଠି ଆସୁଥିଲେ, ମନେ ଅଛି ନା ? ସେହି ଦିନଠାରୁ ଆପଣଙ୍କ ପ୍ରତି ମୋର ସ୍ନେହଭାବ ବଢ଼ି ଯାଇଥିଲା । ଆପଣଙ୍କୁ ମୋର ଜୀବନର ପ୍ରତୀକ ପରି ମନେ ହୋଇଥିଲା । ମନେ ହେଲା ଆମ ଦୁହିଁଙ୍କ ଭିତରେ ଗୋଟାଏ ଭ୍ରାତୃତ୍ୱର ସମ୍ବନ୍ଧ ରହିଛି ।...ମୋର ଏକାକୀ ଜୀବନ ସକାଶେ ବମ୍ବେ ଆଶ୍ରୟସ୍ଥଳ ହୋଇ ଥିଲା, ତଥାପି ମୋର ମନେ ହେଲା ଯେ ଅନ୍ତିମଜୀବନ କ୍ଷଣ ଲାଗି ଏ ସ୍ଥାନ ଉଚିତ ହେବନାହିଁ । ଯେତେବେଳେ ଭାବେ ମୁଁ କୁଆଡ଼କୁ ଯିବି, ସେତେବେଳେଇ ମୋର ଆପଣଙ୍କ କଥା ମନେ ପଡ଼େ । ମନେ ହେଉଛି, ଆପଣଙ୍କ ପାଖରେ ଥାଆନ୍ତି କି, ମୋ ଜୀବନର ପୂରା ଇତିହାସଟି ଆପଣଙ୍କୁ ଶୁଣାଇଥାନ୍ତି । ମୋ ଜୀବନରେ ଯେତିକି ସମସ୍ୟା, ସନ୍ଦେହ ଓ ଦୁଃଖ ମୋତେ ଉଦ୍‌ବେଳିତ କରିଅଛି, ସେତିକି ତ ଆଉ ଆପଣଙ୍କ ଉପରେ ବୋଝ ବଢ଼ା କରି ଲଦୁନାହିଁ । ଏଇଥିପାଇଁ ଆପଣଙ୍କୁ ଚିଠି ଲେଖି ପଚାରୁଥିଲି—"କେବେ ଆସୁଛନ୍ତି ?" ନିଜ ଇତିହାସ ଶୁଣାଇବାର ଉତ୍କଟ ଆକାଙ୍‌କ୍ଷା ଯେଣୁ । ଦାଦା ଚାଲିଯିବା ପରେ କେଜାଣି କାହିଁକି ମତେ ଲାଗୁଛି ଯେ ଜୀବନ-ନାଟକର ଶେଷ ଦୃଶ୍ୟ କ୍ଷିପ୍ର ଆଗେଇ ଚାଲିଛି ଏବଂ ପରଦା ପଡ଼ିବା ଉପରେ । ଯେବେ ପଡ଼ୁ ପଡ଼ୁ ସେ ରହିଯାଏ, ତାହେଲେ ଦିନେ ହଠାତ୍ ଆପଣଙ୍କ ସ୍ଥାନକୁ ବି ଚାଲିଯାଇପାରେ । ପର୍ଦ୍ଦା ପଡ଼ିଗଲେ ମୋର ସ୍ମୃତି-ମାନ ମୋର ସଙ୍ଗରେ ଜଳିଯିବେ ନାହିଁକି ? ଏହି ହଜାର ହଜାର ସ୍ମୃତି ଭିତରୁ ଆଠ ଦଶଟା କଣ ଏମିତି ଭଲ କଥା ନଥିବ, ଯାହାକି ଆଉ କାହାକୁ ଶୁଣାଇ ହେବ । ଏହି କଥା ଭାବି ଯାହା କିଛି ମୁଁ ଲେଖିପାରିଛି, ତାହା ଆପଣଙ୍କ ପାଖକୁ ପଠାଉଛି ।

"ଏଣେ ଦି'ଦିନ ହେଲା ଯେତେବେଳେ ଆଖିବୁଜି ଶୋଉଛି, ସେତେବେଳେ ରହି ରହି ମୋତେ ମୋ ମାଙ୍କର ବିସ୍ମୃତ ରୂପ ଦେଖା ଯାଉଛି । ମତେ ଲାଗୁଛି ଯେପରି ମୋତେ ସେହି ରୂପ ଡାକି, କହୁଛି 'ଆ ବାପ, ନାଟକ ଶେଷ ହୋଇ

Digitized by PPRACHIN, SOA

ଯାଇଛି । ତୁ ତୋ କାମ କରି ସାରିଛୁ ।' ନାଟକର ପାତ୍ର ହେଲେ ବି ତାନେ ତହିଁରୁ ମୁକ୍ତ ହେବା ବି ତ ଦରକାର ନା ନାହିଁ ? ଯାତ୍ରାଡାଙ୍ଗରେ ବେଶ ଭୂଷାକୁ ଫୋପାଡ଼ିବା ଅପେକ୍ଷା ସେଗୁଡ଼ିକ ଭବିଷ୍ୟତର ଅଭିନେତାଙ୍କ ସକାଶେ ରଖିଦେବା ଉଚିତ କର୍ତ୍ତବ୍ୟ ନୁହେ କି ? ମୁଁ ଯାହା ସବୁ ପଠାଉଛି, ସେସବୁ ସେହି ନାଟକୀୟ ବେଶଭୂଷା ମାତ୍ର ।"

ଏହି ଏକ ଅପୂର୍ବ ପତ୍ର । ତାକୁ ଗୋଟିଏ ଅମୂଲ୍ୟ ଉପହାର ହିଁ କହିବା ଉଚିତ । ତା ସାଙ୍ଗର ସେଇ ପନ୍ଦର ହଜାର ଟଙ୍କାର ଡ୍ରାଫ୍‌ଟ୍‌ଟା ତ ବିଲ୍‌କୁଲ୍ ନଗଣ୍ୟ । ଟଙ୍କାଟା ତାଙ୍କର ତାଙ୍କର ଇଚ୍ଛା ଅନୁସାରେ ଖର୍ଚ୍ଚ ହବା ଦରକାର । ବମ୍ବେରୁ ଯଦି ସେ ମୋ ଗାଁକୁ ଆସିଯାଇଥାନ୍ତେ ତାହେଲେ ମୋତେ ଏ କଥାର ଚିନ୍ତା ଆସିନଥାନ୍ତା । ତାଙ୍କର ଟଙ୍କା ବିଷୟରେ ମୋର ଯାହା ଭାବନା ଥିଲା, ସେସବୁ ଦୂର ହୋଇଗଲା; କିନ୍ତୁ ଅତ୍ୟନ୍ତ ବିଶ୍ୱାସ ସହିତ ସେ ଯେଉଁ ଡାଇରୀଖଣ୍ଡିକ ମୋପାଖ୍‌କୁ ପଠାଇଛନ୍ତି, ତହିଁରେ ଗୁନ୍ଥା ସ୍ମୃତିର ପନ୍ନୋକଣ୍ଠି ଗୁଡ଼ିକ ବାହାର କରି ପରଖିବା ଦରକାର, ଦେଖିବା ଦରକାର । ତାଙ୍କ ଘରୁ ଯେଉଁ ଚିଜଗୁଡ଼ିକ ମୁଁ ସାଙ୍ଗରେ ଆଣିଛି ସେଗୁଡ଼ିକ ଭଳି ଗଭୀର ଭୂମିକା ଏଗୁଡ଼ିକର ବି ରହିଛି । ତାଙ୍କ ବିଷୟରେ ମୋର ଅନେକ କିଛି ଜାଣିବାକୁ ବାକୀ ଅଛି । ମୋତେ ଯାଇ ବି ଜାଣିବାକୁ ହବ ତାଙ୍କର ଜନ୍ମସ୍ଥାନ କୋଉଠି, ଯେଉଁ ଗୃହର ଗ୍ରାସ୍ଥାରେ ସେ ଏଡ଼େଟିରୁ ଏଡ଼େଟିଏ ହେଲେ, ସେ ଗୃହ କିପରି, ତାଙ୍କର ଦାମ୍ପତ୍ୟ-ଜୀବନ କିପରି ଥିଲା, ତାଙ୍କର ସଂସ୍କାର କିପରି, ତାଙ୍କୁ ତହିଁରୁ ମିଳିଥିବା କଡ଼ା ମିଠା ଫଳ ବା କଣ । ଏସବୁ ମୋତେ ଜାଣିବାକୁ ହବ । ଶେଷଜୀବନ ଯାକେ ଯେଉଁମାନଙ୍କୁ ସେ ସାହାଯ୍ୟ କରିଗଲେ, ସେମାନଙ୍କର ଯୋଗ୍ୟତା କଣ । ସେମାନଙ୍କୁ ମୋର ଦେଖିବା ଉଚିତ । ତାଙ୍କର ଜୀବନଟାକୁ ଯେବେ ମୁଁ ଜାଣି ପାରିବି, ତା ହେଲେ ତାଙ୍କର ସ୍ମୃତିରୁ ମୋର ଖୁବ୍ ଲାଭ ହବ—ତାଙ୍କଠୁ ମୋର ଆଉ ମୋଠୁ ଭାବୀ ବଂଶଧରଙ୍କର ।

ତାଙ୍କର ସକଳ ସ୍ମୃତି ଵେଦ- ସମୁଦାୟରେ ପରିଣତ ହେଉଅଛି । ଅର୍ଥର ଗ୍ରାସ୍ଥା ଦେଉଥିବା ବାକ୍ୟରେ ପରିଣତ ହେଉଅଛି; କିନ୍ତୁ ସେଗୁଡ଼ିକ ସବୁ କିଛି ବୁଝାଇ ପାରିବନି । ଉପନିଷଦମାନଙ୍କରୁ ଓ ବୁଦ୍ଧଙ୍କ ପରି ଦେବତାଙ୍କ ବାଣୀରୁ ଆମକୁ ଧର୍ମର ଜ୍ଞାନ ମିଳି ଅଛି, ମିଳୁ ଅଛି । ଏମିତି ଅନ୍ୟମାନଙ୍କ ଭଳି ମୁଁ ବି ବେଶ୍ ଜାଣିବା ଶୁଣିବା ଲୋକ; କିନ୍ତୁ ମୋର ଏହି ଜ୍ଞାନ କଣ ନରେ ଲୋ ପାଣ୍ଡିତ୍ୟ, ବରଂ ବୋଧହୁଏ ମୂର୍ଖତା ପୂର୍ତ୍ତି ବି । ଗୋଟିଏ ସମାଜ, ଗୋଟିଏ କାଳ, ସେ କାଳର ବିଶ୍ୱାସ, ସେ ସମାଜର

Digitized by PPRACHIN, SOA

ବିଭିନ୍ନ ସନ୍ନିବେଶ, ସେହି ସନ୍ନିବେଶର ଅଂଶୀଦାର ବିଭିନ୍ନ ପାତ୍ର ଚରିତ୍ରଙ୍କ ପ୍ରସଙ୍ଗରୁ କିଛି କହିବାର ଇଚ୍ଛା ହୁଏ। ଏହି ଇଚ୍ଛା ବାରମ୍ବାର ଜାଗିଉଠେ । କାଳ ବିତିଗଲେ, ତାତ୍କାଳିକ ପରିସ୍ଥିତି ବିଷୟରେ ଅବଗତ ମଣିଷମାନଙ୍କର ମୃତ୍ୟୁ ହୋଇଯିବା ପରେ ଆମଲାଗି କେବଳ ଜଡ଼ ବାକ୍ୟ ବାକି ରହିଯାଏ। ଗୋଟିଏ ଗୋଟିଏ ଶବ୍ଦ ଅଠେଦଶଟା କରି ଅର୍ଥ ବୁଝାଏ । ଏପରି ଶବ୍ଦରୁ ତିଆରି ଚଗଡ଼ମାଳୀ ମିଶା ବାକ୍ୟ। ଏହାରି ସାହାଯ୍ୟରେ ବୁଦ୍ଧଙ୍କ ବାଣୀ ବ୍ୟକ୍ତ ହେଲା, ବାଲ୍ମୀକି ରାମଙ୍କ ମୁଖର ଭାଷା ଫୁଟାଇଲେ, କୃଷ୍ଣ ବି ଗୀତା କହି ପାରିଲେ । ସେ କେମିତି ଧପ୍ପାବାଜ ? ମୁଁ ତ କିଛି ବୁଝି ପାରିଲିନି । କଥାଗୁଡ଼ା କହିଥିବା ଲୋକଙ୍କ ଯୁଗ ହଜାର ହଜାର ବର୍ଷ ଆଗରୁ ବିତିଗଲାଣି। ପ୍ରତ୍ୟେକ ଶବ୍ଦ ତାର ମୂଳ ଅର୍ଥ ହଜାଇ ବସିଛି ବୋଧହୁଏ । ପୁଣି ହୁଏତ ସେଗୁଡ଼ିକୁ ନୂଆ ନୂଆ ଅର୍ଥ ମିଳିଛି। ଅଜିର ଭାଷାରୁ କିଏ ମୂଳ ଅର୍ଥ ଜାଣି ହେବ ?

ଯଶୋବନ୍ତରାୟ ବାବୁଙ୍କର ଡାଇରୀର ପୃଷ୍ଠାଗୁଡ଼ିକ ଓଲଟାଇ ଦେଖିଲି, ତହିଁରେ ଯେଉଁ ବାକ୍ୟସବୁ ବିଛାଇ ପଡ଼ିଥିଲା, ଉପଯୁକ୍ତ ଭୂମିକା ଓ ପରିସ୍ଥିତି ବ୍ୟତୀତ ସେଗୁଡ଼ିକ ବି ଅପୂର୍ଣ୍ଣ ଚିତ୍ର ଉପସ୍ଥାପିତ କରୁଥାନ୍ତି। ତାଙ୍କର ଅଙ୍କିତ ଅଠେଦଶଖଣ୍ଡି ଚିତ୍ର ଯେତେବେଳେ ଆଖି ଆଗରେ ଖୋଲି ଧରେ, ସେତେବେଳେ ଲାଗେ, ସେ କିଛି କହିବାକୁ ଚାହୁଁଥିଲେ ପରା। ଚିତ୍ର ତ କାଳର ଆଦିଅନ୍ତହୀନ ଦଲିଲ୍ । ସ୍ଥିର କ୍ଷଣର ରସ ଭାବର ପ୍ରତିବିମ୍ବ ମାତ୍ର । ସେହି ଚିତ୍ରଗୁଡ଼ିକ ଭିତରୁ ଯେଉଁ ବ୍ୟକ୍ତି ଉଙ୍କିମାରି ଦେଖାଯାଉଛି, ସେ କିଏ ସେ ? ସେ ଯେବେ ପୂରାପୂରି ଉଚ୍ଛୁଳି ପଡ଼େ ତାହେଲେ ହୁଏତ ଭଲକରି ତାର ଅର୍ଥ ବୁଝାଯାଇ ପାରିବ। ମୋର ଏସବୁ କଥାତକ ଆପଣ-ମାନଙ୍କୁ ପ୍ରହେଳିକା ପରି ଲାଗୁଥିବ। ମୋତେ ଯେପରି ଅନୁଭବ ହେଉଛି, ସେଗୁଡ଼ିକ ମୋ ସାମର୍ଥ୍ୟ ଅନୁସାରେ ସୁସମ୍ବଦ୍ଧ ଭାବରେ ସଜାଇ ଶୁଣାଉଛି । ଗଳ୍ପ ଶୁଣାଇବା ଆଗରୁ ମୋର ଯଶୋବନ୍ତରାୟଙ୍କ ସାଙ୍ଗରେ ପ୍ରଥମ ପରିଚୟ ବିଷୟରେ ଯେପରି କିଛି କହିବାକୁ ଚାହୁଁଛି।

ଆଜିଠାରୁ ଛଅବର୍ଷ ଆଗର କଥା । ଗରମ ସମୟ। ମୁଁ ରେଲରେ ଧାରୱାଡ଼ଠାରୁ ବମ୍ବେ ଯାଉଥିଲି । ଆଗ ଦିନର ସାରାରାତି ଗାଡ଼ିରେ କଟାଇ ସାରିଛି। ସକାଳୁ ପୁନାରେ ପହଞ୍ଚି ବମ୍ବେର ଗାଡ଼ି ଧରିବାର ଥିଲା, ତେଣୁ ବମ୍ବେର ଗାଡ଼ିରେ ପଶିଗଲି। ପହିଲା ଦର୍ଜାର ଡବାରେ ଯେତେବେଳେ ପଶିଲି, ଦେଖିଲି, ସେଇଟା ବେଶ୍ ବଡ଼; କିନ୍ତୁ ମୋ ପହଞ୍ଚିବା ଆଗରୁ ହିଁ ଡବା ଲୋକ ଭିଡ଼ ଓ

Digitized by PPRACHIN, SOA

ଜନ୍ତପତ୍ରରେ ଭରି ଯାଉଛି । ମୋ ପାଖରେ ଜନ୍ତ ବେଶି ନ ଥିଲା…କେବଳ ଗୋଟିଏ ବେଡ଼ିଂ ଥିଲା । ତାକୁ ନେଇ କୁଲି ଉବାର ଗୋଟେ ଆଡ଼ୁ ପଶିଲା ତ ମୁଁ ଆଉଆଡ଼ୁ । ପରସ୍ପରକୁ ଖୋଜିବାରେଇ ବେଶ୍ କିଛି ସମୟ ଲାଗିଗଲା । ତେଣୁ ବସିବାକୁ ଜାଗା ମିଳିବାରେ ଖୁବ୍ ହଇରାଣ ହେଲି । ଝରକା ବାହାରେ ଦୃଶ୍ୟର ପସରା ଦେଖିବାର ଇଚ୍ଛାଟି ମୋର ଆଉ ପୂରଣ ହେଲା ନାହିଁ । ମୁଁ ମ୍ୟାଡ଼କୁ ବସିଥିଲି । ଝିଡ଼କା ପାଖରେ ଜଣେ ବୃଦ୍ଧ ବ୍ୟକ୍ତି ବସିଥିଲେ । ସେ ସାଧାସିଧା ପୋଷାକ ପିନ୍ଧିଥିଲେ । ସାମନାପଟେ କୋଉ କଲା ସାହାବଙ୍କ ପରିବାର ବସିଥିଲେ । ସେମାନେ ବୋଧହୁଏ ଗୋଆରୁ ଆସୁଥିବେ । ସେ ଏମିତି ଢଙ୍ଗ ଦେଖେଇ ଆଟ ଉପରେ ବସିଥାନ୍ତି, ଯେମିତିକ ସିଧା ଇଂଲଣ୍ଡରୁ ଆସୁଚନ୍ତି କି ଆଉ ! ମୋ ପାଖକୁ ଯେଉଁ ଭଦ୍ରଲୋକ ଜଣକ ବସିଥିଲେ ସେ ମୋଠୁ ବୟସରେ ଦଶବର୍ଷ ଭଲ ବଡ଼ ହେବେ ପରା । ସେବି ଯାଇବ । ହେମାନେ ସମସ୍ତେ କଥାବାର୍ତ୍ତାର ଝଂଝଟରୁ ମୁକ୍ତ ରହିବାବାଲା ଜଣା ପଡ଼ିଲେ ।

ବର୍ତ୍ତମାନ ସୁଦ୍ଧା ସକାଳର ଜଳଖିଆ ବ ହୋଇନାହିଁ । କଫି ପିଇବାକୁ ଖୁବ୍ ଇଚ୍ଛା ହେଉଥାଏ । ତେଣୁ ମୁଁ ଏପଟ ସେପଟ ଚାହିଁ ଦେଖୁଥାଏ । …ପାଖର ଭଦ୍ରଲୋକ ଜଣକ ପଚାରିଲେ, "କଣ ଜନ୍ତ କିଛି ମିସ୍‌ପ୍ଲେସ୍ ହେଇଗଲାକି ?" ଏ ସେହି ଭଦ୍ରଲୋକ ଯେ କି ମୋଠୁ ଦଶବର୍ଷ ବଡ଼ ଭଳି ଲାଗୁଥିଲେ ଏବଂ ଯାଙ୍କର ନାମ ଯଶୋବନ୍ତରାୟ ।

"ନା ଜଳଖିଆ ଖୋଜୁଛି । ରାତିରେ ଭଲକରି ଖାଇ ପାରିନଥିଲି । ସେଥିପାଇଁ ରେଷ୍ଟୋରାଁ ବାଲାକୁ ଖୋଜୁଛି ।"

"ଏଇଲାଗେ ଆସିଯିବ । ଆସିବା ତା କାମ । …" ସେ କହିଲେ । ଗାଡ଼ି ଗ୍ରାଡ଼ି ଦେଲା । ରେଷ୍ଟୋରାଁ ବାଲା ଟୋକାଯାକ ଏପଟ ସେପଟ ହେଲେ । ମୁଁ ଚୁଟ୍‌କି ମାରି ତାଙ୍କୁ ସବୁ ଡାକିଲି, କିନ୍ତୁ ତାଙ୍କୁ ତା ଶୁଣାଗଲା ନାହିଁ କି ଦେଖାଗଲା ନାହିଁ । ଯାହାର ପ୍ରଧାନ କାରଣ ହେଲା ମୋର ସାଧାସିଧା ପୋଷାକ । ସାହେବଙ୍କ ଗୋଠରେ ମୁଁ ତାଙ୍କୁ ଚେଲାଟାଏ ପରି ଦିଶୁଥିବି ! ମୋର ବୃଦ୍ଧ ମିତ୍ର ଜଣକ ! 'ଏ ବୟ !' କହି ଡାକିଲେ ଜଣକୁ । 'ଏଇଲାଗେ ଆସୁଛି' କହି ସେ ଟୋକା ଯେ ଗଲା ଯେ ଆଉ ଫେରିବା ନାଁ ନାହିଁ । ସେଇଠୁ ସେ ତାଙ୍କ ମୁହଁ ମୋ ଆଡ଼କୁ ବୁଲାଇ ପଚାରିଲେ, "ଆପଣଙ୍କର ବ୍ରେକ୍‌ଫାଷ୍ଟ୍‌ରେ କଣ ଦରକାର ?"

"କାହାର ସକାଶେ ହେଲେ ସେ ଟୋକା କଣ ଆସିଲା ?" ମୁଁ କହିଲି ।

Digitized by PPRACHIN, SOA

"ହଉ ନ ଆସୁ । ଏଇଲା ମୋର ବି ଜଳଖିଆ କରିବାର କଥା । ଆପଣ କଣ କଣ ନେବେ ?"

"ସେ ଆଗ ଆସୁ··· ।"

"ଟୋଷ୍ଟ୍, କଫି···ବାସ ଏତିକ ତ ? ନା ଅମଲେଟ୍ ?

"ମୁଁ ଅମଲେଟ୍ ଖାଏନା··· " କଥାଟା କହୁ କହୁ ସେ ଉଠିକରି ମ୍ୟାନେଜର ପାଖକୁ ଚାଲିଗଲେ । ମୋ ତରଫରୁ ସେ ଯାଇ ପ୍ରତିବାଦ କଲେ । ଆଉ ଦୁଇଟା ଟୋକାଙ୍କୁ ନେଇ ନିଜେ ଯାଇ ଜଳଖିଆ ଦୁଇ ପ୍ଲେଟ ଅଣାଇ ଗୁଡ଼ିଲେ । ଆଉ ତାପରେ ବସୁବସୁ ଅଟ୍ଟା କରି କହିଲେ, "ଟୋକାଯାକ ବୁଝି ଯାଇଥିବେ ଯେ, ଆମେ ଜଳଖିଆ ଲାଗି ବେଶି ପଇସା ଦବା ଲୋକ ନହୁଁ ।" ମୁଁ ବି ହସିଲି, ସେ ବି ହସିଲେ । ଜଣେ ବୟ ଆଣି ଦୁଇଟା ରେକାବିରେ ଜଳଖିଆ ଥୋଇଲା···ଟୋଷ୍ଟ, ଚଜ, ଶିମ୍ବ ଆଉ କଡ଼ା କଫି ! ମୁଁ ଏତେ ଭୋକିଲା ଥିଲି ଯେ ମୋ ଦୃଷ୍ଟି କେବଳ ଜଳଖିଆ ଉପରେ ଲାଖି ରହିଥିଲା । ଜଳଖିଆ ଶେଷକରି ମୁଁ ପ୍ଲେଟଯାକ ଗୋଡ଼ ପାଖରେ ଥୋଇଦେଲି । ଟ୍ରେଟକ ନେଇଯିବାକୁ ବି ସେ ଟୋକାଙ୍କୁ ଡାକିବାକୁ ହେଲା । ତା ସହିତ ଗୋଟିଏ 'ବିଲ୍' ବି ପହଞ୍ଚିଗଲା । ଗୋଟିଏ ବିଲ୍ ଦେଖି ମୋତେ ଟିକିଏ ଆଶ୍ଚର୍ଯ୍ୟ ଲାଗିଲା । ବ୍ୟାଗରୁ ପଇସା ବାହାର କରି ଦେଉଥିଲି, ସେ ମହାଶୟେ ମୋ ହାତ ଅଟକାଇ କହିଲେ, 'ଅଡ଼ର ମୁଁ ଦେଇଥିଲି କି କିଏ ଦେଇଥିଲା ? ଇଚ୍ଛା ମୋର ଥିଲା ନା ଆଉ କାହାର ?' ମୁଁ କହିଲି, "ଅନ୍ତତଃ ମୋ ନିଜ ଜଳଖିଆର ପଇସାଟାତ ମୋର ଦବା ଦରକାର ?" ରେଳଗାଡ଼ିରେ ଏସବୁ 'ତୁ ମୁଁ, ଫେର୍ ଗୋଟାଏ କଣ ?' କହିକରି ସେ ମୁରୁକି ହସିଲେ । ସେ ମୋତେ ପଇସା ଦିଆଇ ଦେଲେନାହିଁ । ମୁଁ ଭାବିଲି 'ସ୍ୱେ ପୁଣି କେମିତିକା ମଣିଷ କହିକ !'

"ଏକୁଟିଆ ଖାଇବାର ଅଭ୍ୟାସ ନାହିଁ । ଏଇଥିପାଇଁ ଯ୍ୱା କଲି ।" ସେ କହିଲେ ।

"ଆପଣ ବଡ଼ ।"

"ବୟସରେ ହୋଇଥିବ ", ସେ କହିଲେ । ଶୁଣି ମୁଁ ଖାଲି ହସି ଦେଲି । ସେତେବେଳକୁ ଆମ ଗାଡ଼ିଟା ଲେଣାବଲା ଷ୍ଟେସନ ପାରି ହୋଇ ସାରିଲାଣି । ସମନାର ଖଣ୍ଡାଳପାହାଡ଼ ଯାତ୍ରୀଙ୍କଲାଗି ଉପଭୋଗ୍ୟ; କିନ୍ତୁ ମୁଁ ତ ଝରକାଠୁ ଦୂରରେ ବସିଛୁ । ଠିଆ ହୋଇକରି ଦେଖିବି ବୋଲି ବସୁଥିଲି ଯେ, ସାମନାପଟର ଭଦ୍ରଲୋକଙ୍କ ଗୋଡ଼ ଖୁବ୍ ଲମ୍ବାକରି ରହିଥିଲା, ସେହି ଅବସ୍ଥାକୁ ମାନନେଇ ମୁଁ କେବଳ ବେକ ଉଞ୍ଚାଇ ବାହାରକୁ

Digitized by PPRACHIN, SOA

ଗୃହିଁ ଲଗିଲି । ମୋ ମନଟା ଚଳନ୍ତ ପ୍ରକୃତିର ସୌନ୍ଦର୍ଯ୍ୟରେ ବୁଡ଼ି ରହିଲା । ସେହି ସୌନ୍ଦର୍ଯ୍ୟକୁ ଜାଣି ସୁଡ଼ଙ୍ଗପଥର ଅନ୍ଧକାରମାନ କାଟି ଦେଇଥିଲେ । ପ୍ରଥମ ସୁଡ଼ଙ୍ଗଟି ପାର ହୋଇ ଯେତେବେଳେ ଗାଡ଼ି ବାହାରୁଥାଏ, ସେତେବେଳେ ମୋର ବନ୍ଧୁ ଜଣକ ଠିଆ ହୋଇ ସାରଲେଣି । ମୋ କାନ୍ଧରେ ହାତ ରଖି କହିଲେ "ଝରକା ପାଖରେ ବସିପଡ଼ନ୍ତୁ ।"

"ନା କିଛି ଚିନ୍ତା ନାହିଁ, ଆପଣ ବସିଥାନ୍ତୁ ।"

"ଆପଣ ବେଶି ଆଗ୍ରହ କରି ଦେଖୁଛନ୍ତି । ମୁଁ ତ ବର୍ଷକୁ ଅ୦ ଟି ଦଶଥର ଯିବାଆସେ ।" ସେ ମୋତେ ଜବରଦସ୍ତି ଟାଣି ଝରକା ପାଖରେ ବସାଇ ଦେଲେ ।

ମୁଁ ଭାବିତ ହେଲି । ପ୍ରକୃତରେ ଲୋକଟି କଏ ଏମିତି ଯେ ଅନ୍ୟ ମନର କଥା ଜାଣି କରି ତଦନୁରୂପ ଉଦାର ହୋଇଯାଏ ? କିଛି ବେଳଯାଏ ମୁଁ ଝରକା ବାହାରକୁ ଅନାଇ ରହିଲି । ଘାଟରାସ୍ତା ଶେଷ ହେବା ଉପରେ । ସ୍ଥା ପରର ଦୃଶ୍ୟ ସାଧାରଣ, ମୁଁ ଉଠି ଠିଆ ହେଲି ଓ ତାଙ୍କୁ କହିଲି, ଏଇଲା ଆପଣ ନିଜ ଜାଗାକୁ ଆସିଯାନ୍ତୁ ।"

"ହ ଘଣ୍ଟାକର ରାସ୍ତା ଖାଲି ବାକି ଅଛି ।···ବସିଥାନ୍ତୁ ।" ସେ କହିଲେ । ତାଙ୍କ ସଙ୍ଗେ ପରିଚୟ କରିବାର ଇଚ୍ଛାହେଲା; କିନ୍ତୁ ପାଖ ଆଖର ବତାବରଣକୁ ଦେଖି ବଡ଼ ପାଟିରେ କିଛି କହିବା ସମ୍ଭବ ହେଉନାହିଁ । କାଲେ ସାମନାର ଲୋକେ ନାଟ୍ୟଶାଳାର ନଟଙ୍କ ପରି ଚାହିଁକି ଉଠିବେ । ଯେମିତି ରେଲଗାଡ଼ିଟା ତାଙ୍କର ଘର । ଯେମିତି ତାଙ୍କ ପାଖରେ ଅମର କୌଣସି ଅସ୍ତିତ୍ୱ ହିଁ ନାହିଁ, ଏମିତି ଆମ ସାଙ୍ଗରେ ସେମାନେ ବ୍ୟବହାର କରୁଛନ୍ତି । ତାଙ୍କର ବ୍ୟବହାରରୁ ହିଁ ମୋର ପ୍ରକାରେ ଜୁଗୁପସା ହୋଇଯାଇଥିଲା । ତଥାପି ମୁଁ ନିମ୍ନ ସ୍ୱରରେ ପଚାରି ନେଲି । 'ଆପଣଙ୍କ ଯାତ୍ରା କୁଆଡ଼େ ?'

"ବମ୍ବେ ।"

"ବମ୍ବେରେ ରହନ୍ତି ପରା ?"

"ବମ୍ବେକୁ ମୁଁ ଘର କରି ନେଇଛି । ମୋର ଜନ୍ମସ୍ଥାନ ଅନ୍ୟତ୍ର; କିନ୍ତୁ ଆଜି କାଲି ବମ୍ବେରେ ରହେ । ଆପଣବି ବମ୍ବେ ଯିବେ ପରା । ଆପଣଙ୍କ ଭାଷା କନ୍ନଡ଼ ନୁହେଁ ତ ?

Digitized by PPRACHIN, SOA

ଏଯାକେ ଆମେ ଇଂରାଜୀରେ କଥାବାର୍ତ୍ତା ହେଉଥିଲୁ । ମୋତେ ଆଶ୍ଚର୍ଯ୍ୟ ଲାଗିଲା ଯେ ସେ କେମିତି ଜାଣିଗଲେ ମୁଁ କର୍ଣ୍ଣାଟକୀ ଲୋକ । ମୁଁ ପଚାରିଲି; 'ଆପଣ କେମିତି ଜାଣିଲେ ମୁଁ କାନ୍ନଡ଼ାଭାଷୀ ?'

"ରେସ୍ତୋରାଁର ଟୋକାଏ ଯେତେବେଳେ ଆସିଥିଲେ, ଆପଣ କହିଲେ ନା—'ଅବ୍‌ବା ଜନ ଗଟେ' (ଭାରୀ ଗହଳି)—ଏଇଥିରୁ ।"

"ଆପଣ କନ୍ନଡ଼ ଜାଣନ୍ତି ?"

"କେତେଦିନ ହେଲା କହୁନି । କିନ୍ତୁ ମାତୃଭାଷା କଣ ଭୁଲିହୁଏ ?"

"ଆପଣଙ୍କ ଗାଁ ?"

"ଉତ୍ତର କନ୍ନଡ଼ (କାରଵାର) ଜିଲାର ଗୋଟାଏ ଗାଁ...ଏଇଲା ବମ୍ବେରେ ରହେ ।"

"ଚାକିରି କରନ୍ତି ପରା !"

"ହଁ, ନିଜର ଚାକିରି କରେ ।"

"ମାନେ ନିଜର କିଛି ବେପାର କରନ୍ତି ।"

"ବେପାରରୁ ମନ ଭାଙ୍ଗିଗଲା । ତାକୁ ଛାଡ଼ିଦେଲି, ଏଇଲା ସ୍ୱତନ୍ତ୍ର ଜୀବନ ।

"ଅବକାଶ ଜୀବନ ?"

"ଜୀବନରୁ ଏଯାକେ ଅବକାଶ ଗ୍ରହଣ କରିନାହିଁ, କହି ସେ ହସିଲେ । ଏହାପରେ ଆସ୍ତେ ଆସ୍ତେ ମୋ ବିଷୟରେ ପଚାରି ଓଚାରି ଆରମ୍ଭ କଲେ । ତାଙ୍କପରି ମପାଚୁପା ବାକ୍ୟରେ ମୁଁ ନିଶ୍ଚୟ କଥା କହି ନ ଥିବି...ହୁଏତ ବାକ୍ୟପରେ ବାକ୍ୟ କହିଯାଇଥିବି । ନଚେତ ମୁଁ ଅମୁକ । ଅମୁକ କାମ ଲାଗି ବମ୍ବେ ଯାଉଚି, ଏତେ ଦିନ ରହିବି ଇତ୍ୟାଦି ଜବାବ ଦେଇ କାମ ଚଳାଇ ନେଇଥାନ୍ତି । କଥା ଶେଷ ହୋଇନାହିଁ ଦାଦର ରେଲଷ୍ଟେସନ ଆସିଗଲା । ଗାଡ଼ି ଠିଆ ହୋଇଗଲା । 'ଏଇଟା ଦାଦର ନା ?' କହି ମୁଁ ଉଠି ଠିଆ ହେଲି । ମୂର୍ଖଙ୍କ ପରି ଜଲଦିରେ ତାଙ୍କୁ ନ କହି ଚାଲି ଯାଉଥିଲି । ସେତିକବେଳେ ଖିଆଲ ହେଲା ଏଠି ଗାଡ଼ି ଦଶମିନଟ ରହିବ । ବିଛଣା ଖୋଲିବା ଆଗରୁ ମୁଁ ତାଙ୍କୁ ନମସ୍କାର ହେଲି । କୃତଜ୍ଞ ହୋଇ ପଚାରିଲେ, "ଆଉ କେବେ କୋଉଠି ଦେଖା ହେବ ? ଆପଣଙ୍କ ନାଁଟା ବି ଜଣା ହେଲାନି ।" ମୋର ମନସ୍ଥିତି

Digitized by PPRACHIN, SOA

ବ କେମିତକା ଆଶ୍ଚର୍ଯ୍ୟ ରକମର ହୋଇଯାଇଥିଲା । ସେ ତାଙ୍କ ପକେଟରୁ ଗୋଟିଏ "ମିନକାର୍ଡ଼" ବାହାର କରି ସେଇଟି ମୋତେ ଦେଉଁ ଦେଉଁ କହିଲେ; ଏଇଥିରେ ମୋର ନାଁ ଠିକଣା ସବୁ ଅଛି । ଆଜି ନଇଲେ କାଲି, ଏଥର ନ ହେଲେ ଆରଥର, ଯେତେବେଳେ ସମୟ ପାଇବେ, ମୋ ଘରକୁ ଆସିବେ । ଆଗ୍ରହରେ କଥା ହେବା ।"

ଯେତେବେଳେ ମୁଁ ତାଙ୍କଠୁଁ ବିଦାୟନେଇ ଗାଡ଼ିରୁ ପ୍ଲାଟଫର୍ମକୁ ଓହ୍ଲାଇଲି, ମୋ ଲାଗି ଅପେକ୍ଷା କରିଥିବା ମୋର ଦୁଇଜଣ ସାଙ୍ଗ 'ହେଲୋ' କହି ମୋ କାନ୍ଧରେ ହାତ ଥୋଇଦେଲେ । ତାପରେ ସେହି ମହାଶୟଙ୍କ କଥା ମନେ ପଡ଼ିଲା । ସେତେବେଳଯାକେ ମୁଁ ଯଶୋବନ୍ତରାୟ ବାବୁଙ୍କ କାର୍ଡଟା ଠିକ୍ କରି ଦେଖି ପାରି ନ ଥିଲି ।

ମୁଁ ଅନ୍ୟମନସ୍କ ହୋଇ ଯାଉଥାଏ । ଅନ୍ଧାର ଘରେ କେଉଁ ପିଲା ସାମନାରେ ଜୁଳୁଜୁଳିଆ ଦୁଇ ମୁହୂର୍ତ୍ତି, କେବଳ ଦୁଇଟି ମୁହୂର୍ତ୍ତି ନାଚକରି ଚମକ ଦେଖାଇ ଉଭେଇ ଗଲେ ସେ ପିଲାର କେତେ ନିରାଶା ହେବ ? ସେଇପରି ଅବସ୍ଥା ମୋର ହୋଇ ଯାଇଥିଲା । ଏଣେ ମୋର ବନ୍ଧୁ ମୋତେ ଯାହା ସବୁ ପଚାରୁ ଥାନ୍ତି, ତାର ବି ଉତ୍ତର ଦେଉଥାଏ । ତା ପରେ ସେ ଟାକ୍ସି ଡକାଇ ଜୋରଜବରଦସ୍ତି କରି ମୋତେ ତାଙ୍କ ଘରକୁ ନେଇଗଲେ । ମୁଁ ତ ତାଙ୍କ ଅକ୍ତିଆରରେ ଥିଲି; କିନ୍ତୁ ମୋ ମନ ମୋ ଅକ୍ତିଆରରେ ନ ଥିଲା‥ଯଶୋବନ୍ତ ରାୟଙ୍କ ବ୍ୟକ୍ତିତ୍ୱଦ୍ୱାରା ପ୍ରଭାବିତ ହୋଇସିବା ହେତୁ ।

ସେଥର ମୁଁ ବମ୍ବେରେ ଚାରି ପାଞ୍ଚ ଦିନ ରହିଲି । ଦିନେ ସମୟ କରି ସନ୍ଧ୍ୟା ଚାରିଟା ସରିକି ମାଲବାର ହିଲ୍ ଉପରେ ଥିବା ତାଙ୍କ ଘରକୁ ଗଲି । ସମୁଦ୍ର କୂଳରେ ଖପରଲି ଘରଟିଏ, ତାକୁ କୁଡ଼ିଆ କହିଲେ ଦୋଷନାହିଁ, ତାହାର ଦୁଇ ମହଲାର ଗୋଟିଏ ପଟରେ ସେ ରହୁଥାନ୍ତି । ସେ କୋଠରି ପାଖକେ ଦିଶେ ମାଲବାର ପାହାଡ଼ ଆଉ ପାଖରେ ମନୋହର ସମୁଦ୍ରର ଦୃଶ୍ୟ । ଦିତାଲିକୁ ଉଠିଲା ପରେ ମୋତେ ଲାଗିଲା ଯେ ସମୁଦ୍ର ମୋତେ ଆକର୍ଷିତ କରିଛି; ତେଣୁ ସେହିଠାରେ ଠିଆ ହୋଇ ତାକୁ ଚାହିଁ ରହିଲି ।

ମୁଁ ସ୍ୱାଭାବିକ ଭାବିଲିନି ଯେ ମୋର ବନ୍ଧୁ ଜଣକ ଘରେ ଥିବେ କି ନାହିଁ । ଏତିକିବେଳେ ତାଙ୍କ ଚାକର ଉପରକୁ ଆସି ବେଶ୍ ଧମକେଇଲା ପରି ସ୍ୱରରେ ପଚାରିଲା । "କଣ ଦରକାର ? ଏଠି କାହିଁକି ଠିଆ ହେଇଚ ?" ସେହି ଲୋକ

Digitized by PPRACHIN, SOA

ଉପସ୍ଥିତ ଗଲ୍ପର 'ଦାଦା' । ତାର ସିଡ଼ି ଚଢ଼ିବାର ଢଙ୍ଗ ଆଉ ମୋ ସଙ୍ଗେ କଥା କହିବାର ବାଲ୍‌ରଙ୍ଗି ଭିତରେ ଗୋଟାଏ ଏମିତି ମାଲିକ ପଣିଆ ଥିଲା ଯେ ମତେ ଅସହ୍ୟ ହେଲା । ମୁଁ ତାକୁ ଗୁହିଁ ରହିଲି । ମୁହଁ ବୁଲାଇ ସେ ଭିତରକୁ ଗଲା । ତା'ପରେ ଆଉ କିଛିବେଳ ମୁଁ ସମୁଦ୍ର ଦେଖିଲି ଓ ତୃପ୍ତ ହେବାପରେ ଘର ଆଡ଼କୁ ଗଲି । ଦରଜା ଖଟଖଟାଇ ଡାକଲି "ଯଶୋବନ୍ତରାୟ ବାବୁ !"

ମୋ କଣ୍ଠ ସେ ଯେମିତି ବାରି ପାରିଲେ । "ଆସିବା ହଉ, ଆସିବା ହଉ !" କହି କହି ଯଶୋବନ୍ତରାୟ ବାବୁ କବାଟ ଖୋଲିଲେ । ବାହାରକୁ ଆସି ହାତଧରି ମୋତେ ପାଗ୍ରେଟି ନେଲେ । ପରେ ତ ହରଦମ ତାଙ୍କ ଘରକୁ ଯା ଆସ କରିଛି । କେତେଥର ସେଇ ଦାଦାକୁ ଦେଖିବାର ସୁଯୋଗ ମିଳିଛି । ସେ ଯେତେବେଳେ ଜାଣିଗଲା କି ମୁଁ ଯଶୋବନ୍ତରାୟ ବାବୁଙ୍କର ଅନ୍ତରଙ୍ଗ ମିତ୍ର, ତା ଢ଼ଙ୍ଗରଙ୍ଗ ବିଲ୍‌କୁଲ୍ ବଦଳିଗଲା । ସେ ମତେ କେତେ ଆଦର ସମ୍ମାନ ଦେଲା । ସେଦିନ ମତେ ଦେଖିଲା ପରେ ପରେ ଯଶୋବନ୍ତରାୟ ବାବୁ ପଚାରିଲେ, "କେତେବେଳ ହେଲା ଆସିଲେଣି ?"

"ପନ୍ଦର ମିନିଟ୍ ।"

"ଥିଲେ କୋଉଠି ?"

"ବାହାର ବାରଣ୍ଡାରେ ସମୁଦ୍ର ଦେଖୁଥିଲି । ବଡ ସୁନ୍ଦର ଦୃଶ୍ୟ । ଆପଣ ଭାଗ୍ୟବାନ୍ ଆପଣଙ୍କୁ ଏମିତିକା ବସା ମିଳିଛି ।

ସେ ଦାଦାକୁ ପଚାରିଲେ, "ଦାଦା ଯେ ଯେତେବେଳେ ବାରଣ୍ଡାରେ ଛିଡ଼ା ହେଇଥିଲେ, ତମେ ଦେଖିଲ ନି କି ?"

ଦାଦା ଖନେଇ ହେଲା । ସେଇଠୁ ସେ କହିଲେ, "ମତେ କାହିଁକି କହିଲ ନି ?"

ସେ ନିରୁତ୍ତର ରହିଲା । ମୁଁହିଁ କହିଲି, "ତା ନୁହେଁ । ସେ ମତେ ପଚାରି-ଥିଲା ଯେ, ମୁଁ କିଛି ଜବାବ ଦେଲିନାହିଁ । ତା କହିବା ଢଙ୍ଗ ଦେଖି ।" ଏତିକି କହି ମୁଁ ଅଟକି ଗଲି । ସେ ହସି ହସି କହିଲେ, ଦେଖେଇ "ଦେଲା ତ କେମିତି ସେଇ ଏ ଘରର ମାଲିକ ?"

Digitized by PPRACHIN, SOA

ଜାଣିଲି ଯେ ବର୍ଷ ବର୍ଷ ପାଖରେ ରହି ଦାଦାଙ୍କୁ ସେ ଭଲକରି ଚିହ୍ନି ସାରିଚନ୍ତି । ଘଣ୍ଟାଏ ଜାଣି ଭୁଲିଗଲେ ସାଙ୍ଗେ ସାଙ୍ଗେ । ଦାଦାଙ୍କୁ କହିଲେ, "ଦାଦା ମୋ ପାଇଁ ଆଉ ସ୍ୱୟଂବାବୁଙ୍କ ପାଇଁ ଗୁହ୍ଣା କର ।" ଏ କଥାରେ ଦାଦାର ଟିକିଏ ସୁବିଧା ବି ହେଲା । ସେ ଦଉଡ଼ି ଗଲା ଫଳ, ବିସ୍କୁଟ ଓ ଗୁହ୍ଣା ନେଇ ଆସିଲା ଓ ମତେ ଗୁହିଁ ଗୁହିଁ ଗ୍ଲଲିଗଲା । ତା ପରେ ମୁଁ ତାଙ୍କ ସାଙ୍ଗେ କଥାବାର୍ତ୍ତା କଲି, "ଘରେ ଆପଣ ଏକା ଥାନ୍ତି, ନୁହେଁ ?"

"ଦାଦା ଆଉ ମୁଁ ।"

"ସେ କଣ ଜାତି କୁଟୁମ୍ବ ହୁଏ ପରା ।"

"ଜାତି କୁଟୁମ୍ବ କିଛି ନୁହେଁ, କରଜ କୁଟୁମ୍ବ ।" କହି ସେ ହସିଲେ, "ଏମିତି କଥା ପଚାରିବେ ନି । ମୁଁ ମୋ ଆଗ ଜୀବନର ବୋଝ ଫୋପାଡ଼ି ଦେଇ ଏଠିକି ଆସିଚି ।...ମୋର ନିଜର ବୋଲି ଅନେକ ଲୋକ ଅଛନ୍ତି; କିନ୍ତୁ ମୋର କାହାରିକି ଲୋଡ଼ାନାହିଁ । ମୁଁ ଖାଲି ନିଜ ପାଇଁ ବଞ୍ଚିବି ଭାବିକରି ଏଠିକି ପଳେଇ ଆସିଚି । ଏଠି ଦଶବର୍ଷ ଗଲାଣି । ଆଉ କଣ ? ଦିହ ଭଲ ଥାଉ, ଆଉ କାହାର ଦରକାରଟା କଣ ?...ଦୁନିଆଁରେ ଟିକିଏ ଦୂରରେ ବସି ତାକୁ ଦେଖିବାକୁ ମଜା ଲାଗେନା କି ?"

"ସମୟ କେମିତି କାଟନ୍ତି ? କାମ ନଥିଲେ...।"

"କାମ ନଥିଲେ ? କାମ ନଥିଲେ କେମିତି ରହିବା...ଏଇଟା ଦେଖନ୍ତୁ, ମୁଁ ତ ଗୋଟାଏ ଅପରିପକ୍ୱ କଳାକାର, ମୁଁ ମନେକରେନା ଯେ ଚିତ୍ରକଳାର କିଛି ଜ୍ଞାନ ମୋର ଅଛି; କିନ୍ତୁ ସେ ମୋ ମନର ପାଗଳାମି ସକାଶେ କିଛି ସୁବିଧା ଦେଇଛି । ତାଛଡ଼ା ବହିପତ୍ର; କିଣେ ନହେଲେ ପୁସ୍ତକାଳୟରୁ ମଗାଇ ପଢେ । ସକାଳ ସନ୍ଧ୍ୟା ବୁଲେ । ଏସବୁରୁ ବି ଯେବେ ଛାଡ଼ି ଧରିଯାଏ, ତାହେଲେ ସେପାଖ ଘରେ ଯୋଉ ପିଲାଯାକ ଅଛନ୍ତି, ସେମାନଙ୍କ ସ୍ନେହ ମିଳେ । ମନ ଆବହାଓ୍ୱା ବଦଳାଇବା ଦର୍କାର ହେଲେ ପୁନା କି ମହାବଳେଶ୍ୱର କି ଖଣ୍ଡାଲା ବୁଲିଆସେ ।

"ସେଠି ?"

"ଛବି ଆଙ୍କେ, ଦୁନିଆ ଦେଖେ । ଆପଣ ସାହିତ୍ୟ ସୃଷ୍ଟି କରନ୍ତି, ଆପଣ ବି ଯେବେ ଏମିତି ପଚାରିବେ...?" ସେ କହିଲେ, ମୁଁ ହସିଲି ଓ ନିଜ ଭୁଲ ସ୍ୱୀକାର କରିନେଲି । "ଚନ୍ଦନ ବି ଗୋଟାଏ କାମ, ସମସ୍ତେ ଜାଣନ୍ତି; କିନ୍ତୁ ସେଇ ଚନ୍ଦନଟା

Digitized by PPRACHIN, SOA

ଅଛି କି ନାହିଁ ସେ କଥା କିଏ କହିବ ? ଅନ୍ୟମାନଙ୍କ ଦୃଷ୍ଟିରୁ ଚନ୍ଦନେ ଗାଉଁଲି ଲୋକ ଅଲସୁଆ ପରି ଦିଶିପାରେ । ଯେ ଅଲସୁଆମି କରୁଚି, ସେ ବି କହିପାରେ ଯେ ମୁଁ ଚିନ୍ତନ କରି ସମସ୍ତ କଟାଉଛି ।''

''ମୁଁ ପ୍ରଶ୍ନ ପଚାରି କିଛି ଭୁଲ କହି ଦେଲି କି ?''

' ନା ନା ଆପଣ ଯେତେ ଇଚ୍ଛା ପଚାରି ପାରନ୍ତି, କିନ୍ତୁ ସେ ସବୁର ଜବାବ ଦବାରେ କିଛି ଲଜସରମର କଥା ବି ତ ନାହିଁ । ମୁଁ ଯାହା ଉତ୍ତର ଦେବି, ତହିଁରେ ମୋର ସନ୍ତୋଷ ହେବା ଦରକାର । ଯେବେ କହିଦିଏ ଯେ ନାହିଁ, କିଛି କାମ କରେନାହିଁ, ତା ହେଲେ ମୋଠି, କିଏସେ କୈଫିୟତ ନବାକୁ ଆସୁଚି ? କାମ ନ ଥିଲେ ତ ମୁଁ ଦଣ୍ଡେ ବସି ପାରେନା । ସମସ୍ତ କାଟିବା ଯେବେ ଦୁଷ୍କର ହୁଏ, ତାଙ୍କଘର ପିଲାଙ୍କ ସାଙ୍ଗରେ ପିଲାଟିଏ ହୋଇକରି ନିଜକୁ ଭୁଲିଯାଏ । ସେ କହିଯାଉଥାନ୍ତି, ଏତିକିବେଳେ ଛଅବର୍ଷର ଗୋଟିଏ ଫାର୍ସି ଝିଅ ଆସି ଡାକିଲା, "ଦାଦା !'' ଘରର ଦାଦା ତ ଜବାବ୍ ଦେଲନାହିଁ । ଯଶୋବନ୍ତରାୟ ବାବୁ ମୋ ଆଡ଼େ ଗ୍ରହିଁ କହିଲେ, ''ତା ଦାଦା ମୁହିଁ'' କହି ସେ ବାହାରକୁ ଦଉଡ଼ିଗଲେ ଓ ଝିଅଟିକି କାଖେଇ ନେଇ ଆସିଲେ । ସମସ୍ତଙ୍କ ପିଲାଙ୍କୁ ନିଜ ପିଲାକରି ଭାବିବା, ତାହେଲେଇ ସଂସାରର ସବୁ ସୁଖ ମିଳିଯିବ ।''

''ଠିକ୍ କଥା, ଯେ ପର୍ଯ୍ୟନ୍ତ ପିଲା ପିଲା ଥିବେ ସେ ଯାକେ ଠିକ୍ ଅଛି । ତା ପରେ ସେ କୋଉଠି, ଆମେ କୋଉଠି ?

"ହଉ, ସେମାନେ ବଡ଼ ହେଉ ହେଉ ହଜାର ହଜାର ନୂଆ ପିଲା ଜନ୍ମ ହେଇ ଯାଇଥିବେ । ଏମିତି ତ କଥା ନାହିଁଯେ ପିଲାଏ ଶୋଉ ନଥିବେ ।''

''ପିଲାମାନେ ବଡ଼ ହୋଇଗଲେ ବି ଆମ ସ୍ନେହ ତାଙ୍କ ସ୍ନେହ ଏକାପରି ହୋଇ ରହିଥିବ !''

''ବଡ଼ ହୋଇଯିବାପରେ ସେତ ଆଉ ପିଲା ହୋଇ ରହିବେନି । ତାଙ୍କର ସଂସାର ଅଲଗା ହୋଇଯାଏ । ସେମାନେ ସ୍ୱତନ୍ତ୍ର ହୋଇଯାନ୍ତି । ମୋର ତ ଏମିତିଆ ଲୋକଙ୍କର ସାଙ୍ଗରେ ସ୍ନେହ ପ୍ରୀତି କରିବାର ଇଚ୍ଛାନାହିଁ । ମୁଁ ମୋ କରୁଣା, ମୋ ସହାନୁଭୂତି କେବଳ ସେଇମାନଙ୍କୁ ଦେଇପାରେ, ଯେଉଁମାନେ ନିଜ ଜୀବନ ଚଳାଇବାକୁ ଅସମର୍ଥ, କିଶୋର ହୋଇଥିବେ । ଏତିକି କରିବାକଥା, ଠିକ୍ ନା ?''

Digitized by PPRACHIN, SOA

ସେ ଝିଅଟିକୁ ଗୋଡ଼ ଉପରେ ବସାଇ ଦେଲେ, ସେ ଘୋଡ଼ା ମାଗିଲା । ଯଶୋବନ୍ତ ବାବୁ କାଗଜ ପେନ୍‌ସିଲ ନେଇ ଘୋଡ଼ାର ଛବି କରି ତାକୁ ଦେଇଦେଲେ । ତାପରେ ଝିଅଟି କହିଲା, "ଏ ଘୋଡ଼ାର ଗପ କହ ।"

"ଗୋଟିଏ ଗାଆଁରେ ଘୋଡ଼ାଟିଏ ଥିଲା ।" ସେ କାହାଣୀ ଆରମ୍ଭ କଲେ । ଝିଅଟି ପଚାରିଲା, "ଗୋଟିଏ ଘୋଡ଼ା ?"

"ନାନା ! କେତେ ଘୋଡ଼ା ଅଛନ୍ତି, ଏଇଲା ଗୋଟି ଗୋଟି କରି ସବୁ ଆସିବେ ଯେ" ଦେଖ । କହି ସେ ତାର ନିରାଶା ଶେଷ କରିଦେଲେ । ଗପ ଆଗେଇ ଚାଲିଲା । ମୁଁ ବି ପିଲାଟାଏ ହୋଇ ତାଙ୍କ କଥା ଶୁଣିବାକୁ ଲାଗିଲି । ସେଦିନ ତାଙ୍କ ସାଙ୍ଗରେ ବେଶି କଥାବାର୍ତ୍ତା ହେଲାନାହିଁ । ଯେତେବେଳେ ମୁଁ ବିଦାୟ ନେଇ ଯିବାକୁ ବାହାରିଲି, ସେ ମୋତେ ପଚାରିଲେ, "ପୁଣି କେବେ ଆସିବେ ?"

"ଆର ବର୍ଷ", ମୁଁ କହିଲି ।

"ଆଚ୍ଛା, ନିଶ୍ଚେ ଆସିବେ" ସେ କହିଲେ । ଏଇ ହେଲା ମୋର ଆଉ ଯଶୋବନ୍ତରାୟ ବାବୁଙ୍କର ପ୍ରଥମ ପରିଚୟ !

———

Digitized by PPRACHIN, SOA

ତିନି

ଆଶ୍ଚର୍ଯ୍ୟ କଥା ଏହି ଯେ ନିଜ ଲୋକଙ୍କଠୁଁ ସମ୍ପର୍କ ତୁଟାଇ ଦେଇ ଯଶୋବନ୍ତରାୟ ବାବୁ ଦାଦା ପରି ଚାକରକୁ ଅନ୍ତରଙ୍ଗ ପରି ନିଜ ପାଖରେ ଠା ଦେଇ ସମସ୍ତ କାଟିନେଲେ । ତାର ଖାଲି ତାଙ୍କ ସେବା ଶୁଶ୍ରୂଷା କରିବାକୁ ଥିଲା । ବାକିଟା ସମସ୍ତ ସେହି ଜାଣି ଘରର ମାଲିକ ଥିଲା । ଏଥିରେ ଟିକେ ହେଲେ ବାହୁଲ୍ୟ ନାହିଁ, ହିସାବ କିତାବ ଦେଖିବାରୁ ଜଣାଗଲା ଯେ ଘରର ଦେଖାଶୁଣା କରିବା ସକାଶେ ଦାଦାକୁ ମାସକୁ ତିରିଶରୁ କମ୍ ସେ ଦେଉ ନଥିଲେ । ପାଞ୍ଚବର୍ଷରେ ସେ ଟଙ୍କା ବଢ଼ି ଚାଲିଶି ଯାକେ ଆସି ଯାଇଥିଲା । ତା ଖୋରାକି ପୋଷାକି ଅଲଗା । ମୁଁ କେତେଥର ନିଜେ ଆଖିରେ ଦେଖିଛି ଯେ ଭଲ ପସନ୍ଦିଆ ସିନେମା ଆସିଲେ ଦାଦାକୁ ସେ ପଇସା ଦେଇ "ମ୍ୟାଟିନୀ ସୋ ଅଛି, ଦେଖିଆସ" କହି ପଠାଇ ଦେଉଥିଲେ । ମୋତେ ଲାଗିଲା ନି ଯେ ଦାଦା ଯଶୋବନ୍ତରାୟ ବାବୁଙ୍କର ବିଶ୍ୱାସୀ ଭଳି ବ୍ୟବହାର କରୁଛି ବା ତାଙ୍କର ପ୍ରଭୁଭକ୍ତ । ମନେ ହେଉଥାଏ ତାଙ୍କ ଆଗରେ ସ୍ନେହର ଅଭିନୟ କରୁଛି । ଏମିତି ଦେଖିବାକୁ ଗଲେ, ତାଠୁଁ ବି ଅଧିକ ବିଶ୍ୱାସଯୋଗ୍ୟ ଉତ୍ତରଭାରତର ଲୋକଙ୍କୁ ସେ ସହଜରେ ରଖିପାରିଥାନ୍ତେ । ଥରେ ଦିଥର ସେ ମୁହଁଟାଣ କରି କଥା ବି କହିଥିଲା । ସେ ନ ଥିଲାବେଳେ ମୁଁ ପଚାରିଥିଲି ବି "ଆପଣ କେମିତି ତାକୁ ସହ୍ୟ କରି ନିଅନ୍ତି ?" ସେ ହସି କହିଥିଲେ, "ସ୍ନେହ ବି ଗୋଟାଏ ଋଣିଆ ସମ୍ବନ୍ଧ ।"

"ଆପଣ ପୂର୍ବ ଜନ୍ମରେ ବିଶ୍ୱାସ କରନ୍ତି ?" ମୁଁ ତାଙ୍କୁ ପଚାରିଲି ।

"ମୋ ଲାଗି ନା ପୂର୍ବ, ନା ଅପୂର୍ବ ।" ସେ ଉତ୍ତର ଦେଲେ ।

"ତା ହେଲେ ?"

"ଏଠି ରାସ୍ତାରେ ପିଲାଟା ପଡ଼ିଥିଲା । ଏଇ ତଳମହଲର ଦୋକାନର ଚଉତରା ଉପରେ ପଡ଼ି କୁନ୍ଥାଉଥିଲା । ଦିନେ ଦେଖିଲି ସେଇଠି ପଡ଼ିଛି, ତା ପରଦିନ ଦେଖିଲି ସେଇଠି ପଡ଼ିଛି । ସେତେବେଳେ ଦୋକାନୀ ତାକୁ ଗାଳି ଦେଇ ତଡ଼ୁଥିଲା ।

Digitized by PPRACHIN, SOA

ସେତେବେଳେ ତା ବୟସ ତିରିଶ ଭିତରେ ହେବ । ଶୁଖିକରି ଦୁର୍ବଳ ଓ କଙ୍କାଳ ପରି ହୋଇଥାଏ । ଦେହରେ ଖାଲି ପ୍ରାଣ ଅଛି । ଅଠ ଦଶଥର ସେ ଘୂମୁରି ଘୁମୁରି ଯାଇ ସମ୍ପୂର୍ଣ୍ଣ ଦୁର୍ବଳ ହୋଇ ଆସିଥିଲା । ତାକୁ ମୁଁ ଦେଖୁଥାଏ । ବମ୍ବେ କର୍ପୋରେସନ ତ ଗଳିର ଭିକାରୀଙ୍କ ସକାଶେ କିଛି ପାଇଖାନା ତିଆରି କରିନାହିଁ, ଥରକୁ ଥର ପାଇଖାନା ଯାଉଥାଏ, କୁନ୍ଥାଉ ଥାଏ । ମୁଁ ବୁଝିଗଲି ତାର କିଛି ରୋଗ ହୋଇଛି । ଦୋକାନୀ ନିଜ ଦୋକାନ ସାମନାରେ ମଇଳା ଦେଖି ବରଦାସ୍ତ କରୁ ନ ଥାଏ । କଥାରେ କହି ଦେଖିନେଲା, ଗାଳିକରି ଦେଖିନେଲା, ଧମକେଇଲା । ଶେଷକୁ ସେ ଗୋଟାଏ ବଡ଼ ବେତ ବି ବାହାର କଲା । ହ'ମହଲା ଘରେ ମୋ କାନରେ ସେ ଗଣ୍ଡଗୋଳ ପହଞ୍ଚିଲା । ବେତମାଡ଼ର ଶବ୍ଦ ବି ଶୁଣାଗଲା । 'ଅହ୍ମଦ' ଧମକେଇ କରି ମୁଁ ସେ ଛତ୍ରା ଦୋକାନୀକୁ ଡାକିଲି । ସେ ଜାଣିଗଲା ଯେ ମୋର ରାଗ ହୋଇ ଯାଇଛି । ସେ ଉପରକୁ ଆସିଲା ଓ ନିଜର ଗୁହାରି ଶୁଣାଇଲା, 'କୋଉ ଡାକ୍ତର-ଖାନାରେ ଭଲ ପଡ଼ିଥାନ୍ତା, ଏମିତି ଅସନା ଲୋକଟା ମୋ ଦୋକାନ ଆଗରେ ପଡ଼ିଥିବ । ତା ହେଲେ ଗ୍ରାହକ ପିଇବାକୁ ବି ଗ୍ରାହକଣ ଗରାଖ ଆସନ୍ତି ସେ ବି ଆସିବେ ନି ।"

"ଏଇଥିପାଇଁ ତାକୁ ମାରୁଛୁ ? ତାର ତ ଚାଲିବାର ବି ଶକ୍ତି ନାହିଁ ।"

"ମୁଁ ତ ତାକୁ କେତେ ଭଲକରି କହିଲି, କିନ୍ତୁ ସେ ଗଲାନାହିଁ । ପୁଲିସ ଡାକିଲି, ତେବେ ବି ସେ ଗଲାନାହିଁ, ମୁଁ ଏବେ କରେ କଣ ?"

"ଆମେ ବି ଦିନେ ଏମିତି ହୋଇଯାଇ ପାରୁ, କଏ କହିବ ?"

ସେଇଠୁ ଅହ୍ମଦ ଗରମ ହୋଇଗଲା । "ତାହେଲେ ଆପଣଇ ତାକୁ ଟେକି ଆଣନ୍ତୁ ଆଉ ପାଳନ୍ତୁ ।" କହି ସେ ଜୋରରେ ଚାଲିଗଲା । ବୋଧେ ତାକୁ ଲାଗିଲା ମୁଁ ତାର ସମ୍ମାନ କରୁନି । ତଳକୁ ଯାଇ ସେ ରାଗଟା ସେ ରୋଗୀ ଉପରେ ଝାଡ଼ି କହିଲା, "ଦେଖିଲୁ; ଉପରେ ତୋ ଦାଦା ଅଛି । ସେଇଠିକି ଯା, ତତେ ଭଲ ଶେଯରେ ଶୁଆଇ ତୋ ସେବା କରିବେ ।" ତାର ଉଗ୍ର ସ୍ୱର ମୋ କାନରେ ବି ବାଜୁଥାଏ । ମୁଁ ଓହ୍ଲାଇ ତଳକୁ ଗଲି । ଦେଖିଲି ଦୋକାନ ସାମନାରେ ସେ ମଡ଼ାପରି ପଡ଼ିଛି । ମୁଁ ଭାବିଲି, ଯୋଉ ଉପଦେଶ ମୁଁ ଅହ୍ମଦକୁ ଦେଇଛି, ସେଇ ଅନୁସାରେ କାମ କରେ, ମୁଁ ଆଉ ଇତସ୍ତତଃ କଲି ନାହିଁ, ତାକୁ ନିଜ ହାତରେ ଟେକି ସିଡ଼ି ଚଢ଼ି ଉପରକୁ ଘେନି ଆସିଲି ଓ ବିଛଣାରେ ଶୁଆଇ ଦେଲି । ସେତେବେଳେ ବୋଧେ ଟୋକାଟା

Digitized by PPRACHIN, SOA

ଓରଗଲା କି କଣ । ମୁଁ ବି ବିମୂଢ଼ ହୋଇଗଲି । ପୁଣି ଦୋକାନୀ ଅହମ୍ମଦ ଉପରକୁ ଆସିଲା ଓ ମୋ ପାଖରୁ କ୍ଷମା ମାଗି କହିଲା, 'ଶେଠବାବୁ, ଆମେ ମିଶି ଗୋଟିଏ ଟାକ୍ସି କରି ତାକୁ କୋଉ ହସପିଟାଲରେ ନେଇ ଭର୍ତ୍ତି କରିଦେବା । ତା ସେବା ଯତ୍ନ ଏଠି ଆପଣ ଏକା କେମିତି କରିବେ । ମୁଁ ଆପଣଙ୍କୁ ଅପମାନ କରିଛି, ମୋତେ କ୍ଷମା କରନ୍ତୁ ।' ମୁଁ କିଛି କହିଲି ନା । ସିଧା ତଳକୁ ଓହ୍ଲାଇ ଆସିଲି । ଏଇ ଦଶଟା କୋଠା ପରେ ରହନ୍ତି ଡାକ୍ତର ଦାରୁବାଲା, ତାଙ୍କ ହସ୍‌ପିଟାଲକୁ ଯାଇ ତାଙ୍କୁ ଡାକି ଆଣିଲି । ଅନାଥଟାକୁ ଦେଖି ସେ ବି ଆଶ୍ଚର୍ଯ୍ୟ ହେଲେ । ସେ ଜାଣିବାକୁ ପାଇଲେ ଯେ ଟୋକାଟା ରାସ୍ତାରେ ପଡ଼ିଥିଲା । ସେ ବି ପଚାରିଲେ, "ଏହାକୁ ଡାକ୍ତରଖାନାରେ କାହିଁକି ଭର୍ତ୍ତି-କରି ଦେଉ ନାହାନ୍ତି ?" ମୁଁ କହିଲି "ନା, ମୁଁ ନିଜେ ତାର ସେବା କରିବି । ମରିଗଲେ, କଥା ସରିଯିବ, ବଞ୍ଚିଗଲେ ସେ ଯୋଉଠିକି ଖୁସୀ ଯାଇପାରେ ।"

"ଦି ମାସ ପରେ ସେ ଲୋକ ଭଲ ହେଲା । ତାର ନାଲିଝାଡ଼ା ରୋଗ ହୋଇଥିଲା । ତାର ମଇଳା ଲୁଗାପଟା ବାହାର କରି ଫୋପାଡ଼ି ଦିଆହେଲା । ନୂଆ ଲୁଗା ପିନ୍ଧାଗଲା । ସଫା ବିଛଣାଉପରେ ତାକୁ ଶୁଆଇ ଦିଆହେଲା । ତାର ସେବା ଶୁଶ୍ରୂଷା ହେଲା । ସେଇ ଭୟଙ୍କର ରୋଗରୁ ବା ମରଣମୁହଁରୁ ତାକୁ ବଞ୍ଚାଇବାକୁ ଦିମାସ ଲାଗିଲା । ଏସବୁ ଡାକ୍ତର ଦାରୁବାଲାଙ୍କ ଦ୍ୱାରା ସମ୍ଭବହେଲା, ବଞ୍ଚିବା ତା କପାଳରେ ଲେଖାଥିଲା ସେଥିପାଇଁ ବଞ୍ଚିଗଲା । ସେ ଟୋକାଟାର ପାଇଖାନା ମୋତେହିଁ ଦିନକୁ ଦଶଥରକରି ସଫା କରିବାକୁ ହେଉଥିଲା । ପ୍ରଥମ ପନ୍ଦର ଦିନ-ଯାକେ ନାଲିଝାଡ଼ା ସାଙ୍ଗକୁ ଅନ୍ୟ ଅନେକ ରୋଗ ତାକୁ କାବୁକରି ରଖିଲେ, ଦାରୁବାଲା ମୋ କଲବଲ ବୁଝି ଦିନକୁ ଦିଥର ତାଙ୍କ ହସ୍‌ପିଟାଲର ପରିଚାରକାକୁ ମୋ ଘରକୁ ପଠାଉଥିଲେ । 'ଦାଦା' ତାର ପ୍ରକୃତ ନାଁ ନୁହେଁ; ଅହମ୍ମଦର ବ୍ୟବହାରରେ ଦୁଃଖିତ ହୋଇ ମୁଁ ତାକୁ 'ଦାଦା' ଡାକିଲି । ସେ ମାରଠୀ ପିଲା । ଗଣପତ ତା ନାଁ । ସେ ଯେତେବେଳେ ଭଲ ହୋଇଗଲା, ତାକୁ ଏଇଠି ରଖିବି ବୋଲି ରୁକଷରେ ରଖିନେଲି । ଶୁଣିଛି ସତାରାରେ ତାର ବଡ଼ ଭଉଣୀ ଓ ସାନଭଉଣୀ ଏଇମିତି -କିଏ କୁଟୁମ୍ବ ଅଛନ୍ତି । ବର୍ଷକୁ ଥରେ ସେ ସତାରା ହୋଇଆସେ ।

ସେଇଠୁ ମୁଁ ଆଶ୍ଚର୍ଯ୍ୟ ପ୍ରକାଶ କରି କହିଲି, "ଏମିତି କଥା ତ, ତାହେଲେ ଦାଣ୍ଡରୂପେ କଣା ପଦାର୍ଥ ସେ ! ସେ ତ ଆପଣଙ୍କ ପ୍ରତି ଖୁବ୍ ବିନୟଶୀଳ ଓ ଶାନ୍ତଶିଷ୍ଟ ହେବା ଉଚିତ ଥିଲା ।"

Digitized by PPRACHIN, SOA

ସେ ହସି କହିଲେ, "ଦଣ୍ଡ ନିଶ୍ଚୟ; କିନ୍ତୁ ଗୋଟିଏ ପ୍ରାଣ ରକ୍ଷା କରିବାକୁ ଯୋଉ ଟଙ୍କା ଖର୍ଚ୍ଚ ହୁଏ, ସେ କଣ ଦଣ୍ଡସ୍ୱରୂପ ? ପଇସା ଆଉ ସ୍ନେହର ସମ୍ବନ୍ଧ କଣ !"

"ଠିକ୍ କଥା । ତା ଲାଗି ଉପଯୁକ୍ତ ଗୁଣ ବି ତାର ହେବା ଉଚିତ କି ନାହିଁ । ତାର ବି ଭାବିବା ଉଚିତ ଯେ ଏହି ମୋର ଜୀବନ ରକ୍ଷକ ।"

"ମାନେ ପ୍ରତିକ୍ଷଣ ହରିଭକ୍ତ ବୈଷ୍ଣବଙ୍କ ପରି ମୋର ଗୁଣଗାନ କରୁଥିବ... ତୁମେଇ ଶରଣ, ତୁମେଇ ମୁକ୍ତି ?"

"ଅନ୍ତତଃ ବ୍ୟବହାର ରେ ତ ହବା ଉଚିତ ।"

"ମୋର ମନେହୁଏ ତାର ଲାଳନପାଳନ ହିଁ ଏମିତି ବାତାବରଣରେ ହୋଇଛି । ଠିକ୍‌ରୂପେ ସଂସ୍କାର ହୋଇନାହିଁ ତାର । ତାର ମା'ର ଦୁଇଟି ଝିଅ, ଅଉ ଏ ତାର ଏକୋଇର ବଳା । ମାଆ ହୁଏତ ବେଶି ଗେହ୍ଲାକରି ସ୍ନେହକୁ ପାଳି ପୋଷି ବଡ଼ କରିଚି । 'ମା'ର ସ୍ନେହରେ ମୋର ଅଧିକାର' ଏମିତି କିଛି ସେ ଶିଖିଥିବ । ମୂଳରୁ ସେହି ଭାବ ମୋ ଉପରେ ବି ବଢ଼ି ବଢ଼ି ଆସିଛି ।

"ତା ହେଲେ ?"

"ଧରନ୍ତୁ, ସ୍ନେହକୁ ବାହାର କରି ଆଉ ଗୋଟେ ଟୋକା ରଖିବି । ସେ 'ଦାଦା'ଙ୍କୁ ଆଉ ଠାଏ ଗ୍ରାହକଟିଏ ବି ମିଳିପାରେ; କିନ୍ତୁ ନୂଆ ଗ୍ରାହକର ସ୍ନେହଠୁ ବଳି ଯାଇପାରେ, ତା ହେଲେ ସ୍ନେହ ତା ଭିତରେ ଫରକ କଣ ?"

"ଆପଣ କହୁଚନ୍ତି କିଛି ଫରକ୍ ରହିବନି ?"

"ମୋତେ ମୋ ପୁଅଠୁଁ ଯାହା ମିଳିବାର ଥିଲା, ମିଳିଲା ନାହିଁ ।"

"ଆପଣଙ୍କର କେତୋଟି ପିଲା ?"

"ସେମାନଙ୍କୁ ସବୁ ଭୁଲି କରି ନୂଆକରି ନିଜକୁ ତିଆରି କରିବା ମୋର ପନ୍ଥା । ସେ ଗୋଟାଏ ସମାପ୍ତ ଅଧ୍ୟାୟ । ଏଇଲି ଏଇ 'ଦାଦା'ଇ ମୋ ପୁଅ । ମୋର ନିଜ ପିଲାଙ୍କ ପରି ହିଁ ସେ ଭଲ ବା ମନ୍ଦ । ବାସ୍" କହି ସେ ଟିକେ କ୍ଷୁଣ୍ଣ ହେଲେ । ସେମିତି ।

ଦ୍ୱିତୀୟ ଥର ଯେବେ ଯଶୋବନ୍ତରାୟଙ୍କ ଘରକୁ ଯାଇଥିଲି, ଆହୁରି କେତେ କଥାବାର୍ତ୍ତା ହୋଇଥିଲା । ତାଙ୍କର ବ୍ୟବହାର ଗ୍ରାହକଚଳଣୀର ଅର୍ଥ ବି ମୁଁ ବୁଝି ପାରିଲିନି । ମୋର ମନେ ହେଲା ଯେ ଉଦାରତାରୁ ଲାଭ ଉଠାଇବାରେ 'ଦାଦା'

Digitized by PPRACHIN, SOA

କିଛି ବୋଲି କିଛି ବାକି ରଖିବା ପାଇନାହେଁ । ଉପକାର ବଦଳରେ ଉପକାର କି ଭଲପଣ ବଦଳରେ ଭଲପଣ ଦେବାର ସଦ୍‌ଭାବନା ତା ମୁଣ୍ଡରେ ଶୂନ୍ୟ । 'ଦାଦା'ର ସ୍ୱଭାବଟା ବୋଧେ ମୋ ଭଳି କରି ବୁଝି ପାରି ନଥିଲେ । ଯୋଉ ଦିନ ତାର ସ୍ୱଭାବଟା ଟିକେ ହେଲେ ବୁଝି ଯିବେ, ସେଦିନ ତାଙ୍କର ନିରାଶାର ସୀମା ରହିବନି । ଏତେକାଳ ପରେ, ଯଶୋବନ୍ତରାୟ ବାବୁଙ୍କ ଡାଇରୀଟା ପଢ଼ି-ନେଲା ପରେ, ତାଙ୍କର ଅଙ୍କା ଚିତ୍ରକ ଦେଖି ନେଲାପରେ ଯାଇ ମୋତେ ବୋଧ ହେଉଛି ଯେ ତାଙ୍କୁ ନେଇ ଯେଉଁ ମତ ମୁଁ ପୋଷଣ କରୁଥିଲି ତା ଭୁଲ୍ ।

"ଅଣ୍ଡା, ହାଓ୍ୱା ପାଣି ଖାଇ ଥରି ଥରି ଗୋଟାଏ ଶୁଆ ଛୁଆ ପଡ଼ିଥିଲା, ତାକୁ ମୁଁ ଟେକି ନେଇ ପାଳିଲି । ଶୁଆ ଛୁଆ ଗୋଟିଏ ସୁନ୍ଦରିଆ ଚଢ଼େଇ, ଏଇଆ ଭାବିକରି ମୁଁ ତାକୁ ଆଣିଥିବି । 'କାଲେ ମରିଯିବ' ଏତିକି ଭାବିଲେଇ ମୁଁ ଦୁଃଖ ପାଉଥିଲି । ଭାଗ୍ୟକୁ ସେ ବଞ୍ଚିଗଲା । ଜୀଇଗଲା । ଆଗପରି ସୁସ୍ଥ ହୋଇଗଲା । କଥା କହିବା ଶିଖିଗଲା । ମୁଁ ଯାହା କହେ, ସେ ତାର ନକଲ କରେ । ଶୁଆ କଣ କେବେ ମଣିଷର ଭାଷା କହିପାରେ ? ଅର୍ଥ ନ ବୁଝିଲେ ବି ସେ ନକଲ କରିଯାଏ । ଅନୁକରଣ କରିବାଟା ହିଁ ତାର ସ୍ୱଭାବ ଯେ, ସେ କଣ ମତେ ଭଲପାଏନା ? ପିଞ୍ଜରାରେ ରଖିଲେ ଚିତ୍କାର କରେ । ବାହାରକୁ ବାହାର କଲେ, ରାମ୍ପୁଡ଼ି ବିଦାରି ହୁଏ । ହାତରେ, କାନ୍ଧରେ ଥୋଇଲେ ଆଙ୍କୁରି ଅଡୁଆ । ଖୁସି ହେଲେ ଡେଣା ଫଡ ଫଡ କରି ଉଡିକରେ । ମୁଁ ବରିଗିଡ଼ି କରି ଟିକେ ଚୁପ୍ ହୋଇ ବସିଲେ ସେ ଗରମ ହୋଇଯାଏ । ସେଇଠୁ ସେ ମୋ କାନ୍ଧରେ ଆସି ବସି ଥଣ୍ଟେ ଓ ମୋ ଗାଲରେ ତା ଥଣ୍ଟ ରଗଡ଼ି ପକାଏ । ସେଇଠୁ ମୁଁ ତାକୁ ନେଇ ପିଞ୍ଜରାରେ ରଖିଦିଏ । ଭଲ ମନ୍ଦ ଦିଟାଯାକ ତାର ରହିଛି । ଆଖିର ସେ ବି ତ ପ୍ରାଣୀଟିଏ । ଯେତେ ଦିନ ଜୀଇଥିବ, ମୋରି ପାଖରେ ଥାଉ ।"

ଉପର୍ଯ୍ୟୁକ୍ତ କଥାଗୁଡ଼ା ସେ ଦାଦା ବିଷୟରେ ହିଁ ନିଜର ଡାଇରିରେ ଲେଖିଥିବେ । ଏସବୁ କଥା ଲେଖିବାର ଆଉ କିଛି ସନ୍ଦର୍ଭ ଥିଲାପରି ଲାଗୁନାହିଁ । ଭଲ ଆଉ ମନ୍ଦ ମିଶିକରି ତ ମଣିଷ । ମଣିଷ ଯେ ଯାକେ ପରିବାର ଭିତରେ ରହିଥାଏ, ସେଯାକେ ମଣିଷ ମଣିଷଙ୍କର ସମ୍ପର୍କ ରହିଥିବ । ନିଜର ସ୍ୱାର୍ଥ ସକାଶେ, ନିଜର ବିରକ୍ତିରୁ ମୁକ୍ତ ପାଇବା ସକାଶେ ହେଲେ ବି ତାର ଆଉମାନଙ୍କୁ ଲୋଡ଼ା ହୁଏ । ଆମେ ଏକୁଟିଆବାହାରା ହୋଇ ଜୀବନ କଟାଇ ପାରିବାନାହିଁ । ଏଥିରୁ ଜଣା ପଡ଼ୁଛି, ମଣିଷର ଉପରି ମଣିଷ ସାଙ୍ଗରେ ସମ୍ପର୍କ ରହିଛି । ଏକୁଟିଆବାହାଡା ହୋଇ କିଏ ବା ରାସ୍ତାରେ ପଡ଼ି ମରିବାକୁ ଚାହେଁ ?

Digitized by PPRACHIN, SOA

ଯଶୋବନ୍ତରାୟଙ୍କର ଏପରି ବକ୍ତବ୍ୟ ତାଙ୍କର ଅଙ୍କିତ ଗୋଟିଏ ଚିତ୍ରରେ ଦେଖାଯାଏ । ବୋଧ ହେଉଛି, ଦାଦାର ସ୍ୱଭାବ ବିଶ୍ଳେଷଣ ସେ ମୋଠୁଁ ବି ଭଲକରି କରିଛନ୍ତି । ତାଙ୍କର ଅଙ୍କିତ କେତେକ ଚିତ୍ରରେ ମନୁଷ୍ୟ ମୂର୍ତ୍ତିମାନ ଦେଖିବାକୁ ମିଳେ । ଯଦିଓ ପ୍ରମାଣିକ ରୂପେ ହିସାବ କଲେ ସେମାନଙ୍କର ଚିତ୍ରିତ ଆକାର ଅବୟବ ଅଙ୍କ ଆଦୌ ଠିକ୍ ନୁହେଁ । ସେ ସବୁ ଚିତ୍ରରେ ଯୋଉ ରଙ୍ଗ ବୋଳା ହୋଇଛି, ସେ ବି ତାଙ୍କ ମନ ମୁତାବକ । ରଙ୍ଗ ଓ ରଙ୍ଗ ଭିତରେ ସାମଞ୍ଜସ୍ୟ କମ । ବର୍ଣ୍ଣାନୁବର୍ଣ୍ଣ ଭିତରେ ବି ସମ୍ପର୍କ ଖୁବ୍ କମ୍ । ସେ ଯେଉଁ ମଣିଷ ରୂପ ଆଙ୍କିଛନ୍ତି, ତାଙ୍କୁ ସବୁ ଦି ଭାଗରେ ବିଭକ୍ତ କରିଦିଆଯାଇଛି । ଡାହାଣପଟକୁ କୌଣସି ପ୍ରକାର ରଙ୍ଗ ହେଲେ, ବାଁ ପଟକୁ ଆଉ ପ୍ରକାରେ । ପାଖକେ କଳା ରଙ୍ଗ ହେଲେ ଆରପାଖ ଧଳା । ପାଖେ ନାଲି ହେଲେ ପାଖେ ବାଇଗଣି । ତାଙ୍କୁ ବୋଧେ ଆଦୌ ବି ଜଣା ନଥିଲା ଯେ ନାଲିର ପୂରକ ବର୍ଣ୍ଣ ସବୁଜ । କଳା ଧଳା ଭିତରେ ତଥାପି ଗୋଟାଏ ମେଳ ହୋଇପାରେ । ଗୋଟିଏ ଯୁବକର ରୂପ ସେ ଧଳା କଳା କରି ଆଙ୍କିଛନ୍ତି । ଯୁବକଟି ପାଇଜାମା ପିନ୍ଧିଛି । ଦିହଟା ଖୋଲା, ମୁଣ୍ଡରେ ଟୋପି ନାହିଁ । ତା ହାତରେ କପ୍ ଓ ସସର୍ ଅଛି । ବାଁ ହାତରେ କେଟଲି ଧରି ସେ ଚାହା ଢାଳୁଛି । ଯଦିଓ ସେ ସମଭଙ୍ଗିମାରେ ଛିଡ଼ା ହୋଇଛି, ଚିତ୍ରଟାକୁ ଦେଖିଲେ ଜଣା ଯାଉଛି ଯେ ଗୋଟିଏ କଳା ଭାଗ ଅନ୍ୟ ଧଳାଭାଗ ସାଙ୍ଗରେ ଯେମିତି ମିଳା ଯାଇଛି । ମୁହଁରେ ଅଧା ଭାଗ ପ୍ରକାରେ, ବାକି ଅଧିକ ଆଉ ପ୍ରକାରେ । ମୁଣ୍ଡ ବି ସେଇମିତି । ପାଇଜାମା ଯୋଗୁ ଗୋଡ଼ର ବିକୃତି ଲୁଚି ଯାଇଛି । ମାନବ ରୂପରେ ବାଁ ଡାହାଣ ଭିତରେ ଟିକିଏ ଫର୍କ୍ ନିଶ୍ଚୟ ଥାଏ । ଅନ୍ତତଃ ମଣିଷର ଚେହେରାରେ ଏମିତି ନିଶ୍ଚୟ ହୁଏ । ଆପଣ ଯେବେ ଗୋଟିଏ ଫଟୋ ନେଇ ମଝିରୁ ଚିରି ସମାନ ଦୁଇଭାଗରେ ବିଭକ୍ତ କରି ଦେବେ, ତହିଁରେ କମ୍ ବେଶି ଫରକ୍ ନିଶ୍ଚୟ ଦେଖିବାକୁ ପାଇବେ । ଗୋଟିଏ ଚିତ୍ରର ଦୁଇଚାଖଣ୍ଡ ନେଇ ଯୋଡ଼ିଦେଲେ ଚେହେରା ଭିନ୍ନ ଦେଖାଯିବ; କିନ୍ତୁ ଯଶୋବନ୍ତ ରାୟ ବାବୁ ଯେଉଁ ଚିତ୍ର ଆଙ୍କିଛନ୍ତି, ସେସବୁରେ ଏହି ସ୍ୱାଭାବିକ ଫରକ୍ଟା ଖୁବ୍ ବେଶି ହୋଇଯାଇଛି । ଗୋଟିଏ ଚେହେରାର ଦୁଇ ଭାଗ ଭିତରେ ଫରକ୍ ଯାହାଥାଉ, ଗୋଟିଏ ସମାନତ୍ୱ ବି ରହିଥାଏ । ଗୋଟିଏ ଓଠର ଅଧିକ ଭାଗ ଟିକିଏ ଶ୍ରେଷ୍ଠ ବା ସରୁ ହୋଇପାରେ । ଅଂରକ କିଛିଟା ମୋଟା ଲମ୍ବ ବି ହୋଇପାରେ । ଭ୍ରୂକୁ, ଆଖି, ନାକର ଦି ପୁଡ଼ା ଗାଲ ଦୁଇଟି ଭିତରେ ଟିକିଏ ତଫାତ୍ ଅବଶ୍ୟ ଦେଖାଯିବ । କିଣ ଧରିନେବାଯେ ଯଶୋବନ୍ତ ରାୟ ବାବୁ ଏହି ଫରକଟାକୁ ବ୍ୟଙ୍ଗ ଦୃଷ୍ଟିରୁ ଅଧିକ କରି ଦେଇଥିବେ ? ଏମିତି ବି କିଛି କଥା ନାହିଁ । ଏ ଚିତ୍ର ତ

Digitized by PPRACHIN, SOA

ଏମିତ ଦେଖାଯାଉଚ ଯେମିତ ଦନ୍ତା ଅଲଗା ଦେହକୁ କାଟି ଯୋଡ଼ା ହେଇଚ । ଡାହାଣ ହାତରେ କପ୍‌ସସର ଧରା ହେଇଚ—ତାଇବ ଏମିତ ସରୁଆ ରୋଗିଣା ହାତଯେ ମନେ ହଉଚ୍ଛ ଚନାବାହନଗୁଡ଼ାକ ଏଇଲଗେ ହାତରୁ ପଡ଼ି ଭାଙ୍ଗି ଯିବକ ଆଉ । ବାଁ ହାତ, ଯହିଁରେ କେଟଲ୍‌ଟା ଅଛୁ, ଟିକଏ ମାଂସଲ ଓ ହୃଷ୍ଟପୁଷ୍ଟ । ଭୁରୁଡ଼ୀ ଉଠେଇବାର ହାତ ସେ, ଏଇଥିପାଇଁ ବଳବାନ୍ । ତା ପେଟ ଆଉ ଗ୍ରୁଡ ଦନ୍ତାଯାକ ଦେଖିବା ଭଲ ଜାନଷ ହେଇଚ । ଗ୍ରୁଡର ଡାହାଣ ଭାଗ ଯକ୍ଷ୍ମାରୋଗୀର ଗ୍ରୁଡ ଭଳିଆ ସିକୁଡ଼ିମିକୁଡ଼ି ଯାଇଛୁ, କିନ୍ତୁ ବାଁପଟ ସେମିତିକା ନୁହେଁ । ହଁ, ଯେମିତ କସରତ କରି ପିଲାମାନଙ୍କ ଗ୍ରୁଡ ହୋଇଥାଏ, ସେଇମିତିକା ଦିଶୁଚ । ସେ ଦନ୍ତଟା କେତେ ବିକୃତ ଦେଖାଯାଉଚ !

ଦନ୍ତ ଭଳିଆ ମୁହଁ ଉପର ଆଡ଼କୁ । ଡାହାଣ ଓଠ ତଳକୁ ଝୁଲିପଡ଼ିଛୁ । ଡାହାଣ ଗାଲଟା କଙ୍କାଳ ପରି ଦିଶୁଛୁ, ଭୂରୁ ଉପୁଡ଼ି ଉପୁଡ଼ି ଯାଇଚ । ଯେମିତ ଆଉ ଲୁମ ନାହିଁ ତହିଁରେ । ସେ ଭୂରୁ ଓ ଆଖିରେ ଯେମିତ ପ୍ରାଣ ନାହିଁ; କିନ୍ତୁ ମୁହଁର ବାଁପଟ ସେମିତିକା ନୁହେଁ । ଓଠ ବେଶ୍ ଚପଳ । ଓଠର କୋଣ ଉପରଆଡ଼କୁ ଟେକ ହୋଇ ରହିଛୁ । ବାଁ ପଟର ଥୋମଣି ବେଶ୍ ପୂରିଲା ପୂରିଲା । କଳା ରଙ୍ଗରେ ଅଙ୍କିତ ଏହି ଭାଗର ଆଖି ହସିଲା ହସିଲା । ଆଖିର ଡୋଳାଟି ଗୋଟିଏ ଆଡ଼କୁ ଚାଲିଛୁ ଏବଂ ଦୁଷ୍ଟାମିର ଭାବ ଦେଖାଉଛୁ । ତା ଉପରେ ମୋଟା ଭ୍ରୂ ଚିଆରି ହେଇଛୁ । ଏସବୁ ବିଚିତ୍ରତାମାନ – ବାଁ ଆଖି ଗ୍ରେଟ, ଡାହାଣ ଆଖି ତାର ଦିଗୁଣ ବଡ଼—ଏସବୁ ଦେଖିସାରି ମୁଁ 'ଏ କେମିତିକା ବ୍ୟଙ୍ଗ ?' ଭାବି ମୁଁ ଚିତ୍ରଟାକୁ ଥୋଇଦେଲି । ଯଶୋବନ୍ତରାୟ ବାବୁ ନିଜେ କହିଥିଲେ ଯେ ଦେହର ଲମ୍ବାଚଉଡ଼ା ସାମ୍ୟର ଅଧ୍ୟୟନ ସେ କରି ନାହାନ୍ତି । ତାଙ୍କ ଚିତ୍ରରେ ବି ଏହି ଅଭାବ ଟିକେ ଥିଲା । ସେଇ ଚିତ୍ରଟି ଥୋଇଦେଲାପରେ ଆଉ ମୋର ଭାବିବା ଦରକାର ନ ଥିଲା ଯେ ଚିତ୍ର କାହାକୁ ନେଇ ଅଙ୍କା ହେଇଛୁ । ସେ ତାଙ୍କ ଡାଇରୀରେ ଶୁଆଛୁଆର ଉପମା ଦେଇଥିଲେ, ମୋର ଦାଦା କଥା ମନେ ପଡ଼ିଥିଲା । ମୋର ମନେହେଲା ଯେ କେଟଲିଧରିଥିବା ଟୋକାଟା କଣ ଦାଦା ହୋଇ ନ ଥିବ କି ? ଦାଦାର ମୁଖାକୃତି ଚିତ୍ରିତ କରିବାକୁ ସେ ଚେଷ୍ଟା କରିଥିବେ । ଯେବେ କେଟଲିବାଲା ଟୋକାକୁ କହିବେ, "ମୁଁ ତୋର ଚିତ୍ର" ତା ହେଲେ ସେ ହୁଏତ ଆପଣଙ୍କ ମୁହଁରେ କରି ଭୁହା ଉଡ଼ିଦବ । ମୁହଁ ସାମନାରେ ଆରସି ରଖିବାର ଉଦ୍ଦେଶ୍ୟ ତାଙ୍କର ନ ଥିବ । କାହାରିକି ଯେବେ ଭୁହାଯାଏ ଯେ ତା ଚେହେରା ଏତିକି ବିକୃତ, ସେ କେବେହେଲେ ସହିବ ନାହିଁ, ତେଣୁ ଏପରି ଚେଷ୍ଟା ସେ ଆଦୌ କରି ନ ଥିବେ । ଏ ଚିତ୍ର କେବଳ ତାଙ୍କ ଭୃକର

Digitized by PPRACHIN, SOA

ଛଡ଼ା ଆଉ କାହାର ନୁହେଁ । କେଟଲି, କପ୍, ସସର ଏସବୁ ତାର ତାଙ୍କ ସ୍ନେହେଇଆ ଥିବାର ଇଙ୍ଗିତ । ଚନ୍ଦଟା ଦାଦାର ବୋଲି ମନେହେବା ପରେ ପରେ କେତେ କଥା ମନେ ପଡ଼ିଗଲା । କେମିତି ସେ ତାକୁ ପାଳି ପୋଷି ରଖିଥିଲେ । ଟିକେ ହସ ବି ମାଡ଼ିଲା । ଡାହାଣପଟଟା ଦାଦାର ସହାନୁଭୂତିଶୀଳତା ଦେଖାଉଛି, ସେତେବେଳେ ଦାଦା ଅନାଥ ଥିଲି ଓ ତାଙ୍କ ଘରେ ଆସି ରହୁଥିଲି । ତେଣୁ ସେଇ ଅଂଶଟିକୁ ସେ ଧଳାରଙ୍ଗ ଦେଇଛନ୍ତି । ଦ୍ୱିତୀୟ ଭାଗ ଦାଦାର ସ୍ୱାର୍ଥପରତା, ଦୁଷ୍ଟତା ଆଦିର ପ୍ରତୀକ । ଆଖି ଓଠ ଓ ନାକ ସବୁ କିଛି ସେହି ଅର୍ଥ ଦେଖାଉଛନ୍ତି । ବାଁପଟର ଗ୍ରୀବା ଚଉଡ଼ା ଓ ମାଂସପେଶୀ ବହୁଳ, ଗ୍ରୀବାର ଡାହାଣପାଖ ଅତି ଦୁର୍ବଳ, ଯେମିତି ଗ୍ରୀବା ବୋଲି କିଛି ନାହିଁ । ପ୍ରକୃତରେ ମଣିଷର କଳିଜା ଦେହର ବାଁ ପଟେ ଥାଏ । ସେଇମିତି ଦାଦାର ବାଁପଟ କଳା ଭାଗରେ କଳିଜା ପଞ୍ଜରା କିଛି ଗୋଟାଏ ଲାଗି ରହିଥିବା ପରି ଦିଶୁଛି, ତାକୁ ବାହାରର ମାଂସପେଶୀ ଢାଙ୍କି ରଖିଛି । କଳିଜା ଆଉ କିଛି ନ ଥିଲାପରି, କମ୍ପା ଖାଲି ବାଧ୍ୟରଖା ସକାଶେ ରହିଛି । ଏ ମୂର୍ତ୍ତିଟା ମନରେ ଆସିଲା ମାତ୍ରେ ଚନ୍ଦଟାକୁ ବାକ୍ସରୁ ବାହାର କଲି ଓ ବହୁତ ବେଳଯାଏ ବସି ବସି ତାକୁ ଦେଖିଲି । ଯଶୋବନ୍ତବାବୁଙ୍କର ମାନଚନ୍ଦ ବିଷୟରେ ଜ୍ଞାନ ନାହିଁ, ତଥିରେ ପୁଣି ଦାଦାର ସ୍ୱଭାବ ତାଙ୍କୁ ଅଜଣା ଥିଲା—ଏପରି କୁହାଯାଇ ନ ପାରେ । ସବୁ ଜାଣି ଶୁଣି ତାକୁ ସେ ପୋଷୁଥିଲେ । କିଣ ପାଇଁ ? ସେ ଉତ୍ତର ଦେଇଥିଲେ, "ମଣିଷର ମଣିଷ ଦରକାର।" ଡାହାଣ-ବାଁ, କଳା-ଧଳା, ଶୁଦ୍ଧ-ଅଶୁଦ୍ଧ ଏସବୁ ବାସ୍ତବ ସତ୍ୟ ନୁହନ୍ତି କି ? ମନୁଷ୍ୟ ସମାଜ ଭଲ ମନ୍ଦର ଗୋଟିଏ ଅଦ୍ଭୁତ ମିଶ୍ରଣ । ଏଥିରୁ ଯେବେ ଗୋଟିଏ ହଜିଯାଏ, ତାହେଲେ ହୁଏତ ମନୁଷ୍ୟର ନାଁ ରହିବ ନ । ନିଜର ଭଲମନ୍ଦକୁ ମାପି ପାରିଲେ ହୁଏତ ମନୁଷ୍ୟ ଏତିକି ଜାଣି ପାରିବ । ନିଜକୁ ହଜାଇ ଦେଇ ଦୁନିଆଁକୁ ବୁଝିବାକୁ ଯୋଉ ମଣିଷଟା ବାହାରି ଆସିଛି, ସେ ସଂସାରର ଏହି ପରସ୍ପର ବିରୋଧୀ, କଳାଧଳା ରଙ୍ଗଗୁଡ଼ିକ ଦେଖିବ ଓ ବୁଝିବ ।

ତାଙ୍କ ଚନ୍ଦ ଭିତରେ ଗୋଟିଏ ଗୋରୁର ଛବି ବି ରହିଛି ।

ଚରୁଥିବାର ଦେଖାଯାଉଛି । ତା ପିଠିରେ ବସି ଗୋଟିଏ କଙ୍କାଳି ସାଙ୍ଗୁ ଥଣ୍ଟରେ ତା ପିଠିରେ ଗୋଟାଏ ଘାଆ କରି ଦେଇଛି । ସେଇ ଚନ୍ଦ ବିଷୟରେ ମୁଁ ପଚାରିଥିଲି, "ଏଇଟା ସାଧାରଣ ବଣୁଆଁ ସାଙ୍ଗଟାଏ ନା ? ଯୋଉଗୁଡ଼ା ସଦାବେଳେ ଗୋରୁଙ୍କ ଦେହରୁ ଟିଙ୍କ ଖାଉଥାନ୍ତି ।

"ହଁ । ସେଇ ।"

Digitized by PPRACHIN, SOA

"ଏ ଦୃଶ୍ୟ ଆପଣ କୋଉଠି ଦେଖିଥିଲେ କି ?

"ଖଣ୍ଡାଳରେ ଏ ଦୃଶ୍ୟ ଦେଖିବାକୁ ମିଳେ । ମନ ବକ୍‌ଦାର ହୋଇଗଲେ ମାସେ ଖଣ୍ଡେ ଖଣ୍ଡାଳ ଯାଇ ରହିଆସେ ।

"ଗୋରୁର ଆକାରଟା କିନ୍ତୁ ଠିକ୍ ଠିକ୍ ହୋଇ ପାରିନି ।"

"ମୁଁ କଣ କହୁଚି ଯେ ମୁଁ ଗୋଟେ ଚିତ୍ରକର ?

"ତେବେ ବି ଚିତ୍ରକଳା ସଙ୍ଗେ ଆପଣଙ୍କର ପ୍ରୀତି ରହିଛି ।"

"ସେକଥା ଯାହା କହିଲେ, ଛବି ଆଙ୍କିବା ମୋର ଗୋଟାଏ ଅଭ୍ୟାସ ହୋଇ ଗଲାଣି । ଅଭ୍ୟାସ ବା ନିଶା ସକାଶେ କିଛି ଅର୍ଥ ଦରକାର ହୁଏ ନା, ସମୟ କଟିଯାଏ ଏଇ କାମରେ । କେତେ ଭାବନାରୁ ମୁକ୍ତି ମିଳିଯାଏ ।"

"ଏଇ ଗୋରୁଠାରେ ଆପଣ କଣଟା ଆକର୍ଷଣ ପାଇଲେ ? ମତେ ତ ଏମିତି କିଛି ଆକର୍ଷଣ ବୋଧ ହେଉନାହିଁ ।"

"ତା କଥା ଛାଡ଼ନ୍ତୁ । ହୁଏତ ଯୋଉ ଆକର୍ଷଣ ତା ଭିତରେ ମୁଁ ପାଇଛି, ଆପଣଙ୍କୁ ତା ଦେଖାଯିବନାହିଁ । ଆଉ ଯେବେ ଦେଖା ନ ଯିବ, ତା'ହେଲେ ତା ମର୍ମ ବୁଝିବାକୁ ଚେଷ୍ଟା କରି ଲାଭ କଣ ?"

"ନାହିଁ, ଟିକଏ ବୁଝାଇ ଦିଅନ୍ତୁ ଭୂମିକା ନ ଥିଲେ କେତେ ଚିତ୍ରର ଅର୍ଥ ସ୍ପଷ୍ଟ ହୋଇ ପାରେନାହିଁ ।"

"ଆପଣ କହୁଚନ୍ତି ମୋର ଚିତ୍ରଗୁଡ଼ାକର କିଛି ଅର୍ଥ ଅଛି ?"

"ନିଶ୍ଚୟ ଅଛି । ତା ନ ହେଲେ ଚିତ୍ର ଅଙ୍କାଯିବ ବା କାହିଁକି ?"

"ତା ସତ, ଏ ଜୀବନରେ କେତେ କାମର ଅର୍ଥ ଥାଏ ? କାମଟା ସରିଗଲେ, କୋହିଁକି ସ୍ତ୍ରୀ କଲି'ର ଉତ୍ତର ନ ଜାଣି ମଧ୍ୟ ଆମେ ବଞ୍ଚୁଛେ ନା ? ଏମିତି କେତେ ପ୍ରସଙ୍ଗ ଅଛି ଯାହାର ଅର୍ଥ ଆମେ ଜାଣିପାରୁଁ ?"

"ସେ କଥା ଠିକ୍ ଯେ, କିନ୍ତୁ ଏଇ ଚିତ୍ରଟାର ଅର୍ଥ ଆପଣ କହି ଦିଅନ୍ତୁ ।"

କିଛି ବେଳ ଯାକେ ସେ ମୋ ମୁହଁକୁ ଅନାଇ ରହିଲେ ଏବଂ ତା'ପରେ ହସିଲେ । ତାପରେ କହିଲେ, "ସେ ମୋ ଜୀବନର ସମ୍ପର୍କୀୟ ଉପମାଟିଏ ମାତ୍ର । ତା କଥା କହିବାର ବେଳ ଏଇଲି ଆସିନି ।" ସ୍ତ୍ରୀ କହି ମୋ ହାତରୁ ସେ ଚିତ୍ରଟାକୁ ଛଡ଼ାଇ ନେଇ ଭିତରେ ରଖିଦେଲେ । ପୁଣିଥରେ ତାକୁ ଦେଖିବାକୁ ପାଇଲି

Digitized by PPRACHIN, SOA

ଘରକୁ ଆସି, ମାନେ ତାଙ୍କର ଚଡ଼ଶାଳାର ମାଲିକ ହୋଇ ସାରି କରି । ଯେଉଁଦିନ ସେ ଚଡ଼ଟା ମୋଠୁଁ ଛଡ଼ାଇ ନେଇଥିଲେ, ସେତେବେଳେ ତାଙ୍କୁ କ୍ଷଣକ ଲାଗି ଦୁଃଖିତ ଦେଖାଯାଉଥିଲା—ମୋ ପ୍ରଶ୍ନମାନଙ୍କରେ ବିରକ୍ତ ହୋଇ ଦୁଃଖିତ ହେଲେକି ନିଜ ଜୀବନର କୌଣସି ଘଟଣା ମନେ ପଡ଼ିବାରୁ ଦୁଃଖିତ ହେଲେ, କହି ହେଉନାହିଁ; କିନ୍ତୁ ସେଦିନ ଅନେକ ସମୟ ଧରି ସେ ମୋ ସାଙ୍ଗେ କଥାବାର୍ତ୍ତା କରି ନଥିଲେ । ସେଥିରୁ ମୁଁ ବୁଝିଲି, ମୋ କଥାରେ ବୋଧେ ସେ ବିରକ୍ତ ହୋଇଛନ୍ତି । ମୁଁ ସେ କଥାଟା ଭୁଲେଇବା ସକାଶେ କଦର କରି ପଚାରିଲି, "ଟିକେ ମାଲିବାର ହିଲ୍‌କି ଗ୍ରେପାର୍ଟୀ ଯାଇ ବୁଲି ଆସିଲେ କେମିତି ହୁଅନ୍ତା ?

"ମୁଁ ଦାଦାକୁ ସିନେମା ଦେଖିବାକୁ ଛାଡ଼ି ଦେଇଛି" ସେ କହିଲେ, "ମୁଁ ଏଇଠି ଅଛି, ଆପଣ ବୁଲି ଆସନ୍ତୁ ।"

"ଏଇଲି ଗଲେ, ପୁଣି ଆସନ୍ତା ବର୍ଷ ଯାଏଁ ଆସିବି ।" ମୁଁ କହିଲି "ଆଚ୍ଛା ହଉ ।" ସେ କହିଲେ, ମୋତେ ବଳେଇଦେବାକୁ କି ସେ ଆସିଲେ ନି, ମନେହେଲା, କେଉଁ ପୁରୁଣା କଥାର ସ୍ମୃତି ତାଙ୍କୁ ଅଶାନ୍ତ କରିଦେଇଛି । ମୁଁ ତଳକୁ ଓହ୍ଲାଇଲି । ପାହାଚରେ ଓହ୍ଲାଉଛି, ଦେଖିଲି ଜଣେ ଶ୍ୱେତବସ୍ତ୍ରା ମହିଳା ଉପରକୁ ଆସୁଛି । ତା ବୟସ ତିରିଶି ପାଖାପାଖି ହେବ । ଟିକିଏ ପାଖେଇ ଯାଇ ସେ ମୋତେ ପଚାରିଲା । "ମିଷ୍ଟର ଯଶୋବନ୍ତ ଦେସ୍ୱର୍ ?" ବୋଧେ ସେ ବୁଝିଥିଲା ଯେ ମୁଁ ତାଙ୍କର ପାଖରୁ ଆସୁଚି । "ଇଢାରେ (ଅଛନ୍ତି)" ମୁଁ କହିଲି । ସେ ମୋର କନ୍ନଡ଼ ବୁଝିଛି କି ନାହିଁ ନ ବିଚାରି ମୁଣ୍ଡ ପୋତି ମୁଁ ଧୀର ପଦରେ ଆଗେଇ ଆସିଲି ଓ ଗ୍ରେପାର୍ଟିରେ ପହଞ୍ଚିଲେ ସେଠି ବାଲି ଉପରେ ଏକୁଟିଆ ବସି ରହିଲି । ସେତେବେଳକୁ ସନ୍ଧ୍ୟା ପାଞ୍ଚଟା ପଚିଶ ବାଜିଥିବ । ରାସ୍ତା ଉପରେ ଗାଡ଼ି ଘୋଡ଼ା ଜମଜମାଟ ଅବସ୍ଥା । ଗ୍ରେପାର୍ଟୀର ବାଲିବନ୍ଧ ଉପରେ ପଥିକଆଙ୍କ ଭିଡ଼ ଏତେ ବେଶି ଜମିଗଲା ଯେ, ଆଉ ବାଲି ଦେଖାଗଲା ନି । ସେତେବେଳକୁ ବୋଧେ ସମୁଦ୍ରରେ ଭଟ୍ଟା ଆସିଛି । 'ବ୍ୟାକ୍‌ବେ'ର ଲହଡ଼ିମାନ ପୋଖରୀର ଲହରୀ ପରି ଦୁର୍ବଳ ହୋଇ ଢେଉକୁ ଢେଉ ମାଡ଼ି ଆସୁଥିଲା । ତହିଁରେ ଆମଗାଁ ସମୁଦ୍ର ଜଳ ସ୍ୱଚ୍ଛତା, ଉଚ୍ଛଳତା ବା କୁଅର ଦେଖିବାକୁ ମିଳୁ ନଥିଲା । ସେ ଯଦିଓ ସମୁଦ୍ର, ତଥାପି ଲାଗୁଥାଏ ଯେମିତି ଯେ ସହରର ନର୍ଦ୍ଦମା ଦେଇ ବହୁଥିବା ଗନ୍ଧିଆ ଅସନା ପାଣିର ପୋଖରୀଟାଏ । ହେଲେ ଗ୍ରେପାର୍ଟୀର ବାଲିଆ କୂଳଟା ସଫା କରିପାରୁଥାନ୍ତା ! ଆମ ଆଡ଼ ଭଳିଆ ସେତେ ସ୍ୱଚ୍ଛ ନୁହେଁ । ହଜାର ହଜାର ଲୋକ ତା ଉପରେ ଛେପ ପକାନ୍ତି । କେତେ ରକମର ମଇଳା ଅସନା, କାଗଜ, ଅଇଣ୍ଠା

Digitized by PPRACHIN, SOA

ଆଉ ଫୋପାଡ଼ିବାର ସ୍ଥାନ ହୋଇଛ ସେ । ତଥାପି ସମୁଦ୍ରର ଜୁଆର ଲହଡ଼ି ଆସି ଏଗୁଡ଼ିକୁ ଥରେ କି ଦୁଇଥର ଯଥାଶକ୍ତି ମଇଳା ଅସନା ଭସାଇ ନିଏ । ସ୍ୱଚ୍ଛତାକୁ କି ମିଳିବ ? ଏମିତି ଜାଗା ନାହିଁ ଯୋଉଠି ମଇଳା ନାହିଁ, ଏମିତି ଜିନିଷ ନାହିଁ ଯେଉଁ ମଇଳ-ରହିତ ହୋଇଥିବ, ବରଂ ମଇଳାକୁ ବାରମ୍ବାର ଧୋଇଲେ ଯାଇ ପରିମଳର ଲକ୍ଷଣ ।

ମୁଁ ସେଇଠି ଏକା ବସିଥାଏ । ଟିକିଏ ବେଳପରେ ସେହି ଜଳସମୁଦ୍ର ପାଲଟିଗଲା ଜନସମୁଦ୍ର । ସମୁଦ୍ରର ଗର୍ଜନକୁ ଡୁବାଇ ଦେବାଭଳି ଗାଡ଼ିଘୋଡ଼ାର ଶବ୍ଦ, ପଇଡ଼ବାଲା, ଭେଲ୍ (ମସଲା ମୁଢ଼ି) ବାଲା, ଓ ପିଲାଙ୍କ ହସକାନ୍ଦ ଇତ୍ୟାଦିର ଗୋଳିଆ ମିଶା ଶବ୍ଦ ପୂର୍ବ ବାତାବରଣକୁ ଆଚ୍ଛନ୍ନ କରୁଛି । ମୋର ବନ୍ଧୁ ଯେ ବମ୍ବେର ଉପମା ଏହି 'ଜନନିବିଡ଼' ସାଙ୍ଗରେ ଦେଇଛନ୍ତି, ଏଥିରେ ଆଶ୍ଚର୍ଯ୍ୟ କିଛି ନାହିଁ; କିନ୍ତୁ ଆଶ୍ଚର୍ଯ୍ୟ କଥା ହେଉଛି ଏତିକି ଯେ ସେ ବାନପ୍ରସ୍ଥର ଆଶାରେ ଏହି ଜନାରଣ୍ୟରେ କେମିତି ଆସି ରହିଗଲେ ! ଗୋଟିଏ ଦୃଷ୍ଟିରୁ ବମ୍ବେ ଏକଦମ ଜଙ୍ଗଲ । ସେଠି ଲୋକଙ୍କର ଅପାର ଭିଡ଼ ଭିତରେ ଆଇ କରି ମଧ୍ୟ ଏକୁଟିଆ ଜୀବନ ବ୍ୟତୀତ କରି ହୁଏ, ଯୁଆଡ଼େ ଯାନ୍ତୁ, ଲୋକ ପାଇବେ ଇ, ଭିଡ଼ ରହିଥିବଇ; କିନ୍ତୁ ସେଠି କେହି ହେଲେ ସାଧାରଣତଃ ଆଉ କାହାରିକି ପଚାରେନା "ଆପଣ କିଏ ସେ ? ଆପଣଙ୍କ ନିବାସ କୋଉଠି ?" ଏ ଘର ଲୋକଟି ଆର ଘରର ଲୋକଙ୍କୁ ଜାଣେନା । ସମସ୍ତେ ନିଜ ନିଜର ରଙ୍ଗ ଭିତରେ ଜାଣି ଡୁବି ରହିଥାନ୍ତି । କିଏ ଯେବେ ନିମନ୍ତ୍ରଣ କରି ନେବ, ତେବେ ଯାଇ ଆପଣଙ୍କୁ ଆଦର ମିଳିବ, ନଚେତ୍ ନାହିଁ ।

ତେଣୁ ମୁଁ ସନ୍ଧ୍ୟାଯାକେ ସେହି ଜନ-ସମୁଦ୍ର ମଧ୍ୟରେ ପଥର ପରି ବସି ରହିଲି । ଯେତେବେଳେ ସେଥିରୁ ବି ମନଟା ବିରକ୍ତ ହୋଇଗଲା, ସେତେବେଳେ ଗ୍ରାଣ୍ଟ୍ ରୋଡ଼୍ ଷ୍ଟେସନ ଆଡ଼େ ଚାଲିଲି । ମୁଁ ଚଲାରେ ବୁଡ଼ି ରହିଥିଲି । ତେଣୁ ରାସ୍ତାର ଗୋଟିଏ ପାଖଦେଇ ମୁଁ ସେହି ଜନସମୁଦ୍ରରୁ ନିଜକୁ ବଞ୍ଚାଇ ଯାଉଥାଏ । ଗାମ୍-ଦେବୀ ଓ ଲବନାମ୍ ପାରି ହୋଇ କରି ଯେତେବେଳେ ମୁଁ ଗ୍ରାଣ୍ଟ୍ ରୋଡ଼ ପହଞ୍ଚେ, ସେତେବେଳେ ଯାତ୍ରୀଙ୍କ ଗମନାଗମନ ସକାଶେ ଭିଡ଼ ହୋଇଯାଇଥିଲା; ତେଣୁ ମୁଁ ବାଧ୍ୟ ହୋଇ ସେଇଠି ରହିଗଲି । ମଟରଗାଡ଼ି ର ଲାଇନ୍ ମାନ ଗୋଟିକ ପରେ ଗୋଟିଏ ଡିନଟା ପାରି ହେଲେ ଯାଇ ମୁଁ ରେଳଷ୍ଟେସନ ପହଞ୍ଚି ପାରିବି । ମୁଁ ସୁଯୋଗ ଖୋଜୁଥାଏ, କେତେବେଳେ ମଟର ଭିଡ଼ ଟିକିଏ କମିବ, ଆଉ ମୁଁ ଆଗକୁ ପାଦ ବଢ଼ାଇବି, ଏତିକିବେଳେ ଯଶୋବନ୍ତରାଓଙ୍କୁ ଦେଖିଲି, ସେଇ ରାସ୍ତାରେ ଯାଉଛନ୍ତି ।

Digitized by PPRACHIN, SOA

ତାଙ୍କ ସଙ୍ଗରେ ସେ ଯେଉଁ ମହିଳାଙ୍କୁ ମୁଁ ଦେଖିଥିଲି ତାଙ୍କ ଘରେ ପାହାଚ ଚଢ଼ୁଥିଲା, ସେ ବି ଥିଲା। ତା ବେଶଭୂଷା ଠିକ୍ ସେଇମିତି ଥିଲା। ସେ ତ ମତେ ବୋଧେ ଦେଖି ପାରି ନ ଥିଲେ; କିନ୍ତୁ ଯେଉଁ ରକମ ସେମାନେ ପାଖା ପାଖି ହୋଇ ଗୁଲୁଥାନ୍ତି, ଦେଖିକରି ମତେ ଟିକିଏ ଆଶ୍ଚର୍ଯ୍ୟ ଲାଗିଲା । ଯଶୋବନ୍ତ ରାସ୍ତଙ୍କ କଣ୍ଠରେ "ବାନପ୍ରସ୍ଥ" ଶବ୍ଦ ମୋତେ ଦୁଇ ତିନଥର ଶୁଣାଗଲା । ସେ ସମୁଦାୟ ଦୃଶ୍ୟଟି ସଙ୍ଗେ ଏହି ଶବ୍ଦଟିର କୌଣସି ସମ୍ବନ୍ଧ ମୋତେ ଜଣାଗଲା ନାହିଁ। ମୋ ମନରେ ସନ୍ଦେହ ଜାତ ହେଲା ଯେ ନିଜର ସଂସାରରୁ ବିରକ୍ତ ହୋଇକରି ବମ୍ବେ ଆସି ସେ ଦୋହରି ସଂସାର ବସାଇ ନେଇଛନ୍ତି। ମୋର ଏ ସନ୍ଦେହ ହେବା ସ୍ୱାଭାବିକ । ସେ ଦୃଶ୍ୟଟିକୁ ଭୁଲିବାକୁ ମୁଁ କେତେ ଚେଷ୍ଟାକଲି; କିନ୍ତୁ ଯଶୋବନ୍ତରାସ୍ତ ବାବୁଙ୍କର ଆଗର ଜୀବନ ବାରମ୍ବାର ମନେପଡ଼ିଯାଉଥାଏ। ଜୀବନର ଅନ୍ତିମ ସମୟ ଯାଏଁ ତ ସେ ସ୍ତ୍ରୀଲୋକକୁ ମୁଁ ତାଙ୍କ ପାଖରେ ଦେଖିଲି ନାହିଁ। ସେ ଦୁହିଁଙ୍କ ଭିତରେ ଯେବେ ଗଭୀର ସ୍ନେହ ଥାଏ, ତା କିଛି ଆଶ୍ଚର୍ଯ୍ୟ କଥା ନୁହେଁ। ମନୁଷ୍ୟର ଏହା ଗୋଟିଏ ସ୍ୱାଭାବିକ ଦୁର୍ବଳତା ତ ନିଶ୍ଚୟ, ଏହା ଭାବି ମୁଁ ନିଜର ମନକୁ ବୁଝାଇଥିଲି; କିନ୍ତୁ ସେ ତାଙ୍କର ଏତେ ନିକଟର ହୋଇଥିଲେ, ତାଙ୍କର ଅନ୍ତିମ ସମୟରେ ନିଶ୍ଚୟ ତାଙ୍କ ପାଖରେ ଦେଖା-ଯାଇଥାନ୍ତି। କେ. ଇ. ଏମ୍ ହସ୍‌ପିଟାଲରେ ଯେତେବେଳେ ସେ ଅଚେତ ହୋଇ ପଡ଼ିଥିଲେ। ସେତେବେଳେ କଣ ତାଙ୍କପାଖୁ ସେ ଆସିଥିବ କି ? କେମିତି କହିହେବ ଆସି ନଥିବ ବୋଲି ? ତାଙ୍କର ଜୀବନଯାତ୍ରା ସମାପ୍ତ ହେଲାପରେ ମୁଁ ବି ତାଙ୍କ ଘରକୁ ଯାଇଚି। କେଜାଣି କାହିଁକି ମୋ ମନରେ ବାରମ୍ବାର ଚିନ୍ତା ଆସୁଥାଏ ଯେ ଦାଦା ଭଳି ବ୍ୟକ୍ତି ମଧ୍ୟ ତାଙ୍କ ଜୀବନରେ ଗୋଟିଏ ଭୋଗ ହୋଇଯାଇଥିବ । ବର୍ଷ ବର୍ଷ ପରେ ତାଙ୍କର ମାଲବାର ହିଲ ସ୍ଥିତ ବସାକୁ ମୁଁ ଯାଆସ କରୁଛି। ସେଠି ଦିଘଣ୍ଟା ରହୁଚି ବି। କାଳେ ଓହ୍ଲାଇଲାବେଳେ ସେହି ଧଳା ଶାଢ଼ୀ ପିନ୍ଧା ସ୍ତ୍ରୀ ଲୋକଟି ସାଙ୍ଗରେ ଦେଖା ହେବ, ଏହି ସମ୍ଭାବନା ମୋ ମନରେ ସଦାବେଳେ ରହୁଥାଏ; କିନ୍ତୁ ସେ ତ କେବଳ ସେତିକିବେଳେ, ଏବଂ ସେହିଦିନ ମାତ୍ରକ ଦେଖା ଦେଇଥିଲା । ତାଙ୍କର ଡାଇରି ପଢ଼ିଲାବେଳେ ମୋର କୌତୂହଳ ହେଉଥାଏ କାଳେ ସେହି ସ୍ତ୍ରୀ ଲୋକ ବିଷୟରେ ବି କିଛି ପଢ଼ିବାକୁ ମିଳିଯାଏ।

ତାଙ୍କ ଡାଇରିରେ ସେ ଜାଣି ଜାଣି ଲୋକଙ୍କ ନାଁ ଲେଖୁ ନ ଥିଲେ। କେତେ ଥର ତ X, Y, Z ଲେଖି ଦେଉଥିଲେ, ଆଉ କେତେବେଳେ ଅର୍ଥହୀନ ନାମ। ସମୁଦାୟ ଲେଖାଭିତରେ ଅମୁକ ଲୋକର ନାଁ ରୁ ଦାଦାର ଚରିତ୍ର ବାହାରୁଛି, ଏହିପରି ବିଶ୍ୱାସ ହେଉଥିଲା। ମୃତ୍ୟୁପରେ ନାମ ମନୁଷ୍ୟର ଗୋଟିଏ ଶବ୍ଦମାତ୍ର। କେବଳ

Digitized by PPRACHIN, SOA

ନାମରୁ ହିଁ କାହାର ସମ୍ପୂର୍ଣ୍ଣ ରୂପ ଆଖି ଆଗରେ ଆସିଯାଏ ନା । ସେ ଭାବୁଥିବେ, ଫିଡା ପିଡା ସ୍କ୍ରୁଡର ଲଫାପାଯାକରେ କିଛି ନାଁ ଦବା ଦରକାର କଣ ମୋ ଡାଇରୀରେ? ପାଠକ କାହିଁକି ଜାଣିବ ଯେ ଅମୁକ ଲୋକ ଏତେ ଖରାପ ? ଏଇଆ ଭାବିକରି ସେ ଧ୍ୱା କରିଥିବେ । ଡାଇରୀ ଗୋଟିଏ ସ୍ମରଣିକା, ଗଳ୍ପ ନୁହେଁ, ସେ ହେଲା ଗୋଟିଏ ପ୍ରକାରର ଇତିହାସ, ଚରିତ । ତହିଁରେ ଖାମ ଖାମ ରହିବ ଓ ଖାମ ଖାମ ରହିବ । ଗଣପତି ଯେବେ ଲେଖାହବ, ଗଣପତି ରହିବ । 'ଦାଦା' ଲେଖିଥିଲେ ମତେ ଓ ଜମଶେର ଦମ୍ପତିଙ୍କୁ ଜଣା ପଡ଼ି ଯାଇଥାନ୍ତା, ଏଇଟା କା କଥା ଲେଖା ହେଇଚି । ଦାଦା ସାଙ୍ଗରେ ତ ଆମର ଚାହ୍ଲା ପରିଚୟ ଥିଲି; କିନ୍ତୁ ଡାଇରୀ ପାଠକଙ୍କ ଲାଗି ସେ ଖାଲି X, Y, Z ରହିଥିବ ।

ଧିରେ ମୁଁ ଆରାମରେ ବସି ତାଙ୍କ ଡାଇରୀର ପୃଷ୍ଠା ଲେଉଟାଉ ଥାଏ, ଦେଖିଲି XYZ ଜାଗାରେ 'ଶ୍ୟାମା' ନାମଟି ଆଠ ଦଶଠା ଦେଖିବାକୁ ମିଳିଲା । ସେଇ ବି କିଛି ଛଦ୍ମନାମ ହୋଇଥିବ । ଏ 'ଶ୍ୟାମା'ଟି କିଏ ? "ଖଣ୍ଡାଳାରେ ଯେତେବେଳେ ଥିଲି" ଲେଖାଅଛି ନା ? ଭାବିଲି, ସେଇଠିକାର କିଏ ହେଇଥିବ । ମନ ଦେଇ ପଢ଼ିଲି, ଦେଖିଲି "ଶ୍ୟାମେର ମା"ର ପ୍ରୟୋଗ ହୋଇଛି । ହସ ମାଡ଼ିଲା । "ଶ୍ୟାମେର" ଏହି ପ୍ରୟୋଗ ଦେଖି ନ ହସି ରହି ପାରିଲି ନା । ଯଦି ନାମଟି "ଶ୍ୟାମା" ହୋଇଥାଏ, ତା ହେଲେ "ଶ୍ୟାମାର ମା" ହେବା ଉଚିତ । "ଶ୍ୟାମେର" କଥାଟା ବଡ଼ ଅଡ଼ୁଆ ଅଡ଼ୁଆ ଲାଗୁଛି । ଯେମିତି ତାଙ୍କର କିଛି ଧ୍ୱନିଜ୍ଞାନ ନାହିଁ । ତାଙ୍କ ଚିଠିଗୁଡ଼ାକ ବି ଯେମିତି, ସେଇମିତିକା ତାଙ୍କର ଶବ୍ଦ ଗୁଡ଼ାକ ବି ଅବାଗିଆ । ବୁଦ୍ଧିକୁ ବହୁତ ବହୁଦୂର ଦଉଡ଼ାଇବାକୁ ପଡ଼ିଲା । ଦାଦା ବିଷୟରେ ଯଶୋବନ୍ତରାୟ ବାବୁଙ୍କ ସାଙ୍ଗରେ ଯେଉଁ ଆଲୋଚନାମାନ ହୋଇଥିଲା ସେ ସବୁ କ୍ରମେ ମନେ ପଡ଼ିଗଲା । ଦୁର୍ଭାଗ୍ୟକୁ ଆଲୋଚନା ମୁହିଁ ଆରମ୍ଭ କରିଥିଲି । ଅରକ୍ଷିତ ଦାଦା ତାଙ୍କ ଘରକୁ ଆସିବା, ଡାକ୍ତର ଦାରୁବାଲାକୁ ଡାକିବା, ତାଙ୍କଦ୍ୱାରା ଝୋକାଟାର ସେବାଶୁଶ୍ରୂଷା, ତାଙ୍କୁ ସାହାଯ୍ୟ କରିବାଲାଗି ଡାକ୍ତରଙ୍କର ଗୋଟିଏ ନର୍ସ ପଠାଇବା—ସବୁ କିଛି ମନରେ ପଡ଼ିଗଲା । ସେହି ନର୍ସଟିର ନାମ ମଧ୍ୟ ମନେ ପଡ଼ିଗଲା । ଆହୁରି ମଧ୍ୟ ଏକଥା ବି ମନେପଡ଼ିଲା ଯେ ସେ ନର୍ସକୁ 'ମେରୀ' କହି ଡାକୁଥିଲେ । 'ମେରୀ' ତ ଖ୍ରୀଷ୍ଟାନ୍ ନାମ । ସେଦିନ ଯେତେବେଳେ ଟେଦାତାଲାରୁ ତଳକୁ ଓହ୍ଲାଉଥିଲି, ସେତେବେଳେ ଧଳା ଶାଢ଼ୀ ପିନ୍ଧା ସେହି ସ୍ତ୍ରୀ ଲୋକଟିକି ଦେଖିଥିଲି । ସେ ନିଶ୍ଚୟ ସେହି ନର୍ସ ହୋଇଥିବ । ତା ମଥାରେ ସିନ୍ଦୂର କୁଙ୍କୁମ କିଛି ଦେଖି ନ ଥିଲି । ହାତରେ ଚୁଡ଼ି ବି ନଥିଲା । ହିଁ ସେହି 'ମେରୀ' ହୋଇଥିବ । ତା ହେଲେ ତାର ସାଙ୍ଗରେ ତାଙ୍କର ପରିଚୟ ହୋଇଯାଇଥିଲା । ପୁଣି

Digitized by PPRACHIN, SOA

ମନେହେଲା ଏଇଟା କିଛି ବିଚିତ୍ର କଥା ନୁହେଁ । ପୁଣି କଳ୍ପନା କଲି, ମନକୁ ଆସିଲା ଯେ 'ରୀମା' ଏହି 'ମେରୀ' ବା 'ମାରୀ'ର ଓଲଟା ପ୍ରୟୋଗ । ମୁଁ ପୁଣି ଡାଇରୀଟା ପଢ଼ିଲି । 'ରୀମା' ସ୍ଥାନରେ ସ୍ମୃତି ପଟଳରେ ଅଙ୍କିତ ମେରୀଙ୍କୁ ରଖିଲି । ମେରୀର ସ୍ୱାମୀ ବି ଥିବ । ସେ ଖଣ୍ଡାଲାରେ ରହୁଥିବ । ଏତିକି ଧରିନେଇ ମୁଁ ତାଙ୍କ ଲେଖା ପଢ଼ି ଲାଗିଲି—

'ରୀମା ଏଠିକି ଆସିଥିବାର ଖବର ରୀମାର ମା କେମିତି ପାଇଲା ? ଦାଦା ପାଖରୁ ବିଦାୟ ହୋଇ ମୁଁ ଏତିକି ଦେଖାଇବାକୁ ବମ୍ବେରୁ ଆସିଥିଲି ଯେ ସେ ନ ଥିଲେ ବି ମୁଁ ବଞ୍ଚିପାରେ । ଏମିତି ଆସିବାଟା କିଛି ନୂଆ କଥା ନୁହେଁ । ବର୍ଷକୁ ଥରେ ଦିଥର ଖଣ୍ଡାଲା ପଳେଇ ଆସେ । ମୋତେ ଖୋଜି ଖୋଜି ରୀମାର ଏଠିକି ଆସିବା ଉଚିତ ନୁହେଁ; କିନ୍ତୁ ସେ ଆସିଲା ଏବଂ ଆସି ଲାଗିଲା । ଏହିପରି ସେ ମୋର ଅନୁକମ୍ପା ବା ଦୁର୍ବଳତାର ସୁବିଧା ନେବାର ଚେଷ୍ଟାକଲା । ଦାଦାର ସେବା ଶୁଶ୍ରୂଷା କରିବାକୁ ତାର ଆସିବା ମଧ୍ୟ ମୋର ପସନ୍ଦ ନ ଥିଲା; କିନ୍ତୁ ସେ ଆସିଲା ଓ ମୁଁ ଯେତିକି ଶୁଶ୍ରୂଷା କଲି, ସେ ବି ସେତିକି କରିଥିଲା । ସେ ମୋର ପ୍ରଶଂସା କରି କହୁଥିଲା, ମୁଁ ତ ଦରମା ପାଇବାକୁ କାମ କରିଯାଉଛି, ଆପଣ ସ୍ତ୍ରୀକୁ ଅସହାୟ ଅରକ୍ଷିତ ଜାଣି ଭଲ ପାଉଛନ୍ତି । ଆପଣଙ୍କ ମନ ବଡ଼, ଆପଣ ଉଦାର ।" ଯେତେ ବଡ଼ ହୃଦୟବାନ୍ ହେଉପଛେ ଯଦି ତାର ନିଜର ପ୍ରଶଂସା ଶୁଣିବାର ଦରକାର ହୁଏ, ଜାଣିବ ସେ ଜାଲରେ ପଡ଼ିଗଲା । ରୀମା ତ ଏଇ କାମ କରିଦେଲା । ସ୍ତ୍ରୀ ଛଡ଼ା ଆଉ କିଛି ହୋଇ ନ ପାରେ । ମୁଁ କଣ ତା ପ୍ରଶଂସାରେ ମୁଗ୍ଧ ହୋଇଗଲି ? କହି ହେଉ ନାହିଁ । ପିଲାଦିନେ ମୁଁ ପ୍ରଶଂସକମାନଙ୍କର 'ଖୋଳା ଗାତରେ ହାତୀଭଳି ପଡ଼ି ଯାଉଥିଲି । ତା ପରେ ଏତିକି ବୁଦ୍ଧି ଆସିଚି ଯେ ସବୁ ଖୋସାମଦିଆ ଚୋର୍ । ଏଇଲା ବୋଧହୁଏ ପୁଣି ମୋର ପିଲାଦିନର ମୂର୍ଖତା ଫେରି ଆସିଛି । ଏ ବିଷୟରେ ମୁଁ ନିଜର ବିଶ୍ଳେଷଣଟି କରି ପାରି ନାହିଁ ।

"କିନ୍ତୁ ରୀମା ମୋତେ ପରାସ୍ତ କରିବା ସକାଶେ ଏସବୁର ବ୍ୟବହାର କରି ନି । ସେ ଏତିକି ଜାଣିଗଲା ଯେ ମୁଁ ଘରସଂସାର ତ୍ୟାଗକରି ଆସିଛି । ସେ ବିଷୟରେ ମୁଁ କାହାରିକି କହି ନାହିଁ; କିନ୍ତୁ ଜାଣେନା କିମିତି ତାକୁ କହିଗଲି ? ମନର ରିକ୍ତତା ସକାଶେ ? ନା ସେ ମୋତେ ସାହାଯ୍ୟ କରିଛି ସେଥିପାଇଁ ? ନା, ସ୍ତ୍ରୀଙ୍କ ଭିତରୁ କୌଣସିଟି କାରଣ ନୁହେଁ । ଗୋଟିଏ ନିର୍ଦ୍ଦିଷ୍ଟ ପ୍ରକାରର ଜୀବନରୁ ବିରକ୍ତ ହୋଇ ମୁଁ ଏଠିକି ପଳେଇ ଆସିଲି ସିନା; କିନ୍ତୁ ସ୍ତ୍ରୀ ନାମକ ବସ୍ତୁଠାରୁ ଏବେ ସୁଦ୍ଧା ମୋର

Digitized by PPRACHIN, SOA

ବୈରାଗ୍ୟ ଆସି ନାହିଁ । ସ୍ୱାମୀ ମୋର ସେହି ଅଭାବବୋଧକୁ ଅକ୍ଳେଶରେ ଜାଣି ପାଇଥିବ । ସେତ କେବଳ ପରାଶ୍ରୟିକା ମାତ୍ର — ଅନ୍ନବାହିତା । କେବଳ ଅନ୍ନବାହିତା ହୋଇଥିବା ଭରସାରେ କୌଣସି ସ୍ତ୍ରୀ ଲୋକ ଏକାକୀ ଜୀବନ ବିତାଇବା ସକାଶେ ତିଆର ହୋଇ ନ ପାରେ । ମୋର ଜୀବନଯାତ୍ରା ଦେଖି ତାର ମନେ ହୋଇଥିବ ମୁଁ ଗୋଟିଏ ସହଜଲଭ୍ୟ ବସ୍ତୁ । ତାକୁ ମୁଁ ଯେମିତି ଲଗେଁ; କିନ୍ତୁ ସେ ସତରେ ମୋର କାମନା ପୂରଣର ଯୋଗ୍ୟ ହୋଇଗଲା ।

"ଖଣ୍ଡିଲାରେ ମୋ ଘର ସାମନାରେ ସବୁଜଘାସ ଭରା ଗୋଟିଏ ଚରାଭୂଇଁ ଅଛି । ସେଠି ପ୍ରତିଦିନ ଆଠ ଦଶଟା କରି ଗୋରୁଗାଈ ଚରୁଥାନ୍ତି । ତାଙ୍କର ଆଗପଛ, ବାଁ ଡାହାଣରେ ଟିଙ୍କ ଖାଇବା ସକାଶେ ବଣି ଚଢ଼େଇ ସଦାବେଳେ ଲଗିଥାନ୍ତି, ବେଳେ ବେଳେ ବଗ ବି କୁଟିନ୍ତି ଆସି । ତାଙ୍କ ଭିତରେ କିପରି ଅପୂର୍ବ ବନ୍ଧୁତ୍ୱ ! ସେ ପଶୁ ସେ ପକ୍ଷୀ, ଯାଙ୍କ ଖାଦ୍ୟ ଘାସ, ତାଙ୍କର ପୋକଯୋକ । ଗୋରୁଙ୍କର ଯେତେ ପୀଡ଼ା ଥାଉ, ତାକୁ ଦୂର କରିବାକୁ ବଣି ସଦାବେଳେ ପ୍ରସ୍ତୁତ ରହିଥିବେ । ଅନାଦିକାଳରୁ ଚାଲି ଆସୁଛି ସେ ବନ୍ଧୁତାଟି ।

"ଦିନେ ମୁଁ ଦେଖିଲି କଣନା ଗୋଟିଏ ବଣି ଚଢ଼େଇ—ବୋଧେ ଯୋଗୁ ହେଉ କି ପୋକର ଅଭାବରୁ ହେଉ—କେଜାଣି କାହିଁକି ଗୋଟିଏ ଗୋରୁର ପିଠିରେ ଖୁମ୍ପି ଘାଆ କରି ଦେଇଛି । ତହିଁରୁ ରକ୍ତ ବୋହୁଥାଏ । ସେହି ଚିତ୍ରଟିକୁ ମୁଁ ଆଙ୍କିଛି । କହି ପାରୁନାହିଁ ସେଥିରେ ମୋର ମନୋଭାବ ଠିକ୍ ରୂପେ ବୁଝାଇ ପାରିଛି କି ନାହିଁ । ସ୍ୱାମୀ ଗୋଟିଏ ବଣୁଆ ଚଢ଼େଇ, ବଣୁଆ ବଣିଚଢ଼େଇଟିଏ, ଯା କହିଲେ ଅନ୍ୟାୟ ହେବ । ଗୋଟାଏ ସାମାନ୍ୟ ମନୁଷ୍ୟକୁ ଯେଉଁ ଗର୍ବକରି ସେ ଯେବେ ତାର ବୁଢ଼ୀ ମା ଓ ତାର କଷ୍ଟ କଥା ଭୁଲିଯାଇ ପାରେ, ତାହେଲେ ସେଇଟା ତାର ଦୋଷ ନୁହେଁ କି ? ମୋ ପ୍ରତି ପ୍ରକଟ ଭାବ-ସ୍ନେହ ନୁହେଁ କି ? ସେ ଗୋଟାଏ ଘା' ନୁହେଁ କି ?"

ତାଙ୍କର ଡାଇରୀରେ ଲିଖିତ ଏହି ଚିତ୍ରର ଗଳ୍ପଟି ମୋ ଆଗରେ ମନୁଷ୍ୟ ଜୀବନର ଗୋଟିଏ ବଡ଼ ସମସ୍ୟା ଠିଆ କରିଦେଲା । ଯଦି ନାରୀ-ପୁରୁଷଙ୍କ ଭିତରେ 'ପ୍ରେମ' ନାମକ ଫେନିଲ ବୁଦ୍‌ବୁଦକୁ ଛୁଇଁ ଭାଙ୍ଗି ଦିଆଯାଏ, ତା ହେଲେ କଣ ବାକୀ ରହିଯିବ ? ଯଶୋବନ୍ତବାବୁ ଏଠି ଏତିକି ଦେଖାଇବାକୁ ଚେଷ୍ଟା କରିଛନ୍ତି ଯେ ସତ୍ୟର ମୂଲ୍ୟ କେତେ ଅଳ୍ପ । ସ୍ତ୍ରୀ-ପୁରୁଷ, ଜଙ୍ଗଲୀ ବଣିଚଢ଼େଇ, ସହରିଆ ପଶୁ ଏମାନଙ୍କର କିପରି ମେଳ ଖାଇ ଯାଉଛି ! ଯେପାକେ ପୋକ ଥିବ, ସେ ପର୍ଯ୍ୟନ୍ତ

Digitized by PPRACHIN, SOA

ବନ୍ଧୁତ୍ୱ ଥିବ। ଯଦି ତା ନାହିଁ ତା ହେଲେ ଖାଲି ଘା' ବାକି ରହିଯିବ । ଆମେ କାହିଁକି କାହାକୁ ଭଲପାଉ ? ପରୋପକାରର ସକାଶେ ? ନା, ଉଦାରତା ସକାଶେ ? ନା, ଆମେ ଭଲପାଉଁ ଖାଲି ନିଜର ସ୍ୱାର୍ଥ ସକାଶେ । ଏହି ଚିଠି ଦେଇ ଜାଣି ସେ ଏତିକି କହିବାକୁ ଚାହିଁଛନ୍ତି । ବାକି ଲୋକ ଯେମିତି ହୁଅନ୍ତୁ, ଯିଏ ହୋଇଥାନ୍ତୁ, ତାଙ୍କୁ ଦେଇକରି ସେ ମୂଲ୍ୟାଙ୍କନ କରିବାକୁ ହିଁ ଚେଷ୍ଟା କରିଛନ୍ତି—

"ସୀମା ଖବର ପାଇଗଲା ଯେ ମୁଁ ଖଣ୍ଡାଳାରେ ଅଛି । ସେ ମୋର ଏକାକୀ ଜୀବନର ବିରକ୍ତିକୁ ଦୂର କରିବାକୁଇ ଏଠିକି ଆସିଛି । ଏକଥା ସତ ଯେ, କିନ୍ତୁ ସେ ଯାହା କହିଛି ତା ମା 'ସିଲ୍' ବିଷୟରେ କହିଚି, ସେସବୁ ମିଛ କଥା । ମୁଁ ଯେତେବେଳେ ଏସବୁ କଥା ଜାଣି ପାରିଲି, ମୋର ତାଠୁଁ ମନ ଶୁଖିଗଲା । 'ମାର ପାର୍ଶ୍ୱବାୟୁ ବେମାରି ହୋଇଛି । ଚିକିତ୍ସା ସକାଶେ ତାକୁ ବମ୍ବେ ନବାକୁ ହବ'—ଏହା କହି ସେ ମୋଠାରୁ ପଇସା ମାଗିଲା ଓ ମୁଁ ଦେଲି । ମତେ ସେତେବେଳେ ତ ଲାଗିଲାନି ତା କଥାଗୁଡ଼ାକ ମିଛ । ସେତେବେଳେ ମୋ ପାଖରେ ଟଙ୍କା ଥିଲା, ମୁଁ ଦେଇ ଦେଲି । ସିଲ୍ ବୁଢ଼ୀ ହେଲାଣି । ବଞ୍ଚିକରି ରହୁ ନରହୁ, କିନ୍ତୁ ଯେତେଦିନ ଜୀଇଁଥିବ ସେତେଦିନ ପର୍ଯ୍ୟନ୍ତ ଝିଅକୁ ତ ତା ମାର ସେବା କରିବାକୁ ହବ । ମୁଁ କଣ ସୀମାର ଗୁଣ ଜାଣିନାହିଁ ? ସେ ଚାକିରି କରି ଏଥିପାଇଁ ପଇସା ଯୋଗାଡ଼ କରୁଛି । ମାହାଳିଆ ଧନ ପରି ବିପଦ ବେଳେ ମୁଁ ତାକୁ ପଇସା ଦେଲି । ସାହାଯ୍ୟ ନୁହେଁ, ତାର ସ୍ନେହର ଋଣ ଜାଣି ପରିଶୋଧ ହେଲା ।

"ତା ଯିବା ପରି ଦିନ ତାର ମା ମୋ ଘରକୁ ଚାଲି ଆସିଲା ନା ? ତା ଘର ଖଣ୍ଡାଳାରୁ ଚାରିମାଇଲ ଦୂର ଲୋନାବଲା ମାତ୍ର ତ । ଷାଠିଏ ବର୍ଷର ବୁଢ଼ୀଟା ବର୍ତ୍ତମାନ ସୁଦ୍ଧା କମ୍ ବୟସ ପରି ଲାଗେ । ମୋ ଘରଠୁଁ ଫର୍ଲଙ୍ଗେ ଦୂରରେ ଗୋଟିଏ ପାର୍ସି ପରିବାରରେ କାମ କରିବାକୁ ସେ ଯାଏ ପ୍ରତିଦିନ । ସକାଳଉଁ ଆସେ, ଆଉ ସନ୍ଧ୍ୟା ବେଳକୁ ଲେଉଟି ଯାଏ । ଲୋକେ କହନ୍ତି, ମା ଓ ଝିଅଙ୍କ ଭିତରେ ସମ୍ପର୍କ ଜାଣି ଭାଙ୍ଗିବା ଉପରେ । ସିଲ୍ କେଜାଣି କେମିତି ମୋ ଘରର ଠିକଣା ଠାବରେଇ କରି ଜାଣି ଶୁଣି ମୋ ଘରକୁ ଆସି ପଚାରିଲା, "ମୋ ଝିଅ କାହିଁ ?"

"ସୀମା ଆପଣଙ୍କର ଝିଅ ପରା ? କହୁଥିଲା ଆପଣଙ୍କ ଦିହ ଖରାପ ।" ମୁଁ କହିଲି ।

Digitized by PPRACHIN, SOA

"ସେଇଠୁ ସେ ଝିଅ ପ୍ରତି ତା ରାଗ ମୂଳରୁ ଶେଷଯାକେ ଶୁଣାଇ ଗଲା। ଆତ୍ମସମ୍ମାନ, ଏକାକିନୀ ସିଏ, କହିଲା ସେ କେତେ କଷ୍ଟକରି ଝିଅକୁ ମଣିଷ କଲା— ଧାର ଉଧାର କରି, ଲୋକଙ୍କ ଆଗରେ ନେହୁରା ହୋଇ, କାନ୍ଦଣା ପଦ ମାଗି ଯାଚ ନର୍ସ କାମ ଶିଖାଇଲା; କିନ୍ତୁ ପରେ ଝିଅ ତା ମାକୁ ଭୁଲିଗଲା। ହଁ ପୁଅ ବି ଏଇଆ କରନ୍ତି—ସେ ତ ଝିଅ। ଜନ୍ମଦାତ୍ରୀ ମାଆକୁ ବି ଭୁଲିଗଲା ? ଶୁଣିଲି ଏଯାକେ ମାଆକୁ ପାଖୁଲାଟାଏ ସେ ଦେଇ ନାହିଁ। ନେନାବକା ଆସିକରି ଥରେ ବି ପଚାରିନାହିଁ ରୁ ମଲୁଣି କି ଜୀଇଚୁ।—ସ୍ୱାର ନା ଯୌବନ ! ଯୌବନରେ ମଣିଷକୁ ନିଜ ଛଡ଼ା କିଛି ବୋଲି କିଛି ଦିଶେନାହିଁ। ଆନନ୍ଦରେ ଦୋହଲୁଥାଏ ଯୋଉ ଗଛ, ତାକୁ କଣ ତା ଚେର ଦିଶେ କି ? ସିଏ ତ ମତେ ସାବଧାନ କରିବାକୁ ଆସିଥିଲା, ସେ ମୋର କନ୍ଥ କଲା ଝିଅ ହୋଇକରି ମତେ ପଚାରୁନାହିଁ, ଆଉ ତମକୁ କି ଆଉ କାହାକୁ କଣ ପଚାରିବ ?' ଏହା କହି ସିଏ ଗଲା ବାହାରି। ଏଥିରେ ଆଶ୍ଚର୍ଯ୍ୟ ହବାର କଣ ଅଛି ? ଯୌବନରେ ପିଲାଦିନ କଥା ମନେ ପଡ଼େନାହିଁ, ଆଉ ବୁଢ଼ାଦିନ ଭାବନା କୋଉ ଦୂର ! ନିଜ ଝିଅର ନିନ୍ଦା କରୁଥିଲା ମାଆକୁ ତା କାମଧନ୍ଦା କଥା ପଚାରିଲି। 'ହାତ ଗୋଡ଼ ଦିଟା ଯୋଉଦିନ ଯାକେ ଶକ୍ତ ଥିବେ, ସେଯାକେ ମିହନ୍ତ କରି ମୂଳଲାଗି ଖାଇବି।' ସେ ପରିଷ୍କାର କହିଲା। ସତକଥା, ଏକବାରେ ମଜବୁତ ବୁଢ଼ୀ ସେ। ବୁଢ଼ୀଦିନେ ବି ହାଡ଼ ଭଙ୍ଗା ଖଟଣି ଖଟି ପାରେ। କେଜାଣି ତା ଭିତରେ ଏତେ କାମ କରିବାର ଶକ୍ତି ଅଛି କି ନାହିଁ; କିନ୍ତୁ ତା ମୁହଁରେ ପ୍ରକାରେ କ୍ରୋଧ ଝଟକୁଥାଏ। ତାରି ବଳରେ ସେ ଏମିତି ଖଟିକରି ବଞ୍ଚିଛି। ଝିଅ ତ କଉଡ଼ାଟାଏ ସାହାଯ୍ୟ କରେନା। ତେବେ ଏମିତି କରି ଖାଇବା ଛଡ଼ା ଆଉ ଉପାୟ କଣ ? ତାର ଦୁର୍ଦ୍ଦଶା ଦେଖି ଯେତେବେଳେ ମୁଁ ତାକୁ ପାଞ୍ଚଟଙ୍କା ଦବାକୁ ଯାଚିଲି, ସେ କହିଲା, 'ମୁଁ ଏଥିପାଇଁ ଆସି ନାହିଁ। ମୁ ଖାଲି ଏତିକି କହିବାକୁ ଆସିଥିଲି ଯେ ତମେ ସ୍ତ୍ରୀମାନଙ୍କୁ ବିଶ୍ୱାସ କରନା,' ଏତିକି କହି ସେ ଚାଲିଗଲା।

"ବାତ୍ସଲ୍ୟ ମମତା ଯେବେ ଭାଙ୍ଗିଯାଏ, ତାହେଲେ ଭାଙ୍ଗିକରି ବିଷ ବି ହୋଇଯାଇ ପାରେ। ସ୍ତ୍ରୀମା ତ ପଶୁ ପିଠିରେ ବସି ପୋକ ଖୁମ୍ପୁଥିବାର ବର୍ଣ୍ଣିପରି ସମ୍ବନ୍ଧ କଲା। ମୁହଁରେ ଅଣ୍ଟ ମାରି ବୁନ୍ଦେ ଦି'ବୁନ୍ଦା ରକ୍ତ ବି ପିଇଥିଲେ କିଛି ଆଶ୍ଚର୍ଯ୍ୟ କଥା ନାହିଁ ! ଏହି ଅନୁଭବ ହେଲା ତା ବିଷୟରେ। ଚଢ଼େଇଟାର ସ୍ନେହ ବି ସେହି ଭଳି ଥିଲା। ଖଣ୍ଡାଲାରୁ ବମ୍ବେ ଯିବା ଆଗରୁ ମୁଁ ଖଣ୍ଡିଏ ଚିଠି ବି ତାକୁ ଲେଖିଥିଲି, "ତୁମ ମା ମୋ ଘରକୁ ଆସିଥିଲେ। ତମେ ଯିବାର ପର ଦିନ ମୁଁ ତାଙ୍କୁ ସୁସ୍ଥ ଅବସ୍ଥାରେ ଦେଖିଛି। ତୁମ ମା ତୁମ ବିଷୟରେ 'ମାକୁ ଭୁଲିବା ଲୋକ କଣ ତମ ପ୍ରତି

Digitized by PPRACHIN, SOA

କୃତଜ୍ଞ ରହିବ ?’ କହି କରି ଗଲେ ସିର । ସୀମା ମୋର ଜୀବନର ରଙ୍ଗମଞ୍ଚରୁ ପ୍ରସ୍ଥାନ କରିବ, କେବଳ ଏହି ଚିଠି ଖଣ୍ଡିକ ଯୋଗୁଁ । କେଜାଣି ଏମିତି ଲେଖିବା ମୋର ଉଚିତ ହେଲା କି ନାହିଁ । “ତମର ଧୋକାବାଜି ମୁଁ ଜାଣିପାରିଛି, ମୋ ପ୍ରେମ ଏଡ଼ିକ ଅନ୍ଧ” ଏହି ସ୍ଥିତି ତା ପାଖଯାଏ ନ ପହଞ୍ଚୁ, ଏହି ଉଦ୍ଦେଶ୍ୟରେ ମୁଁ ଏପରି ଚିଠିଟିଏ ଲେଖିଥିଲି । ତା ପରେ ମୋ ନାଁରେ ତାର ଖଣ୍ଡିଏ ଚିଠି ଆସିଲା—“ଆପଣଙ୍କ ପରି ଧୋକାବାଜ୍ ଲୋକ ମୁଁ ଦେଖିନାହିଁ ।” ପ୍ରେମର ମହତ୍ତ୍ୱ ଯେ ହିଏନା ତା ଆଖିରେ ମୁଁ ଏଇମିତି ! ହୁଏତ ମୋର ଭିତରେ କିଛି ଦୋଷ ରହିଛି । ମୁଁ କଣ ତାକୁ ଧୋକା ଦେଇଛି ? ତା ଯଦି, କେବେ ? ନିଜର ଧୋକା ନିଜେ ଜାଣିବା ବି ମୁସ୍କିଲ କି ନା ?”

Digitized by PPRACHIN, SOA

ଘର

ଉପମା କଥା ଏଇଠି ସରି ଯାଇନାହିଁ । ଯଶୋବନ୍ତ ବାବୁ ଯେତେ ଚିଠି ୬ ଆଣିଥିଲେ ତହିଁରୁ ଆଉ ଗୋଟିଏ ଚିଠି ମିଳିଲା ଯେକି ପୂରାପୂରି ଉପମା ସାଙ୍ଗରେ ମିଶୁଥିଲା । ସେହିପରି ଖଣ୍ଡାଲା ପ୍ରବାସ ବିଷୟରେ ଲେଖା ବି ଶେଷ ହୋଇନାହିଁ । ଆହୁରି ଆଗକୁ ପଢ଼ିବା ପରେ ଯାଇ ଏକଥା ମୋତେ ଜଣା ପଡ଼ିଲା । ତାଙ୍କ ଡାଇରିରେ ସେ ଗୋଟିଏ ଭଲ ଉପମା ଦେଇଛନ୍ତି । ସେ ଉପମାଟି ତାଙ୍କ ସ୍ୱଭାବ ବିଷୟରେ ଅନେକ କିଛି ବ୍ୟକ୍ତ କରୁଅଛି, "ସୀମା ଗୋଟିଏ ଆର୍କେଡ଼୍ ଲତା ପରି । ସେଇ ଆର୍କେଡ଼୍ ଯେ କି ବଦାନକା ଜାତିର ଗଛ, ଯେ କି ପର ଜାତିର ଗଛ ଉପରେ ଆଶ୍ରିତ ହୋଇ ନିଜର ଜୀବନ ବିକାଶ କରେ । ବନସ୍ପତି ବିଶେଷଜ୍ଞମାନେ ଯେଉଁ ସୁରୁଚି ଆର୍କେଡ଼୍ ଫୁଲକୁ ଦେଖିଛନ୍ତି, ଏପରି କଦବା କାହାକୁ ଦେଖିଥିବେ । ତା ଫୁଲଯାକ ଦେଖିବାକୁ ଅତି ବିଚିତ୍ର । ସେ ଦୀର୍ଘଜୀବୀ ଓ ତା ସାଙ୍ଗେ ସାଙ୍ଗେ ଖୁବ୍ ସୁନ୍ଦର ବି । ଏଇଥି ସକାଶେ ନା ତାର ଏତେ ଖାତିର ? ସେ ଯେଉଁ ଗଛରେ ଲାଗିଯିବ, ତାର ସାଜସଜ୍ଜା ସକାଶେ ଅଉ କୋଉ ଫୁଲକୁ ଜୀଆଇ ଦେବନାହିଁ । ସେଥିପାଇଁ ଆଶ୍ରୟଦାତା ବୃକ୍ଷଟିକୁ ବୁଝାଇ କହିବାକୁ ପଡ଼ିବନି ଯେ ସେ ତାହାରି ପ୍ରେୟସୀ । ଆମ କବିମାନେ ବି ତ ତାଙ୍କ ବର୍ଣ୍ଣନାରେ ମଲ୍ଲିକା ଲତା ଓ ଆମ୍ବଗଛର ମିଳନ ଘଟାଇଛନ୍ତି ନା ? ମଲ୍ଲିକା ଅଲଗା, ଆମ୍ବଗଛ ଅଲଗା, ତାଙ୍କର ମୂଳ ଅଲଗା, ତାଙ୍କର ଚେର ଅଲଗା । ମୁଁ ଯେତେବେଳେ ଦାମ୍ପତ୍ୟ ଜୀବନ କଥା ଭାବେ, ମତେ ଲାଗେ ନରମାଧି, ସ୍ତ୍ରୀ ପୁରୁଷଙ୍କ ଜୀବନ ଏହି ମଲ୍ଲିକା-ଆମ୍ବ ଭଳିଆ । ମଲ୍ଲିକା ମଧ୍ୟ ଆମ୍ବ ଗଛରେ ଲାଗିଯାଇ 'ତୁମେଇ ମୋର ଆଶ୍ରୟ' ଏହି ଭାବରେ ସେ ପଛକୁ ବଳି ତାର କୋମଳ ପାଙ୍ଖୁଡ଼ାରେ ବିକାଶ କରି ଫୁଲେ, ଫଳେ । ସେହି ମିଳନ ବାହାରୁ ଦେଖିବାକୁ କେତେ ଅନୁପମ ! ଜଳଜାର ମୋ ଉପରେ ଆଶ୍ରିତ ହେବାଟା ଏହିପରି କି ନା ? ବେଶ୍ କିଛି ଦିନ ମୁଁ ତା ଭାର କାନ୍ଧକୁ ନେଇଥିଲି । ମୋର ଧାରଣା ଥିଲା ଯେ ସେ ଖାଲି ମୋର ଲାଗି ବଞ୍ଚିଛି । ଏକଥା କଣ ସତ ନୁହେଁ ଯେ ସେ କେବଳ ନିଜର ଜୀବନ ପୂର୍ଣ୍ଣ କରିବା ସକାଶେ ମୋର ଆଶ୍ରୟରୁ ଲାଭ ଉଠାଉଛି ? ନିଜର ସୁଖ

Digitized by PPRACHIN, SOA

ସକାଶେ ବଞ୍ଚିଛ ? ଦାମ୍ପତ୍ୟ ମଧ୍ୟ ଗୋଟାଏ ସୁଖ କି ନୁହେଁ ? ଏକଥା ବୁଝିଗଲା ପରେ ବି କିଏ ଆମ୍ବ ଗଛ ତା ମଲ୍ଲିକା ଲତାକୁ ହରାଇବାକୁ ଚାହେଁ ? କହନ୍ତି ଦାମ୍ପତ୍ୟ ଗୋଟିଏ ପାରସ୍ପରିକ ସମ୍ପର୍କ, ତାକୁ ବି ଶୁଣିଛ ଓ ବୁଝିବାକୁ ଚେଷ୍ଟା କରୁଛି; କିନ୍ତୁ ଏତିକି ଜାଣି ପାରିଲିନି ଯେ ଏ କଥାଟା ମୋ ଜୀବନରେ କାହିଁକି ସତ ଫଳିଲା ନାହିଁ ।

"ସୀମା ତ ଷୋଳଶା ବଦନିକାର ମଞ୍ଜି । ଗୋଟିଏ ଗଛର ଡାଳରେ ଲାଗି-ଯାଇ ବଢ଼ିବାର ଲତା ପରି ସୀମା ଆଗନ୍ତୁକ ହୋଇ ମୋ ପାଖକୁ ଆସିଥିଲା । ତାର ସୌନ୍ଦର୍ଯ୍ୟ ଓ ବିଳାସ ମୋତେ କେତେ ମୁହୂର୍ତ୍ତିଲାଗି ସନ୍ତୋଷ ବି ଦେଇଥିଲା । ତା ପ୍ରକୃତ ବିଷୟରେ ଜାଣି ନ ଥିବାରୁ, ସେ ମୋତେ ଠକି ପାରେ ବୋଲି ଜାଣି ମଧ୍ୟ ମୁଁ ତାକୁ ଖଣ୍ଡିଏ ଚିଠି ଲେଖି ତା ଠାରୁ ଛାଡ଼ ପାଇବାକୁ ଚାହିଁଥିଲି । ତାର ଓଲଟା ଜବାବ ଦେଖି ମୁଁ ବି ମନେ ହେଉଥିଲା ଯେ ସେ ହୁଏତ ଠିକ୍ କହୁଚି, କିନ୍ତୁ ସତକଥା ସତରେ ରହିବ । ବଦନିକା ରହିବ । ପରାଶ୍ରିତା, ପରାଶ୍ରିତା ହିଁ ରହିବ । ଠିକ୍ ଯେଉଁପରି ଗଛଟିଏ ଚାହିଁଲେ ବି ବଦନିକାଠାରୁ ମୁକ୍ତ ପାଇ ପାରେନାହିଁ, ସେହିପରି ସେ ମୋ ସାଙ୍ଗରେ ଯୋଡ଼ି ହୋଇ ଯାଇଛି । ଉପରୁ ଦେଖିବାକୁ ସେ ସଫଳ ବି ହୋଇଛି, କିନ୍ତୁ ସେ ସଫଳ ହୋଇନାହିଁ ପ୍ରକୃତରେ । ଦାଦାଭଳି ସେ ବି ଦୁର୍ବଳ ପ୍ରଚେଷ୍ଟା କରିଥିଲା । ସେ ଥିଲା ଭେସ ପିନ୍ଧା ସୁଆଙ୍ଗ, ବାସ୍ତବଜୀବନ ସେ ନୁହେଁ ।

ଉପର୍ଯ୍ୟୁକ୍ତ କଥା ଭିତରେ ମୋର ବନ୍ଧୁ ତାଙ୍କ ଦାମ୍ପତ୍ୟ ଜୀବନ ବିଷୟରେ ଓ ମୋ କଳ୍ପିତ 'ମେଘା'ର ଭଲି ଉପମା ଦେଇଛନ୍ତି, ତେଣୁ କରି ମୁଁ ତାଙ୍କର ଅଙ୍କିତ 'ମେଘା' ଚିତ୍ରଟିକୁ ଥରକୁ ଥର ଦେଖିଲି । ସେ ଗୋଟିଏ ପାଷ୍ଟଲ୍-ଚିତ୍ର । ଗୋଟିଏ ବଡ଼ କାଗଜରେ ଗୋଟିଏ ସ୍ତ୍ରୀ ଲୋକର ଚିତ୍ର । ଦେହ ହାତ ନରମ ଓ ମାଂସଳ । ସେ ବେଶ୍ ବେଶବାସ ବି ହୋଇଚି । ପିକାସୋଙ୍କ 'ଦ ଓମ୍ୟାନ' ନାମକ ଚିତ୍ର ଭଳି ଯେ ଚିତ୍ରରେ ମାଂସପେଶୀମାନ ଅଚଳ ଦେଖାଯାଉ ନାହାନ୍ତି । ତଥାପି, ସେହି ଲୁଗାପଟା ଭିତରେ ସେହି ଧରଣର ଦେହଟା ହୋଇଥିବ; କିନ୍ତୁ ପ୍ରକୃତରେ 'ମେଘା' ଏତେ ମୋଟୀ ସ୍ତ୍ରୀଲୋକ ନୁହେଁ । ତାର ଗଠଣ ଓ ଦେହ ବେଶ୍ କୁନ୍ଦାଳପରି । ତାର ଦେହର ଇଚ୍ଛା ଓ ବିଷୟ ଲୋଲୁପତା ତାହାର ଅସଲ ପ୍ରକୃତି ହୋଇଥିବାରୁ ହିଁ ହୁଏତ ଯଶୋବନ୍ତ ବାବୁ ତାର ଏପରି ଚିତ୍ର ଆଙ୍କିଥିଲେ । ଖାଲି ତା କାନ୍ଧ ଉପରେ କେଉଁ ଷୋଡ଼ଶୀର ମୁହଁଟି ଥୁଆ ହୋଇଥିବା ପରି ଲାଗୁଥାଏ । ଚିତ୍ରର ଡାହାଣ ପଟ ଏକବାରେ ହାଲଦିଆ ଓ ବାଁ ପଟଟା ସାଗୁଆ । ଦୁହିଁଙ୍କ ଭିତରେ ଆପେକ୍ଷିତ ମେଳ

Digitized by PPRACHIN, SOA

ଦେଖାଯାଉ ନ ଥିଲା । ମୁଁ ନିଜ ତରଫରୁ ସଂଶୋଧନ କରି ବୁଝିଥିଲି ଯେ ସେହି ଛବି 'ମେଘି'ର । ଚିତ୍ରର ପଛପଟେ 'Orchard' ଲେଖାଥିଲା ଓ ଚିତ୍ର ଉପରେ 'ଯଶୋବନ୍ତ' ଲେଖାଥିଲା । ଏ ଚିତ୍ର ତାଙ୍କ ମୃତ୍ୟୁର ବର୍ଷକ ଆଗରୁ ଅଙ୍କା ହୋଇଥିଲା । କେଜାଣି ତାଙ୍କର ବି କଳ୍ପନା ଥିବ ! ଡାହାଣ ଆଖି ମୁର୍କିହସ ଓ ଦୁଷ୍ଟାମି ଯେପରି ଉଚ୍ଛୁଳି ପଡ଼ୁଛି । ବାଁ ଆଖିରେ ପୁଅ ବି ନାହିଁ । ଏକ ଚକ୍ଷୁ ନାସ୍ତି ଯେ । ଯଦି ଦୁଇ ଆଖିର ହୋଇଥାନ୍ତା, ତାହେଲେ ହୁଏତ ଅନ୍ୟମନସ୍କ ଦୃଷ୍ଟି ତା ଭିତରେ ଅନୁକମ୍ପା ରହିଥାନ୍ତା ।

ମାତ୍ର ବର୍ଷକ ତଳେ ସେ ଏପରି ଚିତ୍ରଟିଏ କାହିଁକି ଆଙ୍କିଥିଲେ ? ଘଟଣାଟା ନିଶ୍ଚୟ ତାଙ୍କ ଜୀବନରେ କିଛି ଝଡ଼ ଉଠାଇଥିବ; କିନ୍ତୁ ଡାଇରିରେ ତ ଏକଥାର କିଛି ଇଙ୍ଗିତ ନ ଥିଲା । ତେଣୁ ଏଇ ଗୋଟିକ ପ୍ରଶ୍ନ ଉପରେ ବେଶି ମଥା ଖେଳାଇ ଯଶୋବନ୍ତ ବାବୁଙ୍କ ଜୀବନକୁ ଭଲକରି ଜାଣିବାର ସୁଯୋଗ ଅଛି; କିନ୍ତୁ ଦାମ୍ପତ୍ୟ ଜୀବନର ଯେଉଁ ଉପମା ଦେଇଛନ୍ତି ଓ ସେ ବିଷୟରେ ଯେଉଁ ଚିନ୍ତା ବ୍ୟକ୍ତ କରିଛନ୍ତି ସେ କଥା ଭାବି ମୁଁ ଟିକିଏ ଚକିତ ହୋଇପଡ଼ିଲି । ତହିଁରେ ଖାଲି ମଲ୍ଲିକା ଓ ଆମ୍ବଗଛ ଉପମା ଦେଇଥିଲେ ତା ନୁହେଁ, ତା ଛଡ଼ା 'ଜଲଜା' ବୋଲି ତାକୁ ସମ୍ବୋଧନ ବି କରିଛନ୍ତି ।

ଏତକ ତ ମୁଁ ଜାଣିଗଲି ଯେ 'ଶ୍ୟାମା' ହେଉଛି ମେଘି, ଆଉ 'ସିଲୁ' ତା ମା 'ଲୁସି' ପାଇଁ ପ୍ରୟୋଗ କରି ହେଉଛି । ଆଉ 'ଗଣପତି' ତାଙ୍କ ଘରର 'ଦାଦା । 'ଜଲଜା'କୁ ଯେତେ ଓଲଟପାଲଟ କଲେ ବି ତହିଁରୁ କିଛି ସଙ୍କେତ ମିଳୁନାହିଁ । ନିଜ ସ୍ତ୍ରୀଙ୍କ ନାଁଟା ସେ ବେଖାତିରିଆ କରି ଏମିତି ଏମିତି ଦେଇଦେବେ ତା ବି ସମ୍ଭବ ମନେ ହେଲାନାହିଁ । ନିଜର ଭାବଜଗତକୁ ବ୍ୟକ୍ତ କରିବା ସକାଶେ ସେ ପ୍ରାୟ ସଙ୍କେତ ଓ ସଙ୍ଖ୍ୟାଗୁଡ଼ିକୁ ବେଶି ଗୁରୁତ୍ୱ ଦେଇଛନ୍ତି । 'ଜଲଜା' ହୁଏତ ତାଙ୍କ ନିଜ ପତ୍ନୀର ନାମ । ତାହେଲେ ଏଇଟା ବି ସାଙ୍କେତିକ ନାମ ନା କଣ ? ନାଁଟା "କମଳା" କି ଆଉ ? କି "ପଙ୍କଜିନୀ ?" କି 'ବନଜ' ? ଏମିତିକା ଆଠ ଦଶଟା ଭଲ ନାଁ ମୁଁ କଳ୍ପନା କଲି । ହଁ, ସେ ଯେଉଁ ଘରର ପାଞ୍ଚ ପୃଷ୍ଠା ତାଙ୍କ ଡାଇରିରେ ଲେଖିରଖିଛନ୍ତି, ସେହି ସବୁ ଠିକଣାକୁ ଯାଇକରି, ସେଇ ଲୋକଙ୍କ ସାଙ୍ଗେ ଭେଟିକରି ଯଶୋବନ୍ତ ବାବୁଙ୍କ ବିଷୟରେ ବେଶି ଜାଣିବାର କୌତୂହଳ ମୋ ଭିତରେ ବେଶ୍ କିଛି ରହିଥିଲା ।

ବମ୍ବେରୁ ଆସିବାର ଦମାସ ହୋଇଗଲାଣି । ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଥାଇ ଆଉ ସ୍ୱଭାବଗତ ଉଦାସୀନତା ଯୋଗୁ ମୁଁ ମୋ ବନ୍ଧୁଙ୍କ ଆଦେଶଗୁଡ଼ିକୁ ଟିକିଏ

Digitized by PPRACHIN, SOA

ଭୁଲିବାକୁ ବସିଥିଲି । ସେ ଯେଉଁ ବୃଦ୍ଧ ଜଣଙ୍କ ନାଁରେ ପ୍ରତିମାସ ପଚଶ ଟଙ୍କା ଲେଖାଏଁ ପଠାଇବାକୁ କହିଥିଲେ, ସେ କଥା ବି ମୁଁ ଭୁଲିଗଲି । ଯେମିତି କଥାଟା ମନେ ପଡ଼ୁଛି, ଯାଙ୍ଗେ ଯାଙ୍ଗେ ତାଙ୍କ ଠିକଣା ଖୋଜି ପଚଶ ଟଙ୍କା ଲେଖାଏଁ ମନିଅର୍ଡର ଯୋଗେ ପଠାଇ ଦେଲି । ବାକି ରହିଲା ସମସ୍ତ ବ୍ରାହ୍ମଣର କାମ ତାଙ୍କ ଗାଁକୁ ଯିବା କାମ । ତାଙ୍କର ଜନ୍ମସ୍ଥାନ, ଯାହାକି ସ୍ୱାମୀ ଆଗରେ ଗୋଟାଏ ମଫସଲ ମାଧ, ତା ବିଷୟ ଜାଣିବା । ଯେଉଁ କୁମଟାବୋଡ଼ି ଜାଗାରେ ସେ ବଡ଼ ହେଲେ, ସେଠିକି ଯାଇ ତାଙ୍କ ବନ୍ଧୁବାନ୍ଧବଙ୍କ ଖବର ନେଇ ସେମାନଙ୍କୁ ଯଶୋବନ୍ତ ବାବୁଙ୍କର ଦେହାନ୍ତ ହୋଇଥିବା ସମ୍ବାଦଟି ଦେବା । ହଁ, କୁମଟାରେ ତାଙ୍କ ସ୍ତ୍ରୀ ଓ ପୁଅ ବି ଥିବେ । ଯଦି ପତ୍ନୀ ଜୀବିତ ଥାନ୍ତି, ଯେଉଁ କାର୍ଯ୍ୟ ମୋ ଉପରେ ନ୍ୟସ୍ତ କରାଯାଇଛି, ସେ କର୍ତ୍ତବ୍ୟ ପାଳନ କରିବା ବି କଷ୍ଟକର ହେବ । ସ୍ତ୍ରୀ କୁ ସ୍ୱାମୀର ମୃତ୍ୟୁ ସମ୍ବାଦ ନିଜେ ଯାଇ ଦେବା କେତେ କଷ୍ଟ କାମ । ସେଥିପାଇଁ ମନକୁ ବହଲାଇବାକୁ ଲାଗିଲି ଯେ ଯଶୋବନ୍ତ ବାବୁଙ୍କ ସ୍ତ୍ରୀ 'ଜଳଜ' ବା 'ଜଳଜାର' ମୃତ୍ୟୁ ହୋଇ ଯାଇଥିଲେ ତାଠୁ ଭଲ ଆଉ କିଛି ନାହିଁ । ଏହିପରି ମୁଁ ତାଙ୍କର ମୃତ୍ୟୁ କାମନା କରୁଥାଏ । ଏକଥା ବି ମନକୁ ଆସିଲା ଯେ ସ୍ତ୍ରୀ ଆଉ ସ୍ୱାମୀଙ୍କ ଭିତରେ ସେପରି ଦୃଢ଼ ସମ୍ପର୍କ ତ ଆଉ ନ ଥିଲା; କିନ୍ତୁ ବ୍ରାହ୍ମଣଙ୍କ କର୍ମକାଣ୍ଡର ବୈଧବ୍ୟ ବଡ଼ ବେଶି କଠିନ ବ୍ରତ, ତାକୁ ପାଳିବା ଏତେ ସହଜ ନୁହେଁ । ଏଇଥିପାଇଁ ତ ସଧବାଏ ତାଙ୍କ ସ୍ୱାମୀଠାରୁ ଆଗ ମରିବା କାମନା କରନ୍ତି ।

ଯାହାର ଦିନ ଗ୍ଲଗଲା, ଏ ଯେଜ କିଛି ଚେଷ୍ଟାବି କରିପାରିଲିନାହିଁ । ମୁଁ ଯେଉଁ ମନି ଅର୍ଡ଼ର୍ ପଠାଇଥିଲି, ତାର ସବୁ ରସିଦ୍ ମଧ୍ୟ ପହଞ୍ଚି ସାରିଲାଣି । ଗୋଟିଏ ସେଥିରୁ ସତାର୍ ଜିଲାର ମହାବଳେଶ୍ୱର ନାମକ ସ୍ଥାନରୁ ଆସିଥାଏ । ଟଙ୍କା ପାଇଲାବାଲାର ନାଁ ଥିଲା ବିଷ୍ଣୁପନ୍ତ ଘାଟେ । ବାକି ତିନିଜଣ ମନେ ହେଲା ଯଶୋବନ୍ତ ବାବୁଙ୍କର ସମ୍ପର୍କୀୟ ବା ଭାଇବନ୍ଧୁ ହୋଇଥିବେ । ମୁଁ ତାଙ୍କର କାଗଜର ଗଣ୍ଡିଲି ଫିଟାଇ କିଛି ପୁରୁଣା ରସିଦ୍ ଦେଖିଲି । ସେହି ବୃଦ୍ଧଜଣଙ୍କୁ କେଜାଣି କେତେଥର ଟଙ୍କା ପଠା ହୋଇଛି । ତାଙ୍କ ଭିତରୁ ତିନିଜଣ ସାକ୍ଷର ଥିଲେ, ଦୁଇଜଣଙ୍କ ଦସ୍ତଖତ କନ୍ନଡ଼ ଭାଷାରେ ଥିଲା । ବିଷ୍ଣୁପନ୍ତ ଘାଟେ ମରାଠୀରେ ଦସ୍ତଖତ କରିଛନ୍ତି । ସ୍ୱାମୀ ପାଖରେ ବେନକନହଲ୍ଲୀ ନାମକ ଗାଁର ୟେତଲମନେ ପାର୍ବତାମ୍ମା ରସିଦରେ ଟିପଚିହ୍ନ ରହିଛି । ତାର ସାକ୍ଷୀ କ୍ଷ ଥିଲା । କୋଉ ଅପାଠୋଇ ବୁଢ଼ୀ ହେବ । ସ୍ୱାମୀରେ ଯଶୋବନ୍ତ ରାଏ ବାବୁଙ୍କର ଜନ୍ମସ୍ଥାନର ବେଶ୍ କିଛି ପାଖରେ ସ୍ଥାନ ସେ । ସେ ବୁଢ଼ୀ ତାଙ୍କର କେହି ସମ୍ପର୍କୀୟା ହୋଇଥିବ, ଯାହାଲାଗି ଦୟାକରି

Digitized by PPRACHIN, SOA

ସେ ପଇସା ପଠାଉଥିବେ । ଯେବେ ମୋର ଯଶୋବନ୍ତ ରାୟ ବାବୁଙ୍କ ବିଷୟରେ କିଛି ଜାଣିବାକୁ ଥାଏ, ତା ହେଲେ ସବା ଆଗ ଏଇ ବୁଢ଼ୀ ସାଙ୍ଗେ ଭେଟିବା ଦରକାର । ମୁଁ ସେଇଆ କରିବ ବୋଲି ଥିର କଲି ।

ତା ଟିପ ଚିହ୍ନର ଛଅଗୋଟା ରସିଦ୍ ନେଇ ଦେଖିଲି । ପ୍ରତି ଖଣ୍ଡରେ 'ଶମ୍ଭୁ ଭଞ୍ଜ' ନାମକ ଲୋକର ସାକ୍ଷ୍ୟ ଦେଖିବାକୁ ମିଳିଲା । ଟିପଚିହ୍ନ ସଙ୍ଗେ ସାକ୍ଷୀ ତ ଦରକାର ପଡ଼େ । ମୁଁ ଯେଉଁ ଟଙ୍କା ପଠାଇଥିଲି, ତା ରସିଦରେ ବି ପାଉତିର ଟିପଚିହ୍ନ ଲାଗି ଶମ୍ଭୁ ଭଞ୍ଜ ହିଁ ସାକ୍ଷ ଦେଇଛି । ବୋଧହୁଏ ପାର୍ବତୀଙ୍କର କେହି ସମ୍ପର୍କୀୟ ହୋଇଥିବ । ମୋ କଳ୍ପନା ତ ଏଇଯାଏ ଯାଇ ପହଞ୍ଚି ପାରିଲା । ଯେଉଁ ପାଉତିର ରସିଦ୍ ମୁଁ ପାଇଛି, ତହିଁରେ ଟିପଚିହ୍ନ ସବୁ ଅଲଗା ମନେ ହେଲା; କିନ୍ତୁ ସାକ୍ଷୀର ଲେଖାଟି ସେଇ ଗୋଟିଏ ପ୍ରକାରର । "ଏ ଟିପଚିହ୍ନ ପାର୍ବତୀଙ୍କର ସିନା ! କିନ୍ତୁ ଆଗର ଟିପଚିହ୍ନ ସଙ୍ଗେ ମିଳାଇ ଦେଖିଲେ ପରିଷ୍କାର ଜଣା ପଡ଼ୁଥାଏ ଯେ ଏ' ଟିପଚିହ୍ନ ଆଉ କାହାର । ଆଗକାର ଟିପଚିହ୍ନ ମାନଙ୍କରେ ରେଖାମାନ ଚକ୍ରାକାର, ଆଉ ସେ ଚିହ୍ନର ରେଖାଗୁଡ଼ିକ ଶଙ୍ଖାକାର । ତେବେ କଣ ବାଁ ହାତ ଜାଗାରେ ଡାହାଣ ହାତର ବୁଢ଼ା ଆଙ୍ଗୁଠି ବସା ଯାଇଛି ? ନାହିଁ, ତାଇ ବି ମନେ ହେଉନାହିଁ । ତା ହେଲେ ସେ କିମିତିକା ଗଣ୍ଡଗୋଳ ? ମୋ ମନରେ ସନ୍ଦେହ ଜାତ ହେବାକୁ ଲାଗିଲା । ମାସଟାଏ ଆହୁରି ଚୁପ୍ ଚାପ୍ ଅପେକ୍ଷା କରିଗଲି । ପୁଣି ଟଙ୍କା ପଠାଇଲି । ପାଉତି ଠିକ୍ ସମୟରେ ଆସିଗଲା । ସେଥିରେ ବି ଶମ୍ଭୁ ଭଞ୍ଜର ସାକ୍ଷପ୍ରମାଣ ରହିଛି । ପୁଣି ସେ ଟିପଚିହ୍ନର ଆକୃତି ଶଙ୍ଖାକାର । ତା ହେଲେ କଥା ହେଉଚି ଯଶୋବନ୍ତ ରାୟ ବାବୁଙ୍କର ପଇସାର ପାଇବାବାଲା ଲୋକ ଅଲଗା ଅଲଗା । ଠିକ୍ କଥା ନା ? ମନେ ହେଲା, ଶମ୍ଭୁ ଭଞ୍ଜ ସନ୍ଦେହଜନକ ଲୋକ । ମୋ ପଠାଇବା ଟଙ୍କା ଯାଇ ଏଇ ଲୋକ ହାତରେ ପଡ଼ୁଛି । ମୁଁ ନୂଆ ଲୋକ । ସେ ଯେ ଏତେ ଦୂରରେ ରହୁଥିବା ଯଶୋବନ୍ତ ରାୟ ବାବୁଙ୍କୁ ଠକାଇ ଆସିନାହିଁ, ଯା ମୁଁ ଧରିନେବି କେମିତି ? ଥିର କଲି ଯେ ଯୋକେ ମୁଁ ନିଃସନ୍ଦେହରେ ଜାଣି ପାରିନାହିଁ ପ୍ରକୃତ ପ୍ରାପ୍ତକର୍ତ୍ତା ହିଁ ପାଉଛି, ସେ ଯାକେ ମୋର ଟଙ୍କା ପଠାଇବାର ନୁହେଁ । ତା ପର ମାସ ମୁଁ ଆଉ ଟଙ୍କା ପଠାଇଲି ନାହିଁ । ବାକୀ ତିନିଜଣଙ୍କ ପାଖକୁ ପଠାଇ ଦେଲି । ଆଗ ସ୍ୱାମୀ ଯାଇ ଫେରି-ଆସେ, ଦେଖାଯିବ । ବର୍ଷାଋତୁ ଆସିଲା ବୋଲି, ଚତୁର୍ମାସ୍ୟାରେ ପାହାଡ଼ୀ ଜାଗାରେ ରହିବା ଠିକ୍ ନୁହେଁ । କେତେ ଜାଗାକୁ ବସା ଯାଇ ପାରେ ନା । ଏକପଦୀ ରାସ୍ତାରେ ଚାଲି କରି ଯା ଆସ କରିବାକୁ ହୁଏ । ଏ କାମ କରିବା ଲାଗି ମତେ ଆଠ ଦିନ

Digitized by PPRACHIN, SOA

ସମସ୍ତ ନିଶ୍ଚୟ ଦରକାର ହବ···ଏମିତି ଭାବି ଚୁପ୍ ହୋଇ ବସିଲି । ଏମିତି କରି ଦି ମାସ ବିତି ଗଲା । ମୋ ପାଖକୁ ସେଠୁ ଗୋଟିଏ ଚେତାବନୀ ଭରା ଚିଠି ଆସି ପହଞ୍ଚିଲା । ତହିଁରେ ଲେଖାଥିଲା :

“ମାନ୍ୟବର,

ଯଶୋବନ୍ତ ରାୟ ବାବୁଙ୍କ ତରଫରୁ ପଠା ଯାଇଥିବା ପଚାଶ ଟଙ୍କା ପାଇଲୁଁ । ଆଶାକରୁଁ ସେ ଭଲ ଅଛନ୍ତି ? ସେ ଆପଣଙ୍କୁ ଅଗଷ୍ଟ ଓ ସେପ୍‌ଟେମ୍ବରରେ ଟଙ୍କା ପଠାଇବାକୁ କହିଥିବେ । ଆପଣ ଭୁଲିଯାଇଥିବେ ବୋଧହୁଏ । ତେଣୁ ଏହି ପତ୍ର ଲେଖୁଅଛୁ । ଆପଣ ଅନ୍ୟ କିଛି ଭାବିବେ ନାହିଁ । ଏମାସ ଓ ବକେୟା ମୋଟ ପଞ୍ଚସ୍ତରୀ ଟଙ୍କା ଯେବେ ପଠାଇ ଦେବେ, ବଡ଼ ଉପକାର ହେବ । ନାହିଁ ଯେବେ ଆପଣ ଯଶୋବନ୍ତ ରାୟ ବାବୁଙ୍କର ଠିକଣା ଆମ୍ଭଙ୍କୁ ଦିଅନ୍ତୁ, ତା ହେଲେ ଆମ୍ଭେ ତାଙ୍କୁ ଲେଖିବୁଁ । ସେ ଯେବେ ଆପଣଙ୍କ ପାଖରେ ରହୁଥାନ୍ତି, ତା ହେଲେ ତାଙ୍କୁ କହିବେ ଯେ ତାଙ୍କ ଆଈ ପାର୍ବତୀମା ମରିବା ଆଗରୁ ଅନ୍ତତଃ ଥରୁଟିଏ ତାଙ୍କୁ ଦେଖିବାକୁ ଚାହାନ୍ତି ।” ପତ୍ରର ନିମ୍ନ ଅଂଶରେ ଲେଖା ଥିଲା, “ଏ ଟିପଚିହ୍ନ ପାର୍ବତୀମାର ସହି” ଏବଂ ତା ସଙ୍ଗେ ସଙ୍ଗେ “ଏ ପତ୍ର ପାର୍ବତୀମା ତରଫରୁ ଲେଖା ଯାଇଛି ।”

ପାର୍ବତୀମା ଯେ ଯଶୋବନ୍ତ ରାୟ ବାବୁଙ୍କର ଆଈ ହେବ, ଏହା ଜାଣି ମୋର କୌତୁହଳ ବଢ଼ିବାରେ ଲାଗିଲା । ସେ ତ ତାଙ୍କ ବାପାଙ୍କ ମା ନିଶ୍ଚୟ ହୋଇ ନ ଥିବ । ମା'ର ମା' ବା ଆଉ କିଛି ରକ୍ତସମ୍ପର୍କ ହୋଇଥାଇପାରେ । ଯଶୋବନ୍ତ ରାୟ ବାବୁଙ୍କ ବୟସ ମୃତ୍ୟୁ ବେଳକୁ ୬୫ ବର୍ଷ ହୋଇଥିଲା । ଆଉ ଏହି ବୁଢ଼ୀର ବୟସ ଅନ୍ତତଃ ୨୦ ବର୍ଷ ବଡ଼ ହୋଇଥିବ । ମୁଁ ତାକୁ ଦେଖିପାରିବିତ ! ମନେହେଲା ଏ କାମ ଜଲଦି କରିଦେବା ଦରକାର ।

ସେତେବେଳକୁ ଅକ୍ଟୋବର ମାସ ସରି ଆସୁଛି । ବର୍ଷାର ଜୋର ବେଶ କିଛି କମି ଆସିଲାଣି । ସବୁଦିନ ଖରାପଡ଼ୁଛି । ଆକାଶରେ ଧଳା ବାଦଲ ହସି ହସି ବୁଲୁଚନ୍ତି । ନବରାତ୍ରିର ଦ୍ୱିତୀୟ ଦିନରେ ହିଁ 'ସିରସି' ଆଡ଼େ ବାହାରିପିବା ଦରକାର । ସେଠୁ 'ସ୍ୱାଦୀ' ଯାଇକରି ସେ ଗାଁରେ 'ଗ୍ରେଚଲ' ଘରଟି ଖୋଜି ବାହାର କରିବାକୁ ହବ । ବୁଢ଼ୀ ସଙ୍ଗେ ଭେଟ ବି ଯେମିତି ହବ, ତାଠୁ ଯଶୋବନ୍ତ ରାୟ ବାବୁଙ୍କ ପିଲାଦିନ ବିଷୟରେ ବେଶ୍ କିଛି କଥାବି ଜାଣିହବ । ଏମିତି କେତେ କଥା ମୁଁ ଭାବୁଥାଏ । ଇତି ମଧ୍ୟରେ ତା ଚିଠିର ଉତ୍ତର ଦେବା ଦରକାର । ତା ପାଖକୁ, ଟଙ୍କା ବି ତ ପଠାଇଦେବା ଦରକାର ? କିନ୍ତୁ ମୋ ମନ ଜମାରୁ ମାନିଲା ନାହିଁ । ଖାଲି

Digitized by PPRACHIN, SOA

ସନ୍ଦେହ ଜାତ ହେଲା ଯେ ପାର୍ବତମ୍ମା ମର ସାରଲଣି । ଶମ୍ଭୁ ଭଟ୍ଟ ପଇସା ଲୋଭରେ ଆଉ କେଉଁ ବୁଢ଼ୀର ଟିପଚିହ୍ନ ଲଗାଇ ନେଇ ଥିବ । ମନେ ହେଲା, ଟଙ୍କା ଆଦୌ ପଠାଇବା ଉଚିତ ନୁହେଁ । ମରିବା ଆଗରୁ ଯଶୋବନ୍ତ ରାଓ ବାବୁଙ୍କୁ ଦେଖିବାର ଯେଉଁ ଇଚ୍ଛାଟି ବୁଢ଼ୀ ପ୍ରକଟ କରିଅଛି, ତା କିଣ ସତ ହୋଇ ପାରେ । ତାଙ୍କର ଗାଁ ଛାଡ଼ିବାର କେତେ ବର୍ଷ ବିତିଗଲଣି, ଏହି କେତେ ବର୍ଷ ଭିତରେ ଥରଟିଏ ହେଲେ ବି ତାକୁ ସେ ଭେଟି ନାହାନ୍ତି । ଖାଲି କାମରେ ଆସିବବୋଲି ଦେଖାଇ ଦିଆଯାଇଛି ଯେ ସେ ଏବେ ବି ମରିନାହିଁ । ଟଙ୍କା ପଠାଇବା ଲୋକ ଯଶୋବନ୍ତ ରାଓ ବାବୁ ନୁହନ୍ତି, ମୁଁ, ମାନେ ଜଣେ ଅଜ୍ଞାତବ୍ୟକ୍ତି । ଏଥିରୁ ଶମ୍ଭୁ ଭଟ୍ଟର ସାହସ ବଢ଼ି ଯାଇଥିବ । ମୁଁ ଏହି ସିଦ୍ଧାନ୍ତରେ ପହଞ୍ଚିଲି ଯେ ଆଉ କାହାର ଟିପଚିହ୍ନ ନେଇ ମୋତେ ଠକା ଯାଇଛି ।

ମୁଁ ନବରାତ୍ରି ଲାଗି ଅପେକ୍ଷା କରୁଥିଲି । ସିରସିରେ ବକ୍ତୃତା ଦେବା ଲାଗି ମୋର ବନ୍ଧୁମାନଙ୍କଠାରୁ ଗୋଟିଏ ନିମନ୍ତ୍ରଣ ମୋତେ ମିଳିଲା । ତାକୁ ମୁଁ ଶୀଘ୍ର ଗ୍ରହଣ କରିଗଲି । ମୁଁ ଜାଣିଥିଲି ଯେ ସ୍ୱାଦୀ ସେଠାରୁ ଦଶ କି ବାର ମାଇଲ ଭିତରେ ହେବ । ସ୍ୱାଦୀ ପ୍ରାଚୀନ ଐତିହାସିକ ସ୍ଥାନ । ବେନକନହଲ୍ଲୀ ଗାଁ ମଧ୍ୟ ସେଠାରୁ ବେଶି ଦୂର ନୁହେଁ । ଯେବେ ଏ କାମ ହୋଇଯାଏ, ତାହାହେଲେ ପାହାଡ଼ ଇଲାକାରେ, ଜଙ୍ଗଲ ଓ ପାହାଡ଼ କୋଳରେ ବିହାର କରିବାର ସୁଯୋଗ ମଧ୍ୟ ମିଳିଯିବ, ଆଉ ଏଇଟା ମୋ ଲାଗି ଅତି ସନ୍ତୋଷର କଥା ।

ଭାବିଲି ନବରାତ୍ରି ପରେ ଭ୍ରମଣର କାର୍ଯ୍ୟକ୍ରମ ଆରମ୍ଭ କରିବି । ନବରାତ୍ର ଗଲାକ, ମୁଁ ସିରସୀ ବାହାରିଗଲି । ଆଉ ଆର ବର୍ଷ ପରି ଏବର୍ଷ ବି ସେଠି ମୋର ବକ୍ତୃତାର ଆୟୋଜନ ହୋଇଥିଲା । ଦୁଇଦିନ ଯାଏ ଜଣେ ସାଙ୍ଗ ଘରେ ରହିକରି ମୁଁ ଦୁଇଟି ବକ୍ତୃତା ଦେଲି ଏବଂ ଯାତ୍ରା ପରର କାର୍ଯ୍ୟକ୍ରମ ଚିନ୍ତାକଲି । ଭାଗ୍ୟକୁ ବର୍ଷାର ଜୋର ବି ସରିଆସିଥିଲା । ଦିନକୁ ଥରେ କିଛି ବେଳ ମେଘୁଆ ରହିବା ପରେ ଆଉ ମେଘର ଦେଖାନାହିଁ । ସେ ଅଞ୍ଚଳର ପର୍ବତଙ୍କ ଉପରେ ସାଗୁଆ ବଣ ବଢ଼ିଉଠି ହୋଇଗଲା ଏବଂ ସେଗୁଡ଼ିକ ଅତ୍ୟନ୍ତ ସୁନ୍ଦର ଦିଶିଲେ । ମୁଆଡ଼େ ଗୁହାଁଳି ସେଠି ଜଙ୍ଗଲ ଟାଙ୍ଗର ଉପରେ ବି ସବୁଜ ଘାସ ଗଜେଇ ଉଠିଛି । ଏଠି ସେଠି ଯେମିତି ନଈ ବୋହି ଯାଉଛି, ପାଣିର ନାଳମାନ ଗଡ଼ି ଯାଇ ପାଣି ଏକାଠି କରି ଯୋଡ଼ମାନ କରି ମନ ହରଣ କରୁଛନ୍ତି । କଲ କଲ ଝରଣାରେ ଖେଳି ଖେଳି ପାଣି ଝରୁଥାଏ । ମୁଆଡ଼କି ଯିବ, ଗଡ଼ିଲା ପାଣିର କଳକଳ ଧ୍ୱନି ତମ ସାଙ୍ଗେ ଯାଉଥିବ । ଏପରି ଦୃଶ୍ୟ

Digitized by PPRACHIN, SOA

ମୋତେ ଖୁବ୍ ଭଲ ଲାଗେ । ମୋର ସଙ୍ଗୀ ଦେଉଛନ୍ତି ଧୀରେ ଧୀରେ ଚାଲ, ଇଆଡ଼େ ସିଆଡ଼େ ଆଖି ବୁଲାଇ ବୁଲାଇ ଅଳସେଇ କରି ଚାଲିଯିବା । ଏହି ପାହାଡ଼ୀ ଇଲାକା ମୋଠୁ ବଳି ଅଧିକ ଅଳସୁଆମିରେ ପୂର୍ଣ୍ଣ ଥିଲା । ସମୁଦାୟ ଜନଜୀବନ ହିଁ ଏହିପରି ହୋଇ ଚାଲେ । ଲୋକଙ୍କ ଚାଲି ଯେମିତି, ଚରା ପଶୁଙ୍କ ଚାଲି ବି ସେମିତି । ସେ ବି ହେଲେ ପାହାଡ଼ୀ ରାଇଜର ମଇଁଷି ! ଗରିବ ଚାଷୀଙ୍କର ଦୁର୍ବଳିଆ ମଇଁଷିମାନେ ମୋଟା ତାଜା ହୋଇ ପାଣି ଖାଲମାନଙ୍କରେ ଗଡ଼ାଗଡ଼ି ହେଉଛନ୍ତି ଓ ଜଳସ୍ତମ୍ଭନ କରୁଛନ୍ତି । ଅଳସୁଆ ମଇଁଷିଙ୍କର ଚଳପ୍ରଚଳ ମୋଟପରି ଜଡ଼ । ହେଲେ ତାଙ୍କ ମନ ବି ଜଡ଼ କି ? ହୁଏତ ତା ନୁହେଁ । ତାଙ୍କର ବି ସୁଖ ଶାନ୍ତି ଲୋଡ଼ା କି ନା । ପାଣିକି ସେମାନେ କେତେ ଭଲପାନ୍ତି । ପାଣି ଭିତରେ ପଶି ଖାଲି ମୁଣ୍ଡଟି ବାହାର କରି ପଡ଼ିରୁଥିବେ । ତା ଉପରେ ଟିକିଏ ଖରା ପଡ଼ିଗଲେ ଆଉ କିଏ ଦେଖେ ! ତାଙ୍କୁ ଏସବୁ ପୋଖରୀ ନଇ ତୃପ୍ତି ଦେଉଥିବେ । ଭୋକ ଶୋଷ ଭୁଲି ସେମାନେ ପାଣିରେ ଗଡ଼ୁଥାନ୍ତି । ଆଖି-ବୁଜା ଆନନ୍ଦ ନେଉଥାନ୍ତି । 'ଏଇଠି ସୁଖ ଅଛି' 'ଏଇ ସୁଖ' କହି ନିର୍ବିକଳ୍ପ ସମାଧିରୁ ବଳି ଆନନ୍ଦ ଲୁଟି ନେଇଥାନ୍ତି ।

ସିରସି ପହଞ୍ଚି ମୋ ଅବସ୍ଥା ବି ତାଙ୍କରି ପରି ହୋଇ ଯାଇଥିଲା । ଖିଆ-ପିଆ-ଶୁଆ କରି ଦିନ କଟିଗଲା । ଶମ୍ଭୂ ଭଟ୍ଟର ସାକ୍ଷ୍ୟ ପ୍ରମାଣ ସତ କି ମିଛ, ଯାଞ୍ଚ କରିବାକୁ ଇଚ୍ଛା ହେଲାନାହିଁ । ଯଶୋବନ୍ତ ରାଓ ଯେଉଁ ଟଙ୍କା ପଠାଉଛନ୍ତି, ସେଗୁଡ଼ିକ ଏମାନଙ୍କ ନାମରେ ଜାଣି ଉତ୍ସର୍ଗ ହୋଇକରି ଅଛି । ମୁଁ ପୁଣି କାହିଁକି ଏ କଥାନେଇ ଗୋଇନ୍ଦାଗିରି କରିବି ? ଏ କଥା ବି ଥରେ ଭାବିଥିଲି । ତାଙ୍କର ପ୍ରିୟପତ୍ନୀ ବୃଦ୍ଧାଟି କେମିତି ହୋଇଥିବ ? କଣପାଇଁ ସେ ତାକୁ ଟଙ୍କା ପଠାଇଗଲେ ? ସେବୃଦ୍ଧା ସାଙ୍ଗରେ ତାଙ୍କର କି ପ୍ରକାର ସମ୍ପର୍କ ଥିବ ? ଏସବୁ ଜାଣିବାର କୌତୁହଳ ହେଲା, ନ ହେଲେ ମୁଁ ଏଇମିତି ଆଉ ଦୁଇଚାରି ଦିନ ସିରସିରେ ପଡ଼ିପଡ଼ି କଟାଇଥାନ୍ତି । ଥରେ ତ ସ୍ଵାମୀ ବି ମନରେ ହୋଇଥିଲା ଯେ ଯେବେ ସ୍ଵାମୀରୁ କେହି ଆସୁଥିବ, ତାକୁ ପଚାରି ଓଚାରି ଏଇଠି କାମଟି ବଢ଼େଇ ଲେଉଟିଗଲେ କେମିତି ହୁଅନ୍ତା ? କିନ୍ତୁ ଏଥିରେ ଆତ୍ମା ଖୁସୀ ନ ହେବାରୁ ମୁଁ ନିଜର କାର୍ଯ୍ୟକ୍ରମ ଅନୁସାରେ ବାହାରି ପଡ଼ିଲି ।

ସ୍ଵାମୀ ଯାକେ ଗୋଟିଏ ଯୋଡ଼ାବଳଦ ଯୋଚା ଶଗଡ଼ରେ ବସିଗଲି । ଅନୁଭବ କଲି ଏପରି ଶଗଡ଼ ଗାଡ଼ିରେ ରାତିସାରା ଯାଇ କରି ଅଣ୍ଟା ପିଠି ଭାଙ୍ଗିବା-ଠାରୁ ଚାଲିକରି ଯିବା ଭଲ । ସେଠି ପହଞ୍ଚିଲାପରେ ବି ଚାଲିବାକୁ ହେବ । ସେଠୁ ଦଶକୋଶ ଦୂର ବେନହଲ୍ଲି ଗାଁ । ସେଯାକେ ଯୋଉ ରାସ୍ତା, ଆଉ କଣ କହିବ ?

Digitized by PPRACHIN, SOA

ଜଙ୍ଗଲ ଦେଇ କଣ ବାଟ । ବର୍ଷାଦିନେ ତ ବାଟ ସାଗ୍ରା କାଦୁଅ ଓ ପଶୁ ଜନ୍ତୁଙ୍କ ଗନ୍ଧରେ ରହିହୁଏନାହିଁ । କୋଶେ ବାଟ ତ ମଣିଷର ମୁହଁଟି ଦେଖିବାକୁ ମିଳିବ ନି । ତା ପରେ । ଯାହାକୁ ଭେଟିଲି ସେ କହିଲା, "ଓ, ବେକନହଲ୍ଲି ଗାଁ ? ହେଇତ, ପାଖରେ ଚାଲି ଚାଲି ଗୋଡ଼ରେ ଗୁଲି ପଡ଼ିଗଲା, ତେବେ ବି ଗାଁର ଦେଖା ନାହିଁ । ଏମିତି ପାହାଡ଼ିଆ ରାଇଜର ଗାଁ ତ ଖାଲି ଗ୍ରାମାଧିକାରୀଙ୍କ ବହିରେ ମିଳିବ । ଘରଟିଏ ଏ ପାହାଡ଼ର ଚୂଡ଼ାରେ ପାଇବ ତ ଆଉ ଗୋଟିଏ ଅଛି ଯାଇ କନ୍ଦରର ତଳହିଟିରେ । ଏଘର ଠାଉଁ ସେ ଘରକୁ ପାଏ ବାଟ ହବ । ବେଳେ ବେଳେ ପୁଣି ଦୁଇଟି ଘର ଭିତରେ ଅଧମାଇଲିଏ ଫାଙ୍କ ରହିଛି । ରାସ୍ତାରେ ଗୋଟିଏ ଗୋରୁ ଜଗୁଆଳି ବୁଢ଼ା ଦେଖିଲି । ସେ କହିଲା ଏଇତ ବେନକନହଲ୍ଲି ଗାଁ । ସେତେବେଳକୁ ଦିପହର ହେଲାଣି । ସବୁଜ ଘାସ ଉପରେ ଚାରିକାତ ମେଲାଇ ବୁଢ଼ା ଭୂପତି ପାନ ଚୋବାଉଥାଏ । ସେ ସିନା କହିଲା ଯେ ଏଇଟା ବେନକହଲ୍ଲି ବୋଲି, କିନ୍ତୁ ସେଠି ଗୋଟାଏ ବୋଲି ଘର ଦେଖା ଯାଉ ନ ଥାଏ । ତା କଥା ଶୁଣି ମତେ ଟିକିଏ ଆଶ୍ଚର୍ଯ୍ୟ ବି ଲାଗିଲା । କିଛି ନ ହେଲେ ଅନ୍ତତଃ ତା ଘରଟା ତ ଏଇଠି ଥିବ, କିନ୍ତୁ ଗୋରୁ ରହିଛନ୍ତି, ସେ ସେ ଅଛି, ତା ହେଲେ ଗାଁ ନିଶ୍ଚୟ ଥିବ ।" ସତରେ ସ୍ୱେ ବେନକହଲ୍ଲି ? ଏଠି ବ୍ରାହ୍ମଣଙ୍କ ଘର ଅଛି ?" ମୁଁ ପଚାରିଲି । ସେ ଟିକେ ଦୂରର ଗୋଟିଏ ଗାଁକୁ ଦେଖାଇ ଠାରିଲା । ସେ କହିଲା ଯେ ସାମନାରେ ଯେଉଁ ବାଉଁଶ ବଣ ଦିଶୁଚି, ତହିଁରେ ଗୋଟିଏ ବେନବନ ମନ୍ଦିର (ଗଣେଶ ମନ୍ଦିର) ଅଛି । ଚତୁର୍ଥୀ ଦିନ ପିଲାମାନେ ହସ ଖୁସିରେ କହନ୍ତି ନା ବେନକ, ବେନକ, ବକ୍ରଦନ୍ତ ପାଣିପୀଠ । ଏଇଥିରୁ ତା ନାଁ 'ବେନକନ-ହଲ୍ଲୀ' (ଗଜାନନ ଗାଁ) ହେଇ ଯାଇଚି ।

ମୁଁ ପଚାରିଲି, "ଶମ୍ଭୁ ଭଟ୍ଟର ଘର ଜାଣିଚ ?"

"ଟେଙ୍ଗିନକ ଘର ବଲିଟି ?" ସେ ଟିକିଏ ରାବି କହିଲା ।

"ହଁ ହଁ, ସେଇ ।"

"ଟେଙ୍ଗିନକ ଘର ଦିଟା । ଉପର ଟେଙ୍ଗିନକ ଘର, ତଳ ଟେଙ୍ଗିନକ ଘର । ଆପଣ କା କଥା ପଚାରୁଛନ୍ତି ! ଶମ୍ଭୁ ହେଗ୍‌ଡ଼େ ନା ରାମ ହେଗ୍‌ଡ଼େ ?"

"ହେଗ୍‌ଡ଼େ କଣ ମ ? ଶମ୍ଭୁ ଭଟ୍ଟ ବାବୁ ।"

"ହଁ, ତେବେ ସେଇ ଉପର ଟେଙ୍ଗିନକ ଘରେ ଯେ ଥାଆନ୍ତି । ତାଙ୍କ ଘର ଏ ପାହାଡ଼ ଟପିଲେଇ ପାଇଯିବେ । ତଳ ଟେଙ୍ଗିନକ ଘର ଟିକିଏ ଦୂର ପଡ଼ିବ; କିନ୍ତୁ ଆପଣ କଣ କହିଲେ ହେଗ୍‌ଡ଼େ ନୁହେଁ, ଭଟ୍ଟ ।"

Digitized by PPRACHIN, SOA

"ଆରେ ବାବୁ, ମୁଁ ଅନ୍ଧ ଗଲିଣି । ହେଉଗଡ଼େ ହେଲେ ହେଉଗଡ଼େ, ଭଙ୍ଗ ହେଉଥିଲେ ଭଙ୍ଗ ବା ଚଳିବେ ! ଆଗ ପାଖ ଆଖର କୋଉ ବ୍ରାହ୍ମଣ ଘର ଟିକିଏ କହି ଦବଟି, ତମର ପୁଣ୍ୟ ହବ ।"

"ପୁରୋହିତ ଆପଣେ, ଆପଣଙ୍କ ପାଖରେ ଧୂଆଁ ପତ୍ର ଟିକେ ହବ ?"

"ମୁଁ ଧୂଆଁ ପତ୍ର ଫତ୍ର ଖାଏନା ।"

"ମୁଁ କଣ ଆପଣଙ୍କ ସାଙ୍ଗରେ ସେଯାକେ ଯିବି କି ? ଏ ଜନ୍ତୁଗୁଡ଼ାକ ଗୋସେଇଁଖିଆ ! କୁଆଡ଼େ ପକେଇଲେ ସେଇଠୁ କଣ ହବ ?"

ପକେଟରୁ ଦୋଅଣିଟିଏ ବାହାର କରି ମୁଁ କହିଲି, "ବାବୁ ଗୋଟିଏ ଉପକାର କରତ । ମୋତେ ପାଖ ଆଖର କୋଉ ବ୍ରାହ୍ମଣ ଘର ଦେଖାଇ ଦିଅ ତ । ସେଠୁ ମୁଁ ପଚାରି ପଚାରି ଗୋଟାକ ହଉ ଫୋଟକ ହଉ ଯୁଆଡ଼େ ଇଚ୍ଛା ଯିବି ଚାଲି ।"

"ସତରେ ଆପଣ ମତେ ପଇସା ଦେବେ ?" ବୁଢ଼ା ପଚାରିଲା ।

"ହଁ, ନିଅ । ଆଗ ଏତିକ ଧର । ଘର ଜାଗାରେ ବାଘଗୁହା ନ ଦେଖେଇଲେ ହେଲା; ବୁଝିଲ ?"

"ଆପଣ ସହର ବଜାରର ଲୋକ, ମନକଲେ । ଆଉ ବାଘକୁ ଏତେ ଡର ? ଆହେ ବାଘ ମଣିଷର କଣ କରିବ ?"

ସେ ହାତରେ ଠେଙ୍ଗଣି ଉଠାଇନେଲା ଓ 'ଚାଲନ୍ତୁ !' କହି ମୋର ବାଟ କଢ଼ାଇ ଚାଲିଲା । ମୁଁ ତା ପଛେ ପଛେ ଚାଲିଲି । ଚଉଡ଼ା ରାସ୍ତା ପାରହେଇ ଆହୁରି କଠିଣ ଏକପଦିଆ ରାସ୍ତାରେ ଯେତେବେଳେ ସେ ମୋତେ ବାଉଁଶବଣ ପାଖ ଦେଇ ଯାଉଥିଲା, ସେତେବେଳେ ମୋର ସତରେ ବାଘ ଡର ହେଇଗଲା । ରାସ୍ତାରେ ଗୋଟିଏ ଭଙ୍ଗାରୁଜା ଦେଉଳ ଦେଖିଲି । ତାର ଛପର ଭାଙ୍ଗି ଯାଇଛି । ତେଣୁ ଭିତରେ ସ୍ଥିତ ବେନକୈସ୍ବା (ଗଣେଶ)ଙ୍କର ପ୍ରତିହିନ ବର୍ଷାପାଣିରେ ଜଳସ୍ନାନ ହେଉଥିଲା । ବୁଢ଼ା ସେହି ଦେଉଳ ଆଗରେ ଅଟକି ଯାଇ ଗଣେଶଙ୍କୁ ନମସ୍କାର ଜଣାଇ ପାହାଡ଼ିଆ ରାସ୍ତାରେ ପୁଣି ଚାଲିଲା । ଗଡ଼ାଣି ବାଟ । ତା ହାତରେ ଠେଙ୍ଗଣିଟି ଥିଲା । ଟକଟା ମାଟିରେ ତାକୁ ପୋତି ପୋତି ସେ 'ଆସନ୍ତୁ ଆସନ୍ତୁ' କହି ଓହ୍ଲେଇଗଲା । ମୋ ଗୋଡ଼ କାଦୁଅ ସରପଟ ହୋଇ ଯାଇଥିଲା । ଆଗକୁ ଚାହିଁଲେ ଚାରିଆଡ଼େ କାଦୁଅ । ଯାହାକୁ

Digitized by PPRACHIN, SOA

ଛୁଇଁବ ସେ ଓଦା ସରପଟ । ଏଠି ଗୋଡ଼ ରଖିଲେ ଖସିକରି ସେଠିକି ପଳେଇବା ଏମିତି କଷ୍ଟିଆ ଗଡ଼ାଣି ସେ । ଥରେ ଦୁଥର ଗୋଡ଼ଖସି କଚଡ଼ା ବି ଖାଇଲି । କାଦୁଅ ସରପଟ ବି ହେଲି । ଶମ୍ଭୁ ଭଉଣୀକୁ ବି ଗୁଡ଼ାଏ କାଟିଲି । ପାର୍ବତମ୍ମାଙ୍କୁ ବି ପଦେ ଦୁପଦ ଶୁଣେଇ ଦେଲି । ଟିକେ ପରେ ସେ ଗଡ଼ାଣି ଶେଷହେଲା । ମୁଁ କାଦୁଅରେ ସରପୂର୍ଣ୍ଣ ଗୋଟିଏ ଅଗଣାରେ ଆସି ଠିଆ ହେଲି । ବୁଢ଼ା ମତେ ଘରର ବାଗପଟ ବାଟେ ନେଇ ଯାଇଥିଲା । ଗୋରୁ ଗୁହାଳପଟେ । ଗୋରୁ ଗୁହାଳ ସାଙ୍ଗରେ ତାର ଘନିଷ୍ଠ ସମ୍ପର୍କ ଅଛିକିନା ! ସେଇଠୁ ସେ ପାଟିକରି ଡାକିଲା, "ହଜୁରେ, ପର ଗାଁରୁ କିଏ ସେ ଆଇଚନ୍ତି !"

ତା ପାଟି ଶୁଣି କେହି ମଧ୍ୟବୟସ୍କ ଲୋକଟିଏ ସେଠିକି ଆସିଲା । ଗୋଡ଼ଠୁଁ ମୁଣ୍ଡଯାକେ ସେ ମତେ ନଠେଇ ଦେଖିନେଲା; କିନ୍ତୁ ମୁଁ ତାକୁ ସେମିତିକରି ଚାହିଁ ପାରିଲିନାହିଁ । ଦୁବଳା ପତଳା ଲୋକଟି, ମୁହଁରେ ବହଳ ଦାଢ଼ି, ଦେହରେ କଉ- ପୁନିଟିଏ ଛଡ଼ା କଛି ବୋଲି କିଛି ନାହିଁ । ତାକୁ ଦେଖିଲା ମାତ୍ରକେ ତା ଘରେ ଗଣ୍ଡେ ଖାଇବାର ଯୋଉ ଇଚ୍ଛାଟି ମୋର ଥିଲା, ସେ ବି ଉଭେଇ ଗଲା ।

ସେ ମତେ ଲଗାତାର କେତେ କଥା ପଚାରିଗଲା, "ଆପଣ କିଏ ? କାହାକୁ ଚାହାନ୍ତି ? କୁଆଡ଼ୁକାର ?"

"ଏଇଟା କଣ ଗୈଛକ ଘର ? ଏ ଗାଁରେ ପାର୍ବତମ୍ମା ବୋଲି ଜଣେ ବୁଢ଼ୀ ଥିବେ ? ତାଙ୍କର ସାଙ୍ଗରେ ଭେଟିବାକୁ ମୁଁ ଆସିଚି । ଟିକେ କାମ ଅଛି ।"

"ଉପରର ଗୈଛକ ଘର ତ ଏଇଠି; କିନ୍ତୁ ଏଠି ପାର୍ବତମ୍ମା ବୋଲିକରି କେହି ନାହିଁ । କାହିଁକି ଆସିଚନ୍ତି ? ବହୁତ ଦୂର ଗାଁରୁ କି ? ତାଙ୍କର କେହି ବନ୍ଧୁ ବାନ୍ଧବ ହେବେ ପରା ?" ଇତ୍ୟାଦି ପ୍ରଶ୍ନ ସେ ମୋତେ ପଚାରିଗଲା । ଭଲରେ ଭଲ ମତେ ଠିଆ ଠିଆ ରଖିକରି କଥା ହେଉଛି । ଗୋଟାକ ପରେ ଗୋଟାଏ ପ୍ରଶ୍ନ ମୋ ଉପରକୁ ଯେମିତି ଫୋପାଡ଼ି ଲାଗିଛି । କାଦୁଅ ସରପଟ ମୋର ଏଇ ଅସହ୍ୟ ଚେହେରା ଦେଖିକରି ବୋଧେ ସେ ମତେ ଘରକୁ ଡାକିବାକୁ ଚାହିଁନଥିଲା ।

"ହଉ ମୁଁ ତା'ହେଲେ ଯାଏଁ ।" କହି ମୁଁ ରାସ୍ତା ଦେଖିବାକୁ ଯାଉଛି, ଏତିକି ବେଳେ ଭାଗ୍ୟକୁ ଟିକିଏ ଦୂରରେ ଧୋତି ପିନ୍ଧା ଜଣେ ବୁଢ଼ା ଲୋକ, ସେଇ ଘରର ହେଇଥିବ କି କଣ, କହିଲା, "ଆରେ ବାପ, ତୋର ବୁଦ୍ଧିବୃଦ୍ଧି ନାହିଁକି । କିଏ ପରଗାଁ

Digitized by PPRACHIN, SOA

ଲୋକ ତୋ ଦୁଆରକୁ ଆସିଚନ୍ତି ଆଉ ତୁ ତାଙ୍କୁ ଗୁହାଳ ଆଗଟାରେ ଠିଆକରି ତୋର ପଞ୍ଜାଙ୍ଗ ଫିଟେଉଛୁ ।" ଏତକ କହି ସେ ବୁଢ଼ା ମୋ ଆଡ଼େ ଗୃହିଁ କହିଲା, "ଆସନ୍ତୁ ଆସନ୍ତୁ । ଘର ଭିତରକୁ ଗୁଲନ୍ତୁ । ତମ୍ଭ ବିଚରା ଆପଣଙ୍କୁ ଗୋରୁଦିବା ବାଟରେ ନେଇ ଆସିଲା ! ଆପଣ କାଦୁଅରେ ଗୋଡ଼ ଖସି କଚଡ଼ା ଖାଇଥିବେ ପରା ? ତମ୍ଭା ଗଉଡ଼ର ବୁଦ୍ଧି ଯେତକ, ପଶୁଙ୍କ ବୁଦ୍ଧି ସେତକ ।" ଏହିପରି ସହାନୁଭୂତିପୂର୍ଣ୍ଣ କଥା ମାନ କହି କହି ସେ ନିଜ ଘରକୁ ମୋତେ ନେଇଗଲା । ଘରର ସାମନାଟି ସଫା ସୁତୁରା ଦିଶୁଥିଲା । ସେ ବୁଢ଼ାର ନାମ ଶଙ୍କର ହେଗ୍‌ଗଡ଼େ । କହିପୁମୀ ପିନ୍ଧା ଲୋକଟି ତା ପୁଅ—ଶମ୍ଭୁ ହେଗ୍‌ଡ଼େ । ବାପର ଗାଳି ଶୁଣି ସେ ଟୋକା ଚଟେଇ ଆଣିକରି ମୋ ଲାଗି ପାଣି ଲୋଟାଏ ଆଣି ପହଞ୍ଚେଇଲା । ଆତଥ୍ୟ କରି କହିଲା, "ଆସିବା ହେଉ, ହାତ ମୁହଁ ଧୋଇ ନିଅନ୍ତୁ ।"

ମୁଁ ଦାଣ୍ଡରୁ ଠିଆ ହୋଇ କହିଲି, "ଉପରକୁ ଯିବା ଆଗରୁ ଏ କାଦୁଅ ଗୁଡ଼ାକ ଧୋଇନିଏ । ତା ପରେ ଲୁଗା ବଦଳେଇବାକୁ ହବ, ଗାଧେଇବାକୁ ହବ । ବେଗ୍‌ରେ ବି କାଦୁଅ ଲାଗି ଯାଇଛି ।" ଏମିତି ଟିକିଏ ଇତସ୍ତତଃ କରି ମୁଁ ଏଆଡ଼େ ସେଆଡ଼େ ଅନାଇଲି । ସେ ବୁଢ଼ା ମହାଶୟ ଭିତରୁ ଯୋଡ଼ାଏ ଧୋତି ଘେନି ଆସି ପଗ୍ଭରିଲେ, "ବ୍ରାହ୍ମଣ ନା ?" ମୁଁ ସ୍ୱୀକୃତି ଜଣାଇ ମୁଣ୍ଡ ହଲାଇଲି । "ତାହେଲେ ଗାଧୋଇ କରି ଆସନ୍ତୁ" । ସେ କହିଲେ, "ଆପଣଙ୍କ ଦେହକୁ ବି ଟିକିଏ ଆରାମ ଲାଗିବ । ଶମ୍ଭୁ, ସେ ଲୁଗା ନେଇ ଗାଧୁଆଘରେ ଥୋଇ ଦେ ।"

ଅଗଣାରୁ ଗାଧୁଆଘର ଯାକେ ଜାଣି ମତେ ପୂରା ଗଙ୍ଗା ପାରିହବାକୁ ପଡ଼ିଲା । ଅଗଣାଟା ଯାକ ପାଣିରେ ଭର୍ତ୍ତି ହୋଇଥିଲା । ପାରି ହବାକୁ ଏଠି ସେଠି ରଖା ହୋଇଥାଏ ପଥର କି କାଠ, ତା ଉପରେ ବି ପାଣି ଚଢ଼ିଟି ଯାଇଛି । କୌଣସି ପ୍ରକାରେ ଗାଧୁଆ ଘରେ ଯାଇ ପହଞ୍ଚିଗଲି । ଗୋଟିଏ ପଥର କୁଣ୍ଡରେ ଥଣ୍ଡା ପାଣି ରଖା ହୋଇଛି । ହଣ୍ଡାରେ ଗରମ ପାଣି ଫୁଟୁଥାଏ । ଭିତରେ ଅନ୍ଧାରିଆ ଅନ୍ଧାରିଆ ହୋଇଥାଏ । ପାହାଡ଼ୀ ଜାଗାରେ ଗରମ ପାଣିରେ ଗାଧେଇଲେ ଆରାମ ଲାଗେ, ଏକଥା ମୁଁ ଆଗରୁ ଶୁଣିଛି । ଆଗ ମୁଁ ନିଜର ଲୁଗାପଟା ଧୋଇଲି । ତା ପରେ ନିଜର ବେଗ୍‌ଟି ଖୋଲିଲି । ବେଗ୍‌ରେ ଯାହା ଲୁଗାପଟା ଥିଲା, ତା ଦେହରେ ବି କାଦୁଅ ଛିଟା ଲାଗିଥିଲା । ତାକୁ ସବୁ ବି ଧୋଇଲି । ଘରର ମାଲିକଙ୍କର ଦେବା ଲୁଗା ପିନ୍ଧିବାକୁ କେମିତି ଇଚ୍ଛା ହେଉ ନଥିଲା । ତଥାପି ଗାଧୋଇଲା-ପରେ ସେହି ଲୁଗା ପିନ୍ଧିବା ଛଡ଼ା ଆଉ ଉପାୟ ନଥିଲା । ଧୋତି କାନିରେ ନାଲି ଦାଗ ଲାଗିଥାଏ । ଆଗ କାଳେ ବ୍ରାହ୍ମ

Digitized by PPRACHIN, SOA

ବ୍ରତଘର ଇତ୍ୟାଦି ଜମିଦାରରେ ପୁରୋହିତମାନେ ଏହିପରି ଧୋତି ପିନ୍ଧୁଥିଲେ । ସିରସୀ, ସୁନ୍ଦାପୁରର ଲୋକେ ଏବେ ବି ସେହିପରି ଧୋତି ପିନ୍ଧନ୍ତି । ଖଣ୍ଡିଏ ଧୋତି ପିନ୍ଧିକରି, ଆଉଟିଏ ଚଦର ଘୋଡ଼େଇ ଯେତେବେଳେ ମୁଁ ଗାଧୁଆ ଘରୁ ବାହାରିଲି, ସେତେବେଳେ ମୋର ନିଜ ଉପରେ ହସ ମାଡ଼ୁଥାଏ, ମୁଁ ବି ସେଇ ପୁରୋହିତଙ୍କ ପରି ଦିଶୁଥିବି ନା ?"

ଘରର ମାଲିକ ମୋ ବେଶ ଦେଖିକରି ବୋଧେ ଖୁବ୍ ପୁଲକିତ ହୋଇଗଲେ । "ଆପଣ ଉଡ଼୍‌ପି ଇଲାକାର ହୋଇଥିବେ, ନା ? ଏଇଲା ଦେଖନ୍ତୁ ଆମ ବ୍ରାହ୍ମଣ ଜାତିର ଧୋତିର କରାମତି ! ପେଣ୍ଟ ଜାମା ପିନ୍ଧି ଆପଣଙ୍କୁ ଯେମିତି ନ ଥିଲା । ଏଇଲା ଦେଖନ୍ତୁନ, କେମିତି ଶୋଭୁ ? କିଛି ଭାବିବେ ନି । ଆପଣଙ୍କୁ ଦେଖି ମୁଁ ଭାବିଥିଲି, କେଜାଣି ଜାତି ପତି କଣ ? ଏ ଦେଶରେ ପରିଷ୍କାର ଜଣା ପଡ଼ି ଯାଉଚି ଆପଣ ବ୍ରାହ୍ମଣ ।" ବୁଢ଼ା ଲୋକଙ୍କର ଏକଥା ଶୁଣି ମୋତେ ବହୁତ ହସ ମାଡ଼ିଲା । ସେଦିନ ବୃଦ୍ଧହିଁ ବେଶି କଥା କହିଲେ । ତାଙ୍କ ପୁଅର ବୟସ ବୃଦ୍ଧଙ୍କଠାରୁ କିଛି କମ୍ ହେବପରି । ପିତାଙ୍କର ଏକମାତ୍ର ଆଶା ଭରସା ସେହି ଏକୋଇର ବଳା ବଳିକେହନଟି ଜାଣି କ୍ଷୀଣ ଆଲୋକ ରେଖା ପରି ଜଳୁଥିଲା । ତାର ସ୍ୱଭାବ ଓ ବୃଦ୍ଧଙ୍କ ସ୍ୱଭାବ ଭିତରେ ଆକାଶ ପାତାଳ ଫରକ୍ । ବୁଢ଼ାଙ୍କ ବୟସ ସତୁରି ପାଖାପାଖି ହେବ । ତାଙ୍କ ଚେହେରା ମୋଟା ସୋଟା । ମୁଣ୍ଡବାଳତକ ସବୁ ପାଚି ଯାଇଛି । ଗ୍ରେଟ ଗ୍ରେଟ ଦାଢ଼ୀ ଆଉ ଅଳ୍ପ କେଶ ବି ପାଚିଲା ପାଚିଲା । ତାଙ୍କ ମୁହଁରେ ଯେମିତି କୁଳଶୀଳର କାନ୍ତି ଫୁଟିଉଠୁଛି । ତାଙ୍କ ବାଣୀରେ ବହୁତ ମଧୁରତା ଓ ବିନୟ ଥିଲା । ତାଙ୍କର ଅତିଥିପରାୟଣତା ମଧ୍ୟ ଅତୁଳନୀୟ । ଆଗେ ସେମାନେ ମୋତେ ଖାଇବାକୁ ବସାଇଲେ । ବିନୟ କରି କ୍ଷମା ପ୍ରାର୍ଥନାର ସ୍ୱରରେ ବୃଦ୍ଧ ମୋତେ କହିଲେ, "ଗରିବଘର । ଅଳ୍ପ ଟିକିଏ ତରକାରି ହୋଇଛି । ଭୋକ ମଣିଷର ପ୍ରକୃତ ରୁଚି । ଭୋକପେଟରେ ସବୁ ଭଲ । ଆପଣଙ୍କୁ ଭୋକ ଲାଗୁଥିବ, ଏହା ଭାବି ଆଗ ଆପଣଙ୍କୁ ଗୃହା ସଙ୍କୋଚ ନ ଦେଇ ଖାଇବାକୁ ଦେଲି ।"

ରନ୍ଧା ଭଲ ହୋଇଥିଲା । ତାର କାରଣ ସେହି ବୃଦ୍ଧ ମହାଶୟଙ୍କ କଥାରେ ମୋର ଭୋକ ହୋଇଥିବ । ଖାଇବା ଜିନିଷ ଭିତରେ ଶୁଖା ପଣସ କଠାର ଲୁଣି ତରକାରି, ଲୁଣିପାଣି ଦେଇ ଆମ୍ବର ଆମ୍ବିଲ ଆଉ ପାମ୍ପଡ଼, ବଡ଼ି, ଘୋଳ ଇତ୍ୟାଦି ଦେଇଥାନ୍ତି । ଖାଇବା ସାରି ଆମେ ପଦାକୁ ଆସିଲୁ । ପାନ ଗୁଆର ଥାଳିଆ ମୋ ଆଗରେ ଥୁଆଗଲା, ମୁଁ ପାନଗୁଆ ପାଟିରେ ପକେଇ ପାକୁଳି କରିବାକୁ ଆରମ୍ଭ କଲି । ତାପରେ ସେ କହିଲେ, "ଆପଣ ତଳପଟ ଘରର ପାର୍ବତୀ ସାଙ୍ଗରେ ଭେଟିବାକୁ

Digitized by PPRACHIN, SOA

ପିଇବ ପରା ? ଢେର ସମୟ ଅଛୁ । ଟିକଏ ଶୋଇ ପଡ଼ନ୍ତୁ । ଆଗ ଟିକଏ ଥକାଟା ମାର ନିଅନ୍ତୁ । କଣ୍ଛୁ କାମରେ ଆସିଛନ୍ତି ନା ଏଇମିତ ?" ଏତକ ପଚାରି ଦେଇ ସେ ମୋତେ ପୁଣି ଶୋଇ ପିବାକୁ ବଳାଇଲେ । ଏଣେ ଥକା, ତେଣେ ପେଟପୂରା ଭୋଜନ ଦୁହେଁ ମିଶି ନିଦଲାଗି ଜଗର ଲଗେଇଥାନ୍ତି । ମୁଁ ଶୋଇଗଲି । ଗତ ରାତିରେ ଗାଡ଼ିରେ ମୁଁ ଶୋଇପାରି ନଥିଲି । ତେଣୁ ମୋତେ ଖୁବ୍ ଗାଢ଼ା ନିଦ ହୋଇଯାଇଥିବ । ଉଠିକରି ଦେଖିଲି ସୂର୍ଯ୍ୟ ପଶ୍ଚିମ ଦିଗରେ ଗୋଟିଏ କୋଣରେ ଡ଼ୁବିଯାଉଛନ୍ତି । କେତେ ବେଳଯାକେ ଶୋଇଲି ! ଆଶ୍ଚର୍ଯ୍ୟ ଲାଗିଲା । ଏତିକିବେଳେ ଘରର ମାଲିକ ଆସି ପହଞ୍ଚିଲେ । ଗରମ ପାଣିରୁ ଡାଲେ ମଧ୍ଯ ଆସିଗଲା । "ମୁହଁ ଧୋଇ ପକାନ୍ତୁ ।" ସେ କହିଲେ ଓ ମୁହଁ ଧୋଇଲି । ପୁଣି ମୋତେ କଣ୍ଛୁ ଜଳଖିଆ ଆଣି ଥୋଇଲେ । କଂସା ଗିନାରେ କପେ କଷାୟ (ଧନିଆ ଅଗିର ଗୁଣ୍ଡ ଦେଇ ତିଆରି ପେୟ) ବି ଦିଆଗଲା ତା ସାଙ୍ଗରେ । ଗୋଟିଏ ଥାଳିଆରେ କଣ୍ଛୁ ଗ୍ଲୁଟ ଗ୍ଲୁଟ କଦଳୀ ଥାଏ । ତା ସାଙ୍ଗରେ ଖରଡ଼ା ହୋଇ ପଣସ ଖୋସା ବି କଣ୍ଛୁ ଦିଆ ହୋଇଥିଲା । ତାଙ୍କ ଲାଗି ବି ଏହି ଜଳଖିଆ ଆସିଥିଲା । ମୁଁ କହିଲି, "ଗଲା ମୋ କାମ ତ ହୋଇଗଲା ?" ସେ ହସିକରି କହିଲେ, "ମରାଠୀରେ ଗୋଟିଏ ଢଗ ଅଛୁ, 'ଆଜ ପୋଟୋବା, ନନ୍ତର ବିଠୋବା' ମାନେ ଆଗେ ପେଟର ପୂଜା, ତାପରେ ବିଠୋବା (ଶ୍ରୀକୃଷ୍ଣ)ଙ୍କର ପୂଜା । ସେଇ କଥା, ଆଗେ ଜଳଖିଆ ଖାଆନ୍ତୁ ।" ଜଳଖିଆ କାମ ବି ବଢ଼ିଲା ।

ତା'ପରେ ମୁଁ କହିଲି, 'ହଉ, ଏବେ ମତେ ପର୍ବତମ୍ମା ଘରର ବାଟ ବତାଇ ଦିଅନ୍ତୁ ନା ? ଆପଣଙ୍କର ଆସିବା ଦରକାର ନାହିଁ । ଆପଣଙ୍କର ବହୁତ ବୟସ ହେଲାଣି । ଆପଣଙ୍କର ପୁଅକୁ ବା ଚାକରକୁ ପଠେଇଲେ ଚଳିବ ।" ବର୍ତ୍ତମାନ ପୁଛା ସେ ତାଙ୍କ ପୁଅ ପରି ମୋତେ ଖୋଳତାଡ଼ ପଚରା ଉଚରା କରିବା ଆରମ୍ଭ କରି ନ ଥିଲେ । ଖାଲି ଏତିକି ପଚାରିଥିଲେ ଯେ ମୁଁ କୋଉ ଗାଁର । ମୁଁ କହି ଦେଇଥିଲି । ସେ ଭାବିଥିବେ ଆଗ ମୋର ଥକ୍‌କା ଓ ଭୋକ ଗଲେ ଯାଇ ପଚାରିବେ ବାକି କଥାଯାକ । ତା'ପରେ ହଠାତ୍ ମୁଁ ଶୁଖାଇବାକୁ ଯୋଉ ଲୁଗାପଟା ନେଇଥିଲି, ସେଗୁଡ଼ିକ ଗୋଟାଇ-ବାକୁ ଉଠିପଡ଼ିଲି । ସେ ଦେଇଥିବା ଲୁଗା ପାଲଟି ନିଜ ଲୁଗା ପିନ୍ଧିଲି ଓ ପ୍ରସ୍ତୁତ ହୋଇଗଲି । ସେଇଠୁ ସେ କହିଲେ, "ଆପଣ ଅନ୍ୟ କଣ୍ଛୁ ଭାବିବେ ନି । ଆପଣ ତ ବହୁତ ଦୂର ଗାଁର । ଉଡ୍ଡୁପୀ ଆଡ଼ର ନା ? ହଁ ଦୂରବାଟ ହେଲାନିକି । ସେ ଗାଁ ଆଉ ଏ ଗାଁ ଭିତରେ କଣ୍ଛୁ ସମ୍ବନ୍ଧ ଥିବାପରି ଦିଶୁନି । ଆପଣଙ୍କର କେହି ପୂର୍ବପୁରୁଷ ଏ ଗାଁରୁ ଉଠିକରି ସେ ଗାଁକୁ ଯାଇଥିଲେ କି ? ତା ନ-ହେଲେ ଆପଣ ପାର୍ବତମ୍ମାକୁ ଜାଣିଲେ କେମିତି ?"

Digitized by PPRACHIN, SOA

"ମୁଁ ନିଜ କାମଲାଗି ଏଠିକି ଆସିନି । ଯଶୋବନ୍ତ ରାୟବାବୁ ବୋଲି ମୋର ଜଣେ ସାଙ୍ଗଙ୍କ କାମରେ ଏଠିକି ଆସିଛି । ସେ ଏଇ ଆଡ଼କାର । ତାଙ୍କର ଆଉ ଏ ବୁଢ଼ୀର କିଛି ସମ୍ବନ୍ଧ ବୋଧହୁଏ ଅଛି । ସେ ମୋତେ କହିଛନ୍ତି ସବୁ ବିହି ପା' କଥା ବୁଝି କରି ତାଙ୍କୁ ଲେଖି ଜଣାଇବାକୁ । ମୋର ବି ଗୋଟାଏ କାମ ଥିଲି ସିଉସିରେ, ଭାବିଲି ଯାଇ ଏ ଗାଁ ବି ବୁଲିଆସେଁ । ଏଇଥିପାଇଁ ଆସିଛି ।" ମୁଁ ଟିକେ ମିଛ ଲଗେଇ ଦେଲି । ମୋର ଭୟ ହେଉଥାଏ, ସତ କହିଲେ କାଳେ ମୋତେ ସେଇ ଦୁଇଟା ଟିପଚହ୍ନ ବିଷୟରେ ଅସଲ କଥା ଜଣା ନ ଯାଏ । ଏହି କାରଣରୁ ହିଁ ମିଛ କହିଦେଇଥିଲି । ବୃଦ୍ଧ ଭାବିକରି କହିଲେ, "ଯଶୋବନ୍ତ ରାୟବାବୁ ?" ପୁଣି ଟିକିଏ ପରେ କହିଲେ, "ରାୟ ବାବୁ, ଫାସ୍ ବାବୁ କହିବା ତ ଆମର ସ୍ଥାଡ଼େ ଚଳେ ନାହିଁ । ଏଠି ବ୍ରାହ୍ମଣମାନଙ୍କୁ ଭଞ୍ଜ ଆପଣେ, ଶାସ୍ତ୍ରୀ ଆପଣେ, ହେଗଡ଼େ ଆପଣେ କହି ଡାକନ୍ତି ।"

"ରାୟବାବୁ ତ ମୁଁହିଁ ଲଗାଇଛି ।"

"ହଉ, ସେଇଆ କହିଲେ ହେଲାନେଇ, ତାଙ୍କ ନା ଯଶୋବନ୍ତ ! କୋଉଠି ଥାଆନ୍ତି ସେ ?

ମୁଁ ଅଡ଼ମଡ ଖାଇଲି କଣ କହିବି···ବମ୍ବେରେ ଥାଆନ୍ତି କହିବି, ନା ଥିଲେ କହିବି ? ସେଇଠୁ ସେଇ ପୁଣି ଆରମ୍ଭ କଲେ, "ଆମ କୁଟୁମ୍ବରେଇ ଯଶୋବନ୍ତ ବୋଲି ଟୋକାଟିଏ ଥିଲା । ମୋ ପିଲାଦିନ କଥା ସେ । କୁଟୁମ୍ବ କଣ, ଆମର ଘର ଭିତରେ କହିପାରନ୍ତି । ଗୋଟିଏ ନାଁରେ ଦିଜଣ ହେଲେ ହେଇଥିବେ, ନ ହେବାର କିଛି କଥା ନାହିଁ, କିନ୍ତୁ ସେ ଯଶୋବନ୍ତ ତ ମରି ସିବଣି । ସେ ଆଉ ମୁଁ ଜକେଇ ପୁଅ ଭାଇ । ବହୁତ ଦିନ ତଳେ ଆମର ସମ୍ପତ୍ତିବାଡ଼ ବଣ୍ଟାଆଁ ହୋଇଯାଇଥିଲା । ହେଇ, ସେଠି ଆମ ଘରର ସେକଡ଼େ ସେଇଯୋଉ ବାଉଁଶ ବଣଟା ଦିଶୁଛି, ସେଇଟା ତା ଘର ଥିଲା । ସେ ଘର ତ ନଷ୍ଟ ହୋଇଗଲାଣି, ତା ଜାଗାରେ ବାଉଁଶ ବଣ ଗଜେଇଛି । ଏଇଥିରୁ ବୁଝିବେ, କେତେବର୍ଷ ହୋଇଗଲାଣି । ଢେର ବର୍ଷ ହେଲାଣି କି ନାହିଁ କହନ୍ତୁ ?"

"ଏ ଗାଁରେ ଆଉ କୋଉ ଘରେ ସେ ନାଁର କେହି ଅଛି କି ?"

"ସ୍ନେହକ ପରିବାରରେ ତ କେହି ନାହିଁ । ସ୍ନେହକ ଘର ବୋଲି ଆମର ଘରକୁ କହନ୍ତି । ଆଉ ଗୋଟିଏ ସ୍ନେହକ ତଳଆଡ଼େ ଗଡ଼ାଣି ଉପରେ ଅଛି । ସେ

Digitized by PPRACHIN, SOA

ଆମ ପୂର୍ବପୁରୁଷଙ୍କର ବାସସ୍ଥାନ ଥିବ । ସେ ବି ଆମର । ଆମ କୁଟୁମ୍ବର ଯଶୋବନ୍ତ ଏଠୁ କୁଆଡ଼େ ଚାଲିଯାଇଥିଲା ।

"ସେ ଗଲାବେଳେ ତାଙ୍କର ବୟସ କେତେ ହୋଇଥିବ ?"

ବୁଢ଼ା ମୁଣ୍ଡରେ ହାତ ଦେଇ ଭାବିଲା ଓ ନିଜର ପିଲା ଦିନର ଘଟଣାମାନ ମନେ ପକାଇ କହିଲା, "ତାର ଆଉ ମୋ ବୟସରେ ଚାରି ପାଞ୍ଚ ବର୍ଷର ଖଣ୍ଡେ ତଫାତ୍ ହବ । ସେ ମୋଠୁଁ ସାନ । ତା ବାହାଘର ବି ଏଇଠି ହୋଇଥିଲା । ସେତେ-ବେଳକୁ ତା ବୟସ କୋଡ଼ିଏ ଖଣ୍ଡେ ହୋଇଥିବ । ହଁ, ସେତିକି ହୋଇଥିବ । ଆମର ଆଗେ ବଡ଼ କୁଟୁମ୍ବ ଥିଲା । ସଂଖ୍ୟାରେ ବଡ଼ ନ ହେଲେ ବି, ସମ୍ପନ୍ନ ଅବସ୍ଥା ହିସାବରେ ବଡ଼ । ଆମ ଅବସ୍ଥା ଭଲ ଥିଲା । ଏଇଲା ଦେଖନ୍ତୁ ଆମର ସମ୍ପତ୍ତି ବାଡ଼ିର ଅଧା ଅଂଶ ଜଙ୍ଗଲ ମାଡ଼ି ଗଲାଣି । ଯଶୋବନ୍ତ କରଜ ନେଇଥିଲା । କରଜ ଶୁଝିବା ସକାଶେ ସେ ଫେ ସମ୍ପତ୍ତି ବାଡ଼ି ବନ୍ଧା ରଖିଥିଲା ଓ ନିଜେ ଗାଁ ଛାଡ଼ି ଚାଲିଗଲା । ଖରସା ଗାଁକୁ ଚାଲିଗଲା, ମାନେ କୁମଟା ଚାଲିଗଲା ।"

"ସ୍ତ୍ରୀଙ୍କ ନାଁ ?"

"କାହାର ଆଉ ମନେ ଅଛି ! ବାହାଘର ପରେ ତାର ପୁଆଣି ହେଲା । ପୁଆଣିର ଚାରିଦିନ ପରଯାକେ ବୋହୂ ଆମର ଘରେ ରହିଥିଲା । ତାଇ ବି ଭଲକରି ମନେ ନାହିଁ । ତାର ଆଉ ମୋ ବାପାଙ୍କର ଖୁବ୍ ଝଗଡ଼ା । ଭାଇ ଭଗାରି ଘରେ ଏଇମିତି ହୁଏ । ଆପଣ କହୁଚନ୍ତି ଯଶୋବନ୍ତ ଏବେ ସୁଦ୍ଧା ଜୀବିତ ? ନାଇଁ ଆଜ୍ଞା, ନାଇଁ, ଅସମ୍ଭବ । ଥରେ ଶୁଣିଥିଲି ଯେ କୁମଟା ଯାଇକରି ସେ ସୁଆ ବେପାରର ଗୋଦାମଟାଏ କରିଛି । ତାର ବି କେତେଦିନ ତଳେ । ମୁଁ ମୋ ଜୀବନରେ ଥରୁଟିଏ ମାତ୍ର କୁମଟା ଯାଇଛି । ସେଠି ମୋର କି କାମ ? ସେଆଡ଼େ ତ ମୋର କେହି ସମ୍ପର୍କ ବନ୍ଧୁବାନ୍ଧବ ବି ନାହିଁ । ବଜାର ଖବଦ କାମ ଥିଲେ ଆମେ ସିରସୀ ଯାଉ, ନଇଲେ ଯେଲ୍ଲାପୁର ଯାଉ । ଏଇ ବାଟ ଯାକ ଜାଗା ଆମକୁ ପାଖ ପଡ଼େ, ତେବେ ଶୁଣାଶୁଣିରେ ଯାହା ଜାଣିବାକୁ ପାଇଛି ତା ହଉଚି—ସେ କୁମଟାରେ ଘର କରି ରହିଲା । ସେଇଠି ସେ ବେପାର କଲା, ସେଇଠି ପିଲା ପିଲାଙ୍କୁ ପାଳିଲା । ତା ପରେ ବୈରାଗ୍ୟ ଆସିବାରୁ କାଶୀ କି ହରିଦ୍ୱାର ଯାଇ ପ୍ରାଣତ୍ୟାଗ କରିଥିଲା । ଆପଣ ଯୋଉ ଯଶୋବନ୍ତ କଥା କହୁଚନ୍ତି, ସେ ଆଉ କିଏ ହୋଇପାରେ ଆଉ ? ଆଉ କେହି ତ ଯଶୋବନ୍ତ ବୋଲି ଆମର ନିକଟ ଲୋକ କେହି ନାହାନ୍ତି । ଆପଣଙ୍କ ଯଶୋବନ୍ତର ବୟସ କେତେ ହବ ?"

Digitized by PPRACHIN, SOA

"ତାଙ୍କ ବୟସ ଆପଣଙ୍କଠାରୁ ଦଶବର୍ଷ ଖଣ୍ଡେ କମ୍ ହେବ ।"

"ଆପଣ ତାକୁ ଭଲ କରି ଜାଣିଚନ୍ତି ?"

"ଟିକେ ଟିକେ ଜାଣେ । ବମ୍ବେରେ ତାଙ୍କ ସାଙ୍ଗରେ ଚିହ୍ନା ପରିଚ ହୋଇ-ଥିଲା । ପାର୍ବତୀ ସାଙ୍ଗରେ ତାଙ୍କର କଣ ସମ୍ବନ୍ଧ ?"

"ଦୂର ବା ନିକଟ ସମ୍ପର୍କରେ ସେ ତାଙ୍କର ବୁଢ଼ୀମା ବା ଆଈ ହେବ । ତା ଖବର ନେବାଲାଗି ସେ ଆପଣଙ୍କୁ କହିଚ ନା କଣ ? ସେଇଥି ପାଇଁ ଆପଣ ଆସିବା ହେଉଛନ୍ତି ? ଆଚ୍ଛା ହେଉ, ସେ ଆପଣଙ୍କୁ କହିଲା ଆଉ ଆପଣ ମାନିନେଲେ, ତାହେଲେ ଆପଣଙ୍କର ଆସିବାଟା ଫାବୁଛି; କିନ୍ତୁ ଏଇଲା ତ ବେଳ ବହୁତ ହେଲାଣି । ପାର୍ବତୀର ପୁଣି ଘର । ଗୃକଆ ଝିଣ୍ଟିଏ କୌଣସି ପ୍ରକାରେ ହେବ । ସେଇଠି ଆଉ ଗୋଟିଏ ବ୍ରାହ୍ମଣ ଘର ଅଛି । ସେ ତ ଭଲକରି ଦେଖି ପାରୁନାହିଁ । ଏମିତି ବୁଢ଼ୀର ଘରକୁ ଏଇଲା ମିନିଟାରେ କାହିଁକି ଯିବେ । ଆମ ଘରେ ରହିଯାଇ ପାରିବେନି କି ? ସକାଳୁ ଗଲେ ହେବନି ?"

ଏ ପ୍ରଶ୍ନର କି ଉତ୍ତର ଦେବି ? ମୋ ଆଖି ଆଗରେ ଜଳ ଜଳ ଦିଶୁଛି ମୋ ବନ୍ଧୁଙ୍କର ଜନ୍ମଭୂମିଟି ମାଟିରେ ମିଶିଯାଇଛି । ମୋର ବନ୍ଧୁ ଆଉ କେଉଁ ଯଶୋବନ୍ତ ରାଓ ନୁହନ୍ତି, ଏଇ ଯଶୋବନ୍ତ ରାଓ ବାବୁଙ୍କ ବିବାହ କୁମଠାରେ ହିଁ ହୋଇଥିଲା । ସେଠାରେ ସେ ଘର ବି ବାନ୍ଧିଥିଲା; କିନ୍ତୁ ବିବାଗୀ ହୋଇ କାଶୀ ବା ହରିଦ୍ୱାର ଚାଲିଯିବା କଥାଟା ଭୁଲ । ତାଙ୍କ ମୃତ୍ୟୁ ଅନ୍ୟତ୍ରିବରେ ହୋଇଥିଲା । ଯେଉଁମାନଙ୍କ ସାଙ୍ଗରେ ତାଙ୍କର ପଟୁ ନଥିଲା, ସେହିମାନେ ହିଁ ତାଙ୍କ ମୃତ୍ୟୁ ଖବର ଏପରି ଉଡ଼ାଇ ନିଜର କଣ୍ଠା ସଫା କରିଥିବେ, ତାଙ୍କ ମୃତ୍ୟୁ ଆଗରୁ ହିଁ । ଜନ୍ମଭୂମି ଛାଡ଼ି ଯଶୋବନ୍ତ ରାଓ ଚାଲିଯିବା ପରେ ତାଙ୍କର ବଡ଼ ଭାଇ ଯେଉଁ ଖବର ଉଡ଼ାଇଛନ୍ତି ତାଙ୍କ ମୃତ୍ୟୁ ବିଷୟରେ, ତହିଁରେ ଶଙ୍କର ହେଗଡ଼େ ବିଶ୍ୱାସ କରିଥିବା କିଛି ବିଚିତ୍ର ନୁହେଁ । ଚାଲିଶି ବର୍ଷ ତଳର କଥା ସେ । ପାର୍ବତୀ ବୁଢ଼ୀ ସାଙ୍ଗରେ ତାଙ୍କର ରକ୍ତ ସମ୍ପର୍କ ଅଛି । ତାହେଲେ ସେ ସ୍ତ୍ରୀଙ୍କର ବି ଜ୍ଞାତି ହେବ ତ ? କିନ୍ତୁ ସ୍ତ୍ରୀଙ୍କ କଥାରୁ ସେମିତି ବୁଝାପଡ଼ୁନାହିଁ । ତାଙ୍କ ସ୍ତ୍ରୀଙ୍କ ଗାଁ ତ କେତେ ଦୂରରେ । ତେଣୁ ସେ ପାର୍ବତୀ, ଶଙ୍କର ହେଗଡ଼େର 'ପାର୍ବତୀ', ତାଙ୍କର ପିଲା ଦିନର ସଙ୍ଗିନୀ ହୋଇଥିବ । ଏହିପରି କଥା ମୁଣ୍ଡରେ ଖେଳିଲା ।

ସନ୍ଧ୍ୟା ହୋଇ ଯାଇଥିଲା, ସେଇ ଅନ୍ଧାର ଭିତରେ ମାଇଲିଏ ଅଧମାଇଲିଏ ରାସ୍ତା ପାରି ହୋଇ ତା ଘର ଯାକେ ଯିବା ବେଶ୍ କଷ୍ଟକର ମନେହେଲା । ହେଉ,

Digitized by PPRACHIN, SOA

ଯାହାକୁ ମୁଁ ଖୋଜୁଛି ସେ ତ ବଞ୍ଚିଛି, ତା ଜାଗାରେ ଆଉ କୋଉ ବୁଢ଼ୀର ଝିପଚକ୍ର ଲଗା ଯାଇନାହିଁ । ଏତକ ସତ ଜଣାଗଲା; କିନ୍ତୁ ସାକ୍ଷୀ ଶମ୍ଭୁଭଟ୍ଟ ସାଙ୍ଗରେ ମୁଁ ଭଲକରି ପରିଚୟ କରିନାହିଁ । ସେ ବିଲ୍‌କୁଲ୍ ଠକୁଛି, ଏହି କଥା ମୋର ଧାରଣା ହୋଇଥିଲା । ମୁଁ ଘର ମାଲିକଙ୍କ କଥାର ଜବାବ ନ ଦେଇ ଆକାଶ ପାତାଳ ଭାବୁଥାଏ, ଅନ୍ୟମନସ୍କ ହୋଇ ପଡ଼ୁଥାଏ । ସେତିକବେଳେ ସେ ପୁଣି ପଚାରିଲେ, "ଏଇଲା ସେଠିକି ଯାଇ କଣ କରିବେ ? ସକାଳଉଁ ଗଲେ ଠିକ୍ ହବ, ନୁହେଁ ?" ମୁଁ "ହଁ" କହି ଦେଲି । ମୋ ମନଟା ସେହି ପାହାଡ଼ୀ ଅଞ୍ଚଳର ଜଙ୍ଗଲ ପରି ସ୍ତବ୍‌ଧ ହୋଇ-ଯାଇଥିଲା । ବାଉଁଶର ବୁଦା ଓ ଜଙ୍ଗଲୀ ଗଛର ଓହଳ ମିଶି ଗୋଟିଏ ଛାଆପରି ମଣ୍ଡପ ତିଆରି କରି ରଖିଥିଲା ଯେମିତି, ତାକୁଇ ଚାହିଁ ମୁଁ ବିସ୍ମୟ-ମୂଢ଼ ହୋଇ ଯାଉଥାଏ ।

ଶଙ୍କର ହେବଡ଼େ କହିଲେ, "ସନ୍ଧ୍ୟା ହେଲଣି । ଟିକିଏ ପରେ ସନ୍ଧ୍ୟା ସାରି ମୁଁ ଆସୁଛି । ଆପଣ ବସିଥାନ୍ତୁ ।" କହି ମୋତେ ଛାଡ଼ି ଚାଲିଗଲେ । ସେ ଯିବା ପରେ ପରେ ଶମ୍ଭୁ ହେବଡ଼େ ମୋ ଆଗରେ ଆସି ଠିଆହେଲା । ପାନଗୁଆ ଥାଳିଆ ଆଡ଼କୁ ସେ ହାତ ବଢ଼ାଇଲା । ମୁଁ "ବସନ୍ତୁ" ବୋଲି କହିବାପରେ ବି ସେ ଠିଆହୋଇ ରହିଲା । ଠିଆ ଠିଆ ସେ ପାନ ନେଲା । ମୁଁ ଟିକିଏ ପରିହାସ ଛଳରେ ତାକୁ ପଚାରିଲି "ଆପଣ ସନ୍ଧ୍ୟା କରିବେ ନାହିଁ ?"

"ବାପା ଯାଇଛନ୍ତି ଯେ", ସେ ଉତ୍ତର ଦେଲା ।

"ଆଚ୍ଛା ? ତା ମାନେ ସନ୍ଧ୍ୟା କରିବାର ଠିକାଟା ଆପଣ ବାପାଙ୍କୁ ଧରାଇ ଦେଇଚନ୍ତି ! ନା କଣ ?"

"ଆପଣ ?"

ମୁଁ ହସି ହସି କହିଲି, "ମୋର ସନ୍ଧ୍ୟା ଜପ ତପ ସବୁ ଚାଲିଶିବର୍ଷ ହେଲା ଯାଇଛି ।" ଦୁଇ ଘଣ୍ଟା କାଳ ଘରର ମାଲିକ ପୂଜାରୁ ଫେରିଲେ ନାହିଁ । ଏଣେ ଶମ୍ଭୁ ହେବଡ଼େ ବାବୁ ଠିଆ ହୋଇ ରହିଲେ । ମୋ କହିବା ପରେ ବି ବସିଲେନାହିଁ । ମନେ ହେଲା, କଣ କହିବେ କହିବେ ହେଉଛନ୍ତି । ଦ'ପହରର କଥା ଯୋଗୁ, ତାଙ୍କ ବାପାଙ୍କଠୁ ଗାଳି ଖାଇଥିବା ଯୋଗୁ, ସେ ଘୁଙ୍ଗାଙ୍କ ପରି ମୋ ଆଡ଼କୁ ଟେରେଇ ଟେରେଇ ଅନାଉଥିଲେ, ଏତିକ ବେଳେ ଭିତରୁ ଆଲୁଅ ଜଳାଇ ଜଣେ ବୟୋବୃଦ୍ଧା ବିଧବା ବାହାରକୁ ଆସିଲେ ଓ ମୋ ପାଖର ଖମ୍ବ ପାଖରେ ସେ ସେଇ ଆଲୁଅଟି ଥୋଇ ଦେଲେ । ଶମ୍ଭୁ କହିଲା, "ଏ ମୋର ଘଉସୀ ନାନୀ, ପିଲାଟି ଦିନରୁ ଏଇଠି

Digitized by PPRACHIN, SOA

ରହନ୍ତି । ଆମ ଘରେ ଏଇ ସବୁଠୁଁ ବଡ଼ । ଏଇ ଘରର ବାପ । ସ୍ୱାଙ୍କ ସଙ୍ଗେ ପରାମର୍ଶ ନ କରି ମୋ ବାପା କୌଣସି କାମ କରନ୍ତି ନାହିଁ । ଏତେ ଭକ୍ତି ତାଙ୍କର ସ୍ୱାଙ୍କ ଉପରେ ।" ସେ ମୋଠୁଁ ଟିକିଏ ଦୂରରେ କାନ୍ଥକୁ ଆଉଜି ବସି ପଡ଼ିଲା ।

"ଶୁଣିଲି, ବହୁତ ଦୂର ଗାଁରୁ ଆସିଛନ୍ତି । ସ୍ୱାଇ କି ଖବର ପାଇଲି ଯେ ଆପଣ ଆମ ପାଗ୍ଳେଟା ସାଙ୍ଗେ ଭେଟିବାକୁ ଆସିଛନ୍ତି ।" ବୁଢ଼ୀ କଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହେଲି । ମନେହେଲା, ଶମ୍ଭୁ ହେଗଗଡ଼େ ଲୁଚି କରି ଠିଆ ହୋଇ ଆମର କଥା ଯାକ ସବୁ ଶୁଣି ଥିବ ଓ ଏ ବୁଢ଼ୀକୁ ଯାଇ କହିଥିବ । ତା ନ ହେଲେ ସେ ଏପରି ପ୍ରଶ୍ନ ପଚାରି ପାରି ନ ଥାନ୍ତା । ତା ମୁହଁର କଥା ପଦକ—'ଆମ ପାଗ୍ଳେଟା' ମୋତେ ଆଚମ୍ବିତ କରିଦେଲା । ପାଗଳଟା ବିଷୟରେ ଶଙ୍କର ହେଗଗଡ଼େ କିଛି ଆତ୍ମୀୟତାପୂର୍ଣ୍ଣ କଥା କହି ନ ଥିଲେ । ତା ପ୍ରତି କିଛି ତିରସ୍କାର ବି ନ ଥିଲା ତାଙ୍କ କଥାରେ । ନା ତା ପ୍ରତି କିଛି ବିଶେଷ ଆଦରର ଭାବ ଫୁଟୁଥିଲା । ବୁଢ଼ୀ ଯେତେବେଳେ ଆତ୍ମୀୟତାପୂର୍ଣ୍ଣ "ଆମ" କହିଲା, ମନେହେଲା ନିଶ୍ଚୟ କିଛି କାରଣ ଥିବ ।

"ହଁ ମା, ତାଙ୍କୁ ଦେଖିବାକୁ ହିଁ ଆସିଛି । ଦି'ପହର ବେଳେ ଟିକେ ଡେରି ଯାକେ ଶୋଇପଡ଼ିଲେ । ଉଠିଲାବେଳକୁ ଦେଖିଲି ସନ୍ଧ୍ୟା ହୋଇଗଲାଣି । ସେଥିରୁ ଆପଣଙ୍କ ସାନଭାଇ କହିଲେ, କାଲିକି ଯିବାକୁ ।"

ସେ ମୋତେ ଚାହିଁ ରହିଲା । ତା ବୟସ ଅଶୀ କି ପଞ୍ଚାଅଶୀ ପାଖାପାଖି ହେବ । ଦୃଷ୍ଟି ଦୁର୍ବଳ ମନେହେଲା । ସେହି ଆଖିରେ ସେ ମୋ ଆଡ଼େ ଚାହୁଁଥାଏ । ସେତିକିବେଳେ ତା ଆଖିରୁ ଦି ବୁନ୍ଦା ଲୁହ ଗଡ଼ିପଡ଼ିଲା ଏବଂ ତା ଦେଖି ମୋର କୋହ ଉଠିଲା, କେଉଁ ପୂର୍ବ ସ୍ମୃତି ତାଙ୍କୁ କନ୍ଦାଇଥିବ ? ତାଙ୍କ ଲୁହ କେବଳ କେଉଁ ତିକ୍ତ ବେଦନା ଛଡ଼ା ଆଉ କିଛି ଝରୁଟିକୁ ନାହିଁ । ସେ କଣ ତାଙ୍କ ଯଶୋବନ୍ତ ରାୟଙ୍କ କଥାଶୁଣି କଷ୍ଟ ପାଉଛନ୍ତି ? ନା 'ଆମ ପାଗ୍ଳେଟା' ତାଙ୍କ ଦୁଃଖର କାରଣ ? ତାଙ୍କୁ କିଛି ପଚାରି ପାରିଲିନି । ସ୍ୱଭାବ ନ ଜାଣି କିଛି ପଚାରିବା ପାଗଳାମି ଛଡ଼ା ଆଉ କଣ ? ଏତିକିବେଳେ ସେ ନିଜର ମନକଥା ପ୍ରକାଶ କଲେ, "ଆପଣ ଯଶୋବନ୍ତକୁ ଜାଣନ୍ତି ? ତା'ହେଲେ ତା ମରିବା ଖବର କଣ ମିଛ ?" ମୋତେ ଲାଗିଲା, କଟା ଘାଆରେ ଜାଣି ଲୁଣ ଛିଟା । ଯଶୋବନ୍ତର ମରିବା ଖବରଟା ମିଛ ହେଉ; କିନ୍ତୁ ତାଙ୍କର ମୃତ୍ୟୁ ତ ହୋଇ ସାରିଛି । ମୁଁ ଭାବିଲି, ସେ ଯଶୋବନ୍ତ ରାୟ ବାବୁଙ୍କ ବିଷୟରେ ଯୋଉ କଥା ଶୁଣିକରି ସନ୍ତୁଷ୍ଟ ଅଛନ୍ତି, ତାକୁ ସେଇମିତି ଛାଡ଼ିଦେବି ନା ଭାଙ୍ଗି ଦେବି ? ନିଜର କଥାବାର୍ତ୍ତାରେ ଏପର୍ଯ୍ୟନ୍ତ ମୁଁ ଜଣାଇ ନାହିଁ ଯେ ଯଶୋବନ୍ତ ରାୟ ବାବୁ ମରି

Digitized by PPRACHIN, SOA

ସାରଲେଣି; କିନ୍ତୁ ଏହି ବୁଢ଼ୀକୁ ମୁଁ କଣ କହିବି ? ମୋର ପାଟି ଫିଟିଲାନାହିଁ । ଏଣେ ତା ମୁହଁକୁ ଗୃହିଁ ଦେଖିଲି ଯେ ଧାର ଧାର କରି ଲୁହ ବୋହି ଯାଉଛି । ମୁଁ ସହି ପାରିଲିନି । କହିଲି, "ମା, ମତେ ଲାଗୁଚି କୋଉ ପୁରୁଣା କଥା ମନେ ପଡ଼ି ଆପଣ କଷ୍ଟ ପାଉଛନ୍ତି ?"

"ପୁଅ, ତମେ ବଡ଼ ଲୋକ; କିନ୍ତୁ ବୟସରେ ତ ମୁ ବଡ଼ ! ମୋ ପେଟରେ ସନ୍ତାନ ପାଇବା ମୋ ଭାଗ୍ୟରେ ନାହିଁ, ତା ବୋଲି ଆଉ ପିଲାଙ୍କୁ କି ମୁଁ ଆପଣାର କରି ପାରିବିନି କି ?"

ଏଇ କଥା ଭିତରେ ଶମ୍ଭୁ କହିଲା, "ଆମ ପିଉସୀ ନାନୀର ବିଭାଘରର ଆଠ ଦିନ ଭିତରେ କପାଳ ପୋଡ଼ିଲା । ସେଇ କହେ ସେତେବେଳକୁ ମୁଁ ଆଠ ବର୍ଷର ହୋଇଥିଲି । ଆଗ କାଳରେ 'ଅଷ୍ଟବର୍ଷ ଭବେତ୍ କନ୍ୟା'—ମାନେ ସେତିକି ବୟସରେଇ ବିବାହ ହୋଇ ଯାଉଥିଲା କିନା ?"

ତା ଶ୍ଳୋକ ଶୁଣି ମତେ ହସ ମାଡ଼ିଲା । ସଂସ୍କୃତର 'ଅଷ୍ଟ' ଶବ୍ଦକୁ ସେ 'ସେତିକି' କରି ନେଇଥିଲା; କିନ୍ତୁ ସେ କଥା ଏକ୍ଷଣି ଥାଉ । ବିରସତାକୁ ଟିକିଏ କମାଇବା ସକାଶେ ମୁଁ କହିଲି, "ଆପଣ ବଡ଼ କଷ୍ଟମୟ ଜୀବନ ବିତାଇଥିବେ । ସେଇ କଥା ମନେ ପଡ଼ି ଆପଣ ଦୁଃଖ ପାଉଚନ୍ତି ପରା ? ସେତେବେଳେ ଆପଣଙ୍କ ବୟସ ଥିଲା ଆଠ, ଏଇଲା ପଞ୍ଚାଅଶୀ ।"

"ସେଥିପାଇଁ ନୁହେଁ ପୁଅ । ସେ ତ ବିଧିର ବିଧାନ, ମୋ ମଥାରୁ ସିନ୍ଦୂର ଲିଭିଲା । ଭଗବାନ୍ କେଜାଣି କୋଉ ପୂର୍ବଜନ୍ମର ପାପ ଫଳରେ ଯେଉଁ ଦଣ୍ଡ ମୋତେ ଦେଲେ । ମୁଁ ଆଉ ଗୋଟେ କଥା ଭାବି ଦୁଃଖ ପାଉଛି ।"

"କି କଥା ସେ ?"

"ଲୋକଙ୍କ ମନର ଯୋଉ ବିଷ, ସେ ସାପ ବିଷଠୁଁ ବଳି ବିଷ ।"

"ସେ ତ ସବୁଦିନ ଏଇମିତି ବିଷ, କାହାର ଭଲ ସେ ମଙ୍ଗଳ କରିଛି ?

"ମୁଁ ଯଶୋବନ୍ତ ବିଷୟରେ କଥାଟା କହିଲି । ଆମ ପାଖୋଳୀକୁ ବି ମୋର ପରି ଯେଉଁ ବିଷ ଘାରି ଘାରି ମାରିଛି ।"

"ମାନେ ?"

Digitized by PPRACHIN, SOA

"ପାର୍ବତୀ ଆଉ ମୁଁ କିଛି ଶ୍ରେଷ୍ଠ ଝିଅ ଥିଲୁଁ । ଏକାଠି ଖେଳୁ ବୁଲୁଁ । ମୋର ପରେ ତା ମଥାର ସିନ୍ଦୂର ବି ଲିଭିଗଲା । ସେ କିଛି ଆମର କୁଟୁମ୍ବ ନୁହେଁ । ତା ସଙ୍ଗରେ ମୋର ସେମିତି କିଛି ସମ୍ପର୍କ ନାହିଁ । ସେ ଗୋଟିଏ ନିଆଶ୍ରା ଝିଅଟିଏ । ମୋ କକେଇଙ୍କ ଘରେ ଆଶ୍ରା ପାଇ ବଡ଼ ହେଲା । ଆମ ଭିତରେ ସମ୍ପର୍କରେ ଫାଟ ଧରିଥିଲା । ଭାଇ ଭାଇ କଳିରେ ଘରର ସତ୍ୟାନାଶ ହୋଇଗଲା । ଏ ସବୁ କଥା କାହା ଆଗରେ କହିବାର ନୁହେଁ । ଏସବୁ କହିଲେ ପିତୃନିନ୍ଦା ସମାନ ହେବ । ଯଶୋବନ୍ତର ବାପା ମୋ ବାପାଙ୍କର ବଡ଼ ଭାଇ । ଗୋଟିଏ ମା ପେଟର ଭାଇ; କିନ୍ତୁ କୌରବ ପାଣ୍ଡବଙ୍କ ଜ୍ଞାତି ମତ୍ସରଠାରୁ ବଳି କରି ଯାଙ୍କର ମତ୍ସର ହେଲା । ଦିନକର ମୋ ବାପା ରାଗରେ ଫାଟିପଡ଼ି ଖୁବ କଡ଼ା କଡ଼ା କଥା କହିଦେଲେ । ତାଙ୍କ ମଇଁଷିଟା ଘରର ଦାଣରେ ଥିବା ଚାରିଟା ଭେଣ୍ଡି ଗଛ ଉଧେଇଥିଲା, ତାକୁ ଖାଇଦେଇଥିଲା କି କଣ, ସେ ଗଛ ବାପା ନିଜ ହାତରେ ପୋତି ଥିଲେ, ତାକୁ ବଢ଼େଇଥିଲେ । ତାଙ୍କର ରାଗ ହେଇଗଲା । ହେଲା ଏବେ, ରାଗ ହେବା କଥା; କିନ୍ତୁ ସେ ଯୋଉ କଥା ମୁହଁରେ ନେଲେ ବାପ୍‌ରେ କେତେ କଡ଼ା କଡ଼ା କଥା ! ସେ ଅଭିଶାପ ଦେଇକରି କହିଲେ—'ଯେବେ ଭଗବାନ୍‌ଙ୍କର ଆଖିଥିବ, ତାହେଲେ ତୋ ଘର ମାଟିରେ ମିଶିବ, ତୋ ଡିହ ଉପରେ ବାଉଁଶ ବଣ ଗଜୁରିବ । ଆଉ ସେଇ ଅଭିଶାପ ସତ ଫଳିଲା । ସେ ପଟେ ସେଇ ଯୋଉ ବାଉଁଶ ବଣ ଅରମା ଜାଗାଟା ? ସେଇଠି ତାଙ୍କ ଘର ମାଟିରେ ମିଶିଗଲା । ହେଇ ସାନ ଭାଇର ପୁଅଟା ଅସହାୟ ହୋଇଗଲା । ଯଶୋବନ୍ତ ଗାଁ ଛାଡ଼ି ଚାଲିଗଲା । ଏଠି ବାଉଁଶବଣ କି ସୁନ୍ଦର ଗଜୁରି ଉଠିଲା । ଏମିତିକା ଭରନ୍ତ ଘରଟାର ଚିହ୍ନବର୍ଣ୍ଣ ଲିଭିଗଲା ।

"ଏତେ ଶ୍ରେଷ୍ଠ କଥା, ଏକବାରେ ନୀଚ କଥା । ଘରବାଡ଼ିର ବଣ୍ଟା ଆଗ ଆଗରୁ ହୋଇଯାଇଥିଲା । ଦୁହେଁ ନିଜ ନିଜ ଘରେ ଆପଣା ଶାନ୍ତିରେ ରହୁଥାନ୍ତେ । ଘର ଭିତରେ ପାଚେରି କରିଦେଇ ବି ଲୋକ ରହୁଚନ୍ତି କି ନାହିଁ ? କିନ୍ତୁ ସେ ହେଲା ଜ୍ଞାତିମତ୍ସର । ମଣିଷର ଭିତର ବିଷ ପାପ ବିଷଠୁଁ ବଳି ବିଷ । ଯାହା କପାଳରେ ଯାହା ଲେଖା ଅଛି । ମୋ ବାପା ଯୋଉ ଦିନଠାରୁ ଏ କଥାଟା କହିଦେଲେ, ସେହି ଦିନଠାରୁ ଦୁଇ ଘର ଭିତରେ କଳି ବଢ଼ି ଲାଗିଲା । ସେ ଘରେ ଯାହା ପାଦ ପଡ଼ିବ, ସେ ଏଠିକି ଆସି ପାରିବନି । ମୁଁ ବି ଯଶୋବନ୍ତ ଘରକୁ ଆଉ ଗଲିନି । ଗୁରୁଜନଙ୍କ ଅଭିଶାପର ଭୟ ଥିଲା ତ ! ମୋର କକେଇଙ୍କର ଦେହାନ୍ତ ହୋଇଗଲା । ତାଙ୍କ ପୁଅ, ମାନେ ଯଶୋବନ୍ତ ସେତେବେଳକୁ ଯୌବନରେ ଗୋଡ଼ ଦେଇଚି । ତା ମାଆ ବି ମରିଗଲା । ତା ଭଉଣୀଘରକୁ ବି ଏଠୁ କେହି ଗଲେନାହିଁ । ସବୁ ତ ମାଟିରେ ମିଶି ଯାଇଥିଲା, ତଥାପି

Digitized by PPRACHIN, SOA

ସେଇ ବାପଛେଉଣ୍ଡ ପିଲାଟା ଉପରୁ ମୋ ବାପାଙ୍କର ରାଗ ଗଲାନାହିଁ । ମା'ଛେଉଣ୍ଡ ପିଲାଟାକୁ ମୋ ପାର୍ବେତୀ କାଖେଇ କୋଳେଇ ମଣିଷ କଲା । ତାକୁ ବଡ଼ କରିବାକୁ ପାର୍ବେତୀ ତାର ଚାକରାଣୀ ହେଲା, ତା ମା ହେଲା । ପିଲାଟାଲାଗି ଦୁଧ ଦରକାର ହେଲେ ମୋତେ ମାଗେ । ମୁଁ ଲୁଚେଇ କରି ଦେଇଦିଏ । ଆମ ଘରେ କିଛି ମିଠେଇ ବା ନୂଆ ଖାଇବା ଜିନିଷ ହେଲେ, ମୁଁ ଲୁଚେଇ କରି ପାର୍ବେତୀ ହାତରେ ଯଶୋବନ୍ତ ପାଖ ପଠେଇ ଦିଏ । ଦିନକର କେମିତି କେଜାଣି ବାପା ଏସବୁ ଜାଣିପାରିଲେ । ସେ କହିଲେ, 'ଆଜି ଦିନେ ତୁ ପାର୍ବେତୀ ଘରକୁ ଯାଇଚୁ ତ ତତେ ମୋ ରାଣ ରହିଲା ।' କାହିଁକି ଏତେ ରାଗ ? କଣ ଅର୍ଥ ତାର ? ଏତେ ଶକ୍ତ ତା ରଖିବା ଲୋକ ବି ବେଳ ଆସିବାରୁ ଚାଲିଗଲେ । ତା ପରେ ଯଶୋବନ୍ତର ବାହାଘର ହେଲା । ଆମ ଭିତରୁ କେହି ସେଥିରେ ଗଲେ ନାହିଁ । ସୁନ୍ଦର ବୋହୂଟିଏ ଆସିଲା । ମୁଁ କାମନା କଲି, ମୋ ପୁଅ ସୁଖରେ ରହୁ; କିନ୍ତୁ ବଡ଼ବଡ଼ଆଙ୍କ ଅଭିଶାପ ତା ସାଙ୍ଗରେ ବି ଲାଗିରହିଲା । ବାଉଁଶର ଚେର ପରି ସେ ଅଭିଶାପର ବି ଚେର ମଜବୁତ୍ । ତା ବାହାଘର ଗଲା । ଯାହା ଇଚ୍ଛା ହେଲା ସେ ଆଉମାନାଙ୍କୁ ଦେଲା । ହାତ ଖାଲି ହୋଇଗଲା । ଯେମିତି ଅଯୋଧ୍ୟା ଛାଡ଼ିକରି ରାମ ଯାଇଥିଲେ, ସେହିପରି ସେ ବି କୋଉଠିକି ଯାଇ ମରିଗଲା, ମୁଁ ଶୁଣିଛି । ମରଣ ହେଲା ସବୁଠୁଁ ବଡ଼ ଆଶ୍ରା । ମୋ ବାପା ବି ମରିଗଲେ । ତାଙ୍କ ରାଣ, ତାଙ୍କ ଅଭିଶାପ ମୋତେ ବାନ୍ଧି ରଖିଛି । ହେଉ ପଛେ, ଯଶୋବନ୍ତ ତ ମୋର ବଂଶର । ସ୍ୱେ ଶଙ୍କର ଯେମିତି, ସେ ବି ସେଇମିତି ମୋର ସାନ ଭାଇ । ମୋର ଆଉ କିଏ ଅଛି ? ଥୁଣ୍ଟା ଗଛଟା ଆଉ କାହାର ଲୋଡ଼ା ? ମୁଁ ଓରିଗଲେ ମୋ ସାନଭାଇଟା ଯାହା ମନ ତା କରିବ; କିନ୍ତୁ ମୋ ଯଶୋବନ୍ତ ଠେଇଁ ଯେତେ ଗୁଣ, ସ୍ୱାଙ୍କର କାହାରି ଠେଇଁ ନାହିଁ ।"

ମୁଁ ଯେତେବେଳେ ଏ କଥାଯାକ ଶୁଣୁଥାଏ, ଲାଗୁଥାଏ, ମୁଁ କିଜାଣି କୋଉଠି ଅଛି କୋଉ ଯୁଗରେ ଅଛି, ଆଉ କଣ ଶୁଣିଯାଉଛି ? ଜାତି ଦ୍ୱେଷର ବିଷ ବିଷୟରେ ଶୁଣି ଶୁଣି ମୋ ରକ୍ତ ଗରମ ହୋଇ ଯାଇଥିଲା । ମୋର ବନ୍ଧୁ ଆଉ ଏସବୁ ଶୁଣିବାକୁ ଏଠି ନାହାନ୍ତି; କିନ୍ତୁ ସେ ଏସବୁକୁ ଭୁଲିକରି କିପରି ରହିଥିବେ ? ଏ ବିଷରେ ଘାରି ହୋଇ କିଶୋର ବୟସରୁ ଯୌବନ ଓ ଯୌବନରୁ ବୃଦ୍ଧାକାଳ ଯାକେ କିପରି ବା ସେ ଜୀବନଟା କଟାଇଥିବେ ? ଏପରି ଦାଦା, ତାର ଭରଣ ପୋଷଣ କିପରି କଲେ । ମୋତେ ତ ବୁଢାର କହିବା କଥାଟା ଠିକ୍ ମନକୁ ପାଇଲା । ଯଶୋବନ୍ତ ପରି ଗୁଣର କେହି ନାହାନ୍ତି । ସେତେବେଳେ ମୋର ମନେ ହେଲା ଯେ ପାର୍ବତୀ ବିଷୟ ବନ୍ଦ କରି ଦେବା ଠିକ୍ ହେବନାହିଁ । ବିସ୍ମୃତିର ଜୀବନ ହିଁ ସୁଖୀ ଜୀବନ । କଷ୍ଟଟାକୁ ଭୁଲିପାରିଲେ

Digitized by PPRACHIN, SOA

ଯାଇ ଜୀବନଟାକୁ ସହି ହୁଏ । ସେ ଶକ୍ତି ନ ଥିଲେ ଯେତେ ଭଲ ଅବସ୍ଥା ହୋଇଥିଲେ ବି ଗୋଟାଏ ଖଟକା ସଦାବେଳେ ରହିଥିବ । ଏହି ବସ୍ତୋବୃଦ୍ଧାର ଜୀବନରେ ଶାନ୍ତି ନାହିଁ, ସୁଖ ନାହିଁ । ଅଭିଶାପର ଶିକାର ହୋଇଥିବା ଯଶୋବନ୍ତ ବାବୁଙ୍କ ସ୍ମୃତିରେ ସେ କେତେ ଦୁଃଖିତ ହୋଇ ପଡ଼ିଛି ! ସେହି ଅଭିଶାପର ଶିକାର ହୋଇଛି ଯଶୋବନ୍ତଙ୍କ ଧାତ୍ରୀ ପାର୍ବତୀ । ଏଇଥି କହିବାକୁ ହେବ, ନୁହେଁ କି ? ସେ ଯେଉଁ ଘରେ ରହୁଛି, ସେ ଘରକୁ ଏ ବୃଦ୍ଧା ଯାଇ ପାରିବନି । ଘର ଆଉ କିଏ ଅଛି ଯେ ? ଯଶୋବନ୍ତ ଘର ଗ୍ରୁଡ଼ି ଗଲି ବାହାରି । ଘର ଝିଣ୍ଟିକ ଝଡ଼ ତୋଫାନରେ ଭାଙ୍ଗିପଡି ଡିହ ହୋଇଗଲି । ତା ଉପରେ ବାଉଁଶ ବଣ ମାଡ଼ିଗଲି । ସେ ବଣକୁ ତ ଟିକିଏ ଆଗରୁ ଶଙ୍କର ହେଗଡ଼େ ଦେଖାଇଥିଲି । ହୁଏତ ଅଭିଶାପର ଇତିହାସ ତାକୁ ଜଣାନାହିଁ । ଏଇଥିପାଇଁ ସେ ସାଧାରଣ ଭାବରେ କଥାଟା କହିଥିଲି । ନିର୍ଲିପ୍ତ ହୋଇ ଯଶୋବନ୍ତ ବିଷୟରେ କଥାଗୁଡ଼ା କହିଲି । ରକ୍ତସମ୍ପର୍କ ଥିଲେ ବି ଏପରିଭାବରେ କଥା କହିଲି, ଯେପରିକି ତାଙ୍କ ଭିତରେ କିଛି ସମ୍ପର୍କ ନାହିଁ; କିନ୍ତୁ ବୃଦ୍ଧା ସେମିତି ନୁହେଁ । ଗର୍ଭ ବେଦନାରୁ ମୁକ୍ତ ସେ; କିନ୍ତୁ ପ୍ରସବି ହେବାରୁଇତ ତାର ଜନ୍ମ ହୋଇଥିଲି । ସନ୍ତାନ ରହିତ ହେଲେ ବି ନିଜ ପରିବାରର ଗୋଟିଏ ସଦସ୍ୟକୁ ନିଜର ସନ୍ତାନ ବୋଲି ଧରି ନେଇ ତାର ଲାଳନପାଳନ କରିବାର ସ୍ତ୍ରୀଲୋକ ସେ । ମନେ ହେଉଛି, ଏହିପରି କାମନା ଥିବାରୁ ସେ ନାରୀ ପାର୍ବତୀର ଜୀବନ ସଙ୍ଗେ ଏକାତ୍ମ ହୋଇଯାଇଅଛି । ଯଶୋବନ୍ତ ଅଦୃଶ୍ୟ ହୋଇଯାଇଛି; କିନ୍ତୁ ସେ ପାର୍ବତୀ ଏବେ ବି ଜୀବିତା ଅଛି । ବଡ଼ ବଡ଼ିଆଙ୍କ ଅଭିଶାପର କୁହୁଳା ନିଆଁରେ ପଡ଼ି ରହିଛି ସେ ।

Digitized by PPRACHIN, SOA

ପାଞ୍ଚ

ରାତି ପାହିଲାଣି । ଘରଆଡ଼େ ସକାଳର ଆଲୁଅ ବଢ଼ିଚାଲିଛି । ମୁହଁ ଧୋଇଛି କି ନାହିଁ, ଶଙ୍କର ହେଗ୍‌ଗଡ଼େର ବୋହୂ ଆସି ଖବର ଦେଲେ ଯେ ଜଳଖିଆ ହୋଇଯାଇଛି । ତା'ପରେ ସେ ଶମ୍ଭୁକୁ ଆଦେଶ ଦେଲେ—"ସ୍ୱାମୀଙ୍କୁ ଜଳଖିଆ ଲାଗି ଭିତରକୁ ନେଇ ଯା ।"

"ଆଉ ଆପଣ ?" ମୁଁ କହିଲି ।

"ମୁଁ ତ ଗାଧୋଇ ନାହିଁ । ଗାଧୁଆ ଓ ଠାକୁର ପୂଜା ଆଗରୁ ମୁଁ କିଛି ଖାଏନା । ଆପଣ ଆଗ ଜଳଖିଆ କରିନିଅନ୍ତୁ । ତା'ପରେ ଗାଧୋଇ ସାରି ମୁଁଆଡ଼େ ଯିବାର ଯାଆନ୍ତୁ । ଦି'ପହରର ବେଳକୁ ଏଠିକି ଫେରି ଆସିବେ । ପାର୍ବତୀ ସାଙ୍ଗରେଇ ତ ଭେଟ ହେବାର କଥା ! ଆଉ ତ କିଛି କାମ ନାହିଁ । ଖୁବ୍ ବୁଢ଼ୀ ହେଲାଣି ସେ । ମୋ ନାନୀ ପରି ସେ ବି କାଠି ଖଣ୍ଡିଏ ହୋଇ ଦୋହଲୁଛି । ଅନ୍ଧୀ ଗଛ ସେ । ମରିବି ପାରେନା କି ଜୀଇଁବି ପାରେନା ।"

"ଗାଧୁଆ ପାଧୁଆ ତ ଫେରିଲେ ଯାଇ ହବ । କେମିତି ଜାଣିବି ରାସ୍ତାରେ କାଦୁଅରେ ପଡ଼ି ଗାଧୁଆଟାଏ ହୋଇଯିବ କି ନାହିଁ ? ଆପଣ ତ ଆଉ ମୋ ସାଙ୍ଗରେ ଆସି ପାରିବେନି । ଆପଣ କଷ୍ଟ କରିବା ଦରକାର ନାହିଁ । ଘରର ବାକିର କାହାକୁ ମୋ ସାଙ୍ଗରେ ପଠେଇ ଦେଲେ ଚଳିବ ।"

ଏତିକିବେଳେ ତାଙ୍କ ପୁଅ ଶମ୍ଭୁ କହିଲା—"ବାପା, ମୁଁ ସ୍ୱାମୀଙ୍କ ସାଙ୍ଗରେ ଯାଏ ଘରି ?"

"ଚୁପ୍ । ତୁ ବି ଯିବୁନି, ମୁଁ ବି ଯିବିନି । ସୁବ୍‌ବ ଯିବ । ଦେଖନ୍ତୁ କଥା ହେଉଚି ଅନେକ ଦିନରୁ ଆମର ଯିବା ଆସିବା ନାହିଁ । ଜଣେ ଗୁରୁଜନଙ୍କର ପ୍ରାଣ ରହିଛି । ସେଇଥି ସକାଶେ । ନ ହେଲେ, ଆମର ତାର କିଛି ଶରତା ନାହିଁ ।"

Digitized by PPRACHIN, SOA

"ହଁ ମୁଁ ଜାଣେ । ଆପଣଙ୍କ ନାନୀ ମତେ ସବୁ କହିଛନ୍ତି ।"

"ଏଁ ? ତା'ହେଲେ ଟିକକ କଥାରୁ ନାନୀ ଆପଣଙ୍କୁ ପୂର୍ବ ପୁରାଣ ଶୁଣେଇ ଦେଇଛି ? ମୋ ନାନୀର ତ ପାଟଖଣ୍ଡ ହେଲା ପ୍ରାଣବାୟୁ । ସେଠିକି ସେ ଯାଏନା ସିନା; କିନ୍ତୁ କୋଉଦିନ ଯାଏନି ତାକୁ ମନେ ନ ପକାଇ ।"

ଏତିକବେଳେ ତାଙ୍କ ବାଗରେ କାମ କରିବାକୁ ଥିବା ଚାକର ସୁବଳ ଆସି ପହଞ୍ଚିଲା । ଶଙ୍କର ହେଗଡ଼େ ତାକୁ ହୁକୁମ ଦେଲେ ମତେ ସେଠାକୁ ନେଇ ଯିବା ପାଇଁ । ମୁଁ ଦେଖିଲି ଶମ୍ଭୁ ମୁହଁରେ କାଳିମା ବୋଳି ହୋଇ ଯାଇଛି । ସେ ମୋ ସାଙ୍ଗରେ ଆସିଥିଲେ ମୋର କିଛି ଖୁସି ବା ଦୁଃଖିତ ହବାର କଥା ନଥିଲା । ତା ବାପ ଯେବେ ସାଙ୍ଗରେ ଆସିଆନ୍ତେ, ତା ହେଲେ ଆହୁରି ଭଲ ହେଇଥାନ୍ତା । ତାଙ୍କ ନ ଆସିବାର କାରଣ ମଧ ମୁଁ ଜାଣି ପାରିଥିଲି ।

ତାଙ୍କ ପୁଅ ସାଙ୍ଗରେ ଜଳଖିଆ କରିବାକୁ ଭିତରକୁ ଗଲି । ଫେରି ଆସି ଦେଖିଲି ଯେ ସୁବଳ ମୋ ବାଟ ଚାହିଁ ଠିଆ ହୋଇଛି । ମୁଁ ତା ସଙ୍ଗରେ ପାଟଖଣ୍ଡା ଘରକୁ ବାହାରିଗଲି । ଶଙ୍କର ହେଗଡ଼େ ସୁବଳକୁ କହିଲେ, "ସାଙ୍କୁ ପଡ଼ିଆ ପଡ଼ିଆରେ ସେଠିକି ନେଇଯିବୁ, ପାଟେଖଣ୍ଡା ଆଈ ଘରକୁ, ହେଲା ? ବଗିଚା ବାଟେ ଗଲାବେଳେ ଘରେ ଗପ ଲଗେଇବୁ ନାହିଁ ! ଆଈ ସାଙ୍ଗରେ ସେ ଯେତେବେଳେ କଥାବାର୍ତ୍ତା ହେବେ, ସେପାକେ ତୁ ସେଇଠି ଠିଆ ହେଇଥିବୁ ।" ଏହା ପରେ ଆମେ ଦୁହେଁ ବାହାରି ପଡ଼ିଲୁ ।

ବଗିଚା ବାଟଦେଇ ଆମେ ପଡ଼ିଆର କଡ଼େ କଡ଼େ ଚାଲି ଚାଲି ଗଲୁ । ମୋର ସୁବଳ ସାଙ୍ଗରେ କିଛି କଥାବାର୍ତ୍ତା ହେଇନାହିଁ । ସେହି ଆବୁଡ଼ା ଖାବୁଡ଼ା ରାସ୍ତାରୁ ଅଧମାଇଲିଏ ପାରିଗଲା ପରେ ଆଗରେ ଗୋଟିଏ ଗୁଆ ବଗିଚା ଦେଖିଲି । ଦେଖିଲି, ଶମ୍ଭୁ ହେଗ୍‌ଡ଼େ ସେଠି ମୋ ବାଟ ଚାହିଁ ରହିଛି । ସେ ସର୍ଟକଟ୍ ଦେଇ ଦଉଡ଼ି ଦଉଡ଼ି ଆସିଥିବ ମୋତେ ଧରିବାକୁ । ମୋ ପାଖରେ ହେଲା ମାତ୍ରେ ସେ କହିଲା—"ସୁବଳ, ଚାରିପାଞ୍ଚଟା କେତକୀ ଫୁଲ ନେଇଆ ଦେଖି । ଠାକୁର ପୂଜା ହବ । ଆଣିକରି ତୁ ଏଇଠି ମତେ ଅପେକ୍ଷା କରିଥା କି, ମୁଁ ସାଙ୍କୁ ନେଇ ଆଈ ଘରେ ପହଞ୍ଚେଇ ଆସୁଛି ।" ଏକଥା ଶୁଣି ମୋର ଆଶ୍ଚର୍ଯ୍ୟର ସୀମା ରହିଲାନି । ମୁଁ ଆଉ କଣ କରିବି । ଆମେ ଦୁହେଁ ଗୁଆ ବଗିଚା ଭିତରେ ପଶିଲୁ । ସେଠି ଶମ୍ଭୁ ମୋତେ ଅଟକାଇ ଦେଲା । ପୁଣି କେତେ ପ୍ରକାର ପ୍ରଶ୍ନ ପଚାରିଗଲା—"ଆପଣ କହିଲେ ନା ଆପଣ ଉଡ଼ୁପି ଆଡ଼ର; କିନ୍ତୁ

Digitized by PPRACHIN, SOA

ଆପଣଙ୍କ ନାଁ ମତେ ଜଣାନାହିଁ । ଆପଣ ଯଶୋବନ୍ତ କଟେଇଙ୍କର ଚହ୍ଲା ଲୋକ, ଆପଣଙ୍କ ନାଁ ଜାଣିବା ଦରକାର !''

ମୁଁ ମୋ ନାଁ କହିଦେଲି । ନାଁ ଶୁଣିଲାମାତ୍ରେ ଶମ୍ଭୁର ମୁହଁଟା ନିସ୍ତେଜ ହେବାକୁ ଆରମ୍ଭ କଲା । କିଛି ସମୟ ମୋ ଆଡ଼କୁ ଆଖି ତରାଟି ଚାହିଁରହିଲା, ତା ମୁହଁକୁ ଚାହିଁ ମୁଁ ସବୁ ଠଉରେଇ ନେଲି, କଥା କଣ । ମୁଁ ଜାଣି ଜାଣି ତାକୁ ପଚାରିଲି, ''ହେଇଟି ଆପଣେ, ଏ ଗାଁରେ କଣ ଶମ୍ଭୁ ଭଞ୍ଜ ବୋଲି କିଏ ଅଛି କି ?''

''ଆପଣ କଣ ସେଇକଥା ମୁକାବିଲା କରିବାକୁ ଆସିଚନ୍ତି ?''

''କାହା ସାଙ୍ଗେ ମୁକାବିଲା ? ବୁଝିପାରୁନି ।''

ସେ ବି ନିସ୍ତବ୍ଧ, ମୁଁ ବି । ଦୁହେଁ ସ୍ଥିର ହୋଇଗଲୁ । ସେ ମୋର ଦୁଇହାତ ଧରି ନେଇ କହିଲା, ଆଜ୍ଞା, ମୋ ମାନ ସମ୍ମାନ ଆପଣଙ୍କ ହାତରେ ରହିଚି । ଆପଣ ମନକଲେ ମୋତେ ମାରି ପକାନ୍ତୁ; କିନ୍ତୁ ଆଈ ଆଗରେ କି ବାପାଙ୍କ ଆଗରେ ମତେ ଅପମାନ କରନ୍ତୁ ନାହିଁ । ମୁଁ କହିଲି; ମୁଁ କିଛି ବୁଝିପାରୁନି । କଥା କଣ ? ଆପଣ ଏମିତି କାହିଁକି ହଉଚନ୍ତି ? ମୁଁ କିଛି ଜାଣିପାରୁନି ।'' ମୋ ମନରେ ତ ଆଗରୁ ଇ ସନ୍ଦେହ ହୋଇ ସାରିଥିଲା, କିନ୍ତୁ ମୁଁ ତାକୁ ଲୁଚେଇବାକୁ ଚେଷ୍ଟା କରୁଥାଏ । ସାକ୍ଷୀ ଶମ୍ଭୁ ଭଞ୍ଜ ତା'ହେଲେ ଏଇ । ପାର୍ବତୀମାକୁ ଯୋଉ ଟଙ୍କା ପଠାଯାଉଥିଲା, ସବୁ ଏଇ ମହାତ୍ମା ଆତ୍ମସାତ୍ କରିଚନ୍ତି । ସେଇ ବୁଢ଼ା ଗଉଡଟା ମତେ ଆଗରୁ କହିଚି ଯେ ଶମ୍ଭୁ ଭଞ୍ଜ ବୋଲି କେହି ଏ ଗାଁରେ ନାହାନ୍ତି । ପଇସା ଲୋଭରେ ତା ବାପ ଆଖିରେ ଧୂଳିଦେଇ ସେ ବୁଢ଼ୀ ଘରକୁ ଯା ଆସ କରୁଥିବ । ଯୋଉଦିନଠୁଁ ଯଶୋବନ୍ତ ରାୟ ବାବୁ ପଇସା ପଠାଇବା ବନ୍ଦ କରିଚନ୍ତି, ସେହି ଦିନଠୁଁ ମୁଁ ପଇସା ପଠଉଛି । ସେ ଭାବିଥିବ ତା ଚାଲାକି ମୁଁ କାହୁଁ ଜାଣିବି । ତେଣୁ ଟଙ୍କାଯାକ ପୁରାପୁରି ଖାଇବା ଆରମ୍ଭ କରିଦେଇ ଥିବ । ଗାଉଁଲି ବଣ୍ଡ ଆଉ କ'ଣ ? ମୁଁ ଭାବୁଛି ଡାକବାଲା ଆଉ ସେ ଦୁହେଁମିଶି ବୁଢ଼ୀକି ଠକେଇ ଯାଉଥିବେ, ସେତିକିବେଳେ ଦେଖିଲି ସେ ଘାବରେଇ କରି କାନ୍ଦୁଛି । ମୋ ପାଦରେ ମୁଣ୍ଡ ଲଗାଇବା ଭଳି ଝାଉଛି, ''ମୋତେ ରଖନ୍ତୁ !'' ତା ପରେ ସବୁ କଥା ତାରି ମୁହଁରୁ ଆପେ ବାହାରି ଆସିଲା । ଆଗେ ସେ ଆଉ ଡାକବାଲା ମିଶି ବୁଢ଼ୀକୁ କହୁଥିଲେ ଯେ ପାଞ୍ଚଟା ବୋଲି ଟଙ୍କା ଆସିଛି, ଆଉ ବାକୀ ଟଙ୍କା ଏ ଅଧେ, ସେ ଅଧେ କରି ବାଣ୍ଟି ନେଉଥିଲେ । ଯୋଉ ଦିନଠାରୁ ମୁଁ ଟଙ୍କା ପଠାଇବା ଆରମ୍ଭ କରିଛି, ସେ ଦିନଠାରୁ ସବୁତକ ଟଙ୍କା ଯାଙ୍କର ପକେଟରେ ପଡ଼ୁଛି । ଏକଥା ଜାଣି ମୁଁ ଖୁବ୍

Digitized by PPRACHIN, SOA

ଦୁଃଖିତ ହେଲି । ମୋ ମୁହଁରୁ ଆପେ "ଆହା" ପଦ ବାହାରି ପଡ଼ିଲା । ମୁଁ ତ କଳ୍ପନା ବି କରିପାରି ନଥିଲି ଯେ ପୂର୍ବପୁରୁଷଙ୍କର ଜ୍ଞାତିଦ୍ୱେଷ ଏତେ ବାଟକୁ ଗଡ଼ିପାରେ ଏବଂ ପାର୍ବତମ୍ମାକୁ ବି ଆକ୍ରମଣ କରିପାରେ । ଧନ ! ଦରିଦ୍ର ଧନ ! ଶଙ୍କର ହେଗ୍‌ଡ଼େ ଯେତେ ଗୁହାରିଲେ ବି ପୁଅ ହାତରେ ପଇସାଟିଏ ଦେଇ ପାରୁ ନ ଥିବେ । ଆଉ ଯେତ ପ୍ରୌଢ଼ ହେଲଣି, ପିଲା କବିଲା ଅଛନ୍ତି, ଅଳ୍ପ ଟଙ୍କାପାଇଁ ହେଲେ ବି ସେ ଭୁଲ ବାଟରେ ଯାଇଚି । ମୁଁ ସେ ଘରର ଅନ୍ନ ଖାଇଛି । ସେ ଏବେ ସବୁ ଖୋଲାଖୋଲି ମୋତେ କହି ସାରିଲଣି, ମୋ ଗୋଡ଼ ଧରିଲଣି; ଏପରି ସ୍ଥଳେ ମୋର କଣ କରିବା ଉଚିତ ? ମୁଁ ତାକୁ କହିଲି, "ଯାଅ ଘରକୁ ଯାଅ । ପିତାଙ୍କ ଆଜ୍ଞା ପାଳନ କର ।"

"ମୋତେ ରକ୍ଷା କରିବେ ତ ?" ସେ ପୁଣି ବିନତି କଲା !

"କଥା ଦେଉଛି ।"

"ଆଉ କି ବି କହିବେନିତ ?"

"କହିବିନି, ଯାଅ ।" ମୁଁ ବିରକ୍ତ ହୋଇ କହିଲି ।

"ଆପଣ ରାଗିଗଲେ କି ?

"ତମ ଉପରେ ନୁହେଁ ।"

ଭାଗ୍ୟକୁ ଶହେ ଗଜ ଦୂରରେ ସୁବ୍‌ବ କେତକୀ ଫୁଲ ନେଇ ଆସୁଥିବାର ଦେଖାଗଲା ।" ଫୁଲ ନେଇ ଘରକୁ ଯାଅ । କିଛି ଭାବିବନି । ଦି'ପହରକୁ ଖାଇବାକୁ ଆସିବ ।" ମୁଁ କହିଲି ।

"ସେଠି ରହି ଯିବେନି ।"

"ସେଠି ପହଞ୍ଚିଲେ କଣ ହବ, ଏଇଲା କହି ପାରିବନି ।"

ସେହି ବଞ୍ଚିତା, ନିଆଶ୍ରୀ, ଅସହାୟା ବୃଦ୍ଧା ସାଙ୍ଗରେ କଥା ହେବାକୁ କେତେ ବେଳ ଲାଗିବ କିଏ ଜାଣେ ? ମୋ ନିଜର ଭୋକ ବା ପେଟ ତା ଅବସ୍ଥା ଆଗରେ କଣ, ସ୍ଥା ଭାବି ମୁଁ ସୁବ୍‌ବ ସାଙ୍ଗରେ ବଗିଗ୍ରୁ ପାରିହେଲି । ଆଗରେ ଗୋଟାଏ ବଡ଼ ଘର ଦିଶିଲା । ତା ଦାଣ୍ଡରେ ଗୋଡ଼ ପଡ଼ୁ ପଡ଼ୁ ସୁବ୍‌ବ କହିଲା "ତଲ ଗୌଡ଼ଙ୍କ ଘର ଏଇଟା । କେଡ଼େ ବଡ଼ ଘରଥିଲା । ଆଉ ଅଳ୍ପବାଟ ।" ସେ ଘରର ମାଲିକ ପିଣ୍ଡାରେ ବସିଥିଲେ ।

Digitized by PPRACHIN, SOA

"ଆରେ ସୁବଳ, କୁଆଡ଼େ ଯାଉଛନ୍ତି ? ଏହି କିଏ ସେ?" ସେ ପଚାରିଲେ, ତଥାପି ମୁଁ ଆଗେଇ ଯାଉଥାଏ । ସୁବଳ ତାଙ୍କୁ ଜଲଦି ଜଲଦି କିଛି କହିଦେଇ ମୋ ସାଙ୍ଗ ଧରିବାକୁ ଦଉଡ଼ି ଆସିଲା । ଶହେ ପାଦ ଗଲାପରେ ଝାଟିମାଟିର ଗ୍ରେଟିଆ ଘରଟିଆ ଖଣ୍ଡିଏ ଦେଖିଲି । ଦାଣ୍ଡରେ ତୁଳସୀ ଗଛ ଲଗିଛି । ଓଦା ଶାଢ଼ୀ ପିନ୍ଧିକରି ଗୋଟିଏ ବୁଢ଼ୀ ସେହି ବୃନ୍ଦାବତୀଙ୍କୁ ପରିକ୍ରମା କରୁଥିଲା । "ଏଇ ହେବେ ପରା ।" ମୁଁ ଉଲ୍ଲସିତ ହୋଇ ପଚାରିଲି । "ଆଜ୍ଞା ହଁ ।" ସୁବଳ ଉତ୍ତର ଦେଲା । ସେ ସେହିଠାରୁ ପାଟିକରି କହିଲା, "ଆଈମା ! ଉପର ଘରର ମାଲିକେ ଏଇ ଗଣ୍ଡୁବାବୁଙ୍କୁ ଆପଣଙ୍କ ପାଖକୁ ପଠେଇଚନ୍ତି ।" ବୁଢ଼ୀ ଜପ କରୁ କରୁ ବୃନ୍ଦାବତୀଙ୍କ ପାଖରେ ମୁଣ୍ଡ ନୋଇଁଲା, ମୁଣ୍ଡରେ ମାଟି ଲଗାଇ ଠିଆହେଲା ଏବଂ ତା'ପରେ ମୋ ଆଡ଼େ ଚାହିଁ କହିଲା : "କିଏ ଠିଆ ହେଇଚ ନା ?" କମ୍ ପାଟିରେ ସୁବଳ ତାର ପୂର୍ବ କଥାଟା ପୁଣି ଦୋହରେଇ ଦେଲା । ସେ ଏତେ ଅଳ୍ପ ପାଟିରେ କହୁଥିଲା ବୋଧେ ବୁଢ଼ୀ ଶୁଣିପାରୁ ନଥିଲା । ତେଣୁ ମୁହିଁ କହିଲି, "ମା, ମୁଁ ଗୋଟାଏ ପର ଗାଁର ଲୋକ । ଆପଣଙ୍କ ସଙ୍ଗେ ଭେଟିବାକୁ ଆସିଛି । ଆପଣଙ୍କର କେହି ଆପଣାର ଲୋକ ମୋତେ ଆପଣଙ୍କ ପାଖକୁ ଆପଣଙ୍କ ଖବର ନେବାକୁ ପଠାଇଛନ୍ତି ।" ମୋର ଖିଆଲ ନାହିଁ ମୁଁ ହାତ ଯୋଡ଼ିକରି ତାଙ୍କ ଆଗରେ ଠିଆ ହୋଇଛି । ସେ ମୋଆଡ଼େ ଚାହିଁ କହିଲା, "ପୁଅ, ମୋତେ କାହିଁକି ନମସ୍କାର କରୁଛ ? ଭଗବାନଙ୍କୁ ନମସ୍କାର କର ।" କହି ସେ ମୋତେ ବୃନ୍ଦାବତୀଙ୍କୁ ଦେଖାଇଲା ।

"ଆପଣ ବଡ଼ । ଆପଣଙ୍କ ଠୁଁ ମୁଁ ବୟସରେ ଶ୍ରେଷ୍ଠ । "ମୁଁ କହିଲି ।

ବୁଢ଼ୀ ମୁଣ୍ଡ ହଲାଇ କହିଲା, "ନା, ନା ! ତା ନୁହେଁ । ପ୍ରଭୁଙ୍କୁ ନମସ୍କାର କର ।"

"ପ୍ରଭୁଙ୍କୁ ତ କରିବି । ବଡ଼ ବଡ଼ଙ୍କୁ ନମସ୍କାର କଲେ କିଛି ଦୋଷ ତ ନାହିଁ ମା ।'

"ବଡ଼ ତ ଖାଲି ସେଇ, ପୁଅ ।"

ମୋ ପାଖକୁ ଆସି ଅପଲକ ନେତ୍ରରେ ମୋ ମୁହଁକୁ ଚାହିଁରହିଲା । ତା ପରେ 'ନଅ' କହି ସେ ପାଦୁକ ଦେଲା ଓ ମୁଁ ଗ୍ରହଣକଲି । ତାପରେ ସେ ମୋ ମୁହଁକୁ ନିରେଖି ଲାଗିଲା । ତା'ପରେ କହିଲା, "ପୁଅ, ମୋ ବୟସ ତ ସତୁରି କି ଅଶୀ ହେଲାଣି, ଆସି । ଭଲକରି ଦୃଶ୍ୟ ବି ହଉନାହିଁ । କିଏ ତମେ ?" ସେ ପୁଣି ମୋତେ

Digitized by PPRACHIN, SOA

ଗୃହିଁଲା । "ଚିହ୍ନି ପାରୁନେଇଁ । ଚେହେରା ଆଗରୁ କୋଉଠି ଦେଖିଥିଲେ ତ ବୁଝି ପାରଥାନ୍ତି । ସ୍ଥାଇବା ମୁଁ ମନରେ ଭାବିଲି, ମୋ ଯଶୋବନ୍ତ ଅଇଲାକ । ସେ କୁଆଡ଼ୁ ଆସିବ ? କୁମଣ୍ଟାରୁ ଗଲାପରେ କେବେ ଆଇଲା ନ; କନ୍ତୁ ସେ ଟୋକା ମୋ କଥା ସଦା ବେଳେ ଭାବୁଥିବ । ସେ କଣ ମତେ ଭୁଲିପାରେ ? ଫି ମାସରେ ମନିଅର୍ଡ଼ର କର ପାଞ୍ଚ ପାଞ୍ଚଟା ଟଙ୍କା ପଠେଇବାଇ ପଠେଇବ । ହଁ, ଛଅମାସ ହେଲା ଟଙ୍କା କଜାଣି କାହିଁକ ପଠେଇନ । ହଉ, ପରେ ପଠେଇବନ କ ।' ଶେଷ କଥାଟା ଶୁଣି ମୁଁ ଚମକପଡ଼ିଲି ।

"ଆଈମା, ଆପଣ ଠିଆ ଠିଆ କଥା କହୁଚନ୍ତି । ଗୃଲନ୍ତୁ ଭିତରକୁ ଯିବା । ଆପଣଙ୍କ ପୁଅ ଯଶୋବନ୍ତଇ ମୋତେ ପଠେଇଛନ୍ତି । ମୁଁ ଖବର ନବାକୁ ଆସିଚ ଆପଣ କେମିତ ଅଛନ୍ତି !"

"ମତେ ? ପୁଅ ତମେ ପୁଣ୍ୟାତ୍ମା ଜଣେ । ଆସ !" କହି ମୋତେ ଦୁଆର ମୁହଁକୁ ଘେନଗଲା । ଝାଡ଼ି ଝୁଡ଼ି ଦେଲା । ପୁଣି କହିଲା ? "ଗୋଟାଏ ପିଢ଼ା ବ ହାତରେ ପଡ଼ୁନାହିଁ ।" ସେତେବେଳକୁ ମୁଁ ତଳେ ବସି ସାରଛି ।

"ମୋ ପୁଅ ଭଲ ଅଛି ନା ? ମରବା ଆଗରୁ ଥରଟିଏ ତାକୁ ଦେଖିବାକୁ ବହୁତ ଇଚ୍ଛା, ସେ ଆସିବଟିକ ? ସେ କେଉଁ ରାଇଜରେ ରହେ ? ମୁଁ କୋଉ ରାଇଜରେ ରହୁଚ, କଛି ଜଣାନାଇଁ । ତା କଥା ମନେ ପଡ଼ିଲେଇ କୋହ ଉଠିଯାଏ । ଏଇ ବୁଢ଼ୀଟାକୁ ସେ ଆଜ ବ ମନେ ରଖିଚ, ଏତକ ମୋ ଲାଗି ଯଥେଷ୍ଟ, ସ୍ୱେ ତ ମୋର ସ୍ୱର୍ଗ । ସ୍ୱର୍ଗ କଣ ଜାଣିଛ ? ଓହୋ ସ୍ୱେ ପୋଡା ଜଭ ତ ଜଣାଶୁଣା ହବା ଆଗରୁ 'ତୁମେ' 'ତୁମେ' ଡାକୁଛି ।

"ଆପଣ 'ତୁମେ' ଇ କହନ୍ତୁ । ଆପଣ ବଡ଼ । ମୋ ଆଈମା ବୟସର । ଆପଣଙ୍କ 'ତୁମେ' ମତେ ବଡ଼ ଭଲ ଲାଗୁଛି ।"

"ଏଇଲା କୁଆଡ଼ୁ ଆସୁଚ ? ତମ ଗାଁ କଉଁଠି ? ଯଶୋବନ୍ତ ତମର କଣ ହୁଏ ?"

"ସେ ତ ମୋର ଭାଇ ସମାନ । ଏମିତ ବନ୍ଧୁବାନ୍ଧବ ସମ୍ପର୍କ ତ କଛିନାହିଁ । ଖାଲି ସ୍ନେହ ସମ୍ପର୍କ ଅଛି ।

"କିଛିକଏ ବସିବ ନା ?"

"ସେଇଥିପାଇଁକ ତ ଆସିଛି ଆପଣଙ୍କୁ ଦେଖି ଗୃହିଁ ଯିବାକୁ ।

Digitized by PPRACHIN, SOA

ପାର୍ବତମ୍ମା ମୋତେ ସେଇଠି ଗୁଡ଼ୁ ଭିତରକୁ ଗଲା । ମୁଁ ବାହାରକୁ ଆସି ସୁବ୍ବକୁ କହିଲି, "ତୁ ଯା' ଘରେ । ମୁଁ ଡେରିରେ ଯିବି । ଘରେ କହିଦେବୁ ମୋର ଏଠି ଡେରି ହେବ, ହେଲା ?" ସେ ଚାଲିଗଲା । ଭିତରକୁ ଯାଇ ମୁଁ ଯୋଉଠି ବସିଥିଲି, ସେଇଠି ଯାଇ ବସି ରହିଲି । ଘର ଭିତରୁ ଖଟ୍‌ଖଟ୍ ଶବ୍ଦ ଶୁଣାଗଲା । ମନେହେଲା ସେ କିଛି ଜିନିଷ ତିଆରି କରୁଛି । ସେଇଠି ବସିକରି ମୁଁ ପାଟିକରି କହିଲି, "ଆଇ ମୋଲାଗି କିଛି କରିବେ ନାହିଁ ।" ବସ୍ୱଗ୍ରାର ଘରେ କଣ ବା ଅଛି ? ଭାଇ ନାହିଁ କି ଭଉଣୀ ନାହିଁ, ଟିକିଏ ସାହାଯ୍ୟ ସାଇପଡ଼ିଶାଙ୍କଠୁ ଅବା ମିଳୁଥିବ । ଯଶୋବନ୍ତ ବାବୁ ଫି ମାସ ପଚିଶି ଟଙ୍କାକରି ପଠାଉଥିଲେ, କିନ୍ତୁ ତାହାଁରୁ ସ୍ବ୍ୱା ହାତକୁ ପାଞ୍ଚଟା ବୋଲି ଟଙ୍କା ଆସୁଥିଲା । ସେଇ ଟଙ୍କା ପାଞ୍ଚଟାରେ ତାର ଗୁଜୁରାଣ ଚଳୁଥିବ । ଗଲା ତିନିମାସ ହେଲା ସେତକ ବି ଆସିନାହିଁ । ଏସବୁ ଭାବି ମୁଁ ଖୁବ୍ ଦୁଃଖିତ ହେଲି । ଦୁଃଖ ସାଙ୍ଗରେ କିଛି ଡର ବି ମିଶିଲା । ଯଶୋବନ୍ତ ବାବୁ ବର୍ତ୍ତମାନ ସୁଦ୍ଧା ବଞ୍ଚିଛନ୍ତି ଏହି ଅଭିନୟଟା ବୁଢ଼ୀ ଆଗରେ ଜାରି ରଖିବା କଣ ଉଚିତ୍ ହେବ ? ଆପେ ଆପେ ମନରେ ଏ ପ୍ରଶ୍ନ ଉଠେ । ମୁଁ ତ ନ କହି ରହି ପାରିବିନି । ସେ କହିଥିଲା ପରା, "ସେହି ସ୍ୱର୍ଗ ।" ଯେଉଁ ଝୋକାଟିକି ସେ କୋଳେଇ କାଖେଇ ମଣିଷ କରିଥିଲା, ତାର ଅସ୍ତିତ୍ୱର ସ୍ମୃତିଟିକକ ମଧ୍ୟ ତା ଲାଗି ଅମୃତ ସନ୍ତାନ ହୋଇଯାଇଛି । ଏସବୁ ଜାଣି ଶୁଣି ମଧ୍ୟ ମୋର କଣ କହିବା ଉଚିତ ଯେ ତାର ସେହି ପ୍ରିୟ ବସ୍ତୁଟି ତିନିମାସ ଆଗରୁ ହିଁ ଚିରକାଳ ଲାଗି ହଜିଯାଇଛି ।

ଟିକିଏ ପରେ ପାର୍ବତମ୍ମା ମୋ ଲାଗି ଜଳଖିଆ ତିଆରି କରି ଆଣିଲା । ସେ ସବୁକୁ ଦେଖି ମୁଁ ଘାବରେଇ ଗଲି । ଗୋଟିଏ ଥାଳରେ ନଅଁରେ ସେକିକରି ଚାରିଖଣ୍ଡ ପାମ୍ପଡ଼ ଓ କଂସାର ଗ୍ଲାସଟାରେ ପାୟାସ୍ମ ନେଇ ମୋ ଆଗରେ ଥୋଇ ସେ କହିଲା, "କେତେ ବାଟରୁ ଆସିଛ ଥକି ଯିବଣି । ଗଜା ମୁଗର ପଣା କରିଛି । ନଅ, ଲାଜ କରନା । ଗଜାମୁଗ ଦେହକୁ ଥଣ୍ଡା କରିବ ।"

"ପାମ୍ପଡ଼ ବି ସେକିଛନ୍ତି ?" ମୁଁ କହିଲି ।

"ନାଁକୁ ପାମ୍ପଡ଼ ! ବରିର ନୁହେଁ କି ପଣସର ନୁହେଁ । କେଶବେ ବୋଲି କହା ଦେଇ କରିଛି । ବୁଢ଼ୀ ହେଲିଣି, ହେଲେ ଜିଭର ଟେକ ତ ଯାଉନେଇଁ । ଲୁଣ ଲଙ୍କା ଏବେ ବି ଭଲ ଲାଗୁଚି । କେତେଦିନ ମୋ ମୁକାମ୍ବା ଲୁଚେଇ ଚୋରେଇ ମୋ ଲାଗି ପାମ୍ପଡ଼ ପଠେଇଦିଏ । ସେ ପାମ୍ପଡ଼ ତାର ନା ମୁଁ କରେଇ ଥିବାର କିଛି ବୁଝା ପଡ଼ୁନ ।"

Digitized by PPRACHIN, SOA

ମୁଁ ପାମ୍ପଡ଼ ଖାଇଲି । ଆଜଯାକେ କେବେ ମୁଁ କେଶବେ କନ୍ଦାର ପାମ୍ପଡ଼ ଖାଇନଥିଲି । ଟିକେ ପିତା ହେଲେ କଣ ହେବ, ଲୁଣ ଲଙ୍କା ଥିବାରୁ ବେଶ୍ ସୁଆଦିଆ ଲାଗୁଛି । ମୁଗ ସର୍ବତ ପିଉ ପିଉ ମୁଁ କହିଲି; "ଆଈ, ମୋ ପିଲାଦିନେ ଏଇମିତି ମୁଗ ବଟୁରେଇ ଗୁଡ଼ ଦେଇ ଖାଉଥିଲି । ଖାଇଲେ ପେଟକୁ ଯେମିତି ହିତ, ଦିହକୁ ବି ସେମିତି ଥଣ୍ଡା । ଆଚ୍ଛା ଆପଣ କୋଉ ଜଣେ ମୁକାମ୍ବା କଥା କହିଲେ ନା ? ସେ କଏ ସେ ?"

"ମୋର ପରି ସେ ବି ବୁଢ଼ୀଟିଏ । ମୋ ନାମୀ ସେ । ଆମ ଦୁହିଁଙ୍କର ଦିହ ଦିଟା ଯିନା ଅଲଗା, ଆତ୍ମା ଯେ ଏକ । ତମେ ଶଙ୍କର ହେଗ୍‌ଡ଼େ ଘର ବାଟେ ଅଇଲ ପରା ? ତା ଭଉଣୀକି ଦେଖି ନଥିବା ପରି ଲାଗୁଛି । ମୁକାମ୍ବା ସେଇ ।" କହୁକହୁ ତା ଆଖିରୁ ଲୁହ ବୋହି ଆସିଲା । "ବୁଝିଲ ପୁଅ, ଗୋଟାଏ ଗୋଟାଏ ଋଣ-ସମ୍ବନ୍ଧ ସେଇମିତି ରହିଯାଏ । ଯଶୋଚନ୍ଦ୍ରର ଆଉ ମୋର ମାଆ ପୁଅର ସମ୍ବନ୍ଧ । ମୁକାମ୍ବାର ଆଉ ମୋର ବଡ଼ ଭଉଣୀ ଓ ସାନ ଭଉଣୀର ଶରଧା ରହିଛି । ଯଶୋଚନ୍ଦ୍ରକୁ ଆଜକ କେଜାଣି ପନ୍ଦର କି କୋଡ଼ିଏ ବର୍ଷ ହେଲା ଦେଖିନି । ତେହିଁକି, ମୁଁ ଭୁଲିଛି ନା ସେ ଭୁଲିଛି ? ମୁକାମ୍ବା ଏତେ ପାଖରେ ଥାଏ, ହେଲେ କଣ ହବ, ଆମ ଭିତରେ ଯେମିତି ଗୋଟାଏ ନଈ ହେଇଯାଇଚ, ତାକୁ ପାରି ହେବାର ଉପାୟ ନାହିଁ ।"

"ନଈ ?"

"ନଈ ନୁହେ, ସମୁଦ୍ର । ବୁଝିଲ ପୁଅ, ମୋର ପୁଅ (ଯଶୋଚନ୍ଦ୍ର) ର ବାପ ଆଉ ମୁକାମ୍ବା ବାପାର କଳିକଜିଆ ହେଲା, ସୁଣନିୟମ ପକାଇ ଝଗଡ଼ା । ଲୋକ ଦେଖାଣିଆ କରିକରି ହଉ ପଛେ, ତାଙ୍କ ପୁଅ ଝିଅଙ୍କୁ ତା ପାଳିବାକୁ ହବ ତ ! ସେ ତାକୁ ସୁଣ ପକେଇଛନ୍ତି ଯେ, ମୁଁ ଯୋଉଠି ଥିବି, ସେଠିକି ସେ ଯାଇ ପାରିବନି ।"

"ହଁ ଆଈମା । ସବୁ ଶୁଣିଚି । ସେଇ ମୋତେ ସବୁକଥା କହିଛନ୍ତି । ଆପଣ କେମିତି ଯଶୋଚନ୍ଦ୍ରକୁ ଏଡ଼େଟାରୁ ଏଡ଼େଟିଏ କଲେ, ଘରୁ ଦୁଧ ଗ୍ଳେରେଇ ସେ କେଜେ କେମିତି ଦଉଥିଲେ, ତାଙ୍କ ବାପା କେମିତି ଜାଣିଲେ—ସବୁ ଜାଣି ପାରିଲି । ଆଗ ପଟର ବାଉଁଶ ବୁଦାକୁ ଦେଖେଇ ସେ କେତେ କାନ୍ଦିଲେ ବି । କଣ କରିବା ମା, ଯିଏ ମରି ହଜି ଗଲେ, ଗଲେ ।"

"ଆଚ୍ଛା, ତମକୁ ବି ସବୁକଥା ଜଣା ଅଛିଟି । ତା ପରେ ବି ବର୍ଷକୁ ଥରେ କି ଦି'ଥର ଗୁଡ୍‌ଡ଼େ ବେନକସ୍ବା ଠାକୁର (ଗଣେଶ) ଦେଉଳରେ ପୂଜା କରିବାକୁ ଗଲା-

Digitized by PPRACHIN, SOA

ବେଳେ ମୋର ମୁକାମ୍ମାର ଭେଟ ହୋଇଯାଏ ଯେ । ସେତେବେଳେ ଆମେ ଦୁହେଁ ମିଶି ନିଜ ନିଜ ଦୁଃଖ ଗାଇଥାଉଁ, ଦୁଃଖ ସୁଖ ବିପଦ କଥା ହୋଇଥାଉଁ । ମୋର ପରି ତାର ବି ପୋଡ଼ା କପାଳ । ଆଉ କଣ ବଳ ବୟସ ଅଛି ? କାମ କରିପାରୁଚ କି ? ଯେତେଦିନ ପାରୁଥିଲ ସେଇ ଉପର ସାଇଘରେ କାମ ପାଇଟି କରୁଥିଲ । ଆଜି ତ ମୋ ଦେଇ ହଉନାହିଁ । ମୋତେ କେତେ ଭଲପାଏ ବୋଲି ଘରେ ଯେବେ କିଛି ମିଠେଇ ହେଉରକା ହେଇଥିବ, ମୁକାମ୍ମା କଣ କରିବ ନା, ଶମ୍ଭୁ ହାତରେ ଟିକିଏ ମୋ ପାଖକୁ ପଠେଇ ଦିବ । ଶମ୍ଭୁ ବି ବାପାଠୁ ଲୁଚେଇ ମୋ ହାତରେ ଦେଇଯାଏ । କହିଦେଲେ ତା ମୁଣ୍ଡ ଫଟେଇ ଦିଆହବଟି । କାହିଁକି ଖାଲିଟାରେ କଟାକଟି ଗାଳିଫଜିତ ହବ ? ଏଇକଥା ଭାବି ସେ ଘରେ ନ କହି ଏଠିକି ପଳେଇ ଆସେ । ଯଶୋବନ୍ତଠୁ ଯୋଉ ମନିଅର୍ଡ଼ର ଆସେନ ? ତହିଁରେ ଟିପଚିହ୍ନ ବି ସେଇ ଲଗାଇକରି ଘେନିଯାଏ । ତିନି ମାସ ହେଲାଣି ମନିଅର୍ଡ଼ର ବି ଆସିନି । କେଜାଣି କାହିଁକି ?”

“ଆଈ, ଆପଣଙ୍କୁ ଯୋଉ ପାଞ୍ଚଟଙ୍କା ମିଳୁଥିଲା, ତହିଁରେ ଖର୍ଚ୍ଚବାର୍ଚ୍ଚ ଚଳି ଯାଉଥିଲାଟି କି ?”

“ମୋ ପୁଅ ଯୋଉ ପାଞ୍ଚଟା ଟଙ୍କା ପଠାଏ, ସେ ମୋ ଲଗି ଶହେଟଙ୍କା ।”

“ମାସକର ଭାତଲୁଗା ପାଇଁ ପାଞ୍ଚଟଙ୍କା ଅଣ୍ଟିଯାଏ କି ?”

“ହାନକୁ ତ ବଖତେ ଖାଏ । ଗୋଟାଏ ପେଟପାଇଁ କେତେ ବା ଲୋଡ଼ା ? ବର୍ଷକୁ ଦିଟା ଧୋତି । ସେ ବି ଚିରିଗଲାଣି । ଏଇଲି ଓଦା ଲୁଗା ପିନ୍ଧି କାମ ଚଳେଇ ନଉଚି । ଏଥରକ ଟଙ୍କା ଆସିଲେ ହେଗ୍‌ଡ଼େ ରାୟଙ୍କୁ ବା ଶମ୍ଭୁକୁ କହି ଗୋଟାଏ ଧୋତି ଅଣେଇବି ।”

“ଆଈମା, ଯଶୋବନ୍ତ ଆପଣଙ୍କୁ ଖୁବ୍ ଭଲ ପାଉଥିଲା, ନା ?”

“ହଁ, ସେ ତ ମୋ କଲିଜାରୁ ଖଣ୍ଡିଏ ।”

“ଆପଣଇ ତାକୁ ବଢ଼େଇଥିଲେ ନା ।”

“ଆରେ ମୁଁ କଣ ତାକୁ ବଢ଼େଇବି ମ । ଭଗବାନ୍ ମୋ ହାତରେ ଏ କାମ କରେଇଲେ ନା । ମୋର ତ କପାଳ ପୋଡ଼ିଲା, ଆଉ ନିଆଶ୍ରୀ ହେଲି । ବଡ଼ ଭାଇ, ମା, ସମସ୍ତେ ଗୋଟି ଗୋଟି କରି ମ୍ୟାଲେରିଆ ଜ୍ୱରେ ମଲେ । ମୁଁଇ ନିଆଁ ଲଗି ପେଟପାଇଁ ଯାଇ ଭଗବନ୍ତ ହେଗ୍‌ଡ଼େ ଘରେ ରହିଲି । ଭଗବନ୍ତ ହେଗ୍‌ଡ଼େ ହେଲେ

Digitized by PPRACHIN, SOA

ଯଶୋବନ୍ତର ବାପା । ସେ ଖୁବ୍ ଭଲଲୋକ ଥିଲେ; କିନ୍ତୁ କଥାଗୁଡ଼ାକ କଡ଼ା କଡ଼ା । ସେଇଟା ତାଙ୍କର ଜନମରୁ । ପ୍ରେ ଯଶୋବନ୍ତର ମାଆ ସାବିତ୍ରୀ ସଦାବେଳେ ବେମାରି ପଡ଼ିଥାଏ । ଉପରବୃଣଟି ଛୁଆ ନଷ୍ଟ ହେଲେ । ଚତୁର୍ଥ ପୁଅ ହେଲା ଯଶୋବନ୍ତ । ସେ ଜନମ ହେଲା ଯେ, ମା' ଗ୍ଭଡରେ ଦୁଧ ନାହିଁ, ତେଣୁ ସେ ବଡ଼ ରୋଗିଣା ହୋଇଥିଲା, କଙ୍କାଳ ପରି ହାଡ କେଇଖଣ୍ଡ ରହିଥିଲା ଜାଣ । ଦାନ ନାଇ ଗ୍ରହ ନାହିଁ ଖାଲି କାନ୍ଦିବା ସ୍ୱଭାବ ହୋଇଥିଲା । ମୁହିଁ ଖାଲି ତାକୁ ଦେଖାଶୁଣା କରିବାକୁ ବାକି ରହିଯାଇଥିଲି । ମୋର ତ ବିଶ୍ୱାସ ହଉନଥିଲା ଯେ ସେ ବର୍ଷେ ଦିନଟା ବି ଜୀଇବ । ବେନକଥ୍ୱାଇ ତାକୁ ରଖିଲେ । ସେ ବଞ୍ଚିଗଲା । ମା' ତ ଚିରକାଳରୁ ତାକୁ ଛେଉଣ୍ଡ କରି ଆଖି ବୁଜିଦେଲା । ମୁଁ ତାକୁ ମାଈ ସ୍ନେହ ଦେଇ ପାଳିଲି, ଏଣେ, ଯଶୋବନ୍ତର ବାପ ଆଉ ଗୋଟିଏ ବାହା ହୋଇପଡ଼ିଲେ । ଆଉ ଗ୍ଭରିଯାଟିର ପିଲାଝିଲା ହେଲେନାହିଁ । ହୋଇଥିଲେ ତ ଯଶୋବନ୍ତର କଣ କଷ୍ଟ କପାଳରେ ଥିଲା କହି ହେଉନାହିଁ ।

"ମୁଁ ତାକୁ ପାଳି ବଡ଼ କରିଛି କହିଲେ ଗ୍ରେଷ୍ଟ ମୁହଁରେ ବଡ କଥା ହବ । ସେଇ ଭଗବାନ୍ ତାକୁ ବଢ଼େଇଚନ୍ତି । ସ୍ୱାମୀ ଭିତରେ ଶଙ୍କର ହେଉଡ଼ରେ ବାପ ଓ ତାଙ୍କ ସାନ ଭାଇଙ୍କ ଭିତରେ କଳିଆ ହେଲା । ଅଭିଶାପ, ବ୍ରହ୍ମନ୍ୟସ୍ମ କେତେ ପଡ଼ିଲା । ସମ୍ପତ୍ତି ବଣ୍ଟା ଆଗ ହେଲା । ତେବେ ସୁଦ୍ଧା ଶତ୍ରୁତା ଗଲାନାହିଁ । ମୁକାମ୍ବା ଯେଉଁ ଦୁଧ ଗ୍ଭେରେଇ କରି ଦେଉଥିଲା, ସେ ସେଇ ସମୟର କଥା । ଆଉ, ସେ ସବୁ କଥା ଗ୍ଭଡ଼ ।

"ତା ପରେ ମୋ ପୁଅ ବଡ଼ ହେଲା । ଭଗବନ୍ତସ୍ବା ବାବୁଙ୍କର ଇଚ୍ଛା ଥିଲା ଯେ ତାଙ୍କ ପୁଅ ପାଠ ପଢ଼ିବ, କୋଉ ବଡ଼ କାମରେ ଲାଗିବ, ତେଣୁକରି ଘରେ ମାଷ୍ଟ୍ର ରଖିକରି ସେ ତାକୁ ପଢ଼େଇଲେ । ଶେଷକୁ ତାକୁ କୁମଟା ପଠେଇ କରି ଇଂରାଜୀ ବି ଶିଖେଇଲେ । ପୁଅ ବାହାଘର ବି ଜାକଜମକ କରି କରିଥିଲେ । ଅପସଙ୍ଗ ପରି ବୋହୂ ଘରକୁ ଆଣିଲେ । କେଜାଣି କୋଉ କୁକ୍ଷଣରେ ସେ ଏ ଘରେ ପାଦ ଦେଇ-ଥିଲା, ପୁଅର ବାପ ମଲେ, ମୋ ଆଖି ଆଗରେ ଅନ୍ଧାର ଘେରିଗଲା । ଯଶୋବନ୍ତ ଆଉ ତା ସ୍ତ୍ରୀ···।"

"ତାଙ୍କ ନାଁ ?"

"କିଜାଣି କଣ ? ମୋର ସ୍ମରଣ ହଉନେଇ । କମଳା ହୋଇଥିବ, ହଁ ହଁ । କମଳା ତ । ପୁଅ, ଦେଖିବାକୁ ତ ସେ ଖୁବ୍ ସୁନ୍ଦର, ହେଲେ ସେ ମୋ ପୁଅର

Digitized by PPRACHIN, SOA

ଯୋଗ୍ୟ ନୁହେ । ହିଂସା ବୋଲି ଯୋଉ ଜିନଷ, ସେ କାହା କାହାର ଜନମରୁ ଥାଏ । ସେ ହିଂସା ତ ପୁଣି ବଢ଼ିବ ? ତାଙ୍କ ଭିତରେ ଗୋଟାଏ କାଙ୍ଗାଳୁଣୀ ଥିଲି ଯେ, ସେ କଏ ଜାଣିଚ ? ଏଇ ଧାପ୍ରେଞ୍ଚା, ପେଟଲାଗି ଯେ ତାଙ୍କର ଘରେ ପଡ଼ିଥାଏ । ମୁହିଁ ହେଲି ତା ଜାଲା, ଆମ ଦହିଁଙ୍କର ଅହିନକୁଳ ସମ୍ପର୍କ ହେଲା । ମୁଁ ଯେବେ କହିବି 'ମୁଁ ଯାଉଚି' ତେବେ ଯଶୋବନ୍ତ କହିବ, 'ମୁଁ ଜୀବନ ହାରିଦେବି ।' ଘର ଭିତରେ ଏଇ ଝଗଡ଼ା ଚାଲିଲା, ଆଉ ଘର ବାହାରେ ଶଙ୍କରର ବାପାର ସର୍ପ ଦଂଶନ । ସମୁଦ୍ର ମନ୍ଥନ ବେଳେ ସବା ଆଗ ବିଷ ବାହାରିଥିଲା ନା ? ଏମିତ ଏମିତ, କୌଣସି ମତେ ଯଶୋବନ୍ତ ବଡ଼ ହେଲା । ତା ପରେ ବାହା ହେଲା । ବାହାହେବା ପରେ ତା ବାପ ଚାଲିଗଲେ ।

"ତମେ ତା ଗୁଣ ଜାଣି ନ ଥିବ । ଏଡ଼େ ଟିକଏ ହୋଇଥିଲା, ସେତେବେଳକୁ ବି ସେ ଗୁଣବାନ୍ ଥିଲା । ତା ହାତରେ ମାଲପୁଆ ଦିଅ କି ଲଡ଼ୁ, ଦିଅ କି ଯାହା ଦିଅ, ସେତକ ଖାଇ ସନ୍ତୋଷ । ଆଉ ଯେବେ ତା ଆଗରେ ହୋଇ କେହି କହିବ 'ବାପ, ସୁନାଟା ପରି, ଧନଟା ପରି, ମୋ ମାଣିକଟା ପରି, ମତେ ଟିକଏ ଦେ' ତାହେଲେ ସାଙ୍ଗେ ସାଙ୍ଗେ ସେ ଦେଇ ଦବ । ତାର ସାଙ୍ଗସାଥି, ଗାଁ ବାଲା ସମସ୍ତେ ତାର ଏଇ ଗୁଣଟି ଜାଣିଥିଲେ । ତାକୁ ଫୁସୁଲାଇ, ତାକୁ ପ୍ରଶଂସା କରି ଖୋସାମଦ କରି, ନିଜର କଷ୍ଟ ବଖାଣି କରି ଲୋକମାନେ ତାଠୁଁ କିଛି ନା କିଛି ମାଗି ନେଉଥିଲେ । ଆଉ ସେ ବି ଦେଇ ଯାଉଥିଲା । ଦେଇଯାଉଥାଏ ଯେଯାକେ ତା ଘର ନ ବୁଡ଼ିଚି । ଆଉ ତା ଘରକୁ ଘରଣୀ ହୋଇକରି ଯିଏ ଆସିଥିଲା, ସେ ବି ସେଇମିତି । ଯାହା ବା ବଳିଥିଲା, ସବୁ ବାପଘରକୁ ପଠେଇ ଦେଲା । ଏ ଗାଁରେ ପୁଣି ତାର କରଜ ବି ହୋଇ ଯାଇଥିଲା ଖୁବ୍ । କେତେ ଆମଦାନୀ ଥିଲା । ସବୁ ସେଇ କରଜ ସୁଝିବାରେ ଗଲା; କିନ୍ତୁ ଯାହା କିଛି ଦେଣା ବାକୀ ଥିଲା, ତା ଲାଗି ପାଉଣାଦାର ଯାକ ତା ବେକରେ ଜାଣି ଠିଆ ହୋଇଗଲେ । ସବୁ କିଛି ବନ୍ଧା ରଖି ତାକୁ ଗାଁ ଛାଡ଼ି ଚାଲି ଯିବାକୁ ହେଲା । ମୁଁ କହିଲି ଘରର ତଳ ଖଣ୍ଡାଟା ବିକିବୁନି, ତେଣୁ ସେଇଟା ବିକିଲା ନାହିଁ । ବାକୀ ସବୁ କିଛି ପଞ୍ଚଣାଘର ଗ୍ରାମ ହେଗଡ଼େ ଖରିଦ କଲା । ଖରିଦ କଲା କି କରଜ ସକାଶେ ଆବୁରି ନେଲା ଠିକ୍ ମନେ ପଡ଼ୁନାହିଁ; କିନ୍ତୁ ମୋ ପୁଅ ତ ଘର ଦେବାବେଳକୁ ସର୍ତ୍ତ କରିଥିଲା ଯେ ଯେଯାକେ ପାଟଣ୍ଡା ବଞ୍ଚିଥିବ, ସେଯାକେ ତଳ ଖଣ୍ଡାଟି ତାରି ଦଖଲରେ ଥିବ । ମୋତେ ଛାଡ଼ି କରି ଯିବାକୁ ତାର ଜମାରୁ ମନ ନ ଥିଲା । ମୁଁ ଚାଲି ଯାଇଥିଲେ ତା ମନ କଣ କରିଥାନ୍ତା କେଜାଣି ?

Digitized by PPRACHIN, SOA

"ଲକ୍ଷେ କଥାରେ ଗୋଟିଏ କଥା—ମୋ ଭାଗ୍ୟରେଇ ଲେଖା ଅଛି ତା ସାଙ୍ଗରେ ରହିବ । ସେ ଭୂମିଷ୍ଠ ଗ୍ଳଲଗଲ । ଏଠି ତ ସବୁ ହରେଇଥିଲ, କିନ୍ତୁ ସେଠି ବେପାର କରି-କଛି କମେଇଥିଲ । ଯେମିତି ହେଲେ ଘର ବାନ୍ଧ ରହିଲ । ରହିଲ କଣ, ବଞ୍ଚିଲ କୁହ । ବର୍ଷକୁ କି ଗ୍ଳରବର୍ଷକୁ ଥରେ ଏଠି ଆସି ମୋତେ ଭାତ ଲୁଗା ଲଗି ଦେଇ ଯାଉଥିଲ । କାନ୍ଦି କାନ୍ଦି କହେ, "ମାଆ ମୋର ତ ତମେଇ ଦେବତା, ତମେଇ ସଂସାର । ମୋ ସ୍ତ୍ରୀର ସ୍ୱଭାବତ ଜାଣିଛ । ସେ ମୋର ପୂର୍ବଜନ୍ମର ଶତ୍ରୁ । ପ୍ରତିଶୋଧ ନବ ବୋଲି ସେ ଜନ୍ମ ହେଇଛ, ଆଉ ମୋର ସ୍ତ୍ରୀ ହେଇଛ । ଯାହା ହଉ, ତାର ଗ୍ଳରଟି ପିଲ ହେଲେ । ମୁଁ ବି ଭାବିଲି ଯା ହଉ, ଏଣିକି ତାକୁ ସୁଖ ମିଳିବ; କିନ୍ତୁ ସେ ଭାଗ୍ୟ ବି ତାର ନାହିଁ । ପିଲ ଆଉ ତାଙ୍କ ମା ଗୋଟିଏ ରକମର ହେଲେ । ଏଠି ବି ସେ ପଚିଶି ବର୍ଷ ରହିଲ, ସେଠି ବି ସେଇ ପଚିଶି ବର୍ଷ ରହିଲ । ତା ପରେ ସେ ଦିନେ ହଠାତ୍ ଘର ଗ୍ଳଡ଼ି ପାଣ୍ଡବମାନଙ୍କ ପରି ବନବାସକୁ ବାହାରିପଡ଼ିଲ । ଯିବା ଆଗରୁ ସେ ଥରୁଟିଏ ଏଠିକି ବି ଆସିଥିଲ । ତାର ସବୁଯାକ କାହାଣୀ ସେ ଏଠି କହିଗଲ । କୋଉ କାହାଣୀ କହିଲ ? ସେଇ ପୁରୁଣା କଥା, ନୂଆ କଥା କଛି ନୁହେଁ । 'ଆଉ ମତେ ଘରସଂସାର କଛି ଭଲ ଲଗୁନାହିଁ । ତେର ସୁଖ ଭୋଗ ହେଲ, କୋଉଠିକି ଯାଇ ନିଶ୍ଚିନ୍ତ ହୋଇ ବଞ୍ଚିବ' କହି ସେ ଯେମିତି ଚୁପ୍ ହେଲ, ମୁଁ ତାକୁ କହିଲ, 'ପୁଅରେ, ମୋ ପାଖରେ କାହିଁକି ରହିବୁନି ?' 'ମା ମୁଁ ନିଜେ ତମକୁ ଦିନିଯାନ୍ତ । ମୋର ସେଇଆ କରିବା ଦରକାର; କିନ୍ତୁ ମତେ କଣ ଆଉ ପାଖରେ ରଖି ପାରିବ ? ନା ନା, ମୁଁ ଅଲଗା ହେଇ ଦୂରରେ ରହିବ । ମୁଁ ରହେ କି ନ ରହେ, କିନ୍ତୁ ମୁଁ ଯେ ମଣିଷଟିଏ ହେଇଛି, ସେ ତମରି ସକାଶେ', ଏତିକି କହି ସେ ଯେ ଗ୍ଳଲଗଲ ପୁଅ, ଯେ ଆଉ କେବେ, କେବେ ହେଲେ ଆସିନାହିଁ; ସେ ପୁଣ୍ୟବନ୍ତ ।"

ଯେମିତି ଉଚ୍ଛୁଳିଲ କୋହକୁ ସମ୍ଭାଳିବାକୁ ଟିକଏ ସମୟ ସେ ଚୁପ୍ କଲ, ଆଉ ତା ପରେ କହିଲ, "ପୁଅ, ସେ ଯୋଉଠି ଥାଉ, ସେ କଣ ମତେ ପାଶୋରି ପାରିବ ? ନା ମୁଁ ତାକୁ ପାସୋରି ପାରିବି ? ଆମ ଦିହଟା ପଛେ ନଷ୍ଟ ହୋଇଯାଉ; କିନ୍ତୁ ଜଣେ ଆର ଜଣକ କଥା ସଦାବେଳେ ଝୁରୁଥିବ । ଏମିତି ଦିନଟାଏ ବି ଯାଏନା ଯୋଉ ଦିନ ତା ରୂପ ମୋ ଆଖିରେ ନାଚୁ ନ ଥିବ ।"

ତା ପରେ ସେ ଯଶୋବନ୍ତ ବାବୁଙ୍କ ପିଲଦିନର ଖେଳ ବର୍ଣ୍ଣନା କଲ । କେତେ କାହାଣୀ କହିଲ, ସେ ଶୁଣାଇ ଯାଉଥାଏ; କିନ୍ତୁ ଗୋଟିଏ ଚିନ୍ତା ମୋତେ ବଡ଼ ବ୍ୟସ୍ତ କରୁଥାଏ, ଯେ କେମିତି କରି ମୁଁ ତାକୁ କହିବି ଯେ ତା ପୁଅ ଛନମାସ

Digitized by PPRACHIN, SOA

ଆଗରୁଇ ଚିରକାଳ ପାଇଁ ସଂସାରରୁ ବିଦାୟ ନେଇ ଯାଇଛନ୍ତି ! ମୁଁ କଥାର ଖିଅ ବଢ଼ାଇ କହିଲି, "ଆପଣଙ୍କ ପାଳିତ ପୁଅଙ୍କ ସାଙ୍ଗରେ ମୋର ଘନିଷ୍ଠ ପରିଚୟ ତ ଏଇ ଗୁରି ପାଞ୍ଚ ବର୍ଷର ହେବ । ଫି ବର୍ଷ ଦିଥର କରି ମୁଁ ବମ୍ବେ ଯାଉଥିଲି ଆଉ ନିଶ୍ଚୟ କରି ତାଙ୍କ ସାଙ୍ଗରେ ଭେଟୁଥିଲି । ଶେଷ ଥରକ ସେ ମୋ ପାଖରେ ତାଙ୍କର ଗୋଟିଏ ଇଚ୍ଛା କହିଥିଲେ । ସେ ମୋ ପାଖ୍ କିଛି ଟଙ୍କା ପଠେଇଛନ୍ତି ଓ କହିଛନ୍ତି ମାସକୁ ମାସ ଆପଣଙ୍କ ପାଖ୍ ପଚିଶ ଟଙ୍କା ପଠାଇବାକୁ ।"

"କାହିଁକି ତାର କଣ ପଇସାଗୁଡ଼ା ବହୁତ ହେଲାଣି ନା କିଣ ?"

"ନାଇଁ ମା, ଯୋଉ ଟଙ୍କା ଆପଣଙ୍କୁ ଦେବାଲାଗି ସେ ମୋ ପାଖ୍ ପଠେଇଛନ୍ତି, ସେତକ ଆପଣଙ୍କୁଇ ମିଳିବା ଦରକାର ତ ?"

"ତାକୁ ମୁଁ ଯାହା କହିଚି ସବୁ ଲେଖ । ଆଉ କହିବ ଯେ ମୁଁ ଯ୍ୟା ଲେଖିବାକୁ କହିଚି ।"

"ସେ ଆଉ ନାହାନ୍ତି, ମା ।"

"ମାନେ ?"

"ସମସ୍ତେ କଣ ଅଉ ଶହେ ବର୍ଷ ବଞ୍ଚିବେ ?"

"ମୋ ଛୁଆ !"

"ତାଙ୍କର କାଳ ହେବାର ତିନିମାସ ହୋଇ ଗଲାଣି ।"

ଆମର କଥାବାର୍ତ୍ତା ସେଇଠି ଅଟକି ଗଲା । ମୁଁ ବି କିଛି କହିପାରିଲି ନାହିଁ । ସେ ବି କିଛି କହିଲେ ନାହିଁ । କ୍ଷଣକ ଲାଗି ଦୁହିଁଙ୍କ କଣ୍ଠ ରୁଦ୍ଧ ହୋଇଗଲା । ସେ କଣକଣ ନ କହିବ । ଆଉ ମୋତେ କଣ କଣ ଶୁଣିବାକୁ ନ ପଡ଼ିବ ! ତା ବ୍ୟଥା ମୋ ଭିତରେ ପୂରି ରହିଥିଲା । ବନ୍ଧୁଙ୍କର ସ୍ମୃତିରେ ମୋ ଆଖିରୁ ଅଶ୍ରୁଧାର ବୋହୁଥାଏ । ସେ ଦେଖିଲେ—ମୋ ଆଡ଼େ ନିରେଖି ଦେଖିଲେ । ତା ପରେ ଟିକିଏ ରହି କହି ପକେଇଲେ, "ପୁଅ, ତମ ବୟସଟା କେତେ ହେବ କହିଲ ?"

"ପଚିଶ ବର୍ଷ ।"

"ତା ହେଲେ ମୁଁ ବୟସରେ ତମଠୁଁ ତିରିଶବର୍ଷ ବଡ଼ । ତମେଇ ନିଜେ କହିଲ ନା, ମୁଁ ବଡ଼ ବୋଲି ? ହଁ, ଆୟୁରେ ତ ମୁଁ ତମଠୁଁ ବଡ଼, କି ନା ?"

Digitized by PPRACHIN, SOA

"ଆମ୍ଭରେ, ଅଭକ୍ତତାରେ, ସବୁଥିରେ ମା ।"

"ତା ହେଲେ ଶୁଣ, ଏ ଜୀବନ ତ ପାଣି ଫୋଟକା । ସେ କଣ ସ୍ଥିର ହୋଇ ରହିପାରେ ? ତମେ କାନ୍ଦୁଚ କାହିଁକି ? ତମ ସାଙ୍ଗଟି ଆଉ ଏ ଦୁନିଆଁରେ ନାହିଁ ବୋଲି ? କିଏ ନ ମରିବ ? ପାଣ୍ଡବ ମଲେ, କୌରବ ମଲେ । କହିଲ, କିଏ ନ ମରେ ? ଏ ଦେହଟା ତ ଗୋଟାଏ ଛିଣ୍ଡା କୁରୁତା, କୁରୁତା କଣ ଛିଣ୍ଡେ ନାହିଁ ? ଚିରା କୁରୁତା ପିନ୍ଧିକରି କଣ ପ୍ରାଣ ଜୀଇ ରହିବ ? ଯଶୋବନ୍ତର କୁରୁତା ଛିଣ୍ଡି ଯାଇଥିଲା । କାଲି ମୋର ଏଇ ହାଡ଼ ଦିଖଣ୍ଡ ଓ ଚମଡ଼ା ପିଞ୍ଜରାଟା ବି ଯିବ । ତା ଆରଦିନ ପୁଣି ତମର ବି ଏଇ ଦଶା ହବ ।"

"ଠିକ୍ କଥା ।"

"ଠିକ୍, ଯେବେ ମାନବ ହେବ, ମାନବୀଇ ଦରକାର । ଯେ ସ୍ତ୍ରୀକୁ ମିଛ ମଣିବ, ସେ ମଣିଷଇ ନୁହେଁ । ଯଶୋବନ୍ତ ମରିନାହିଁ । ଆଉ ମରିବ ନି । ସେ ବର୍ତ୍ତମାନ ସୁଦ୍ଧା ମୋ ଆଖି ଆଗରେ ରହିଚି । ମଲା ତ ତାର ଜାମାଟା । ଭଗବାନ୍ ମୋ ପୁଅକୁ ତା ପାଖ ଡାକି ନେଇ ଗଲା । ତାକୁ ତାର ଦରକାର ଥିଲା । ମୁଁ ବୁଢ଼ୀଟା ଯେବେ କହିବି, 'ମୁଁ ବି ଯାଉଚି,' ତା ହେଲେ ସେହି ଭଗବାନ ମୋତେ କହିବ, "ରହିଯା, ରହିଯା, ଯେତେବେଳେ ଡାକିବି, ସେତେବେଳେ ଆସିବୁ ।" ସେ ଆଗ ଡାକୁ । ଯଦି ସେ ଡାକିବନି, ତାହେଲେ ମତେ ସ୍ତେ କଷ୍ଟ ସହିବାକୁଇ ପଡ଼ିବ । ତା ଡାକିବାରେ କାନ୍ଦିବା ଠିକ୍ ନୁହେଁ ।" "ହଁ ମା', ଏମିତିକା ଦୃଷ୍ଟି ସମସ୍ତଙ୍କର ଥିଲେ ହବ ନା ? ସ୍ତେ ବଡ଼ କଠିନ କଥା ମା' ।"

"ଏମିତି ଦୃଷ୍ଟି ହବା ଦରକାର । ତାହେଲେ ମୋ ପୁଅ ମରି ଯାଇଛି ?"

"ହଁ, ଛଅମାସ ହେଲା ବମ୍ବେରେ ତାଙ୍କର କାଳ ହେଲା । ମୁଁ ସେତେ-ବେଳେ ସେଠିକି ଯାଇଥିଲି । ତାର ଆସିଥିଲା, ମୋର ସାଙ୍ଗଥିଲେ, ସେଇଥିପାଇଁ । ଖାଲି ଶବ ଦେଖିବାକୁ ପାଇଲି, ଜୀବିତ ଦେଖି ପାରିଲି ନି ।"

"ତା ଲାଗି ଭାଗ୍ୟ ଥିବା ଦରକାର ।"

"ହଁ ମା, ହଁ । ସବୁ କଥା ପାଇଁ ଦରକାର । ତେବେ ମୁଁ ଆପଣଙ୍କୁ ଦବା ଲାଗି ଅଳ୍ପ କିଛି ଟଙ୍କା ଆଣିଛି କିନା ? ତାଙ୍କର ଟଙ୍କା ଯାହା ସେ ଦେଇଛନ୍ତି, ଦବା ଦରକାର କି ନା ? ତାଙ୍କ ଋଣତ ମୋର ଶୋଧ କରିବା ଉଚିତ ।"

Digitized by PPRACHIN, SOA

"ମୁଁ ସେ ଟଙ୍କା ପଇସା ନେଇ କଣ କରିବ, ପୁଅ । ପାଞ୍ଚ ଦଶଟଙ୍କା ଦେଲେ ନେବି ପଛେ ।"

"ଆଉ ମୁଁ ସ୍ବାକୁ ରଖିକରି କଣ କରିବି ? ମୋର ବି ରୋଜଗାର ଅଛି । ତା ଛଡ଼ା ତାଙ୍କ ଟଙ୍କା ମୋ ପାଖରେ ରଖିବା ଉଚିତ ନୁହେଁ । ମା', ମୁଁ ତାଙ୍କ କୁଳର ନୁହେଁ କି ଗୋତ୍ରର ନୁହେଁ । ମଲାବେଳେ କେତେ ହଜାର ଟଙ୍କାର ପୁଞ୍ଜି ମୋ ହାତରେ ସମର୍ପି ଦେଇ ଖଣ୍ଡିଏ ଚିଠିରେ ମୋତେ ଲେଖିଚନ୍ତି ଯେ ଏ ଟଙ୍କାକୁ ଯାହା ମୁଁ ଉଚିତ ମନେ କରିବି ତହିଁରେ ଦେଇ କରିବି । ସେ ଯେବେ କାମରୁଜ୍ଞକ କହି ଯାଇଥାନ୍ତେ, ତାହେଲେ ମୋର କୋଉ କଥାକୁ ଭାବନା ନ ଥାନ୍ତା । ମୁଁ ତ ଏଇଲି ଭାବି ପାରୁନି କଣ କରିବି ?"

"ସତ କହୁଚ ?"

"ମା', ଆପଣଙ୍କ ଆଗରେ କଣ ଏତେ ଦୂରରୁ ମିଛ କହିବାକୁ ଆସିଚି ?"

"ମୋର ଗୋଟାଏ କଥା ମନକୁ ଆସୁଚି ।"

"କହନ୍ତୁ, କି କଥା ।"

"ସେ ତ ମୋ ଲାଗି ପଚାଶ ଟଙ୍କା ପଠେଇବାକୁ କହୁଚ । ତଥାପି ମୋର ପାଞ୍ଚ ଟଙ୍କାରେ ଖୁବ୍ ଚଳିଯିବ । ତାହେଲେ ପ୍ରତି ମାସ କୋଡ଼ିଏ ଟଙ୍କା ବଳିବ ।"

"ହଁ ବଳିବ ।"

"ତାହେଲେ ସେଇ ଟଙ୍କାରେ ମୋ ପୁଅ ନାଆଁରେ ଗୋଟାଏ କାମ କରାଇ ଦବ ।"

"କି କାମ ? କହନ୍ତୁ ।"

"ଆମ ଗୁଡ଼ାରେ ବୈଦନାଥଙ୍କୁ କେହି ଆଉ ପଚାରିବାକୁ ନାହିଁ । ଏ ଇଲାକାରେ ସେଇ ଗୋଟିଏ ବୋଲି ଦେଉଳ । ଆଗେ ଶହ ଶହ ବ୍ରାହ୍ମଣଙ୍କ ଘର ଏଠି ଥିଲା, ଆଜି ଦଶଘର ବି ନାହାନ୍ତି । ସମସ୍ତେ ଏଠା ଗୁଡ଼ ଛାଡ଼ି ଗୁଲଗଲେଣି । କାହିଁକି ଜାଣିଛ ? ସେମାନେ ବୈଦନାଥଙ୍କୁ ସୁଧ ଗଣିବା ଗୁଡ଼ ଦେଇଥିଲେ । ଭଗବାନ୍ ତାଙ୍କୁ ଆଉ ଅଭୟ ଦେଲେ ନି । ନଇଲେ ବୈଦନାଥଙ୍କ ଦେଉଳର ଏମିତି ଅବସ୍ଥା ହୁଏ ? ତା ଚାରିକଡ଼ ଅରମା ଜଙ୍ଗଲ ବି ସଫା ସୁତୁରା କରୁନାହାନ୍ତି, ଦେଉଳର ଛପର କାଛ ସବୁ ପଡ଼ି ଗଲେ ବି ଗାଁ ବାଲାଙ୍କର ଖାତିର ନାହିଁ । ବୈଦନାଥଙ୍କୁ ଆଉ କେହି

Digitized by PPRACHIN, SOA

ପସନ୍ଦ କରୁନାହାନ୍ତି । ଆମେତ ଖାଲି ନାଆଁକୁ ବ୍ରାହ୍ମଣ । ଆମର ଆଉ ବ୍ରାହ୍ମଣପଣ କଣ ବାକିରହିଚ ? ଭଗବାନ୍ ନ ଥାଇ ବ୍ରାହ୍ମଣପଣ ଥିଲେ କେତେ ନ ଥିଲେ ବା କେତେ ?"

"ମାଆ, ଯେବେ କିଛି ମନରେ ଭାବବନି ତାହେଲେ ଗୋଟାଏ କଥା ପଚାରିବି କି ?—ଭଗବାନ୍ ଅଛନ୍ତି ନା ନାହିଁ ? ମୋର ଏ ସନ୍ଦେହ ବରାବର ଆସେ ।"

"ତୁମେ ବି ମୋର ଯଶୋବନ୍ତର ଦଳର ପରି ଲାଗୁଛ । ହଉ ତେବେ···।"

"ମାନେ ?"

"ଯଶୋବନ୍ତ ବି କେତେଥର ମତେ ଏହି କଥା କହିଛି । ସେଇଥିପାଇଁ ତାକୁ ଏତେ କଷ୍ଟ ଭୋଗିବାକୁ ପଡ଼ୁଛି । ଭଗବାନ୍‌ଙ୍କ ଉପରୁଇ ତାର ବିଶ୍ୱାସ ତୁଟି ଯାଇଥିଲା । ତୁଟି ଯାଇଥିଲା ମାନେ ଚାଲିଯାଇ ନ ଥିଲା ।"

"ଆପଣ କଣ କହୁଛନ୍ତି ? ଠିକ୍ କରି ବୁଝି ପାରୁନାହିଁ ।"

"କଥା ହଉଚ, ଯିଏ ସବୁ ବିଶ୍ୱାସ କରନ୍ତି ବାପା, ଯେ ସେ ଅଛି, ତାଙ୍କ ଲାଗି ସେ ଅଛି । ତା ଉପରେ ବିଶ୍ୱାସ କରିବାର ମାନେ ଚାକିରି କରିବା ନୁହେଁ । 'ମତେ ଏହା ଦିଅ, ତା ଦିଅ, ଯେବେ ଦବ, ତାହେଲେ ତମେ ଖୁବ୍ ଭଲ; ନ ଦେଲେ ଖୁବ୍ ଖରାପ ।' ଏମିତି କଥା ଭଗବାନ୍‌ଙ୍କୁ ବିଶ୍ୱାସ କଲାଲୋକ କହେନା । ଦେବନକର୍ତ୍ତାଙ୍କ ଦେଉଳରେ ଭଗବାନ୍ ଅଛନ୍ତି, ଆଉ କୋଉ ଜାଗାରେ ନାହାନ୍ତି ଏମିତି କଥା କହିବା ବି ଠିକ୍ ନୁହେ । ଜାଣିବା ଶୁଣିବା ଲୋକ କହନ୍ତି, ସେ ସବୁଠି ରହିଚ । ଏଇ ଆଖିରେ ଦେଖିଲେ ସଂସାରର ସବୁ ଜିନିଷ ଭଗବାନ୍, ପ୍ରାଣୀ ମାତ୍ରକେ ଭଗବାନ୍ । ଏ ଜୀବ, ସେ ଜୀବ, ଏହି ପ୍ରାଣୀ, ସେ ପ୍ରାଣୀ, ଏମିତି ଭେଦଭାବ କରିବାର ନୁହେଁ । ଆମ ଭିତରେ ଯେମିତି ଭଗବାନ୍ ଅଛି, ଆଉ ଜୀବ ଭିତରେ ବି ସେଇମିତି ରହିଛି, ଏମିତି ବିଶ୍ୱାସ ରଖିବ ତ ତହିଁରେ ଭଗବାନ୍‌ଙ୍କ ରହିବାର ସାର୍ଥକ ଫଳ ଅଛି । ଆଉ ଖାଲି ମୁହଁରେ 'ଭଗବାନ୍ ଅଛନ୍ତି' କହିବାର କିଛି ମାନେ ନାହିଁ ।"

"ସତ କଥା । ତାହେଲେ ଯାହା ଟଙ୍କା ସାଙ୍ଗରେ ଆଣିଚି, ସେତକ ଆପଣଙ୍କୁ ସମର୍ପି ଦେଇ ଶଙ୍କର ହେଗ୍‌ଡେ ଘରକୁ ଯିବାକୁ ଅନୁମତି ମାଗୁଛି । ତାଙ୍କୁ କହିଥିଲି

Digitized by PPRACHIN, SOA

ଯେ ଖାଇବା ବେଳକୁ ଲେଉଟି ଯିବ । ମୋତେ ତାହେଲେ ଯିବାକୁ ଆଜ୍ଞା ହଉ ।”

“ଗଣ୍ଡେ ଭାତ ଖାଇକରି ଯାଅ । ଘରକୁ ଅତିଥି ଆସିଲେ ତାଙ୍କୁ ଖାଇବାକୁ ଦେବା ମୋର ଧର୍ମ, ଆଉ ଖାଇବା ତମର ଧର୍ମ ।”

“ନା ମାଆ, କହି ମୁଁ ଟଙ୍କା ଗଣି ଲାଗିଲି ।”

“ମୁଁ ତମ ଟଙ୍କା ଛୁଇଁବି ନା ।”

“ମୋର ନୁହେଁ । ଆପଣଙ୍କ ପୁଅଙ୍କର । ଯେବେ ଆପଣ ନେବେନାହିଁ, ତା'ହେଲେ କହନ୍ତୁ ଆପଣଙ୍କ ପୁଅଙ୍କ ସନ୍ତୋଷ ପାଇଁ ମୁଁ ଆଉ କଣ କରିପାରେ ?”

“ତମେ ଜିଦ୍ଦ କରୁଚ ।”

“ଆପଣଙ୍କ ଜିଦ୍ଦ ପରି ।”

“ଆଗେ ଖାଇଦିଅ, ତାପରେ କଥା ହେବ ।”

ବୃଦ୍ଧାଙ୍କ ହାତର ଉଆଁରି ପ୍ରୀତିଭୋଜନ କରିବାକୁ ଦିଘଣ୍ଟା ଲାଗିଗଲା । ତାଙ୍କୁ ତ ସନ୍ତୋଷ ହେଲା; କିନ୍ତୁ ସେ ଖାଇଛନ୍ତି କି ନାହିଁ ଜାଣିବା ଆଗରୁ ମୁଁ ତାଙ୍କୁ କହି ଦେଲି, “ହଉ ଏଇଲା ଆପଣଙ୍କ କଥା କହିବେତ ?”

“ମୁଁ, ତମେ ଆଉ ସମସ୍ତେ, କିଛି ସମୟ ଆସିକରି ଗୁଲିଯିବାର ଲୋକ । କିନ୍ତୁ ମଣିଷ ଜନ୍ମ ତ ସେମିତି ନୁହେଁ । ତମର ବାପ ଥିଲେ, ତାଙ୍କ ବାପ ବି ଥିଲେ । ଏଇମିତି ବଢ଼ିଆସେ ମଣିଷର ପରମ୍ପରା । ତମର ସନ୍ତାନ ବି ଆଗକୁ ବଢ଼ିବେ । ମୁଁ ନ ଥିବି କି ତମେ ନ ଥିବ; କିନ୍ତୁ ତେବେ ବି ଯାହା ଉପରେ ଆମେ ବିଶ୍ୱାସ କରୁଥାଉଁ, ସେ ତ ରହିଯିବ । ତାହେଲେ ଦେଖ, ବେନକସ୍ୱା ଆମର ଠାକୁର ଆଉ ତାଙ୍କ ଉପରେ ଆମର ବିଶ୍ୱାସ ବି ରହିଛି । ଯଶୋବନ୍ତର ବାପ ଅଜାଙ୍କର ବି ତାଙ୍କ ଉପରେ ବିଶ୍ୱାସ ରହିଥିଲା । ତାଙ୍କର ଘର ଉଜୁଡ଼ିଗଲା, କିନ୍ତୁ ବଂଶଟା ତ ବର୍ତ୍ତିକରି ରହିଛି । ତାଙ୍କର କୁଳଦେବତା ବି ସେଇ । ମୁ ଭାବୁଚି ଆମେ ତାଙ୍କୁ ଭୁଲିବା ଉଚିତ ନୁହେଁ ।”

ତାଙ୍କର ସେଇ ବୁଲାଣିଆ କଥାରୁ ତାଙ୍କର ଗୋଟିଏ ଗୁପ୍ତ ଇଚ୍ଛା ମୋତେ ଦେଖାଗଲା । ଆଉ ମୁଁ ବିମନା ହେଲିନା । ଠିକ୍‌କରି ନେଲି ଯେ ମୋର ବନ୍ଧୁଙ୍କର

Digitized by PPRACHIN, SOA

ସ୍ୱ ,ଉରକ୍ଷା ଆଉ ତାଙ୍କର ଉପମାତାଙ୍କର ପ୍ରିୟ ଇଚ୍ଛାଟି ପୂର୍ଣ୍ଣ କରିବାଠୁଁ ବଳି ବଡ଼ କର୍ତ୍ତବ୍ୟ ଆଉ ନାହିଁ । କହିଲି, "ମା, ଆଉ ଆପଣଙ୍କୁ କିଛି ବଢ଼େଇକରି କହିବାକୁ ହବ ନାହିଁ । ମୁଁ ଆପଣଙ୍କର ଇଚ୍ଛାଟି ବୁଝି ପାରିଛି । ଆପଣଙ୍କ ଯଶୋବନ୍ତର ଟଙ୍କା ଆପଣଙ୍କର ନୁହେଁ, ଏକଥା କେମିତି ହବ ? ପଚିଶି ଟଙ୍କାର ତ କଥାଟିନାହିଁ । ଆଉ ଟଙ୍କା ପଇସାର କିଛି କଥାକ ରହିଲାନି । ତାହେଲେ ଯେବେ ଆପଣଙ୍କର ପାଳିତ ପୁଅଙ୍କ ନାମରେ ବେନକସ୍ୱାଙ୍କ ମନ୍ଦିରର ମରାମତି କରାଯାଏ, ତାହେଲେ ଠିକ୍ ହବ ନା ?"

ମୋ କଥା ଶୁଣି ସେ ଚୁପ୍ ହୋଇଗଲେ । ମୋର ମନେହେଲା ଯେମିତି ମୋ କଥାରେ ତାର ବିଶ୍ୱାସ ହେଉନାହିଁ । ଭରସା ଦେଇ ମୁଁ କହିଲି, "ଯେ ଯାକେ ଏ କାମର ବ୍ୟବସ୍ଥା ନ କରିଛି, ସେ ଦିନଯାକେ ଏ ଗାଁ ଛାଡ଼ି ଯିବିନାହିଁ । ମୁଁ ରୋଜ ଆପଣଙ୍କ ସାଙ୍ଗରେ ଦେଖା କରିବି । ଆପୁଣ କିଛି ଚିନ୍ତା କରିବେନି । ଆପଣଙ୍କ ପୁଅଙ୍କର ପୁଣ୍ୟ ଜୋରରେ ବେନକସ୍ୱାଙ୍କ ଦେଉଳ ଆଗପରି ହୋଇଯିବ । ହଉ, ଏଇଲି ଆପଣ ଯାଇ ଖାଇବା ହୁଅନ୍ତୁ ।"

"ଆଜି ଖାଇବି କେମିତି ? ତା ନ କରି ମୋ ପୁଅ ନାଁରେ ଭଗବାନଙ୍କ ଜପ କରିବି ।" ଏତିକ କହି ସେ ମୋତେ ବିଦାୟ ଦେଲେ । ମୁଁ ଶଙ୍କର ହେଗଡ଼େଙ୍କ ଘରକୁ ବାଟ ଧରିଲି । ମୋ ମନରେ ଦୁଇଟି ଭଙ୍ଗା ଦେଉଳ ଠିଆ ହୋଇଗଲେ—ଗୋଟିଏ ପଥର ମାଟିରେ ତିଆରି ବେନକସ୍ୱାଙ୍କ ଦେଉଳ, ଆଉ ଆଉଟି ହାଡ଼ ମାଉଁସରେ ତିଆରି ଦେଉଳ, ଯାହାର ଅଧିଷ୍ଠାତ୍ରୀ ଦେବୀ ହେଲେ ପାର୍ବତମ୍ମା । ମୁଁ ଏହି ସନ୍ତୋଷ ଭିତରେ ଡ଼ୁବି ରହିଥାଏ, ଏତିକବେଳେ ମୋର ବନ୍ଧୁଙ୍କର ତିଆରି ଛବିଟିଏ ମନେ ପଡ଼ିଗଲା । ଯେଉଁଦିନ ପ୍ରଥମ କରି ସେଇଟିକି ଦେଖିଥିଲି, କୌଣସି ବିଶେଷ ଭାବ ସେଦିନ ମନକୁ ଆସି ନ ଥିଲା । ମୋର ଅନୁମାନରୁ ବୁଝିଥିଲି ଯେ ତହିଁରେ ସେ ଖଣ୍ଡାଲାର ଗୋଟିଏ ଦୃଶ୍ୟ ଦେଖାଇଛନ୍ତି । ସେ ଚିତ୍ରଟିର ବିଷୟବସ୍ତୁରେ ଏମିତି କିଛି ବିଶେଷ କଥା ନାହିଁ—ଗୋଟିଏ ସାଧାରଣ ଚୋଗିଣା ଗାଈ ଗୋଟିଏ ଚରାଭୂଇଁରେ ଠିଆ ହୋଇଛି । ତା ପାଖରେ ଗୋଟିଏ ବାଛୁରି, ଯାହାର କି ସେ ଗାଈ ସାଙ୍ଗରେ କିଛି ସମ୍ବନ୍ଧ ଥିବାପରି ଲାଗୁନାହିଁ । ସେ ଗାଈର ସେ ବାଛୁରି ନୁହେଁ । ମଇଁଷିର ବାଛୁରି ଥିଲା, ଆଉ ତା ଚେର ଚୁଟୁମୁ ଥିଲା । ଗାଈ ତା ଦେହକୁ ଗୁଣ୍ଡୁଥାଏ । ମୁଁ ଭାବିଥିଲି; ବାଛୁରିର ରଙ୍ଗଟା କଳା ବୋଲି ସେଇଟି ମଇଁଷି ବାଛୁରି ପରି ଲାଗୁଛି । ଟିକିଏ ଆଗରୁ ଯେଉଁ ପାର୍ବତମ୍ମାଙ୍କୁ ଦେଖିଥିଲି, ତା କଥା ମନେ ପଡ଼ିବାରୁ ମୋର କଳ୍ପନା ଆଉ କିଛି

Digitized by PPRACHIN, SOA

ହୋଇଗଲା । ପ୍ରକୃତରେ ସେ ଚିତ୍ରଟିତ ଯଶୋବନ୍ତ ବାବୁଙ୍କର ଆତ୍ମକାହାଣୀ ହୋଇଥିବ । ପାର୍ବତମ୍ମା ହେଉଛି ସେ ଗାଈ ଆଉ ମଇଁଷି ବାଛୁରୀ ହେଲା ଯଶୋବନ୍ତ । ମୋର ମନେ ହେଲା, ନିଜର କୋଳର ଛୁଆଠୁ ବଳିକରି ମମତା ପାର୍ବତମ୍ମା ଯଶୋବନ୍ତଙ୍କୁ ଦେଇ-ଥିଲା । ତେଣୁକରି ସେ କୃତଜ୍ଞତା ହେତୁ ଏହି ଚିତ୍ରଟି ଆଙ୍କିଥିଲେ । ମୋର ଏ ଧାରଣା ସତ କି ମିଛ ତା ମୁଁ କହି ପାରିବିନି ଠିକ୍‌କରି, ତେବେ ମୋତେ ତ ସ୍ନେହ ସତ ପାଖାପାଖି ପରି ଲାଗୁଛି । ଚିଡ଼ିଆଖାନାରେ କୁକୁରୀ ବାଘଛୁଆକୁ ବି ଦୁଧ ଦେଇ ବଡ଼ କରେ । ସ୍ତ୍ରୀ ଜାତିରେ ମାତୃଭାବ ଗୋଟାଏ ସ୍ୱଚନ୍ଦ ଜିନିଷ । ସେ ଭାବର ଯେବେ ପ୍ରକାଶ ନ ହୁଏ, ତାହେଲେ ନାରୀର ଜୀବନ ମରୁଭୂମି ହୋଇଯାଏ । ସନ୍ତାନହୀନା, ଅଭାଗିନୀ ସ୍ନେହ ପାର୍ବତମ୍ମା । ଯଶୋବନ୍ତ ବାବୁଙ୍କର ମା' ବଞ୍ଚିଥିଲାବେଳେ ତାଙ୍କ ସ୍ୱାସ୍ଥ୍ୟ ସଦାବେଳେ ଖରାପ ରହୁଥିଲା । ସେତିକିବେଳେ ପାର୍ବତମ୍ମା ତାଙ୍କର ମାଆ ହୋଇଗଲା । ସେ ସତ-ସତିକା ମା' ହୋଇଗଲା । ଯଶୋବନ୍ତ ବାବୁ ଏହି ଉପକାର କେବେହେଲେ ଭୁଲି ନାହାନ୍ତି । ଏମିତି ଦେଖିବାକୁ ଗଲେ, ଅନ୍ୟମାନଙ୍କ ପରି ସ୍ତ୍ରୀକୁ ବି ଭୁଲିପାରିଥାନ୍ତେ; କିନ୍ତୁ ସେ ଭୁଲି ନ ଥିଲେ । ଏହା ତାଙ୍କର ମହତ୍ତ୍ୱ ପ୍ରମାଣ କରେ ।

ଗାଁକୁ ଫେରିଯିବା ପରେ, ଯଶୋବନ୍ତ ବାବୁଙ୍କର ଅଙ୍କିତ ଚିତ୍ରଟିକୁ ମୁଁ ବାରମ୍ବାର ଦେଖିବି, ତା'ହେଲେ ଯଶୋବନ୍ତ ବାବୁଙ୍କ ଗୁଣ ଗରିମା ଭୁଲି ପାରିବିନି । ତାଙ୍କ ଜୀବନରେ ଧନ୍ୟତା ଆଣି ଦେଇଥିଲେ ଯେଉଁ ପତ୍ନୀପୁତ୍ର, ତାଙ୍କ ପ୍ରତି ମୋର ସ୍ନେହ-ଭାବ ଗୁଲିଯିବାକୁ ବସିଲା । ମୁଁ ଯଶୋବନ୍ତ ବାବୁଙ୍କର ପକ୍ଷ ନେଇଛି । ତାଙ୍କର ଗଳ୍ପଟି ଆଉ କିଛି ଅଲଗା ବି ହୋଇଥାଇପାରେ, କିଏ କହିବ ? ସ୍ତ୍ରୀକୁ ଜାଣିବାକୁ ଚେଷ୍ଟା କରିବା ଦରକାର । ପ୍ରାରମ୍ଭିକ ଜିଜ୍ଞାସାର ସମାଧାନ ତ ପାର୍ବତମ୍ମା କରିଦେଇଛି । କୁମଟାର ତାଙ୍କର ବନ୍ଧୁବାନ୍ଧବଙ୍କ ବିଷୟରେ ତାକୁ ଶଙ୍କର ହେଗ୍‌ଡ଼େଠାରୁ ଅଧିକ ଜଣା । ମୁଁ ଭାବୁଥିଲି ଯେ ଯଶୋବନ୍ତ ବାବୁଙ୍କ ସ୍ତ୍ରୀଙ୍କ ନାମ "ଜଲଜା" ହୋଇଥିବ । ଏଇ ବିଷୟରେ ଦୃଢ଼ ବିଶ୍ୱାସ ହୋଇଯାଇଥିଲା । ପାର୍ବତମ୍ମା କଥାଟା ପରିଷ୍କାର କରିଦେଲା—ଜଲଜା ମାନେ କମଳା । କମଳା ମାନେ ଯଶୋବନ୍ତ ବାବୁଙ୍କର ସ୍ତ୍ରୀ ।

Digitized by PPRACHIN, SOA

ଛଅ

ମୁଁ ଏଇ ଆଶାରେ ଚାଲି ଆସିଥିଲି ଯେ ଘଣ୍ଟେ ଦି ଘଣ୍ଟା ପାଟଶ୍ରୀମା ସାଙ୍ଗରେ କଥାବାର୍ତ୍ତା କରି ଗାଁଆକୁ ଲେଉଟି ଯିବି; କିନ୍ତୁ ମୋତେ ବେନକନ-ହଲ୍ଲିରେ ଦିନଦିନ ରହିଯିବାକୁ ହେଲା । ତହିଁରେ ମୋର ଲାଭହେଲା, କିଛି ଲୋକ-ସାନ ହୋଇନାହିଁ । ମନୁଷ୍ୟ ପ୍ରକୃତିକୁ ଏତେ ପାଖରୁ ଦେଖିବାର ସୁଯୋଗ ମିଳିଲା । ଏ ସୁଯୋଗ ନିଶ୍ଚୟ ସୁନ୍ଦରତ; କିନ୍ତୁ ଏହାର ଅର୍ଥ ନୁହେଁ ଯେ ପ୍ରତ୍ୟେକ ମଣିଷର ସ୍ୱଭାବ ସୁନ୍ଦର । ଶଙ୍କର ହେଗ୍‌ଡ଼େଙ୍କ ଘରକୁ ଫେରି ଆସିଲି, ଆସିବା ମାତ୍ରେ ତାଙ୍କର ସମାଧାନର ପ୍ରସ୍ତୁତ ଚାଲିଲା । "ଏତେବେଳ ଯାକେ କଣ କଥାବାର୍ତ୍ତା କରୁଥିଲେ ?" ଏଇ ପ୍ରଶ୍ନଟିର ଗୋଟାଏ ସନ୍ତୋଷଜନକ ଜବାବ ଦେଇ କରି ତାଙ୍କୁ ଖୁସି କରିବାର ଥିଲା କିନା ! ଫେରିବାକୁ ଏତେ ଡେରି ହେଇଗଲା ସେ ଗୋଟାଏ ଭୁଲ; ତାଙ୍କ ଘରେ ଖାଇଲି ନାହିଁ ସେ ଆଉ ଗୋଟିଏ ଭୁଲ । ତା'ଛଡ଼ା ଗୋଟାଠେଇଁ ଯଶୋବନ୍ତ ବାବୁଙ୍କର ମୃତ୍ୟୁର ଖବର ଶୁଣେଇ ସାରିଥିଲି । ତାଙ୍କୁ ଏଠେଇଁ ନ ଶୁଣାଇ କେମିତି ରହିବ ? ଏଥିପାଇଁ ତାଙ୍କ ପ୍ରଶ୍ନର ଅତି ହସିଆର ହୋଇ ଉତ୍ତର ଦେଇ ମୁଁ କହିଲି, "ଏମିତି କିଛି ବିଶେଷ କଥା ତ ନ ଥିଲା; କିନ୍ତୁ ସେଇ ଆଈ ସାଙ୍ଗରେ ଦେଖାକରି ମୋ ମନରେ ତାଙ୍କ ପ୍ରତି ଶ୍ରଦ୍ଧା ଓ ସ୍ନେହଭାବ ଜାଗ୍ରତ ହେଲା—ଯେମିତି କୋଉ ବଡ଼ ଭଉଣୀ କୁ ଦେଖିଲେ ହୁଏ । ତାଙ୍କ ସଙ୍ଗେ କଥାବାର୍ତ୍ତା କଲି । ଯଶୋବନ୍ତ ରାଏ ବାବୁଙ୍କର ପିଲାଦିନ କଥା ଜାଣିବାକୁ ମନ ହେଲା, ତେଣୁ ଏ ବିଷୟରେ ବି ତାଙ୍କୁ କେତେକଥା ପଚାରିଗଲି । ଡେରିର ତ କାରଣ ଏଇ । ସେ ବି ପୁରୁଣାକାଳିଆ ସ୍ତ୍ରୀଲୋକ । କଥାକୁ କେତେ ଲମ୍ବେଇ କରି କହିଲା । ଏଣେ କଥାବାର୍ତ୍ତାରେ ମୋର ମନ ଲାଗିଗଲେ ମୁଁ ବି ମୋ ଖୋଇ ଅନୁଯାୟୀ ବଡ଼ ବଡ଼ ବାକ୍ୟ କହେ ।"

"ସତକଥା", ସେ କହିଲେ, "ସେ ସବୁ ଜାଣେ । ଜାଣେ ମାନେ କଣ ? ଏତିକ ଯେ ଯଶୋବନ୍ତକୁ ସେଇ ପାଳିଛି । ଆମେ ଭାଇ ଭାଇ ହେବୁ, ତେବେ ବି ତାର ଆଉ ମୋ ବାପାଙ୍କର ସମ୍ବନ୍ଧ ଭଲ ନ ଥିଲା । ଅହି ନକୁଳ ସମ୍ବନ୍ଧ ଆମ ଭିତରେ ଥିଲା ।"

Digitized by PPRACHIN, SOA

"ଆପଣଙ୍କ ନାଗ୍ନା ସବୁ କହୁଚନ୍ତ ।"

"ଏଇଲା କେମିତ ଅଛୁ ଯଶୋବନ୍ତ ?" ହେଗ୍ଗଡେ ଆପଣେ ପଗ୍ଚରିଲେ, "କୋଉଠି ଅଛୁ ? ଭଲ ଅଛୁ ତ ? ଦେହପା କେମିତ ତାର ? ଘର ଛାଡ଼ିବା ପରେ କମେଇ କରି କିଛି ରଖିଚ ସେ ?"

"ତାଙ୍କର ପଇସାର ଲୋଭ ନ ଥିଲା ।"

"ସେଇଥିଲାଗି ନା ସବୁ କିଛି ସେ ପାଇଲା । ଆଉ ସରି ନ ଥିଲେ କଣ ଏଠଉଁ ତାକୁ ଦିବାକୁ ହେଇଥାନ୍ତା ? ହଉ ସେ ଯାହା ହେଉ । ତା ଦେହ ଭଲ ଅଛି ତ ?

"ଆଉ ଦେହ କିଛି ଖଗ୍ପ ହବନା ।"

"ମାନେ ?"

"ମରିଗଲେ ଆଉ ବେମାଗ୍ ହୁଏ ନା କଣ ?"

"କଣ ଯଶୋବନ୍ତ ମରି ଯାଇଛୁ ? କାଲିତ ଆପଣ ଯେତେ ପଗ୍ଚରିଲେ କିଛି କହିଲେ ନାହିଁ ?"

"ଏଗୁଡ଼ା କଣ କିଛି ଶୁଣାଇବାର ଖବର ?"

"ଆମର ଅଶୌଚ ହବନା ? ସେ ମରି ଯାଇଛୁ ? କୋଉଠି ? କେମିତ ?" ଏମିତ କହୁଥିବାବେଳେ ମନେ ହେଲାନ ଯେ ମଲାବେଳେ ପୂର୍ବପୁରୁଷଙ୍କ ପ୍ରତି ତାଙ୍କର ମନରେ କିଛି ବିଦ୍ୱେଷ ବାକି ରହିଛି । ସେ ଉଠିକରି ଜଲ୍‌ଦି ଜଲ୍‌ଦି ଭିତରକୁ ଯାଇ 'ଅକ୍‌କା, ଅକ୍‌କା' (ନାନୀ, ନାନୀ) ଡାକ ଲଗିଲେ ଓ ପାଟିକରି କହିଲେ, "ଆମ ଯଶୋବନ୍ତ ମରିଯାଇଚ, ବୁଝିଲୁ !"

ମୁଁ ଶୁଣୁଥାଏ । ଅନେକ ବେଳଯାକେ ସେ ବାହାରକୁ ବାହାରିଲେ ନାହିଁ । ତା'ପରେ ଫେରି କରି ତାଙ୍କ ନାନୀ ମୂକାମ୍ବାକୁ ନେଇକରି ମୋ ପାଖରେ ଆସି ବସିଲେ । ବଡ଼ନାନୀ ମୂକାମ୍ବା କହିଲା, "କାଲି ଖଗ୍ପ ଲଗିଥିବ, ଏଣୁ ଖବରଟା ଦେଇ ନଥିବେ । କାଲି ମୁଁ ଆପଣଙ୍କୁ ଯୋଉ କଥା ସବୁ ଶୁଣେଇଲି, ସେସବୁ ଶୁଣିକରି କେତେ ଦୁଃଖିତ ହେଲେ । ଆମେ ହେଲୁ ଦାସ୍ବାଦ, ଆପଣ ମିଶ, ଆପଣଙ୍କର ଆମର ଖାଲି ଏତକି ଫରକ । ପାର୍ବଣକ ଏ ଖବରଟା ଦେଲେ କ ? ନ ଦେଇଥିଲେ ଭଲ ହୋଇଥା'ନ୍ତା । ତାର ପାଳିତ ପୁଅ ସେ ।"

Digitized by PPRACHIN, SOA

"ନ ଦେଇ କେମିତି ରହିଥାନ୍ତି ? ଯାହାଙ୍କୁ ଶୁଣେଇବା କରୁଛ, ତାଙ୍କୁ ଏକଥା ଶୁଣେଇଦବାର ଦରକାର, ନୁହେଁ କି ?"

"ଏଇଲା ତ ଶୁଣେଇ ଦେଲେ ନା ? କେମିତିକା କାମଟା କରି ଦେଲ ତମେ ? ମୁଁ ଜାଣେ ଯେ ସେ ଆଉ ଦିନ ଗୃହରେ ବି ବଞ୍ଚିକରି ରହି ପାରିବନି।" କହି ସେ ସାଙ୍ଗେ ସାଙ୍ଗେ ସେଠୁ ବାହାରି ଗଲା। ତା ମୁହଁରେ କାଳିମା ପଡ଼ିଯାଇଥିଲା।

"କୁଆଡେ ଯାଉଚୁ ? କୁଆଡେ ଯାଉଚୁ ?" କହି କହି ଯେତେବେଳେ ସାନଭାଇ ତାକୁ ପଚାରିଲା, ସେ କହିଲା "ତତେ ଏତିକି ଅକଲ ନାହିଁ ? ଏଇଲାଗେ ତାର କିଏ ଅଛି ? କିଏ ଆଉ ରହିଚି ? ଆଜିଯାକେ ତ ବାପାଙ୍କର ଶପଥ ମାନି ଚଳିଲି, ଆଉ ମୁଁ ଯେତ୍ତ ପାପ ମୁଣ୍ଡେଇ ପାରିବନି, ଖୁବ୍ ହେଇଚି।" କହି ସେ ବାହାରିଲା। ନିରୁପାୟ ହୋଇ ତା ସାନଭାଇ ହେଟ୍‌ହେଡ଼େ ତାକୁ ସେଠି ପହଞ୍ଚାଇ ଦେଲେ। ସେ ଘଡିକ ଯାକ ଆଉ ସେ ଫେରିଲାନି। ମୁଁ ଏଠି ବସି ବସି ତାଙ୍କର ଶୋକର ଅନୁମାନ ସହଜରେ କରିପାରିଲି।

ଏ ପର୍ଯ୍ୟନ୍ତ ଯୋଉ ଶମ୍ଭୁ ମତେ ଘେରିପଟିଆ କରି ବୁଲୁଥିଲା, ସେ ପିଉସୀ ଓ ବାପ ଚାଲିଯିବା ପରେ ବି ବାହାରିଲା ନାହିଁ। ମୁହିଁ ତା ନାଁ ଧରି ଡାକିଲି। ତା ସ୍ତ୍ରୀ ତାକୁ ଜବର୍ଦସ୍ତି ପଠେଇଥିବ, ସେଇଥିପାଇଁ ଆସି ପହଞ୍ଚିଲା, "ଆସିବା ହଉ, ଆସିବା ହଉ। ଡେରି ଲାଗିଲାଣି। ଟିକିଏ ବେନକସ୍ୟାଙ୍କ ଦେଉଳଯାକେ ବୁଲିଆସିଲେ ହୁଅନ୍ତା।" କହିଲି।

"ଅଶୌଚଆର ଖବର ଶୁଣିଲୁ ପରା ?"

"ଅଶୌଚଆ ମୋର ନୁହେଁ, ଆପଣଙ୍କ ପାଇଁ ସିନା, ଆପଣ ଦୂରରେ ଠିଆ ହେବେ।" କହି ମୁଁ ତାକୁ ସାଙ୍ଗରେ ନେଲି। ଯେଉଁ ବାଟରେ ସେଠୁ ଆସିଥିଲି, ସେଇ ରାସ୍ତା ଧରିଲି। ଶମ୍ଭୁ ମୁଣ୍ଡ ଯୋଡ଼ି ବାଘ ଡରେ ଗାଈ ପରି ମୋ ପଛେ ପଛେ ଗୋଟିଏ ଗୋଟିଏ ଚାଲି ଆସିଲା। ଦିନସାରା ଟାଣ ଖରା ପଡ଼ିଥିଲା; ତେଣୁ ସେଥର ପରି ରାସ୍ତାଟା ଦୁର୍ଗମ ନ ଥିଲା। ଆମେ ଦୁହେଁ ପାଖାପାଖି ଆଗେଇ ଗଲୁ। ଦେଉଳ ପାଖରେ ପହଞ୍ଚିବା ପରେ ସେ ଦୂରେଇ ଠିଆହୋଇ ରହିଲା। ଡୁଙ୍ଗି କରି ଭିତରକୁ ଚାହିଁଲି। ମନ୍ଦିରର ଗର୍ଭଗୃହ ସାମନାରେ ଯେଉଁ ମଣ୍ଡପ ଥିଲା, ତହିଁରେ ଲେଣ୍ଡାଏ ଗୋବର ପଡ଼ିଛି। ସେଇ ବେନକସ୍ୟାଙ୍କ ଅବସ୍ଥା ଦେଖିଲେ ଯାହାର ହଉ ମନ କଷ୍ଟ ହବ। ତାଙ୍କର ଗ୍ରୀବାରେ ବଞ୍ଚିଛି ଯେଉଁ ପାବତମ୍ଭା ତା ପ୍ରାଣଟି ଏହି କଥାରୁ ଶୁଖି ଶୁଖି

Digitized by PPRACHIN, SOA

ଯାଉଛି । ମୁଁ ସହଜରେ ଏକଥା ଅନୁମାନ କରି ପାରୁଛି । ଏହି ମନ୍ଦିରକୁ ପୂରାପୂରି ଭାଙ୍ଗି ଦେଇ ପୁଣିଥରେ ଏକଦମ୍ ନୂଆ କରି ତିଆରି କରିବାକୁ ଦୁଇ ତିନି ହଜାର ଟଙ୍କାରୁ ବେଶି ଖର୍ଚ୍ଚ ଲାଗିବ ନାହିଁ । ଏ କାମ କରି ଦେବାକୁ ହେବ—ମୋ ଲାଗି ନୁହେଁ କି ମୋ ବନ୍ଧୁଙ୍କ ଲାଗି ନୁହେଁ, କିନ୍ତୁ ପାର୍ବତୀଙ୍କର ଭକ୍ତ ଅର୍ଘ୍ୟ ଲାଗି । ଯେବେ ଦେଉଳର ଜୀର୍ଣ୍ଣୋଦ୍ଧାର ଦେଖିକରି ସେ ମରିବ, ତାହେଲେ ମୋର ଗୋଟିଏ ସତ୍କାର୍ଯ୍ୟ ହେବ—ଯେପରି ଯଶୋବନ୍ତ ବାବୁ ବୁଢ଼ୀର ଶ୍ରାଦ୍ଧ ପାଳିବେ ।

ସେଠୁ ଫେରି ମୁଁ ତାକୁ ପଚାରିଲି, "ଆଜ୍ଞା ଶୁଣିଲି ଆପଣଙ୍କ ଗାଁରେ ଦେଉଳ ବୋଲି ଏଇ ଗୋଟିଏ । ଏଠି କଣ ଆଠ ଦଶଘର ବି ବ୍ରାହ୍ମଣ ନାହାନ୍ତି ? ବର୍ଷକୁ ଥରେ ହେଲେ ତ ଆପଣମାନେ ଏଠିକି ନିଶ୍ଚେ ଆସୁଥିବେ ?

"ମାନେ ? ବେନକନ୍ୟାଙ୍କ ଦେଉଳକୁ ନ ଗଲେ ହେବ କେମିତି ? ଆମରି କୁଳ ଦେବତା ପରା ବେନକନ୍ୟା !"

"ତା ହେଲେ ଆପଣଙ୍କର କୁଳ ହଉଚି ଗୋରୁକୁଳ ।"

"ତା ମାନେ ?"

"ଦେଖନ୍ତୁ, ସେଠି ଗୋବର ଲେନ୍ଦାକୁ ଲେନ୍ଦା ପଡ଼ି ରହିଛି । ସେ ଦେଉଳ ହାଲ୍ ଟିକିଏ ଦେଖିଲେ !"

"କଣ କରିବୁ ? ସରକାରଙ୍କ ତରଫରୁ ସାହାଯ୍ୟର ନାଁ ନାହିଁ । ଆଉ ଗାଁ-ବାଲା କିଏ କିଏ କିଛି କରିବେ ନାହିଁ । ଆଉ ଆମେ ଏକୁଟିଆ କଣ ଯାକୁ ତିଆରି କରି ପାରିବୁ କି ?"

ମୁଁ କିଛି ସମୟ ତା ମୁହିଁକୁ ଅନେଇ ରହିଲି । ମୁଁ ତାକୁ ଅପଲକ ଅନେଇ ରହିଥାଏ, ଆଉ ତା କଷ୍ଟ ବି ସେତିକି ବଢ଼ିଯାଉଥାଏ । "ଆପଣ ବାପାଙ୍କୁ କିଛି କହିବେନି ।"—ସେ ମିନତି କଲା ।

"ମୁଁ ତ ଆପଣଙ୍କୁ କଥା ଦେଇଛି । ଆପଣ ପାର୍ବତୀଙ୍କର ଟଙ୍କା ଖାଇଚନ୍ତି । ଏଥିରେ ଆପଣଙ୍କର ଅମଙ୍ଗଳ ହେବ । ତା ଇଚ୍ଛା ଏ ଦେଉଳ ମରାମତି ହେଇଯାଉ । ସେ ଡାକବାଲା ଯା ଖାଇଚି ଖାଇଚି, ତା କଥା ଛାଡ଼ନ୍ତୁ ।" କହି ମୁଁ ତାକୁ ଡରେଇଲି, "ଯେବେ ଆପଣଙ୍କର ଆଉ ଆପଣଙ୍କ ପିଲା ଛୁଆଙ୍କର ଭଲ ଚାହାନ୍ତି, ତା ହେଲେ ଯାହା ଯାହା ଖାଇଚନ୍ତି, ସେ ଟଙ୍କାର ହିସାବ କରି ମୋ ଜିମା କରି ଦିଅନ୍ତୁ ।"

Digitized by PPRACHIN, SOA

"ହଁ, କରଦେବ ।"

"ଏଥିରେ ଆପଣଙ୍କର ବି ମଙ୍ଗଳ ହେବ । ସେତ ଏମିତି କିଛି ବଡ଼ ଦେଉଳ ନୁହେଁ । ଆପଣଙ୍କ ଗାଁ ଲୋକ ପଇସାଦିଅନ୍ତୁ ନ ଦିଅନ୍ତୁ । ଆପଣଙ୍କ କକେଇ ଯଶୋବନ୍ତ ମିସ୍ର ବାବୁଙ୍କର କିଛି ଟଙ୍କା ମୋଠି ଅଛି । ଏ କାମରେ ଆଉ ଯାହା କମ୍ ପଡ଼ିବ, ସେତକ ମୁଁ ମୋଆଡ଼ୁ ଖର୍ଚ୍ଚ କରିବି । ଆପଣ ଆଉ ଆପଣଙ୍କ ବାପା, ଦୁହେଁମିଶି ବର୍ଷକ ଭିତରେ ସ୍ବାର ମରାମତି କରି ଦିଅନ୍ତୁ । ଟଙ୍କା କଥା ମୁଁ ବୁଝିବି । ଏଥରକର ଗଣେଶ ଚତୁର୍ଥୀ କୁ ଆହୁରି ଦଶମାସ ବାକି । ସେଯାକେ ସେ କାମଟା ହୋଇଯିବା ଦରକାର । ପାଞ୍ଚଜଣ୍ମା ଯାହା କହୁବ ସେଇ ଅନୁସାରେ ପୂଜା ମାଡି ଆଉ ଭୋଗର ବନ୍ଦୋବସ୍ତ ହେଉ ।" ମୁଁ ତା ସାଙ୍ଗରେ ସବିସ୍ତାରେ କାମ ବିଷୟରେ କଥାବାର୍ତ୍ତା ହେଲି । ତା ମନଟା ବି ଟିକଏ ହାଲୁକା ହୋଇ ଆସିଲା । ତାଙ୍କୁ ଲାଗିଲା ଯେ ତା ପାପର ପ୍ରାୟଶ୍ଚିତ୍ତ କୁ ଏଇ ସୁବିଧା ଉପାୟ । ସେଠୁ ଫେରି ଆସି ହୋଟେଲ୍‌ରେ ଆପଣଙ୍କ ସଙ୍ଗେ ମଧ୍ୟ ସେହି କଥାର ଖିଅ ଧରିଲି । ସେ ଟିକେ କୃପଣ ମନେହେଲେ । ତା ସତ୍ତ୍ୱେ ମୋ କଥା ସେ ମାନି ନେଲେ ।

"କାଲି ତ ଆପଣ ରହୁବେ ଏଠି ।" ସେ କହୁଲେ "ଗାଁଆ ବାଲାଙ୍କୁ ବି ଡାକି ଆଣେ" ଆଉ ଭଲ ଘର ଲୋକଙ୍କୁ ବି ଡାକିଆଣେ । ସବୁକଥା ଆପଣଙ୍କ ଆଗରେ ଠିକ୍ ହୋଇଯାଉ ।"

"ଲୋକ ଆସନ୍ତୁ ନ ଆସନ୍ତୁ, ଏ କାମର ପୂରା ଦାୟିତ୍ୱ ଆପଣଙ୍କ ଉପରେ ରହିଲା । ଟଙ୍କା ନଅଁ ଟ ପଡ଼ିଲେ ମୁଁ ଦେବି ।"

"ସେଇଆ ହେବ ।" ସେ ଝଅଟ ଜବାବ୍ ନେଲେ । ମୁଁ ଦୂରଗାଁ ଲୋକ, ତାହିଁକୁ ପୁଣି ଅପରିଚିତ । କାଲିକି ଦେଉଳ କାମ ବଢ଼ିଗଲା ଉତ୍ତାରୁ ମୁଁ ପଇସା ଦବାରେ ହରକତ କଲେ, ସେଉଠୁଁ ?—ଏକଥା ବି ତାଙ୍କ ମନରେ ହୋଇଥିବ । ମୋତେ ନେଇ ଆଉ କେତେ ପ୍ରକାରର ସନ୍ଦେହ ବି ହୋଇଥିବ । ତେଣୁ ମୁଁ କହିଲି, "ଘରେ ପହଞ୍ଚିଲା ମାତ୍ରେ ସାଙ୍ଗେ ସାଙ୍ଗେ ଆପଣଙ୍କ ନାଆଁରେ ଦୁଇ ହଜାରହ ଟଙ୍କା ପଠାଇ ଦେବି ।"

ସେ ରାତିକ ଘନଶ୍ୟ ବାବୁଙ୍କ ପରି ପୁରୁଣା କଥା ନେଇ ଆମେ କେତେ ଆଲୋଚନା କଲୁ । ତାଙ୍କ ମନରେ ଦ୍ୱିଧା, ପୂର୍ବପୁରୁଷଙ୍କ ଆଜ୍ଞା ଲଙ୍ଘନ କରିବାଟା ଉଚିତ ହେବ କି ନାହିଁ । ତାଙ୍କୁ ବୁଝେଇ କରି ମୁଁ କହିଲି, "ଆମ ପୂର୍ବପୁରୁଷମାନେ

Digitized by PPRACHIN, SOA

ଭଲ ଭଲ ସମ୍ପ୍ରଦାୟ ଗଢ଼ି ଯାଇଛନ୍ତି, ସେ ସବୁକୁ ଆମର ନଜର କରିବା ଉଚିତ । କିନ୍ତୁ ଅର୍ଥହୀନ ନିୟମଗୁଡ଼ାକ ପାଳନ କରିବା କାହିଁକି ମୁଁ ବୁଝି ପାରୁନାହିଁ । ସେ-ଗୁଡ଼ାକରେ କଣ ଅଛି ? ଧୃତରାଷ୍ଟ୍ର ତାଙ୍କ ପିଲାଙ୍କ କାର୍ଯ୍ୟକୁ ଚୁପ୍ ହୋଇ ଅନୁମୋଦନ କରିଥିଲେ, ତାଙ୍କର କି ଗତି ହେଲା ? ସେ କି ତ ଗୁରୁଜନ, ନା କଣ ? ଏମିତି କେତେ ଲୋକ କେତେ ଘର, କେତେ ଶପଥ ନେବାର ମୁଁ ଦେଖିଛି । ଭଗବାନଙ୍କ ନା ନେଇ ରାଣ ଖାଇବା ଲୋକ ବି କମ୍ ନାହାନ୍ତି; କିନ୍ତୁ ଅନ୍ୟାୟ ଶପଥରୁ ଭଗବାନ୍‌ଙ୍କୁ କି ସନ୍ତୋଷ ମିଳିବ ? ଆଉ ତା ଯେବେ ହଉଥାଏ, ଏମିତିକା ଭଗବାନ୍ ଥାଇ କେତେ, ନ ଥାଇ କେତେ !”

ସେ ରାତିକି ମୁଁ ଶାନ୍ତିରେ ନିଦଗଲି । ମୁଁ ଏକ ସ୍ୱପ୍ନ-ରାଜ୍ୟରେ ବିଚରଣ କରୁଥାଏ—ପାର୍ବତୀ ଆଉ ମୃକାଂବିକାଙ୍କ କଥାବାର୍ତ୍ତା ଶୁଣୁଥାଏ । ମୁଁ ବେଶ୍ ଖୁସି ଥାଏ ।

ତହିଁ ଆରଦିନ ଗାଧୁଆ ଜଳଖିଆ ଶେଷକରି ଶଙ୍କର ହେଗଡ଼େଙ୍କୁ ଜବରଦସ୍ତି ସାଙ୍ଗରେ ନେଇଗଲି ଓ ତଳ ସାହି ଗ୍ରେଇଲି ଘରର ରାମ ହେଗ୍‌ଡ଼େ ଘରେ ପହଞ୍ଚି ଗଲି । ଶଙ୍କର ହେଗ୍‌ଡ଼େ ତାଙ୍କୁ ମୋ ପରିଚୟ ଦେଲେ । କଥା ପ୍ରସଙ୍ଗରେ ଯଶୋବନ୍ତ-ରାୟବାବୁଙ୍କ କଥା ବି ପଡ଼ିଲା । ପାର୍ବତମ୍ମା ବିଷୟ ତ ହୋଇକରିଥିଲି । ରାମ ହେଗ୍‌ଡ଼େ କଥା ପ୍ରସଙ୍ଗରେ ମୋର ବନ୍ଧୁଙ୍କର କେତେ ଗୁଣ ଆଉ ଅବଗୁଣ ବଖାଣିଲେ :

“ମୁଁ ସାନ ପିଲା ଥିଲି, ସେତିକବେଳେ ଯଶୋବନ୍ତ ହେଗ୍‌ଗଡ଼େଙ୍କୁ ଦେଖି ଥିଲି । ଆମ ଦୁହିଁଙ୍କ ବୟସ ପ୍ରାୟ୍ୟ ସମାନ ସମାନ । ମୋ ବାପାଙ୍କ ଠୁଁ ସେ କରଜ ନେଇଥିଲେ । ସେଇ କରଜ ଆଦାୟ ହବ ବୋଲି ତ ଆମେ ସେ ଘରେ ରହିଲୁ ଆସି, ଆମର ଆଗ ଘର ତଳ ପଡ଼ିଆ ଆଡ଼େ ଥିଲା । ଶୁଣିବାକୁ ପାଉଁ, ସେ ବେଳ ଅବେଳରେ ମୋ ବାପାଙ୍କଠୁ କରଜ ମାଗୁଥିଲେ, ବାପା ଦେଇ ଦଉଥିଲେ । ସେତ ଭେଣ୍ଡା ଟୋକା ହୋଇଥିଲେ । ରମା ଦାମା ଅଜଣା ଅଶୁଣା ସମସ୍ତଙ୍କୁ ନେଇ ଦରବାର ବସଉଥିଲେ ଟଙ୍କା କଉଡ଼ି ଦେଇ । ଆମ ଗାଁର କେତେ ଲୋକତ ତାଆରି ପଇସାରେ ଚଳୁଥିଲେ । ମୋ ବାପା ତାଙ୍କୁ କେତେ ବୁଝାଉଥିଲେ, “ଭାଇରେ ଏମିତି ପାଗଳାମି କରି ପଇସା ଖର୍ଚ୍ଚ କରନା ।” ସେ ମନକଲେ ହାତମୁଠା ବନ୍ଦକରି ଦେଇଥାନ୍ତେ । ଏ ଗାଁରେ ମୋ ବାପାଙ୍କରଇ ଖାଲି ବଳକା ଦୁପଇସା ଥିଲା । ଏ ଜମିଟା ଉପରେ ତାଙ୍କର ଆଗରୁ ନଜର ଥିବ । ନ ହେଲେ ଏମିତି ବେହିସାବ ପଇସା ଦେଇଥାନ୍ତେ ?

Digitized by PPRACHIN, SOA

ଆଉ ହାତରେ ଯୋଉଠୁ ପଇସା ଚଢ଼ି ଗଲା, ଆଉ ବୁଦ୍ଧିବୃତ୍ତି ଠିକ୍ ରହିବ କି ? ଯଶୋବନ୍ତ ସୁଧରେ ପଇସା ଧାରୁଥିଲା; କିନ୍ତୁ ସୁଧ ନ ଦେଇ ଆଉମାନଙ୍କ ଭିତରେ ପଇସାକୁ ବାଣ୍ଟିଦେଲା । ତାକୁ ଯେବେ କିଏସେ କହିବ, "ତୁ ତ କର୍ଣ୍ଣ, ତୋ ପରି ଦଧିଚ କିଏ ଅଛି ।" ତା'ହେଲେ ହେ କେଜାଣି କେତେ ବଡ଼ ହେଣ୍ଡି ଟାଏ ମାରୁଥିଲା । ସବୁ ମିଶେଇ, ଲୋକ କିଛି ମନ୍ଦ ନଥିଲା । ବେଶ୍ ଭଲଲୋକ । ନା କଣ ଶଙ୍କର ହେଗଡ଼େ ଆପଣେ ?"

"ଠିକ୍ କଥା । ହଉ ସେକଥା ଛାଡନ୍ତୁ । କଥା ହଉଚି, ଯେଉଁ କହୁଛନ୍ତି ଯାଙ୍କ ପାଖରେ ଯଶୋବନ୍ତର କିଛି ଟଙ୍କା ଅଛି । ତା ସାଙ୍ଗରେ ଆଉ କିଛି ମିଶେଇ ଯଶୋବନ୍ତ ନାଆଁରେ ବେନକଯ୍ୟାଙ୍କ ଦେଉଳର ମରାମତି କରେଇବାକୁ ଯେଉଁ ଚାହାନ୍ତି ।"

ରାମ ହେଗଡ଼େ ଆଖି ଉଜ୍ଜ୍ୱଳ ଉଠିଲା । ତା ମୁହଁରେ ବଡ଼ପଣର ଅହଙ୍କାର ନାଚୁଥାଏ ଯେମିତି । ବେକକୁ ଫୁଲେଇ ଥାଟ ଉପରେ କହିଲା, "ହଁ ଠିକ୍ କଥା । ସେଇ ଗୋଟାଏ କାମ ବାକି ପଡ଼ିଛି । ଆଜି ସୁଦ୍ଧା କାମଟା ହେଇସିବାର ଥିଲା; କିନ୍ତୁ ଯୋଉ କାମଟା କରେଇବା, ସେଇଟା ଭଲକରି ହଉ, ହଁ ! ସେଥିରେ ପାଞ୍ଚ ହଜାର ଲାଗୁ ତ ଦଶହଜାର ଲାଗୁ । କାମଟା ଭଲକରି ହବା ଦରକାର ।"

ମୁଁ ହସି ହସି କହିଲି, "ଏତେ ଗ୍ରେଟ ଦେଉଳ, ତାଲାଗି ପାଞ୍ଚ ଦଶ ହଜାର କଣ ହବ ?"

"ଲାଗିବନି ? ଆଜିକାଲିକାର ଦରଦାମ୍ କଥା ଜାଣୁ ନାହାନ୍ତି ? ଆଉ କାମଟାକୁ ଯେତେବେଳେ କରିବା ଠିକ ହେଲା, ତାହେଲେ ଭଲକରି କରିବାନି କାହିଁକି ? ଟଙ୍କା ହେଲେ ତ ତମ୍ବାଟରେ ଛାଉଣି ବି କରିହେଇ ପାରିବ । ଆଉ ପ୍ରତି ଛଅ ମାସରେ ମରାମତି ଦରକାର ପଡ଼ିବ, ସେ ଭଲିଆ କାମ କରି ଲାଭ କଣ ।"

"ଆପଣମାନେ ଗାଁବାଲା ମିଶିକରି ଉଦାରଭାବରେ ଚାନ୍ଦାଭେଦା ଦିଅନ୍ତୁ । କାମଟି ହେଇଯାଉ । ଯାହା ଫଳ ତ ଆପଣମାନେ ଭୋଗ କରିବେ । ଆଉ ଯଶୋବନ୍ତ ବାବୁଙ୍କ ଅଂଶର ଚାନ୍ଦାଟା ମୁଁ ଦେବ ।" ଏକଥା ଯେତେବେଳେ କହିଲି, ସେତେବେଳେ ରାମ ହେଗଡ଼େର ଯେମିତି ନିଃଶ୍ୱାସ ଅଟକି ଗଲା । ସେ ସାଙ୍ଗେ ସାଙ୍ଗେ କଥାର ଖିଅ ବଦଳାଇ ଦେଲା, "ଶଙ୍କର ହେଗଡ଼େ ଆପଣ, ସିରସୀର ମୁନସଫଙ୍କ ଅଦାଲତରେ

Digitized by PPRACHIN, SOA

ଡ଼ିମ୍ବ ହେଗ୍‌ଡ଼େର ଯୋଉ ମକଦ୍ଦମା ଚାଲିଥିଲା, ତାର କଣ ହେଲା ।" ମୁଁ ବୁଝିପାରିଲି ଯେ ଏଇଲାଗେ ମୋର ଏଠୁ ଉଠିଯିବା ଦରକାର । ସେଠୁ ଉଠିକରି ପାର୍ବତମ୍ମା ଘରକୁ ଚାଲିଗଲି । ସେଠି ବି ବୁଢୀ ମିଶି କାହ୍ନୁକୁ ଆଉଜ କେଜାଣି କେତେ ରକମର କଥା ହେଉଥିଲେ । ମୁଁ ଯେତେବେଳେ ସେଠି ବେନକଯ୍ୟାଙ୍କ ମନ୍ଦିର କଥା ପକେଇଲି, ସେ କଥା ଶୁଣିକରି ତାଙ୍କ ଭିତରେ କଚ୍ଛଟା ହସ୍ତାବ୍‌ ଆସିଲା ପରି ଲାଗିଲା । ପାର୍ବତମ୍ମା କହିଲା, "ପୁଅ, ଯେବେ ଏ କାମ ତୋ ହାତରେ ହୋଇଯାଏ, ମୁଁ ନିଇଥ ସକାଳେ ବେନକଯ୍ୟାଙ୍କୁ ଥରେ ପୂଜାଦେଇ ସୁଖରେ ପ୍ରାଣପିବ ।"

"ତୋର ଆଉ ମୋର ।" ମୂକାମ୍ବା କହିଲା ।

"ସବୁ ସେଇ ଦେବନକଯ୍ୟା କରିବେ କି ? କାହିଁକି ଚିନ୍ତା କରୁଚ ପାର୍ବତମା ? କହି ମୁଁ ତାଙ୍କୁ ଆଶ୍ୱସନା ଦେଲି ।"

"ପୁଅରେ, ତୁ କାହିଁକି ଏଠିକି ଆସିଚୁ କହିଲୁ ? ସେଇ ବେନକଯ୍ୟାଙ୍କ ଇଚ୍ଛାରେ ତ ? ମୋ ପୁଅର ମୃତ୍ୟୁ ସମ୍ବାଦ ତତେ ଏଠିକି ଆଣିଚ ନା ? ସେଇ ବାହାନାରେ ଏଇ ମୂକାମ୍ବା ସବୁ ବନ୍ଧବାଡ଼ ଡେଇଁକରି ଏଠିକି ପଳେଇ ଆସିଚ । ମୂକାମ୍ବା ଏଠିକି ଆସିଚ ଦେଖି ମୋତେ କେତେ ଖୁସି ଲାଗୁଚ ! ଯଶୋବନ୍ତର ମରିବାର ଥିଲା ଆଉ ଏଇ ଯୋଗ ମୋର ଦେଖିବାକୁ ଥିଲା ।" କହି ସେ ଟିକିଏ ଚୂପ୍‌ କରି ରହିଲା, ତାପରେ କହିଲା, "ତା କଥା ମନେ ପଡ଼ିଲାକ୍ଷୁଣି ଗୁସ୍ଥ କରିଥ ହେଇଯାଉଚ ପୁଅ । କିନ୍ତୁ ଯିଏ ଯାଇଚ, ତାଲାଗି ଦୁଃଖ କରିବାର ନୁହେଁ । ତମକୁ ସ୍ତ୍ରୀ କହିକରି ନିଜେ ଶୋକ କରି ବସିବି, ଏକଥା ବି ଠିକ୍‌ ନୁହେଁ । ଯଶୋବନ୍ତ ମୋ ମନରୁ ଗଲା । ଏଇଲା ମୁଁ ଅଛି, ଆଉ ଏଇ ମୂକାମ୍ବା ବି ଅଛି । ଦିହେଁ ଦିହିଁଙ୍କି ଦେଖିବାର କେଜାଣି କେତେଦିନ ହୋଇଗଲାଣି । ଆଗେ କଣ ଏଠିକି ଆସୁଥିଲା କି ? ଏଇଲା ଯାଇ ଆସିଲା । ପିଲାଦିନେ ସେ ଯେମିତି ମତେ ଦେଖିଥିଲା, ସେଇମିତି ତାକୁ ମୁଁ ଦିଶୁଥିବି । ସତ ସତିକା କଥା ବୁଢ଼ା କଣ କେବେ ପାଶୋର ହୁଏ ?" ତା ପରେ ସେ ଦୁହେଁ ମାତୃହୀନ ଯଶୋବନ୍ତ ବିଷୟରେ କେତେ କଥା କହିଲେ । ତା ବାପ ଭଗବନ୍ତେୟାଙ୍କର ବିବାହ କରିବା, ସାବତ ମା ଘରକୁ ଆସି ରଜସ୍ୱଳା ହେବା, ତେବେ ବି ନିଃସନ୍ତାନ ହୋଇ ରହିବା, ସାବତ ପୁଅ ପ୍ରତି ସ୍ନେହ ନ କରି ତା ପ୍ରତି ବିଷାକ୍ତ ହେବା; ସେହି କାରଣରୁ ଯଶୋବନ୍ତର ଭୁକ୍ତଭୋଗୀ ହେବା; ନୂଆ ସାଆନ୍ତାଣୀ ଠାରୁ ତାର ଗାଳି ଖାଇବା; ଯଶୋବନ୍ତ ଲାଗି ଅନେକ କଷ୍ଟ ସହି ପାର୍ବତମ୍ମା ତାକୁ ସୁଖ ଜୁଟାଇବା ଆଦି ଦଶବାରଟା ଘଟଣାର ବର୍ଣ୍ଣନା ପାର୍ବତମା କଲା ।

Digitized by PPRACHIN, SOA

ପାର୍ବତମ୍ମାର ଯଶୋବନ୍ତର ପିଲାଦିନ ବିଷୟରେ ଗୋଟିଏ କାହାଣୀ ମନେ ପଡ଼ିଗଲା । ସେ ହସି କରି କହିଲା, "ବାଲ-ଲୀଳା ସଦାବେଳେ ଭଲ, ସେ ଯାହା ପିଲା ହେଉ, ତା ଖେଳ ସୁନ୍ଦର । ତାକୁ କପଟ ଆସେନା । ଯଶୋବନ୍ତର ମା' ସଦାବେଳେ ବେମାର ରହୁଁଥାଏ, ସେଥିପାଇଁ ମୁଁ ତାକୁ ନିତି କାଖେଇ ଚୁମା ଦଉଥିଲି, ତା ସଙ୍ଗରେ ଖେଳୁଥିଲି ବି । ତାକୁ ଖୋଇବା ପେଇବା, ବୁଲେଇବା, ଗପ ଶୁଣେଇବା, ତା ସଙ୍ଗେ ଖେଳିବା ଏସବୁ ମୋର ନିତିଦିନର କାମ ହୋଇଥାଏ । ସ୍ତ୍ରୀ ଛଡ଼ା ଘର କାମ ବି କରେ । ଝାଡ଼ୁଦବା, ଲିପାପୋଛା, ଜାଇ ରଗଡ଼ିବା, ଷ୍ଟେଷେଇ କରିବା ଏସବୁ ଦାୟିତ୍ୱ ମୋର ଉପରେ । ସେତେବେଳେ ବିହାରେ ଜୋର ଥିଲା । ଘରେ ବେଶି ଲୋକ ତ ନ ଥିଲେ । ମୋରତ ପିଲାଦିନୁ କପାଳ ପୋଡ଼ିଥିଲା । ଏ ଟୋକା ତିନିବର୍ଷର ହୋଇଥିବ, ସେଇଦିନୁ ମତେ ପଗ୍ଚରିବା ଆରମ୍ଭ କରିଥିଲା, "ପାରତ୍ ମା' । ମୋ ବାପା ତତେ ଭଲ ଶାଢ଼ୀ କିଣି ଦେଉ ନାହାନ୍ତି । ତୁ ତ ସଦାବେଳେ ଧଳା ଶାଢ଼ୀ ପିନ୍ଧୁଚୁ । ତାର ଧଡ଼ି ନାଇଁ କି ମୁହଁ ନାଇଁ··· । ଖଣ୍ଡେ ହେଲେ ସୁନାଗହଣା ତୋର ନାହିଁ । ମୋର ଆର ମା ପାଖରେ କେତେ ଶାଢ଼ୀ ଅଛି, କେତେ ଗହଣା ଅଛି ।" ମୁଁ ହସିକରି ଜବାବ ଦିଏ । "ତା ସାଙ୍ଗରେ ତୋ ବାପା ବାହାଘର କରିଚନ୍ତି ପରା । ସେ ଏ ଘରକୁ ସୁନା ଗହଣା ପିନ୍ଧି ଆସିଥିଲା । ତତେ ଜନ୍ମକରି ବେମାର ହେଲା, ସେଇଥିପାଇଁ ବେଶି ଶୋଇକରି ରହୁଚି । ଏତିକି, ତା ଛଡ଼ା···"

"ଜନ୍ମ କରିବା ମାନେ କଣ ପାରମ୍ମା !" ସେ ପଗ୍ଚରିଥିଲା । ଏଥିରେ ମୁଁ ହସ ସମ୍ଭାଳି ନ ପାରି କରି କରି ହସିଦେଲି ।

"ମୁଁ ଜାଣିଚି, ପନ୍ଦରଦିନ ଗାଈ ବାଛୁରୀ ଜନ୍ମକଲା ନା ? ସେଇମିତି ।"

"ହଁ ବାପା !"

"ତୁ ମତେ ଜନ୍ମ କରିଚୁ ନା ?"

"ନା ବାପା, ସେ ଜନ୍ମ କରିଚି । ଯୋଉ ଦିନଠୁଁ ତୁ ଜନ୍ମ ହୋଇଚୁ, ସେ ଦିନଠୁ ସେ ବେମାର ପଡ଼ିଚି । ବିଗ୍ଚରି, ତୁ ତାକୁ କଷ୍ଟ ଦବୁନି । ତା ପାଖୁ ଯାଇ କିଛି ଜିଦ କରିବୁ ନି ।"

"ହଉ, କିନ୍ତୁ ବାପା ତତେ ଭଲ ଶାଢ଼ୀ, ଭଲ ଚୁଡ଼ି, ସୁନାହେରିକା କାହିଁକି ଦଉ ନାହାନ୍ତି । ତୁତ ଏତେ କାମ କରୁଚୁ ।'

"ମତେ ସୁନା କାହିଁକି ଦେବେ ବାପା ? ମୋ ପାଖରେ ବହୁତ ସୁନା ଅଛି ।"

Digitized by PPRACHIN, SOA

"କାହିଁ ।"

"ଅଛି । ତୁ ଜାଣିନାହୁ, ମୁଁ ଜାଣିଚ ।"

"ମିଛ କଥା ।"

"ନା ଯଶୁ ।" କହି ମୁଁ ତାକୁ ଟେକିନେଇ ତା ଗାଲରେ ଚୁମା ଦେଇ କହିଲି, 'ଏଇ ତ ମୋର ସୁନା ।' ଏ କଥାରେ ତାର କେତେ ସନ୍ତୋଷ ହେଲା ଆଉ କଣ କହିବି ! ଏମିତି କେତେ ଉପାୟ କରି ତାକୁ ଚୁପ୍ କରିବାକୁ ହଉଥିଲା ।

"ସେ ବଡ଼ ହେଲା । ତା ମା ବେଶି ଦିନ ବଞ୍ଚି ପାରିଲାନି । ହେଉ୍ ହେଉ୍ ଆପଣେ ଖୁବ୍ ଜଲଦି ଆଉ ଗୋଟେ ବାହା ହୋଇ ପଡ଼ିଲେ । ପହିଲେ ପହିଲେ ସେ ଶାଶୁଘରକୁ ଆସିଲାବେଳେ କି ସୁନ୍ଦର ଡଉଲ ଦିଶୁଥିଲା । ଯଶୁ ତ ମୋର ଦିହରେ ଲାଖିକରି ଲଟକି ଥାଏ । ସ୍ଟା ଦେଖି ତାର କଣ ମନେହେଲା କେଜାଣି ସେ ମତେ ଘୃଣା କଲା ତାକୁ ବି ଘୃଣା କଲା । ଦିନେ ସେ ଗୋଟାଏ ଆଳ ଦେଖାଇ କରି ରାଗିକରି କହିଲା, 'ଏ ଗଣ୍ଡୀଟା ଥିଲେ ତ ମୋ ଘର ଖାଲି ହୋଇଯିବ !' ଏ କଥା ମୁଁ ନିଜ କାନରେ ଶୁଣିନି । ସେତେବେଳେ ମୋର କେହି ନ ଥିଲା । ଭାତ ଦେବାକୁ ବି କେହି ନାହିଁ, କଥା ପଦେ କହିବାକୁ କେହି ନାହିଁ; କିନ୍ତୁ ମୁଁ ବି ଲୁଚିକରି ସାଙ୍ଗେ ସାଙ୍ଗେ ଘରୁ ବାହାରିଲି ଯିବାକୁ । ଦେବକନ୍ୟାଙ୍କ ଦେଉଳକୁ ଚାଲିଗଲି । ସେଇଠୁ ସେ ଟୋକା କୁଆଡ଼େ ଥିଲା କେଜାଣି, ମତେ ସେଠି ନ ପାଇ ସେ ପାଟି କଲା । ତାକୁ ସିନା ଚୁପ୍ କରିଥାନ୍ତେ ! ନା, ଏଣେ ତାକୁ ବି ତ ଘୃଣାକରେ । ଦେଉଳ ପାଖକୁ ଆସି ସେ ପାଟି କରି 'ପାରିମ୍ବା, ପାରିମ୍ବା' ଡାକି ଲାଗିଲା । ତା ଡାକଶୁଣି ମୁଁ ତା ପାଖକୁ ଦଉଡ଼ି ଆସିଲି । ତାକୁ ଧରି ମନ୍ଦିରକୁ ନେଇଗଲି । ତୋ ସାବତ ମା ମତେ କହୁଚି ମୁଁ କୁଆଡ଼େ ତା ହାର ଚୋରେଇଚି । ଏକଥା ଶୁଣି ମୋର ଦୁଃଖ ହେଲା, ମୁଁ ଚାଲି ଆଇଲି । ଏଇଲା ଜଙ୍ଗଲ ହଉ କି ପାହାଡ଼ ହେଉ କୁଆଡ଼େକି ଚାଲିଯାଉଚି । ସେଇଠି ଯାଇ ମରିବି ।' ଏମିତି କଥା ସିନା କହି ଦେଲି, କିନ୍ତୁ ଭାବିଲାନି ତା ଉପରେ କଣ ଫଳ ହେବ । ସେ ମତେ ଧରି ପିଟିଲା ଓ ଦେବକନ୍ୟାଙ୍କ ଆଗରେ ଗଡ଼ଗଡ଼ କାନ୍ଦିଲା । ତା ଦୁଃଖ ମୁଁ ଦେଖିପାରିଲିନି । ମୁଁ ଏଇ ସଙ୍କଳ୍ପ କରି ଚାଲିଆସିଥିଲି ଯେ ଆଉ ସେ ଘରେ ଗୋଡ଼ ଦେବିନାହିଁ; କିନ୍ତୁ ସେ ମୋତେ ଘରକୁ ନେଇଗଲା । ତାକୁ ବୁଝେଇବାରେ ମୋର ଗୋଟାଏ କାମ ହୋଇଗଲା ।

"ବୋଧେ ଆମ କଥାଗୁଡ଼ା ଟିକିଏ ବଡ଼ ପାଟିରେ ହଉଥିଲା । ଗୋରୁ ଚରେଇବାକୁ ମୂକାମ୍ବିକା ଯାଇଥିଲା । ସେ ଆମ କଥା ଶୁଣିଲା । ସେ ବି ବସିଲା ଯାଇ ଆମ

Digitized by PPRACHIN, SOA

ପାଖରେ । ତା ଆଗରେ ମୁଁ ଆପଣା ଦୁଃଖ ଗାଇଲି । ସନ୍ଧ୍ୟାବେଳ ଯାକେ ଆମେ ସମସ୍ତେ ସେଇଠି ରହିଲୁ । ତାପରେ ସ୍ୱାମୀ ଗଲୁ । ଭଗବନ୍ତସ୍ୱାମୀ ତରତର କରି ଯୋଡା ମାଡ଼ି ଅଗକୁ ଆସୁଥିଲେ । କିସ୍ତୁମ ମାଙ୍ଗିକେ ଯୋଡା ପିଛକରି ମନ୍ଦିର ସାମନାରେ ଠିଆ ହୋଇଗଲେ । ତାଙ୍କ ଆଖି ମୋ ଉପରେ ପଡ଼ିନ, ଏଥିକବେଳେ ଯଶୁଟା କହିଉଠିଲି 'ବାପା ! ପରମ୍ପା କହୁଚ ମରିଯିବ, ପଲେଇଯିବ । ଶ୍ରେଷ୍ଠ ମା'କୁ ମାର ଦିଅ ।' ମୁଁ ତା ପାଟିରେ ହାତଦେଲି । ମୃତାତ୍ମିକା ଉପରେ ତାଙ୍କର ବଡ଼ ବିଶ୍ୱାସଥିଲା । ସେ ତାଙ୍କୁ ପୂର୍ବ କଥାଟା କହିଲି । ସେଇଠୁ ସେ ସ୍ନେହ ଦେଇ କହିଲେ, 'ପାରୁ ! ସେ ମୋର ସ୍ତ୍ରୀ ହେଲେ କଣ ହବ, ମୁଁ ତ ଏବେ ବି ଘରର ମାଲିକ । ଚାଲ, ଘରକୁ ଚାଲ ।' ସେ ମୋତେ ଘରକୁ ଘେନିଗଲେ, ଆଉ ସ୍ତ୍ରୀକୁ ଡାକି ଗାଳି ଦେଲେ, 'ଦେଖ, ଏଇ ପାବଂଗ ମା ଛେଉଣ୍ଡ ଛୁଆର ମା ହୋଇ ତାକୁ ପାଳିକରି ଏଠି ଅଛି । ଏ ଘରକୁ ନଜର କରି ଚଳେଇବାକୁ ଆଉ କେହି ଆସିନି । ଆଉଥରେ ତମେ ଯଦି କଲେ ବୁଝିଥିବ, ତାହାକୁ ଏ ଘର ଛାଡ଼ି ଯିବାକୁ ହେବ ।'

"ସେ ଦିନଠୁଁ ସାବତ୍ନୀର ରାଗ, ଗରମ, ହିଂସା ବା ଯାହା କିଛି ହେଉ, ସୀମାକୁ ଆସିଗଲା । ସେ ସିଧା ସଳଖ କିଛି କହୁନା; କିନ୍ତୁ କିଏ ଘରକୁ ଗଲେ ଅଇଲେ, ତାଙ୍କ ଅଗରେ ଗୁଡ଼ାଏ ବାଜେ କଥା କହି କପାଳ ଚାପୁଡ଼ାଏ । ଯଶୁ ଯୋଉଠୁ ବଡ଼ ହେଲା, ଜାଣିଲା ବୁଝିଲା, ଆଉ ତାକୁ ଖାତିରି ବି କଲାନି । ତାର ରୋକ୍-ଠୋକ୍ ଜବାବକୁ ମତେଇ ବେଳେ ବେଳେ ରୋକିବା ହଉଥିଲା । "ସେ ଯାହାହେଉ, ସେ ତୋର ଶ୍ରେଷ୍ଠ ମା ନା ? ଏମିତି କହିଲେ ତୋ ବାପାଙ୍କ ମନରେ କଷ୍ଟ ହେବ ।" କିନ୍ତୁ ଯଶୁକୁ ତ ତା ବାପା ସତରେ ଭଲ ପାଉଥିଲେ । ତାଙ୍କ ଭିତରେ ତାଙ୍କ ପୁଅଟି ପ୍ରତି ଅପାର ସ୍ନେହ ଥିଲା, ରତ୍ନକୁ ଭଲ ନ ପାଇ ରହିହୁଏ କି ? ପିଲାଟା ବି ତ ତାର ଯୋଗ୍ୟ ହୋଇଥିଲା କନା ।"

ପ୍ରତ୍ୟେକ ଘଟଣାର ସ୍ମରଣ କଲାବେଳେ, ମୃତାତ୍ମା ମତେ କେତେ ରୂପରେ ଦେଖାଯାଏ—କେତେବେଳେ ହିତୋପଦେଶ ଦେଉଛି, କେତେବେଳେ ପରାମର୍ଶ ଦେଉଛି, କେବେ ବା ଗୋରୁଗୁହାଳର ବାରିପଟେ ବା କେବେ ବେନକସ୍ୱାମୀ ମନ୍ଦିର ପଛରେ ବା ନୂଆ ବଗିଚାରେ ଗଛ ଆଡ଼ୁଆଳରେ ଠିଆ ହୋଇ ଉପାୟ ବତାଉଥିବାର ବୁଝାଉଥିବାର ଦିଶେ । ଏପରି କେତେ ପ୍ରସଙ୍ଗର ବର୍ଣ୍ଣନା ଶୁଣି ମୁଁ ବଡ଼ ଖୁସି ହେଲି । ମୋର ମନେହେଲା, ଯଶୋବନ୍ତ ବାବୁ ଟିକିଟି ଦିନରୁ କଣ୍ଟକର ମଣ୍ଡପ ଉପରେ ଶୋଇଥିଲେ । ଯିଏ ଜୀବନରେ ନିଜେ କଷ୍ଟ ପାଇଛି, ସେ ଅନ୍ୟମାନଙ୍କ ଦୁଃଖ ସୁଖ

Digitized by PPRACHIN, SOA

ସହଜରେ ବୁଝିପାରେ । ତେଣୁ ପ୍ରୌଢ଼ ହେବାପରେ ସେ ଅନ୍ୟମାନଙ୍କ ପ୍ରତି ଉଦାର ହୋଇଗଲେ । ଘରର ମାଲିକାନା ହାତକୁ ଆସିବାରୁ ତାଙ୍କ ହାତ ଆହୁରି ଖୋଲିଗଲା । ଗୋଡ଼ ଗୁଦରଠୁଁ ବଳି ବଢ଼ିଗଲା ପରି ହେଲା । ଯେଉଁମାନେ ଦାମୀ ହେବେ, ସଂସାରର ଲୋକେ ତାଙ୍କୁସବୁ ଠକେଇବା ଫିକର କରିଥାନ୍ତି । ସ୍ବେର ଉଦ୍ଦେଶ୍ୟ ନିଜ ସ୍ୱାର୍ଥ ଲାଗି ଏପରି ଲୋକର ଦୟାରୁ ନିଜର ସ୍ୱାର୍ଥ ସାଧନର ଚିନ୍ତା କରିନେବେ, ଏଥିରେ ଆଶ୍ଚର୍ଯ୍ୟ କଣ ଅଛି । ରାମ ହେରଡ଼େ ବି ତ ତାଙ୍କ ବାପାଙ୍କ କାରବାର ବିଷୟରେ ଶଙ୍କିତ ହୋଇ କହୁଥିଲେ, ଏପରି ଲୋକ ସବୁକାଳେ ଥିବେ । ଆଉ ଯୋଗ୍ୟ ଅଯୋଗ୍ୟ ପରଖି ତ ଦାମୀର କରିବା ଉଚିତ ।

ଯୋଗ୍ୟ ଅଯୋଗ୍ୟ କଥାରେ ଯଶୋବନ୍ତ ବାବୁଙ୍କ ମତ କଣ, ତା ଆଗରୁ କୁହାଯାଇଛି । ତାଙ୍କ ସ୍ମୃତିରେ ଏପରି ଦ୍ୱନ୍ଦ୍ୱ ବାରମ୍ବାର ଫୁଟି ଉଠିବାର ଦେଖାଯାଉଛି । ଯେତେବେଳେ ସେ ଜାଣିଯାଉଥିଲେ ଯେ ଅମୁକ ଅଯୋଗ୍ୟ, ସେତେବେଳେ ବି ସେ ସଚ୍ଚୋଟ ନା ମୁଁ ସଚ୍ଚୋଟ ଏପରି ପ୍ରଶ୍ନଟା ତାଙ୍କ ମନରୁ ଯାଉ ନଥିଲା । ସୂକ୍ଷ୍ମଦର୍ଶୀ ଲୋକଙ୍କ ପାଇଁ ଜୀବନଟା ଯାକ ହୁଏତ କଣ୍ଟକ ଶଯ୍ୟା ହୋଇ ରହିଥାଏ ।

ବେନକନ ହିଲ୍ସରେ ମୁଁ ଛନଦନ ବିତାଇଲି । ଏହି ଛନଦନ ଭିତରେ ମୁଁ ଗାଁଟି ଦେଖିଲି, ଶଙ୍କର ହେରଡ଼େଙ୍କୁ ଦେଇ ଢାମକରାଇ ନେବାର ଉପାୟ ଚିନ୍ତା କଲି, ବେନକୟାଙ୍କ ଦେଉଳ ପର୍ଯ୍ୟବେକ୍ଷଣ କଲି, ପାର୍ବତମ୍ମା ଓ ମୂକାମ୍ବିକାଙ୍କର ବିଗତ ଜୀବନର ପୁରାଣ ଶୁଣିଲି । ଗାଁ ଛାଡ଼ିଆସିବା ଆଗରୁ ମୁଁ ସେହି ଅଭାଗିନୀ ପାଖୁ ଯାଇ କହିଲି, "ମା, ଆର ମାସଠୁଁ ତ ମୁଁ ଦଶଟଙ୍କା ଲେଖା ପଠେଇବି; କିନ୍ତୁ ଏଇ ଛନମାସର ଟଙ୍କା ଏଇଲା ନେଇଥାଅ ।" ଆଉ ମୁଁ ଟଙ୍କାଟା ତା ଜିମା କରିଦେଲି ।

"ମୁଁ ଏତେ ଗୁଡ଼ା ଟଙ୍କା ନେଇ କୋଉଠି ରଖିବି ? ରାମକୁ ଦେଇଦିଅ ।"

"ରାମକୁ ଦେଇଦେବି ?"

"ହଁ, ସେଥିରେ କଣ ଅଛି ? ସେ ପଡ଼ିଶା ଘର ଲୋକ । ଯାହା ମୋର ଦରକାର ସେଇ ଆଣିକରି ଦିଏ ।"

"ହେଲା ଯେ, କଥା ହେଉଚି···।"

ମୋ କଥା ବୁଝିନେଇ ସେ କହିଲା, "ରାମ କଣ ପଇସା ଖାଇଯିବ ? ହଉ, ଖାଉ, ସେଥିରେ କଣ ହେଇଯିବ ? ସେ ବି ତ ମୋର ପୁଅ ସମାନ । ଏ ଅପନ୍ତରାରେ

Digitized by PPRACHIN, SOA

ଆଉ କଏ ଅଛି କହିଲ ? ଆଉ ଟଙ୍କା ତ ଖର୍ଚ୍ଚ ହେବାକୁ । ସେ ଖାଉ କି ମୁଁ ଖାଏ, ଏକା କଥା; ନା କଣ ?’’

ମୁଁ ହସିଲି । କହିଲି, ‘‘ତାହେଲେ ମା, ମୁହିଁ ଖାଇଯାଏଁ ! ଟଙ୍କା ହଜମ କରିବାର ଶକ୍ତି ମୋର ଖୁବ୍ ଅଛି । ହଜାରେ ଟଙ୍କା ଦିଅ, ଦିନକ ଭିତରେ ଉଡ଼େଇ ଦେବି ।’’ ଏ କଥା ଶୁଣି ସେ ବି ଖୁବ୍ ହସିଲେ; କହିଲେ, ‘‘ସେମିତିକା ବୁଦ୍ଧି ବୃତ୍ତି ହେଇଥିଲେ ଏଠିକି ଆସିଥାନ୍ତ ? ମତେ ତ ଲାଗୁଚି ତୋ ମୁଣ୍ଡରେ ଯଶୋବନ୍ତର ହାତ ରହିଛି । ଶୁଣ ବାପା, ଟଙ୍କା ପଇସା ହେଲେ ଲକ୍ଷ୍ମୀ, ତାକୁ ନେଇ ଏମିତି କଥା କହିବାର ନୁହେଁ । ଲକ୍ଷ୍ମୀଠାକୁରାଣୀଙ୍କି ମୋ ପୁଅ ଅଣହେଲା କଲା, ସେଇଥିରୁ ତାକୁ ଏତେ ଦୁଃଖ ଭୋଗିବାକୁ ହେଲା ।’’

ମୁଁ ପୁଣି ହସିକରି କହିଲି, ‘‘ଅଇମା, ଆପଣଙ୍କ ବେଦାନ୍ତ ଆସି ଏ ଜାଗାରେ ପହଞ୍ଚିଲାଣି ! ଯୋଉଠି ଆପଣ ବି ‘ପଇସା ପରମାତ୍ମା’ ‘ଧନ ରମା’ ଜପିବେ, ତାହେଲେ ଆଉ ସାଧାରଣ ଲୋକଙ୍କ ଭିତରେ ଏମିତି ମନ୍ଦବୁଦ୍ଧି ନ ହେଇ ଯିବ କୁଆଡ଼େ ?’’

‘‘ନା ବାପା, ପଇସା ହେଉଛି ଲକ୍ଷ୍ମୀ, ଲକ୍ଷ୍ମୀ ଠାକୁରାଣୀ । ପଇସାରୁ ଭଲ ବି ମିଳେ, ମନ୍ଦ ବି ମିଳେ । ଭର୍ତ୍ତୃହରି ନା ଆଉ କୋଉ ଋଷି କହି ନାହାନ୍ତି କି, ଯୋଉ ଧନ ଦାନ ଆଉ ଭୋଗର ଯୋଗ୍ୟ ନୁହେଁ, ସେ ବିନାଶ କରିଥାଏ । ଲକ୍ଷ୍ମୀ ଭଲ କଲେ ଠାକୁରାଣୀ, ନିଜ ସୀମା ଭିତରେ ରହିଲେ, ଠାକୁରାଣୀ । ନ ହେଲେ ପିଶାଚୀ ।’’

ସେ ବୃଦ୍ଧାର ଲୋକାନୁଭବରେ ଖୁସି ହୋଇ ମୁଁ ତାଙ୍କୁ ଆରବର୍ଷ ଆସିବାକୁ ପ୍ରତିଶ୍ରୁତି ଦେଇ ଶଙ୍କର ହେଗଡ଼େଙ୍କ ଘରକୁ ରାସ୍ତା ଧରିଲି । ତହିଁ ଆରଦିନ ଶମ୍ଭୁ ସ୍ୱାମୀମାନେ ମୋତେ ବଳେଇ ଦବାକୁ ଆସିଥିଲେ । ସେଇଦିନ ମୁଁ ସିରସୀରେ ମୋର ଜଣେ ସାଙ୍ଗ ଘରେ ପହଞ୍ଚିଗଲି । ଭାବିଲି ସିଧା ନିଜ ଗାଁ ଯିବି ନା ମୋ ବନ୍ଧୁଙ୍କ ଗାଁ କୁମଟାକୁ ଯିବି? ଶେଷକୁ ଠିକ୍ କଲି ଯେ ଏକା ଚୋଟକେ ସବୁଠିକି ଯିଵାଯିବା ଠିକ୍ ନୁହେଁ, ଏଣୁ ଆଗ ନିଜ ଗାଁକୁ ଯିବା ଉଚିତ । ମୁଁ ନିଜ ଗାଁକୁ ଫେରି ଆସିଲି ।

Digitized by PPRACHIN, SOA

ସାତ

ମୁଁ କିଛି ମହମୁଦ ଗଜନବି ନୁହଁ କି ପାର୍ବତମ୍ମାର ଭକ୍ତ-ଗୋଷ୍ଠୀର ଲୋକ ନୁହେଁ। ବେନକମ୍ମାଙ୍କ ଦେଉଳ ମରାମତି କରିବା କଥା ଠିକ୍‌କରି ଯେଉଁଦିନଠାରୁ ଗାଆଁକୁ ଫେରିଲିଣି, ସେଇ ଦିନଠାରୁ ଯେତେବେଳେ ପାରି ସେତେବେଳେ ଶଙ୍କର ହେଗ୍‌ଡ଼େଙ୍କୁ ଟଙ୍କା ପଠେଇ ଲାଗିଛି। କାମଟା ବଢ଼ିଯାଉ, ଏଇକଥା ମନେକରି, କିନ୍ତୁ ମନରେ ତାଙ୍କ ବିଷୟରେ ବାରମ୍ବାର ସନ୍ଦେହ ହେଉଛି, ସତରେ ତାଙ୍କୁ ବିଶ୍ୱାସ କରିବାଟା ଉଚିତ ହେଲା କି ନାହିଁ। ଟଙ୍କା ଲାଗି ସେ ବରାବର ଚିଠି ଲେଖୁଥାନ୍ତି। ତାଙ୍କ ପୁଅ ଶମ୍ଭୁ ଭଟ୍ଟ ବର୍ତ୍ତମାନ ଚିଠିରେ 'ଭଟ୍ଟ' ଜାଗାରେ 'ହେଗ୍‌ଡ଼େ' ଲେଖି ମୋତେ ଜଣାଉଥାଏ କାମ କେତେଦୂର ଆଗେଇଛି। ନୂଆ ନୂଆ ତାଆସର ଖେଳାଳୀଙ୍କ ପରି ମୋ ହାତର ତାଆସ ତକ ମୁଁ ଯାହା ହେଗଡ଼େଙ୍କୁ ଦେଖାଇ ଦେଇଛି, ସେଇଟା ସମୀଚୀନ ହେଲା କି ନାହିଁ—ଏ ବିଷୟରେ ନାନା ପ୍ରକାର ସନ୍ଦେହ ମନରେ ଉପୁଜୁଥାଏ। ମୋର ରହି ରହି ସନ୍ଦେହ ହେଉଥାଏ ଯେ ଯଶୋବନ୍ତରାୟ ବାବୁଙ୍କର ସମ୍ପତ୍ତିକୁ ମୁଁ ଯେଉଁ ଭଳି କାର୍ଯ୍ୟରେ ଲଗାଉଛି, ତାହା ମୋ ଉପରେ ନ୍ୟସ୍ତ ଦାୟିତ୍ୱର ଅନୁରୂପ ହୋଇଛି କି ନାହିଁ।

ଯେଉଁ କାମଟା ବେନକନହଲ୍ଲି ଗାଁ ବାଲାଙ୍କର କରିବାର ଥିଲା, ତା ଦାୟିତ୍ୱ ମୁଁ ନିଜ ମଥାରେ ନେଇଛି। ଖାଲି ଏତିକି ସକାଶେ ଯେ ଏଥିରେ ତାଙ୍କର ଧାଈମାର ସନ୍ତୋଷ ହୋଇପାରିବ। ଆଉ ବେନକମ୍ମାଙ୍କ ପ୍ରତି ଯେତିକି ବିଶ୍ୱାସ ଯଶୋବନ୍ତରାୟ ବାବୁଙ୍କର ଥିବ, ସେତିକି ମୋର ବି, ମାନେ, ଏଭଳି ପୂଜା ପୂଜିରେ ଆମ ଦୁହିଁଙ୍କର ବିଶ୍ୱାସ କମ୍‌ଥିଲା। ସେ ବଞ୍ଚିଥିଲେ କେଜାଣି ଏଇ ଦେଉଳର ମରାମତି ପାଇଁ ରାଜି ହେଇଥାନ୍ତେ କି ନାହିଁ। ହଁ, ଯେବେ କାହା ଘରଭିହ ହୋଇଥାନ୍ତା, ତାର ମରାମତି କରିଥିଲେ ମୋତେ କେତେ ପ୍ରଶଂସା ମିଳିଥାନ୍ତା। ଆଉ ସ୍ୱୟଂ ବେନକମ୍ମା ତ ଖାଲି ଗୋଲ-ଗୋଲ ଗଜାନନ। ମୋର କେବଳ ଗୋଟିଏ କଥାରେ ସନ୍ତୋଷର କାରଣ ଥିଲା, ଆଉ ତା ହେଲା, ଯେବେ ପାର୍ବତମ୍ମା ତାର ଏଇ ଇଚ୍ଛାଟିକି ଯଶୋବନ୍ତରାୟଙ୍କ

Digitized by PPRACHIN, SOA

ସାମନାରେ କହିଥାନ୍ତା, ତା'ହେଲେ ସେ ଅକ୍ଷରେ ଅକ୍ଷରେ ତାକୁ ପାଳନ କରିଥାନ୍ତେ, ଏକଥା ଉପରେ ମୋର ପୂର୍ଣ୍ଣ ବିଶ୍ୱାସ ଜନ୍ମିଥିଲା । ତାଙ୍କ ମନକୁ ଆଶ୍ୱାସନା ଦେବା ଠାରୁ ବଳି ଆଉ କଣ ଅଛି ! ଯେବେ ମୁଁ ଆଉ ଟିକିଏ କୌଶଳୀ ହୋଇଥାନ୍ତି, ତା ହେଲେ ମୋର ସବୁତକ ତାଆସ ଲୁଚାଇକରି ରଖିଥାନ୍ତି । ଚାରିଦିନ ସେଠି ରହିକରି ଶଙ୍କର ହେଗ୍‌ଡ଼େଙ୍କୁ ଆଗକୁ ଠେଲିଥାନ୍ତି । 'ଗ୍ରାମର ମୁଖିଆ ହେଲେ ଆପଣ, ଦେଉଳଟା ଏମିତି ଭୁଷୁଡ଼ି ପଡ଼ିବ ଆପଣ ଆଉଁ ଆଉଁ, ସେତ କଣ ସୁନ୍ଦର ଦିଶିବ ?' କହି ତାଙ୍କୁ ଟିହାଇଥାନ୍ତି । ତା'ପରେ ତାଙ୍କ ପ୍ରଶଂସା ଗାନ କରି, ତାଙ୍କ ଭିତରେ ଉତ୍ସାହ ଜନ୍ମାଇ, 'ଆପଣଙ୍କ ନାମ ଅଜର ଅମର ରହିଯିବ' କହି ଟଙ୍କା ଖର୍ଚ୍ଚରୁ ମୁକ୍ତି ପାଇଥାନ୍ତି । ଏଇଲା ଦେଉଳ ମରାମତି କାମ ସରିବା ଯାଏ ମୋତେ ଥରକୁ ଥର ସେ ଗାଁକୁ ଯିବାକୁ ହେବ । ଏତେକଥା କଲାପରେ ବି ମନେ ହଉଚି ସେ ଗାଁରେ ଭକ୍ତଙ୍କ ସଂଖ୍ୟା କମ୍ ଆଉ ଧନଲୋଭୀଙ୍କ ସଂଖ୍ୟା ବେଶି । ତା ନୋହିଲେ କଣ ମନ୍ଦିରଟା ଏମିତି ଅବସ୍ଥାରେ ପଡ଼ିଥାନ୍ତା ? ରାମ ହେଗ୍‌ଡ଼େ ପରି ତିନି ଚାରିଜଣ ସେଠି ଆଉ ନଥିବେ କି ? ମୁଁ ବେଶି ଉତ୍ସାହ ଦେଖାଉଚି ଦେଖି ମୋ ପଛରେ କେତେ ସନ୍ଦେହ ଆରୋପ କରୁଥିବେ, 'ଏ ଲୋକ ଏତେ ଦୂର ଗାଁରୁ ଆସି ଆମ ଗାଁର ବେନକଟ୍ଟାଙ୍କ ମନ୍ଦିର କାମ କରାଉଛି, ଏଥିରେ ନିଶ୍ଚୟ କିଛି ମତଲବ ଅଛି ।' 'କିଛି' 'ମତଲବ'—ଏ ସବୁର ଅର୍ଥ—ଦଶ ଜଣଙ୍କ ଚାନ୍ଦାକୁ ଖାଇଯିବା । ହଉ, ମୋ ବନ୍ଧୁଙ୍କ କାରଣରୁ ମୁଁ କେଉଁଠି ଟିକିଏ ଭୁଲ୍ କରିଥିଲେ ବି କଥାନାହିଁ । ଅଜଣା ଗାଁ ଉପରେ ଏପରିକା ସନ୍ଦେହ କରିବାଟା ଠିକ୍ ନୁହଁ । ମୁଁ ଧରିନେଲି ଯେ ତାଆସଗୁଡ଼ାକ ଦେଖାଇ କରି ମୁଁ ଉଚିତ କାମ କରିଛି ।

ମୁଁ ଗାଁକୁ ଫେରିବାବେଳକୁ ଶୀତ ଦିନ ଆରମ୍ଭ ହୋଇଯାଇଥିଲା । ତା ପରେ ଆସିଲା ଖରାଦିନ । ଶଙ୍କର ହେଗ୍‌ଡ଼େଙ୍କ ବିଲ୍ ବି ପ୍ରତି ମାସକୁ ମାସ ଆସୁଥାଏ । ଶମ୍ଭୁ ହେଗ୍‌ଡ଼େ କାମର ଅଗ୍ରଗତିର ବିବରଣୀ ଦେଇ ଯାଉଥାଏ, "ଆମେ ବର୍ଷା ବନ୍ଦ ହେବାର ପରଦିନ ପୁରୁଣା ମନ୍ଦିରର ଛାତ । ଛାତର ଫର୍ମା ବି କିଛି କାମରେ ଲାଗିବାପରି ନୁହେଁ । କାଠ ସବୁ ଝଡ଼ି ଝଡ଼ି ଗଲାଣି, ତେଣୁ ଚଟାଣଯାକେ ସେଗୁଡ଼ା ଭାଙ୍ଗିବାକୁ ହେଲା । ଚଟାଣ ପଥରରେ କରିବା ତ ?" ଆଉଥରେ ଲେଖିଥିଲା, "ବାପା କାଠକାମ ଲାଗି ଆମ ଦାଣ୍ଡରୁ କିଛି ଗଛ କଟେଇଚନ୍ତି; କିନ୍ତୁ ଆମର ଏଠି କାଠ ଚିରାଳି ନାହାନ୍ତି । ବଢ଼େଇ ବି ନାହାନ୍ତି । କୁମଟା ହଉ କି ସିରସୀ ହଉ, ସେଠୁ ଯାଇ ଅଣେଇବାକୁ ହବ । ସେମାନେ ଦିଗୁଣ ପଇସା ବି ତ ମାଗିବା ଥୟ ।"

Digitized by PPRACHIN, SOA

ମୁଁ ଜବାବ୍ ଦେଇ ତାଙ୍କୁ ଲେଖିଲି, "ସେଇଆ କରନ୍ତୁ । ବିଶ୍ୱାସଯୋଗ୍ୟ ଲୋକଙ୍କୁ ଡାକନ୍ତୁ; କିନ୍ତୁ ଟଙ୍କା ବନ୍ଧନା ଦେଇ ମିସ୍ତ୍ରୀଙ୍କୁ ହାତରେ ଧରିବା ମୂଳେଇବେ ନାହିଁ ।" ତା'ପରେ ଆଉ ଗୋଟିଏ ଚିଠି ଆସିଲା ଯେ ପଥରକାମ ଆରମ୍ଭ ହେଲାଣି, ବଢ଼େଇ ବି ଆଇଲେଣି । ଖରାଦିନ ଶେଷବେଳକୁ ମନ୍ଦିରର ଛାତ ପଡ଼ିଯିବ, ଇତ୍ୟାଦି ଇତ୍ୟାଦି । ସେହି ଆଶାପୂର୍ଣ୍ଣ ଚିଠି ପରେ ଯେଉଁ ଚିଠି ମିଳିଲା, ତହିଁରେ ଲେଖାଥିଲା, "ରାମ ହେଗ୍ଡ଼େ ଆପଣେ କହୁଛନ୍ତି ଯେ ଯୋଉ କାମ ହେଉଛି, ସେ ଭଲକରି ହେଉ । ମନ୍ଦିରର ଗର୍ଭଗୃହର ଆଗର ମଣ୍ଡପ ଟିକିଏ ବଡ଼ ହେବା ଦରକାର, କାହିଁକି ନା ବେଶି ଲୋକ ବସିବାକୁ ଜାଗା ପାଇବେ । ସେତି ଅନ୍ୟରି କହୁଚନ୍ତି ଯେ ଗର୍ଭ-ଗୃହର କାନ୍ଥକୁ ଆଉ ଟିକିଏ ଉଞ୍ଚକରି ତହିଁରେ ତମ୍ବାର ଚଦର ମଢ଼େଇଦବା ଦରକାର । ଯାହା କରିବା ଭଲ କରି କରିବା କଥା ।"

ମୁଁ ସେଠୁ ମନ୍ଦିରର ମାପ ମଗାଇ ଆଣିଥିଲି, ଆଉ ନକ୍ସା ତିଆରି କରି ପଠାଇ ଦେଇଥିଲି । ବର୍ତ୍ତମାନ ଆଉ ଗୋଟିଏ ନକ୍ସା କରି ପଠାଇଲି, ଯେମିତି ଗର୍ଭଗୃହର କାନ୍ଥ ଟିକିଏ ଉଞ୍ଚକୁ ହବ । "ଏଯାକେ ତ ତମ ବେନକସ୍ଥା ଘାସର ଗୁଆଣି ଭିତରେ ଥିଲୁଥିଲା । ଦେଉଳ ଗୁଡରେ ମାଟି ଖପରଲି ଖଣ୍ଡିଏ ନ ଥିଲା ।" ମୁଁ ଜବାବରେ ଲେଖିଲି, "ମଙ୍ଗଲୁର୍‌ରେ ଖପରଲି ବହୁତ ମିଳିବ । ଯଦି ଆପଣଙ୍କର ରାମ ହେଗ୍ଡ଼େ ମହାଶୟ ଉଦାର ଚିତ୍ତରେ ତମ୍ବାପଇସା ମଗାଇ ଆଣନ୍ତି, ତାହେଲେ ଆନନ୍ଦରେ ଛେଟି ଲଗାଇ ଦିଅନ୍ତୁ ।" ଏ କଥାରେ ଶମ୍ଭୁର ଜବାବ ଆସିଲା, 'ମହାଶୟ ତ ପଚିଶ ଟଙ୍କା ଦେବାର ପ୍ରତିଶ୍ରୁତି ଦେଇଥିଲେ, ଏଇଲା ସେ ପଚିଶ ଟଙ୍କା ଦବାକୁ ବି ରାଜି ନ ଥିବା ପରି ଲାଗୁଛି । ଟଙ୍କା ଦବା କଥା ଦୂରେ ଥାଉ, ପାର୍ବତମ୍ମା କାନରେ ମୋ ବିରୁଦ୍ଧରେ ଯାହା ଇଚ୍ଛା ତାହା କୁହାଉଛନ୍ତି ।"

ଯେ ବି ଗୋଟାଏ ମଜାଦାର କଥା । ଶଙ୍କର ହେଗ୍‌ଡ଼େ ଓ ପାର୍ବତମ୍ମାଠାରୁ ସେ ଶୁଣିଥିବେ ଯେ ଯଶୋବନ୍ତ ରାଓ ବାବୁଙ୍କର କଛି ଟଙ୍କା ମୋଟି ଅଛି । ତା'ହେଲେ ନେତାଗିରି କରିବାର ସୁଯୋଗ ସେ ଛାଡ଼ିବେ କାହିଁକି । ଶୁଣିବାକୁ ପାଉଁ ଦିନେ ସେ ପାର୍ବତମ୍ମାକୁ ଯାଇ ବି କହିଲେ ଯେ 'ଭୂତ ବିଲକୁଲ୍ ବୁଦ୍ଧୁ । ତୋ ଖୋରାକୀ ପୋଷାକୀ ପାଇଁ ପଚିଶ ଟଙ୍କା ହେଲେ ମାଗିଥାନ୍ତୁ । ତାକୁ ବି ଛାଡ଼ିଦେଲୁ । ତୋ ସାଙ୍ଗରେ ମୁଁ କେତେ ସ୍ନେହ ସମ୍ପର୍କ ରଖିଚ, ଆଉ ତୁଇ ମତେ ବଡ଼ଲୋକୀ ଦେଖଉଚୁ । ସେଇ ପିଏ ଦୂତ (ମାନେ ମୁଁ) ହୋଇ ଆସିଥିଲା । ଯଶୋବନ୍ତର ବନ୍ଧୁ ନୁହେଁ କି ବାନ୍ଧବ ନୁହେଁ, ତା ସାଙ୍ଗରେ ତୋର ଏତେ ଆଦର ! ତା ଜାଗାରେ ଯେବେ ମୁଁ ଥାନ୍ତି, ତାହେଲେ

Digitized by PPRACHIN, SOA

ସବୁତକ ଟଙ୍କା ଆଣି ତୋ ଗୋଡ଼ତଳେ ଥୋଇଥାନ୍ତି, କିନ୍ତୁ ହେଲା ଏବେ ତୁ ତା କଲୁନାହିଁ । ତୁ ଦେଉଳ ଢିଆରି କରିବାର କଥାଟା ପକେଇଲୁ, ଭଲ କଥା କହିଲୁ । ସେ କାମଟା ତ ହବାର କଥା । ମୋର ବି ସେଥିରେ କିଛି କମ ମନ ନାହିଁ । ଦେଉଳ ପରି ? ଆଉ ବେନକସ୍ଥା କିଛି ଆଡ଼ୁ ସାଡ଼ୁ ଦେବତା ନୁହନ୍ତି । ତାଙ୍କ ଦେଉଳରେ ତମ୍ବା ପଥର ଗୁଡାହବା ଦରକାର । ସେଥିରେ ହଜାର ଦି ହଜାର ବେଶି ଖର୍ଚ୍ଚ ହେଲେ ହଉ । ତା ବାପ ପଇସା କି ? ଯଶୋବନ୍ତର ପଇସା, ତାକୁ ଦବାକୁ ହବ । ଏଇ ଗାଁରେ ଯଶୋବନ୍ତ ଏଡ଼େଟିରୁ ଏଡ଼େଟିଏ ହେଲା । ସେ ହେଇଥିଲେ ନିଶ୍ଚେ ଦେଇଥାନ୍ତା ।"

"ହେଇଟି, ମୁଁ ଶୁଣିଚି, ଯଶୋବନ୍ତ କୁମଟା ଗୁଡ଼ିଲାବେଳକୁ ତା ସାଙ୍ଗରେ ଦି ଲକ୍ଷ ଟଙ୍କା ଘିନି ଯାଇଥିଲା । ସ୍ତ୍ରୀ ଆଉ ପୁଅ ଉପରେ ରାଗ ହବାରୁ ତାଙ୍କୁ ଆଙ୍ଗୁଠି ଦେଖାଇ ଗଲା ଖରି । ବମ୍ବେରେ ଯାଇ ରଜାପୁଅ ପରି ଦରବାର ବସେଇ ମଉଜ କରୁ-ଥିଲା, ଆଉ ଦିନେ ମରିଗଲା । ତତେ କେଇଟଙ୍କା ଦଉଥିଲା ସେ ? ମାସକୁ ଟଙ୍କା ପାଞ୍ଚଟା, ଏତିକି । ପନ୍ଦରଦିନ ତୋ ଘରକୁ ଯୋଉ ଲୋକଟା ଆସିଥିଲା ନା, ତା ହାତରେ ପଚିଶ ହଜାରରୁ କମ୍ ଟଙ୍କା ନ ଥିବ । ଲକ୍ଷେ ବି ହୋଇପାରେ । ଏ ସବୁ ରହସ୍ୟ କିଏ କହିବ ?" ଏହାପରେ ରାମ ହେଗ୍ଡ଼େ ସେ ବୁଢ଼ୀ କାନରେ କହିଲାଗିଲେ । ଏସବୁ କଥା ମୋତେ ଶମ୍ଭୁର ଚିଠିରୁ ଜଣା ପଡିଥିଲା । ମୁଁ ଅନୁଭବ କଲି ଯେ ଶମ୍ଭୁ ଏତେ ଗୁଡ଼ାଏ ମିଛକଥା ନିଜେ ବନାଇ ଲେଖିପାରି ନ ଥିବ ।

ଯ୍ୟା ଭିତରେ ଶୀତଦିନ ଆରମ୍ଭବେଳକୁ ଶମ୍ଭୁର ଆଉ ଗୋଟିଏ ବିସ୍ତାରିତ ପତ୍ର ମୋ ପାଖରେ ପହଞ୍ଚିଲା । ତହିଁରେ ସେ ପାଟତମ୍ମାର ହଇରାଣ ବିଷୟରେ ଲେଖିଥିଲା, ଆପଣ ଗୁଡ଼ ବିଷୟରେ ଯେଉଁକଥା ଲେଖିଛନ୍ତି, ମୁଁ ସେତକ ପଢ଼ିକରି ଅଈକ ଶୁଣାଇଲି । ସେ ଆପଣଙ୍କ ବିଗ୍ୱର ଠିକ୍ ବୋଲି ମାନିଲା, କିନ୍ତୁ ପଡଶା ଘର ରାମ ହେଗ୍ଡେଙ୍କ କଥା ଶୁଣି ସେ ଦିକ୍‌ଦାର ହୋଇଗଲାଣି । ସେ ଥରକୁ ଥର ମୋତେ ଆସି କହୁଚି ଯେ ସେ ବୁଆଡ଼େ ତାକୁ ବାରମ୍ବାର କହୁଚି, 'ଏତେ ଦିନ ତୋ ପାଖରେ ଫଟା ପାହୁଲାଟାଏ ନଥିଲା, ମୁହିଁ ତୋର ଚଳିବାର ବନ୍ଦୋବସ୍ତ କଲି । ଆଜି ଦି ପଇସା ହାତରେ ପଡ଼ିଲାରୁ ତୁ ସ୍ୱାଧୀନ ହୋଇଗଲୁ ପରି । ଆମ କଥା ଆଉ କାହିଁକି ପଚାରୁ ? ମୁଁ କହୁଚି ତୁ ସେ ଲୋକ ପାଖୁ ଚିଠି ଲେଖିକରି କମ୍‌ରେ ପଚିଶ ଟଙ୍କା ନିଜପାଇଁ ଅଣେଇ ନେ, ତାଇ ବି ତୁ ଶୁଣୁନଉଁ, ଆଲୋ, ଆଜି ଯେବେ ତୁ କୋଉ ରୋଗରେ ପଡ଼ିବୁ, ତୋତେ ଦେଖାଶୁଣା କିଏ କରିବ ? ତୋର କିଛି ସମ୍ପତ୍ତି ଅଛି

Digitized by PPRACHIN, SOA

ନା ବାଡ଼ି ଅଛୁ ? ମୋ ଘରେ ଦଶଟା କୋଡ଼ିଏଟା ଟଙ୍କା ଲାଗି ଗୃହକର୍ମ କରି ପେଟ ପୋଷିଲି, ଏଇଆ କରି ବୁଢ଼ୀ ହେଲି । ମୁଁ ତ ଦୟା କରି ତତେ ଏତେଦିନ ପାଳିଲି ପୋଷିଲି । ଆଉ କଣ ତୁ ଭାବିଚୁ ସେଇମିତି ତୋ କଥା ମୁଁ ବୁଝୁଥିବି କି ?' ଏମିତି କଥା କହି ତାକୁ ସଦାବେଳେ ଖୁଣ୍ଟା ଦେଉଛନ୍ତି ।"

ମୁଁ ଭାବରେଇ ଗଲି । ଧନ ତ 'ଲକ୍ଷ୍ମୀ' ଟଙ୍କାତ 'କମଳା,' ଆଉ ଏଇଲା ସେଇ ପାର୍ବତମ୍ମାକୁ ଧନକୁ 'ରାକ୍ଷସ', ଶ୍ରୀକୁ 'ସଇତାନ' ମାନିନେଇ କେତେ କଷ୍ଟରେ ବଞ୍ଚିବାକୁ ପଡ଼ୁନଥିବ ? ତାକୁ ଆଳକରି ପରଧନ ଶୋଷଣପାତ କରିବାର ଉପାୟ କରିଥିବ ଲୋକଟା । ବେନକପ୍ୟାଙ୍କ ମନ୍ଦିରତ ବାହାନା ମାତ୍ର । ପାର୍ବତମ୍ମାକୁ ବୁଢ଼ୀଦିନେ କଷ୍ଟ ଦେଇ ତାଙ୍କର ହାତ ଚକ୍‌କଣ କରିବାର ଲୋଭ ଓ ଦୁରାଶା ହେଇଛି । ପାର୍ବତମ୍ମା ଉପରେ ତାର ରାଗ ଯେମିତି ଦିନକୁ ଦିନ ବଢ଼ିଗଲା, ଆଉ ପାର୍ବତମ୍ମାର ହରକତ ବି ଦିନୁଦିନ ସେଇମିତି ବଢ଼ି ଚାଲିଲା । ମୁଁ ଯେବେ ପଚଶଟଙ୍କା କରି ବି ପଠାଏ, ତାହେଲେ ସେ ଟଙ୍କାଟା ଡାକବାଲା ବା ଶମ୍ଭୁ ହେଗଡ଼େ ହାତରେ ନ ପଡ଼ିଲେ ବି ରାମ ହେଗଡ଼େ ଗର୍ଭରେ ପଡ଼ିବ । ପଇସା ହେଲା ତଟକା ଲୁଣ । ତାକୁ ଟିକେ ନେଇ ରଖିଲେ ସୁଆଦ, ମୁଠାଏ ଖାଇଲେ ପେଟରେ ପୋଡ଼ା ଜଳା ଆରମ୍ଭ ହବ । ମାସକୁ ଦଶଟଙ୍କା ହିସାବରେ ମୁଁ ପାର୍ବତମ୍ମା ହାତରେ ପଇସା ଦେଇ ଆସିଥିଲି, ସେଇଥିରୁ ତାର ଟକା ବଢ଼ିଚି । 'ତାର ପାଳିତ ପୁଅର ଟଙ୍କା' ଏପରି କହିବାଟା ବି ସେଇ ଅସୁର ପରି ଶୋଷଣର ଇନ୍ଧନ ହେଲା । ମୁଁ ଏଇକଥା ଭାବି ଚକିତ ହେଲି ଯେ ମୋର ଏଇ ଅବିବେକତା ଫଳରେ ପାର୍ବତମ୍ମାର ବୁଢ଼ୀଦିନର ଶାନ୍ତିଟିକକ ଗଲା କି ଆଉ । ଆଉ ବର୍ଷେ କି ଦି ବର୍ଷତ ବଞ୍ଚିବ ସେ । ସେ କଣ ଆଉ ତା ଜାଗା ଛାଡ଼ି କୁଆଡ଼େ ଯାଇପାରିବ ? ତାତ୍କାଳିକ ବ୍ୟବସ୍ଥା ସକାଶେ ଶଙ୍କର ହେଗଡ଼େଙ୍କ ପାଖକୁ ଚିଠି ଲେଖିବା ଛଡ଼ା ଆଉ ଉପାୟ ନ ଥିଲା । ମୁଁ ଲେଖିଦେଲି, ଆପଣଙ୍କ ନାମୀଙ୍କର ଅନ୍ୟ ଆତ୍ମା ପରି ପାର୍ବତମ୍ମା ବଞ୍ଚିଚ । ତାକୁ ଆଣି ନିଜ ଘରେ ରଖି ତାର ଦେଖାଶୁଣା ଆପଣ କରିବେ । ଏଥିପାଇଁ ଯାହା ଖର୍ଚ୍ଚ ପଡ଼ିବ, ମୁଁ ଦେବାକୁ ପ୍ରସ୍ତୁତ ଅଛି ।" ମନେ ହେଉଛି ସେ ତାଙ୍କ ବଡ଼ ଭଉଣୀ ସଙ୍ଗେ ପରାମର୍ଶ କରିଥିବେ । ଶମ୍ଭୁ ତା ଚିଠିରେ ମୋତେ ଜଣାଇଥିଲା । ସେ ପିଉସୀନାନୀକୁ ସେ ସବୁକଥା କହିଛି । ଏଇ ସବୁ କାମରେ ଚନ୍ଦ୍ରୀକଣ୍ଠା ପରି ଏପଟ ସେପଟ ଦଉଡ଼ିବା କାମଟା ଶମ୍ଭୁଇ କରୁଥିଲା । ମୋ ପ୍ରସ୍ତାବ ଶଙ୍କର ହେଗଡ଼େ ଗ୍ରହଣ କଲେ; କିନ୍ତୁ ତାଙ୍କ ବଡ଼ ଭଉଣୀର ପାର୍ବତମ୍ମାକୁ ଆଣିବାରେ ଉତ୍ସାହଟା ଟିକିଏ ବେଶି ହୋଇଥିଲା । ଶୁଣିଲି, ଏହି ଖବରଟା ଅଲେଇଚ ପରି ନେଇ ନିଜ ମିତଣୀ କି ସେ ଦେଇକରି ଖୁସିରେ ତାକୁ ପାଖେଟି

Digitized by PPRACHIN, SOA

ଘରକୁ ଆସିବାକୁ ଅର୍ଚ୍ଚନା କରି ଆସିଥିଲି । କିନ୍ତୁ ତାଙ୍କର ବି ସନ୍ଦେହ ଟିକିଏ ଟିକିଏ ହେଉଥିଲା ପାର୍ବତମ୍ମା ଆସିବ କି ନାହିଁ । ରାମ ହେଗ୍‌ଡ଼େ ଯେତେ ଲୋଭୀ ହେଉପଛେ, ଯେତେ ଠକ ହେଉପଛେ, ଏତେଦିନ ଯାକେ ସେଇ ତ ପାର୍ବତମ୍ମାକୁ ଆଶ୍ରା ଦେଇଥିଲା । ଏପରି ପଣ୍ଡାଶା ଘରକୁ ଛାଡ଼ିକରି ପାର୍ବତମ୍ମା ଚାଲି ଆସିବ, ତାଙ୍କର ବିଶ୍ୱାସ ନ ଥିଲା । ତା ଛଡ଼ା ପୁରୁଣା ଶତ୍ରୁତା କଥା ଭୁଲିଲେ ଚଳିବନି । ଶଙ୍କର ହେଗ୍‌ଡ଼େଙ୍କ ବାପାଙ୍କ ମନରେ ତା ସଙ୍ଗେ ତାଙ୍କ ଝିଅ ବି ପଦେ କଥା ହେବାରେ ଏତେ ରାଗ ହେଉଥିଲା, ତହିଁକି ଯେବେ ତାଙ୍କ ଘରେ ଯାଇ ପାର୍ବତମ୍ମା ରହିବ, ତାହେଲେ ମଲା ଲୋକର ପ୍ରେତ କଣ କହିବ ? ଆଉ ଏସବୁ କଥା କଣ ପାର୍ବତମ୍ମା ମନକୁ ଆସିବନି କି ? ମୂକାଂ- ମ୍ବିକା ମନରେ ଥରକୁ ଥର ଏଇ ପ୍ରଶ୍ନ ଆସୁଥାଏ । ମୂକାମ୍ବିକା ଯେମିତି ବେଳେବେଳେ ପାର୍ବତମ୍ମା ଘରକୁ ଯା ଆସ କରୁଥିଲା, ସେମିତି ପାର୍ବତମ୍ମା ବି ବେଳେ ବେଳେ ତା ଘରକୁ ଆସିବାକୁ ଦ୍ୱିଧା କରୁନଥିଲା । ମୂକାମ୍ବିକା ଭାବିଲା ଯେବେ ମୁଁ ଯାଇ ପାର୍ବତମ୍ମାକୁ କହିବି 'ଆମ ଘରଟି ଆସି ରହ' ତା'ହେଲେ କଣ ସେ ମାନିଯିବ ନି କି ?

ଶମ୍ଭୁର ଚଠିରୁ ଜାଣିଲି, ମୂକାମ୍ବିକାର ଏହି ଚେଷ୍ଟା ବିଫଳ ହୋଇଛି । ମୂକାମ୍ବିକାର ଦୁଇ ସନ୍ଦେହ ଭିତରେ ଦୋଳି ଖେଳିଲା । ଶୁଣିଲି ପାର୍ବତମ୍ମା ଯାହା ଜବାବ୍ ଦେଲା; ତା ଶୁଣି ମୂକାମ୍ବିକା ବଡ ନିରାଶ ହୋଇଗଲା, 'ମୂକାମ୍ମ' କୋଉଦିନ ଭଲା କାହା ଗାଳି ନ ଶୁଣିକରି ମୋ ଜୀବନ ରହିଛି ? ମୁଁ ଯେତେବେଳେ ଉପରସାହି ଘରେ ଥିଲି, ସେତେବେଳେ କଣ ମୋତେ କେହି କିଛି କହୁ ନ ଥିଲେ ? ଯଶୋଦନ୍ତର ସାର୍ବତମା ତ ଯାହା ନାହିଁ ତା କହିଗଲା । ସେଇ ଜଣେ ମତେ ପାଟିଫିଟେଇ କିଛି କହୁନି, ସେ ଯଶୋଦନ୍ତର ବୋଉ । ତାକୁ ଛାଡ଼ିଦେଲେ ସେ ରାମ ହେଗ୍‌ଡ଼େ କଣ, ଆଉ ତା ବାପ କଣ, ସମସ୍ତେ ମିଠାକଡ଼ା ଦିପଦ ଶୁଣାଇଗଲେ । ସେ କଣ ଜାଣି ନ ଥିଲେ ଯେ ମୋର କେହି ବୋଲି କେହି ନାହିଁ, ପେଟ ପୋଷିବାକୁ ଆସିଛି । ସକାଳୁ ରାତି ଯାକେ ହାଡ଼ ଭଙ୍ଗା ଖଟଣି କରେଇବେ, ଆଉ ତା ପରେ ଗାଳି ଯେ ବର୍ଷା ହେଇଯିବ କିଛି କହିବାର ନାଇଁ । ମୁଁ ଦେଖିଲି ମୋ ପୋଡ଼ା ଜୀବନଟା ତ ଗାଳି ଶୁଣିବାକୁ ହେଇଚି, ଏଇଲା ତ ଆଖିକି ଭଲକରି ଦିଶୁନାହିଁ । କାମ ଧନ୍ଦା ବି କରି ପାରୁନାଇଁ । ଯାହା କହିବାର କହନ୍ତୁ । ଯାହାକୁ ମୁଁ ପୁଅ ସମାନ ମଣେ, ସେଇ ତ ମତେ ଗାଳି ଦଉଛି ? ମରିଗଲେ ନିଶ୍ଚେ କହିବେ, "ଆହା ପାର୍ବତୀଟା ମରିଗଲା । ଆମେ ତାକୁ ଏତେ ଗାଳି ଦଉଥିଲେ, ସେ ରାମ ବିଷ୍ଣୁ କିଛି କହୁ ନ ଥିଲା ପାଟି ଫିଟେଇ କରି' । ଗାଳି ଦିବାଟା ବି ଗୋଟାଏ ଜନ୍ମଗତ ଗୁଣ ।"

Digitized by PPRACHIN, SOA

ଏଣେ ଶମ୍ଭୁ ଚଠିରୁ ଜଣା ପଡ଼ୁଥାଏ ଯେ ଗ୍ରାମ ହେଗ୍‌ଡ଼େଙ୍କ ଅତ୍ୟାଚାର ବଢ଼ି ବଢ଼ି ଚାଲିଛି, ତାଛଡ଼ା ତାଙ୍କୁ ଏକଥା ବି ଜଣା ହୋଇଗଲା ଯେ ମୁକାମ୍ବି ପାର୍ବତମ୍ମାକୁ ନିଜ ଘରକୁ ଡାକନେବାକୁ ଆସିଥିଲା । ସେହିଦିନ ହେଗ୍‌ଡ଼େ ଆପଣେ କହିଲେ, "ଓ ହୋ ହୋ ହୋ...ପାର୍ବତୀକ ମୋ କଥା ପିତା ଲାଗୁଚ ପରା ! ତୋର ଭଲ ପାଇଁକି କହିଲି, ତୁ ଗାଁଟାଯାକ ନାଗରା ବଜେଇ ଦେଲୁ । ହଉ ବଜା, ଆହୁରି ବଜା । ତୁ ଏଇ ବୁଢ଼ୀଦିନେ ଶଙ୍କର ହେଗ୍‌ଡ଼େ ଘରେ ଚାକରାଣୀ ଲାଗେଇ ବାଜାବଜେଇକରି ଖୁସୀରେ ଯାଇ ରହିବୁ, ତ ରହୁନୁ, ମୋର କଣ ଗଲା ?" କହିକରି ବହ୍ମାସ୍ତ୍ର ବି ଛାଡ଼ିଦେଲେ । ସେଦିନ ରାତସାରା ପାର୍ବତମ୍ମା ଛଟପଟ ହେଲା । ମୁଁ ତା ଅବସ୍ଥା ବେଶ୍ ଅନୁମାନ କରିପାରୁଛି । ଶୁଣିଲି ତହିଁଆର ଦିନ ସକାଳଉଁ ଗ୍ରାମ ହେଗେଡ଼େ ଆପଣେ ତାଙ୍କ ଚାକରଯାଙ୍କ ହାତରେ ଗୋଟିଏ ସୁଖବର ଆହୁରି କହି ପଠେଇଲେ । "ଯାଅ । ମହାମାତା, ରାଣ ନିଯ୍ମ ବାଲାଙ୍କ ଘରକୁ ଯାଅ, ସେଇଠି ପ୍ରାଣ ଗୁଡ଼ିବ । କାଲି ତମର ହତ୍ୟା ହେଇଗଲେ ଯେମିତି ଶ୍ରାଦ୍ଧ କଲାବାଲା ବି ଅସହାୟି ହଉଥିବ । ଗାଁବାଲା ଯାକ ଆସି କଥା ଶୁଣାଉଥାନ୍ତୁ । ଆଉ ଆମ ଘର ପାହାଚରେ ଗୋଡ଼ ଦବାର ଦରକାର ନାହିଁ ।" ଏହିପରି କଥା କହି ସ୍ନେହର ଶେଷ କରିଗଲେ ସେ; କିନ୍ତୁ ପାର୍ବତମ୍ମା ବାସ୍ତବ ଶିବଙ୍କ ପରି ସେ ବିଷକୁ ବି ପିଇ କରି ବସିଲା । କୌଣସି ପ୍ରତିବାଦ କଲାନାହିଁ । ଶମ୍ଭୁ ପୁଣି ଲେଖିଛି, "ଏମିତି କଥା ଯେବେ ହେଉଥିବ, ମନେ ହଉଚ ଆଉ ଚନ୍ତାରେ ଜଳି ଜଳି, ଶୋକରେ ଦୁର୍ବଳ ହୋଇ ଯାଉଥିବ, ଆଉ ତା'ହେଲେ ଆଗତ ବର୍ଷା ଦିନଯାକେ ସେ ରହିବା ମୁସ୍କିଲ୍ ହବ ।" ଏହା ପଢ଼ି ମୋତେ ଡର ମାଡ଼ିଲା । ବେନକମ୍ମାଙ୍କ ଦେଉଳର ମରାମତି ତା'ହେଲେ କଣ ପାଇଁ ? ମୁଁ ଯଶୋବନ୍ତ ରାଓ ବାବୁଙ୍କ ନାମରେ ଏହି ଯେଉଁ କର୍ମ ଭାରଟି କାନ୍ଧକୁ ନେଇଛି, ସେ କାହା ଶାନ୍ତି ଲାଗି ? ମୁଁ ବ୍ୟସ୍ତ ହୋଇ ପଡ଼ିଲି ।

ଆମେ ପାଠ ପଢ଼ୁଆ ଲୋକେ ଗ୍ରାମଜୀବନର ଶାନ୍ତିର ରୂପ ବିଷୟରେ ବେଶ୍ ଲମ୍ବା ଚଉଡ଼ା କଥା କହୁଁ । ବିକୃତ ମନୁଷ୍ୟ କଣ ଆମର ଗାଁ ଗଣ୍ଡାରେ କମ୍ ଅଛନ୍ତି । ମୋତେ ଲାଗିଲା, ସେମାନେଇ ଯୋଉ "ଶାନ୍ତି ସ୍ୱରୂପ" ବିକରଣ କରନ୍ତି, ତା ରୂପ କେତେ ବିରାଟ ! କାହାରି କଥା ନ ଶୁଣି ଯେବେ ମୁଁ ବୁଢ଼ୀ ପାଖୁ ଟଙ୍କା ପଠାଇ ଯାଉଥାନ୍ତି, ତା ହେଲେ ଭଲ ହେଇଥାନ୍ତା । ଶମ୍ଭୁ ଉପରେ ସନ୍ଦେହ ହେଇ ନ ଥାନ୍ତା କି ପାର୍ବତମ୍ମାର ସେ କଷ୍ଟ ହେଇ ନ ଥାନ୍ତା । ଏଇଲାଗି ମୁଁ ସବୁ ଖୋଲି ତାଡ଼ି ବାହାର କରିଛି, ଆଉ ଦ'ଶହ ମାଇଲ ଦୂରରେ ବସି ଜ୍ଞାନୀ ପଣ୍ଡିତଙ୍କ ପରି ଉପଦେଶାମୃତ ଲେଖି ପଠେଇବା ସେ ଉପଦେଶର ଗ୍ରହୀତାକୁ କଷ୍ଟ ଦବା ସାଙ୍ଗେ ସମାନ ।

Digitized by PPRACHIN, SOA

ଦିନେ ଦିନେ ମୋ ମନ ଉଦ୍‌ବିଗ୍ନ ହୋଇ ରହୁଥିଲା । ଶମ୍ଭୁଙ୍କୁ ମଧ୍ୟର ବିଷୟରେ ଦିଗୁଣ କଥା ଲେଖିଦେଲି । ଆଉ କିଛି ଲେଖିଲି ନା । ମୁଁ ବିଚାରିଲି, ଏଠୁ ଗୁଡ଼ାଏ ଉପଦେଶ ଦେଇ କଷ୍ଟ ଦବା ଅପେକ୍ଷା, ଗୁରୁ ପାଖିଦିନ ଭିଲକର ଭୁବନେଶ୍ୱର ପାର୍ବତୀମା ଗାଆଁକୁ ଯାଇ, ତା ବସବାସର ବନ୍ଦୋବସ୍ତ କରି ଆସିଲେ ଭଲହେବ ।

ଏ ମଧ୍ୟରେ ଆଉରି କିଛି ବୋଝ ମୁଁ ମୁଣ୍ଡେଇଥିଲି । ଯଶୋବନ୍ତ ବାବୁଙ୍କର ଆଉ ଯେଉଁ ଛଅଜଣ ସାହାଯ୍ୟାର୍ଥୀ ଥିଲେ, ସେମାନଙ୍କୁ ପତ୍ରଦ୍ୱାରା ଘୋଷ ବାବୁଙ୍କର ମୃତ୍ୟୁ ସମ୍ବାଦ ଜଣାଇ ଅନୁରୋଧ କଲି, "ତାଙ୍କ ବିଷୟରେ ଆପଣ ଯାହା ଯାହା ଜାଣନ୍ତି, ମୋତେ ଲେଖି ପଠାଇବେ । ମୁଁ କୃତଜ୍ଞ ରହିବି ।" ଅଳ୍ପଦିନ ଭିତରେଇ ବିଷ୍ଣୁପନ୍ଥ ଘାଟେଠାରୁ ଜବାବ ମିଳିଥିଲା । ମନେହେଲା, ଯଶୋବନ୍ତ ବାବୁଙ୍କୁ ସେ ବଡ଼ ସମ୍ମାନ କରୁଥିଲେ । ମୋର ବନ୍ଧୁ ବର୍ଷକୁ ଥରେ ମହାବଳେଶ୍ୱର ଯାଉଥିଲେ ଏବଂ କିଛି ସମୟ ତାଙ୍କ ପାଖେ ମଧ୍ୟ ବିତାଉଥିଲେ । ଘାଟେ ବାବୁ ଏଇଲେ ସେଠି ନଥାନ୍ତି, ପୁନାରେ ତାଙ୍କ ଝିଅ ଘରେ ରହନ୍ତି । ସେଠାରେ ତାଙ୍କର ଲେଖାଲେଖି ଓ ସାଧନ ଲାଗି ବେଶି ସୁବିଧା ହୁଏ । ସେ ଅତି ବିନମ୍ର ପୂର୍ବକ ଲେଖିଥିଲେ, "ମୋର ସ୍ୱାସ୍ଥ୍ୟ ଭଲ ରହୁନାହିଁ । ଆଜମାର କଷ୍ଟ ପ୍ରାୟ ଭୋଗୁଥାଏ । ମୁଁ ଅଧ୍ୟୟନ ଓ ଲେଖନରେ ସମୟ ବ୍ୟତୀତ କରେ । ଯଶୋବନ୍ତ ବାବୁଙ୍କର ସାହାଯ୍ୟ ଓ ପ୍ରେରଣା ଫଳରେହିଁ ଏ କାର୍ଯ୍ୟରେ ଲାଗି ରହି ପାରିଛି । ସେହି ପ୍ରକୃତରେ ମୋର ପ୍ରେରକ ଶକ୍ତି । ଆପଣ କୋଉଠି, ଆଉ ମୁଁ କୋଉଠି ! ତଥାପି, ଆପଣତ ତାଙ୍କ ଅନବରତ ସାହାଯ୍ୟଟି ଜାରି ରଖିଛନ୍ତି, ଏଥିପାଇଁ ମୁଁ ଆପଣଙ୍କଠାରେ ଅତ୍ୟନ୍ତ ଋଣୀ । ଯଦି କେବେ ପୁନା ଆସିବାର ଯୋଗ ହୁଏ, ତେବେ ଆମ ଘରଠାରେ ଆସି ରହନ୍ତୁ । ଯଶୋବନ୍ତ ବାବୁଙ୍କ ବିଷୟରେ ଯାହା କିଛି ମୋତେ ଜଣା ଅଛି ଆପଣଙ୍କୁ କହିବି ।" ତାଙ୍କ ଚିଠିରୁ ମୋତେ ଲାଗିଲା ଯେ ତାଙ୍କ ମନରେ ଏହି ଧାରଣା ହୋଇଛି ଯେ ମୁଁ ନିଜ ଟଙ୍କାରୁ କିଛି କିଛି ତାଙ୍କ ପାଖକୁ ପଠାଉଛି । ମୁଁ ତାଙ୍କ ପାଖକୁ ଲେଖିଲି, "ସେପରି କଥା ନୁହେଁ । ମୁଁ ତାଙ୍କର ଆଦେଶ ଅନୁସାରେ ତାଙ୍କରି ଟଙ୍କା ଆପଣଙ୍କ ପାଖକୁ ପଠାଉଛି ।" ତା ସଙ୍ଗେ ସଙ୍ଗେ ଏ କଥା ବି ଲେଖିଲି, "ଯେବେ ପୁନା ଯିବାର ସୁଯୋଗ ପାଏ, ଆପଣଙ୍କ ସଙ୍ଗରେ ନିଶ୍ଚୟ ଦେଖା କରିବି ।" ତା ପରେ ମୋ ମନରେ ଆଉ ଯେଉଁ କୌତୂହଳଟି ଆସିଥିଲା, ସେ ବିଷୟରେ ପଚାରିଲି, "ଆପଣ ଲେଖିଛନ୍ତି ଆପଣ ଲେଖନ କାର୍ଯ୍ୟ କରନ୍ତି । କି ପ୍ରକାରର ଲେଖନ କାର୍ଯ୍ୟ କରନ୍ତି, ମୋତେ ଦୟାକରି ଜଣାଇବେ ।" ବୋଧହୁଏ ମାସେକ ତା ଠାରୁ ବେଶି ଦିନ ପରେ ତାଙ୍କର ଖଣ୍ଡିଏ ଚିଠି ପାଇଲି, ଯହିଁରେ ଲେଖା ହୋଇଥିଲା ଯେ, ଉତ୍ତର ଦେବାରେ ବିଳମ୍ବର କାରଣ ତାହାଙ୍କର

Digitized by PPRACHIN, SOA

ବେମାର ଅବସ୍ଥା । ତାଙ୍କର ଲିଖନକାର୍ଯ୍ୟ ବିଷୟରେ ସେ ଲେଖିଥିଲେ, "ଧର୍ମଶାସ୍ତ୍ର ବିଷୟରେ ନିଜର କଣ୍ଡୂ ନିବାରଣ କରୁଅଛି ।" ଆଉ ଅଧିକ ଏ ଆଲୋଚନାକୁ ମୁଁ ବଢ଼ାଇଲି ନାହିଁ ।

ଆଉ ଦୁଇଜଣ ସାହାଯ୍ୟ ପ୍ରାର୍ଥୀଙ୍କ ଭିତରୁ ଜଣେ ହେଲେ କୁମଣ୍ଟା ପାଖରେ ଥିବା ହୋନ୍ନଗଛେ ମଞ୍ଜୁସ୍ବା ବାବୁ । ଥରେ ମୁଁ ବି ହୋନ୍ନଗଛେ ଗାଁକୁ ଯାଇଥିଲି । ଜାଗାଟା କୁମଣ୍ଟାଠାରୁ ତିନିଚାରି ମାଇଲ ଦୂରହେବ । ସେଠାରେ ଗଛ ଅଧରେ ଦଶ ବାରଜଣ ଶ୍ରୋତାଙ୍କ ଭିତରେ ଗୋଟିଏ ଭାଷଣ ଦେଇଥିଲି । ବିଚାରିଲି, ଆଉ ଥରଟିଏ କୁମଣ୍ଟା ଯିବାକୁ ହବ । ଏଇ ମଞ୍ଜୁସ୍ବାବାବୁଙ୍କ ସାଙ୍ଗରେ ଭେଟହେବ । ମୁଁ ତାଙ୍କୁ କେତେ କାର୍ଡ଼ ଲେଖିଥିଲି । ଚାରି ପାଞ୍ଚମାସ ଯାଏ ତାଙ୍କଠାରୁ କିଛି ଜବାବ୍ ବି ମିଳିଲାନାହିଁ, କିନ୍ତୁ ମନିଅର୍ଡ଼ର କୁପନ୍ ଉପରେ ତାଙ୍କର ଦସ୍ତଖତ୍ତ ଥିଲା । ସେଇ ଦସ୍ତଖତର ଅକ୍ଷର ମାନ ଥରିଲା ହାତରେ ଲେଖା ହେବାପରି ଲାଗୁଥାଏ । ତେଣୁ ମୋର ଚିଠି ନ ମିଳିବାର ଅଭିଯୋଗ କରିବାର ନୁହେଁ । ସେ ବୁଢ଼ା ଲୋକ, ତେଣୁ ମୁଁ ନିଜେ ଯାଇ ସେଠି କଥା ବାର୍ତ୍ତା କରିବା ଉଚିତ । ଆଉ ସାହାଯ୍ୟପ୍ରାର୍ଥୀ ଜଣକ ବି କୁମଣ୍ଟା ଗାଆଁ ର ପାଖ ଆଖିର ଲୋକ । ଡେରି ଦିନପରେ ତାର ଚିଠି ଖଣ୍ଡିଏ ମିଳିଲା । ସେ ବି ଉପକାର ସ୍ମରଣ କରି ଥିଲେ । ତା ପରେ ସେ ଲେଖିଥିଲେ ଯେ ଯଶୋବନ୍ତ ବାବୁଙ୍କ ମୃତ୍ୟୁ ସମ୍ବାଦ ଶୁଣିକରି ତାଙ୍କ ମାଆ ତିନିଦିନ କାଳ ଅନ୍ନଜଳ ସ୍ପର୍ଶ କରି ନ ଥିଲେ । ତା'ପରେ ମୁଁ ପଚାରିଥିଲି, "ଆପଣ କିଏ ? ଆପଣଙ୍କର ମା କିଏ ?" ସ୍ବା ଜବାବ ସେ ଦେଲେ ନାହିଁ । ପୁଣି ଖୋଲିତାଡ଼ି ସେହି ପ୍ରଶ୍ନକୁ ପଚାରିବାକୁ ଇଚ୍ଛା ହେଲାନାହିଁ, ତେଣୁ ଚୁପ୍ ରହିଲି । ଏହି ଲୋକର ନାମ ଧାରେଶ୍ବର ଶୀନ (ଶ୍ରୀନିବାସ) । ଧାରେଶ୍ବର ନାମଟି ମୁଁ ଆଗରୁ ଶୁଣିଥିଲି । ସେ ଗାଁ ବି ମୁଁ ଦେଖିଛି; କିନ୍ତୁ ସେ କେଉଁ କୋଡ଼କଣୀ ନାମକ ଗାଁକୁ ଉଠିଆସି ଘର କରି ରହିଥିଲା, କୁମଣ୍ଟା ଗଲେ ଦରକାର ହେଲେ ତା ସାଙ୍ଗରେ ବି ଦେଖା କରିବି ।

ଏଣେ ଶମ୍ଭୁ ହେଗଡ଼େଠାରୁ ଆହୁରି ତିନିଖଣ୍ଡ ଚିଠି ପାଇଛି । ସେ ଜୋର ଦେଇ ଲେଖିଥିଲା, "ଆପଣ ଆଉ କିଛି କଥା ଲେଖିନାହାନ୍ତି । ସେ ଏବେ ବି ସେଇଠି ଅଛି । ରାମ ହେଗ୍‌ଡ଼େ ସକାଶେ ସେ ଦିନକୁ ଦିନ ଦୁଃଖି ହୋଇଯାଉଛି । ଆମେ ତାକୁ ଆମ ଘରକୁ ଡାକିଥିଲୁ, କିନ୍ତୁ ସେ ତ ଆସୁନାହିଁ । ଏମିତି ଦୋମନା ହବାରୁ ସେ ଆହୁରି ଦୁର୍ବଳ ହୋଇଯାଉଛି, ମୋର ତ ଆଶଙ୍କା ହେଉଛି ଯେ ଆଗତ ଗଣେଶ ଚତୁର୍ଥୀ ଦିନକୁ, ମାନେ ବେନିକସ୍ଥଙ୍କ ମୂର୍ତ୍ତି ସ୍ଥାପନାଯାକେ ସେ ବଞ୍ଚିକରି ରହିବ ନା ନାହିଁ ! ଦେବସ୍ଥାନକୁ ଅଲଗା ଜାଗାକୁ କରିଦେଇଛୁ । ମୂର୍ତ୍ତି ସ୍ଥାପନାଯାକେ ପୂଜା ହୋଇ

Digitized by PPRACHIN, SOA

ପାରିବନାହିଁ । ଏଯାକେ ଆପଣ ସବୁ ଉପଦେଶ ଆଉର ଇଚ୍ଛା ପୂରଣ କରିବା ସକାଶେ ଦେଉଛନ୍ତି । ଯେବେ ସେ ଶୀଘ୍ର ମରିଯାଏ, ତାହେଲେ ଜାଣିବେ ସେଇ ଭଗବାନଙ୍କର ଇଚ୍ଛା । ଏ କୂଳର ରହିବାନ କି ସେ କୂଳର ରହିବାନ, ସେଇ ବେନକଯ୍ୟା ଆମକୁ ଘଣ୍ଟ ଘୋଡ଼ାଇ ରଖିଥାନ୍ତି ।'' ଏହିପରି ଚିଠିଟି ଶେଷକରି ଶେଷକୁ ସେ ଲେଖିଥିଲା, "ମନ୍ଦିରର କାନ୍ଥ କାମ ସପ୍ତାହକ ଭିତରେ ପୂରା ହୋଇପିବ । କାଠ କାମ ଚାଲିଛି, ଶୀଘ୍ର ଭିତରେ ବଲ୍ଲା ଚଢ଼ାଇ ଦିଆହେବ । ଖପରିଲ୍ ଏଯାକେ ଆସି ପହଞ୍ଚିନାହିଁ ।''

ଏସବୁ କଥା ମନେ ପକାଇଲେ, ବେଳେ ବେଳେ ମୋତେ ହସମାଡ଼େ । ମୁଁ ଯେଉଁ ନକ୍ସା ତିଆରି କରିଥିଲି, ସେହି ପ୍ରକାରେ ତିଆରି ବେନକଯ୍ୟାଙ୍କ ମନ୍ଦିର ମୋ ଆଖିରେ ପରିଷ୍କାର ଦେଖାଯାଉଥିଲା । ଆଗ ଦେଉଳ ଜାଗାରେ ନୂଆ ଦେଉଳର ପ୍ରତ୍ୟେକ ଅଂଶ ମୋ ଆଖିରେ ଝଟକଉଠେ । ଛାତ କାମ ସରିଗଲାଣି । କାନ୍ଥରେ ଲିପା ପୋଛା ବି ସରି ଗଲାଣି । ପାଙ୍ଗତମ୍ମାର ମାନସିକ ଅନୁସାରେ ପ୍ରାତଃକାଳୀନ ପୂଜାବେଳେ ହଜାର ହଜାର ନଡ଼ିଆ ମନ୍ଦିର ଉପରେ ପଡ଼ୁଛି । ବେଳେ ବେଳେ ଲାଗେ, ମନ୍ଦିର କାମ ଅଧାରୁ ବନ୍ଦ ହୋଇଯାଇଛି ଓ ବେନକଯ୍ୟା ଖରାରେ ଶୁଖୁଚି । ରାମ ହେଗ୍‌ଡ଼େଙ୍କ ଅଭିଶାପ ସତ ହୋଇଯାଇଛି । ପାଙ୍ଗତମ୍ମା ମରି ଭୂତ ହେଲାଣି । ବେନକଯ୍ୟାଙ୍କ ମନ୍ଦିର ଯାକେ ପ୍ରେତ ପରି କୁହାଟ ଛାଡ଼ୁଛି । ତା ଶୁଣି ମୁଁ ଡରି ଯାଉଛି; କିନ୍ତୁ ଏସବୁ ସ୍ୱପ୍ନ । ଏଠିକି ତ ତଫାତ୍, ଯେ ପର୍ଯ୍ୟନ୍ତ ସ୍ୱପ୍ନ ରହିଥାଏ, ସେ ଯାକେ ମଣିଷକୁ ତାର ସୁଖ ଦୁଃଖ, ଭୟ ଭ୍ରାନ୍ତି ଇତ୍ୟାଦି ସବୁ ସତ ସଠିକା ମନେହେବ । କହନ୍ତିନ ଜୀବନ ମାୟା ମାତ୍ର । କେମିତି ? ମରିଗଲେ ସେ ଆମଲାଗି ମାୟା ହୋଇଯାଏ । ଯେପର୍ଯ୍ୟନ୍ତ ଜୀଇଁଥିବା, ସୁଖ ଦୁଃଖ, ଭୟଭ୍ରାନ୍ତି ସତସଠିକା ମନେ ହେଉଥିବ । ଆଉ ଏ ସବୁ ଯେବେ ମାୟା ପରି ଲାଗେ, ତାହେଲେ ଆମର ସୁଖ ଦୁଃଖ ପ୍ରକୃତରେ ମାୟା କି ନୁହେଁ ତା ଜାଣିବାକୁ ହେଲେ ନିଜର ଚାଲିଚଳଣିର ଅନୁଶୀଳନ—ପରିଶୀଳନ କରିବା ଦରକାର ।

* ୟୁଗାଦି ଶେଷ ହେଲା । ଚୈତ୍ର ଶୁକ୍ଳ ପ୍ରତିପଦା ବି ଖସିଗଲା । ଶମ୍ଭୁ ଲେଖିଛି ଯେ ବେନକଯ୍ୟା ମନ୍ଦିରର କାନ୍ଥ ଉପରେ ଛାତ ପଡ଼ିଗଲାଣି । ତା ଉପରେ ଯେତେବେଳେ ଖରା ପଡ଼ୁଛି, ସାଗୁଆ ବାଉଁଶ ଭିତରେ ସେ ଅତି ଶୋଭାକାର ଦିଶୁଅଛି ।'' ତହିଁ ସଙ୍ଗେ ସେ ଦୁଇ ତିନ ଧାଡ଼ିରେ ତାର ଏହି ପ୍ରବଳ ଇଚ୍ଛା ମଧ୍ୟ ବ୍ୟକ୍ତ କରିଥିଲା, "ସ୍ୱାମୀ ! ** ଲେଖି ଲେଖି ଥକିଲିଣି । ଆପଣ ଥରେ ଏଠିକି ନିଶ୍ଚୟ

* ଦକ୍ଷିଣ ଭାରତରେ ପର୍ବ ବିଶେଷ । ନୂଆବର୍ଷର ଆରମ୍ଭ ।

** 'ଦାରୁ' ବା 'ଆଜ୍ଞା' ପରି ଦକ୍ଷିଣର ସମ୍ବୋଧନ ମୂଳତଃ ବ୍ରାହ୍ମଣ ଭଦ୍ରଲୋକଙ୍କୁ ଉଦ୍ଦିଷ୍ଟ ହେଲେ ବି ସଚରାଚର ବ୍ୟବହୃତ ।

Digitized by PPRACHIN, SOA

ଆସନ୍ତୁ । ଯାହା କାମ ହୋଇଛି ତାକୁ ଦେଖିପିବାକୁ ହେଉପଛେ, ପାର୍ବତୀ ଆଈ ସଙ୍ଗେ ଭେଟ କରିବାକୁ ହେଉ ପଛେ ।'' ମୋର ନିଜର ଅନ୍ତରାତ୍ମା ମୋତେ କୋର ଖାଉ ଥିଲା । ମନ୍ଦିର ତ ଗଢ଼ା ହୋଇଗଲା । ଲିପାପୋଛା ହୋଇନାହିଁ, ତେବେ ସେ ବ ବଢ଼ିପିବ । ବିଗ୍ରହଙ୍କ ପ୍ରତିଷ୍ଠା ତ କରିଦେବାର ବେଳ ଆସିଛି; କିନ୍ତୁ ସେ ବିଷୟରେ ଭାବନା କରିବା ଦରକାର ମନେ ହେଲାନାହିଁ । ସବୁଠୁଁ ଜରୁରୀ କାମହେଲା—ପାର୍ବତୀମା ସଙ୍ଗେ ଦେଖା କରିବା । ମୁଁ ଏଇ ଚକ୍ରାରେ ପଡ଼ିଗଲି ପିବି କି ପିବିନି ?

ସେହି ଦୁଇଦିନ ଭିତରେ ଗୋଟିଏ ଅପ୍ରତ୍ୟାଶିତ ପତ୍ର ଆସିଲା । ଯଶୋବନ୍ତ ରାୟ ବାବୁଙ୍କର ମୃତ୍ୟୁର ସମ୍ବାଦ ଧୀରେ ଧୀରେ କୁମଣ୍ଡା ଯାକେ ଗ୍ଭଲି ଯାଇଥିଲା, ଏହାହିଁ ସେ ପତ୍ର ଆସିବାର କାରଣଥିଲା । ପତ୍ରରେ ଲେଖାଥିଲା, ''ସ୍ୱାମୀ ! ଆପଣ କିଏ, କଣ, ମୁଁ ଜାଣିନାହିଁ । ଯେବେ ମୋର ପତ୍ର ସମ୍ବୋଧନ ଓ ଲେଖିବାର ରୀତି ନୀତିରେ କିଛି ତ୍ରୁଟି ହୋଇଥାଏ, ମୋତେ କ୍ଷମା କରିବେ । ଆପଣଙ୍କୁ ନିଶ୍ଚୟ ଜଣାଥିବ ଯେ ମୁଁ କିଏ, କିନ୍ତୁ ଆପଣ କେବେ ଜାଣିବାର ଚେଷ୍ଟା କରି ନାହାନ୍ତି । ଦୁଃଖ ହୁଏ । ମୋର ପିତା-ଙ୍କର ମୃତ୍ୟୁ ସମ୍ବାଦ ଆପଣ ଆମ ପାଖକୁ ପଠାଇବା ଉଚିତଥିଲା । ତାଙ୍କର ଶ୍ରାଦ୍ଧ ପିଣ୍ଡାଦିର ଅଧିକାର କେବଳ ମୋରଅଛି । ଆପଣ ନିହାତି କମ୍‌ରେ ମୋର ଜୀବିତା ମାଙ୍କୁ ସେହି ସମ୍ବାଦ ଦେବା ଉଚିତ ନ ଥିଲା କି ?''

''ଏପରି ସ୍ଥଳେ ଆପଣ ବେନକନ ହୁଙ୍କି ର କୋଉ ଆଈ ଘରକୁ ଯାଇ ମୋର ପିତାଙ୍କ ନାମରେ ବଡ଼ ବଡ଼ କଥା କହି ଆସିଲେ । ଯେ ଶୁଣିବ ସେ ଆଶ୍ଚର୍ଯ୍ୟ ହେବ । ବାପାଙ୍କର ସମ୍ପତ୍ତି, ଟଙ୍କା ପଇସା, ଜମିବାଡ଼ିର ଅଧିକାରୀ ଆପଣ ନୁହନ୍ତି । ଶୁଣିବାକୁ ପାଉଁ, ତାଙ୍କର ବେଶ୍ କିଛି ଟଙ୍କା ଆପଣଙ୍କ ପାଖରେ ଗଚ୍ଛିତ ଅଛି । ତାଙ୍କର ମୃତ୍ୟୁର ସମ୍ବାଦ ଆମ୍ଭମାନଙ୍କୁ ନ ଦେବାର ଏହା ହିଁ କାରଣ ହୋଇଥିବ । ସେ ଯାହାହେଉ, କମ୍ ପକ୍ଷେ ତାଙ୍କର ବଳିଥିବା ସମ୍ପତ୍ତିର ବିବରଣ ମୋତେ ଦିଅନ୍ତୁ ଓ ତାହାକୁ ଆମ ଜମା କରି ଦିଅନ୍ତୁ ଏବଂ ନିୟମ ମାଫିକେ ଆମ୍ଭଠାରୁ ତାହାର ରସିଦ ନେଇ ଯାଆନ୍ତୁ, ନଚେତ୍ ଓକିଲଙ୍କ ମାଧ୍ୟମରେ ରୀତିମତ ଆଇନାନୁମୋଦିତ କର୍ମ କରାଯିବ । ଆପଣଙ୍କୁ ଏକଥା ଜ୍ଞାତ କରାଇବା କର୍ତ୍ତବ୍ୟ ମଣି ଏ ପତ୍ର ଲେଖିଲି ।

। ଇତି ।

ସ୍ୱେଚ୍ଛାଳମନେ ସୀତାରାମ ହେଗ୍‌ଡ଼େ ।''

ପତ୍ରଟି ପଢ଼ି ମନ ଭଲ ଲାଗିଲା । ଅନ୍ତତଃ ତାକୁ ଏତିକି ବିଶ୍ୱାସ ହେଉଚି ଯେ ମୃତ୍ୟୁ କାଳରେ ପିତାଙ୍କ ପାଖରେ ଗ୍ଭରି ପଇସା ବଳିଥିଲା । ଅନ୍ତତଃ ନିଜ ବାପର

Digitized by PPRACHIN, SOA

ଶ୍ରାଦ୍ଧ ପିଣ୍ଡ ଦେବାର ସଦ୍‌ବୁଦ୍ଧି ତ ତାର ହେଲା । ପ୍ରାୟ ପନ୍ଦର ବର୍ଷ ପରେ ବାପ କଥା ପୁଅଙ୍କର ମନେ ପଡ଼ିଗଲା ! ସଙ୍ଗେ ସଙ୍ଗେ ତା ମା କମଳାମ୍ବା ବର୍ତ୍ତମାନ ସୁଦ୍ଧା ଜୀବିତା ଥିବାର ଜାଣି ଦୁଃଖିତ ହେଲି । ଯାହାହେଉ ପଛକେ ସଧବାନାରୀ ତା'ର ଶଙ୍ଖା ସିନ୍ଦୂର ପକେଇଦବା ଆବଶ୍ୟକ ପଡ଼ିବାର କଥା । ମୋ ସାଙ୍ଗରେ ଭବିଷ୍ୟତରେ କାରବାରମାନ କରିବାର ମିଜ କେତେ ସଙ୍ଗେ ଦେଖାକରିବା ଦରକାର ପଡ଼ୁଛି । ମୁଁ ନିଶ୍ଚୟ ତା ସଙ୍ଗେ ଭେଟିଥାନ୍ତି; କିନ୍ତୁ ଏତେ ଜଲଦି ଭେଟିବା କଥା ମୁଁ ଭାବି ନଥିଲି । ଯଦି ମୁଁ ଜାଣିଥାନ୍ତି ଯେ ସେ ସାମ୍ପ୍ରଦାୟିକ ବ୍ୟକ୍ତି, ତାହେଲେ ବମ୍ବେରୁ ଫେରିବାର ସଙ୍ଗେ ସଙ୍ଗେ ମୁଁ ତାଙ୍କ ପୁଅକୁ ତାଙ୍କ ମୃତ୍ୟୁର ସମ୍ବାଦ ଦେଇ ଦେଇଥାନ୍ତି, କିନ୍ତୁ ମୋର ବନ୍ଧୁଙ୍କର ଡାଇରି ଓ ବିଶ୍ୱାସ ସ୍ୱା ଭିତରେ ଆସିଗଲେ କି ନା ?

ତାଙ୍କ ସ୍ମୃତି ପୁସ୍ତିକାର ପ୍ରଥମ ପୃଷ୍ଠାରେ ହିଁ ଯଶୋବନ୍ତ ବାବୁ ଲେଖିଛନ୍ତି ।

"ମୁଁ ଜୀବିତ ଅଛି ବର୍ତ୍ତମାନ; କିନ୍ତୁ ମୃତ୍ୟୁପରେ ନୁହେଁ । ଜନ୍ମ ନେବା ଆଗରୁ ଇ ମୁଁ ମରିସାରିଥିଲି । ମଲାପରେ କେବଳ ମୋର ଗୃହଚଳଣିର ସ୍ମୃତି ବଞ୍ଚିଥିବ । ମୁଁ ନୁହେଁ । ମୁଁ ଯୋଉଠି ନାହିଁ, ସେଠି ମୋ ଲାଗି ଶ୍ରାଦ୍ଧାଦ୍ଧ କିମ୍ବା ବି ଦରକାର ନାହିଁ । ମୋଠାରେ ଯେଉଁ ଗୁଣ ଅଛି, ତାକୁ ନିଜ ଜୀବନରେ ଆଣି ରଖିବାଇ ହେଉଛି ମୋର ଶ୍ରାଦ୍ଧ । ଏପରି ଶ୍ରାଦ୍ଧ ଯେ କୌଣସି ଲୋକ ଯାହାମାନ ତାହାପାଇଁ କରିପାରେ । ଏ ଶ୍ରାଦ୍ଧ ତ ମାନବତା ଲାଗି କରାହେବାର କଥା, କେଉଁ ଗୋଟିଏ ମନୁଷ୍ୟ ଲାଗି ନୁହେଁ । ମାନବ ଚିରନ୍ତନ, ଆମେ ତ ଗୃହଦାନର ଖେଳୁଆଡ଼ ।"

ଯଶୋବନ୍ତ ରାୟ ବାବୁଙ୍କର ମନୋଧର୍ମ ହିଁ ଯେତେବେଳେ ଏହିପରି, ସେଠି ତାଙ୍କ ଜୀବିତ କାଳରେ ତାଙ୍କ ପ୍ରତି ଅଶ୍ରଦ୍ଧା ଦେଖାଇ, ତାଙ୍କ ସଙ୍ଗେ କଳିକଜିଆ କରି, ମୃତ୍ୟୁ ପରେ ତାଙ୍କର ସ୍ମରଣ କରିଲେ ବା ଶ୍ରାଦ୍ଧ କରିଦେଲେ କଣ ହୋଇଯିବ ? ସେ ତ ଖାଲି କାକ-ପିଣ୍ଡ ପରି ହବ । ତହିଁରେ ପିତୃଭକ୍ତିର ନାଁ ଗନ୍ଧ ନଥିବ କି ଆଉ ହବ ।

ତେଣୁ ମୁଁ କୁମଟା ସ୍ଥିତ ତାଙ୍କର ପୁଅର ଠିକଣା ଜାଣିବାରେ ବେଶି ତତ୍ପର ହୋଇ ନଥିଲି । ବେଳ ମିଳିଲେ ତାଙ୍କ ସଙ୍ଗେ ଚିଠ୍ଠା ପରିଚୟ କରିଥାନ୍ତି । ସେ ଯାହାହେଉ, ତାଙ୍କର ବ୍ୟାଙ୍କ୍ ବୁକ୍‌ରେ ପ୍ରାୟ ଦେଢ଼ ହଜାର ଟଙ୍କା ରହିଛି । ତାକୁ ତ ଆଉ ବ୍ୟାଙ୍କ୍ ବାଲାଙ୍କ ଜମା ଭେଟି ଦିଆ ହବନି । ଆଇନତଃ ସେ ଟଙ୍କା ତାଙ୍କର ଉତ୍ତରାଧିକାରୀଙ୍କୁ ମିଳିବା ଉଚିତ । ମୁଁ ଯେବେ ଏଇ ଟଙ୍କା କଥାଟା ଆଗ ତାଙ୍କ

Digitized by PPRACHIN, SOA

ପରିବାରକୁ ଜଣାଇ ପାରିଥାନ୍ତି, ତାହେଲେ ଭଲ ହୋଇଥାନ୍ତା । ବର୍ତ୍ତମାନ, ଯଶୋବନ୍ତ ବାବୁଙ୍କ ପୁଅକୁ ତା ଚିଠିର ଜବାବ ଲେଖୁ ଲେଖୁ ଉପଦ୍ର ଲେଖିଦେଲି ।

"ଜାଣି ଖୁବ୍ ଖୁସୀ ହେଲି ଯେ ଆପଣ ମୋର ବନ୍ଧୁ ଯଶୋବନ୍ତରାୟ ବାବୁଙ୍କର ପୁଅ ଅଟନ୍ତି । ଶୁଣା କଥାର ଭିତ୍ତିରେ ଆପଣ ମୋ ଉପରେ ଦୋଷାରୋପ କରି-ଛନ୍ତି । ଯେବେ ଆପଣଙ୍କର ଅବସର ଥାଏ; ତାହେଲେ ଏଠାକୁ ଆସନ୍ତୁ । ଏକଥା ସତ୍ୟ ଯେ ଆପଣଙ୍କର ପିତୃଦେବଙ୍କର ଅର୍ଥ ମୋ ପାଖରେ ଅଛି । ସେ ମରିବା ଆଗରୁହିଁ ନିଜର ଇଚ୍ଛା ଅନୁସାରେ ଟଙ୍କାକୁ ଙ୍କ ପରିବାର କ୍ଷମତାପତ୍ର ସମେତ ଡ୍ରାଫ୍ଟ୍ ମୋ ନାମରେ ପଠାଇ ଦେଇଥିଲେ । ତାଙ୍କର ଆଦେଶପତ୍ର ଆପଣ ଦେଖି ପାରନ୍ତି । ତାଙ୍କର କିଛି ଚିଠି ତଥା ପୁସ୍ତକ ମଧ୍ୟ ମୋ ନିକଟରେ ସୁରକ୍ଷିତ ଅଛି । ଆପଣ ଆସି ସେତକ ନେଇ ଯାଇପାରନ୍ତି । ବମ୍ବେ ଓଭରସିଜ୍ ବ୍ୟାଙ୍କର 2516 ନମ୍ବରର ଏକାଉଣ୍ଟରେ 1613-7-10ଟଙ୍କା ବଳି ରହିଛି । ଆପଣ ହିଁ ସିଧା ବ୍ୟାଙ୍କ୍‌କୁ ଲେଖି ଶୀଘ୍ରାତିଶୀଘ୍ର ମଗାଇ ନିଅନ୍ତୁ । ଆପଣଙ୍କର ଓକିଲ ଆଉ କେଉଁ ପ୍ରକାର କଦର ବତାଇଲେ, ସେ ଅନୁସାରେ ମଧ୍ୟ କାର୍ଯ୍ୟ କରି ପାରନ୍ତି ।"

ଏହି ଉପଦ୍ରବକୁ ଉସ୍କାଇବା କାହାର କାମ, ତାହା ଜାଣିବାକୁ ବି ଇଚ୍ଛା ହେଲା । ମୋ ଆଖିରେ କେବଳ ଜଣେ ଲୋକ ପଡ଼ିଲା—ରାଜେଶ୍ରୀ ରାମ ହେଗ୍‌ଡ଼େ ମହାଶୟ । ତାଙ୍କ କଥାରୁ ତାଙ୍କ ପିତାଙ୍କ ସ୍ମରଣ ନ ଆସି ରହି ପାରିଲାନି । ଯଶୋବନ୍ତ ଉପରେ ଜାଲ ପକାଇ, କର୍ଜ ନେଇ ତାକୁ ଜାଲରେ ବାନ୍ଧିଥିଲେ ସେ । ମାଛ ଧରିବାର କେତେ ବଡ଼ କ୍ଷମତା ତାଙ୍କର ଥିଲା । ବ୍ରାହ୍ମଣେ ବି ଏପ୍ରକାର ମତ୍ସ୍ୟ-ବେପାରକୁ ଜୀବନରେ ଶୋଭା ମଣିବାକୁ ଆରମ୍ଭ କଲେଣି । ଏପରି ସ୍ଥଳେ ପାଦଁଜମ୍ମାର ନିଃସ୍ୱାର୍ଥ ଓ ନିରପେକ୍ଷ ଜୀବନର ଆଦର କିଏ ବା କରିବେ ଏମାନେ ?

ସୀତାରାମ ହେଗ୍‌ଡ଼େଙ୍କୁ ଯେଉଁଦିନ ଚିଠି ଲେଖିଲି, ସେହିଦିନ ଶମ୍ଭୁ ହେଗ୍‌ଡ଼କୁ ବି ଚିଠି ଲେଖି ଦେଇଥିଲି, "ଏ ଚିଠି ଆପଣ ପାଇବା ଆଗରୁ ମୁଁ ନିଜେ ଯାଇ ଗାଆଁରେ ହାଜର ହୋଇଥିବି ?" ଚିଠିର ବେଗକୁ ବି ଟପି ମୁଁ କୁମଟା ଗଲି; ସେଠାରୁ ଶିରସୀ ଦେଇ ସ୍ୱାଦୀ ଯାଇ ବେନକନହଲ୍ଲୀ ପହଞ୍ଚିଗଲି । ଗଲାବେଳେ ମୁଁ ଆଉ କୁମଟାରେ ଅଟକିଲି ନାହିଁ । ସ୍ତ୍ରୀ ଭିତରେ ସୀତାରାମ ହେଗ୍‌ଡ଼େଙ୍କୁ ମୋ ଚିଠି ମିଳି ଯାଇଚି କି ନାହିଁ, ଏକଥା ମୁଁ ଜାଣିନାହିଁ । ଏ ବିଷୟରେ ବି ମୋର ସନ୍ଦେହ ଥିଲା । ଫେରିବାବେଳେ ବି କୁମଟା ଯିବାକୁ ଇଚ୍ଛା ହେଲାନାହିଁ । କୁମଟା ଗଲେ ତ ଅନ୍ତତଃ

Digitized by PPRACHIN, SOA

ଆଠଦିନ ମଧ୍ୟେ ସେଇଠି କଟେଇବାକୁ ପଡ଼ିବ । ଯଶୋବନ୍ତବାବୁଙ୍କର ଦୁଇଜଣ ସାହାଯ୍ୟ ପ୍ରାର୍ଥୀତ ସେଇଠି । ତାଙ୍କ ପରିବାରର ଭିତର ବାହାର ଜାଣିବାକୁ ଅନ୍ୟ ଲୋକଙ୍କ ସାଙ୍ଗରେ ବି ଦେଖା କରିବାକୁ ପଡ଼ିବ । ସବୁ ଦେବକନ୍ୟାଙ୍କ କୃପାରୁ ହୋଇ ଯିବ । ଏହା ଭାବି ମୁଁ ଆଗେଇ ଗଲି ।

ଏଥରକ ସ୍ୱାମୀ ଯିବାକୁ ଶଗଡ଼ ଗାଡ଼ି ନେବା ଦରକାର ହେଲନାହିଁ । ବସ୍ ଚଲାଚଲ ଆରମ୍ଭ ହୋଇ ଯାଇଥିଲା । ଦେଢ଼ ଘଣ୍ଟାରେ ଯାତ୍ରା ଶେଷହେଲା । ଯେଉଁ ବାଟରେ ଆଗଥରି ଦେବକନହଲ୍ଲି ଯାଇଥିଲି, ସେଇ ବାଟରେ ଏଥର ବି ଗଲି । ସେତେବେଳେ ବର୍ଷାଦିନ ହୋଇଥିଲା । ଏଇଲା ଗ୍ରୀଷ୍ମକାଳ । ଖର ତେଜର ପ୍ରଭାବରେ ବନଶ୍ରୀ କ୍ଳାନ୍ତ ଦିଶୁଥିଲା । ଯତ୍ରତତ୍ର ପକ୍ଷୀ କଳରବ କରୁଥିଲେ । ପଥ ବାମ୍ବାର ବଡ଼ ବଡ଼ ଶାଲ୍ମଳୀବୃକ୍ଷର ଫୁଲକୁ ଡାଳରୁ ଝଡ଼ୁଥିବାର ଦେଖିଲି । ଝାଳନାଳ ଆଣ୍ଠିଏ ହେଲଣି । ଶୋଷ ମାରିବାକୁ ଲମ୍ବା ଲମ୍ବା ପାହୁଣ୍ଡ ପକାଇ ଦେବକାଙ୍କ ଟିଲାକୁ ଚାଲି ଆସିଲି । ମନ୍ଦିରର ଗୃହପଟର ଅରମା ଆଉ ବାଉଁଶ ବଣକୁ ସଫା କରାଯାଇଥିଲା । ନୂଆ ମନ୍ଦିରର ଛାତ ଉପରେ ଖପରଲି ପକା ହୋଇଥିଲା । ଏସବୁ ଦେଖି ମନ ସନ୍ତୋଷ ହେଲା ଯେ ଶମ୍ଭୁ ତା ପାପର ପ୍ରାୟଶ୍ଚିତ୍ତ କରି ନେଇଛି । ମନ୍ଦିରର ନାଲି ଛାତ ଦେଖିକରି ଆନନ୍ଦର ସୀମା ରହିଲାନ । ଭାବିଲି ଯା'ହଉ, ପାର୍ବତମ୍ମା ଏତକତ ଦେଖି ପାରିଥିବ ? ଆଉ ଯେବେ ନ ଦେଖିଥାଏ, ତାହାହେଲେ ଚତୁର୍ଥୀଯାକେ ତା ପ୍ରାଣ ଅଟକି ରହିବ । ମୁଁ ଦୂରରୁ ମନ୍ଦିରକୁ ଦେଖୁଥାଏ । ମୁଁ ଏହି ସ୍ୱପ୍ନ ଦେଖୁଥାଏ, ଏତିକିବେଳେ ପବନର ଧୀର ଦମକା ଭିତରୁ ଶମ୍ଭୁର ପାଟି ମୋ କାନରେ ପଡ଼ିଲା ।

"ଆସିଗଲେ ତ ? ମୋର ତ ଡର ଥିଲା, ଯେବେ ଆପଣ ନ ଆସିବେ ତାହେଲେ ସେ କଣ କରିବ ?" ଏହି କଥା କହି ଶମ୍ଭୁ ମୋର ସ୍ୱାଗତ କଲା । ସେହି ମନ୍ଦିରର ଗୃହକଡେ ଗୃହଅର ପରିକ୍ରମା କରାଇଲା । ନିରୀକ୍ଷିକରି ମୁଁ ତାକୁ ଚାହିଁଲି । କାଠ କାମ ବଢ଼ିଲାଣି । ପୁରୁଣାକାଳିଆ ମୋଟା ମୋଟା ଖୁଣ୍ଟ, କାର୍ଣ୍ଣିସ ଓ ବଲ୍ଲା ଉପରେ ସୁନ୍ଦର କାରୁକାର୍ଯ୍ୟ ହୋଇଛି । ମନ୍ଦିର ଭିତରେ ଲିପାପୋଛା ହେଉଥିଲା । ମୁଁ ଶମ୍ଭୁ ପିଠି ଆପୁଡ଼ାଇ କହିଲି, "ସାବାସ୍ !" ମୋ ଆଗରେ ତ ପୋକ ଜୋକ ପରି ଘୁଞ୍ଚୁଥାଏ, ସେଇ ଶମ୍ଭୁ ବି ଜାଣିଲା ଯେ ସେ ବି ଗୋଟାଏ ମଣିଷ । ସେ ଖୁସୀ ହେଲା ଓ ଛାତି ଫୁଲେଇ ଠିଆ ହେଲା । ମୁଁ ତାକୁ ଆହୁରି ଖୁସୀ କଲି ଓ ପଚାରିଲି ।

"ଆପଣଙ୍କ ବାପା ଘରେ ଅଛନ୍ତି ?"

"ଆଉ କୁଆଡେ ଯିବେ ? ପୂଜା କରୁଥିବେ ।"

Digitized by PPRACHIN, SOA

"ଆପଣ ସେ ସବୁ କରନ୍ତନ ପର୍ବ ?"

"ଯେ ମାନେ ବାପା ଅଛନ୍ତ, କରନ୍ତନ ।

"ତାହେଲେ ଭଗବାନ୍ ନଣକ ପାଇଁ..."

"କାହିଁକ ? ଆପଣ ବ ତ ମୋର ପର, ନା ? ସେ ଦନ ଆପଣଙ୍କୁ ବ ତ ସନ୍ଧ୍ୟା ବନ୍ଦନା ଆଗରୁ ଜପ କରବା ଦେଖିଲନ ।"

"ଯେ ଆଉ ନୂଆ କଥା କଣ ? କେବେହେଲେ ବରନ ।"

"ଗଜାନନଙ୍କ ଉପରେ ଏତେ ଭକ୍ତ ଥାଇକର ବ......

"ଗଜାନନଙ୍କ ଉପରେ ଭକ୍ତ ନୁହେଁ, ଭକ୍ତଙ୍କ ଉପରେ ଭକ୍ତ ଥାଇକର ।"

ଏ କଥା ତା ମୁଣ୍ଡରେ ପଶିଲନ । ମୋର ଆଉ କେତେ କାମର ଭାବନା ଅଛ । ମୁ କହିଲି, ଚାଲନ୍ତୁ ଆଗ ଆଇ ସାଙ୍ଗରେ ଭେଟିକର ଯାଇ ଅପଣଙ୍କ ଘରକୁ ଫେରବା ।"

"ଆଗ ପାଣି ମୁନ୍ଦେ ନ ପିଇ କୁଆଡ଼େ ଯିବ ?" ସ୍ତ୍ରୀ କହ ସେ ମୋ ହାତ ଧରନେଲ ଓ. ଗଡ଼ାଣି ଦେଇ ଓହ୍ଲାଇବାକୁ ଲଗିଲ । ଯେ ସେଇ ଗଡ଼ାଣି, ଯହିଁରେ ଗତଥର ଓହ୍ଲାଇଥିଲ । ତେଣୁ ମୁଁ ପଚାରଲ, "କାଦୁଅ ନାହିଁ ତ ?" ସେ କହଲ । "ନଜେ ଦେଖିବେନ ନ ।" ରାସ୍ତା ମରାମତ ହୋଇଛ । ତାକୁ ଓସାରଆ କରାଯାଇଛ । ଏଠି ସେଠି କଛ ପଥର କଚରା ଖଞ୍ଜି କର ପାହାଚ ବ ହୋଇଛ । ମୁଁ ତାଙ୍କ ଘରେ ପହଞ୍ଚିଗଲ । ଡାକ କର ଶଙ୍କର ହେଡ୍‌ଡେଙ୍କୁ ମୋ ଆସିବା ଖବର ଜଣାଇଲ । ତାଙ୍କ ବଡ ଭଉଣୀ, 'ଏଇଲାଗେ ଆସୁଛ' କହ ଶମ୍ଭୁକୁ ସାଙ୍ଗରେ ନେଇ ବାହାରଗଲ । ମୋର ସେଇ ପଶ୍ଚିମ ଆଡ଼କୁ ଆଖି ପଡ଼ଗଲ । ପୁରୁଣା ଉତ୍ତରାଧିକାରୀ ହେଷର ପ୍ରତୀକ ହୋଇ ବାଉଁଶର ଅରମା ବଣ ଦଶିଗଲ । ତାଙ୍କ ଘରର ବାଡ଼ପଟ ଡେଇଁଛ କ ନାହିଁ, ମୁଁ କହଲ, "ଶମ୍ଭୁସ୍ତ୍ରୀ, ମୁଁ ବଶ୍ୱାସ କର ଯେଉଁ କାର୍ଯ୍ୟଟି ଆପଣଙ୍କୁ ସମର୍ପଣ କରଥିଲ, ଆପଣ ଭଲରୂପେ ସେଇଟି କରଛନ୍ତ । ଆପଣଙ୍କର ମଙ୍ଗଳ ହେବ । ମୋର ଆଉ ଗୋଟିଏ ଆଶା ରହଛ; ସେଇଟି ବ ପୂର୍ଣ୍ଣ କରବେକ ?"

"କହନ୍ତୁ ନା ? ଆପଣତ ମୋତେ ଜେଲ୍ ଦେଇ ପାରଥାନ୍ତେ; କନ୍ତୁ ଆପଣଙ୍କର ମହାନ୍ ହୃଦୟ ଯୋଗୁ ମୋତେ କ୍ଷମା କଲେ । ଏପର ସ୍ଥଳେ..."

Digitized by PPRACHIN, SOA

"'ଆପଣ ବି ଯେବେ ସେତିକି ମହାନ୍ ହୃଦୟ ଦେଖାଇ ପାରନ୍ତି, ତା ହେଲେ...

"କହନ୍ତୁ ନା କି କାମ ? ମୋ ଶକ୍ତି ପାଇଲେ ନାହିଁ କରିବିନି ।"

"ଆପଣଙ୍କର ଶକ୍ତି ଭିତରେ ନ ହୋଇଥିଲେ ମୁଁ କେବେହେଲେ କହି ନ ଥାନ୍ତି । ଆଚ୍ଛା କହନ୍ତୁନି, ଆମ ଯଶୋବନ୍ତ ବାବୁଙ୍କର ଘରର ତଳ ଅଂଶଟା କାହା ଦଖଲରେ ଅଛି ? ଆପଙ୍କର ପରିବାରର ଅଧିକାରରେ ନା ସାମ ହେଗଡ଼େଙ୍କର ?"

"ସାମ ହେଗଡ଼େଙ୍କ ଅଧିକାରରେ ସେ ତ ହୋଇ ନ ଥିବ । ଅନୁଭୋଗ ଆମର । ଆଉ କେହି ସେ ଜାଗାକୁ ଆସିନାହିଁ କି ଆସି ପାରିବେନି । ମୋତେ ଭଲକରି ଜଣାନାହିଁ ତା ଉପରେ ଆମ ପରିବାରର ଦାବୀ କେତେ । ଚାଳିଶ ବର୍ଷ ଗଲାଣି, ଆଉ ତା ଉପରେ ଦାବୀ ରହିଛି ନା ଦଖଲ ରହିଛି ।"

"ହଉ । ତା ହେଲେ, ଆପଣ ଗୋଟିଏ କାମ କରନ୍ତୁ । ବାଉଁଶବଣ ଅରମା କାଟି ସଫା କରି, ତାକୁ ଜାଲି ପାଉଁଶ କରି ଦିଅନ୍ତୁ । ତା ପରେ ସେଠି ଖଣ୍ଡିଏ ଚାଳିଆ କରନ୍ତୁ । ଆଉ କାହାର ପାଇଁ ନୁହେଁ, ପାର୍ବତମ୍ମା ଲାଗି । ଆପଣଙ୍କ ଘରେ ରହିବାକୁ ତାଙ୍କୁ ସଙ୍କୋଚ ହେଉଛି ନା ? ତାଙ୍କୁ ସେଠି ରଖାଇ ଦେବା । ପନ୍ଦର ଦିନ ଭିତରେ କାମଟା ହୋଇପିବ ତ ? ଆପଣଙ୍କ ପିଉସୀ ନାନୀ ବି ଖୁସୀ ହେବେ ।"

"ଭଲ ଉପାୟ କହିଲେ । ଏଠି ରହିଲେ ତାର କିଛି କଷ୍ଟ ବି ହେବନାହିଁ । ଆଣି ଆସିବାକୁ ମଙ୍ଗିଲେ ହେଲା ।"

"ମୁଁ ତାଙ୍କୁ ରାଜି କରିବାକୁ ଚେଷ୍ଟା କରିବି ।"

କଥା ହେଉଁ ହେଉଁ ପଡ଼ିଆ ପାରି ହୋଇଗଲୁ । ତା ପରେ ସାମ ହେଗଡ଼େଙ୍କ ବଗିଚା ଓ ଦାଣ୍ଡ ଡେଇଁ ପାର୍ବତମ୍ମା ଘର ଆଗରେ ଆସି ଠିଆ ହେଲୁ । ଶମ୍ଭୁ ପାଖ କୂଅରୁ ପାଣି କାଢ଼ି ନିଜ ଗୋଡ଼ ଧୋଇଲା ଓ ମୋ ଗୋଡ଼ ଧୋଇଦେଲା । ଏହାପରେ ମୁଁ ଘରେ ପ୍ରବେଶ କଲି । ସେ ପାଟି କରି କହିଲା "ଆଇଲେ, ତୋ ପାଳିତ ପୁଅର ସାଙ୍ଗ ଆସିଚନ୍ତି ।" ମୁଁ ତା ପଛେ ପଛେ ସିଧା ଭିତରକୁ ଗଲି । ଘର ଭିତରେ କାଟି କାଟି ଅନ୍ଧାର । ସେଇ ଜାଗାରେ ଦିନେ ବସି ଖାଇଥିଲି ନା । ପାର୍ବତମ୍ମା ନିଜେ ନ ଖାଇ ମୋତେ ଖୁଆଇ ଥିଲା । ଆଉ ତା ପୋଷା ପୁଅ ନାମରେ ଭଗବାନଙ୍କ ନାମ ଜପ କରିଥିଲା । ସେ ଜାଗାରେ ବୁଢ଼ୀ ଗୋଟିଏ ଚଟି ମସିଣା ଉପରେ ଶୋଇଥିଲା । ଆଗ

Digitized by PPRACHIN, SOA

ଥର ତାଙ୍କୁ ଯେମିତ ଦେଖିଯାଇଥିଲି ତାର ବି ଅଧା ହେଇଯାଇଚି । ନିହାତ ଦୁର୍ବଳ ହେଇଯାଇଛ୍ତି । ନଇଁକରି ମୁଁ ନମସ୍କାର ହେଲି । "ବାପା, ଏ ଗରିବ ମାଇପିଟାକୁ ଭେଟିବାକୁ ଏତେ ଦୂରରୁ କାହିଁକି ଆସିଲ ?" ମୋର ସନ୍ଧାଣେ ନା ଏତେ ଦୂରରୁ ଆସିଲ ?" ସେ ପଚାରିଲେ, "ହଁ ମା, ସେଇଥିପାଇଁ ଆସିଛି । ଆପଣ ମୋତେ ଡାକି ଆଣିଲେ, ଆପଣଙ୍କ ପାଳିତ ପୁଅ ଆଉ ସେଇ ବେନକସ୍ୱାମୀ ବି ସେଇମିତ ମତେ ଡାକି ଆଣିଲେ ।"

କିଛି ସମୟ ଧରି ସେ ମୋ ଆଡ଼େ ଚାହିଁ ରହିଲେ । ମୁଁ ଅଳ୍ପ ହସିଲି । ବେନକସ୍ୱାମୀଙ୍କର ଆଶୀର୍ବାଦ ତମ ଉପରେ ବରଷୁ ଥାଉ । ତାଙ୍କ ମନ୍ଦିରର ମହିମା ମୋତେ ଦେଖାଇବାକୁ ଆସିଛ ନା ? ମୋ ପୁଅ ତମ ହାତରେ ଏତେ କଥା କରାଉଛି । କିନ୍ତୁ ମୋ କପାଳରେ ତ...।" ଏତିକି କହି ସେ ଚୁପ୍ ହୋଇଗଲେ ।

"ମା, ଏଇ ତମର ବେଦାନ୍ତ ? ଆପଣଙ୍କର କଣଟା ହେଇଯାଇଛି ? ବେନକସ୍ୱାମୀଙ୍କର ଏତେ ସେବା କଲେ, ଆଉ ଆପଣଙ୍କଠାରୁ ପୂଜା ନ ନେଇ ସେ ଡାକି ନେବେ ?"

"ଏତିକି ଯେବେ ରଖିଦେବେ ତା ହେଲେ ମୋ ଭାଗ୍ୟ ଭଲ ।"

"ରଖିବେ ଯେବେ ଆପଣଙ୍କ ବେନକସ୍ୱାମୀ ପ୍ରକୃତରେ ଭଗବାନ୍ ହୋଇଥାନ୍ତି । ତା ହେଲେ ନିଶ୍ଚୟ ଏତକ କରିବେ ।" ଏ କଥାଟା ମୁଁ ଅତ୍ୟନ୍ତ ଭକ୍ତିପୂର୍ଣ୍ଣ ଭାବରେ କହିଲି; କିନ୍ତୁ ତାଙ୍କୁ ଅନାଇଲେ ଧୈର୍ଯ୍ୟ ଧରିବା ଅସମ୍ଭବ ହେଉଥିଲା । ଶମ୍ଭୁ ନୀଚସ୍ୱରରେ ରାମ ହେଗଡ଼େଙ୍କ କାରବାର ସବୁ ସଫାସଫା ବିବରଣ ଦେଲା ।

ପାର୍ବତମ୍ମା କହିଲେ, "ସେଇଟା ବି ଗୋଟାଏ ଜନ୍ମଜାତ ଗୁଣ ।"

ମୁଁ କହିଲି, "ମା, ଆପଣଙ୍କର ପାଳିତ ପୁଅଙ୍କର ଟଙ୍କା କଥା କହିକରି ମୁଁଇ ଆପଙ୍କେର ସବୁକଷ୍ଟର କାରଣ ହେଲି । କହିଥିଲିନା ମୁଁ ଆପଣଙ୍କ ଇଚ୍ଛା ପୂର୍ଣ୍ଣ କରିବି, ତା ନ ହେଲେ ଆପଣ କୋଉ କୁଳର, ଆଉ ମୁଁ କୋଉଁ ଗାଆଁ ର ?"

"ତମେ ତ ମୋ ଜନ୍ମକଲା ପୁଅ ସମାନ । କୋଉ ଜନ୍ମରେ ମୁଁ ତମର ମା ହେଇଥିବି କି ଝିଅ ହେଇଥିବି ।"

କେତେ ବଡ଼ ବିଶ୍ୱାସ ରହିଛନ୍ତି ଆପଣ । ତାହାର ବଳରେ ଆପଣଙ୍କୁ ମିନତି କରୁଛି ।" କହିକରି ମୁଁ ନିଜର ଇଚ୍ଛାଟି ତାଙ୍କୁ କହିଲି । ଶୁଣିକରି ଶମ୍ଭୁ କହିଲା,

Digitized by PPRACHIN, SOA

"ତମେ ନାହିଁ କରନାହିଁ । କଥାଟାକୁ ଟାଳ ଦିଅ ନାହିଁ । ହଁଉ ବୋଲି କହ । ଏମିତି ଏଠି ରହିକରି ଅନ୍ନଜଳ ବିନା ଲଢ଼ିବାର ଯେମିତି ଆଉ ନ ହୁଏ ।"

ତାଙ୍କର ମୌନ ସ୍ୱୀକୃତି ପାଇ ଆମେ ଦୁହେଁ ଘରକୁ ଫେରିଲୁ । ଯେତେବେଳେ ଆମେ ଘର ଆଡ଼କୁ ଆସୁଥିଲୁ, ସେତେବେଳେ ବାରଣ୍ଡାରେ ବସି ପାନ ଚୋବାଉଥିଲେ ରାମ ହେଗ୍‌ଡ଼େ, ସେ ଆମକୁ ଦେଖି ଦେଖିଲେ ନାହିଁ । ମୁଁ ବି ଆଖି ଏଡ଼ାଇ ଚାଲି ଆସିଲି ।

ଯେତେବେଳେ ମୁଁ ହେଗ୍‌ଡ଼େ ଆପଣଙ୍କ ଘରେ ପହଞ୍ଚିଲି, ସେତେବେଳକୁ ଶଙ୍କର ହେଗ୍‌ଡ଼େ ଜପ, ପୂଜାପୂଜି ଶେଷକରି, ମଥାରେ ତ୍ରିପୁଣ୍ଡ୍ର ଲଗାଇ ଘର ବାରଣ୍ଡାରେ ଏ ଭଳି ଅପେକ୍ଷା କରୁଥିଲେ, ସତେ ଯେମିତି ମୁଁ ଜଙ୍ଗଲରୁ ପଳେଇ ଆସିଥିବା କୌଣସି ଦୁର୍ବଳିଆ ବାଘଟାଏ । ପାଞ୍ଚ ଛଅଥର 'ହୋ-ହୋ-ହୋ' କହି ସେ ମୋର ସ୍ୱାଗତ କଲେ । ଏଥରକ ମୁଁ ତିନିଦିନ ଜାଗାରେ ଚାରିଦିନ ସେଠି ବିତାଇଲି । ଶଙ୍କର ଓ ଶମ୍ଭୁ ହେଗ୍‌ଡ଼େଙ୍କ ସାହାଯ୍ୟରେ ଦୁଇଦିନ ଭିତରେ ଆଠ ଦଶଜଣ ମୂଲିଆ ଲଗାଇ ତାଙ୍କ ହତିଆରର ସାହାଯ୍ୟରେ ପୁରୁଣା ଘର ଉପରର ଅରମା ବାଉଁଶ ବଣକୁ ସଫାସଫି କରି ଦେଲୁ । ଟିକିଏ ଦୂରରେ ତାକୁ ଗଦା କରିଦେଲୁ । ଜାଗା ସଫା ହେଇଗଲା । ପୁରୁଣା ଘରର ନିଅ ଉପରେ ଖୁଣ୍ଟ ପୋତାହେଲା ଓ ତା ସଙ୍ଗେ ବାଉଁଶ ଛାଟି ଯୋଡ଼ା ହେଲା । ବାଉଁଶର ଛାତ କରାଗଲା । ତା ଉପରେ ଘାସ ଛୁଆ ହେଲା । ଏହିପରି ଦୁଇ ଦିନରେ ସେଠି ଚାଳିଆଟି ତିଆରି ହୋଇଗଲା । ଶଙ୍କର ହେଗ୍‌ଡ଼େ ଆପଣେ ବର୍ଷାଦିନ ଆଗରୁ କରି ଇଟା ମାଟିର ବଖରାଟିଏ କରି ଦେବେ ବୋଲି କଥା ଦେଲେ । ସମୁଦାୟ କାମଟି ଲାଗି ପଚାଶ ଟଙ୍କାରୁ ବେଶି ଖର୍ଚ୍ଚ ହେଇ ନ ଥିବ । ଏସବୁ ଯେହେତୁ ଯଶୋବନ୍ତ ରାଓ ବାବୁଙ୍କ ପଇସାରୁଇ ଖର୍ଚ୍ଚ ହେଉଥିଲା, ସେଥିପାଇଁ ମୁଁ ଶଙ୍କର ହେଗ୍‌ଡ଼େଙ୍କ ହାତରେଇ ଟଙ୍କାଟା ଜମା କରିଦେଲି । ସେ ସଙ୍କୋଚ ସଙ୍ଗେ ତାକୁ ନେଲେ । ଏଥରକ ଦେଖିଲି ଜାତିଆଣ ବିଷୟରେ ତାଙ୍କର ମନୋଭାବ ଟିକିଏ ବଦଳିଛି ।ପଞ୍ଚମ ଦିନ ମୁଁ, ଶମ୍ଭୁ ଓ ମୁକାମ୍ବା ତିନିଜଣଯାକ ପାର୍ବତମ୍ମା ଘରକୁ ଗଲୁ । ପହିଲିଦିନ ଭଲ ହେବ, ଏହା କହିଆମେ ତାକୁ ଟେକି ଆଣି ତାର ପାଳିତ ପୁଅ ଘରକୁ ଘେନି ଆସିଲୁ । ବଡ଼ ଆନନ୍ଦ ହେଲା । ମେଠାରେ ତାଙ୍କୁ ଶୁଆଇ ଦେଇସାରି ମୁକାମ୍ବା କହିଲା, "ପାର୍ବତି ଏ ସେଇ ଥାନ ଯେଉଁଠି ଗୋଡ଼ ଲମ୍ବେଇ କରି ତୁ ଶହେଦଫା ଯଶୋବନ୍ତକୁ ନିଜ ପାଖେ ଶୁଆଇଥିବୁ ।" ଏକଥା ସ୍ମରଣ କରାଇ ତାଙ୍କ ଆଖିରୁ ଖୁସିରେ ଲୁହ ଉଛୁଳି ପଡ଼ିଲା । ପ୍ରକୃତରେ ସେହି ଘଟଣାକୁ ଆଖିରେ ସକାର ହେବାର ଦେଖିଥିବ ସେ ।

Digitized by PPRACHIN, SOA

"ମୋ ବେନକସ୍ବା ତ ଏତକ କୃପା କଲ !" ପାର୍ବତମ୍ମା କହଲା । ଏ ସେଇ ଘର ଯୋଉଠି ସେ ତାର ମୁଦାକାଳ ବଡାଇଛୁ, ଯେଉଁ ଘରୁ ଅନ୍ନଜଳ ତାକୁ ମିଳଛୁ । ଏଇଲା ଖଣ୍ଡି ଏ ଗୁଳଆ ହେଲେ ବ ଯଥେଷ୍ଟ ହେଲାଣି । ଅନ୍ତମ କାଳରେ ନଜର ଘର ଭିତରେ ଟିକଏ ଆଶ୍ରୟ ତ ମିଳଲ । ସେ କଥା ମନେ କର ତାଙ୍କର କେତେ ଆନନ୍ଦ ହେଲା ।

ସେଦନ ଦପହରେ, ମାନେ ଛଅଦନ ଦନ ଆଉଥରେ ତାଙ୍କୁ ଆମେ ବେନକସ୍ବାଙ୍କ ମନ୍ଦରଯାକେ ଘେନଗଲୁ । ଦ'ଜଣଯାକ ଖୁମ୍ବକୁ ଆଉଜା ବସିରହଲେ । ମୁକାମ୍ବିକା ଓ ପାର୍ବତମ୍ମାଙ୍କୁ ଅଶେଷ ତୃପ୍ତି ଅନୁଭବ ହେଲା । ମୋର ବ ଖୁବ୍ ଆନନ୍ଦ ହେଲ, ଏଇଥିପାଇଁ ଯେ ସବୁ କାମ ଯଶୋବନ୍ତ ବାବୁଙ୍କ ଇଚ୍ଛା ଅନୁସାରେ ବଢ଼ି ପାରଛୁ । ତାଙ୍କର ସଞ୍ଚିତ ଧନର ପ୍ରକୃତ ଉପଯୋଗ ହୋଇ ପାରଛୁ ଏହା ଜାଣି ମୋ ଭିତରେ ଧୈର୍ଯ୍ୟ ଆସିଲା ।

ଆପଣ ଅନୁମାନ କରୁଥିବେ ମୁଁ ତୃତୀୟଥର ବ ବେନକନହଳ୍ଳି ଗିବ । ମୁଁ ବ ସେଇଆ ଠିକ୍ କଲି । ଗଲି ମଧ, ସେଇ ବେନକସ୍ବାଙ୍କର ପୁନଃ ପ୍ରତିଷ୍ଠା ଉପଲକ୍ଷେ, ପାର୍ବତମ୍ମାଙ୍କର ଆଖି ଆଗରେ ଗଜାନନଙ୍କର ପ୍ରାତଃକାଳୀନ ପୂଜା ଦେଖିବାକୁ । ସେହି ପ୍ରାତଃକାଳୀନ ପୂଜାକୁ ନଜ ଆଖିରେ ଦେଖିକରି, ପାର୍ବତମ୍ମାର ଆଶୀର୍ବାଦ ନେଇ ଯେଉଁଦନ ମୁଁ ଗାଆଁକୁ ଫେରିଲି, ସେହିଦନ ଏହି ଶୋକସମ୍ବାଦ ମୋତେ ଅପେକ୍ଷା କରୁଥିଲ ଯେ ପାର୍ବତମ୍ମାଙ୍କୁ ବେନକସ୍ବା ତାଙ୍କ ପାଖ ଡାକ ନେଇଛନ୍ତି ।

Digitized by PPRACHIN, SOA

ଆଠ

ଚୈତ୍ର ମାସରେ ମୁଁ ବେନକନହଲ୍ଲି ଚାଲିଗଲି । ପାର୍ବତମ୍ମାଙ୍କୁ ଉପରସାହି ଘରେ ରଖାଇଲି । ତାପରେ କୁଆଡ଼େ ନ ଯାଇ ଘରକୁ ଫେରିଆସିଲି, ପନ୍ଦରଦିନ ପରେ ଚେଛଲମନେ ସୀତାରାମର ଆଉ ଗୋଟିଏ ଚିଠି ଆସିଲା । ଏଇଟା ତାଙ୍କର ଆଗ ଚିଠିଠାରୁ ବଳି ଟାଣ ହୋଇଥିବ—ଏହା ଭାବି ଖୋଲିଲି । ପଢ଼ିଲାବେଳକୁ ବାବୁ ଟିକିଏ ଅଣ୍ଡାପଡ଼ି, ପ୍ରାୟ ଶାନ୍ତ ହୋଇ ଲେଖିଛନ୍ତି ।

"ମହୋଦୟ,

' ମୁଁ ମୋର ଗତ ପତ୍ରରେ ପିତାଙ୍କର ମୃତ୍ୟୁ ସମ୍ବନ୍ଧରେ ଆପଣଙ୍କ ଉପରେ ଦୋଷାରୋପ କରିଥିଲି, ସେଥିପ୍ରତି ଦୃଷ୍ଟି ଦେଇ ନାହାନ୍ତି । ବୋଧହୁଏ ପିତୃଦେବ ଏବଂ ଆମ ଭିତରେ ଯେଉଁ ମନୋମାଳିନ୍ୟ ଥିଲା ସେ କଥା ଆପଣ ଜାଣିଥିବେ । ସେଇଥି ପାଇଁ ତାଙ୍କର ମୃତ୍ୟୁ ସମ୍ବାଦ ସଙ୍ଗେ ସଙ୍ଗେ ଆମ ପାଖ୍କୁ ପଠାଇ ନ ଥିବେ । ଆପଣ ଯଦ୍ୟପି କୌଣସି ଖବର ପଠାଇ ନାହାନ୍ତି; କିନ୍ତୁ ଆମକୁ ଆମର ଜଣେ ଦୂର ସମ୍ପର୍କର ବନ୍ଧୁଙ୍କଠାରୁ ସବୁ ବିଷୟ ଜଣା ହୋଇଥିଲା । ସେତିକିବେଳେ ଆମେ ପିତାଙ୍କର କ୍ରିୟାକର୍ମ ସାରିଦେଇଛୁ । ବ୍ୟାଙ୍କରେ ଗଚ୍ଛିତ ଟଙ୍କା ବିଷୟରେ ଆପଣ ଯେଉଁ ଖବର ଦେଇଛନ୍ତି, ସେଥିଲାଗି ଧନ୍ୟବାଦ । ଆମ ବାପା ଆପଣଙ୍କୁ ନଗଦ କେତେ ଟଙ୍କା ଦେଇଥିଲେ ? ଏ ବିଷୟରେ ଆପଣ ଚୁପ୍ ରହିଛନ୍ତି । ଏହା ଭଲକଥା ନୁହେଁ । ଆଇନ ଜାଣିଥିବା ଯେ କେହି ଆପଣଙ୍କୁ କହି ପାରିବ ଯେ ପିତାଙ୍କର ଚଳନ୍ତି ସକଳ ସମ୍ପତ୍ତିର ଆମେ ହିଁ ଉତ୍ତରାଧିକାରୀ ଅଟୁ । ଏହାଠାରୁ ଅଧିକ ମୁଁ କିଛି ଲେଖି ପାରିବି ନାହିଁ, କାରଣ ବର୍ତ୍ତମାନ ମୋତେ ସବୁ କଥା ଜଣାନାହିଁ । ଯେତେ ଶୀଘ୍ର ପାରେ ମୁଁ ଆପଣଙ୍କ ନିକଟକୁ ଆସୁଅଛି । ମୋର ବିଶ୍ୱାସ, ଆପଣ ସେତେବେଳେ ମୋତେ ଆପଣଙ୍କ ପାଖରେ ଥିବା ସବୁ କାଗଜପତ୍ର ଦେଖାଇବେ ? ଏହାଛଡ଼ା ଆମ ବାପାଙ୍କର ଆଉ ଜମିଖତପତ୍ର ବମ୍ବେରେ କେଉଁଠି ଅଛି ? କଣ କଣ ଜମିଖ ଅଛି ? ଆଗରୁ କହିଥିଲେ ମୁଁ ସେଠିକି ଯାଇ ସେଗୁଡ଼ିକ ଆଣିବାକୁ ସୁବିଧା ହେବ । ମୋର

Digitized by PPRACHIN, SOA

ବାପା ଆପଣଙ୍କର ଯେତିକି ନିକଟ ଥିଲେ; ସେତିକି ନିକଟ ମୁଁ ମଧ୍ୟ ଆପଣଙ୍କର ହୋଇଥିବି; ଏହାହିଁ ମନେକରି ଏ ପତ୍ର ଲେଖିଲି । ଅନ୍ୟ କିଛି ଖବରବେ ନାହିଁ । ଇତି ନମସ୍କାରାନ୍ତେ—

"ସୀତାରାମ ହେଗଡ଼େ ।"

ମୋ ଜାଣିବାରେ ଯଶୋବନ୍ତ ହେଗଡ଼େଙ୍କର ଗୋଟିଏ ବୋଲି ପୁଅ । ବୋଧେ ତିନୋଟି ଝିଅ । ଝିଅମାନଙ୍କର ବିବାହ ହୋଇ ଗଲାଣି । ସେମାନେ ଶ୍ୱଶୁରଘରେ ଅଛନ୍ତି । ସୀତାରାମ ତା ଚିଠିରେ 'ଆମେ' ଶବ୍ଦର ଯେଉଁ ପ୍ରୟୋଗ କରିଅଛି, ସେ 'ଆମେ' ଭିତରେ ଝିଅମାନେ ବି ରହିଥିବେ, ଏପରି ମନେହେଲାନାହିଁ 'ଆମେ' ବାଦଶାହୀ ଥାଟର ସଙ୍କେତ, (ମାନ୍ୟାର୍ଥେ ବହୁବଚନ) । ଏ ଶବ୍ଦରୁ ଏହି ଧାରଣା ମୋର ଉତ୍ପନ୍ନ ହେଉଅଛି । "ଆମ ମା" "ଆମ ବାପା" କହିବାରେ ଖୋଲା ଓ ବିଶାଳ ମନର ପରିଚୟ ମଧ୍ୟ ପାଉନାହିଁ । ପତ୍ରର ଉତ୍ତର ଦେବା ଦରକାର, ତେଣୁ ମୁଁ ବି ଟିକିଏ ଥାଟ ଜମାଇ ଲେଖିଲି, "ଆପଣଙ୍କର ବିଶ୍ୱାସପୂର୍ଣ୍ଣ ପତ୍ର ପାଇଲି ଓ ସକଳ କଥା ଅବଗତ ହେଲି । ସମ୍ପୃକ୍ତ ବିଷୟରେ ମୁଁ ପୂର୍ବରୁ ହିଁ ଆପଣଙ୍କୁ ପତ୍ରରେ ଲେଖିଅଛି । ତାଙ୍କର ବମ୍ବେର ଘର ଠିକଣା ମଧ୍ୟ ତଳେ ଦେଇଥିଲି । କହିବାକୁ ଗଲେ ତାଙ୍କର କିଛି ବାସନ, ଚଉକୀ ଟେବୁଲ ଇତ୍ୟାଦି ଅଛି । ସେଗୁଡ଼ିକ ମୁଁ ଆଣିନାହିଁ । ସବୁ ଜିନିଷ ଘର ମାଲିକ ଜିମା ଛାଡ଼ି ଆସିଛି । ଆପଣ ଯେତେବେଳେ ଠିକ୍ ବୁଝିବେ, ସେଠାକୁ ଯାଇ ପାରନ୍ତି । ଯାହା କିଛି ମୁଁ ଜାଣିଛି, ସେସବୁ କହିବାଲାଗି ସଦାବେଳେ ପ୍ରସ୍ତୁତ ଅଛି । ତାଙ୍କର ଜିନିଷପତ୍ର ଯାହା ଏଠାରେ ରହିଅଛି, ସେସବୁ ଆପଣ ଦେଖି ପାରନ୍ତି । ଇତି, ଆପଣଙ୍କର......"

ଏହି ଚିଠି ଖଣ୍ଡି ଲେଖି ଡାକରେ ପକାଇ ଦେଇ କର୍ତ୍ତବ୍ୟ ଶେଷ କଲି । ଏ ପତ୍ର ପାଇଲେଇ ସେ ଆସିଯିବ । ଏହା ମଧ୍ୟ ଭାବିଥିଲି; କିନ୍ତୁ ତାହା ନକରି ବହୁତ ସମ୍ପତ୍ତି ପାଇବା ଆଶାରେ ହେଉ, କି ମୋର ସ୍ୱାଭାବିକ ବିଶ୍ୱାସ ଯୋଗୁ ହେଉ ସେ ବମ୍ବେ ଯାଇ ମୋର ପରିଚିତ ଜାମଶେଟଜୀ କଣ୍ଟ୍ରାକ୍ଟରଙ୍କ ସଙ୍ଗେ ଭେଟିଲା । ଏହାର ଖବର ମୋତେ ଜାମଶେଠ୍ ବାବୁଙ୍କଠାରୁ ମିଳିଲା । ମନେ ହେଉଛି, ସେଠାକୁ ଯାଇ କରି ସେ ତା ପ୍ରକୃତି ଅନୁସାରେ ନିଜର ରଙ୍ଗଟି ଦେଖାଇ ଆସିଅଛି ।

ତାଙ୍କ ପତ୍ରରେ ନିମ୍ନଲିଖିତ କଥା ସବୁ ଥିଲା ।

"ଆପଣଙ୍କଠାରୁ ଆପଣଙ୍କ ଠିକଣା ମୁଁ ନେଇଥିଲି । ବର୍ଷଟାଏ ବିତିଲାଣି, ତଥାପି ମୁଁ ଆପଣଙ୍କ ପାଖକୁ ଚିଠି ଲେଖିପାରି ନାହିଁ । ଆପଣ ବୋଧହୁଏ ମୋତେ

Digitized by PPRACHIN, SOA

ଭୁଲି ଯିବେଣି । ଏବେ ଗୋଟିଏ ଘଟଣା ଘଟିବାରୁ ଏହି ପତ୍ର ଲେଖିବାକୁ ହେଲା ।

ଗୁରୁବାର ଦିନ ଆପଣଙ୍କ ଆତ୍ମୀୟ ସୀତାରାମ ବୋଲି ଜଣେ ଭଦ୍ରଲୋକ ଆସିଥିଲେ । ସେ ବୋଧହୁଏ ନିଜର ପରିଚୟ ଦେଇ କହିଥିଲେ 'ମୁଁ ଯଶୋବନ୍ତ ବାବୁଙ୍କର ପୁଅ' । ସେ ଯେତେବେଳେ ଆସିଲେ, ମୁଁ ଘରେ ନଥିଲି । ମୋ ସ୍ତ୍ରୀ ତାଙ୍କୁ ବସାଇ ତାଙ୍କ ସଙ୍ଗେ କଥାବାର୍ତ୍ତା କରି ଅନେକ କିଛି ଜାଣି ପାରିଥିଲା । ତାଙ୍କର ଚାଲିଚଳନ ବି ମୋ ସ୍ତ୍ରୀକୁ ଭଲ ଲାଗିଲାନାହିଁ । ମୁଁ ଆସିଲେ ଯାଇ ମୋ ସଙ୍ଗେ ତାଙ୍କର ଦେଖା ହୋଇ ପାରିବ, ଏହା କହି ମୋ ସ୍ତ୍ରୀ ତାଙ୍କୁ ଫେରାଇ ଦେଇଥିଲା । ସେ ଚାଲିଗଲେ । ସେ ଯିବାର ଟିକିଏ ପରେ ମୁଁ ଘରକୁ ଫେରିଲି । ମୁଁ ଭାବିଥିଲି ଯେ ଆପଣ ଯଶୋବନ୍ତ ବାବୁଙ୍କର ବନ୍ଧୁବାନ୍ଧବ ହେବେ, କିନ୍ତୁ ସୀତାରାମ ଆଉଥରେ ଆମ ଘରକୁ ଆସିକରି ଜଣାଇଲେ ଯେ ଆପଣଙ୍କର ଓ ତାଙ୍କ ବାପାଙ୍କର କୌଣସି ସମ୍ପର୍କ ନଥିଲା । ଆପଣ କେବେହେଲେ କହି ନାହାନ୍ତି ଯେ ଆପଣ ତାଙ୍କର ବନ୍ଧୁବାନ୍ଧବ, ତଥାପି ମୋର ଧାରଣା ଏଇଆ ହୋଇଗଲା ଯେ ଆପଣ ଦୁହେଁ ନିକଟ ସମ୍ପର୍କୀୟ । ଯଶୋବନ୍ତ ରାୟ ବାବୁ ନିଜର ବନ୍ଧୁବାନ୍ଧବଙ୍କ ବିଷୟରେ ମୋତେ କିଛି କହି ନଥିଲେ । ତେବେ ବି ମୁଁ ଭାବୁଥିଲି ତାଙ୍କର ପୁଅ ତାଙ୍କୁ ଟଙ୍କା ପଠାଉ ଥିବେ । ବର୍ତ୍ତମାନ ମୁଁ ଜାଣିପାରିଲି ଯେ ମୋର ବୁଝିବାରେ ଭୁଲ୍ ହୋଇଛି । ମୋ ଧାରଣା ଭୁଲ୍ ।

"ସେ ତାଙ୍କର ସମୁଦାୟ କଥାବାର୍ତ୍ତା ଭିତରେ ଆପଣଙ୍କର ନିନ୍ଦା କରି ଗଲେ, ଯାହାକି ମୁଁ ଶୁଣି ଖୁବ୍ ଦୁଃଖିତ ହେଲି । ମୁଁ ତାଙ୍କୁ କହିଲି ଯେ ଅନ୍ତିମ ସମୟରେ ଯେତେବେଳେ ଆପଣଙ୍କ ପିତା ଅସୁସ୍ଥ ହୋଇ ଶୋଇଥିଲେ, ସେତେବେଳେ ସେ ମୋତେ କହିଗଲେ ଆପଣଙ୍କୁ ଡାକିବାକୁ । ତେଣୁ ମୁଁ ଡକାଇ ଆଣିଥିଲି । ଆପଣ ପହଞ୍ଚିବା ପୂର୍ବରୁ ଯଶୋବନ୍ତବାବୁ ଚାଲିଗଲେ । ତା'ପରେ ଘରକୁ ଆସି ଆପଣ ତାଙ୍କର ସବୁ ଜିନିଷ ପତ୍ର ଅକ୍ତିଆର କଲେ । ତାଙ୍କ ଘରକୁ ଘରମାଲିକ ହାତରେ ଫେରାଇ ଦେଇଥିଲେ । ବର୍ତ୍ତମାନ ସେଠାରେ ଅନ୍ୟ ଭଡ଼ାଟିଆ ରହୁଛନ୍ତି । ତାଙ୍କୁ ମୁଁ କହିଲି ଯେ ଯେବେ ବାପାଙ୍କର କିଛି ଜିନିଷପତ୍ର ଘରମାଲିକ ପାଖରେ ରହିଥାଏ, ତା ହେଲେ ଆପଣ ସେଗୁଡ଼ିକ ନେଇ ନିଅନ୍ତୁ । ସେ ମୋତେ କହିଲା ଯେ ମୋର ଆପଣଙ୍କର ମିଶିକରି ତା ବାପର ହଜାର ହଜାର ଟଙ୍କା ଆତ୍ମସାତ କରିଛେ । ମୋର ରାଗ ହୋଇଗଲା । ମୁଁ ତାକୁ ଧମକାଇ କହିଲି, 'ଯାଅ, ବାହାରିଯାଅ' । ତା ଆରଦିନ

Digitized by PPRACHIN, SOA

ସେ ଘର ମାଲିକକୁ ନେଇ ଏଠାକୁ ଆସିଥିଲି । ସେ ତାକୁ ଚଉକୀ ସୋଫା ଆଦି ଦେଖାଇଲେ, ଯାହାକି ଯଶୋବନ୍ତବାବୁଙ୍କର ଥିଲା ଓ ଆପଣ ଏଠି ଛାଡ଼ି ଯାଇଥିଲେ । ଘର ମାଲିକ କହିଲା ଯେ ସେ ସେମିତି ଏ ଜିନିଷକୁ ଏଠୁ ନେଇଯାନ୍ତୁ । ହୁଏତ ସେ ଘର ମାଲିକ ସାଙ୍ଗରେ ବି ବୁଝେଇ କଜିଆ କରିଥିବ । ମାଲିକ ବି ବେଶ୍ ଚୋଡ଼ ଉପରେ ତାକୁ ଜବାବ ଦେଇଥିବ । ତେଣୁ ମୁଁ ଘରେ ଥିଲାବେଳେ ତୃତୀୟ ଥରକୁ ସେ ଆସି କହିଲା 'ଏ ସବୁ ଜିନିଷର ଯାହା ଦାମ୍ ଉଚିତ ବିଗ୍ଭରିବେ ଦିଅନ୍ତୁ । ଆଉ ସ୍ୱାକୁ ସବୁ ରଖନ୍ତୁ' । ମୁଁ 'ଏଇ ଜିନିଷ ତ,' କହି ଶହେ ଟଙ୍କାରେ ସବୁତକ ଜିନିଷ କିଣି ନେଲି । ତାଠୁ ରସିଦ ବି ଲେଖାଇ ନେଲି । ସେ ଖୁବ୍ ଖୁସୀ ହୋଇ ନ ଥିବ । ମୋର ସେସବୁ ଜିନିଷ ଦରକାର ବି ନାହିଁ; କିନ୍ତୁ ବନ୍ଧୁଙ୍କର ଜିନିଷ, ଏହା ଭାବି କିଣି ନେଲି ।

ଏହା ପରେ ସେ ତା ବାପାଙ୍କ କାହାଣୀ ଶୁଣାଇଲେ । ତାଙ୍କଠାରେ ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ଥିଲା । ସେ ତାଙ୍କ ସ୍ତ୍ରୀ ଓ ପୁଅ କନ୍ୟାଙ୍କୁ ଛାଡ଼ି ବମ୍ବେ ଚାଲି ଆସିଥିଲେ । ଏଠାରେ ପାଣିପରି ପଇସା ଖର୍ଚ୍ଚ କଲେ । ନିଜର ସ୍ତ୍ରୀ ପିଲାଙ୍କୁ କେତେ ପ୍ରକାରର ଦୁଃଖକଷ୍ଟ ସେହି ବଡ଼ ମଣିଷଟି ଦେଇଥିଲା ଇତ୍ୟାଦି । ପୁଅ ମୁହଁରୁ ଯାହା ବାହାରିବାର ନୁହେଁ, ତାହା ମଧ୍ୟ ସେ କହିଦେଲେ । ମୁଁ କାନରେ ହାତ ଦେଇ ସେସବୁ ଶୁଣିଲି । ସେ ଯାହା କିଛି କହିଲା, ଯଦି ସେସବୁ ସତ ହୋଇଥାଏ, ତା ହେଲେ ପରିବାର ବିଷୟରେ ଯଶୋବନ୍ତ ରାୟ ବାବୁ ଯେଉଁ ମୌନବ୍ରତ ଧାରଣ କରି ଥିଲେ, ତାର କାରଣ ବୋଧହୁଏ ପରିବାରବର୍ଗଙ୍କ ସଙ୍ଗେ ଏକପ୍ରକାର ଶତ୍ରୁତାଇ ରହିଥିଲା; କିନ୍ତୁ ସେ ଟୋକାର ଆକ୍ଷେପ କେତେଦୂର ସତ୍ୟ ତାହା ଭଗବାନ୍ ଜାଣନ୍ତି । ମୁଁ ନିଜ ଆଖିରେ ଦେଖିଛି ଯେ, ସେ ଦାଦା ସାଙ୍ଗରେ କିଭଳି ବ୍ୟବହାର କରୁଥିଲେ ଓ କିପରି ଦାଦା ତାଙ୍କୁ ଜାଲରେ ଛନ୍ଦିଦେଇଥିଲା । ଆଉ ତଥାପି ତା ସଙ୍ଗେ ଯଶୋବନ୍ତ ରାୟଙ୍କ ବ୍ୟବହାର କିପରି ଥିଲା, ମୁଁ ସେଥିକରୁ ବୁଝିଥିଲି ଯେ ଯଶୋବନ୍ତ ବାବୁଙ୍କର ସ୍ୱଭାବ ଏଇ ଯେ ଏପରିକି ଯେ ତାଙ୍କର ଅପକାର କରିବ, ତା ସଙ୍ଗେ ମଧ୍ୟ ଭଲ ବ୍ୟବହାର କରିବା । ଏହି ସୀତାରାମ ମୋତେ ଆଉରି ଗୋଟିଏ ଖବର କହିଲା ଯେ ତାହାର ପିତା ବୁଢ଼ାଦିନେ ବହୁତ କ୍ରୋଧୀ ଥିଲେ । ଏପରି ସ୍ୱଭାବ ମୁଁ କେବେ-ହେଲେ ତାଙ୍କ ମଧ୍ୟରେ ଦେଖିନାହିଁ । ତାର ସବୁଠୁ ବେଶି ଦୋଷ ଆକ୍ଷେପ ଆପଣଙ୍କ ଉପରେ । ତା କହିବା ଅନୁସାରେ, ଯଶୋବନ୍ତ ରାୟବାବୁ ଆପଣଙ୍କୁ ପଚାଶ କି ପଞ୍ଚସ୍ତରି ହଜାର ଭଳି ଟଙ୍କା ଦେଇଥିଲେ । ସେ ଆପଣଙ୍କ ପାଖରେ ନିଜ ପରିବାର ଲାଗି ଏ

Digitized by PPRACHIN, SOA

ଟଙ୍କା ରଖିଯାଇ ଥିଲେ, ଏବଂ ସେତକ ଆପଣ ଆତ୍ମସାତ କରି ଖାଇଗଲେ । ସ୍ବାଇ ବି କହିଲା ଯେ ତା ବାପାଙ୍କ ମୃତ୍ୟୁ ସମ୍ବାଦ ଆପଣ ତାକୁ ଦେଇ ନାହାନ୍ତି ।

ସଂକ୍ଷେପରେ, ସେ ଏଠାକୁ ଆସି ମୋର ଜଣେ ଭଲ ବନ୍ଧୁଙ୍କ ବିଷୟରେ ମିଥ୍ୟା ଓ ସମ୍ପୂର୍ଣ୍ଣ ଭିତ୍ତିହୀନ ସନ୍ଦେହ ଉପୁଜାଇ ଚାଲିଗଲା ।”

ଶୁଣା କଥାରେ ବିଶ୍ୱାସ କରୁଥିବା ସ୍ୱାର୍ଥପର ଲୋକର ପ୍ରକୃତି ଏହିପରି । ଏଥିରେ ଆଶ୍ଚର୍ଯ୍ୟ କିଛି ନାହିଁ । ତାହା ଉପରେ ପଇସାପତ୍ରର କଥା ଯେଉଁଠି, ବଦନାମୀ ସେଇଠି । ମୁଁ ଏକା ଏଥିରୁ କିପରି ଅଲଗା ହେବି ! ସୀତାରାମଟା ଏତେଗୁଡ଼ାଏ ଗୋଳ-ମାଳ କରିବା ଆଗରୁ ଯେବେ ମୋ ପାଖକୁ ଆସିକରି ଯାହା କହିବାର କି ପଚାରିବାର ସେ ସବୁ ସାରି ନେଇଥିଲେ ଭଲ ହୋଇଥାନ୍ତା; କିନ୍ତୁ ସଂସାରକୁ ନୀତି ଶିଖାଇବାକୁ ମୁଁ କିଏ ସେ ? ମୋର ମନେ ହେଲା ଯେ ଯଶୋବନ୍ତ ରାୟ ବାବୁ ଯେଉଁ ଟଙ୍କା ମୋ ପାଖରେ ଦେଇ ଯାଇଛନ୍ତି, ଅରକରେ ଯାହା ଯାହାକୁ ଦେବା କଥା ତାଙ୍କୁ ଦେଇ ଏ ଝଞ୍ଜଟରୁ ମୁକ୍ତି ପାଇଲେ ଟିକିଏ ସୁଖରେ ଶୋଇ ପାରିବି ।

ଏ ଚଠି ପହଞ୍ଚିବାର ପନ୍ଦର ଦିନ ପରେ ହିଁ ସୀତାରାମ ହେଗ୍‌ଡ଼େ ଆମ ଘରଠିକି ଆସିଲା । ତା ଚେହେରାକୁ ଦେଖିଲେଇ ଯେ କେହି ଜାଣି ପାରିବ ଯେ ସେ ଯଶୋବନ୍ତ ରାୟ ବାବୁଙ୍କର ପୁଅ । ସେ ବେଶି ଡେଙ୍ଗା ନୁହଁ କି ବାଙ୍ଗର ନୁହଁ । ବେଶ୍ ଗୋରା ଆଉ ଫୁର୍ତ୍ତି ଫୁର୍ତ୍ତି ଚେହେରା । ଉତ୍ତର କନ୍ନଡ଼ (କାର୍‌ବାର୍) ଜିଲାର ସୌଖିନ ଗାଉଁଲି ସଂସ୍କୃତି ତାହା ଚେହେରାରୁ ଝଟକୁଥାଏ । ସେ ଭଲକରି ଆଧୁନିକ ଢଙ୍ଗରେ ବାଳ କଟାଇଥିଲା । ମଥା ଉପରେ କଳା ଟୋପି । କାନରେ ସାଲୁଆ ପଥର ଓ ମୋତି ଜଡ଼ିତ କାନବାଲ ଓ କୁଣ୍ଡଳ । ଧୋବ ଧୋତି ଧୋବ କୁରୁତା । କୋଟର ସବୁଯାକ ବୋତାମ ଖୋଲା ଓ କାନ୍ଧରେ ଜରି ଧଡ଼ିଆ ଇସ୍ତ୍ରୀକରା ଚଦର ପକାଇଥାଏ । ଯୋତା ଯେ, ତାକେ ବାଟରୁ ଚରଚର ଆବାଜ କରୁଥାଏ । ମୁହଁରେ କଳା ଦାଗ, ତା ଗାଲରେ ବି କି ଅଛି । ଦୂରରୁ ତା ଆସିବାର ଅଟ ଦେଖି ମୋ ମୁହଁରୁ ଆପେ ବାହାରିଗଲା, “ଆସ, ବାଘପିଲା, ଆସ !” କେତେ ଦିନରୁ ଯାହାକୁ ଅପେକ୍ଷା କରିଥିଲି, ଏ ସେଇ ବୋଲି ଭାବି ତାର ନମସ୍କାର କରିବା ଆଗରୁଇ ମୁଁ ତାକୁ ନମସ୍କାର କଲି ଓ ପଚାରିଲି, “ତୁମଟା ଆଡ଼ର ହେବେ ପରା ?”

“ହଁ ।”

“ସ୍ୱେଇଲମନେ ସୀତାରାମ ହେଗ୍‌ଡ଼େ ଆପଣେ ନା ?”

Digitized by PPRACHIN, SOA

"ଆଜ୍ଞା !"

"ଅସିବା ହେଉ । ବସିବା ହେଉ । ମୁଁ ଜାଣିଥିଲି ଆପଣ ଆସିବେ । ଆଗେ ମୁହଁ ହାତ ଧୁଅନ୍ତୁ । ଗୃହ୍ୟା ଉଆର କରାଇବ ନା କଫି ଚଳବ ?"

"ସେ ସବୁକୁ ବେଳ ନାହିଁ । ଆପଣଙ୍କର ଏଠି କାମସାର୍ ମୋତେ ଆଜ ପୁଣି ମଙ୍ଗଲୁର ଯିବାକୁ ହବ । କୁମଟା କିଛ ପାଖଆଖ ଜାଗା ନୁହେଁ । ଆସିବା ଏତେ ସହଜ ନୁହେଁ ।"

"ଆଜ୍ଞା, ଯାହା କହୁଲେ । ବସ୍‌ରେ ଯିବା କଥା । ରାସ୍ତାରେ ଆଠ ଦଶଟା ଭଳକ ନଈ ପଡ଼ିବ । ମୁଁ ବ ଯିଆଡ଼ ଦେଖିଚ ଯେ । ଗୃଲନ୍ତୁ ମୁହଁହାତ ଧୋଇ ପକାନ୍ତୁ । ଖାଇ ପିଇ କର କଥାବାର୍ତ୍ତା ହବ ।"

"ଏତେ ବେଳ ମୋର ନାହିଁ । ବିଲକୁଲ ବେଳନାହିଁ କହୁଲି ପର୍ ।"

ତା କଥା ବାର୍ତ୍ତାରୁ, ପଦେ ପଦେ ଉପରମୁହଁ ଭାବ, ଅହଙ୍କାର ଦେଖିବାକୁ ପାଇଲି । "ତା'ହେଲେ ମୋର ବ କାମ ଅଛ ।" କହ କର ମୁଁ ଚୁପ୍ ଗୃପ ଉଠି କର ବାରଣ୍ଡାର ଗୋଟିଏ ପାଖରେ ଯାଇ ବସିପଡ଼ିଲି । ପର ମୁହୂର୍ତ୍ତରେ ଭାବିଲି, ଏହା ତ ଠିକ୍ ନୁହେଁ । ମୁଁ ସେଠୁ ଉଠିକର ନିଜ ଘର ଭିତରକୁ ଯାଇ ଖଣ୍ଡିଏ ବହନେଇ ପଢ଼ିବାକୁ ଆରମ୍ଭ କଲି । ଭାଗ୍ୟକୁ ମୋର ଜଣେ ଅଧ୍ୟାପକ ବନ୍ଧୁ ଆସି ପହଞ୍ଚିଲେ । ସେଇଠୁ ମୋର ଭାର ଆନନ୍ଦ ହେଲା । ଅଧଘଣ୍ଟାଯାକେ ସ୍ୱାଡ଼ୁ ସ୍ୟାଡ଼ୁ କଥାବାର୍ତ୍ତା କର ସମୟ କଟାଇଲି । ମୋର ଅଧ୍ୟାପକ ବନ୍ଧୁ ପଗ୍ଚରିଲେ, "ବାହାରେ କିଏ କି ? ସୁନ୍ଦର ଗ୍ରବଣ ପର ଦିଶୁଚ ନା ?...ସେ କାହିଁକି ଆସିଚନ୍ତି ଆପଣ ଜାଣନ୍ତି ନା ନାହିଁ ? ପାନ ଗୁଆର ବଟୁଆ ଖୋଲି ଧୂଆଁପତ୍ର ଖାଇ ଓଠରେ ଆଙ୍ଗୁଠି ଦେଇ ପିଚକାରୀ ମାରୁଚନ୍ତି ।" ତାଙ୍କ କଥା ଶୁଣି ମୋ ମନରେ ବ ଲହର ଉଠିଲା ଓ ମୁଁ ତାଲମାନ ମାନ ତାନ୍ ଗୁଡ଼ିଲି, "ମାରନା ପିଚକାରୀ ।" ସେଇଠୁ ଅଧ୍ୟାପକ କହୁଲେ । "ହେଃ, ସେ ଶୁଣି ପାରବେ !"

"ସଙ୍ଗୀତ ହେଇଚ ଲୋକଙ୍କୁ ଶୁଣାଇବା ପାଇଁ ।" ମୁଁ କହୁଲି ।

ତା ପରେ ବାହାରୁ ଆଇ ସୀତାରାମ ହେଗ୍‌ଡ଼େ ଡାକକର କହୁଲେ, "ଆଜ୍ଞା, କଣ ଚଠିପତ୍ର ଦେଖାଇବେ ପର ? ଦେଖାନ୍ତୁ ?" ମୁଁ ଭିତରୁଇ ଜବାବ୍

Digitized by PPRACHIN, SOA

ଦେଲି, "ଯଦି ଆପଣଙ୍କର ସନ୍ଦେହ ହୋଇଯାଇଥାଏ, ତା ହେଲେ ଏଠିକି ଆସନ୍ତୁ, ଦେଖାଇବା ।" ମୋର ଏହି ନୂଆ ଦୃଶ୍ୟ ଦେଖିବାକୁ ଜଣେ ସାକ୍ଷୀ ବି ଦରକାର ଥିଲା । ଡର ବି ମାଡ଼ୁଥିଲା । ଯେବେ ସେ ତାଙ୍କ ହାତରେ ଚିଠି ଦେଲେ ସେ ଅକ୍ରିୟ୍ମାର କରିନେବେ କି ଚିରି ଫୋପାଡ଼ି ଦେବେ, କାଲି ମୋର ହ୍ରାସ ହେବ ତ? ଏତିକି ବେଳେ ହେଗ୍‌ଡ଼େ ଆପଣେ ସେଠାକୁ ଆସିଗଲେ । ମୁଁ ତାଙ୍କୁ ବସିବାକୁ କହିଲି । ସେ ବସିଲେ । ସ୍ତ୍ରୋପେଇଆ ସେତିକି ବେଳକୁ ଆମ ଦୁହିଙ୍କ ପାଇଁ କଫି ଓ ଜଳଖିଆ ନେଇ ଆସିଲା । ମୁଁ କହିଲି, "ନିଅନ୍ତୁ !"

ସେ କହିଲେ, "ଟିକିଏ କୁଳୁକୁଞ୍ଚା ପାଇଁ ପାଣି ଆସୁ ।" ଘର ଚାକର ଆଣି ପାଣି ଦେଲା । ଭଦ୍ରଲୋକ ବୋଧେ ମୋ ଘରେ ପାଣି ବି ପିଇବେ ନାହିଁ ବୋଲି ପ୍ରତିଜ୍ଞା କରି ଆସିଥିଲେ । ଫଳରେ ସେ ଖାଲି ମୁହଁ ଧୋଇଲେ । ଆସ୍ତେ ଆସ୍ତେ ଜଳଖିଆ ଶେଷ ହେଲା । ମୁଁ ଆଉ କିଛି ନ କହି ଆଗ କହିଲି, "ଏଇ ନିଅନ୍ତୁ । ଏଇ ଚିଠିଟା ବମ୍ବେରୁ ଆସିଛି ।" ଜମ୍‌ଶେଟବାବୁ କଣ୍ଟ୍ରାକ୍ଟରଙ୍କ ଚିଠି ତାଙ୍କୁ ଦେଲି । ସେଇଟି ପଢ଼ିକରି ଫେରାଇ ଦେଲେ ।

ତାପରେ ମୁଁ କହିଲି, "ଏଇ ନିଅନ୍ତୁ ଆପଣଙ୍କ ବାପା ବେମାର ଥିଲାବେଳେ ସେ ମୋତେ ଏଇ ତାର ପଠାଇଥିଲେ ।"

ସେ ସେଇଟିକି ବି ପଢ଼ିନେଲେ ।

"ଏଇଟା ଦେଖନ୍ତୁ, ମରିବାର ସପ୍ତାହକ ଆଗରୁ ମୋ ପାଖକୁ ଆପଣଙ୍କ ବାପାଙ୍କର ପତ୍ର ।" କହି ମୁଁ ଚିଠିଟି ତାଙ୍କୁ ଦେଖାଇଲି ।

ସେ ପଢ଼ି ସାରିବା ପରେ ଚିଠିଟି ମୁଁ ଫେରାଇ ନେଲି । ତା ପରେ କହିଲି, 'ଆଉ ଏହି ହେଲା ସେଇ ଚିଠିଟା ଯାହାକି ପନ୍ଦର ହଜାରଟଙ୍କାର ଡ୍ରାଫଟ୍ ସାଙ୍ଗରେ ପଠା ହୋଇଥିଲା ।" ସେ ଚିଠି ବି ଦେଖାଇଲି ।

ସେଇଟାକୁ ବି ସେ ପଢ଼ି ଦେଖିଲେ । ମନରେ କଣ ବିଚାରି କେଜାଣି ତା ପରେ କହିଲେ, "ଏଥିରେ ଲେଖା ହୋଇଚି ନା ମୁଁ ନିଜେ ଆସିବି । ନିଶ୍ଚୟ ଆସିବି ! ଏହାର ଅର୍ଥ ହେଉଛି ଏ ଟଙ୍କା ତାଙ୍କୁ ଫେରସ୍ତ ମିଳିବା କଥା । ଏଇଲା, ମାନେ ତାଙ୍କର ମୃତ୍ୟୁ ପରେ ତାଙ୍କର ଉତ୍ତରାଧିକାରୀ ହେଲି ମୁଁ । ମୋତେ ଟଙ୍କାଟା ମିଳିଯିବା ଦରକାର…।

Digitized by PPRACHIN, SOA

"ଚିଠିର ଆରମ୍ଭରେ ପ୍ରଥମ କେଇ ଧାଡ଼ିରେ ପରିଷ୍କାର ଭାଷାରେ ଏହା ବି ଲେଖା ହୋଇଛି ସ୍ପଷ୍ଟଭାବରେ ଯେ ଯେବେ ମୁଁ ମରିଯାଏ, ଟଙ୍କା କି ପ୍ରକାରରେ ଉପଯୋଗ ହବା କଥା···। ମୋତେ ତାଙ୍କର ଆଦେଶ ପାଳନ କରିବାକୁ ହବ, ନା ନାହିଁ ?" କହୁ କହୁ ମୁଁ ଆସ୍ତେ ତାଙ୍କ ପାଖକୁ ଯାଇ ଚିଠି ଖଣ୍ଡି ତାଙ୍କଠାରୁ ନେଇ ନେଲି। ତାଙ୍କ ଉପରେ ମୋର ସନ୍ଦେହର ଅନ୍ତ ନାହିଁ।

"ସେ ନାହାନ୍ତି। ତା ହେଲେ ଆମେ ବି ନାହୁଁ ନା କଣ ?"

"ଆପଣ ଅଛନ୍ତି, କିନ୍ତୁ ଆପଣ ଅଛନ୍ତି ବୋଲି ସେ ବୁଝିଲେ ନାହିଁ। ଏଇଥି ପାଇଁ ତ ଏତେ ଅସୁବିଧା ହଉଛି।"

ମୋର ତାଙ୍କଠାରୁ ଚିଠି ନେଇନେବା ଏବଂ ଏପରି କହିବାଟା ତାଙ୍କୁ ଏତେ ଖରାପ ଲାଗିଲା ଯେ ସେ ଉତ୍ତେଜିତ ହୋଇ ପଡ଼ିଲେ। ସେ କହିଲେ, "ବଂଶଧରଙ୍କଠୁଁ ବଳିକରି ଆପଣଙ୍କର ତାଙ୍କ ସମ୍ପତ୍ତି ଉପରେ ବେଶି ଅଧିକାର ନା କଣ ? ସବୁ କିଛି ବାଦ ଦେଲେ ବି ଗାଁରେ ପଡ଼ି ଯେ ହାତ ମଳୁଚି, ସେ ବୁଢ଼ୀଟା ପାଇଁ ବି କିଛି ନାହିଁ ?"

ମୋର ବି ରାଗ ହୋଇଗଲା, ମୁଁ କହିଲି, "ସେ ସବୁ କଥା ଆପଣ ଆପଣଙ୍କ ବାପାଙ୍କ ସାଙ୍ଗରେ ଫଇସଲା କରି ନେଲେନି, ଏଇକ୍ଷଣି ମତେ କହି ଲାଭ କଣ ? ଯଶୋବନ୍ତ ବାବୁ ଯାହା ହୁକୁମ୍ ଦେଇଛନ୍ତି, ମୁଁ ସେଇଆ ପାଳନ କରୁଛି। ଏଥିରେ କେହି ବାଧା ଦେଇ ନ ପାରେ।"

"ଏଥିରୁ ଜଣା ଯାଉଚି ପାର୍ବତମ୍ମା ନାଆଁରେ ମନ୍ଦିର ତୋଳିବାର ସୁଆଙ୍ଗ କରି ବାକି ଟଙ୍କାଟା ହାତେଇ ଆମ ବାପାଙ୍କର ପରିବାରକୁ କିଛି ନ ଦବା ଆପଣ ସାବ୍ୟସ୍ତ କରିଚନ୍ତି। ଆମ ହେଗଡ଼େ ଆପଣେ ଯାହା କହିଚନ୍ତି, କିଛି ମିଛ ନୁହେଁ ତା ହେଲେ।"

"ଆପଣଙ୍କର ବୁଝିବା ଗୋସେଇଁ ହିଁ ସେ। କଥାଟା ଠିକ୍। ଆଉ ଦେଖନ୍ତୁ, ଏଇ ଦୁଇଟା ଟ୍ରଙ୍କରେ ତାଙ୍କ ବହିପତ୍ର ଅଛି। ଗୋଟିକରେ ତାଙ୍କର କିଛି ଛବି ରହିଚି। ସେଗୁଡ଼ିକ ଦେଖିବାକୁ ଚାହାନ୍ତି ? ଏତିକି ସମୟ ହବ ? ଏସବୁ ସେ ମୋତେ ଦେଇ ନ ଥିଲେ, ମୁହିଁ ଆଣିଛି। ଯେବେ ଚାହାନ୍ତି ତା'ହେଲେ ଏସବୁ ନେଇ ଯାଇ ପାରନ୍ତି।"

Digitized by PPRACHIN, SOA

"ଏ ବାକ୍ସ ଢଙ୍କାକୁ ନଈରେ ଭସାଇ ଦିଅନ୍ତୁ । ମୋ ବାପା ଯେଉଁ ଚିଠି ଆପଣଙ୍କୁ ଲେଖିଛନ୍ତି, ସେଇଟି ମୋତେ ଦିଅନ୍ତୁ ।

"ନଈ...! ଏଠୁ ଆଠ ଦଶ ମାଇଲ ଦୂରରେ କୁମାରଧାର ନଈ ଅଛି । ପାଖ ଆଖରେ ନଈ ନାହିଁ । ସେ ମୋତେ ଯେଉଁ ଚିଠି ଲେଖିଥିଲେ, ସେଇଟି ଆପଣଙ୍କୁ ଦିଆଯାଇ ପାରିବ ନି ।"

କେଇ ମିନିଟ୍ ସକାଶେ ତାଙ୍କ ମୁହଁ ନାଲି ପଡ଼ିଗଲା, ତା'ପରେ କଳା । ଖୁବ୍ ଛଟପଟ ହେଲେ । ଏପଟ ସେପଟ ଅନାଇଲେ । ମୋ ପାଖରେ ବସିଥିବା ମାଷ୍ଟର ବାବୁଙ୍କୁ ସେ କହିଲେ, "ଦେଖିଲେ ଆଜ୍ଞା, ମୁଁ କୋଉ ପୁରାଣରେ ବି ଶୁଣିନାହିଁ କି କୋଉ ବାପ ତା ପୁଅ ସାଙ୍ଗରେ ଏଡ଼େ ଶଠତା କରିଛି ।" ନିଜ ବାପର ଏଭଳି ନିନ୍ଦା କରୁଥିବାର ଦେଖି ମୋର ସହିବାର ସୀମା ଟପିଗଲା ।

ମୁଁ କହିଲି, "ପୁରାଣମାନଙ୍କରେ ଏପରି ପିତୃନିନ୍ଦା କରୁଥିବା ପୁଅ କଥା ବି କୋଉଠି ଲେଖା ନାହିଁ । ହଉ, ପୁରାଣ ଚର୍ଚ୍ଚା ପାଇଁ ଏଇଟା ଠିକ୍ ଜାଗା ବି ନୁହେଁ ।" ଆମ କଥାବାର୍ତ୍ତାର ଗଣ୍ଡିମୁଣ୍ଡ କିଛି ନ ବୁଝି, ଅବାକ୍ ହୋଇ ବସିଥିବା ମୋର ଅଧ୍ୟାପକ ବନ୍ଧୁଙ୍କୁ ସେ ସଂକ୍ଷେପରେ ନିଜର କଥା ଶୁଣାଇ ଲାଗିଲେ ।

"ମୁଁ ତା'ହେଲେ ଯାଉଛି ?" ସେ ପଚାରିଲେ,

ମୁଁ କହିଲି, "ଅତିଥି ଘରକୁ ଆସିଛନ୍ତି, ମୁଁ ଯା କେମିତି କହିବି ? ଆଉ ତା ବି ମୋ ସାଙ୍ଗଙ୍କର ପୁଅକୁ ? ଦିନଟାଏ ରହିକରି ମନଟା ଶାନ୍ତକରି ଯାଆନ୍ତୁ, ତା'ହେଲେ ଆସିବାଟା ଭଲ ଲାଗିବ ।"

ଆପଣମାନେ ଶୁଣିଲେ ଆଶ୍ଚର୍ଯ୍ୟ ହୋଇପିବେ ଯେ, ସେଦିନ ସୀତାରାମ ହେଗଡ଼େ ମୋର ଅତିଥି ହୋଇ ରହିଗଲେ । ମୁଁ ତ ଖୁବ୍ ସାବଧାନ ହୋଇ ତାଙ୍କ ପିତାଙ୍କ ବିଷୟରେ ଉଁ କି ଚୁଁ କଲି ନାହିଁ; କିନ୍ତୁ ସେଇ ତାଙ୍କ ବିଷୟରେ କିଛି କହିବାକୁ ଆଗ୍ରହ ଦେଖାଇଲେ । ସେଥିରୁ ମୁଁ ଯଶୋବନ୍ତ ବାବୁଙ୍କ ବିଷୟରେ ମୋର ହିଁ ଧାରଣା କଥା ତାଙ୍କୁ କହିଦେଲି । ଖୁବ୍ ଭାବଚନ୍ତ ସୀତାରାମ ହେଗଡ଼େଙ୍କୁ ଗୋଟିଏ ଉପାୟ ଦିଶିଲା । ସେ ମୋର ଖୁବ୍ ପ୍ରଶଂସା ଗାଇଲେ, ମୋର ତର୍କ ଓ ସହିଷ୍ଣୁତା ବିଷୟରେ ପ୍ରଶଂସା ବାକି ରଖିଲେ ନାହିଁ । ତାଙ୍କର କେତେ କଷ୍ଟର ବିବରଣ ଦେଲେ । ମାଆଙ୍କ ଦୁଃଖର ବର୍ଣ୍ଣନା କଲେ । ନିଜର କରଜ କଥା ବି କହିଲେ । ସବୁ

Digitized by PPRACHIN, SOA

ମିଶାଇ କେତେ ପ୍ରକାରେ ମୋର ସହାନୁଭୂତି ପାଇବାକୁ ଚେଷ୍ଟାକଲେ । ଯକ୍ଷମାନେ ଯେପରି ଭଗବତ ଗ୍ରନ୍ଥର ବେଣଧାରୀଙ୍କ ଆଗରେ ବସି ହଁ, 'ଆଜ୍ଞା', 'ଆହା' କରୁଥିଲେ, ସେହିପରି ମୁଁ ତାଙ୍କ କଥା ଶୁଣି ସଂକ୍ଷିପ୍ତ କଥାରେ ଉତ୍ତର ଦେଇଗଲି । ପରଦିନ ତାଙ୍କ ମନରେ ବେଶି କଷ୍ଟଦେବା ଉଚିତ ନୁହେଁ ଭାବି ତାଙ୍କ ପିତାଙ୍କର ପତ୍ରର ଗୋଟିଏ ନକଲରେ ନିଜର ଦସ୍ତଖତ ଦେଇ ତାଙ୍କ ଜିମା ଦେଲି ଏବଂ କହିଲି ଯେ ମୂଳ କପିଟି ମୋ ପାଖରେ ରହିଥିବ ।

ତାଙ୍କ ଢଙ୍ଗରଙ୍ଗରୁ ତାଙ୍କ ଉପରେ ବେଶି ବିଶ୍ୱାସ ଜନ୍ମିଲାନାହିଁ । ତାଙ୍କ ଲୁଗପଟା, ଆଟପଟାଳ, କଥାବାର୍ତ୍ତା ଓ ଦମ୍ଭ ଦେଖି ବିଶ୍ୱାସ ହେଲି ନାହିଁ ଯେ ସେ ଧାର କରଜ କରି କଷ୍ଟରେ ଦିନ ଯାପୁଛନ୍ତି । ଯାହାର ଅର୍ଥ ଯାହା ନୁହେଁ ଯେ ତାଙ୍କ ଭଉଣୀମାନଙ୍କର ବି କଷ୍ଟ ନ ଥିବ । ମୁଁ ସେଇଥିପାଇଁ କହିଲି, "ଆଜ୍ଞା ଆପଣ ଆସିଲେ, ଭଲକଲେ । ଆପଣଙ୍କ ବାପା ଯେଉଁ ଟଙ୍କା ମୋତେ ଦେଇଛନ୍ତି ମୁଁ ତାକୁ ନଷ୍ଟ କରିଦେବି ନାହିଁ । ବେନିକନ୍ୟାଙ୍କ ଦେଇଲି ଲାଗି କିଛୁ ଖର୍ଚ୍ଚ କରିଛି । ତାଙ୍କ ଇଚ୍ଛା ଅନୁସାରେ ଗ୍ରାମଜନଙ୍କୁ କିଛୁ ଟଙ୍କା ପ୍ରତି ମାସରେ ପଠାଯାଉଛି । ଦିନେ ଆପଣଙ୍କ ଗାଁକୁ ବି ଯାଇ ପହଞ୍ଚିବି । ତାଙ୍କ ପିଲାଝିଲାଙ୍କ ଭିତରୁ କାହାରି କଷ୍ଟ ଥିଲେ, ଯାହା ଉଚିତ ବୁଝିବି, ଦେଇ ଆସିବି । ମୋଠୁଁ ଯାହା କିଛି ହେବ, କରିବି ।" ଏକଥା ଶୁଣି ଅନ୍ତତଃ ମୋ ଆଗରେ ସେ ଶାନ୍ତ ହୋଇ ଫେରିଗଲେ ।

ନିଜ ଗାଁକୁ ଫେରିବା ପରେ ଗୋଟିଏ ବିରୋଧ ପତ୍ର, ଗୋଟିଏ ବିନମ୍ର ପତ୍ର, ଗୋଟିଏ ପ୍ରଶଂସା ପତ୍ର, ଗୋଟିଏ ନିନ୍ଦା ପତ୍ର, ଏହି କ୍ରମରେ ଥରକୁ ଥର ସେ ମୋତେ ଗଦାଗଦା ଚିଠି ଲେଖିଲେ । ତାଙ୍କ ଚିଠିମାନଙ୍କର ଉତ୍ତର ଦେବାର ପରିଶ୍ରମ ମୁଁ କଲି ନାହିଁ । ତାଙ୍କର ତରବରିଆ ସ୍ୱଭାବ ଓ ଉତ୍ସୁକତାକୁ ମୁଁ ଜାଣିଥିଲି । ତେଣୁ ମୋର ତର ତର ହେବା ଦରକାର ନାହିଁ । ମୁଁ ଚୁପ୍ ରହିଲି । ଭାବିଥିଲି ଯେ ଗଜାନନଙ୍କର ମନ୍ଦିରର ସମାବେଶ ଦେଖିକରି ଫେରିବା ବାଟରେ କୁମଟା ହୋଇ ଆସିବି କିନ୍ତୁ ମୋର ସମୟ ହେଲାନାହିଁ । ମୋତେ ସେଠାକୁ ଯିବାଲାଗି ରାମ ହେଗଡ଼େ ମହାଶୟ ଲେଖିଥିଲେ ।ଆମର ଗାଉଁଲି ଲୋକେ 'ସୀତାରାମ' କଥାଟାକୁ "ଶୀତାରାମ" ବୋଲି ଉଚ୍ଚାରଣ କରନ୍ତି; କିନ୍ତୁ ସେ ଲୋକ 'ଶୀତ' ନୁହେ କି ମୁଁ 'ରାମ' ନୁହେଁ ।

ନବରାତ୍ରି ବେଳକୁ ସେ କୁମଟାର ଜଣେ ଓକିଲଙ୍କଠାରୁ ମୋତେ ଖଣ୍ଡିଏ ନୋଟିସ ଦିଆଇଲେ, "ଆପଣଙ୍କୁ ଏତଦ୍ୱାରା ସୂଚନା ଦିଆ ଯାଉଅଛି କି··· ।" ସେହି ନୋଟିସ ଅନୁସାରେ ମୋର ନିଜ ଆଡ଼ୁ ତାଙ୍କୁ ପଚିଶ ହଜାର ଟଙ୍କା ଓ ତା ଉପରେ

Digitized by PPRACHIN, SOA

ଶତକଡ଼ା ଆଠ ହିସାବରେ ସୁଧ ଦେବାକୁ ହେବ । ତା ସଙ୍ଗେ ସଙ୍ଗେ ରେଜିଷ୍ଟର୍ଡ ନୋଟିସ୍‌ର ଖର୍ଚ ଗ୍ଣ୍ଡା, ଓକିଲଙ୍କ ମଜୁରି ଟଙ୍କାଏ ଆହୁରି ଦେବାକୁ ପଡ଼ିବ । ବସ୍ତୁତ ଭାବରେ ଏହି ସୂଚନା ମୋ ପାଖକୁ ପଠାଯାଇଥିଲା ; ଯଦି ନଦିଏ, ତାହେଲେ ? ଆପଣ ତ ଜାଣିଥିବେ—ଫଳ ଭଲ ହେବନାହିଁ !

ଏହି ନୋଟିସ୍ ହସର ଖୋରାକ ଦେଲା ଓ ଏ ବିଷୟରେ ମୋତେ ଜଣେ ଓକିଲବନ୍ଧୁଙ୍କର ପରାମର୍ଶ ଲୋଡ଼ିବାକୁ ପଡ଼ିଲା । ଓକିଲବନ୍ଧୁ ନୋଟିସ୍‌ଟା ଦେଖି ଖୁବ୍ ହସିଲେ । କହିଲେ, "ସ୍ମାର୍ କଣ ଜବାବ ଦେବେ ! ତାଙ୍କ ଚିଠିରେ ତ ସବୁ ଅଧିକାର ଆପଣ ପାଇଛନ୍ତି । ସ୍ମାର୍ ମକଦ୍ଦମା ଏଇ ଗାଁରେ ହେବ । ସେ ଆସି ଏଠା ଅଦାଲତରେ ମାମଲା କରନ୍ତୁ । ଓଃ ହୋ, ଏଠି ହବକ, ପନ୍ଦର ହଜାର ଟଙ୍କାର ମାମଲା, ମାଙ୍ଗା-ଲୋର୍‌ରେ ହବ । ତାଙ୍କୁ ତ ସେମି ଲଢ଼େଇରୁ କିଛି ଲାଭ ହେବନି; କିନ୍ତୁ ଆମ ଗାଁର ଜଣେ ଓକିଲର କିଛି ଫାଇଦା ହେବ, ସେଥିରେ ଆପଣ ଆଉ ବାଧା ଦିଅନ୍ତୁନ ।"

ମୁଁ କହିଲି, 'ଆପଣମାନେ ହେଲେ ଓକିଲଲୋକ । 'ହପ୍‌ପୁପକ ।'

"ତା ମାନେ ?"

* 'ତୁଳୁ'ର ଭାଷା ଅଞ୍ଚଳ ବନ୍ଧୁଙ୍କ ସେହି 'ହପ୍‌ପୁପକ' କାନାଡ଼ା ଶବ୍ଦଟି ଜଣାନାହିଁ । ମୁଁ କହିଲି, 'ହପ୍‌ପୁପକ' ମାନେ ମଡ଼ାଖିଆ ଶାଗୁଣା । ଜାଇଥିଲେ ବି ଆପଣମାନେ ମଣିଷର ମାଉଁସ ଛିଣ୍ଡେଇ ଖାଇଯାନ୍ତି, ଆଉ ମଲେ ତା ପରି ମାଉଁସ ବି ଖାଇଦିବେ !" ଆମେ ଦୁହେଁ ହସିଲୁ । ତା ପରେ ମୁଁ ଘରକୁ ଫେରି ଆସିଲି ।

ଏହାପରେ 'ଏତଦ୍ଦ୍ୱାରା ସୂଚନା ଦିଆଯାଉଅଛି' ମାର୍କା ନୋଟିସ୍‌ଦ୍ୱାରା ସୂଚନା ଦେବା ଲୋକ ସୀତାରାମ ହେଗ୍‌ଡ଼େ ତିନିମାସ ପରେ ବି କିଛି କଲାନାହିଁ । ମନେହେଉଛି ସେ ନୋଟିସ୍ ପରେ ପରେ ସେ ନୀରବ ହେଲା । ତାଙ୍କ ଓକିଲ ବୋଧେ ପରାମର୍ଶ ଦେଇଛି, ଯେବେ ଲିଖି ବାଜିଯାଏ, ତାହେଲେ ଦି ଗ୍ରରିଟା ଫଳ ହାତକୁ ଆସିବ, ତା ନ ହେଲେ ଲୋକସାନ୍ ଭିତରେ ଟେକା ଖଣ୍ଡେ ଯିବ ! ଟେକାଟି ଯିବା ସତ ହେଲା; ଆଉ ଅବିଦ୍ୟମାନ ଫଳ ନ ପଡ଼ିବା ବି ସେତିକି ସତ୍ୟ ହେଲା ।

ମୁଁ ସେହି ଖରା ଦିନକୁ କୁମଟା ଯିବା ସ୍ଥିର କରିଥିଲି । ସେଠାକୁ ଯିବା ତ ଦରକାର ଥିଲାଇ, କାହିଁକନା ସେଠିକି ଗଲେ ହେଗ୍‌ଡ଼େ ବାବୁଙ୍କ ସାଙ୍ଗରେ ଭେଟ

* କର୍ଣ୍ଣାଟକ ଉପଭାଷା ବିଶେଷ

Digitized by PPRACHIN, SOA

କରିବାକୁ ହବ, ସମ୍ଭବ ହେଲେ ତାଙ୍କ ମା ଓ ଭଉଣୀମାନଙ୍କୁ ଦେଖି ଆସିବାକୁ ହେବ । ମୋର ବନ୍ଧୁଙ୍କର ପ୍ରିୟ ପାତ୍ର ଧାରେଶ୍ୱର ଶୀନ ଓ ହୋମଗଛ୍ଛେ ମନ୍ତ୍ରୀଙ୍କୁ ବି ଦେଖି ଆସିବାକୁ ହେବ । ମୋର ଆଉ ଆଶା ନ ଥିଲା ଯେ ଯଶୋବନ୍ତ ବାବୁଙ୍କର ଶୋକ-ସନ୍ତପ୍ତ ଲୋକମାନଙ୍କଠାରୁ ତାଙ୍କ ବିଷୟରେ କିଛି ଭଲକଥା ଶୁଣିବାକୁ ପାଇବି । ସୀତାରାମ ହେଗଡ଼େ ଆସିଥିବାବେଳେ ତା ପରିଚୟ ପାଇ ଓ ତାର ଚିଠିପତ୍ର ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଥିଲି । ମୋର ବନ୍ଧୁ ତାଙ୍କର ସ୍ମୃତି-ଗ୍ରହଣରେ ମଲ୍ଲିକା-ଆମ୍ରବୃକ୍ଷର ଉପମା ଦେଇ ନିଜର ଯାଂସାରିକ-କୌଟୁମ୍ବିକ ଜୀବନ ବିଷୟ ଉଲ୍ଲେଖ କରିଥିଲେ । ମଲ୍ଲିକା ଲତାର ଅସହାୟ ଶୂନ୍ୟତା ତାହା ଦେଖାଉଥିଲା । ସନ୍ତାନମାନଙ୍କ ବିଷୟରେ କେତେକଥା ତାଙ୍କର ଲେଖିବାରଥିଲା କେଜାଣି ! ପୁତ୍ର ବିଷୟରେ ପଦେ ହେଲେ ସେ ନିଜର ଡାଇରିରେ ଲେଖିନାହାନ୍ତି । ସୀତାରାମ ଗଲାପରେ ମୁଁ ଏହି ଉଦ୍ଦେଶ୍ୟରେ ପୁଣି ଖୋଜିକରି ଡାଇରିଟି ପଢ଼ିଲି । ତାଙ୍କ ଝିଅମାନଙ୍କୁ ବି ସେ ଭୁଲି ଗଲେ ? ସେମାନେ ପୂର୍ବ ବିସ୍ମୃତ ହୋଇଗଲେ ? ପ୍ରକୃତରେ କୌଣସି ବାପ ସେ-ମାନଙ୍କୁ ଭୁଲି ନ ପାରେ । ମନେ ହେଲା ଯେ ସେମାନେ ବି କେବେ ତାଙ୍କ ବାପଙ୍କ ପାଖ କୌଣସି ଚିଠି ଲେଖି ନାହାନ୍ତି । ମୋର ଧାରଣା ହେଲା ଯେ ନିଜ ସ୍ତ୍ରୀ ପ୍ରତି ମୋର ବନ୍ଧୁଙ୍କର ମନରେ ଯେଉଁ ତୀବ୍ର ଘୃଣା ଥିଲା, ତାହାର ଫଳ ତାଙ୍କ ଝିଅଙ୍କୁ ଭୋଗିବାକୁ ପଡ଼ିବ । ମୁଁ ବି ଏହିକଥା ଅନୁଭବ କରୁଥିଲି ଯେ ମୋର ବନ୍ଧୁଙ୍କର ନିଜର ସନ୍ତାନଙ୍କ ପ୍ରତି ଏତେ ଘୃଣାଭାବ ରଖିବା ଉଚିତ ନ ଥିଲା; କିନ୍ତୁ ଏତେ ଘୃଣାଭାବ ତାଙ୍କ ଭିତରେ କାହିଁକି ଜାତ ହେଲା ? ଏହାର ବି କିଛି ପ୍ରବଳ କାରଣ ରହିଥିବ । 'ନିଜର ପୂର୍ବ-ସମ୍ବନ୍ଧକୁ ଭୁଲି ଯିବା ଦରକାର ଏଭଳି ଜିଦ୍‌ଭରା ଆଗ୍ରହ ଜାତ ତାଙ୍କ ଭିତରେ ପ୍ରବଳ ହୋଇ ନ ଥାନ୍ତା, ତା ହେଲେ ଏସବୁ କାମ ତାଙ୍କ ଦେଇ ହୋଇ ପାରି ନ ଥାନ୍ତା । ସେ ଯେଉଁ ଚିତ୍ର ଆଙ୍କୁଥିଲେ, ତହିଁରେ ମଧ୍ୟ ସେହି ଜିଦଖୋର ପ୍ରକୃତି ଦେଖାଯାଏ । ଗୋଟିଏ କଥାକୁ ପନ୍ଦରଥର ଲେଖିବାର ଚେଷ୍ଟାମାନ ସେଠାରେ ଦେଖିବାକୁ ମିଳେ । ତାଙ୍କ ମନ ଯାହା ଭାବୁଥାଏ, ତାର ଅନୁରୂପ ନା ତାଙ୍କର ଆଙ୍ଗୁଠି ଗ୍ଲୁଥିଲା, ନା ପେନ୍‌ସିଲ୍ ଗାର ଟାଣୁଥିଲା । ଏପରି ସ୍ଥଳେ କେବଳ ଜିଦ୍‌କରି ଚିତ୍ର ସମ୍ପୂର୍ଣ୍ଣ କରିବାକୁ ପଡ଼ୁଥିଲା ।

ହଠାତ୍ ମୁଁ ତାଙ୍କର ଡାଇରି ଖୋଲିବାରୁ ତହିଁରେ ଗୋଟିଏ ଉପମା ପ୍ରତି ମୋର ଦୃଷ୍ଟି ଆକର୍ଷିତ ହେଲା । "ଯେଉଁପରି ଦୁଧ ଦୁଧ ସଙ୍ଗେ ମିଶିପାରେ, ସେହିପରି ସେ ପାଣି ସଙ୍ଗେ ମିଶିଯାଏ । ଦୁଧ ସଙ୍ଗେ ଦୁଧ ମିଶାଇଲେ ତା ସୁନ୍ଦର; କିନ୍ତୁ ପାଣି

Digitized by PPRACHIN, SOA

ମିଶିଯାଏ ତା ହେଲେ ଦୁଧଟା ଦୁର୍ବଳ ହୋଇଯାଏ । ବେଶି ପାଣି ମିଶାଇଲେ ଦୁଧର କେବଳ ରଙ୍ଗମାତ୍ର ଅବଶିଷ୍ଟ ରହେ ।

"ଘୋଳ ଓ ପାଣି ଭିତରେ ଏ ପ୍ରକାରର ମେଳ ନାହିଁ । ଘୋଳ ଖଟା ହୋଇଯିବାର ପଦାର୍ଥ । ଖଟା ଘୋଳ ସାଙ୍ଗରେ ଖଟା ଘୋଳ ମିଶିଗଲେ ସେ ବି ଏକ ପ୍ରକାର ସୁନ୍ଦର । ଘୋଳରେ ପାଣି ମିଶାଇଲେ ସେଇଟା ମିଶିଗଲା ପରି ଦିଶିବ ସିନା, କିନ୍ତୁ ପ୍ରକୃତରେ ସେ ଖାଲି ଉପରକୁ ଦେଖିବାକୁ ମିଶିଥିବ । ଭଲକରି ମିଶିପାରିବକି ? ଶେଷକୁ ସେ ଛଣ୍ଡା ଦୁଧପରି ଦିଶିବ, ଘୋଳ ଅଲଗା, ଜଳ ଅଲଗା ।

"ଦୁଧ ବା ପାଣିକୁ ହାଣ୍ଡିରେ ରଖିହୁଏ । ଦୁଧ ବଦଳରେ ଘୋଳ ଅକାଉଲେ ? ଖଟା ଘୋଳ ଢାଳିଲେ ? ତମ୍ବା ବାସନରେ ଢାଳିଦେଲେ ସେ କଣ ସିଇମିତି ରହି ପାରିବ ? ନାଁ । ତହିଁରୁ ବିଷ ଜାତ ହେବ, ତାମ୍ରକିଟ୍ଟ (ଉକୁଟା) ଉତ୍ପନ୍ନ ହେବ । ଗରିବଙ୍କ ବାସନରେ ପଡ଼ିଥିବା ଖଟା ଘୋଳର ସ୍ୱଭାବ ସଂସାର ବୁଝେ ନାହିଁ । ଧନୀ କଂସା ବାସନରେ ରଖିବାରୁ କେହି ଜାଣିପାରୁ ନାହାନ୍ତି ସେ ଜିନିଷ କଣ । ତା ନ ହେଲେ ତମ୍ବା ବାସନ ଘୋଳଦହିକି ନିଜ ଗୁଣରୁ କିଛି ଦିଏ, ଯହିଁରୁ ବିଷ ଜାତ ହୁଏ ।"

ସଂସାରର କେଉଁ ରୂପଟି ଦେଖି ମୋର ବନ୍ଧୁ ଏହି ମନ୍ତବ୍ୟ ପ୍ରକାଶ କଲେ ? ନିଜ ପାଖ ଆଖରେ ଦଶ ବାରୋଟି ପରିବାରଙ୍କୁ ସେ ଦେଖିଥିବେ, ଗରିବ ପରିବାରର ମାଟିହାଣ୍ଡି ସଙ୍ଗେ ବଡ଼ଲୋକ ପରିବାରର କଂସା ବାସନର ତୁଳନା କରିଥିବେ । ବିବିଧ ଦାମ୍ପତ୍ୟ ଜୀବନକୁ ବିଚାର କରି ପାଣିକୁ ଘୋଳ କରି ଚିତ୍ରଣ କଲେ । ତାଙ୍କ ମନରେ ତାଙ୍କର ଦାମ୍ପତ୍ୟ ଜୀବନ ଦୁଧ ସଙ୍ଗେ ଦୁଧ ଭଳି ନଥିଲା, ଦୁଧ ସଙ୍ଗେ ପାଣି ବି ନ ଥିଲା, ତମ୍ବା ବାସନରେ ରଖା ହେଇଥିବା ଘୋଳପରି ହୋଇଥିବ । ସେହି କଳ୍ପନା ତାମ୍ରକିଟ୍ଟ ଛଡ଼ା ଆଉ କଣ ଉତ୍ପନ୍ନ କରିବ । ଏହି ପ୍ରକାର ସେ ନିଜର ବ୍ୟାଖ୍ୟାନ ଦେଇଥିବେ । ଦୁଇଟି ସମାନ ବସ୍ତୁରେ ମେଳ ଖାଇପାରେ; କିନ୍ତୁ ସେଗୁଡ଼ିକ ଧାରଣ କରିଥିବା ପାତ୍ରଟି ତମ୍ବାର ହୋଇଥିଲେ ପରିବାର ବା ସମାଜ ଲାଗି ବିଷ ହୋଇଯାଏ । ପାଣି ଦୁଧ ସଙ୍ଗେ ମିଶିଲେ ଦୁଧର ଗୁଣ କମିଯିବ ସିନା; କିନ୍ତୁ ବିଷ ଜାତ ହେବନାହିଁ । କେତେ ସ୍ୱାମୀ ସ୍ତ୍ରୀ ଦୁଧ ସଙ୍ଗେ ଦୁଧ ପରି ହୋଇଥିବେ । ତାଙ୍କ ଭିତରୁ ଗୋଟିଏ ପାଣି ହୋଇ ଥିଲେ ଚିନ୍ତା ନାହିଁ—ଦାମ୍ପତ୍ୟ ବଞ୍ଚିପାରିବ; କିନ୍ତୁ ମୋର ବନ୍ଧୁଙ୍କର ଜୀବନରେ ଯାହା ଦେଖା ଯାଇଛି, ସେ ମିଳିମିଶି ଏକ ହେବାପରି ନୁହେଁ; କିନ୍ତୁ ସେହିପରି ଦେଖୁଥିବା

Digitized by PPRACHIN, SOA

ପାଣି ଓ ଘୋଳର ମିଳନ । ତାହା ବି ତମ୍ଭା ବାସନରେ ପଡ଼ିଥିବ । ସେଇଥିପାଇଁ ତାଙ୍କ ମନରେ ଏହି ଭାବ ଜନ୍ମିଥିବ ଯେ ଏପରି ଜୀବନ ସଂସାର ଲାଗି, ସମାଜଲାଗି ବିଷ ମାତ୍ର । ଏପରି ଦାମ୍ପତ୍ୟ ଅସହ୍ୟ ହେବାରୁ ହିଁ ସେ ବମ୍ବେ ଆସି ରହିଗଲେ ।

ସୀତାରାମ ହେଗଡ଼େଙ୍କର ଚରିତ୍ର ନିରୀକ୍ଷଣ କରି ଜାଣି ପାରିଥିଲି ଯେ ମୋର ବନ୍ଧୁଙ୍କର ଅସମଞ୍ଜସ ଦାମ୍ପତ୍ୟରୁ ବିଷ ସୃଷ୍ଟି ହୋଇଛି; କିନ୍ତୁ ଏ ଧାରଣା ହୋଇ ନାହିଁ ଯେ ସବୁ ସନ୍ତାନ, ବିଶେଷେ ଝିଅମାନେ ଏହିପରି ହୋଇଥିବେ । ସେମାନଙ୍କୁ ଦେଖିବା ଦରକାର, ଦେଖି ଜାଣିବା ଦରକାର, ଏହିପରି ଜିଦ ଉତ୍ପନ୍ନ ହେବାରୁ ହିଁ କାହାରିକି ନ କହି ମୁଁ ଦିନେ କୁମଟା ଆଡ଼କୁ ବାହାରିଲି ।

କୁମଟା—ଚୀନର ନାଟକମାନଙ୍କରେ ଯେମିତି କହନ୍ତି ନା, ଆମ ଗ୍ରାମରୁ 'ଦୂର ମାନେ ବହୁତ ଦୂର, ପାଖ ମାନେ ଏହି' । ଉତ୍ତର କନ୍ନଡ଼ ଓ ଦକ୍ଷିଣ କନ୍ନଡ଼ ଜିଲ୍ଲମାନ ଯଦି ଯୋଡ଼ କରି ଗୋଟିଏ ପ୍ରଦେଶ ହୋଇପାରେ, ତା ହେଲେ ତ ଆମ ଗ୍ରାମରୁ କୁମଟା ଦେଢ଼ ଶହ ମାଇଲ୍ ବି ଦୂର ନୁହେଁ । 'ବାସ୍, କହିବା ଯୋଗ୍ୟ ବସ୍ ଯାତ୍ରା । ଚଢ଼ିବା ଓହ୍ଲାଇବା, ଏହି କାମ । ନଈ ନାଳ ଯାକେ ଆସରେ, ନାଆରେ ପାରି ହୁଅରେ, ଆରପଟ ବସ୍ ପାଇଁ ଅପେକ୍ଷା କରି ବସିଥାଅରେ—ଏପରି ଯାତ୍ରାରେ ମୁଁ ତ ହାଲିଆ ହୋଇସାରିଥିଲି, ବିରକ୍ତ ହୋଇ ସାରିଥିଲି । ସୀତାରାମ ହେଗ୍‌ଡ଼େ ମୋ ଘରକୁ ଆସିଲାବେଳସିକି କେମିତି ତମ ତମ ମୁହଁ କରିଥିଲେ, ମୋ ମୁହଁ ବି ସେଇମିତି ଦିଶୁଥିବ ସେତେବେଳେ, କାହିଁକନା ଖରାଦିନର ହେନ୍ନାବର ନଈ ପାରିହୋଇ ମୁଁ ଶେଷ ବସ ଉପରେ ଚଢ଼ୁଥିଲି । ଆଉ ଏଇ ଦଶବାର ମାଇଲ୍ ବାଟ, ସରିଲା କହିଲେ ଚଳେ ! —ଏହି ଧୈର୍ଯ୍ୟ ନେଇ ରଥାରୋହଣ କଲି । ସେହି ଅନାଦି କାଳର, ସନାତନ ସମୟର ଆମର ରଥଟି, ଗତ ମହାଯୁଦ୍ଧରେ କେତେ ରଣ କ୍ଷେତ୍ର ଦେଖିକରି ଫେରିଥିବା ଆହତ ବୀର ସିପାହୀ ପରି ଟେ । ତହିଁରେ ଖଦ୍ଦାଖୁନ୍ଦି ହୋଇ ଲୋକ ପଶିଥିଲେ । ସେଇଥିରେ ବସି ଅଗ୍ରସର ହେଲି । କର୍କୀ ଗାଁ ଆସିଲା, ହଲଦୀପୁର ପାର୍ ହେଲୁ । ଧାରେଶ୍ୱର ଆସୁଅଛୁ । ତା ପରେ ପରେ କୁମଟା । ଧାରେଶ୍ୱରଠାରେ ହଠାତ୍ କାହିଁକି କେଜାଣି ବସ୍ ବନ୍ଦ ହୋଇଗଲା । ଧାରେଶ୍ୱର ଆଗକାଳର ପୁରୁଣା ତୀର୍ଥକ୍ଷେତ୍ର ସେଠାରୁ ବସ୍‌ଟି ଆଉ ଆଗକୁ ଚଳିଲା ନାହିଁ । ଜଣାଗଲା ଯେ ତାର କଣ କଳ କବଜା ଭାଙ୍ଗି ଯାଇଛି । ଏକା ସାଙ୍ଗରେ ଭିନ ଭିନଟା ବେମାରି ଯୋଗରୁ ଆମର ବାହନ ଅଟକି ଗଲା । ମୁଁ ତଳକୁ ଓହ୍ଲାଇ ପଡ଼ିଲି । ଆଉ ଦୁଇଘଣ୍ଟା ଆଗରୁ

Digitized by PPRACHIN, SOA

ବସ୍ ନାହିଁ । ପଚାରି ଗଲି, "ଡ୍ରାଇଭର ସାହାବ, ଶମ୍ଶାନଙ୍କୁ ଲାଗି କେତେ ସମୟ ଲାଗିବ ?" ଆଉ ଖବର ମିଳିଲା ଯେ ସେଠାରୁ କୁମଣ୍ଟା ବା ସିରସୀ ଖବର ପଠାଇବାକୁ ପଡ଼ିବ, ନା ପରେ ଯାଇ ବସ୍ ଠିକ୍ ହୋଇ ପାରିବ । ଆଜି ଦିନକ ପାଇଁ ଯିବାର ଭାବନା ଛାଡ଼ିଦେବା ଦରକାର—ଭାବିଲି ।

ଦିନ ଦଶଟା ବାଜିଲାଣି । ଖରା ଯେ ଟାଣ ଟାଣ ଟାଣ । ମୋର ଜଣେ ଦୁଇଜଣ ସହଯାତ୍ରୀ ଯେତେବେଳେ ଯିବାକୁ ବାହାରିଲେ, ମୁଁ ଭାବିଲି ମୋର ବି ଚାଲିଯିବା ଠିକ୍ ହେବ । ମୋତେ ଜଣାଥିଲା ଯେ ଏହି ଧାରେଶ୍ୱର । ମୋର ରେକର୍ଡ଼ରେ ଅଙ୍କିତ ଶୀନ୍ ଏଇଠିକାର । ସେଥିପାଇଁ ଆଉ ଅଟକିଲି ନାହିଁ । ଗୋଟିଏ ଦୋକାନକୁ ଯାଇ ବସିପଡ଼ିଲି । ଚୂଡ଼ାଭଜା ଓ ଚାହା ମଗାଇ ଖିଆପିଆ କଲି । ଦୋକାନର ମାଲିକ ବୃଦ୍ଧ ଜଣାଗଲେ, ତେଣୁ କୌତୂହଳ ହେବାରୁ ପଚାରିଲି, "ସ୍ୱାମୀ', ଏଠି ଆଗେ କିଏ 'ଧାରେଶ୍ୱର ଶୀନ୍' ବୋଲି ଲୋକ ଥିଲେ କି ?"

ସେ କହିଲେ, 'ଏଇଲି ବି ନାହାନ୍ତି କି । ଧାରେଶ୍ୱରରେ ଦଶଜଣ 'ଶୀନ୍' ନାଁର ଅଛନ୍ତି । ବେଙ୍କଟନମନେୟ ଶୀନ, ବୈଲିନମନେୟ ଶୀନ, କେସରୁ ପନ୍ଥେ ଶୀନ୍ — ।" ଏହିପରି ଶୀନ୍ ନାମଧାରୀଙ୍କର ଜପ ସେ ଆରମ୍ଭ କରିଦେଲେ ।

ଏଇଲି ଏତେ ଶୀନ୍, ତା ହେଲେ ଆଗେ କେଜାଣି କେତେ ଥିବେ ? ଭାବି ମୁଁ ଚୁପ୍ ହେଲି । ନିଜର ଗଣ୍ଠିଲିଟି କାଖେଇ ସେହି ଖରାରେ ନାଲି ଧୂଳିକୁ ଚକଟି ଚକଟି କୁମଣ୍ଟା ରାସ୍ତାରେ ବାହାରିଗଲି ।

Digitized by PPRACHIN, SOA

ନଅ

ଦୁଇଦିନ ହେଲା ଘର ଛୁଡ଼ିଲିଣି । ଧୂଳି ଓ ଧୂଳି ସରପଟ ରାସ୍ତା ପାରିକରି କୁମଟା ପହଞ୍ଚିବାକୁ ଅଧାପ୍ରାଣ ହୋଇଗଲି । କୁମଟା ପହଞ୍ଚି କରି ସବା ଆଗ କାହାର ଦର୍ଶନ କରିବି—ଏ ବିଷୟରେ କିଛି ବି ଭାବି ନ ଥିଲି । କୁମୁଟା ପାଖରେ ପହଞ୍ଚିବା ପରେ, ମୋର ସାଙ୍ଗମାନଙ୍କ କଥା ଗୋଟି ଗୋଟି କରି ସ୍ମରଣ କଲି, ସବୁ ପୁରୁଣା ସ୍ମୃତି ....ଅମୁକ ଥିବେ କି ନାହିଁ ? ଗାଁରେ ଥିବେ କି ବାହାରେ ଥିବେ ? ଇତ୍ୟାଦି ଇତ୍ୟାଦି । ଠିକ୍‌କଲି ଯେ ସୀତାରାମ ହେଗ୍‌ଡେଙ୍କ ଘରକୁ ମୁଁ ସବା ଆଗ ଯିବିନାହିଁ । ଗୋଡ଼୍ ଦେଉଣୁ ଭୁଲ୍ କରିବା ଉଚିତ ନୁହେଁ । ସେହି ଗାଁର ଆଉ ଜଣେ ସୀତାରାମଙ୍କ କଥା ମନେ ପଡ଼ିଗଲା—ସେ ହେଗ୍‌ଡେ ନୁହନ୍ତି । ଗାଁ ମୁଣ୍ଡରେ ଆଗ ତାଙ୍କର ଘର ପଡ଼ିବ । ପୁରୁଣା ସ୍ମୃତିମାନ ଲାଗି ରହିଥିବାରୁ ତାଙ୍କର ଘରକୁ ଗଲି । ଏତେ ଦିନ ପରେ ତାଙ୍କୁ ଦେଖିବାର ଉତ୍ସାହ ନେଇ ସେଠି ଯାଇ ବସିପଡ଼ିଲି ଓ ପାଟି କରି ଡାକିଲି "ଘରର ଯଜମାନ ଅଛନ୍ତି ? ମୋ ପାଟି ଶୁଣି ସେ ଜଳେ ବାହାରି ଆଇଲେ । "କାରନ୍ତ ବାବୁ, ଆସିବା ହଉ, ଆସିବା ହଉ......" କହି କହି କେତେ ସମାଦର କରି ସେ ଅତିଥି ସତ୍କାର କଲେ । ଶୋଷ ମାରିବାକୁ ପାଣି ଆସିଲା । ସେ ସ୍ବାଇ ବି ପଚାରିଲେନି ଯେ 'ଏ ଗାଆଁକୁ କଣ ପାଇଁ ଆସିଚନ୍ତି;' କିନ୍ତୁ ତା ବଦଳରେ ପଚାରିଲେ, "ଦି ଦିନ ରହିବେ ତ ? "

"ଦି ଦିନ କଣ, ଚାରିଦିନ ବି ରହିପାରେ ।" ମୁଁ କହିଲି ।

"ଭଲ ହବ ।" ସେ କହିଲେ ଜବାବ୍‌ରେ ।

ସେ ଜାଣିଚନ୍ତି ମୁଁ କାର୍ଯ୍ୟବ୍ୟସ୍ତ ଲୋକ । କିଛି କାମ ଥିବ, ନ ହେଲେ କାହିଁକି ଆସିଥାନ୍ତି ?—ସେ ଭାବିଥିବେ; କିନ୍ତୁ ମୋତେ 'କୁଆଡ଼େ ଅଇଲେ' 'କଣ କାମ' ଇତ୍ୟାଦି ଅନାବଶ୍ୟକ କଥା ପଚାରିଲେନାହିଁ । ମୁଁ ବି ସୀତାରାମଙ୍କ ପୁରାଣ ପଚାରିବା ଦରକାର ମନେକଲି ନାହିଁ । ମୁଁ ତ ଆଉ କୋଉ ପୁଲିସ ତଦନ୍ତରେ ଆସିନି ।

Digitized by PPRACHIN, SOA

ଏ ଗାଆଁରେ ମୋର ଆତ୍ମୀୟ ବନ୍ଧୁ ଜଣେ ସାଙ୍ଗ ଅଛନ୍ତି । ଜଣ ଜଣକ ଘରକୁ ଯାଇ, କୁଶଳ ଜିଜ୍ଞାସା କରି, କୌତୂହଳ ଥିଲେ ବି ନ ଥିବାର ଅଭିନୟ କରି, ଆପେ ଆପେ ଯାହା ବାହାରିବ ସେସବୁ କଥା ଜାଣିବାକୁ ଆସିଛି ।

ଯେଉଁଦିନ ସେଠି ପହଞ୍ଚିଲି, ସେଦିନ ସତ୍ୟବନ୍ଧୁଙ୍କ ଘରେଇ ରାତି ବିତାଇଲି । ମୋର ସ୍ନାନ ଓ ନିଦ୍ରାର ଦରକାର ଥିଲା । ଏହା ଉପରେ ସମାଜର ସତ୍କାର ମିଳିଯିବାରୁ ମୁଁ ବି ଭୂପତି ରଙ୍ଗନାଥଙ୍କ ପରି ରାତିଟା ସାରା ଖୁବ୍ ଶୋଇଲି । ସକାଳୁ ଜଳଖିଆ ସାରି ଆଉ ଜଣେ ସାଙ୍ଗଙ୍କ ପାଖେ ପହଞ୍ଚିଲି । ଆସିବା ବାଟରେ ସେହି ରାସ୍ତାରେ ଗ୍ରେଡଲମନେ ବାଲିଙ୍କ ବଖାର (ଗୁଆ ଗୋଦାମ) ଥିଲା । ସେ ଗୋଟାଏ ବାଡ଼ପଟର ଘର । ସାମନାରେ ବାରଣ୍ଡା, ଦରଜା, ଅଗଣା, ତା ପରେ ବଖାର ହୋଇଛି । ବାହାରେ ବୋର୍ଡ଼ ଲଗା ହୋଇଥାଏ । ତେଣୁ ବଇଗି ଆଖିରେ ତାକୁ ଦେଖିକରି ମୋ ସାଙ୍ଗ ମୂର୍ତ୍ତେଶ୍ୱର ଓକିଲଙ୍କ ଘରେ ପହଞ୍ଚିଲି । ଓକିଲାତି ତାଙ୍କର ଭଲ ଚଳୁନାହିଁ । ସେ ଅଙ୍କ ନିବୃତ୍ତ ଓକିଲ ଥିଲେ । ମୁଁ ଆସିବାର ଖବରଟାଇ ତାଙ୍କୁ ଦବା କଥା । ସେ ମୋର ଘନିଷ୍ଠ ପରିଚିତ ଥିଲେ, ତା ଛଡ଼ା ସେ ଜଣେ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି । ମୁଁ ଭାବିଲି ଯେ ସ୍ତ୍ରୀଲୋକଙ୍କଠାରୁ ଅଡ଼ୁ ସାଡ଼ୁ ଟିପ୍ପଣୀ ମିଳିବ, କିନ୍ତୁ ଯେ ମୋର ସମ୍ପର୍କୀୟ ନୁହନ୍ତି, ତାଙ୍କଠାରୁ ମୋର ବନ୍ଧୁଙ୍କ ବିଷୟରେ ପୂର୍ବଗ୍ରହ-ରହିତ ଖବର ମିଳିବ । ସେଇଥିପାଇଁ ଓକିଲ ବାବୁଙ୍କୁ ମୋର ଆସିବାର ଖବର ଜଣାଇ, 'ସନ୍ଧ୍ୟାବେଳକୁ ଆସିବି, ଏଇଲା ଆପଣଙ୍କର କଚେରୀ ବେଳ କିନା' କହି ମୁଁ ଚାଲି ଆସିଲି ।

ତା'ପରେ ତିନି ମାଇଲ ଦୂରସ୍ଥ 'ହୋଲେନଗଛେ' ଆଡ଼କୁ ମୁଁ ପାଦ ବଢ଼ାଇଲି । ସେ ଗାଆଁଟାକୁ ମୁଁ ଖାଲି ରାତିରେ ଦେଖିଥିଲି । ଦେଖା ଅଦେଖା ରାସ୍ତା ଧରି, ଦୁଇପଟର ଖାଲି ବିଲ ଓ ଘରବାଡ଼ିକୁ ଦେଖି ଦେଖି ଆଗେଇଗଲି । ଦୁଇ ମାଇଲ୍ ଯିବାପରେ ପ୍ରାୟ ଚଉଦ ବର୍ଷର ଗୋଟିଏ ପିଲା ଦେଖିଲି । ସେ ବେଗ୍ ଝୁଲାଇ ଇସ୍କୁଲକୁ ଯାଉଥିଲା । ସ୍ୟାଡ଼େ ସ୍ୟାଡ଼େ ଘୁରବୁଲିବା ଅପେକ୍ଷା କିଛି ଜାଣିବାର ଇଚ୍ଛାରେ ସେହି ପିଲାଟିକି ଅଟକାଇ ମୁଁ ପଚାରିଲି, "ହୋଲନଗଛେ ମଞ୍ଜୟ୍ୟଙ୍କ ଘରକୁ ଯିବାକୁ ବାଟ କୋଉଟା ?"

"ହୋଲନଗଛେ ତ ଆସିଯାଇଛି ବୋଲି ଟିକିଏ ବାଟରେ ହେଇ...... । ମଞ୍ଜୟ୍ୟଙ୍କ ଘର ପଚାରିଲେ ନା ? ଆମର ଘର ? ମଞ୍ଜୟ୍ୟ ବୋଲି ଆଉ ଜଣେ ଅଛି ।"

Digitized by PPRACHIN, SOA

ସେ ପିଲାଟି ତାଙ୍କ ଘରର ରାସ୍ତା କହିଲା, ବରଗଛ ବା ମନ୍ଦିର, ଡାହାଣ ବାଆଁ ରେ ତାଳଗଛ, କୃଷ୍ଣଚୂଡ଼ା ଗଛ ଇତ୍ୟାଦି କେତେ ଚିହ୍ନଟ ଦେଇ । ମୁଁ ତ ଏତେ ଶସ୍ୟଶାସ୍ତ୍ର ଜାଣେନା । ଆଉ ଗାଆଁ ରେ କେଜାଣି କେତେ ବରଗଛ, ତାଳଗଛ ଥିବ । ତେଣୁ ମୁଁ ତାକୁ ପଚାରିଲି, "ବାଟଟା ଟିକିଏ ଦେଖାଇବ କି ? ଇସ୍କୁଲ ବେଳ ହୋଇ-ଗଲାଣି ନା କଣ ? ଡେରି ହେଲେ ଆଉ ।"

"ଦେଖେଇବି ।" କହି ପିଲାଟା ଲମ୍ବା ଲମ୍ବା ପାହୁଣ୍ଡ ପକାଇଲା । ମୁଁ ତା ପଛେ ପଛେ ଚାଲିଲି । ବାଟରେ ରାସ୍ତା କାଟିବାକୁ ମୁଁ ତା ସଙ୍ଗେ କଥାବାର୍ତ୍ତା ଆରମ୍ଭ କଲି ।

"ତମ ଘରଟା ଏଠୁ କେତେ ଦୂର ହବ ?"

"ଫର୍ଲିଙ୍ଗେ ଦି ଫର୍ଲିଙ୍ଗ ।"

"ତମ ଘରେ ଆଉ କିଏ କିଏ ଅଛନ୍ତି ?"

"ବାପା ମା, ଦିଟି ସାନଭାଇ । ଏତିକି ।"

"ସାନ ଭାଇମାନେ ଇସ୍କୁଲ ଯାଆନ୍ତି ନା ?"

"ଯାଆନ୍ତି । ଗ୍ରେଟ ଇସ୍କୁଲକୁ ।"

"ଆଉ ତମେ ?"

"ଶିବ୍ ହାଇସ୍କୁଲ୍ ।"

"ଦିପହରେ ଖାଇବାକୁ କେତେ ଦୂରରୁ ଆସିବାକୁ ହଉଥିବ ?"

"ଦୂରବାଟ ବୋଲି ଆସେନା ।"

"ଇସ୍କୁଲରେଇ ପୁରାଦିନ କଟା ? ଆଉ ଖାଇବା ?"

"ନାହିଁ ।" ଶୁଣିକରି ଓ ତାହାର ଦୁର୍ବଳ ଶରୀର ଦେଖି ଖୁବ୍ ଖରାପ ଲାଗିଲା ।

"ମାର୍କେଟରେ ତମର ବନ୍ଧୁବାନ୍ଧବ କି ସାଙ୍ଗସାଥି କେହି ନାହାନ୍ତି ଯୋଉଠି ଯାଇ ବଖତେ ଖାଇ ପାରିବ ?"

"ଅଛନ୍ତି, ହେଲେ ତାଙ୍କ ଘରକୁ ଯାଏନା ।"

"ସେମାନେ ଗରିବ ହେବେ ପରା ।

Digitized by PPRACHIN, SOA

"ନା । ତାଙ୍କ ଘରେ ଏତେ ଅଛୁ ଯେ ଖୁବ୍ ଖାଇପିଇ ଏଉଡ଼ି ମାରିହବ । ମୋର ତ ମାମୁଁ ଘର ସେ । ବଖାର ଆଉ ଘର ଦଶଟାଯାକ ବଜାରରେ; କିନ୍ତୁ ଆମର ତାଙ୍କର ସମ୍ପର୍କ ଅତି ସାଧାରଣ ।"

"କଣ ତାଙ୍କ ନାଁ ?

"ଗ୍ରେଚଲମନେ ଘର ।"

"ତମେ ତାଙ୍କର କଣ ହୁଅ ?"

"ମୁଁ ? ତାଙ୍କ ଭଉଣୀର ପୁଅ ।"

"ତମ ବାପାଙ୍କ ନା ମନ୍ତ୍ରୀ ନା ?"

"ହଁ... । ଆପଣଙ୍କ ନିବାସ ? ଆପଣଙ୍କୁ ଦେଖିଲେ ଜଣା ପଡ଼ୁଛି ଆପଣ କୋଉ ଅନ୍ୟ ଗାଁର ।"

"ହଁ । ଦୂର ଗାଁର । ବାଙ୍ଗାଲୋର୍ ଆଡର ।"

"ଆପଣ ସେଠୁ ଆସୁଚନ୍ତି ?" କହି କହି ସେ ଦେଖାଇଲା, "ହେଇଟି ଦେଖନ୍ତୁ, ସେଇ ତାଳଗଛଟା । ତାର ସାମନା ଘରଟା ହେଉଛି କେତରକା ମନ୍ତ୍ରୀଙ୍କ ଘର ।"

ମୁଁ ଆବାକାବା ହୋଇଗଲି । ତାକୁ ଡାକକରି କହିଲି "ରହିଯା...ତମ ନାଁ କହିଯାଅ ।"

"ଯଶୋବନ୍ତ ।" ମୁଁ ରୋମାଞ୍ଚିତ ହେଲି । ନିଜ ନାଁଟା କହିଦେଇ ସେ ତୁରନ୍ତ ଫେରି ପଡ଼ିଲା ।

"ଯଶୋବନ୍ତ ! ରହ ! ରହିଯା । ଆଉ ଗୋଟେ କଥା ପଚାରିବାକୁ ଅଛି ।"

ପିଲା ଫେରି ପାଖକୁ ଆସି କହିଲା, "କଣ ଦରକାର ? ଇସ୍କୁଲ ବେଳ ହେଇ ଯାଉଛି.......ସେଇଥିପାଇଁ ।"

"ଠିକ ଅଛି, ଘଣ୍ଟା ହବା ଆଗରୁ ଇସ୍କୁଲରେ ପହଞ୍ଚିବା ଉଚିତ । ସେକଥା ବି ଠିକ୍ । ମୋ ଲାଗି ବଡ଼ କଷ୍ଟ ହେଲା ତମକୁ । ଦେଖ, ତମ ଅଜା ମୋର ସାଙ୍ଗ ଥିଲେ, ତେଣୁ ମୁଁ ଅଟକାଇଲି ।"

Digitized by PPRACHIN, SOA

"କିଏ ଟ୍ରେଇଲମେନେର ବଡ଼ ହେଡ୍‌ଗ୍ରେ ଆପଣେ ?··· ତାହେଲେ ଆପଣ କିଏ ?"

"ଶିବବ୍ରମ କାରଂତ ମୋ ନାଁ।"

"ଆମ ଘରକୁ ଆପଣ ଆସିବେ ନେଇଁ ? ମୋ ବାପାଙ୍କୁ ଆପଣ ମାସକୁ ମାସ ମନିଅର୍ଡର ପଠାନ୍ତି ନା ?" ସେ ପିଲା ମୋ ହାତ ଧରି ପକାଇ କହିଲା, "କେତେରକମ ଘରକୁ ପରେ ସିବେ । ମୋ ବାପା ମା ଆପଣଙ୍କୁ ଦେଖି ବଡ଼ ଖୁସୀ ହେବେ ।" ସେ ମୋତେ ଟାଣିବାକୁ ଲାଗିଲା । ମୋ ମନରେ ଟିକିଏ ଦ୍ୱିଧା ଆସିଲା ଯେ ଯେଉଁ ମଞ୍ଜୁନ୍ଥଙ୍କୁ ମୁଁ ଖୋଜୁଛି ସେ ବୁଢ଼ା ଲୋକ । ତେଣୁ ମନରେ ସନ୍ଦେହ ହେଲା । ସେହି ମଞ୍ଜୁନ୍ଥ ମୋର ବନ୍ଧୁଙ୍କର ଜ୍ୱାଇଁ ହୋଇଥିବେ । ତାଙ୍କର ଥରିଲା ହାତର ଦସ୍ତଖତ ଦେଖି କରି ମୁଁ ଅନୁମାନ କରିଥିଲି ସେ ବୁଢ଼ା ହୋଇଥିବେ । ଏଇଥିପାଇଁ ବୁଢ଼ା ମଞ୍ଜୁନ୍ଥ ଘରକୁ ଯିବା କଥା କହିଥିଲି । ମନେହେଲା ଏ ପିଲାର ବାପ ତ ଏତେ ବୁଢ଼ା ହୋଇ ନ ଥିବେ, ତେଣୁ କିଛି ଭାବିବାକୁ ଠିଆ ହୋଇଗଲି ।

"କଣ କଥା, କହିଲେ ?" ପିଲାଟି ପଚାରିଲା ।

"ତମ ବାପାଙ୍କ ଦସ୍ତଖତର ଥରିଲା ହାତର ଅକ୍ଷର ଦେଖି ମୁଁ ଭାବିଥିଲି ସେ ବୁଢ଼ା ହୋଇଥିବେ, ତମ ଘରକୁ ନ ଯାଇ ମୁଁ ଆଉ କାହା ଘରକୁ ଚାଲି ଯାଇଥାନ୍ତି ।"

"ମୁଁ ଯେବେ ଆଗରୁ ଆପଣଙ୍କ ନାଁଟା ପଚାରି ନେଇଥାନ୍ତି, ତାହେଲେ ଭଲ ହୋଇଥାନ୍ତା । ଆସନ୍ତୁ ଆସନ୍ତୁ ! ଯୋଉଠି ମୋ ବାପା ଶୋଇଚନ୍ତି ସେଠିକି ନେଇଯାଏ । ତାଙ୍କର ରକମେ ବାତ ଅଛି । ପଡ଼ିବାର ଆଜିକି ବର୍ଷେ ହେଲାଣି ।" ପିଲାଟି ବୁଝେଇ ଦେଇ କହିଲା । ସେ ଆଉ ମୋ ହାତ ନ ଛାଡ଼େ । ଅଧମାଇଲ ଦୂରରେ ତାଙ୍କ ଘରକୁ ଘେନିଗଲା । ଘରେ ପଶିବା ମାତ୍ରେ ତା ବ୍ୟାଗ୍ ଖଣ୍ଡିକ ଗୋଟେ ଜାଗାରେ ଥୋଇ ଭିତରକୁ ଦଉଡ଼ିଗଲା, ନିଜ ବାପା ଓ ମାଆଙ୍କୁ ମୋ ଆସିବାର ଖବର ଦେଲା । ଆଉ ତା'ପରେ ଗୋଡ଼ ହାତ ଧୋଇବାକୁ ଲୋଟାଏ ପାଣି ଥୋଇକରି ମସିଣା ପକେଇ ଦେଲା । ଏତିକିବେଳେ ଜଣେ ପାତଳ ସ୍ତ୍ରୀଲୋକ ମୋତେ ଦେଖାଗଲା—ଭଲ, ସୁଲକ୍ଷଣା । ଗରିବପଣର ଛାପ୍ସା ଦେହରେ ଖେଳିବା ସତ୍ତ୍ୱେ ତାଙ୍କୁ ପ୍ରକୃତ ଗୃହଲକ୍ଷ୍ମୀ ମନେ ହେଉଥିଲା । କୌଣସି ସଙ୍କୋଚ ନ ରଖି ସେ ଆଗକୁ ଆସି ଠିଆ ହୋଇଗଲା ଓ ନମସ୍କାର କରି କହିଲା, "ମୋର ବାପାଙ୍କର ପୁଣ୍ୟବଳରେ ଆପଣ ଆମ ଦୁଆରକୁ ଆସିଲେ । ଆପଣଙ୍କର ସବୁ କୁଶଳ ତ ?···ମୋ ସ୍ୱାମୀ ଯେଉଁଠି ଶୋଇଛନ୍ତି

Digitized by PPRACHIN, SOA

ସେଠାକୁ...।" ତାପରେ ଯଶୋବନ୍ତକୁ ଡାକି କହିଲା "ଯଶୁ, ତୋ ଭାଇମାନେ ଇସ୍କୁଲ ଗଲେଣି । ତୁ ନ ଗଲେ କିଛି କ୍ଷତି ନାହିଁ ।"

"ହଁ ମା, ଆଜି ସେ ଘରକୁ ଆସିଚନ୍ତି ମୁଁ କେମିତି ଯିବି ? ତୁ ଘରକୁ ଯା, ମୁଁ ସ୍ୱାଙ୍କର ତର୍ଚ୍ଚା କରୁଥାଏ । ଜଳଖିଆ କିଛି ତିଆରି କର । ଆଚ୍ଛା ଆପଣ ଏଇଲା ବାପାଙ୍କୁ ଦେଖିବେ ନା ଜଳଖିଆ କରି ସାରି... ?"

"ଜଳଖିଆ କରିସାରନ୍ତୁ ବାପା ।" କହି ମା ଭିତରକୁ ଗଲା । ମୁଁ ସେ ପିଲାକୁ ମୋ ପାଖରେ ବସାଇଲି, ତା'ପରେ ତା ମା କଥା, ଭାଇମାନଙ୍କ କଥା, ବଲବାଡ଼ି କଥା କେତେଥର ପଚାରିଲି । ଏତେଦିନ ତାଙ୍କ ଘରକୁ ଆସି ପାରିନାହିଁ ଏକଥା ଭାବି ବଡ଼ ଦୁଃଖ ହେଲା ।

ପିଲାଟି ପଚାରିଲେ, 'ମୋ ଅଜା ଆପଣଙ୍କର ଖୁବ୍ ଶ୍ରଦ୍ଧା ପରିଚ ! ସେ ବମ୍ବେରେ ମଲେ ନା ? ମଲାବେଳକୁ ତାଙ୍କ ପାଖରେ କେହି ଥିଲା ? ସୀତାରାମ ହେଗ୍‌ଡ଼େ ଯାଇଥିବେ ପରା ?" ମୁଁ କହିଲି, "ମୁଁ ଆଉ କେବେ ସବୁକଥା କହିବି । ଗୃହ ପାଇଁ ତମର ବସ୍ତାଳିଶି ସେରର ଖାଲି ତିନିଖଣ୍ଡ ଜମି ଅଛି । ଏତିକରେ ଚଲେ ?"

"ଆଉ ଉଧାସ୍ତ କଣ... । ମା—କହେ ଆଗେ ବହୁତ କିଛି ଥିଲା...କରଜ ହେଲା, ବଡ଼ବଡ଼ଆଙ୍କ କରଜ ଶୁଝିବାରେ ସବୁ ଗଲା । ବାପା ଏତିକ କେମିତି ହେଲେ ରଖିଲେ ନା ।"

ଏତିକବେଳେ ଯଶୋବନ୍ତର ମା ଅଳ୍ପ ଦୁଧପାଣି ଓ ଚାଉଳ ଖୁଦରେ ତିଆରି ଉପମା (ଉପିଟ୍ଟେ) ଆଣି ଆଗରେ ଥୋଇ କହିଲା, "ଗରିବଙ୍କ ଘର । ଚାହାର ପୁଡ଼ିଆ ଆଣିନାହିଁ । ଆଣିବା କଥା ବି ନୁହେଁ । ସେ ତ ସୁଜିରେ ତିଆରି ଉପିଟ୍ଟେ ବି ନୁହେଁ । ଚାଉଳ ଖୁଦ । ସୁଦାମାର ଆତିଥ୍ୟ ସ୍ୱୀକାର କରନ୍ତୁ ।"

"ମା, ଏମିତି କଥା କହିବେ ନାହିଁ । ସାଦର ସତ୍କାର ଚାଉଳର ଖୁଦ କି ଗହମର ସୁଜି କି ଚାହା କଫିର କଥା ନୁହେଁ । ସେ ତ ଆମର ହୃଦୟର କଥା; ଅନ୍ତଃକରଣର କଥା ।"

ଜଳଖିଆ କଲାବେଳେ ମୁଁ ସେ ପିଲାଟିକି ଚୁପ୍‌କରି ବସିଥିବାର ଦେଖିଲି । "ତମେ ବି ଏଥିରୁ ଟିକିଏ ଖାଅ ।" ମୁଁ କହିବାରୁ ସେ କହିଲା, "ମୁଁ କାଞ୍ଜି ପିଇଛି ।" ଆଗ୍ରହ କରି ମୁଁ ମୋ ଥାଳିଆରୁ ତାକୁ ବି କିଛି ଖୁଆଇଲି ।

Digitized by PPRACHIN, SOA

ତାପରେ ମା ପୁଅ ମତେ ଆଉ ଗୋଟିଏ ବଖରାକୁ ଘେନଗଲେ । ବସିବାକୁ ଖଣ୍ଡିଏ ପିଢ଼ା ପକାଇଲେ । ମନ୍ଦମନ୍ଦବତୀ ଜଳାଇ ମଞ୍ଜୁଙ୍କ ପାଖ ଝରକା ଖୋଲିଲେ । ତାଙ୍କୁ ଉଠୁଥିବାର ଦେଖି ମୁଁ ବହୁତ ମନା କଲି; କିନ୍ତୁ ସେ କିଛି ଶୁଣିଲେ ନାହିଁ; ଅାସ୍ତେକରି ଉଠି କାନ୍ଥକୁ ଆଉଜି ବସିଗଲେ । ମୁଁ ତାଙ୍କ ଆଗରେ ଯାଇ ବସିଲି । ସେଇ ଅାଗ କଥା ଆରମ୍ଭ କଲେ ।

"ମୁଁ କଣ ଦିନରେ ଦି ଥର ଗାଧୋଇବାକୁ କି ବାହାରକୁ ଯିବାକୁ ଉଠେନି କି; କିନ୍ତୁ ଧରିବାକୁ ଗୋଟା କିଛି ନ ହେଲେ ନ ଚଳେ ! ଏ ଯୋଉ ରୋଗ, ଯ୍ବର ତ କିଛି ନା ବି ନାହିଁ, କଣ ବିଗ୍ରସ୍ତନାମ ସକାଳେ ବାତ ହୋଇଛି କହୁଛନ୍ତି । ତହିଁକି ବାତ ଲାଗି ଯେତେ ଚିକିତ୍ସା ସବୁତ ହେଲାଣି, କିଛି କାହିଁକି ଲାଭ ହବ । ହଉ, କପାଳରେ ଯେତେ ଦିନ ଦୁର୍ଭୋଗ ଲେଖା ଅଛି, ତାକୁ ତ ଫେର ଭୋଗିବାକୁ ହବ !...ଆଉ କିଛି ଅସୁବିଧା ତ ନାହିଁ । ମୋ ପଣୁଟା ଟିକିଏ ବଡ଼ ହୋଇଯାଉ, ମୋର ଆଉ କୋଉ କଥାର ଡର ?"

"ତା ଅଜାଙ୍କ ନାଁରେ ତା ନା ଦେଇଛନ୍ତି ।"

"ଆପଣ ଯେ ମୋ ଶଶୁରଙ୍କ କଥା ଲେଖିଛନ୍ତି... । ମୁଁ ତ ଏମିତି ଅବସ୍ଥାରେ ପଡ଼ିଚ, ଆପଣଙ୍କ ଚିଠିର ଜବାବଟା ବି ଦେଇ ପାରିଲିନି । ହଁ, ଲେଖେଇ ଥିଲେ ହୋଇଥାନ୍ତା...ଶଶୁରଙ୍କୁ ଅନେକ ଦିନରୁ ଜାଣିଥିଲେ ପରା ?"

ତା'ପରେ ମୁଁ ମୋର ଆଉ ତାଙ୍କ ଶଶୁରଙ୍କ ଭିତରେ ପରିଚୟର ସବୁ କଥା ଶୁଣାଇଲି । ଉନ୍ନକଣ୍ଠୋଯାକ ମୋ କଥାକୁ ସେମିତକ ଭକ୍ତିରେ ଶୁଣିଲେ, ଯେମିତି ଭକ୍ତ-ମାନେ ଭାଗବତ କୀର୍ତ୍ତନ ଶୁଣନ୍ତି । ମୁଁ ଯେତେବେଳେ ପାବଂତମ୍ମାର ଅନ୍ତିମକାଳର ବିବରଣ ଦେଲି, ସମସ୍ତେ କାନ୍ଦିପକେଇଲେ ।

"ସେଇ ପୁଣ୍ୟାତ୍ମା ବୃଦ୍ଧାଙ୍କୁ ଆପଣ ଦେଖିକରି ଆସିଛନ୍ତି । ତାଙ୍କୁ ମୁଁ କେବେ ଦେଖିନାହିଁ । ଆପଣ ଭଲକାମ କରିଛନ୍ତି । ମୋ ଶଶୁରଙ୍କ ନାଁ ଅମର କରିଦେଇଛନ୍ତି । ଦେଖନ୍ତୁ ନା, ମୋ ଶଶୁର ତାଙ୍କର ସ୍ତ୍ରୀ ଆଉ ପିଲାଙ୍କର—ବିଶେଷରେ ସ୍ତ୍ରୀ ଓ ପୁଅଙ୍କର କହିବାକୁ ଗଲେ ଶତ୍ରୁ ହୋଇଗଲେ ନା ! ଏଇଲାଗି ଖାଲି ଶଶୁରଙ୍କ ନିନ୍ଦା କଲା ଲୋକ ସବୁ ରହିଲେ । ହଁ, ତେବେ ଗୋଟିଏ କଥା...ତାଙ୍କର ଟିକେ ଏଇ ଝିଅଟି ପ୍ରତି ବେଶି ସ୍ନେହ ଥିଲା । ମୁଁ ଯାକୁ ବାହା ହେଲାବେଳକୁ ଆମ ଘରଟା ବେଶ୍ ଥିଲାବାଲା ଘର ଥିଲା; କିନ୍ତୁ ବହୁକୁଟୁମ୍ବୀ ଘର । ସମ୍ପତ୍ତିର ବଣ୍ଟାଆରି ହେବାରୁ

Digitized by PPRACHIN, SOA

କରଜରେ ଆମେ ବୁଡ଼ିଗଲୁ । ବାପାଙ୍କ କରଜ ଶୁଝିଲା ପରେ ମୋ ଅଂଶରେ ଆଉ କିଛି ରହିଲାନି । ସେତେବେଳେ ମତେ ସାହାଯ୍ୟ କରି ବଞ୍ଚାଇବାକୁ ଶଶୁର ଥିଲେ, ଆଉ କେହି ନାହିଁ । କୋର୍ଟ ଓ ଘର ସକାଶେ କେତେ ଅର୍ଥଦଣ୍ଡ ଦେଲି; କିନ୍ତୁ କିଛି ଲାଭ ହେଲାନି ! ତାଙ୍କର ପାରୁପର୍ଯ୍ୟନ୍ତେ ସେ ଚେଷ୍ଟାକଲେ; କିନ୍ତୁ କିଛି ହେଲାନି । ତା ପରେ କହିବାକୁ ଗଲେ ସେଇ ଏଇ ଛୋଟିଆ ସମ୍ପତ୍ତିଟି ଆମ ଲାଗି କରିଦେଇଗଲେ । କିନ୍ତୁ ମୋ ଶଳା ସୀତାରାମ ଏହା ସହିଲା ନାହିଁ । ଶଶୁରଙ୍କ ଥିବା ଭିତରେ ତାର ମୋର ଅନନୁକୂଳ ସମ୍ବନ୍ଧ ହୋଇଗଲା । କିଛି ବର୍ଷପରେ ଶଶୁର ଗାଁ ଛାଡ଼ି ଚାଲିଗଲେ, ତା ପରେ ଆଉ କିଛି ସମ୍ପର୍କ ରହିଲାନି । ମୁଁ ତ ଜାଣି ବି ପାରିଲିନି ସେ କୋଉଠି ଅଛନ୍ତି । କେଜାଣି କେତେ କଷ୍ଟ ତାଙ୍କୁ ହୋଇଥିବ ! କେଜାଣି କାହିଁକି ସେ ଏହା କଲେ !"

ମନ୍ତ୍ରାପ୍ତ କହୁ କହୁ ଅଟକି ଗଲେ । ତେଣୁ ମୁଁ ତାଙ୍କ ସ୍ତ୍ରୀକୁ ପଚାରିଲି, "ଆଉ ଝିଅଯାକ ଆପଣଙ୍କଠୁ ଛୋଟ ନା ବଡ଼ ? ଏଇଲା ସେମାନେ କୋଉ କୋଉଠି ଅଛନ୍ତି ?"

ତାଙ୍କ ସ୍ତ୍ରୀ କହିଲା, "ଆମେ ଚାରି ଭାଇଭଉଣୀ । ବଡ଼ ସୀତାରାମ । ସେ ତ କୁମଟାରେ ବଖାର କରି ରହିଛି । ମୋ ମା ବି ତାରି ପାଖରେ ଥାଏ ।'

"ବାପଘର ତ ଏତେ ପାଖରେ, ଯିବା ଆସିବା ଖୁବ୍ ହଉଥିବ ମନେକଲେ ?"

"ଏ କଥା ଆଉ କାହିଁକି ପଚାରୁଛନ୍ତି ? ଇସ୍ୱେ ଭଲ ଥିଲେ, ବାପା ଗାଁରେ ଥିଲେ, ସେତେବେଳେ ଯିବା ଆସିବା ଖୁବ୍ ହେଉଥିଲା । ଝିଅଙ୍କ ଭିତରେ ମୁହିଁ ବଡ଼ । ମୋ ମା ଆଉ ବଡ଼ଭାଇଙ୍କ ସ୍ୱଭାବ ଅଲଗା । ତାଙ୍କ ଲାଗି ମୋଠୁଁ ନାହିଁ ଭଗବାନଙ୍କଠୁ ବି ବଡ଼ ପଇସା···"

ମୁଁ ହସିଦେଲି ।

"ଏସବୁ କହିବା କଥା ନୁହେଁ, ନା କଣ ? ମୋ ବିପଦବେଳେ ତାଙ୍କର ସାହାଯ୍ୟ ମିଳିଲାନି । ହେଉପଛେ, ମୋର ଏମିତି ଅଭିଯୋଗ କରିବା ଦରକାର ନାହିଁ; କିନ୍ତୁ ମୁହଁରୁ ବାହାରିଗଲା, ମୁଁ କଣ କରିବି ? ଇସ୍ୱେତ ଭୁଲ । ମୋ ସ୍ୱାମୀ ବି କହନ୍ତି ମୋର ଏମିତି ହୁଏ···କେଜାଣି କାହିଁକି କହିଦେଲି ?"

Digitized by PPRACHIN, SOA

ମଞ୍ଜୁଲ୍ତ କହିଲେ, "ଜଳଜା, ଭିତରକୁ ଯାଅ । ଜଳଦି ଖାଇବାକୁ କର ।"

"ନାହିଁ । ଭୋଜନ କୁମ୍ଭଟାରେ ହବ । ସତ୍ୟବନ୍ତଙ୍କୁ କହିକରି ଆସିନି, ଖାଇବାକୁ ତାଙ୍କର ଘରକୁ ଯିବି । ଟିକିଏ ଡେରି ହେଲେ କିଛି କଥାନାହିଁ ।

"ସେ ପୁଣ୍ୟବନ୍ତ ଲୋକ । ଆମ ସୀତାରାମ ସାଙ୍ଗରେ ସତ୍ୟବନ୍ତର ଖୁବ୍ ଭଲ ଚହ୍ନା ଜଣା ଅଛି । ତାଙ୍କ ବଡ଼ଭାଇ ସାଙ୍ଗରେ ବି ଭଲ ଚହ୍ନାଜଣା ଥିଲା । ସେ ମରିଗଲେ । ଆଜିକାଲିକା ସମୟରେ ଯିଏ ଚାଲିଗଲା, ସେଇ ପୁଣ୍ୟବନ୍ତ ।"

"ସଂସାରର ଦୁଃଖ କଷ୍ଟ ସକାଶେ ଆପଣ ଏମିତି କହୁଛନ୍ତି । କଷ୍ଟ କାହାର ନାହିଁ କହିଲେ ? । ଦୁଃଖ ନ ଥାଇ ଖାଲି ସୁଖର ଶେଯରେ କୋଟିକେ ଗୋଟିଏ ଦେଖିବାକୁ ମିଳିବ । ଏସବୁ କଥା ଭାବି ମନ ପିଡ଼ା କଲେ ଲାଭ କଣ ?"

"ସତ କଥା । ଏମିତି କହିବା ଉଚିତ ନୁହେଁ । ପିଲାଙ୍କ ଆଗରେ ତ ଜମା କହିବାର ନୁହେ । 'କାହିଁକି ଜନ୍ମ ହେଲି' ଭଳିଆ ଭାବନା ତାଙ୍କ ମନରେ ଉଠିବାକୁ ଦେବାର ନୁହେଁ ।"

ସେଇଠୁ ଯଶୋବନ୍ତ କହିଲା, "ବାପା, ତମେ କହୁଥିଲ ନା ଦୁଃଖ ସବୁ ଦିନକୁ ରହେନା ! କହୁଥିଲ ନା ସୁଖ ସବୁ ଅଳପ ଦିନ ପାଇଁ ଆସିଚି ?"

"ହଁ ବାପା । ଭଗବାନ ତ ଏତେ ଦିନ ଚଳେଇଲେ । ଏଇଲା ତୁ ଯୋଗ୍ୟ ହେଇଗଲୁ...ତାପରେ ।"

ମୁଁ କହିଲି, "ସେତେବେଳେ ସବୁ ଠିକ୍ ହେଇଯିବ । ଆପଣଙ୍କ ପୁଅର ଭାଗ୍ୟ ଆପଣଙ୍କଠୁ ବଳି ଭଲ ହବ । ଆଚ୍ଛା ଯଶୋବନ୍ତ, ତୁ ପଢାଶୁଣା କରି ବଡ଼ ହୋଇ-ଗଲେ ମା ବାପାଙ୍କୁ ପୋଷିବାକୁ ପଚ୍ଛେଇବୁନି ତ ?"

ପିଲାଟି କହିଲା, "ପୁଅମାନେ କଣ ପାଇଁ ହେଇଥାନ୍ତି ?"

"ହଉ ମୁଁ ତା ହେଲେ ଆସେଁ । ଆଉ ଦିଦିନ କୁମ୍ଭଟାରେ ରହିବି, ଆଉ ଥରେ ଆସି ଦେଖାକରି ଯିବି ।"

"ତାର ଦରକାର ନାହିଁ, ସେ ପୁଅକୁ ଗୁହିଁ ଡାକଲେ "ଯଶୁ !"

Digitized by PPRACHIN, SOA

"ଅଚ୍ଛା ଠିକ୍ ଅଛି ବାପା । ମୁଁ ସତ୍ୟବନ୍ତଙ୍କ ଘରକୁ ଦଉଡ଼ି କରି ଯାଇ ତାଙ୍କ ଘରେ କହି ଆସିବି ।" କହି ପିଲାଟି ଠିଆ ହେଲା ।

"ନାଇଁ ବାପା " କହୁଁ କହୁଁ ସେ ଜୋର୍‌ରେ ଦଉଡ଼ି ପଳେଇଲା । ମନେ-ହେଲା, ଯଶୋବନ୍ତ ବାବୁ ତାଙ୍କ ପିଲାଦେନେ ସ୍ୱାରପର ଫୁର୍ତ୍ତି ହେଇଥିବେ । ମୁଁ କଥା ବଦଳାଇ କହିଲି, "ଆପଣ କହିଲେ ନା ଆପଣଙ୍କ ସ୍ତ୍ରୀଙ୍କ ନା ଜଲଜା ?"

ସେ ହସି କହିଲେ, "ମୋ ଶଶୁରେ ଆଖି ଦେଖିକରି ପତ୍ନୀ ଶିବଙ୍କ ପରି ଝିଅମାନଙ୍କ ନାଁ ଦେଇଥିଲେ—ଜଲଜାକ୍ଷୀ, ବନଜାକ୍ଷୀ ଓ ମୀନାକ୍ଷୀ ।"

ମୁଁ କହିଲି, "ଆଉ ଝିଅ ହୋଇଥିଲେ ବୋଧେ କାମାକ୍ଷୀ, ହରଣାକ୍ଷୀ ନାଁ ହବୁ ରଖିଥାନ୍ତି !" ପୁଣି ଟିକିଏ ହସି କରି କହିଲି, "ଆପଣଙ୍କର ଆଉ ଦ ଶାଳୀ କୋଉଠି ଥାନ୍ତି ?"

"ବନଜା ଘରଟା ଦକ୍ଷିଣ ଆଡ଼େ ପଡ଼ିବ, କେକ୍‌କାର ଗାଁ ପାଖରେ । ବଡ଼ଲୋକ ଘରେ ସେ ବାହା ହୋଇଚ । ସମ୍ପତ୍ତିବାଡ଼ି ଭଲ, ଆରାମରେ ସଂସାର କରୁଛି । ଆରଟିକି 'ସ୍ନାଣ' ବୋଲି ଗଣ୍ଡ ଗ୍ରାମରେ ବାହା ଦେଇଛନ୍ତି । ମୋ ଜାଣିବାରେ ତା ଅବସ୍ଥା ଭଲ, କିଛି ଭାବିବାର ନାହିଁ । ସେ ଦୁହିଁଙ୍କ ସମ୍ବନ୍ଧ ମୋ ଶାଶୂ କରିଥିଲେ । ମୁଁ ଖାଲି ମୋ ଶଶୁରଙ୍କର ଜୋଇଁ । ବାହାଘରବେଳେ ଶାଶୂ ବରି ବାଛିବାରେ ଆପତ୍ତି କରିଥିଲେ, କେତେ ଡରେଇଥିଲେ । ସେଥିପାଇଁ ପତ୍ନୀ ଦୁଇ ଜୋଇଁ ସେଇ ଖୋଜା ବାହାର କରିଥିଲେ । ଏଇଲା ଜାଣିବେ ସବୁ ସବୁ ମିଶି ମୋ ଶାଶୂଙ୍କର ଜୟ ହେଇଛି । ମୁଁ ମାଟ୍ରିକ୍ ପାସ୍ କରି ତାଲୁକା ଅଫିସ୍‌ରେ କ୍ଲର୍କ ଗିରିକାମ ପାଇଗଲି । ମୋ ଶ୍ୱଶୁରେ ଭାବିଥିଲେ ପାଠପଢ଼ୁଆ ପିଲା, ବଡ଼ ଘର, କେମିତି ହେଲେ ପେଟ ଅପୋଷା ରଖିଦେବ । ମୋର ଶାଶୁଙ୍କ କହିବା କଥା, ଯୋଉଠିକି ଝିଅ ଦବ, ସେ ଘର ଥିଲାବାଲା ହେଇଥିବା ଦରକାର । ସମ୍ପତ୍ତିବାଡ଼ି ଯୋଉଠି କମ୍, ଭାଗ ନବାକୁ ବେଶି ଲୋକ, ସେଠି ଜମା ଝିଅ ବାହା ଦବାର ନୁହେଁ । ସେ ନିଜେ ବି ବଡ଼ଲୋକ ଘରର କନା; କିନ୍ତୁ ବାପଘରୁ କିଛି ସେ ପାଇ ନ ଥିଲେ । ସେ ତାଙ୍କ ପିଲାଙ୍କୁ କଣ ଦେଇଚନ୍ତି ମୁଁ ଜାଣେନା, ମୋତେ ତ କିଛି ଦେଇନାହାନ୍ତି ।"

"ଦେଇଚ ?" କହି କହି ଜଲଜାକ୍ଷୀ ପ୍ରବେଶ କଲା, "ଯାହାର ଅଛି ତାକୁ ସିନା ଦିଆହୁଏ । ଯାହା ପାଖରେ କିଛି ନାହିଁ, ତାକୁ କିଏ କୋଉଠି କିଛି ଦେଲାଣି ?"

Digitized by PPRACHIN, SOA

ମଞ୍ଜୁଶ୍ରୀ କହିଲେ, ' ମା ହେଉ ବାପ ହେଉ, ଯୌବନ ଆସିଗଲେ ତାଙ୍କ ସମ୍ପତ୍ତିରେ ଆଶା ରଖିବାର ନୁହେଁ । ନିଜ ଗୋଡ଼ରେ ଠିଆ ହେବା ଦରକାର । ମତେ ଏଇଲି ସ୍ନେହ ଶ୍ରେଗ କାବୁ କରି ଦେଇଛ ନା, ନଇଲେ ଏମିତି ଅଭିଯୋଗ ଅନୁଯୋଗ କରିବା ମୋ ସ୍ୱଭାବ ନୁହେଁ ।"

ତା ପରେ ସେ ପୁଣି ତାଙ୍କ ଶ୍ୱଶୁରଙ୍କ କଥା ପଚାରିଗଲେ । ମୁଁ ବି କିଛି କିଛି କହିଲି । ସେଇ ପ୍ରସଙ୍ଗରେ ତାଙ୍କ ଶଶୁରଙ୍କର ଶେଷ ଇଚ୍ଛାର ଖବର ଓ ଟଙ୍କା କଥା କିଛି ନ ଲୁଚାଇ କହିଦେଲି । ସେ ସବୁ କିଛି ଶୁଣି ପଚାରିଲେ, "ଏ ସବୁ କଥା ଆମ ସୀତାରାମ ଜାଣିଛ ?"

"ହଁ ଜାଣିଛ । ସେ ତା ପରେ ବମ୍ବେ ବି ଯାଇଥିଲି । ଆପଣଙ୍କ ଶଶୁରଙ୍କ ନାଁରେ ଯୋଉ ଟଙ୍କା ବ୍ୟାଙ୍କରେ ଅଛି, ସେଇଟା ତାଙ୍କୁ ଇ ମିଳିବ । ମିଳିସାରିବଣି ବି ।"

"ଆପଣ ତାଙ୍କ ଘରକୁ ଯାଇ ନାହାନ୍ତି ?"

"ଏଯାକେ ଯାଇନି । ଥରେ ଯିବି ବିଚାରିଛ । ଗାଁ ଛାଡ଼ିବା ଆଗରୁ ଯିବି ।"

"ମୋ ଶଳା ସାଙ୍ଗରେ ମୁହାମୁହିଁ ଭେଟ ହେଇଛ ?"

"ମୁଁ ଯୋଉଠି ଥାଏ, ସେ ସେଇଠିକି ଥରେ ଆସିଥିଲେ । ମୋତେ ଚିଠି ବି ସେ ଲେଖିଥିଲେ । ଚିଠି ନ ଦେବା ଲୋକ ଖାଲି ଆପଣ ରହିଗଲେ ।"

"ମୋର ଭୁଲ୍ ହେଇଗଲା । ଆପଣ ରାଗି ନାହାନ୍ତି ତ ?"

"ନାହିଁ ଠିକ୍ ଅଛି । ତା ଛଡ଼ା ଆପଣଙ୍କ ହାତର ଲେଖା କୋଉ ରୋଗୀ କି ବୁଢ଼ା ପରି ଦିଶୁଥିଲା । ସେଥିପାଇଁ ଭାବିଲି ଚିଠି ଲେଖିପାରି ନ ଥିବେ କି କଣ ।"

ଯଦିଓ ମୁଁ ତାଙ୍କ ଶଶୁରଙ୍କ ଟଙ୍କା ଜମା କଥା କହିଥିଲି, ତଥାପି ମଞ୍ଜୁଶ୍ରୀ ସେ ବିଷୟରେ ତାଙ୍କର କିଛି ଆସକ୍ତି ଦେଖାଇଲେ ନାହିଁ ପରି ମନେ ହେଲା ।

"ମୋ ଶଶୁରେ ଆଗରୁ ଏଇମିତି ସବୁ କିଛି କୁଆଡ଼େ ଦେଇଦାଇ ଯାଇ ଥିଲେ । ମୁଁ କହିପାରିବିନି ଯେ ସେ ନଷ୍ଟ କରିଚନ୍ତି; କିନ୍ତୁ ମୋ ଶାଶୁଙ୍କୁ ସେଇମିତି ଦେଖାଯାଏ । ମୋ ଶଶୁରଙ୍କ କଥା ବିଲକୁଲ ନିଆରା । ଯେ ଆସି ତାଙ୍କ ପାଖରେ କାନ୍ଦକାଟି ମାଗିବ, ତାକୁ ସେ ସବୁ କିଛି ଦେଇଦେବେ । ତାଙ୍କ ସ୍ୱଭାବ ଅନୁସାରେ

Digitized by PPRACHIN, SOA

ସେ ଆପଣଙ୍କୁ କହିଚନ୍ତି ଭଲ ଭଲ କାମ ଲାଗି ଟଙ୍କାଟା ଯେମିତି ଖରଚ ହୁଏ, କେତେ ଲୋକଙ୍କ ଭିତରେ ଏମିତି ବୁଦ୍ଧି ଦେଖିବାକୁ ମିଳିବ ?"

"ଆମେ ସମସ୍ତେ କହିବା, ଯାହା ବଳିବ, ଆମ ପିଲା ଛୁଆ ଯେମିତି ପାଆନ୍ତି । ତାଙ୍କ ଆଖିରେ ନିଜ ପିଲା ଯାହା, ପର ପିଲା ସେଇଆ । ସୀତାରାମ ପରି ସେ ଧନରେ ତାଙ୍କର ଆଶା ନ ଥିଲା ।" । 'ପନ୍ଦର ହଜାର' ମହାତ୍ମା ଏତିକ କହିଲେ । ଏକଥା ଶୁଣି ମୁଁ ଖୁବ୍ ଖୁସୀ ହେଲି ।

ସେଦିନ ଦିପହରେ ମୁଁ କେତେ ମନା କଲି, ନ ମାନି ସେ ମୋର ପାଖରେ ଆସି ଭୋଜନ କଲେ । ତାଙ୍କ ପାଖରେ ଯଶୋବନ୍ତ ବସିଥିଲା । ପାଠ ପଢ଼ିଲାବେଳକୁ ତାଙ୍କର ଆଉ ଦି ପିଲା ବି ଇସ୍କୁଲରୁ ଆସିଗଲେ । ହାତଗୋଡ଼ ଧୋଇ ତାଙ୍କ ବଡ଼ଭାଇପରି ସେ ବି ନିଜ ନିଜ କଂସା ଗିନା ଧରି ଖାଇବା ଧାଡ଼ିରେ ବସିଗଲେ । ତିନିଜଣ ପିଲାଙ୍କ ମୁହଁ ମା ମୁହଁ ସାଙ୍ଗରେ ମିଶୁଥାଏ । ସମସ୍ତଙ୍କ ଚେହେରାରେ ଗରିବ ପଣର ଛାୟା ଦେଖାଯାଉଥାଏ । ପେଟ ପୂରାଇ ଖାଇବାକୁ ମିଳିଲେ ଚେହେରାର ଆଉ କଣଟା ରହିବ ।

ଖାଇଲାବେଳେ ମୁଁ ପଚାରିଲି, "ଯଶୋବନ୍ତ, ତୋ ସାନଭାଇମାନଙ୍କର ନାଁ କଣ ?"

ସେ କହିଲା, 'ୟେ ଜୟନ୍ତ, ୟେ ଭଗବନ୍ତ ।"

ମୁଁ ପଚାରିଲି, "ଏ ଭାଇ, ତୋ ଅଜାଙ୍କ ବାପାଙ୍କ ନାଁ କଣ ଜାଣିଚୁ ?" ତା ଲାଗି ମୁଁ ନୂଆ ଲୋକ, ତେଣୁ ସେ ମୋ ମୁହଁକୁ ଅନାଇ ରହିଲା ।

"ମହାତ୍ମା ପଚାରିଲେ, "କଏ ?"

"ଆପଣଙ୍କ ଶଶୁରଙ୍କ ବାପା, ସେ ବି ଭଗବନ୍ତସ୍ୱାମୀ ନାଁର ଥିଲେ ।"

"ଓ ହୋ ! ଏମିତି କଥା ! ଭାଇ ତୋ ଅଜାଙ୍କ ବାପାଙ୍କ ନାଁ ବି ତୋର ନାଁ ଥିଲା ।"

"ଏ କିଏ ବାପା, ୟାଙ୍କ ସାଙ୍ଗରେ ତମେ ବି ଖାଇବାକୁ ବସିଗଲ ?"

"ବାପା, ୟେ ବହୁତ ଦୂର ଗାଁରୁ ଆସିଚନ୍ତି, ଆମ ପୁଣ୍ୟରୁ ସେ ଆଉ ଭୋଜ ଆସିବେ କି ସେଥିରୁ ଉଠିଆସି ବସିଚ ।

Digitized by PPRACHIN, SOA

ମୁଁ ସେ ପିଲାଙ୍କୁ କହିଲି, "ଭଗୁ ଜାଣିଚୁ ମୁଁ ଏଠିକି କାହିଁକି ଆସିଚି ?"

"ମୁଁ ଜାଣିନି ।"

"କାହିଁକି ଆସିଲି କହିବ ?"

"କହନ୍ତୁ ।"

"ହୋନଗଚ୍ଛେରେ ମଞ୍ଜୁସ୍ଥ ବୋଲି ଜଣେ ଭଦ୍ରଲୋକ ଅଛନ୍ତି ?"

"ତାଙ୍କ ସାଙ୍ଗରେ ଦେଖା କରିବାକୁ ?"

"ନାଇଁ ତାଙ୍କ ପୁଅକୁ ।"

"ଯଶୋବନ୍ତକୁ ?"

"ନାହିଁ ।"

"ଜୟନ୍ତକୁ !"

"ନା ।"

"ଆଉ ? "

"ହନୁମନ୍ତକୁ; କିନ୍ତୁ ଏଠି ମୁଁ ପହଞ୍ଚିଲାବେଳକୁ ହନୁମନ୍ତ ଭଗବନ୍ତ ହୋଇ ଯାଇଥିଲା ।"

ସବୁ ପିଲାପାକ ହସିଦେଲେ । ସବା ସାନଟି କହିଲା, "ହୁଁ ହୁଁ । ଅଛା ତାମାସା ନୁହେଁ । ଆପଣ ବାପାଙ୍କୁ ଦେଖିବାକୁ ଆସିଚନ୍ତି ।"

"ନା ଭଗବନ୍ତକୁ ନିଜ ଗାଁକୁ ଘିନି ଯିବାକୁ ।"

"ମୁଁ ଯିବିନି ।"

"ମୁଁ ନ ନେଇ ଯିବିନି । ମୁଁ ତୋ ବାପାଙ୍କୁ ପଗ୍ଚରି ନେଇଚି । ସେ ପଠେଇବାକୁ ହଁ କରି ସାରିଲେଣି । ତାଙ୍କର ଯଶୁକୁ ଦରକାର, ତୋ ମାଆଙ୍କର ଜୟନ୍ତକୁ ଦରକାର । ମୁଁ କହିଲି, 'ଆଚ୍ଛା ହଉ ତା ହେଲେ ମତେ ଭଗବନ୍ତକୁ ଦିଅନ୍ତୁ ।' ସେଇଠୁ ସେ କହିଲେ, 'ଦବା' ।"

ଭଗବନ୍ତ ଦଶବର୍ଷର ହବ । ମୋ. କଥା ଶୁଣି ତା ମୁହଁ ଫୁଲିଗଲା । ଆଖିରୁ ଲୁହ ଝରୁଲା ପଡ଼ିବା ଉପରେ । ଖାଇବାକୁ ପରଷୁ ପରଷୁ ତା ମା ଏକଥା

Digitized by PPRACHIN, SOA

ଶୁଣି ପୁଅର ଦୁଃଖ ଦେଖି କହିଲ, "ଭଗ୍ନ ତତେ ଏତକ କଣ ନାହିଁ ସେ ଥଣ୍ଡା କରୁଚନ୍ତି ? ମୋ ଭଗ୍ନୁପର କଏ ହବ ମ !" ସେ ପୁଅକୁ ବୁଝାଇଲ ।

ମୁଁ ବ ଖୁବ୍ ଦମେ ହସିଲି, ତା ପରେ ଯାଇ ଭଗବନ୍ତର ବଶ୍ୱାସ ହେଲ । ଖାଇସାର ଛଅନଜଣ ଯାକ ପିଲ ଇସ୍କୁଲରୁ ଛୁଟି ନେଇ ମୋତେ ଘେରଗଲେ ।

"ପିଲେ, ତାଙ୍କୁ ଟିକଏ ଶୋଇବାକୁ ଦଅ ।" ମା' କହିଲ । ଶୁଣି ଭଗ୍ନ କହୁଛ, "ମା ତୁ ଚୁପ୍ କର । ବଡ଼ ଭାଇ ଯାଙ୍କର ସବୁ ରହସ୍ୟ ଜାଣିଚ । ସେ ଗପ ଲେଖନ୍ତି । ଆମକୁ ଗୋଟେ ଗପ ଶୁଣେଇବାକୁ ଇ ପଡ଼ିବ ।"

ମୁଁ ତା ମନ ରଖି ଆରମ୍ଭ କଲି । "ହଁ ଗୋଟିଏ ଗାରେ ହନୁମନ୍ତ ଥିଲ···

"ଆଛ, ମୁଁ ତାକୁ ଡରଚ କ ।"

ମୁଁ ତାଙ୍କୁ ସବୁ ମିଛଗପ ନ କହି ଆଠ ଦଶଟି ମାଙ୍କଡ଼ଙ୍କର ପ୍ରକୃତ ଗପ ଶୁଣାଇଲି । ମାଙ୍କଡ଼ ପିଲଙ୍କ ପର ଭଗବନ୍ତ ସବୁ ଆଗ୍ରହରେ ପିଇଯାଇ କହିଲ, ହଉ "ଏଥର ଇଛା ହେଲେ ଶୁଅନ୍ତୁ ।"

ମୁଁ ତାହାହିଁ କଲି । ଆରାମରେ ନଦରେ ଶୋଇକର ଉଠି ମୁହଁ ହାତ ଧୋଉଚ, ଗୁହା ଆସି ହାଜର । ମୁଁ ଘରର ମାଲିକାଣୀଙ୍କୁ କହିଲି, "ଆପଣ କହିଥିଲେ ଗୁହା ନାହିଁ, ମୋର ଲଗି ଅଣାଇଲେ ତ ? କଛି ଏମିତ ଦରକାର ନ ଥିଲ, ଓଳିଏ ଗୁହା କଫି ନ ହେଲେ କଣ ହେଇଯିବ ।"

"ଯାହାଙ୍କର ନିଶା, ତାଙ୍କୁ ଯେବେ ଓଳିଏ ନ ମିଳବ, ଶୁଣିଚ ମଥା ଅରବ !"

"ହେଲ, ସଖବନ୍ତ ଘରେ କଣ ମୁଁ ଗୁହା ଖାଇନ କ ।"

"ହଉ ତେବେ, ଏଇଟା ଆଉ ।"

"ପିଇବାରେ ଆପତ୍ତି ନାହିଁ ।" କହି ମୁଁ ଗୁହା ଖାଇଲି ଓ କଥାବାର୍ତ୍ତା କରିବାକୁ ଆଉଘରେ ଶୋଇଥିବା ମଞ୍ଜୁମ୍ବଙ୍କ ପାଖ ଗଲି । ସେ ପୁଣି ବଛଣା ଉପରେ ଉଠି ବସିଲେ ।

"ଏକା ଭଙ୍ଗୀରେ ଏତେ ବସିଲେ ପିଠି ଦରଜ ହେଇଯିବ" କହିଲି ।

Digitized by PPRACHIN, SOA

"ନା ହବନ ।" ସେ କହିଲେ ।

"ଏଇମିତ ପ୍ରତିଦିନ କହନ୍ତୁ ଯେ କଷ୍ଟ ହବନ, ହବନ । ରୋଗ ଭୁଆଡ଼େ ପଳେଇବ । ମନକୁ ମନ ଏମିତ କହିପିବା ଦରକାର । କେତେ ଏମିତ ମନର ରୋଗହିଁ ଯାଇଁ ଦିହକୁ କଷ୍ଟ ଦିଏ । ଡାକ୍ତରମାନେ ଏମିତ କହନ୍ତ ।"

"ମୋର ବ ପହିଲେ ସେଇମିତ ହେଲ ! ବର୍ଣ୍ଣ ଆସି ହୋଇଗଲ, ତା'ପରେ ଯେତେବେଳେ ସବୁ କହୁ ହରେଇଲି, ସେତେବେଳେ କରନ ଟ୍ରେବାଟ ଦେଖିକର ମୋ ଗୋ ଗୋଡ଼ ହାତରୁ ଯେମିତ ବଳ ଚ୍ଛଲିଗଲ । ସେଇଠୁ ଯେ ପଡ଼ିଚ, ତ ପଡ଼ିଚ ।'

ମୋର ତାଙ୍କ ଦୁଃଖ ଦେଖି କରୁଣା ହେଲ । ସେଇ ଦିନ ତାଙ୍କର କେହି ଭାଇ ବନ୍ଧୁ କ ତାଙ୍କର ସ୍ତ୍ରୀ ଯେବେ ଟିକଏ ବୁଝେଇ ଦେଇଥାନ୍ତେ, ତାହେଲେ ତାଙ୍କର ଚେତନା ଆସି ଯାଇଥାନ୍ତା, ତା ଜାଗାରେ ଶଶୁରଙ୍କର ଅନୁକମ୍ପା, ସାହାଯ୍ୟ ତାଙ୍କୁ ତାଙ୍କର ଅସହାୟତାକୁ ଅଧିକ ଜଣାଇ ଦେଲ । ଏଇଟା କଣ ଉଚତ ହେଲା ?

ଟିକଏ ଶୁଣିଚ କ ନାହିଁ ମୁଁ ଏଇଲ କେମିତ ଚକତ୍ସା ବ୍ୟବସ୍ଥରେ ଆରମ୍ଭ କରବ । ତେଣୁ ମୁଁ ଖୁବ୍ ସାବଧାନ ହୋଇ କହିଲ, "ବୁଝିଲେ, ମୁଁ ଗାଁକୁ ଫେର ଯିବା ପରେ ଗୋଟାଏ ଓଷଧ ପଠେଇବ । ବଡ଼ ବଡ଼ ବାତରୋଗୀ ସେ ଓଷଧ ଖାଇକର ଭଲ ହେଇଯାଇଚନ୍ତ । ନତ ତାକୁ ହାତ ଗୋଡ଼ରେ ମାଲିସ କର ଦହକୁ ଆସ୍ତେ ଆସ୍ତେ ଚପିବାକୁ ହବ । ଆପଣଙ୍କର ଇଷ୍ଟ ଦେବତାଙ୍କୁ ସ୍ମରଣ କର କହିବେ 'ଆଉ ଅଚ୍ଛକ ! ଆଉ ନାହିଁ, ଭଲ ହେଇଗଲଣି । ହେଇ ଭଲ ହେଇ ଗଲଣି ।' ଆପଣ ଏମିତ କହୁ ଭୀମସେନ ପର ମୋଟା ପୁଷ୍ଟ ଟାଣୁଆ ହେଇପିବେ ତା ନୁହେଁ, କନ୍ତୁ ଏତକ ବଳତ ଆସିଯିବ ଯେ ଘର ଭିତରେ ଟିକଏ ବୁଲାବୁଲ ଚଲାଫେରା କର ପାରବେ ।"

"ସତେନା ?"

"କେତେ ଏମିତ ରୋଗୀ ଭଲ ହେଇ ଗଲେଣି, ସେଇଥିପାଇଁ ତ ଆପଣଙ୍କୁ କହିଲ । ନ ହେଲେ ମୁଁ କୋଉ ପଣ୍ଡିତ ନା ବଇଦ ?"

"ମୋର ଆପଣଙ୍କ କଥାରେ ବିଶ୍ୱାସ ହଉଚ ।"

Digitized by PPRACHIN, SOA

"ମୋ ଉପରେ ଏତେ ବିଶ୍ୱାସ ଅଛି, ତେବେ ତ ନିଶ୍ଚୟ ଭଲ ହୋଇଯିବେ ଆପଣ ।"

"ହଁ ବଡ଼ ଖୁସି ।"

ତା'ପରେ ମୁଁ ଇଆଡ଼୍ ସିଆଡ଼୍ କେତେ ଗପ କଲି । ପିଲାମାନେ ଆଉ ତାଙ୍କ ସ୍ତ୍ରୀ ନ ଥିବାବେଳେ ମୁଁ ଆସ୍ତେ କରି ପଚାରିଲି, "ହେଇଟି, କୋଡ଼କଣି କୋଉଠି କହିଲେ ? ଆପଣଙ୍କ ପାଖୁ ଯେମିତି ପ୍ରତିମାସକୁ ପଚିଶି ଟଙ୍କାକରି ପଠାଇ ନ, ସେଇମିତି କୋଡ଼କଣିର ଜଣେ ଭଦ୍ରଲୋକଙ୍କୁ ଟଙ୍କା ପଠେଇବାକୁ ଆପଣଙ୍କ ଶଶୁର ମୋତେ କହିଚନ୍ତି ।"

"କୋଡକଣି ଗୋଟା ଅଛି, କୋଡ଼କଣିରେ କିଏ କହନ୍ତୁ ନ ?"

"ଧାରେଶ୍ୱର ଶୀନ୍..."

ଏକଥା ଶୁଣି ସେ ଟିକେ ହସିଲେ । ତା'ପରେ ଏଣେ ତେଣେ ଦେଖିନେଇ କହିଲେ, "ପିଲେ ନାହାନ୍ତିତ ଏଠି କୋଉଠି ?"

"ନା ।" ମୁଁ କହିଲି ।

"ମୋ ଶଶୁରଙ୍କ ମନ ବିଚିତ୍ର ଥିଲା ।...ଏଥିରେ କିଛି ଦୋଷ ନାହିଁ, ଶୀନ୍ ତାଙ୍କ ପୁଅ... ।"

"ପୁଅ ? ମାନେ... ।"

ମୋତେ ଅବଶ୍ୟ ବେଶି କିଛି ଜଣା ନାହିଁ । ମୋ ଶଶୁରଙ୍କର ରକ୍ଷିତାର ପୁଅ । ମାନେ ମୋ ଶଶୁରଙ୍କର ବିବାହିତା ସ୍ତ୍ରୀ ଥିଲେ ସତ, କିନ୍ତୁ ତାଠୁଁ କିଛି ସୁଖ ତ ମିଳିଲାନି । ଖୁବ୍ କମ୍ । ଶୁଣାଯାଏ ଏଇଥିପାଇଁ ସେ ଧାରେଶ୍ୱର ସରସୀ ବୋଲି କଣେ କଳାବନ୍ତୀକୁ ରକ୍ଷିତା କରି ନେଇଥିଲେ । ଶୁଣିଲି, ତା ଗର୍ଭରୁ ଗୋଟିଏ କି ଦୁଇଟି ପୁଅ ହୋଇଛନ୍ତି । ଏ ଶୀନ୍ ଭଲ ତବଲା ବଜାଏ । ମୋ ବାହାଘର ବେଳକୁ ବି ଗାଁରେ ଏମିତି ଅପବାଦ ଥିଲା । ଏଇ ସବୁ କଥାରୁ ମୋ ଶାଶୂ ଶଶୁରଙ୍କର ଦାମ୍ପତ୍ୟ ଜୀବନ ତିକ୍ତ ହୋଇ ଯାଇଥିଲା । ତା ଛଡ଼ା ଆମ ବାପଅଜାଙ୍କ ଅମଳରେ ରକ୍ଷିତା ଥିବାଟା ଗୌରବ ବୋଲି ଗଣା ହେଉଥିଲା । ତା ନ ହେଲେ... ।

Digitized by PPRACHIN, SOA

"ମାନେ ?"

"ଆପଣ ବୁଝନ୍ତୁ ! ବାପ ଅଜା ଏମିତି କାମ କରୁଥିଲେ ସିନା; କିନ୍ତୁ ଭିଅର ପରି ଆଜି ଏଘର କାଲି ସେଘର କରୁ ନ ଥିଲେ । ସେଥିରେ ବି ଗୋଟାଏ ରୀତି ଥିଲା, ନିୟମ ଥିଲା । ଖାଲି ସେତିକି ନୁହେଁ, ତାଙ୍କ ଭିତରୁ କେହି କେହି ରକ୍ଷିତାଙ୍କୁ ନିଜ ସ୍ତ୍ରୀ ପରି ଦେଖୁଥିଲେ, ଆଉ ସେମାନେ ବି ବାବୁଙ୍କଠୁଁ ବଳି ତାଙ୍କୁ ମାନ ଇଜ୍ଜତ ଦେଉ-ଥିଲେ । ମୁଁ ଯାହା ଶୁଣିଚି, ସେଇ ହିସାବରେ କହୁଚି, ଧାରେଶ୍ୱର ସରସ୍ୱୀ ବି ସେଇ-ମିତି ଥିଲା । ସେଇ ସମ୍ବନ୍ଧଟା ସକାଶେ ଶୁଣିଲି ମୋ ଶଶୁରଙ୍କ ମୁଣ୍ଡ ଖରାପ ହୋଇ ଯାଉଥିଲା । ମାନେ ସେ କିଛି ପାଗଳ ହୋଇ ଯାଇ ନ ଥିଲେ । ପୁଅ ଆଗରେ, ପୁଅ ଝିଅ ଥିବାବେଳେ, ବନ୍ଧୁବାନ୍ଧବଙ୍କ ସାମନାରେ ମୋ ଶାଶୁ ତାଙ୍କୁ ସରସ୍ୱୀ ନାଆଁରେ ଖୁଣ୍ଟା ଦବାକୁ ଆରମ୍ଭକଲେ । ସେତେବେଳକୁ ମୋ ଶଳା ବି ବଡ଼ ହୋଇଗଲାଣି, ତାଙ୍କୁ ଆଗ୍ରର ବ୍ୟବହାର ଲୋକଙ୍କର ଜଣା ହେଲାଣି । ପୁଅ ଭରସାରେ ମୋ ଶାଶୁ ତେଉଁ ଥାନ୍ତି । ଆପଣ କଣ ଭାବୁଚନ୍ତି ଶଶୁର ଆମର ଶାଶୁଙ୍କୁ କମି ସୁନାଗହଣା ଦେଇଚନ୍ତି ?"

"କାହାକୁ ? ଧାରେଶ୍ୱର..."

"ନା ଆଜ୍ଞା...କେଜାଣି ତାଙ୍କୁ କଣ ଦେଇଥିଲେ, ସେ ଦେଲେ ତାଙ୍କ ରୋଜଗାରରୁ ଦେଇଥିବେ । ମୁଁ ତ ଶାଶୁଙ୍କ କଥା କହୁଥିଲି । ମୋ ଶାଶୁଙ୍କୁ ବି ସେ କିଛି କମି ଦେଇ ନାହାନ୍ତି । ଆପଣା ହାତରେ ଯାହା ସେ ଦେଇଚନ୍ତି, ତାର ଦୁଗୁଣ ସେ କାଢ଼ି ନେଇଚନ୍ତି । ଯେବେ ସେ ଅକଡ଼ି କରିଥା'ନ୍ତେ, ସ୍ୱାଙ୍କୁ ଫଟା କଉଡ଼ିଟାଏ ବି ମିଳି ନ ଥାନ୍ତା; କିନ୍ତୁ ଶଶୁରେ ତା କରିନାହାନ୍ତି କି କରିବାକୁ ଚାହିଁ ନାହାନ୍ତି । ସବୁ ସେଇ ନିଜେ କମେଇ ଥିଲେ । ସ୍ୱାଙ୍କ ବାପାଘର ଆଜ୍ଞମ୍ଗରୁ, ମାନେ ସେ ଗ୍ରେଇଲମନେରୁ ଆସିବାବେଳେ କିଛି କରଜ ଦେଇଥିଲେ ଶଶୁରଙ୍କୁ; ତାଙ୍କୁ ସବୁ ସୁଧ ସହିତ ଶଶୁରେ ଶୁଝି ଦେଇଛନ୍ତି ।

"ପହିଲେ ପହିଲେ ତାଙ୍କର ଗୁଆ ବେପାରରେ ଯେତେ ଲୋକସାନ ହେଉ-ଥିଲା, ପରେ ସେତିକି ଲାଭ ହେଇଥିଲା । ଏ ତ ହେଲା ଗୋଟାଏ ଜୁଆଖେଳ, ହାର-ଗଲେ କୋଉ କନ୍ଦରରେ ପଡ଼ିସିବେ ଖୋଜା ମିଳିବନି, ଆଉ ଜିଣିଗଲେ କୋଉ ଉଞ୍ଚକୁ ଉଠିସିବେ ତାର ଠିକଣା ନାହିଁ; କିନ୍ତୁ ଭାଉ, କିଣା ବିକା ଉପରେ ସେ ଖୁବ୍ ନିଘା ରଖୁଥିଲେ । ଏଇଥିରୁ ସେ ଏ ବେପାରରେ ଲକ୍ଷ ଲକ୍ଷ କମେଇଚନ୍ତି ନା !

Digitized by PPRACHIN, SOA

"ଘରଗୁଡ଼ି ଗଳ୍ପବେଳକୁ ସେ ଯାହା ରଖିଗଲେ, ସେ କିଛି କମ୍ ନୁହେଁ; କିନ୍ତୁ ଶୁଣାଯାଏ ସେ ନିଜ ଲାଗି ଖୁବ୍ ଗୁଡ଼ାଏ ଟଙ୍କା ନେଇ ନ ଥିଲେ ।"

ଏତିକବେଳେ ତାଙ୍କ ସାନପୁଅ ଭଗବାନ୍ତ ସେଠିକି ଆସିଲା । ଆମ କଥା ବାର୍ତ୍ତା ବନ୍ଦ ହୋଇଗଲା । କୋଉଁକଣି ବିଷୟରେ କୁମଟାରେ ଖବର ନେବାକୁ ହେବ, ଏହା ଭାବି ଆଉ ତାଙ୍କୁ କିଛି ନ ପଚାରି ଚୁପ୍ ରହିଲି । ତାଙ୍କର ଅନୁମତି ନେଇ ବାହାରିଲି । ଘରର ମାଲିକାଣୀ ସାଙ୍ଗରେ ବି ଦି ଚାରି ପଦ କଥା ହେଲି । ତାଙ୍କୁ ବି କହିଦେଲି ମୁଁ ଯୋଉ ଔଷଧ କଥା କହୁଥିଲି ତାକୁ ମୁଁ ନିଶ୍ଚୟ ପଠେଇବି । ତା'ପରେ କହିଲି, 'ମା' ଦେଖିବେ ଏ ପିଲାଙ୍କର ପଢ଼ାପଢ଼ି ଯେମିତି ବନ୍ଦ ନ ହୁଏ ଏମାନେ ସବୁବେଳେ ଆପଣଙ୍କର ମଙ୍ଗଳ କରିବେ । ତାଙ୍କ ପଢ଼ାପଢ଼ିଲାଗି ଯାହା ଖର୍ଚ୍ଚ ଲାଗିବ, ମୋ ପାଖରେ ଆପଣଙ୍କ ବାପାଙ୍କ ଜମା ଟଙ୍କାରୁ ବାହାର କରି ମୁଁ ଦେଇ ଦେବି···ସ୍ବାମୀଙ୍କର ଦେହ ପା' କିଛି ଭଲ ନୁହେଁ । ଆପଣ ପ୍ରତିଦିନ ତାଙ୍କୁ ଟିକେ ବେଣି କରି ଦୁଧ ଦିହ ଦିଅନ୍ତୁ । କୋଉ କଥାକୁ ଭାବନା କରିବେନି । ଆପଣ ଯଶୋବନ୍ତ ହାତରେ ଚିଠି ଲେଖାଉଥିବେ । ଜାଣି ରଖିବେ ମୁଁ ଆପଣଙ୍କର ବଡ଼ ଭାଇଟି ।"

ଏତିକି କହି ମୁଁ ଆଗେଇଲି । ଘର ସାମନାରେ ଚାଲିଯାବେ ସେ ଓ ତାଙ୍କର ପୁଅମାନେ ମୋତେ ବଳେଇ ଦେବାକୁ ଆସିଲେ । ଯଶୋବନ୍ତ ତ ମତେ ବଜାରରେ ପହଞ୍ଚାଇ ତେବେ ଯାଇ ଫେରିଲା ।

ଏହା ପରେ, ମୋର କୁମଟାରୁ ଆସିବା ଆଗରୁ ଯଶୋବନ୍ତ ଆସିକରି ପୁଣି ତାଙ୍କ ଘରକୁ ଘେନିଗଲା ଓ ମଞ୍ଜୁଙ୍କ ସଙ୍ଗେ ଭେଟ କରାଇଥିଲା ।

Digitized by PPRACHIN, SOA

ଦଶ

"ଯା ହେଉ, ଆପଣ ଆସିଲେ, ଏଥିରେ ତାର ଭଲ ହବ । ହୋମ୍ନଗଛେ ମନ୍ତ୍ରୀସ୍ତା ପୁରାପୁରି କାଙ୍ଗାଳ ହୋଇ ଗଲଣି । ତା ଶଶୁରଙ୍କ ଟଙ୍କାରୁ କିଛି ବଳିଥିଲେ ତାକୁଇ ଦିଅନ୍ତୁ, ତାର ତ ଟଙ୍କା ପଇସାକୁ ଜମାରୁ ଲୋଭ ନାହିଁ, କିନ୍ତୁ ତା ଗୃହ ଦଶା ଦେଖନ୍ତୁ । ଏମିତି ତ ତାର ଛଅ ଛଅଟା ପୁଅ ହୋଇଚନ୍ତି, କିନ୍ତୁ ସେ ନିଜେ ତ ଶରଶଯ୍ୟାରେ ଶୋଇଚ ।"

"ତାଙ୍କର ଆଉ ଦି'ଜଣ ଝିଅ ଅଛନ୍ତି—ଗୋଟିକର ସ୍ୱାମୀ ଭିତରେ ବାହାଘର ହେଉଚ, ଆରଟିକି କେକ୍‌କାଲୁରେ ଦେଇଛନ୍ତି—ତାଙ୍କର ସବୁ ଅବସ୍ଥା କେମିତି ?"

"ତାଙ୍କ ଅବସ୍ଥା ? ସେମାନେ ପରା ଏ ତରଫରେ ଗୋଟାଏ ଗୋଟାଏ ଥିଲାବାଲା ଘର । ତାଙ୍କ କଥା କିଛି ଭାବିବାକୁ ହବନାହିଁ ।··· ଏଯାକେ ଆପଣ ଆମ ସୀତାରାମକୁ ଭେଟି ନାହାନ୍ତି ପରା ? ଏଇଠି ପାଖରେ ତା ଘର···ତାକେ ବାଟ ବି ନୁହେଁ ।"

"ଆପଣଙ୍କର ତାଙ୍କର କେମିତି ପଡ଼େ ?"

"ଉପରୁ ଉପରୁ ସବୁ ଭଲ; କିନ୍ତୁ ଭିତରେ ଭିତରେ ସେମିତି ସେମିତି । ତା ଆଡ଼ା-ଚଉଡ଼ା ଆଉ ଢଙ୍ଗରଙ୍ଗ ମୁଁ ପସନ୍ଦ କରେନା । ତାର କୋଉ କଥାଟା ସରଳ ସାଧାସିଧା ନୁହେଁ, ତାକୁ ଲାଗେନା ଦୁନିଆଁ ଯାକରେ କେହି ଭଦ୍ରଲୋକ ଅଛନ୍ତି ।"

ଏ କଥା ଶୁଣି ମୁଁ ହସିଦେଲି ।

ସତ୍ୟବ୍ରତ ପଚାରିଲେ, "ହସିଲେ କାହିଁକି ?"

"ତା ଲାଗି ଦୁନିଆଁରେ ଭଦ୍ରଲୋକ ନାହାନ୍ତି କହିଲେ ନା ? ଏକଥା ମୁଁ ଥରେ ଅଙ୍ଗେ ନିଭେଇଛି କିନା ।"

Digitized by PPRACHIN, SOA

"ତାହେଲେ ଆପଣ ତାଙ୍କୁ ଦେଖିଚନ୍ତି ।"

"ସେ ମୋ ଘର ଖୋଜି ଖୋଜି ଆସି ପହଞ୍ଚିଥିଲେ ।" କହିକରି ତାଙ୍କର ଆଗମନ ପ୍ରକରଣଟି ସଂକ୍ଷେପରେ ଶୁଣାଇ ମୁଁ ପୁଣି କହିଲି, ଏଇଲା ଏ ଗାଁକୁ ଆସିଚି ଯେତେବେଳେ, ତାଙ୍କ ସଙ୍ଗରେ ଭେଟିବା ଦରକାର । ଭେଟିବି ନିଶ୍ଚୟ । କଥା ଦେଇଥିଲି, ଦେଖା କରିବା ଉଚିତ, ନୁହେଁ ? କିନ୍ତୁ ସେ ମୋତେ ଓକିଲ ନୋଟିସ୍ ଦେଇଚନ୍ତି ।"

"କଥା ଯାଇଁ ସେଠି ଉଠିଲାଣି ଏତିକି ଭିତରେ ? ତା' ହେଲେ କାହିଁକି ଯିବେ ? ଆଉ କାମ ନାହିଁ ନା କଣ ?"

"ମୋର କଣ ଯାଏ ଆସେ । ଯେତେହେଲେ ମୋ ସାଙ୍ଗଙ୍କ ପୁଅ ! ତାଙ୍କ ମା'ଙ୍କୁ ବି ଟିକେ ଦେଖିକରି ଆସିବି ।"

"ଆପଣଙ୍କର ଆଉ କିଛି ଧନ୍ଦା ନାହିଁକି ? ଆରେ ବାବୁ, ଯଶୋବନ୍ତ ହେଗ୍‌ଡ଼େ ମଲେ ତାର କଣ କିଛି ଦୁଃଖ ଅଛି ନା ଶୋକ ଅଛି ? ଆହେ ସେଇ ପତ୍ନୀ ତାଙ୍କୁ ଡଡ଼ିଥିଲା ? ତା ସାଥିରେ ଯେ ସୀତାରାମ ବି ମିଶିଥିଲା ।"

"ଦୁନିଆଁରେ ଛୋଟ ଛୋଟ ଦୁର୍ଘଟଣା ହୋଇଥାଏ । କିଛି ମନ କଷାକଷି ଥିବ ପରା ?"

"କାହା ଭିତରେ ? ସ୍ୱାମୀ ସାଙ୍ଗରେ ସ୍ତ୍ରୀ, ପୁଅ ସାଙ୍ଗରେ ବାପର ?"

"କାହିଁକି ହେବନି ? ପୁଅ ବଡ଼ ହେଲେ, କେତେ ଘରେ ଏମିତି ହଉଚି ନା ।"

"ଏଠି ସେମିତି କିଛି ହବାକୁ କିଛି ସଉରୁଷି ସମ୍ପତ୍ତି ତ ନଥିଲା । କୁମଟା ଆସିଲାପରେ ସବୁ ଟେଇ ଦୁଇ ହାତରେ କମେଇଥିଲେ । ତାଙ୍କର ଯାହା କିଛି ରୋଜଗାର ସବୁ ଏଇ କୁମଟା ଆସିବା ପରେ ହେଇଛି ।"

"ସେ କେଡ଼େ ଧୈର୍ଯ୍ୟବାନ୍ ଲୋକ ଥିଲେ । ମୋଠୁଁ ଦଶବର୍ଷ ବଡ଼ ହେବେ । ତାଙ୍କ ଶଶୁର ଘରକୁ ଆସିଲାବେଳକୁ ହାତରେ କାଣି କଉଡ଼ି ନ ଥିଲା । ତା ପରେ ଗୋଟାଏ ମହାଜନ ପାଖରେ ଗୁମାସ୍ତା କାମ କଲେ । ଚାରିବର୍ଷ ଯାକେ ଆଖି ବୁଜି କାମକଲେ । ବେପାରର ଭିତର କଥା ଜାଣିଯିବା ପରେ ସେ ତାଙ୍କ ଶଶୁରଙ୍କଠୁଁ

Digitized by PPRACHIN, SOA

ଓ୍ବ ପାଞ୍ଚ ହଜାର ଭଳି ଟଙ୍କା କରଜ ନେଇଥିବେ । ନଜେ ବେପାର ଆରମ୍ଭ କଲେ । ଶୁଣିଲି ସେ କରଜକୁ ସେ ଛଅବର୍ଷ ଭିତରେ ଶୁଝି ଦେଇଥିଲେ । ଅସଲ କଥା ହେଉଚି ତାଙ୍କର ଭାଗ୍ୟ ଭଲ ଥିଲା । ଯୋଉ ଦିନଠୁ ଦୋକାନ ଖୋଲିଲେ, ସେଇ ଦିନଠୁ ତାଙ୍କ କପାଳ ଜାଣି ଖୋଲିଗଲା । ସେ ଏଣୁତେଣୁ ବାଜେ କଥାରେ ମନ ଦେଉ ନଥିଲେ । ନଜ କାମଟିକ ଦେଖୁଥିଲେ । ଲକ୍ଷ୍ମୀ ପ୍ରସନ୍ନ ହେଲେ; କିନ୍ତୁ ସେ କଉଡ଼ିଟାଏ ବାଜେ ଖର୍ଚ୍ଚ କରୁନଥିଲେ । ଆଗେ ଯେ ଯେମିତି ଥାନ୍ତୁ, କୁମଟାକୁ ଆସିବା ପରେ ଟିକେ ଅବସ୍ଥା ଭଲହେବାପରେ, ତାଙ୍କ ସ୍ତ୍ରୀ ପିଲାଙ୍କୁ ସେ କୋଉ କଥାରେ ଅଭାବରେ ରଖିନଥିଲେ । ସୀତାରାମକୁ ଇସ୍କୁଲ୍ ପଠେଇଲେ । ଛଅ ଝିଅଙ୍କୁ ବାହା ଦେଲେ.... ।

ଲୋକେ କହନ୍ତି, ସେ ନଜ ଗାଁରେ ଥିବାବେଳେ ଜୁଆଡ଼େ ଖୁବ୍ ଟଙ୍କା ଉଡ଼େଇ ଥିଲେ । "ଟଙ୍କା ପଇସା ସେ ବେକାର କଥାରେ ଉଡ଼ାଉ ନ ଥିଲେ । ମୋର ତ ମନେ ହୁଏନା ସେ ଏଠି ସେମିତି କିଛି କରିଚନ୍ତି । ତାଙ୍କ ହାତରେ ଯେତେବେଳେ ଢେର ଟଙ୍କା ପଇସା ହେଇଗଲା, ସେତେବେଳେ ଆଉ ପାଞ୍ଚଜଣ କରଜ ମାଗିଲେ ବି କାହାରକୁ ଖୋଲା ହାତରେ ଦଉ ନ ଥିଲେ । ଥରେ ଚାଆଁ ଖାଇସାରି ଥିଲେ କନା ।"

"ଶୁଣିଲି ତାଙ୍କର କିଛି, ମାନେ ଟିକଏ ତେଢ଼ା ବେପାର ଥିଲା ?"

ସତ୍ୟବନ୍ତ ହସିଲେ, "ତା ଆଉ ବଡ଼ କଥା କଣ ? ଆମର ଯାଡେ ଯିଏ ସବୁ ବଡ଼ ବୋଲି ଗଣା ହୁଅନ୍ତି, ତାଙ୍କ ଭିତରୁ କାହାର କାହାର ଏ ଖୋଇଟା ଅଛି । ସେ ବି ଗୋଟେ ପ୍ରକାର ସଉକ ଭାଇ । ସତ କଥା, ତାଙ୍କର ବି ଜଣେ ଥିଲା । କିନ୍ତୁ ସେ କିଛି କୋଠା ବାଡ଼େଇ ଦେଇନାହାନ୍ତି କି ଅଳଙ୍କାର ପନ୍ଦ ଦେଇ କରି ରୌଷଣୀ ଲଗେଇ ବାହାରେ ନେଇ ନାହାନ୍ତି । ଏଥିରେ ବି ଗୋଟାଏ ବନ୍ଦବାଡ଼ ଥିଲା । ଯାକୁ ଯେବେ ତମେ ଦୁର୍ଗୁଣ କହିବ, ତାହେଲେ ସେ ଦୁର୍ଗୁଣ ତାଙ୍କର ଥିଲା, ମୁଁ ମନା କରୁନାହିଁ ।"

"ଲୋକ କହନ୍ତି ଯାର ଯୋଗୁ ଘରେ ଝଗଡ଼ା ହେଲା ?"

"ନାହିଁମ, ଏକଥାରୁ କାହିଁକି ହବ । ଭଦ୍ରବୁଢ଼ିଙ୍କ ସକାଶେ ହେଇଥିବ ।"

"ମାନେ ?"

Digitized by PPRACHIN, SOA

"ସେ କଥା କହିବା ଦରକାର ନାହିଁ...ଆପଣ ସିଆଡ଼େ ଗିବେନି କି ? ଗଲେ ତାଙ୍କୁ ଦେଖିଲେ ବଳେ ଜାଣିବେ ସେ କେମିତିକା...।"

"ଏକୁଟିଆଟା ଯିବାକୁ ମନ୍ତେ... ।"

"ଆରେ ସେଥିରେ କଣ ଅଛି ! ମୁଁ ବି ଚାଲିଯିବି ସାଙ୍ଗରେ ।"

ସତ୍ୟବନ୍ଧୁ ବାବୁଙ୍କ ଭରସାରେ ତହିଁ ଆରଦିନ ଦିପହରରେ ଖାଇସାରି ଟିକିଏ ବିଶ୍ରାମ କରି ଦୁହେଁ ସୀତାରାମ ହେଗଡ଼େଙ୍କ କୋଠାକୁ ଗଲୁଁ । ବୋଧେ ଆମ ଆସିବା ଖବର ସତ୍ୟବନ୍ଧୁ ବାବୁ ଆଗରୁ ପଠେଇ ଦେଇଥିଲେ, ତେଣୁ ସୀତାରାମ ହେଗଡ଼େ ଆମକୁ ଫାଟକ ପାଖରୁ ପାଛୋଟି ନେଇ ଦୋକାନକୁ ଆଗେଇ ନେଲେ ସସମ୍ମାନେ । ଆମେ ଆରାମ ଚଉକୀ ଉପରେ ନିଶ୍ଚିନ୍ତ ହୋଇ ବସିପଡ଼ିଲୁ । ପାନ ଆସିଲା ।

"ଚୂହା କରେଇବି ?" ସେ ପଚାରିଲେ ।

"ଏଇଲାଗେ ଖାଇକରି ଆସୁଛୁ ।" ମୁଁ କହିଲି; କିନ୍ତୁ ସତ୍ୟବନ୍ଧୁ ବାବୁ କହି ପକେଇଲେ, "ଆରେ ପରଗା ନେଇକ, କର କର" ସେ ଏହି ଆଦେଶଟି ଯାଇ ଭିତରେ ବି କହି ଆସିଲେ । ତା'ପରେ ସତ୍ୟବନ୍ଧୁ ବାବୁଙ୍କ ସଙ୍ଗରେ ଗୁଆର ଗୁଡ଼, ଯାତାୟତ, ବଜାର ଇତ୍ୟାଦି ବିଷୟରେ ଢେର ବେଳ କଥାବାର୍ତ୍ତା କରି ଲାଗିଲେ । ଗୁଆ ଖାଇବାଟି ମୁଁ ଜାଣିଚି ସିନା, ଗୁଡ଼ କଥା ମୁଁ କଣ ଜାଣେ ? ମୁଁ ପୂରା ଉଦାସୀନ ହୋଇଗଲି । ଠିକ୍ ଯେମିତି ସୀତାରାମ ବାବୁ ଆମ ଘରକୁ ଆସିବା ଦିନ ମୁଁ ମୋର ଅଧ୍ୟାପକ ବନ୍ଧୁଙ୍କ ସଙ୍ଗେ କଥା ହେଉଥିଲି, ସେହିପରି ସୀତାରାମ ବାବୁ ବି ଆଜି ଦୋକାନକୁ ଆସିଥିବା ଲୋକଙ୍କ ସାଙ୍ଗରେ ଓ ସତ୍ୟବନ୍ଧୁ ବାବୁଙ୍କ ସଙ୍ଗରେ କଥାବାର୍ତ୍ତା କରିବାକୁ ଲାଗିଲେ । ମୋର ବି ହସିବା ଦରକାର ଥିଲା । କଥାବାର୍ତ୍ତାର ବିରସତା ଅପେକ୍ଷା ମୌନର ସରସତା ମୋତେ ମିଳୁଥିଲା ସେଇ ଭଲ ।

ଭିତରୁ ଟୋକାଟିଏ ଆସି ଖବର ଦେଲା ଜଳଖିଆ ବଢ଼ା ହେଉଚି, ଭିତରକୁ ଆସନ୍ତୁ । ସେଇଠି ମୁଁ ଟିକିଏ ସଙ୍କୋଚ କଲି । ସେହି ଅଗ୍ନିଗିମାଟି ସଙ୍ଗେ ପ୍ରଥମ ଦେଖା ମୋର ହେବ, ମୋ ପାଇଁ ଅନ୍ତତଃ ସେଇଟା କିଛି ଶୁଭ ମୁହୂର୍ତ୍ତ ନ ଥିଲା ।

ଭିତରକୁ ଗଲୁଁ । ସେଠି ତିନି ଠା' ପିଢ଼ା ରଖା ହୋଇଛି । ଦୁଇଟି ଆମ ଲାଗି, ଆଉ ଗୋଟିଏ ଘରର ମାଲିକାଣୀଙ୍କ ଲାଗି । ଆମେ ବସି ପଡ଼ିଲୁ । ଥାଳିରେ

Digitized by PPRACHIN, SOA

ଭର୍ତ୍ତି ହୋଇ ଖାଇବା ଜିନଷ ଆସିଲା, କଦଳୀର ହାଲୁଆ, ରସାୟନ, ପୁର, ସେଉ ଚୂଡ଼ାଭଜା ଆଉ କଫି ।

ମୁଁ କହିଲି, "ଏତେଗୁଡ଼ାଏ କାହିଁକି କରେଇଲେ ?"

ସତ୍ୟବନ୍ତ ବାବୁ କହିଲେ, "ଆମେ ତ ଏଇଲଗେ ଘରୁ ଜଳଖିଆ କରି ଆସିଚୁ ।"

"ତା ହେଲେ କହି ପଠଉଥିଲ କାହିଁକି ?" ସେ କହିଲେ ।

"ଏଇଥିପାଇଁ ଯେ ତମେ ଅସଲି ସମୟକୁ କୋଉଠି ଲୁଚ ରହି ନ ପାର ।"

"ମୁଁ ଆଉ ଏ ସିଜନ୍‌ରେ ଦୋକାନ ଛାଡ଼ି କେବେ କୁଆଡ଼େ ଯାଏ ଯେ ! ...ନଅନ୍ତୁ, ନଅନ୍ତୁ ରସାୟନ-ପୁରି ଦେହକୁ ହିତ" ଏକଥା ସୀତାରାମ ବାବୁ କହୁଥାନ୍ତି, ଏତିକବେଳେ କଲକମ୍ମାଙ୍କ ଆଟ ଦେଖିବାକୁ ମିଳିଲା ସେଠି ।

ସୀତାରାମ ହେଗ୍‌ଡ଼େ ବାବୁ କହିଲେ, "ଏଇ ଆମ ମା" । ଯେଉଁଠି ବସିଥିଲି ସେଇଠାରୁ ମୁଁ ନମସ୍କାର କଲି ।

ଭଲ ଗଢ଼ଣର ମାଇପି-ଗୋରା ପୂରିଲା ଦେହ, ପୁଅ ପରି ଆଟରେ ଗୁଲି । କୁଙ୍କୁମ ଲେପକୁ ଛାଡ଼ି ଦେଲେ ସେ ଆଗ କାଳକାର କୋଉ ଗ୍ରେଟ ଗାଆଁର କାଳସୀ ପରିକା ଦେଖା ଯାଉଥିଲା । କାନରେ ଚକ ଚକଆ କାନପାଶା ନାଇଛି । ସିଲିକ ଶାଢ଼ୀ ପିନ୍ଧିଛି । ଖୁବ୍ ଆତ୍ମନିର୍ଭର ମହିଳା ପରି ଦେଖାଯାଉଥାଏ ।

ମୁଁ ଜଳଖିଆ ସାରି ଆସୁଛି, ଏତିକବେଳେ ସୀତାରାମ ହେଗ୍‌ଡ଼େ ସତ୍ୟବନ୍ତ ବାବୁଙ୍କୁ ପଦାକୁ ଘେନି ଯାଉଁ ଯାଉଁ କହିଲେ, "ଆପଣ ମ୍ୟାଙ୍କ ସଙ୍ଗେ କଥା ହେଉଥାନ୍ତୁ, ଆମେ ବାହାରେ ବସିଚୁ" ସେମାନେ ବାହାରିଗଲେ ।

"ଆସ୍ତେ ଆସ୍ତେ ଜଳଖିଆ ଖାଆନ୍ତୁ ।" ମା କହିଲେ । ମୁଁ ଚୁପ୍ ରହିଲି ।

"ମୋ ପୁଅଠୁ ସବୁ ଶୁଣିଛି । ଆପଣ ଆମର ବାବୁଙ୍କର ଘନିଷ୍ଠ ବନ୍ଧୁ ଜଣେ ।"

"ହଁ ଘନିଷ୍ଠତା କଣ । ଏଇ ଛଅବର୍ଷ ହେଲା ପରିଚୟ ।"

"ହେଉପଛେ ଏତେ ଭରସା ହବାପାଇଁ ଯୋଗ୍ୟତା ଥିବା ଦରକାର । ନିଜ ସ୍ତ୍ରୀ ଆଉ ନିଜ ପୁଅ ଉପରେ ଯେଉଁ ପୁଣ୍ୟବନ୍ତଙ୍କର ବିଶ୍ୱାସ ନାହିଁ...।"

Digitized by PPRACHIN, SOA

"ସେ ଗୋଟାଏ ସ୍ୱଭାବ କାଳର ଗଢ । ସତକଥା ସେ ମୋ ଉପରେ ବିଶ୍ୱାସ ରଖିଥିଲେ; କିନ୍ତୁ ଜାଣେନା ଖାଲି ମୋର ଉପରେ କାହିଁକି ବିଶ୍ୱାସ କରିବାକୁ ଗଲେ ?"

"ଜଣେ କିଏ ଉତ୍ତରାଧିକାରୀ ତ ହବା ଦରକାର ତାଙ୍କ ସମ୍ପତ୍ତିର ! ନିଜ ଲୋକଙ୍କୁ ଯେମିତି ନ ମିଳେ···ଯେଉଁଠି ଏ ଜିନିଦ ରହିଚ, ଯିଏକି ଭଲକରି ପାଳିବା ବି ଦରକାର !"

"ମା, ମୁଁ ତାଙ୍କର ଉତ୍ତରାଧିକାରୀ କେମିତି ହେବି ? ଯେତେଦିନ ସେ ବମ୍ବେରେ ରହିଲେ, କାହାରି ସାଙ୍ଗରେ ସେ ବେଶି ସମ୍ପର୍କ ରଖି ନ ଥିଲେ ।···ତା ପରେ ଦିନେ ତାଙ୍କର ମୋ ସାଙ୍ଗରେ ପରିଚୟ ହେଲା, ତାଇ ବି ରେଲଗାଡ଼ିରେ । ସେତେବେଳକୁ ମୁଁ ଆଉ ସେ ପୁନାରୁ ବମ୍ବେ ଯାଉଥିଲୁ । ସେ ଜାଣିଲେ ଯେ ମୁଁ କଳିଙ୍ଗବାସୀ । ଏଇଥିରୁ ପରିଚୟ ହେଲା । ଶୁଣିଲି ଯେତେବେଳେ ତାଙ୍କର ରୋଗ ବେଶି ହେଲା, ସେତେବେଳେ ସେ ଖଣ୍ଡିଏ କାଗଜରେ ମୋ ନାଁ ଲେଖି ଟେବୁଲ ଉପରେ ଥୋଇଥିଲେ । ମୋର ସେଇ ଠିକଣାକୁ ତାର ପଠେଇବାକୁ ଜଣେ ପଡ଼ିଶାଙ୍କୁ କହିଥିଲେ । ତାଙ୍କ କଥାମତେ ପଡ଼ିଶା ଜଣକ ତାର କଲେ । ସେଇଠୁ ମତେ ଯିବାକୁ ହେଲା ।"

"ସୀତାରାମ ମତେ ଏସବୁ କହିଚ । ଶେଷକୁ ଯାହା ହାତ ଧରିଥିଲେ ତା ଉପରେ ପ୍ରତିଶୋଧ ନେଇଗଲେ···ସ୍ତ୍ରୀ କୋଉ ନ୍ୟାୟ କହିଲେ, କୋଉ ଅକଲରେ ସେ ଟଙ୍କାଟା ଆପଣଙ୍କ ପାଖ ପଠେଇଦେଲେ ?"

"ମୋର ଏତିକି ସନ୍ଦେହ ହଉଚ । ତେଣୁ ମୁଁ ଟିକିଏ ଦୋ ପାଞ୍ଚଆରେ ପଡ଼ିଗଲି । ଏଇ କାରଣରୁ ଆପଣଙ୍କ ପୁଅଙ୍କର ବି ମୋ ଉପରେ ସନ୍ଦେହ ହେଲା । ମୁଁ ତାଙ୍କ ଚିଠି ଦେଖେଇଲି, ତଥାପି ଆପଣଙ୍କ ପୁଅ ମୋତେ ରେଜେଷ୍ଟ୍ରି ନୋଟିସ ଦିଆଇଲେ ।"

"ଏତେ କଥା କରିବା କଣ ଦରକାର, ସେଇ ଧାରେଶ୍ୱର ସରସୀ ନାଆଁ ରେ ଦଉପତ୍ର କରିଯାଇଥିଲେ କାମ ଛୁଟିଯାଆନ୍ତା । ତାଙ୍କର ପାଟକୁମାର ଶୀନ ରହିଚ୍ଛ । ତା ନାଆଁ ରେ ହେଲେ ପଠେଇଥାନ୍ତେ ? ତା ହେଲେ ବୁଝିଥାନ୍ତୁ ଯୋଉ କାହାଣୀ ଆରମ୍ଭ ହୋଇଥିଲା ସେତିକି ଶେଷହେଲା ।"

"ଏସବୁ ନେଇ ମୁଁ କଣ କରିବି ମା ! ମୋ ଆଗରେ ଏଗୁଡ଼ାକୁ କହିବାର ଦରକାର କଣ ?"

Digitized by PPRACHIN, SOA

"କେଜାଣି ଆପଣଙ୍କର ଦରକାର ନ ଥିଲେ ଆମର ଦରକାର ଅଛି । ଏଥିରୁ ଆମକୁ ଯୋଉ କଷ୍ଟ ଭୋଗିବାକୁ ହେଲା, ଆଉ ଯେତେ ଅପମାନ ସହିବାକୁ ହେଲା । ସେଗୁଡ଼ା କଣ କମ୍ କି ?"

"ଯେ ମଲଣି, ତାକୁ ନେଇ ଏସବୁ କାହିଁକି ଘାଣ୍ଟୁଚନ୍ତି ? ଯାହା ହେଉ ପଛକେ ମୃତ୍ୟୁ ପରେ ସେଗୁଡ଼ା ଭୁଲିଯିବା ଆମର ଧର୍ମ କହୁଚି ।"

"ଆପଣ ଆମକୁ ଧର୍ମୋପଦେଶ ଦବାକୁ ଆସିଚନ୍ତିପରା ! ସେ ଥିଲାବେଳେ ତାଙ୍କର ସାଙ୍ଗସାଥିଙ୍କୁ ତାଙ୍କର ଧର୍ମୋପଦେଶ ଦବା ଉଚିତଥିଲା ।"

"ସେ ଥିଲାବେଳେ···ସେ ନିଜର ପରିବାରର କାହାରି ବିଷୟରେ କେବେ ହେଲେ ଅଭିଯୋଗ କରିନାହାନ୍ତି; ମନ୍ଦ କଥା ବି କହିନାହାନ୍ତି କି ଭଲକଥା କହି ନାହାନ୍ତି ।"

"କହିବାକୁ ମୁହଁ ଥିଲେତ ?"

ଏକଥାର ଜବାବ ମୁଁ ଦେଲିନାହିଁ । ଭାବିଲି ସେ ବି ଚୁପ୍ ହୋଇଯିବେ । ସେ କହିଲେ, "ଶୁଣିଲି ଆପଣ ଗ୍ରେଚଲମନେର କୋଉ ବିଧବା ଲଣ୍ଡି ନାଆଁରେ ଦେଉଳ କରିଚନ୍ତି ?" ତାଙ୍କର ଏ କଥାରେ ଖୋଲା ଖୋଲି ଭାବରେ ବିଷ ଭରିଥିଲା । ମୁଁ ଶୁଣି ଚମକି ପଡ଼ିଲି ।

"ମା' ମୁଁ ଜାଣେ ଯେ ଆପଣଙ୍କର ମନ ଚଞ୍ଚଳ ଅଛି । ତଥାପି କାହାରି ବିଷୟରେ ଏମିତି କହିବା ଉଚିତ ନୁହେଁ ।"

"କହିବା ଉଚିତ ନୁହେଁ ? ମୁଁ ବାହାହେଲି ସ୍ତ୍ରୀ, ମୁଁ ଥାଉଁ ଥାଉଁ, ସେ ଲଣ୍ଡି ମୋ ସ୍ୱାମୀ ଉପରେ ତା ଅଧିକାର ଚଳେଇଲା । ଆପଣ ତାକୁ ଖୋଜି ବାହାର କରି ତା ନାଆଁରେ ଗୋଟାଏ ଦେଉଳ ତୋଳାଇଲେ ।"

"ମୁଁ କିଛି ତୋଳେଇନି । ଏସବୁ ତାଙ୍କର ଗୁଣ, ତାଙ୍କର ଭଗବାନଙ୍କ ପ୍ରେରଣାରୁ ମୋ ଦେଇ ହେଇଚି ।"

"ଆଚ୍ଛା ସତେନା !"

ତାଙ୍କ ସଙ୍ଗେ କଥାବାର୍ତ୍ତା କରିବାର ସମସ୍ତ ଇଚ୍ଛା ଓ ଆଶା ମୋର ମାଟିରେ ମିଶିଗଲା । ସେତିକି ନୁହେଁ, ସେଇ ମୁହୂର୍ତ୍ତରେ ମୁଁ ନ ବୁଝି ରହିପାରିଲିନି ଯେ

Digitized by PPRACHIN, SOA

ବେନକନ୍ୟାଙ୍କ ଦେଉଳ ତୋଳାଇବାକୁ ମୋର କଣ ଅଧିକାର ଥିଲା । ମୁଁ ଆସ୍ତେ ଉଠିଲି । ସେଇଠୁ ମାଲିକାଣୀ କହିଲେ, "ଜଣାଯାଉଚି ଡେରି ହୋଇଗଲା ପରା । ଆଚ୍ଛା ଅସନ୍ତୁ ତା ହେଲେ । ଯେତେବେଳେ ଏବାଟେ ଗଲେ, ଆମ ଘରକୁ ବି ଆସୁଥିବେ ।"

"ହଉ ମା ।" କହି ମୁଁ ଏମିତି ଉତ୍ତରକରି ପଦାକୁ ଆସିଲି, ଯେମିତି ବାଘ ମୁହଁରୁ ଗୋରୁ ପଳେଇ ଆସେ । ସେଠି ଜଲଦି ଜଲଦି ସୀତାରାମ ହେଗଡ଼େ ସାଙ୍ଗରେ ଦେଖାକରି ପଳେଇ ଆସିଲି ।

"ଏଇଲା କି ଗୃହଦାନ ରହିବେ ତ ?" ସେ ପଚାରିଲେ ।

"ଦିନେ କି ଦିନ ରହିବି ।"

"ହଉ... । ଆପଣ ଚିନ୍ତା କରିବେନି । ଏତେ ଅଳ୍ପ ଟଙ୍କା ଲାଗି ଅଦାଲତକୁ ଯିବୁନାହିଁ ବୋଲି ଆମେ ଠିକ୍ କରିଚୁ ।"

"ହଉ ଭଲ ହେଲା, ଏତକ ସମ୍ମାନ ତ ବଡ଼ଙ୍କ ପାଇଁ ଅଛି !"

"ସେ କଥା ନୁହେଁ । ଆପଣଙ୍କ ବିଷୟରେ ଜଣେ କି ଜଣ ସାଙ୍ଗ ଭଲ କଥା କହିଲେ । ମୋର ସନ୍ଦେହ ଦୂର କଲେ । ତେଣୁକରି, ଆପଣ ବି କଣଟା କରି ପାରିଥାନ୍ତେ ?"

"ଯେମିତି ହଉ, ମୋର ଆଉ ମୋ ସାଙ୍ଗଙ୍କ ପୁଅଙ୍କ ଭିତରେ କିଛି କଜିଆ ନ ହେଲେ ହେଲା ।"

"ଠିକ୍ କଥା" ସେ କହିଲେ । ତାପରେ ମୁଁ ନିଜ ସାଙ୍ଗ ସତ୍ୟବନ୍ତବାବୁଙ୍କ ସାଙ୍ଗରେ ସେହି ସଙ୍କୋଚ ପିଞ୍ଜରାରୁ ମୁକ୍ତହୋଇ ଚାଲିଆସିଲି ।

'ହାତଧରି ବାହା ହେଉଥିବା ସ୍ତ୍ରୀ' କହୁଥିଲା କମଳମ୍ମା । ସେଇ ହାତରୁ ମୁକ୍ତି ପାଇବାକୁ ମୋ ସାଙ୍ଗ ଯେବେ ଆତ୍ମହତ୍ୟା ବି କରିଥାନ୍ତେ, ମୁଁ କିଛି ଆଶ୍ଚର୍ଯ୍ୟ ହେଇ ନ ଥାନ୍ତି । ପାର୍ବତମ୍ମା ଲାଗି କି ଭାଷା ! 'ଲଣ୍ଡି' 'ଲଣ୍ଡି' କି ଦିଥର କହିଲା, ସେତେବେଳେ କଣ ନିଜର ବୈଧବ୍ୟ କଥା ଭୁଲିଯାଇଥିଲା ? ବୈଧବ୍ୟ ପ୍ରାପ୍ତିରେ ସେ ନିଜର ମୁଣ୍ଡ ଲଣ୍ଡାଇ ନାହିଁ । ଏଇଥିରୁ ବୋଧହୁଏ ତା କଥାରେ ଏତେ ଦାଢ଼ ଆସିଯାଇଚି ।

Digitized by PPRACHIN, SOA

ରାସ୍ତାରେ ଯାଉ ଯାଉ ମୋ ସାଙ୍ଗ ପଚାରିଲେ, "କଣ କଣ କଥାବାର୍ତ୍ତା ହେଲା ଘରର ମାଲିକାଣୀ ସାଙ୍ଗରେ ?"

ପ୍ରତ୍ୟୁତ୍ତରରେ ମୁଁ କହିଲି, "ଅହଲ୍ୟା, ଦ୍ରୌପଦୀ, ସୀତା, ତାରା ତଥା ମନ୍ଦୋଦରୀ—ମୂଳ ସଂସ୍କୃତ ଶ୍ଳୋକର ଅର୍ଥ ଅନୁସାରେ ଏହିଁ ପଞ୍ଚକନ୍ୟା ନିତ୍ୟ ସ୍ମରଣ ସକାଶେ ଆସିଛନ୍ତି; କିନ୍ତୁ ଆମର ଗ୍ରାମୀଣ ଭାଷାରେ ଏପରି କନ୍ୟାଙ୍କ ସମ୍ବନ୍ଧରୁ ରାବଣର ସ୍ତ୍ରୀ ମନ୍ଦୋଦରୀ ବାଦ୍ ପଡ଼ିଥାଏ। ଆମ ଲୋକମାନେ ତା ଉପରେ ତା ସ୍ୱାମୀ ରାବଣର ସବୁ ଦୁଷ୍ଟପଣ ଲଦେଇ ଦେଇଥାନ୍ତି। କୌଣସି ଅଶିକ୍ଷିତ ସ୍ତ୍ରୀ ଝିଅ ବିଷୟରେ ଯେବେ ପଚାରିବ ସେ କେମିତି, ତା ହେଲେ ଜବାବ୍ ମିଳିବ 'ସେ ଗୋଟାଏ ମନ୍ଦୋଦରୀ।' ଏତିକ ସ୍ମରଣକରି ମୁଁ ଶ୍ଳୋକାର୍ଥଟି ଶୁଣାଇଲି। ଶୁଣିକରି ସଦାନନ୍ଦବାବୁ ହସି ପକେଇଲେ।

"ଆପଣ ବି ସବୁ ଜାଣିଗଲେ ସ୍ୱଳ୍ପ ଭିତରେ !" ସେ କହିଲେ।

"ତାଙ୍କ କଥାରୁ ତାଙ୍କର ପ୍ରକୃତି ବିଷୟରେ ଜଣା ପଡ଼ିଲା। ତାଙ୍କ ଚାଲି, ଆଟପଟାଳି, କଥା, ଦମ୍ଭ—ଏସବୁ ଦେଖିକରି ଲାଗୁଚି ସେ ଦଶଟା ଗାଆଁକୁ ଜିଣିକରି କାଲିସି ଆସିଲାକି। ମୋର ଖାଲି ଗୋଟିଏ କଥା ମନେହଉଛି—ଏମିତି ମାଇପି ସାଙ୍ଗରେ ଯଶୋବନ୍ତ ରାୟ କେମିତି ଦିନ କଟେଇଥିବେ।"

"ଯାହା କହନ୍ତିନି ଦିଟା ଘୋଡ଼ା ଯୋଚିଲେ ଯାଇ ରଥ। ସ୍ତ୍ରୀଙ୍କ ସଂସାରରେ ଯୋଗ୍ୟ ହେବା ଜନ୍ତୁ ଘୋଡ଼ା ତ ନୁହନ୍ତି। ସ୍ତ୍ରୀଙ୍କ ତୁଳନା ଯେବେ ପଶୁଙ୍କ ସାଙ୍ଗରେ କରିବା, ତା ହେଲେ ରଥଟା ହାତୀ ଆଉ ବାଘଙ୍କୁ ମିଶାଇ ଯୋଗ୍ୟ ହେଇଥିଲା। ବାଘକୁ କଣ ଆଉ ଗୋରୁ କୁହାଯିବ ? ଆଉ ଯଶୋବନ୍ତରାୟ ବାବୁ ବି ଜନ୍ମରୁ ଗୋରୁଗାଈ ନୁହନ୍ତି। ଯେବେ ସେ ଗୋରୁଗାଈ ହେଇଥାନ୍ତେ ମୁଁ ତାଙ୍କୁ କୋଉ ଦିନୁ ଗିଳି ହଜମ କରି ସାରିଥାନ୍ତା ନା। ସେ ଥିଲେ ହାତୀ। ଏଣେ ବାଘ ତ ଆଉ ରଥ ଟାଣି ପାରିବନି। ସେ ଏକା ରଥ ଟାଣିଗଲେ। ଶେଷରେ ଦିନେ ଏ ଜୁଆଳିକୁ ଛାଡ଼ି ମାନେ ମାନେ ଚାଲିଗଲେ।"

"ସେ ବୋଧେ ମା ପାଖରୁ ଖୁବ୍ ପ୍ରଭାବ ପାଇଛି; କିନ୍ତୁ କାଲି ହୋନଗଡ଼ରେ ସେ ମହିଳାକୁ ଦେଖିଲି, କାହାକୁ କହନ୍ତିନି ? ସେଇ କଳକାଥାଁକୁ, ତା ଚାଲିଚଳଣି, ତା ବିନୟ ବ୍ୟବହାର, ତା ସହିବା ଗୁଣ କଣ ଦେଖିବ ! ତା ସ୍ୱାମୀ ମଧ୍ୟ ବି ସେଇମିତି। ସବା ଆଗ ବାଟରେ ତାଙ୍କ ପୁଅ ଯଶୋବନ୍ତକୁ ଦେଖିଲି, ସେ ବି ଠିକ୍

Digitized by PPRACHIN, SOA

ସେଇମିତ ! ମୁଁ କଏ ଜାଣିବା ଆଗରୁ କେତରକମ ମନ୍ତ୍ରସ୍ୱ ବାବୁଙ୍କ ଘର ଦେଖାଇ ବାକୁ ବାହାରିଲି ।"

ଯଜ୍ଞବନ୍ଦ୍ର ବାବୁ କହିଲେ, "ସ୍ୱାମୀ, ଭଲ ପୁଅ ପାଇବାକୁ ହେଲେ କପାଳ ଭଲ ହେବା ଦର୍କାର, ପୁଣ୍ୟଥିବା ଦରକାର । ଭାଗ୍ୟରେ ଥିଲେ ଟଙ୍କା ପଇସା ଯାହାକୁ ପାରେ ତାକୁ ମିଳିପାରେ; କିନ୍ତୁ ଚରିତ୍ର, ଗୁଣ ଏସବୁ ଭାଗ୍ୟଫଳ ନୁହନ୍ତି । ପୂର୍ବଜନ୍ମର ପୂଣ୍ୟ ଥିଲେ ଯାଇ ସ୍ତ୍ରୀକୁ ସବୁ ପାଇବ ।"

ମୁଁ ମନକୁ ମନ ମୁଣ୍ଡ ହଲାଇଲି । ଯୋଉ ସବୁ କଥାକୁ ଆମେ ବୁଝିପାରୁନା, ତାକୁ ସବୁ 'ଭାଗ୍ୟ, ଅଦୃଷ୍ଟ, କପାଳ ବୋଲି କହୁଆଉଁ, ଆହୁରି ବେଶି ଦୁର୍ବୋଧ କଥା ହେଲେ 'ପୂର୍ବ ଜନ୍ମର ପୁଣ୍ୟ, ସଂସ୍କାର, କର୍ମଫଳ' କହି ଧରି ନେଇଥାଉ; କିନ୍ତୁ ଏସବୁ କଥାରୁ ଆମ ଭବିଷ୍ୟତକୁ କଣ ମିଳିବ ? ସଂସାର ଆମରି ଦେଇ ଚାଲୁଛି, ଏକଥା କାହାରିକି ଜାଣିବା ଦରକାର ନାହିଁ, ତଥାପି ନିଜର ଚରିତ୍ର ସ୍ୱଭାବର ଦାୟିତ୍ୱ ଆମ ନିଜର । ଯେବେ ମନୁଷ୍ୟ ସ୍ତ୍ରୀକୁ ନ ବୁଝିଲି, ତା ହେଲେ ଜଡ଼ ପଦାର୍ଥ ମାତ୍ର ହୋଇ ଯିବ । ଇଏ କିଛି ତିଆରି କରି ପାଳି ପୋଷି ବଢ଼େଇବାର ଶକ୍ତ ନୁହେଁ । ମୋବନ୍ଧୁ ଯେଉଁ ସମାଧାନଟି ସହଜରେ ପାଇଥିଲେ, ତାକୁ ଆମେ ସମସ୍ତେ ପାଇପାରିବୁ କି ?

ମୁଁ ହଜ୍ଞବନ୍ଦ୍ରଙ୍କୁ ଘରେ ଛାଡ଼ିଦେଇ କହିଲି ଯେ ମୁଁ ସମୁଦ୍ରକୂଳ ଯାଇକରି ଫେରି ଆସିବି । ସେଠିଯାଇ ପହଞ୍ଚିବାକୁ ଘଣ୍ଟାଏ ଲାଗିଗଲା । ଆଉ ଓଳିର ଭେଟ ଫଳରେ ମୋ ମନ ବଡ଼ ଦୁଃଖ ପାଇଥିଲା । ସମୁଦ୍ରକୂଳରେ ପହଞ୍ଚି ଚଞ୍ଚଳ ତରଳ ଲହରିମାନଙ୍କୁ ଦେଖି ଢେର ବେଳ କଟାଇଲି । ସୂର୍ଯ୍ୟଙ୍କର ପିଣ୍ଡ ଆକାଶରେ ନାଲି ଓ ବଡ଼ ଆକାର ଧାରଣକରି ଦିଗ୍‌ବଳୟ ଛୁଉଁଥିଲା । କହନ୍ତି, ଦୀପ ନିଭିଲାବେଳକୁ ତେଜ ଅଧିକ ହୋଇଥାଏ, ସେଇମିତ ବୁଡ଼ିଯାଉଥିବା ସୂର୍ଯ୍ୟଙ୍କର ସୌନ୍ଦର୍ଯ୍ୟ ବେଶି । ଏତେ ଗୁଡ଼ାଏ ବାଦ ବିବାଦ, ନିନ୍ଦା ପ୍ରଶଂସା ଇତ୍ୟାଦି ମୋ ବନ୍ଧୁଙ୍କ ବିଷୟରେ ଶୁଣିଲି, କିନ୍ତୁ ମୋର ପରିଚୟ ତାଙ୍କ ଜୀବନର ସନ୍ଧ୍ୟାକାଳରେ ହିଁ ତାଙ୍କ ସାଥିରେ ହୋଇଥିଲା । ସନ୍ଧ୍ୟାବେଳର ସୂର୍ଯ୍ୟଙ୍କ ପରି ସେ ମୋ ଆଖିରେ ପୂର୍ଣ୍ଣ ମନୁଷ୍ୟ ହୋଇ ଦେଖାଗଲେ । ତାଙ୍କ ଚେହେରା, ଗଢ଼ଣ; ଚାଲିଚଳଣ, ସବୁ କିଛି ମୋତେ ସୁନ୍ଦର ଦିଶିଲା । ତାଙ୍କ ମରଣପରେ ବି ସେହିପରି । ମୋ ଆଗରେ ପ୍ରକୃତ ସୂର୍ଯ୍ୟ ଡୁବିଗଲେ, ତଥାପି ବହୁତ ବେଳଯାଏ ଆକାଶରେ ତାଙ୍କର ଲାଲିମା ଦେଖାଯାଉଥାଏ, ସନ୍ଧ୍ୟାର ଶାନ୍ତ ସୁଷମା ଦେଖା ଯାଉଥାଏ । ମୋତେ ଲାଗିଲା, ଯେମିତ ଯଶୋବନ୍ତବାବୁ ଯୋଉ କାମର ଦାୟିତ୍ୱ ମୋତେ ଦେଇଥିଲେ, ଯୋଉ ଡାଇରୀଟା ମୋ ହାତରେ ଦେଇଥିଲେ, ସେଗୁଡ଼ିକ ଏହି ସୁନେଲି ଆଲୋକ ଛଡ଼ା କିଛି ନୁହେଁ ।

Digitized by PPRACHIN, SOA

ସୂର୍ଯ୍ୟ ବୁଡ଼ିଗଲା । ଆମର ଅନୁଭବ ଅଛି, ସେ କାଲି ପୁଣି ଆସିବ । ଏଇଥିରୁ ମନୁଷ୍ୟ ମନରେ ଏହି ଚିନ୍ତା ଆସିଥିବ ଯେ ମରଣ ପରେ ମନୁଷ୍ୟ ଆଉ ଗୋଟାଏ ଦେହ ଘେନି ପୁଣି ଆସିବ । ମନ ତ ମୃତ୍ୟୁ ବୁଝେନାହିଁ, ତାକୁ ଏହିପରି କଳ୍ପନା ଦେଇ କରି ବନ୍ଦିଲେଇବା ଦରକାର ତ ! ଏ ସୂର୍ଯ୍ୟ ତ କାଲି ଆସିବ, ପନ୍ଦରଦିନ ବି ଆସିବ, ପ୍ରତିଦିନ ଆସିବ । ଆଉ ଆମେ ? ଦେହ ଛାଡ଼ି ମାନବ ଆତ୍ମା, କହନ୍ତି ପୁଣି ପୁନର୍ଜନ୍ମରେ ଆଉ ଗୋଟାଏ କାୟା ଘେନି ଫେରିବ । ଏହି 'ସୂର୍ଯ୍ୟ' ଫେରି ଆସିଲେ ଆମେ ଠିକ୍ ଚିହ୍ନିପାରୁଁ ଯେ ଏହି ସୂର୍ଯ୍ୟ କାଲି ଆସିକରି ଯାଇଚି, ଏଇ ସେ । ହେବେ ମନୁଷ୍ୟର ପୁନର୍ଜନ୍ମ ହୋଇଯାଏ, ତା ହେଲେ ଆମେ କଣ ତାକୁ ଚିହ୍ନିପାରିବା ? କଦାପି ନୁହେଁ । ମହାଓ ଆମକୁ ଜଣାନାହିଁ, ଆମେ ଆଗ ଜନ୍ମରେ କୋଉ ଅବତାର ନେଇଥିଲୁ ଆଉ ଭବିଷ୍ୟତରେ କି କି ଅବତାର ଗ୍ରହଣ କରିବୁ, ତଥାପି ଆମେ ଭଗବାନଙ୍କ ଜନ୍ମମାନଙ୍କୁ ଚିହ୍ନି ସାରଲେଣି । ଏହି ମନୁଷ୍ୟ—ଭାବନା-ପ୍ରପଞ୍ଚରେ ପରମାତ୍ମାଙ୍କର ସବୁ ଅବତାରଗୁଡ଼ିକୁ ଚିହ୍ନି ଲଗିଛି ।

ସେ କଣ ଚିରକାଳ ଅମର ହେବା ଆଶାରେ ଏମିତି କରୁଚନା କଣ ? ଏଇମିତି ମୋ ମନରେ କେତେ ଭାବନା ଲହରୀ ଖେଳିଲା । ଗୋଟିଏ ଢେଉ ଆଉ ଗୋଟିକର ମଥା ଡ଼ିଆଇ ଦମ୍ଭରେ ଆଗେଇ ଆସୁଛି, ଆଉ ସେ ବି କେଇ ମିନିଟ୍ ଭିତରେଇ ଶେଷ ହୋଇଯାଉଛି । ମୋ ଆଖି ଆଗରେ କେତେ ଢେଉ ଉଠିଲେ, ଫୁଲିଲେ, ଖେଳିଲେ, ମିଶିଗଲେ; କିନ୍ତୁ ତା ବୋଲି କଣ ସମୁଦ୍ରରେ ଆଉ ଢେଉ ରହିଲେନି ? ତା ନୁହେଁ । ଗୋଟିଏ ଗଲେ ଆଉ ଗୋଟିଏ ଲହଡ଼ି ରହିଥିବ । ଗୋଟିକ ପଛକୁ ଆଉ ଗୋଟିଏ ଲାଗିଛି । ଆମ ଜୀବନ ତ ଠିକ୍ ଏଇମିତି ହେଇଥିବ ? ଦେହଟା ସରିଗଲେ ବ୍ୟକ୍ତିଗତ ଢେଉର ଆକୃତି ସିନା ଲିଭିଯିବ, ଲହଡ଼ି ତ ଆଉ ଶେଷ ହେବ ନାହିଁ । ସେହି ସମୁଦ୍ର, ସେହି ପାଣି, ସେହି ପବନ—ତହିଁରୁ ଜୀବନ ପରମ୍ପରା ସର୍ବଦା ଗଡ଼ି ଚାଲିଥିବ । ଏଇମିତି ହେଇ ନଥିବ କି ପୁନର୍ଜନ୍ମ କଳ୍ପନାଟା ?

ଏହିପରି ସ୍ୱପ୍ନାବିଷ୍ଟ ହୋଇ ସମୁଦ୍ର ତଟରେ ଯାଇ ଠିଆହେଇ ରହିଲି । ଆକାଶର ଆଭା ହଜିଗଲାଣି । ତହିଁରେ ଅଗଣିତ ତାରା ଝିଲିମିଲି କରୁଥିଲେ । ଲୋକେ କହନ୍ତି, ଆକାଶର ଗୋଟିଏ ଗୋଟିଏ ତାରା ଗୋଟିଏ ଗୋଟିଏ ପୁଣ୍ୟବନ୍ତ । ଏମାନେ ସ୍ୱର୍ଗକୁ ଯାଇ ତାର ଶୋଭା ବଢ଼ାନ୍ତି ନକ୍ଷତ୍ରରୂପେ ।

ସେଠି ବି ମାନବର ଆଶା ଯାଇ କଳ୍ପନାର ଘୋଡ଼ା ଦଉଡ଼ାଉଛି । ମଲାପରେ ବି ତାର ଆଶା ଆକାଶରେ ଚିରସ୍ଥ ହୋଇ ରହିଥିବ । କହନ୍ତି, ଧ୍ରୁବତାରା ଚିରନ୍ତନ,

Digitized by PPRACHIN, SOA

ତାର । ମନୁଷ୍ୟର ଆୟୁର ମର୍ଯ୍ୟାଦା ତୁଳନାକରି ଦେଖିଲେ ପାହାଡ଼, ଝାଙ୍ଗର ସବୁ ଚିରନ୍ତନ ହୋଇଯାନ୍ତି, ନକ୍ଷତ୍ରଙ୍କ କଥା କଣ କହିବା । ମୋର ବନ୍ଧୁ ଯଶୋବନ୍ତବାବୁ ବି ନକ୍ଷତ୍ର ପରିବାରର ହୋଇଥିବେ···କିନ୍ତୁ ତାଙ୍କର ଏମିତି କିଛି ଆଶା ନଥିଲା ।

ସମୁଦ୍ରଠାରୁ କୋଁଣେ ବାଟ ଚାଲି ଚାଲି କୁମଟାର ବଜାର ଠିକ ଲେଉଟି ଆସିଲି । ସେତେବେଳକୁ ଆଠଟା ବାଜିଲାଣି । ମୋର ବନ୍ଧୁ ଜଣକ ବି ସାଙ୍ଗ ସାଥି ମେଳରେ ବୁଲି ବାହାରି ଗଲେଣି । ତାଙ୍କ ଘରର ବାରଣ୍ଡା ଖାଲି ହୋଇଯାଇଥିଲା । ତାଙ୍କ ଘରେ ବିଡି ଓକିଲ ନଅଟା କି ଦଶଟାବେଳକୁ ଖିଆ ପିଆହୁଏ । ତା'ହେଲେ ଏଠିଟାରେ କାହିଁକି ଖୁଣ୍ଟକୁ ଆଉଜି ବସିଥିବି ? ମୋର ଓକିଲ ସାଙ୍ଗଙ୍କ ସାଙ୍ଗରେ ଭେଟ କରି ତାଙ୍କ ସଙ୍ଗେ ଦପଦ ଖୁସିଗପ ହୋଇ ପାରିନାହିଁ, ଏହା ଭାବି ତାଙ୍କ ଘରକୁ ଗଲି ।

ଭାଗ୍ୟକୁ ମୁଡ଼େ଼ଶ୍ୱର ଓକିଲ ଘରେ ଥିଲେ ।

"କଥା କଣ ? କାଲି ବି ଅଇଲେ ନ, ଆଜି ବି ଦେଖା ନାହିଁ !" ସେ ପଚାରିଲେ ।

"ହଉ ଆସି ତ ଗଲିଣି ! କଣ ଖବର କହନ୍ତୁ ? ପ୍ରାକ୍ଟିସ୍ ହେଉଛି ଭଲ ଚାଲିଛିନା ?"

"ହଁ, ମୋ ଲାଗି ଯଥେଷ୍ଟ । ମୁଁ ବୁଢ଼ାଏ ସିରସ୍ତା କିଏନାହିଁ । କେଇଜଣ ପୁରୁଣା ମକ୍କେଲଙ୍କୁ ରଖିଛି । ଜୀବନଟା ଯାକ ଯେବେ ଖଟି ଖଟି ଚାଲିଯିବ, ତାହେଲେ ମଣିଷ ଆଉ ମଉଜ କରିବ କେତେବେଳେ ? କହୁନାହାନ୍ତି ?"

"ବାବାରେ, ଏଇ ସବୁ ଚିନ୍ତା ଆପଣଙ୍କ ଭିତରେ ଖେଳିଲାଣି ?" ମୁଁ ଅଟ୍ଟାକଲି ।

ଏମିତି ଏମିତି ଆମ ଗପର ଖିଅ କୋଉଠୁ କୋଉଠିକି ଯାଉଥିଲା । ସେଇଠୁ ହଠାତ୍ କରି ସେ ପଚାରିଲେ, "ଆମ ସୀତାରାମ ହେଗ୍‌ଡ଼େ ଘରକୁ ଯାଇଥିଲେ ନା ?"

"ଆପଣଙ୍କୁ କିଏ କହିଲା ? ଆପଣଙ୍କ ଗାଁରେ କାନ୍ଥବାଡ଼ର କାନ ଅଛି ନା କଣ ?"

Digitized by PPRACHIN, SOA

"ନାଇ ସେକଥା ନୁହେଁ ଯେ, ସେଇ ସୀତାରାମ ମୋ ପାଖ‌ୁ ଆସିଥିଲା । ତା ସାଙ୍ଗରେ ଆମର ଭଲ ଜଣାଶୁଣା ।"

"ବହୁତ ଦିନରୁ...?"

"ତା ବାପାଙ୍କ ସମୟରୁ । ସେ ବାପପର ପିଲା ନୁହେଁ । ସେ ହେଉଚି ଗୋଟାଏ ପରଫେକ୍ଟ୍ ଜେଣ୍ଟଲମ୍ୟାନ୍ ।"

"ହବା କଥା—ଏମିତି କାହାର ହେଲେ ହବା କଥା ।"

"ଆପଣଙ୍କର ଆଉ ସୀତାରାମର ଗୋଟାଏ ଝଗଡ଼ା ଥିଲା ନା ? ପଦ୍ମଧରବାବୁ ଆପଣଙ୍କୁ ଦେଖି ବସୁଥିଲେ ଆପଣ ସେଇଥିପାଇଁ ଆସିଥିବେ । ଆସିଲେ ଭଲ କଲେ ! ଏମିତି କିଛି ହେଲେ ଆପୋଷ ମିଳାମିଶା କରିନବା ଦରକାର, ନଇଲେ... ।"

"ଏଥିରେ ଝଗଡ଼ା କିଛିନାହିଁ ।"

"ନାହିଁ, ସେ ଆପଣଙ୍କ ପାଖୁ ଗୋଟାଏ ରେଜିଷ୍ଟ୍ରି ନୋଟିସ୍ ଦିଆଇଥିଲା ନା ।"

"ନୋଟିସ୍ ! ହଁ, ପଠେଇଥିଲା । ଆପଣ ଓକିଲମାନେ ଜାଣିଥିଲା ଯାକେ ଏମିତିକା ନୋଟିସ କେତେ ଦଉଡ଼ାଉଥିବେ, ନା କଣ ।"

"ମୁଁ ବି ତାର କପି ଦେଖିଥିଲି ।"

"କାହାର ?"

"ନୋଟିସର, ଆଉ ଯଶୋବନ୍ତର ଲେଖା ଚିଠିର । ଆପଣଙ୍କ ପାଖୁ ସେ ଚିଠିଦେଇଛି, କିଛି ଦରପନ ନୁହେଁ । ଲେଖିଥିଲା ନା, ଯେଯାକେ ମୁଁ ନ ଆସୁଚି, ସେ ଯାକେ ଟଙ୍କାଟା ଆପଣଙ୍କ ପାଖରେ ଥାଉ । ରାଜିନାମାରେ ଏ କଥାଟିର ଖଲାସ ହେଇଗଲେ ଭଲ ।"

"କେମିତି ? ରାଜିନାମାରେ କେମିତି ?"

"ଆପଣ ଯାହା ଖର୍ଚ୍ଚ ବାର୍ଚ୍ଚ କରିଥିବେ ସେ ସବୁର ହିସାବ କିତାବ ଯେମିତି କରି, ଯାହା ବଳିବ ସେତକ ସୀତାରାମକୁ ଦେଇଦିଅନ୍ତୁ । ଯେମିତି ହେଉ ଏ ମଇଳାରୁ ହାତ ଧୋଇ ଦିଅନ୍ତୁ ।'

Digitized by PPRACHIN, SOA

"ଆଚ୍ଛା ।"

"ମୁଁ କଣ ନାକରା କଥା କହୁଲ ?"

"ଓକୀଲଙ୍କ ଦୃଷ୍ଟିରୁ କଥାଟା ଠିକ୍ କହୁଚନ୍ତି ।"

"ଆଉ ଅଲଗା ଦୃଷ୍ଟି କଣ ଅଛି କ ?'

"ଯଶୋବନ୍ତ ରାୟ ବାବୁଙ୍କର ବ ଗୋଟାଏ ଦୃଷ୍ଟି ଅଛି—ଯାକୁ କଣ ମୁଁ ଭୁଲି ଯାଇପାରେ ?"

"ଦେଖନ୍ତୁ ସେଇଟା ତ ଗୋଟାଏ ଗଜମୂର୍ଖ ଥିଲ । ବିଶୁଦ୍ଧ ବେକୁଫ୍ । ସେ ଏ ଗାଁରେ ଥିଲାତକ ମୋ ସାଙ୍ଗରେ ତାର ସମ୍ବନ୍ଧ ଥିଲ କନା । ସେ ତ ମୂଳରୁ ଭୁଲ୍ ବାଟ ଧରିଥିଲ । ମାନେ, ତା ସ୍ତ୍ରୀ ପିଲଙ୍କ ପ୍ରତି କିଛି ହେଲେ ଦୟା ନ ଥିଲ । କେମିତି କଡ଼ା କଡ଼ା କଥା କହୁଥିଲ ।"

"ହୋଇଥିବ । ଯେମିତି, ସେ ବି ଗଲେ ଚ୍ଛଲି । ତାଙ୍କୁ ଭଲ ଶିଖେଇ ପଢ଼େଇ କରିବାକୁ କେହି ମିଳଲେ ନାହିଁ । ଆଉ ତମ ଆମ କଥା, ଆମେ କଣ ଏଇଲି ତାଙ୍କୁ ବଦଳାଇ ପାରିବା ?" ମୁଁ କହିଲି ।

ସେ କହିଲେ, "ଏଇଲି ତ କିଛି କରିହବନି, ଯାହା କହିଲେ ଠିକ୍ କଥା' କିନ୍ତୁ ଆପଣଙ୍କ ପରି ଜାଣିବା ଶୁଣିବା ଲୋକ, ମଣିଷକୁ ବୁଝିବା ଲୋକ ଚାହିଁଲେ ସବୁ ଠିକ୍ କରି ଦେବ ।"

"କେମିତି ?"

"ତାଙ୍କ ଟଙ୍କାଟା କଥା କହୁଥିଲି ।"

ତାଙ୍କ କଥା ଶୁଣି ମୁଁ ଚିଡ଼ିଗଲି । ମୁର୍ଡେଶ୍ୱର ମୋର ପୁରୁଣା ସାଙ୍ଗ, ତଥାପି ପରସ୍ପର ବୁଝା ପଡ଼ୁଥିଲ ଯେ ସେ ସୀତାରାମ ସପକ୍ଷରେ କଥା କହୁଚନ୍ତି । ତେଣୁ ମୁଁ କହିଲି, "ମିଷ୍ଟର ମୁର୍ଡ଼େଶ୍ୱର, ଆଉ କିଛି ବିଷୟ ଥିଲେ କଥା ହବା । ଆପଣଙ୍କର ମୋର ଯେମିତି କିଛି ବିବାଦ ନ ହୁଏ ।"

ତା'ପରେ ସେ ଯଦିଓ ଟଙ୍କା ବିଷୟରେ କିଛି କହିଲେ ନ, ତଥାପି ମୋର ବନ୍ଧୁଙ୍କ ନାମରେ ଏମିତି କଥା ସବୁ କହି ଲଗିଲେ, ଯେଉଁଗୁଡ଼ାକ କହିବାର କଥା ନୁହେଁ । ତାଙ୍କ ଦୃଷ୍ଟିରୁ ଯେବେ କୁମଟାରେ "ପରମ ମୀଚ" ଉପାଧିର କେହି ଯୋଗ୍ୟ

Digitized by PPRACHIN, SOA

ଆସାମୀ ଥାଏ, ତା ହେଲେ ସେ ହେଉଛନ୍ତି ଯଶୋବନ୍ତ ରାସ୍ତ ବାବୁ। ସେ କୃପଣ ମହାମୂର୍ଖ ବଦ୍‌ହୃଦସ୍ତ, ଆଉ କେଜାଣି କଣ କଣ ଥିଲେ । ସେ ଜାଗାରେ ତାଙ୍କ ଘରର ପତ୍ନୀପୁତ୍ର ଗୋଟିଏ ଗୋଟିଏ ଦେବତା-ପରମାତ୍ମା ହେଇଥିବେ ପରା । '

ଯଦି ସେ ଏ ବିଷୟରେ ଟିକିଏ ଗାମ୍ଭୀର୍ଯ୍ୟର ମର୍ଯ୍ୟାଦା ଦେଇ କହିଥାଅନ୍ତେ, ତା ହେଲେ ମୋର ଦୁଃଖ ନ ଥିଲା; କିନ୍ତୁ ସେ ସେତିକ ମର୍ଯ୍ୟାଦାର ସୀମା ଟପିଗଲେ । ମୁଁ ବି ଟିକିଏ ଉଦ୍‌ବିଗ୍ନ ହୋଇ ପଡ଼ିଲି ।

ମୁଁ କହିଲି, "ସ୍ୱାମୀ, ମୁଁ ଯଶୋବନ୍ତ ରାସ୍ତ ବାବୁଙ୍କ ବିଷୟରେ ବେଶି କିଛି ନହେଲେ ବି ଅନେକ ବହୁତେ ଜାଣିଛି । ପାଞ୍ଚ ଛଅ ବର୍ଷ କାଳ ତ ତାଙ୍କୁ ଭଲ କରି ଚିହ୍ନିଛି । ସେ କିଛି ଦେବତା ନ ଥିଲେ; କିନ୍ତୁ ଆପଣଙ୍କ କହିଲାପରି ଏମିତି ରାକ୍ଷସ ବି ନ ଥିଲେ । ସେ ଜଣେ ଯୋଗ୍ୟ ମଣିଷ ଥିଲେ, ଏତିକ ତ ମୁଁ ଜାଣିଛି ।"

"ସେଇଟା ?

"ମୋଠୁଁ ବା ଆପଣଙ୍କଠୁ ବଳି ଢେର ଭଲ ଢେର ବେଶି ଯୋଗ୍ୟ । ବାସ୍ ମୋପାଇଁ ଏତିକ ଯଥେଷ୍ଟ । ହଉ ମୁଁ ତା ହେଲେ ଯାଏଁ ।" କହି ଦୁଃଖିତ ମନରେ ତାଙ୍କ ବାରଣ୍ଡା ତଳକୁ ଓହ୍ଲାଇ ଆସିଲି । ତା'ପରେ ତାଙ୍କୁ ଅବା ଲାଗିଥିବ ଯେ ତାଙ୍କ ଓକିଲାତିଟା ଟିକିଏ ସୀମା ଟପିଗଲା କି କଣ ।

ସେ କହିଲେ, "ନାହିଁ ମ, ଏତେ ରାଗିଗଲେ କାହିଁକି ? ଏମିତିକା କଥାରେ ଟିକିଏ ଧାଲ୍‌ଦାରିଆ ହବା ଦର୍କାର ।"

"ମଲା ମଣିଷଟା ବିଷୟରେ କହିଲାବେଳେ ତ କିଛି ବାଟ୍‌ଲି ବାଜିଲାନି, ଆଉ ମୋର ଧାଲ୍‌ଦାରିଆ ହେବା ବାକୀ ରହିଛି ।"

"ଆଇ ଆମ ସରି !"

"ଯାହାଙ୍କ ପ୍ରତି ଅନ୍ୟାୟ କଥା ଆପଣ କହିଚନ୍ତି, ତାଙ୍କଠୁଁ କ୍ଷମା ମାଗନ୍ତୁ" କହି ମୁଁ ଚାଲି ଆସିଲି ।

ଛି ଛି, ସେଦିନ ଗୋଟିକ ପରେ ଗୋଟିଏ ଏମିତି ଦୁର୍ଯୋଗ ଘଟିଗଲା, ଯେମିତି ସବୁ ମିଶି ମୋ ବୁଦ୍ଧି ବୃତ୍ତି ଗୁଟି ସଫା କରିଦେବ । ଘଣ୍ଟାଟିଏ ସମୁଦ୍ର କୂଳରେ

Digitized by PPRACHIN, SOA

ବସି ଯେଉଁ ଶାନ୍ତି ପାଇଥିଲି, ତାହା ବି ପ୍ରାୟ ଭୁଲି ହୋଇଗଲି । ମୁର୍ତ୍ତେଶ୍ୱର ଓକିଲ ଅନ୍ୟ ଜାତିର, ଏ ବିଷୟକୁ ପକ୍ଷପାତ-ରହିତ ଦୃଷ୍ଟି ଦେଇ ଦେଖି ପାରିବେ; ମୋ ବନ୍ଧୁଙ୍କର ଠିକେ ହେଲେ ପ୍ରକୃତ ତଥ୍ୟ ମିଳିଯିବ···ଏହି ଆଶାରେ ମୁଁ ମୁର୍ତ୍ତେଶ୍ୱର ଆଡ଼େ ଯାଇଥିଲି; କିନ୍ତୁ ସ୍ୱୀର ଓଲଟା ଫଳ ମିଳିଲା ।

ମୁଁ ଯେତେବେଳେ ସତ୍ୟବନ୍ତଙ୍କ ଘରେ ପହଞ୍ଚିଲି, ରାତି ଦଶଟା ବାଜି ସାରିଥିଲା । ସେ ମୋତେ ଅପେକ୍ଷା କରି ବସିଥିଲେ । ସେ ମୋତେ ପଚାରିଲେ "କୁଆଡ଼େ ଯାଇଥିଲେ କି" ଜବାବ୍ ଦେବାକୁ ମୋର ଇଚ୍ଛା ହେଲାନାହିଁ ।

"ବହୁତ ଡେରି ହେଲାଣି । ପଥ ପଡ଼ିଲାଣି; ଉଠନ୍ତୁ ଖାଇବାକୁ, ଖାଇସାରି, ପରେ କହିବେ ।" କହି ମୋତେ ଉଠାଇ ନେଇଗଲେ । ମୁଁ ଖାଇ ବସିଲି ସିନା; କିନ୍ତୁ ଖାଇବାକୁ ଇଚ୍ଛା ହେଉ ନ ଥାଏ । ମୋ ବନ୍ଧୁଙ୍କ ଲାଗି ମନରେ ଦୁଃଖ ହେଉଥାଏ । ହଠାତ୍ ମୋର ସନ୍ଦେହ ହେଲା, ମୁଁ ତ ଆଉ ଯଶୋବନ୍ତ ରାୟ ବାବୁଙ୍କ ବିଷୟରେ ପକ୍ଷପାତୀ ହୋଇଯାଇନାହିଁ ?

ଆମ ନିଜ ଲୋକ, ଆମର ପ୍ରିୟ ଲୋକ···ଏ ମୋହଟି ଥରେ ଠିକଏହେଲେ ଆସିଗଲେ, ଆମ ବିବେକ ବୁଦ୍ଧି, ସମଦର୍ଶିତ୍ୱ ଓ ସିଦ୍ଧାନ୍ତ, ସବୁ ବିସ୍ମୃତ ହୋଇଯାନ୍ତି । ତା ନୋହିଲେ ମୋ ମନ ଏତେ ଉଦ୍‌ବିଗ୍ନ କାହିଁକି ହୋଇଗଲା ? ସୀତାରାମ କି ମୁର୍ତ୍ତେଶ୍ୱରଙ୍କ ଘରେ ନିଜର ସହନଶୀଳତା କାହିଁକି ହରାଇଲି ? ବିପତ୍ତିଭଞ୍ଜନଙ୍କ ମୁଁ ଯେତେବେଳେ ହୋନଗଛେ ଯାଇଥିଲି, ସେତେବେଳେ ମୋ ମନରେ ବାତ୍ସଲ୍ୟ, ପ୍ରୀତି, ସ୍ନେହ କାହିଁକି ଜାଗିଲା ? ମୁଁ ମନୁଷ୍ୟ ମାତ୍ର, ବିବିଧ ଭାବରସର ରୂକର, ଅପ୍ରିୟ କଥା ମୋତେ ଉଦ୍‌ବିଗ୍ନ କରେ ଓ ପ୍ରିୟ କଥା ସନ୍ତୁଷ୍ଟ କରେ । ମୁଁ କିଛି ନିର୍ଲିପ୍ତ ଜୀବ ନୁହେଁ !

ସେଦିନ କ୍ଷୀଣ ହୋଇଥିଲି । ଉପରୁରର କଥା କିଛି ମୋ କାନରେ ପଡ଼ୁଥିଲା, "କ୍ଷୀଣଇସ୍ଥେ, ଆଉ ଦି କରଚୁଲି ନେଇ ଭଲକରି ଖାଆନ୍ତୁ ।" କିନ୍ତୁ ଯେତେବେଳେ ହାତ ଧୋଇ ବସିଲି, ଯେବେ ସେତେବେଳେ କିଏ ପଚାରିଥାନ୍ତି କ୍ଷୀଣ କି ଜନଷରେ ହୋଇଥିଲି, ତା'ହେଲେ କହି ପାରି ନ ଥାନ୍ତି । ଏତେ ନିର୍ଲିପ୍ତ ହୋଇ ମୁଁ ଖାଉଥିଲି ! ଖାଇବାର ରୁଚି ବି ଭୁଲି ଯାଇଥିଲି । ଜୀବନ ବିଷୟରେ ଏମିତି ହୋଇଥିଲେ, ସେ ବି କ୍ଷୀଣପରି ହୋଇଆନ୍ତା ପରି । ମୋ ଲାଗି ବନ୍ଧୁବାନ୍ଧବ ସ୍ନେହରେ ପରଷୁଥିବା ଲୋକଙ୍କପାଇଁ ପଥର ପାଲଟି ଯାଇଥିଲି । ସେଇମିତି ମୋତେ ସ୍ନେହପାଶରେ ବାନ୍ଧିଥିବା ଯଶୋବନ୍ତ ରାୟ ବାବୁଙ୍କ ବିଷୟରେ ବି ସେଇ ପଥର ହୋଇ ଯାଇଥାନ୍ତି । ଏପରି ନିର୍ଲିପ୍ତତା କିଛି ଦରକାର ନାହିଁ । ମନୁଷ୍ୟକୁ ମନୁଷ୍ୟ ହୋଇ ରହିବା ଦରକାର । ପଥର ହେଲେ ଶୋଭା ପାଇବନାହିଁ ।

Digitized by PPRACHIN, SOA

ପଦ୍ମପତ୍ର ମିବାଂଭସା !

କହନ୍ତି, ପଦ୍ମପତ୍ର ଉପରର ଜଳବିନ୍ଦୁ ପରି ମନୁଷ୍ୟକୁ କାହାରି ସଙ୍ଗେ ନ ଲାଗି ରହିବା ଦରକାର । ଆତ୍ମୀୟସ୍ୱଜନଙ୍କ ପାଖରେ ବି ମନଟା ଲାଗି ରହିବାର ନୁହେଁ ।

ଜଳବିନ୍ଦୁ ସେଇମିତି ରହିଥିବ ! ଜଳରେ ତ ଆଉ ଜୀବନ ନାହିଁ । କେଜାଣି ଜୀବନ ଥିବା ପଦ୍ମପତ୍ର ସେଇ ଜଳର ସ୍ନେହ କପରି ଜାଣିପାରେ ! ତାର ଜଳ ଦରକାର ନାହିଁ ? ଯଦି ଜୀବଧାରୀ ମନୁଷ୍ୟ ସେହିପରି ରହେ, ତାହେଲେ 'ଜୀବ' ରହିବାର ସଙ୍କେତ ବି ଆମକୁ ମିଳିବ ନାହିଁ । ବିଚିତ୍ର ଉପମା !

ହଁ ଖାଇସାରି ବାରଣ୍ଡାକୁ ଆସି ବସିପଡ଼ିଲି । ପାନଥାଳିଆ ଆଗରେ ଥୁଆ ହୋଇଛି, ସତ୍ୟବନ୍ତ ବାବୁ ବି ସେଇଠି ବସିଛନ୍ତି; କିନ୍ତୁ ମୋ ମନ କୋଉଠି କୋଉଠି ଉଡ଼ୁଥିଲା । ଖାବୁକଡା ମୋ ବିଗୁରରେ କେବେ ଭୁଲ ନୁହେଁ, କେବେ ଲାଗିବ ବି ନାହିଁ । ତହିଁ ଉପରେ ବିବେକର ନିୟନ୍ତ୍ରଣ ରହିଥାଉ, ଉଦ୍‌ବେଗ ଯେପରି ଅନ୍ତଃଆରୁଠୁ ବାହାରକୁ ନ ଯାଏ । ତେଣୁ ମୁଁ ସତ୍ୟବନ୍ତ ବାବୁଙ୍କୁ କହିଲି, 'ଜଣା ଯାଉଛି ଆଜି ମୋର ଗୋଟାଏ ଭୁଲ୍ ହୋଇଗଲା । ଆପଣଙ୍କୁ ଏଠି ନ ପାଇ ମୁଁ ଓକିଲ ଘରକୁ ଯାଇଥିଲି ।''

''ମୃତ୍ୟୁଞ୍ଜୟର ଓକିଲ ଘରକୁ ?''

''ହଁ । ଆପଣଙ୍କ ସାଙ୍ଗରେ ଯେମିତି, ତାଙ୍କ ସାଙ୍ଗରେ ବି ସେଇମିତି ବହୁତ ଦିନର ପୁରୁଣା ଘନିଷ୍ଠପରିଚୟ ଥିଲା, । ମନରେ ତାଙ୍କୁ ନେଇ ଟିକିଏ ଗର୍ବ ବି ଥିଲା । ଅଜି ତା ଭାଙ୍ଗି ଚୂନା ହୋଇଗଲା ।''

''ମାନେ ?''

ମୁଁ ସବୁ କଥା ତାଙ୍କୁ ସଂକ୍ଷେପରେ କହିଲି, ''ସନ୍ଧ୍ୟାବେଳରୁ ହେଗ୍‌ଡ଼େ ବାବୁଙ୍କ ଘରଠାରୁ ମୁଣ୍ଡଟା ଠିକ୍ ନ ଥିଲା । ଭାବିଥିଲି, ସ୍ୱାଙ୍କ ଘରକୁ ଯାଇ ମନଟା ଟିକିଏ ଶାନ୍ତ ହବ । ସେ ତ କଟା ଘାରେ ଲୁଣ ଛିଟା ଦେଲେ ।''

''ସ୍ୱାଙ୍କର ତାଙ୍କର ଖୁବ୍ ବନ୍ଧୁତା ।···ଆମ ସୀତାରାମ ଘର ଲୋକଙ୍କର ଆଉ ଓକିଲଙ୍କର ।''

Digitized by PPRACHIN, SOA

"ଏକଥା ମତେ ଜଣା ନ ଥିଲା ।"

"ତାପରେ ସେଠି କଣ କଲେ ?"

ସେଠି ଯାହା ଯାହା କଥା ହୋଇଥିଲା, ମୁଁ ସବୁ କହିଦେଲି । ମୋ ବନ୍ଧୁଙ୍କୁ ନେଇ ଯାହା ଇଚ୍ଛା ତା' କହିବା କଥା ବି କହିଲି । ତା'ପରେ କହିଲି, "ନାହିଁ, ସାଙ୍ଗ ସାଥିଙ୍କୁ ଏମିତି କରି କହିବାଟା ମୋର ବି ଉଚିତ ହୋଇନାହିଁ ।"

"ଆପଣ କହିଲେ ନା ମଲା ମଣିଷକୁ ନେଇ; ଆପଣଙ୍କ ପ୍ରିୟଲୋକ ବିଷୟରେ ସେ କେମିତି ଯା' କହିଲେ ?

"ମୁଁ ଜାଣି ନ ଥିଲି, ସେ ଏମିତି ପକ୍ଷ ନେଇ କଥା କହିବେ ।"

"ମୁଁ ଆପଣଙ୍କୁ ଗୋଟେ କଥା କହିବି ?"

"କଣ ?"

"ଆମର ମୃତ୍ୟୁଞ୍ଜୟର ଓକିଲ ବାହାରୁ ଯେମିତି ଦିଶନ୍ତି, ପ୍ରକୃତରେ ସେମିତି ନୁହନ୍ତି । ତାଙ୍କ କଥା କଣ ଆମକୁ ଜଣାନାହିଁ ? ସେ ମାଇପିଟା ସାଙ୍ଗରେ ତା ସମ୍ପର୍କ ବହୁତ ଦିନରୁ ଗଢ଼ି ଆସୁଛି ।"

"ସତେ ନା ?"

"ବିଲକୁଲ ସତ କଥା । ଆପଣ ଭାବିବେନି ମୁଁ ଜାଭ ଗଲ୍ପଯୋଗୁରୁ ଏ ସବୁ ଅଭିଯୋଗ କରୁଚି ।

ମୁଁ ସ୍ତମ୍ଭିତ ହୋଇ ବସି ରହିଲି । ଟିକିଏ ପରେ କହିଲି, "ସତ୍ୟବନ୍ତ ବାବୁ ଆଜ ଜହ୍ନ ରାତି । ମୁଁ ଶୋଇଲେ ବି ନିଦ ହେବନାହିଁ । ଚାଲନ୍ତୁ କୁଆଡ଼େ ଘେରେ ବୁଲି ଆସିବା ।"

"ମୁଁ ରାତିବେଳେ କେବେ ବୁଲି ଯାଇନାହିଁ··· ।"

"ଏକୁଟିଆଟା ଯିବାକୁ ମନ ଲାଗୁ ନ ଥିବ । ଡର ଭୟ ନାହିଁ ତ ?"

"କୋଉଠିକି ଯିବା ?"

"ଆଉ କୋଉଠିକି ! ହାଇସ୍କୁଲର ଉଠାଣି ଉପରକୁ··· ।"

Digitized by PPRACHIN, SOA

ଏଗାର

କୁମଟାରେ ମୋ କାମ ବଢ଼ି ଗଲା ଓ ଦିନେ ବେଳଗଛେରେ ମଞ୍ଜୁଆଙ୍କ ଘରେ ପହଞ୍ଚି, ତାଙ୍କ ସୁଖ ଦୁଃଖ ପଚାରି ଓଚାରି କରି, ନିଜ ମନର ପୀଡ଼ା ଭୁଲିକରି ଫେରି ଆସିଲି । ତାଙ୍କୁ ଜଣା ନଥିଲା ଯେ ଧାରେଶ୍ୱର ଶୀନ ବା ତା ମା ଘରଟା କୋଉଠି । ସେଇ ଶୀନର ଜଣେ ଭଉଣୀ ବି ରହୁଛି । ମଞ୍ଜୁଆଙ୍କ କଥାରୁ ଜଣା ପଡ଼ିଲା ଯେ ସେ କୋଉଠି ମାଷ୍ଟ୍ରାଣୀ ହେଇଛି । ଏଥରକ ତାଙ୍କ ଘରୁ ଫେରିଲାବେଳେ ଯଶୋଦାନ୍ତ, ଜୟନ୍ତ ଖାଲି ନୁହନ୍ତି, ଏପରିକି ତାଙ୍କ ସାନ ପୁଅ ଭଗବନ୍ତ ବି ମୋତେ କୁଣ୍ଢାଇ ମୋତେ ଟାଣି ଟାଣି କହିଲା, "ପୁଣି ଥରେ ଆସିବେ—ନିଶ୍ଚେ ଆସିବେ ।" ମଞ୍ଜୁଆର ସ୍ତ୍ରୀ ତାର କୌତୂହଳ ଦେଖାଇଲା, "ମୋ ମା' ଘରକୁ ଯାଇଥିଲେ ନା ? ସମସ୍ତେ ଭଲ ଅଛନ୍ତି ତ ?"

ସେଠୁ ସଦାନନ୍ଦ ବାବୁଙ୍କ ଘରକୁ ଚାଲି ଚାଲି ଆସୁ ଆସୁ ସ୍ଥା ପରେ କଣ କରିବି ଭାବୁଥିଲି । ବାଟରେ ମୋ ନିଜର ଅବିବେକର ଚିହ୍ନ ମୋତେ ଦେଖାଗଲା । ମୋ ବନ୍ଧୁ ଯେଉଁ ଟଙ୍କା ମୋତେ ଦେଇଛନ୍ତି, ତହିଁରୁ ମାସକୁ ମାସ ଯାହା ଟଙ୍କା ପଠା ହବା କଥା, ସେତକ ତ ସୁଧରୁ ବାହାରିବା ଦରକାର । ମୂଳଧନରୁ ଯେତେ ଟଙ୍କା ବେନକଯୋଙ୍କ ଦେଉଳ ଲାଗି ଖର୍ଚ୍ଚ ହୋଇଥିଲା, ସେତକ ବାହାର କରି ଦିଆଯାଇଛି । ଏଇଲା ମଞ୍ଜୁଆଙ୍କର ପୁଅମାନଙ୍କ ପଢ଼ା ଖର୍ଚ୍ଚ ଆଉ ସାହାଯ୍ୟ କରିବାକୁ ଠିକ୍ କରିଛି । ଯଦି ଏସବୁ ଏଇମିତି ଚାଲେ, ତା'ହେଲେ ମୋ ବନ୍ଧୁଙ୍କ ଟଙ୍କା ଆଉ କେତେ ଦିନକୁ । ମୁଁ ଯେବେ ମୂଳଧନରୁ ଖର୍ଚ୍ଚ କରିବି, ବସି ଖାଇଲେ ନଈବାଲି ସରିବ । ଏସବୁ କଥା ମନକୁ ଆସିଲା । ଏହିପରି ଭାବୁ ଭାବୁ ସଦାନନ୍ଦ ବାବୁଙ୍କ ଘରେ ପହଞ୍ଚିଲି ।

ସେ ଘର ଲୋକଙ୍କୁ କଣ ସରସୀ ଆଉ ତା ପିଲାଙ୍କ ବିଷୟ ପଚାରି ଯାଇ ପାରେ ? ତାଙ୍କୁ ସବୁ କଣ ଏସବୁ ଜଣାଥିବ ?

କୁମଟା ଯାକେ ଆସିଲିଣି, ଏଇ ଗୋଟିଏ କଥା ଯେବେ ଜାଣିପାରେ, ତା'ହେଲେ ବୁଝିବି ମୋ ଉପରେ କେତେ ଦାୟିତ୍ୱ ଅଛି । ସ୍ଥା ଛଡ଼ା, ଧାରେଶ୍ୱର ଶୀନ

Digitized by PPRACHIN, SOA

ଯାହା ଲେଖିଥିଲ, ସେ ଅନୁସାରେ ତା ମା ବାହା ଭଲ ନ ଥିବ । ଯଶୋବନ୍ତ ବାବୁଙ୍କର ହିସାବ ଖାତା ଆଉ ରସିଦଗୁଡିକ ଦେଖିଲେ ମନେ ହେଉଛି, ତାଙ୍କୁ କିଛି ହେଲେ ମିଳନାହିଁ । ତାଙ୍କର ଆଉ ଯଶୋବନ୍ତଙ୍କ ଭିତରେ ସମ୍ବନ୍ଧ ସ୍ମରଣ କଲେ ଜଣା ପଡ଼ୁଛି ଯେ ସେ ଦୁହିଁଙ୍କ ଭିତରେ କେବେହେଲେ ବିରସତା ଆସିନାହିଁ । ଦୁହିଁଙ୍କ ସମ୍ବନ୍ଧ ତୁଟିବା ଯେତେବେଳେ ଅନିବାର୍ଯ୍ୟ ହୋଇପଡ଼ିଲା, ସେତେବେଳେ, ମୋ ବନ୍ଧୁଙ୍କର ଦଶ ବାରବର୍ଷର ବମ୍ବେ ପ୍ରବାସ ସମୟରେ ଏ ଦୁହିଁଙ୍କ ଭିତରେ କିଛି ଲେଖାଲେଖି ହୋଇଥିଲା କି ? ତା'ହେଲେ କଣ ଅନ୍ତିମ ସମୟରେ ତା ସଙ୍ଗେ ନିଜର ସ୍ନେହ ସମ୍ପର୍କ ସ୍ମରଣକରି ସେହି ଋଣ ପରିଶୋଧ କରିବା ସକାଶେ ସେ ଏହି ମାସିକ ଭତ୍ତାର ନିର୍ଦ୍ଦେଶ ଦେଇଗଲେ ? ତା'ହେଲେ ତା ଠିକଣା କାହିଁକି ଦେଲେ ନି । ହୁଏତ ସେ ନିଜର ପୂର୍ବ ସମ୍ବନ୍ଧର ଚିହ୍ନ ଦେବାକୁ ଚାହିଁ ନ ଥିବେ । ଏହି ଭୟ ସ୍ୱାଭାବିକ, ତେଣୁ ସେ ସରସୀର ପୁଅର ଠିକଣା ଦେଇଛନ୍ତି । ଏସବୁ କଥା ମୁଁ ଖାଲି ମନରେ ଭାବିଲି ।

ଆଉ ସବୁ ବିଷୟ ମୋତେ ହରିବନ୍ତଙ୍କୁହିଁ ପଚାରିବାକୁ ହେଲା । ସେ ବେକ ଉପରକୁ କରି କଣ ଭାବିଲେ । ତା ପରେ ଟିକିଏ ରହି କହିଲେ, "ଦେଖନ୍ତୁ ତା ପୁଅ ଶୀନ ବଞ୍ଚିଛି । ତାର ଗୋଟିଏ ଝିଅ ନଷ୍ଟେ ଥିବ ଏଇଠି କୋଉଠି । ମାଷ୍ଟ୍ରାଣୀ ହୋଇ ସିଙ୍ଗପୁରରେ କୋଉ କୋଣରେ ନିର୍ଶ୍ଚିନ୍ତରେ ବିବାହିତ ଜୀବନ ବିତାଉଛି । ସରସୀର ଦୂର ସମ୍ପର୍କର ବନ୍ଧୁବାନ୍ଧବ ଏଇ କୁମଟାରେ ଅଛନ୍ତି । ଆଜି ଦିନକ ତ ଆପଣ ଏଇଠି ରହିବେନା ? ସନ୍ଧ୍ୟାବେଳକୁ ପଚରି ଓଚରି କରି କହିବି ।"

ସେଦିନ ଦିପହରେ ଖାଇବା ପରେ ମୋର ଖୁବ୍ ଫୁର୍ସତ ଥିଲା । କିଛି କାମ ନ ଥିଲା । ବହୁତ ବେଳଯାକେ ତକିଆ ଉପରେ ଭରାଦେଇ ଘରର ମାଲିକ ପରି ଦମ୍ଭେ ଶୋଇଗଲି । ସେଇ ନିଦ ଭିତରେ କେଜାଣି କେତେ ସ୍ୱପ୍ନ ଦେଖିଗଲି । ଯଶୋବନ୍ତ ବାବୁ ଓ ସରସୀଙ୍କର ସ୍ନେହ ସମ୍ପର୍କର ଚିହ୍ନ ମୋର କଳ୍ପନାକାଶରେ ଭାସି ବୁଲିଲା । କମଳମ୍ମା ତୁଳନାରେ ଏକବାରେ ଓଲଟା ଚେହେରା । ତାର ରୂପରେ ସେ ସେମିତି କିଛି ସୁନ୍ଦରୀ ନୁହେଁ । ସଂଗୀତ ଭଲଭାବରେ ଅଧ୍ୟୟନ କରିଛି । କୁଳର ବୃତ୍ତିର ବିରୁଦ୍ଧା ଚରଣ କରି ସେ ଭଲ ଚରିତ୍ର ସ୍ୱଭାବ ପାଇଛି । ସ୍ୱପ୍ନ ତ ! ନିଜର ବନ୍ଧୁଙ୍କ ପ୍ରତି ମୋର ଯେଉଁ ପକ୍ଷପାତ ପୂର୍ଣ୍ଣ ଦୃଷ୍ଟିଥିଲା, ସେଇଟି ସ୍ୱପ୍ନରେ ଏପରି ଚିହ୍ନ ଦେଖାଇଥିବ । ସେହି ଚିହ୍ନରେ ଗୋଟାଏ ବିକୃତ ପ୍ରସଙ୍ଗ ବି ଦେଖାଗଲା । ମୁଁ ଦେଖିଲି ଯେ ମୁର୍ଡ଼େଶ୍ୱର ଓକିଲ ଦିନେ ସରସୀ ଘରକୁ ମୋ ବନ୍ଧୁ ନ ଥିବାବେଳେ ଗଲେ । ସରସୀ ପଚାରିଲା, 'ଆପଣଙ୍କର ଏଠି କଣ ଦରକାର ? ସେ କହିଲେ, 'ମୁଁ ଖାଲି ଦେଖିବାକୁ ଆସିଥିଲି

Digitized by PPRACHIN, SOA

ଯେ ଯଶୋବନ୍ତ ହେଗ୍‌ଡ଼େ ବାବୁ ଏଠାରେ ଅଛନ୍ତି କି ନାହିଁ ?" ସରସ୍ୱୀ ଉତ୍ତର ଦେଲା, "ତାଙ୍କ ସାଙ୍ଗରେ ତାଙ୍କର ଘରେ ଭେଟ କରି ପାରନ୍ତି ।" ତଥାପି ତାଙ୍କୁ ସେଇଠି ଠିଆ ହୋଇଥିବାର ଦେଖି ସରସ୍ୱୀ ରାଗିକରି ତା କବାଟ ବନ୍ଦକରି ନେଲା । ମୁଁ ଗପ ଆଉ ଆଗକୁ କୁଆଡ଼କୁ ବା ଯାଇଥାନ୍ତା । ମୋ ପାଖରେଇ ଶୋଇଥିବା ସତ୍ୟବନ୍ତ ବାବୁ କହିଲେ, "ଆଜ୍ଞା, କଫି ପିଇବାର ବେଳ ହୋଇଗଲାଣି ।'

ମୁଁ ଉଠିଲି । ମୁହଁ ହାତ ଧୋଇ ଜଳଖିଆ ସାରି ମୋ ସାଙ୍ଗ ତାଙ୍କ କାମରେ ବାହାରିଗଲେ, ଆଉ ମୁଁ ବୁଲିବାକୁ ବାହାରି ପଡ଼ିଲି ।

ଗୁଡ଼ାଏ ବାଟ ଯିବାକୁ ଇଚ୍ଛା ନ ଥିଲା । ମନ ତ ପୂରାପୂରି ମୁଗ୍‌ଧ ହୋଇ ଯାଇଥିଲା । ଭାବିଲି ଏଇ ପାଖ ବନ୍ଦରଠାରେ ଯାଇ ବସିବି । ତା'ପରେ ଆସ୍ତେ ଆସ୍ତେ ଚାଲି ଚାଲି ବନ୍ଦର ରାସ୍ତାକୁ ପଳେଇ ଆସିଲି । ଲୁଣିଆ ପାଣିର ସମୁଦ୍ରରେ ଭଟ୍ଟା ପଡ଼ି ଯାଇଛି । ଆଠ ଦଶଟା ନାଆ କାଦୁଅରେ ଲାଖି ଯାଇଛନ୍ତି । ନାଆ ଚାଲିବା ସକାଶେ ସମୁଦ୍ରର ଖାଡ଼ିଆରେ ପାଣି ବେଶି ନ ଥିଲା । ଆଣ୍ଠିଏ ଆଣ୍ଠିଏ ପାଣିରେ କେଉଟ ପିଲା-ମାନେ ଗ୍ରେଟ ଗ୍ରେଟ ଜାଲ ହାତରେ ନେଇ ମାଛ ଧରୁଥାନ୍ତି । ଜାଲରେ ପଡ଼ି ଗ୍ରେଟ ଗ୍ରେଟ ମାଛଗୁଡ଼ାକୁ ହାତ ପୂରାଇଲେ ଡେଇଁ କରି ନିଜକୁ ବଞ୍ଚାଇବାର ଚେଷ୍ଟା କରୁଥାନ୍ତି—ସେଦିନ ତାଙ୍କର ପରମାୟୁର ଶେଷଦିନ । ଡେଇଁକରି ତଳକୁ ପଡ଼ିଲା-ବେଳକୁ ସେଇ କେଉଟଙ୍କ ହାତରେଇ ପଡ଼ିଲେ । ସେମାନେ ତାଙ୍କ ଗାଲସିରେ ନଡ଼ିଆ ଖଡ଼ିକା ଦେଇ ମାଳ ଗୁନ୍ଥୁଥିଲେ । କେହି କେହି ଦରମରି ବି ଥାଆନ୍ତି । ସେଇ ମାଳ ଭିତରେଇ ତାଙ୍କର ଛଟର ପଟର ଦେଖା ଯାଉଥାଏ । ସେଇ ଦୃଶ୍ୟକୁ କୌତୂହଳୀ ହୋଇ ଦେଖୁ ଦେଖୁ ମୁଁ ଦ୍ରବିତ ହୋଇ ପଡ଼ିଲି । ନିଜ ମୁହଁ ବୁଲାଇ ନେଲି । ଭାବିଲି, ମରିଗଲେ ତ ତାଙ୍କର ଛଟର ପଟର ବନ୍ଦ ହୋଇଯିବ ।

ମୋର ଆଉ କାମ କଣ ଥିଲା ? ଖାଡ଼ିଆକୁ ଦେଖୁଥାଏ, ବାଟଗଲା ଲୋକ-ବାକ କି ଗାଡ଼ି ଘୋଡ଼ାଙ୍କୁ ଦେଖୁଥାଏ । ଗୋଟିଏ କେଉଟ ପିଲା ଆସିକରି ନଈକୂଳରେ ବସି ପଡ଼ିଲା । ଅଣ୍ଟାର ଗାଞ୍ଜିଆ ଅଣ୍ଡାଳି ତହିଁରୁ ଗୋଟିଏ ପୋକ ବାହାର କରି ବନଶୀରେ ଲଗାଇ ବନଶୀ ପାଣିରେ ପକାଇ ତପସ୍ୟାରେ ବସିଗଲା । ମୋର ବି ତପସ୍ୟା, ତାର ବି ତପସ୍ୟା । ତା ତପସ୍ୟାର ଫଳ ହେଲା ଆଠ ଦଶଟା ମାଛ । ଗୋଟିଏ ତ ଛଅଇଞ୍ଚ ଲମ୍ବର । ଆଉ ମୋ ତପସ୍ୟାର କି ଫଳ ? ମନକୁ କିଛି ନା କିଛି ଚିନ୍ତା ଆସୁଥିବ, ଆଉ ମୁହୂର୍ତ୍ତେ କି ଦୁଇ ମୁହୂର୍ତ୍ତ ରହିକରି ଦାଗ କାଟି ଚାଲି ଯାଉଥିବ । ଏସବୁ ଚିନ୍ତା ମୋ ବନ୍ଧୁଙ୍କର ପୂର୍ବ ଇତିହାସ ସଙ୍ଗେ ସମ୍ପୃକ୍ତ ଘଟଣାଥିଲା ।

Digitized by PPRACHIN, SOA

ଏସବୁ ମୋର ଅପରଚିତ ହେଲେ ବି, ମୋର କଳ୍ପନାପ୍ରସୂତ । ତା'ହେଲେ କଣ ମୋର ଧ୍ୟାନରୂପକ ବନ୍ଦନାରେ ଗୋଟିଏ ମାଛି ପଡ଼ିଲେନି ? ମୁଁ କେତେବେଳ ଯାକେ ସେଇମିତି ବସିଥିଲି ଜଣାନାହିଁ; କିନ୍ତୁ ସନ୍ଧ୍ୟା ଘନେଇ ଆସିବା, ଅନ୍ଧାର ହୋଇ ଆସିବା ଜଣା ପଡ଼ିଗଲା । ସେଇମିତି ବୋକାଙ୍କ ପରି ଠିଆହୋଇ ରହିଲି, ଆଉ ତାପରେ ସତ୍ୟବନ୍ତବାବୁଙ୍କ ଘର ଆଡ଼କୁ ବାହାରିଲି । ବାଟରେ ସୀତାରାମ ହେଗଡ଼େ କୋଉ ସାଙ୍ଗ ସାଙ୍ଗରେ ମୋ ଆଗରେଇ ଯିବାର ଦେଖିଲି । ସେ ନିଜେ ମୋ ସାଙ୍ଗରେ କିଛି କଥା କହିଲେନି, ମୋର ବି କଥା କହିବାର ଅବସ୍ଥା ନ ଥିଲା । ବନ୍ଧୁଙ୍କ ଘରକୁ ଯାଇ ଆରାମ ଚଉକି ଉପରେ ବସିପଡ଼ିଲି ଓ ନିଦ ଆସିଗଲା ।

ନିଦ ଭାଙ୍ଗିଲାବେଳକୁ ଆଠଟା ବାଜିଲାଣି । ମୋ ପାଖରେ ସତ୍ୟବନ୍ତବାବୁ ପାନଗୁଆ ଖାଇବାକୁ ବସିଥିଲେ, ତଥାପି ମୋତେ ସେ ଉଠାଇଲେ ନାହିଁ । ମୋ ନିଦ ଭାଙ୍ଗିବାରୁ ସେ କହିଲେ, "କଥା କଣ, ଆଜି ଆପଣଙ୍କର ନିଦ ଉପରେ ନିଦ ମାଡ଼ି ଆସୁଛି ଯେ ? ଦି'ପହରବେଳେ ଏତେ ଶୋଇଲେ । ଖୁବ୍ ହାଲିଆ ହୋଇଛନ୍ତି ନା କଣ ?"

ତାଙ୍କ କଥା ମୋ ମଗଜରେ ପଶିବାକୁ ମୁହୂର୍ତ୍ତି ଦି ମୁହୂର୍ତ୍ତି ଲାଗିଲା ।

"ହଁ ଖୁବ୍ ନିଦ ମାଡ଼ୁଛି । କାଲି ରାତି ସାରା ତ ମୁଁ ପ୍ରାୟ ଚେଇଁକରି ରହିଛି । ନିଦ ଯେ ବିଲ୍‌କୁଲ ଆସିନି ତା ନୁହେଁ, ତେବେ କେତେ ରକମର ଦୁଶ୍ଚିନ୍ତା ।"

"ଆପଣ ବି କେମିତି ଭଲା । ସେ ମୁଡ଼େଶ୍ୱର ଓକିଲଟା କ ସ୍ୱେ ସୀତାରାମ ମା'ଟା କଣ ଆପଣଙ୍କ ବନ୍ଧୁଙ୍କ କଥା ସ୍ୟାଡ଼ୁ ସ୍ୟାଡ଼ୁ କହିଦେଲେ, ସ୍ୱେ ସବୁ ଶୁଣିକରି ବିଚଳିତ ହେଲେ ଚଳିବନି ? ନା, ଜମା ନୁହେଁ । ଆହେ, କୁକୁର ଭୁକିଲେ କଣ ସ୍ୱର୍ଗ ଖରାପ ହୋଇଯିବ ନା କଣ ? ଏମାନେ ଯାହା କହିବାର କହନ୍ତୁ, ମୁଁ ତ କହୁଚି ଯଶୋବନ୍ତ ହେଗଡ଼େ ଗୋଟାଏ ସୁନା ପରି ଲୋକଥିଲା । ତାଙ୍କର ମୋର ସେମିତି କିଛି ଅନ୍ତରଙ୍ଗ ସମ୍ପର୍କ ବା ବେଭାର ତ ନଥିଲା, ତେବେ ବି ମୁଁ ତାଙ୍କ ବିଷୟ ଜାଣିଚି ଆଉ ମୁଁ ତାଙ୍କୁ ଦେଖିଚି ।" ସେ ମୋର ମନର ବ୍ୟଥା କମାଇବାକୁ ଚେଷ୍ଟାକଲେ ।

ମୁଁ ପଚାରିଲି, "ଆପଣ କଣ କିଛି ତାଙ୍କମାନଙ୍କ ବିଷୟରେ ପଚରା ଓଚରା କରି ଆସିଚନ୍ତି ?"

"ହଁ, ପଚାରିଚି । ଏଇଲା ଆପଣ ସିଧା ଗାଁକୁ ଯାଇ ପାରନ୍ତି । ସିଦ୍ଧପୁର ଫିଦ୍ଧପୁର ଯିବାର କଷ୍ଟ କରିବା ଦରକାରନାହିଁ । ଶୁଣିଲି ସେଇ ସରସୀ ମରିବାର

Digitized by PPRACHIN, SOA

ଦୁଇ ତିନି ବର୍ଷ ହୋଇଗଲାଣି । ତା ପୁଅ ଶ୍ରୀନ୍ ସିଙ୍ଗପୁର ପାଖର କୋଡ଼କଣୀ ଗାଁରେ ଅଛି । ଏଠି ବି ତିନିଟା କୋଡ଼କଣୀ ଅଛି । ସେ ଅଛି ସିଙ୍ଗପୁର କୋଡ଼କଣୀରେ ।"

"ସତେ ?" ମୁଁ ଚକିତ ହୋଇ କହିଲି । ଏତେ କଥା ଜାଣିବା ପରେ ତା କଥା ଜାଣିବାର ଆଗ୍ରହ ହେଲା ।

"ଏଇଲା ଆଉ ସେ ନାହିଁ; କିନ୍ତୁ ତା ପୁଅ ଅଛି । ତା ଝିଅ ବି ଅଛି । ଏବେ ତାର ସାଣେକଣ୍ଟାରେ ବସତି ହୋଇଛି । ସ୍ୱାମୀ ସ୍ତ୍ରୀ ଗୋଟିଏ ଗାଁରେ ଶିକ୍ଷକତା କରୁଛନ୍ତି । ଯଦି ଆପଣଙ୍କର ବେଶି କୌତୂହଳ ଥାଏ, ତା ହେଲେ ସାଣେକଣ୍ଠା ଯାଆନ୍ତୁ । ଗୋକର୍ଣ୍ଣି ପାଖରେ ପଡ଼ିବ । ଗୋକର୍ଣ୍ଣିଠାରୁ ଦୁଇ ତିନି ମାଇଲ୍ ଦୂର ପଡ଼ିବ । ସେଠିକି ଯିବାକୁ ବସ୍ ବି ମିଳିବ । ନାହିଁ ଯେବେ ମନ ହୁଏ, ତ ମିର୍ଜାନ ତରନର୍ଟ ନାଆରେ ବସିକରି ବି ସଣେକଣ୍ଠା ଯାଇ ପାରିବେ । ତାଙ୍କ ଝିଅ ଜୋଇଁଙ୍କ ସାଙ୍ଗରେ ବି ଦେଖା କରି ଆସନ୍ତୁ ।"

"ହଁ । ଏମିତି ବି କରିହେବ, ନା ?"

"ସତରେ ଯିବେ ନା ? ଆପଣଙ୍କର ଯୋଉ ଜିଦ୍ ।"

"ସରସୀର ଝିଅ ମୋ ବନ୍ଧୁଙ୍କର ଝିଅ ନା ନାହିଁ ? ମୋ କହିବା କଥାଟା ବୁଝିଲେନା ? 'ସରସ' ଶବ୍ଦର ବିପରୀତ ହେଲା 'ବିରସ' । ଦାମ୍ପତ୍ୟ ଶାସ୍ତ୍ରୋକ୍ତ ହିଁ ହୋଇଥିବ, ଏମିତି କିଛି କଥା ନାହିଁ ତ । ଶାସ୍ତ୍ରୋକ୍ତ ଦାମ୍ପତ୍ୟର ଗୋଟିଏ ଫଳ ତ ଆପଣ ଆଖି ଆଗରେ ଦେଖିଚନ୍ତି । ତା ପରେ ମୋର ସ୍ଥାଇ ବି ଜାଣିବାକୁ ଇଚ୍ଛା ଯେ ମୋ ବନ୍ଧୁଙ୍କର ଗାନ୍ଧର୍ବ-ଦାମ୍ପତ୍ୟ କେମିତି ହୋଇଥିବ ?"

"ଭଲ ମନ୍ଦ, ମିଶାମିଶି । ମଙ୍ଗଳସୂତ୍ର ବନ୍ଧା ହେଲା କି ନ ହେଲା, ଖାଲି ଏଇଥିରୁ ସ୍ୱାମୀ ସ୍ତ୍ରୀଙ୍କର ମେଳ ବିଷୟ କିଛି ବୁଝିହୁଏନା । ସ୍ୱା ଛଡ଼ା ସ୍ୱା ବି କହି ପାରିବେନି ଯେ ଭଲ ମଣିଷଙ୍କ ପିଲାଛୁଆ ଭଲ ହେବେ, ମନ୍ଦଲୋକଙ୍କର ପିଲାଛୁଆ ମନ୍ଦ ହୋଇଥିବେ ।"

"ସେ କଥା ତ ଠିକ୍ ।"

"ତା ହେଲେ ଯିବେ କହୁଚନ୍ତି ?"

"ସାଣେକଣ୍ଠା ବୁଲିଆସେଁ ।"

Digitized by PPRACHIN, SOA

"ସେଠିକି ଯିବେ; ହେଲେ ଖାଇବା ? ଘରୁ ହବା ଆଗରୁ ଫେରି ପାରିବେ ଯେ, ଦ୍ୱିପହରକୁ ଉପାସ । କାଲି ସକାଳଉଁ ଗଲେ…

"ଓଳିଏ ବଖତେ ନ ଖାଇଲେ କଣ ହେଇଯିବ ?

"ଧୀରେଶ୍ୱର ଶୀନ୍ ସାଙ୍ଗରେ ଦେଖା କରିବାକୁ ଯିବା ଦରକାରନାହିଁ । ସେ ବି ବହୁତ ଦୂରରେ ଥାଏ ।"

"ଏ ବିଷୟରେ ମୁଁ କିଛି ଠିକ୍ କରି ପାରିନି । ମୋର ଅନୁମାନ, ସେ ମୋତେ କିଛି ଠକେଇଛି ।" କହି ତା ବିଷୟ ସଂକ୍ଷେପରେ କହିଦେଲି । "ମା' କହିଲା, "ବଡ଼ ଉପକାର ହେଲା । ଦି ଦିନ ଖାଇବା ଗୁଡ଼ିକ୍ଷୁ ।" ଏହିପରି ତା ଚିଠିରେ ଲେଖା ଥିଲା । ଏକରେ ତା ମା ମରିବା କଥାଟା ମିଛ କି ସେ ସତକୁ ଲୁଚେଇଛି । ଆଉ ଗୋଟେ ଜାଗାରେ ବି ମୋତେ ଏଇମିତି ଠକା ହେଇଥିଲା, ସେଠି କୌଣସି ପ୍ରକାରେ ମୁକୁଳିଲି । ତେଣୁ ଶୀନ୍ କୋଉଠି ଅଛି, ତା ପାଖୁ ଯିବାକୁ ସେତେ ମନ ନାହିଁ । ତେଣୁ ତାଙ୍କ ଝିଅ ପାଖୁ ଯାଇ ଦେଖି ଆସେଁ । ସେ ସାଣେକଟଣ୍ଟାରେ ଅଛି କହିଲେ ନା ?"

"ହଁ । ଲୋକେ କହୁଛନ୍ତି ସେଠିକାର ଇସ୍କୁଲରେ କାମ କରେ । ଇସ୍କୁଲ୍ ବି ରାସ୍ତା ପାଖରେ । ଗ୍ରେଟିଆ ଇସ୍କୁଲଟିଏ ।"

ତହିଁ ଆରଦିନ ସକାଳୁ ଉଠି ମୁହଁ ହାତ ଧୋଇଲି । ତା'ପରେ କୁମଟାରୁ ଗୋକର୍ଣ୍ଣକୁ ପହଲି ବସ୍‌ଟା ଧରିଲି । ଲମ୍ବା ଯାତ୍ରା ନୁହେଁ । ସକାଳ ଓଳି, ଅନ୍ଧାରେ ଅନ୍ଧାରେ ଯାତ୍ରା । ରାସ୍ତା ଦିକଡ଼େ ଗଛବୃକ୍ଷ, ପାହାଡ଼ୀ ଅଞ୍ଚଳ । ତା'ପରେ ନଈ ପାର ହବାକୁ ଘାଟ ଆସିଲା । ତା ପରର ବାଟଘାଟ ମନକୁ ତୃପ୍ତି ଦେଲା । ମୋ ମନର ଗଲା ଦୁଇ ଦିନର ଯୋଉ ବ୍ୟଥା ଓ ଦୁଃଖ ଥିଲା, ସେସବୁ ଆପେ ହଜେଇ ଗଲା । ନାଆରେ ନଈ ପାର ହେବାରେ ଟିକଏ ଡେରି ହେଲା, ନହେଲେ ମୁଁ ନଅଟା ଆଗରୁ ପହଞ୍ଚିଯାଇ ପାରିଥାନ୍ତି ସାଣେକଟ୍ଟା । ଶେଷକୁ ସାଢ଼େ ନଅଟା ସରିକି ଯାଇ ଇସ୍କୁଲ୍ ଆଗରେ ବସ୍ ଅଟକାଇ ଓହ୍ଲାଇ ପଡ଼ିଲି । ଇସ୍କୁଲ୍‌ର କବାଟ ଏଯାକେ ବନ୍ଦ ଅଛି । ଏକଣ ? ଏଡ଼େ ଡେରିଯାକେ କଣ ଇସ୍କୁଲ ଖୋଲି ନାହିଁ ! ପିଲାଙ୍କର ଆସିବାର ବେଳ ହେଲାଣି— ଏମିତି ଭାବି ଭାବି ଚଉତରା ଉପରେ ବସି ପଡ଼ିଲି । ଅଧଘଣ୍ଟା ଗଲା । ମୁଁ ଯାହାଙ୍କ ସାଙ୍ଗରେ ଦେଖା କରିବାକୁ ଆସିଥିଲି ସେଇ ଚନ୍ଦ୍ରମତୀ କି ଗ୍ରୁସଗ୍ରୁବୀ କେହି ଏଣେ ଆସିଲେ ନାହିଁ—କାହାରି ଆସିବା ଲକ୍ଷଣ ବି ଦେଖାଯାଉ ନ ଥିଲା । ଆଜି ଇସ୍କୁଲ୍

Digitized by PPRACHIN, SOA

ଛୁଟି ନୁହେ ତ ?—ଭାବୁ ଥାଏ । ସେଇଠୁ ଯାଇ ମନେ ପଡ଼ିଲା, ଆଜି ତ ରବିବାର— ଆଜି ଛୁଟି ଦିନ । ମନରେ ଅବଶୋଷ ହେଲା, ପାଖଆଖ ଲୋକଙ୍କୁ ଏହି ଦମ୍ପତିଙ୍କ ଘର ନ ପଚାରି ଏତେଗୁଡ଼ାଏ ସମୟ ଅଯଥା ନଷ୍ଟକଲି । ସେଠୁ ବାହାରିଲି । ଶହେ ଗଜ ଦୂରକେ ଗୋଟିଏ ଦିଓଟି ଘର ଦେଖାଗଲେ । ଚନ୍ଦ୍ରମତୀ ମାଷ୍ଟ୍ରାଣୀର ଘର କୋଉଟା ?—ପଚାରିବାକୁ ବସିଚ, ମନରେ ଗୋଟାଏ ସନ୍ଦେହ ଆସିଲା, ସତ୍ୟବନ୍ତ ବାବୁ କଣ ଗୋଟାଏ ନାଁ କହିଥିଲେ । ଚନ୍ଦ୍ରମତୀ ନା ଇନ୍ଦୁମତୀ ? ମୁଁ ଦୋ ଦୋ ପାଞ୍ଚ ହେଲି । ସେଇ ଦୋ ଦୋ ପାଞ୍ଚ ଭିତରେ ଚାଲି ଚାଲି ହୋଇ ଯୋଉ ଘର ଆଗରେ ପାଇଲି ସେଇଠେଇଁ ଠିଆ ହୋଇଗଲି । ଘରୁ କିଏ ବାହାରି ଆସିବେ, ଏହାରି ଅପେକ୍ଷା କରି ଲାଗିଲି; କିନ୍ତୁ କିଏ କାହିଁକି ଆସିବ ବା କବାଟ ଖୋଲିବ । ମୁଁ ବଡ଼ ପାଟିରେ ଡାକିଲି, "ଇସ୍କୁଲ ମାଷ୍ଟରବାବୁ କୋଉଠି ରହନ୍ତି ?" ଗୋଟିଏ ମାଇପି ବାହାରିକି ଆସି କହିଲା, "ମାଷ୍ଟରବାବୁ ସକାଳୁ ଗୋକର୍ଣ୍ଣ ଯାଇଛନ୍ତି ।"

ମନରେ ଆଉ ଗୋଟିଏ ଆଘାତ ପାଇଲି । ସେ ସେଇଠି ଠିଆ ହୋଇଥାଏ । ଏଥିରେ ଆଉ ସନ୍ଦେହ ରହିଲାନି ଯେ ସେଇ ଗୋଟାକ ମାଷ୍ଟରବାବୁଙ୍କର ଘର । ମୁଁ କହିଲି, "ମୋର ମାଷ୍ଟରବାବୁଙ୍କ ସାଙ୍ଗରେ କାମ ନ ଥିଲା । ସେଇ ଇସ୍କୁଲ୍‌ରେ ଜଣେ ମାଷ୍ଟ୍ରାଣୀ କାମ କରନ୍ତି ।" ସେ ବୋଧେ ସଂଶୟ ସକାଶେ କିଛି କହିଲା ନାହିଁ । ମୁଁ ତାକୁ ଚାହିଁଥାଏ । ସେ ବି ମୋତେ ଚାହିଁଥାଏ ।

"ଆପଣ କୋଉ ଗାଁର ? କାହାକୁ ଚାହୁଁଛନ୍ତି ?" ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

ତା ମୁହଁକୁ ଚାହିଁ ମୁଁ ଉତ୍ତର ଦେଲି, "ମା', ମୁଁ ତାଙ୍କ ନାଁଆ ପାସୋରି ଯାଇଛି । ଚନ୍ଦ୍ରମତୀ କି ଇନ୍ଦୁମତୀ ହେବେ ପରା । ମୁଁ ଆଉ ଗାଁର ଲୋକ । ଗୋଟେ କାମ ସକାଶେ ତାଙ୍କୁ ଖୋଜୁଛି । ଏ ଇସ୍କୁଲରେ ଦିଜଣ ମାଷ୍ଟ୍ରାଣୀ ଅଛନ୍ତି ନା ସେଇ ଗୋଟିଏ ?"ସେ ହସିଲା । ସେଇ ଝଲକାକ ହସରୁ ଝଟକରି ହୋନଗଳ୍ଚେ ଜଳଜାକ୍ଷୀର ଛାୟା ଫୁଟି ଉଠିଲା ।

ସେ ତାପରେ ପଚାରିଲା, "ଆପଣଙ୍କ ନିବାସ ?" ନାମ ?" ମୁଁ ଦୁଇଟାଯାକ କହିଲି । ଦୁଇଟି ସାଙ୍ଗରେ ପୂର୍ବ ପରିଚିତ ହେବା ଭଳି ସେ କହିଲା, "ଆସିବା ହୁଅନ୍ତୁ, ଏଇ ସେ ଘର ।" ମୁଁ ଆଶ୍ଚର୍ଯ୍ୟ ଚକିତ ହୋଇ ଦୁଇ ପାଦ ଆଗକୁ ଚାଲିଗଲି । ସେ କହିଲା, "ଆସନ୍ତୁ ଆପଣଙ୍କ ନାଁ ଶୁଣିଛି । ଆପଣଙ୍କ ବହି ବି ପଢ଼ିଛି ।" ମୋର ମନରେ ଖୁବ୍ ଭରସା ଆସିଲା । ପାହାଚ ଉପରେ ଚଢ଼ି ବାରଣ୍ଡାରେ ପହଞ୍ଚିଗଲି । ସେ

Digitized by PPRACHIN, SOA

ଗୋଟିଏ ବେଞ୍ଚ୍ ଦେଖାଇ କହିଲା, "ବସନ୍ତୁ । ମୁଁ ଚନ୍ଦ୍ରମଣି ନୁହେଁ, ମୋ ନାଁ ଇନ୍ଦୁମତୀ । ମୁଁବି ମାଷ୍ଟ୍ରାଣୀ । ମୋ ସ୍ୱାମୀ ବି ସେଇଠି ମାଷ୍ଟର । ଆପଣ ତାଙ୍କ ସାଙ୍ଗରେ ଭେଟିବାକୁ ଆସିଛନ୍ତି ?"

"ନା । ଆପଣଙ୍କ ସାଙ୍ଗରେ ।"

"ମୋ ସାଙ୍ଗରେ ?"

"ହଁ ମା । ଆପଣ ମୋର ବନ୍ଧୁଙ୍କର ଝିଅ । ଏଇଥିପାଇଁ ଆସିଛି । ଆଉ କିଛି କାମ ନାହିଁ । ଖାଲି ଏଇଥିପାଇଁ ଆପଣଙ୍କର ବଡ଼ ଭାଇ ଶୀନ୍ ମୋ ପାଖକୁ ଚିଠି ପତ୍ର ଲେଖେ । ମୁଁ କୁମୁଠା ଆସିଥିଲି । ସତ୍ୟବନ୍ତ ବାବୁ କୁଆଡ଼ୁ ପଚରା ଉଚରା କରି କହିଲେ ଆପଣ ଏଠି ଅଛନ୍ତି । ତା'ପରେ ଦେଖା କରିବାକୁ ମନ ହେଲା । ଆସିଲି ଚାଲି ।"

"ଶୀଣନ୍ମା ସାଙ୍ଗରେ ପରିଚୟ ଅଛି ?"

"ସିଧା ପରିଚୟ ହୋଇନାହିଁ । ଚିଠିପତ୍ର ଦେଇ ପରିଚୟ ଅଛି । ପ୍ରତ୍ୟକ୍ଷ ଦେଖା ହୋଇନାହିଁ । ଆପଣଙ୍କ ବାପାଙ୍କ ସାଙ୍ଗରେ ବହୁତ ଦିନ୍ରା ପରିଚୟ ଅଛି ।"

ସେ ତା ମୁହଁ ତଳକୁ ପୋତିଦେଲା । ଦୁଇ ମୁହୂର୍ତ୍ତ ଚୁପ୍ ରହିଲା ।

"ଆପଣ କିଛି ହେଲେ ସଙ୍କୋଚ କରିବେନାହିଁ । ମୁଁ ଯଶୋବନ୍ତ ରାୟ ବାବୁଙ୍କର ପରମ ବନ୍ଧୁ ଜଣେ ।"

ସେ ନଇଁକରି ମାଟି ଉପରୁ ଦଫୁଟ ଉଞ୍ଚ କରି ନିଜ ହାତ ଦେଖାଇଲା, "ମୁଁ ଏଡ଼େ ଟିକିଏ ହୋଇଥିଲି, ବାପା ଆମକୁ ଛାଡ଼ି ଚାଲିଗଲେ ।"

"ସେ କଥା ମୁଁ କିଛି କିଛି ଶୁଣିଛି ।"

"ଶୁଣିଛି । ବମ୍ବେରେ କୋଉଠି ରହୁଛନ୍ତି !"

"ଆଉ ନାହାନ୍ତି । ତାଙ୍କର କାଳ ହବାର ବର୍ଷେ ହେଲାଣି ।"

"କଣ କହୁଛନ୍ତି ? ମରିଗଲେ ? ମୋ ମା ତାଙ୍କୁ ଝୁରି ଝୁରି ଦିବର୍ଷ ଆଗରୁ ମରିଗଲା । ଏଇଲା ସେ ବି ଗଲେ ।"

ସେ ଢେର୍ ବେଳ ଚୁପ୍ ରହିଲା । ମୁଁ ବି ଚୁପ୍ ରହିଲି ।

Digitized by PPRACHIN, SOA

"ବଡ଼ଭାଇ ସିଙ୍ଗପୁର ପାଖର କୋଡ଼କଣୀରେ ଅଛୁ । ଆଗେ ମୁଁ ବ ସେଇଠି ଥିଲି, ମା'ଆ ବ ସେଇଠି ଥିଲା । ତାକୁ କୁମଣ୍ଟା ସବୁବେଳେ ମନେପଡ଼ିଲା । ତେଣୁ ଆମ ସମସ୍ତଙ୍କୁ ନେଇ ସେଠିକି ଗଲା । ଶେଷଆଡ଼କୁ ଆମେ ବଡ଼ କଷ୍ଟରେ ଚଳିଚୁ । ଯେତେବେଳେ ପୁରା କାଙ୍ଗାଳ ହେଇଗଲୁ, ସେତେବେଳେ ମୋ ମା କେମିତି ହେଲେ ତାଙ୍କ ଠିକଣା ଜାଣି, ମୋ ବଡ଼ଭାଇକୁ ନେଇ ବମ୍ବେ ଠିକଣାରେ ଖଣ୍ଡିଏ ଚିଠି ଲେଖାଇଲା । ସାଙ୍ଗେ ସାଙ୍ଗେ ସେ ଶହେଟଙ୍କା ପଠାଇ ଦେଲେ । ସେ ଟଙ୍କା ମା'ଆର ଶେଷ ବେଳକୁ କାମରେ ଲଗିଲା । "ତା'ହେଲେ ସେ ଆମକୁ ଭୁଲିନାହାନ୍ତି ।"···କହି କହି ମା ମୋର ଶାନ୍ତିରେ ଆଖି ବୁଜିଲା । ତା'ପରେ ମୁଁ ଏଇ ଖବରଟି ଦେଇ ଚିଠିଖଣ୍ଡେ ଲେଖିବାକୁ ଚାହୁଁଥିଲି; କିନ୍ତୁ ଲେଖି ପାରିଲିନି ! ରୋଜ ଆଜି ଲେଖିବି କାଲି ଲେଖିବି କରି ସବୁ ଭୁଲି ଗଲି । ଭୁଲିବା ଉଚିତ ନଥିଲା; କିନ୍ତୁ ଭୁଲିଗଲି । ଏଇଲା ଯିଏ କହିଦ ଭଗବାନ୍ ଚଳାଉଛନ୍ତି । ମୁଁ ଆଉ ମୋ ସ୍ୱାମୀ ଦୁହେଁ ମାଷ୍ଟର କାମ କରି ଏଠି ସୁଖରେ ଅଛୁ । ବଡ଼ଭାଇ ବ ଠିକ୍ ଚଳିଯାଉଛି । ଗାଆଁରେ ଗୀତ, ତବଲା ଆଦି ଶିଖଉଚି, ଆଉ ଭଲ ଭାବରେ ଘର କରି ରହିଚି ।

ଏତକ କହି ସେ ଘର ଭିତରକୁ ଚାଲିଗଲା । ତା'ପରେ ଟିକିଏ ଚୁଡ଼ାଭଜା, ସିଝା ମୁଗଜାଇ, ଆଉ ଗିଲାସେ ସର୍ବତ ନେଇ ଆସି ମୋ ଆଗରେ ଥୋଇ ମୋ ଦେଶର ଆଉ କଡ଼ରେ ସେ ବ ବସି ପଡ଼ିଲା ଓ ତା ବାପାଙ୍କ ବିଷୟରେ କେତେ କଣ ପଚାରି ଗଲା । ସହଜ ଦାମ୍ପତ୍ୟରୁ ଜାତ ପିଲାଙ୍କ ତୁଳନାରେ ବହୁତ ବେଶି ଆଗ୍ରହରେ ସେ ପଚାରିଲା, ତେଣୁ ମୋର ବ ଯାହା ଯାହା ଜଣାଥିଲା, ମୁଁ କହିଗଲି । ସେ କହିଲା, "ଆପଣ ବୋଲି କେତେ ସମ୍ମାନରେ ଆପଣ କହିଗଲେ । ଆମର କୁଳ କଣ, ବଂଶ କଣ କହିଲେ ! ଆପଣ ଯେତେବେଳେ କହିଲେ 'ତୁମ ବାପା' ସେତେବେଳେ ମୁଁ ଭାବିଲି ସ୍ନେହ କୁଆଡ଼ୁ ଆସିଲେ ମୋତେ ଠଟ୍ଟା କଲାବାଲା । ମୋ ମା ହାତଧରି ବାହା ହବାର ସ୍ତ୍ରୀ କୁ ବଲିକରି ତାଙ୍କ ଉପରେ ବିଶ୍ୱାସ ରଖିଥିଲା; କିନ୍ତୁ ଏ ସଂସାରରେ ତାର କଣ ଦାମ୍ ଅଛି କହନ୍ତୁ ? ଲୋକେ କହନ୍ତି, "ବେଶ୍ୟା" । ମୁଁ କ୍ରୋଧ ହୋଇଥାଏ, ଠିକ୍ ହେଉ ହେଇ ନ ଥାଏ । ମୋ ଲାଗି ସେ ଜୀବନ ଥିଲେ । ମୋ ମା ତାଙ୍କର ପୂଜା କରୁଥିଲା । ଆଉ କିଏ ହେଇଥିଲେ ସେ ଚାଲିଗଲା ପରେ ବ ତାଙ୍କର ସବୁ ସମ୍ପତ୍ତି ଲୁଟି ନେଇ ଠିକ୍ ନିଜ ଜୀବନ ସୁଖମୟ କରି ନେଇଥାନ୍ତା । ମୋ ମା ତା କଲାନାହିଁ । ସେ ଗାଁ ଛାଡ଼ିକରି ଚାଲିଯିବାର କେତେ ବର୍ଷ ପରେ ମା' ମୋତେ ଗୋଟିଏ କଥା କହିଥିଲା । ସେତେବେଳକୁ ମୋର ଟିକିଏ ହେଉ ହେଲାଣି । ସେ କେବେ ମିଛ କହୁନଥିଲା । ବାପାଙ୍କର ନିଜ ପରିବାର ଉପରେ ଘୃଣା ଆସି

Digitized by PPRACHIN, SOA

ଯାଇଥିଲି । କୃମଣ୍ଟା ଗୁଣ୍ଡ଼ ପିବାର ନିଷ୍ପତ୍ତ କରିବା ପରେ ପରେ ବାପା ଆମ ଘରକୁ ଆସିକରି କାନ୍ଦି ଥିଲେ । ସେ କହିଥିଲେ, "ସରସୀ, ମୁଁ ଆଜି ଯାକେ ତମକୁ କିଛି ବି ଅଧିକ ଦେଇନାହିଁ, କି ତମ ପାଇଁ କିଛି କରି ପାରିନାହିଁ । ତଥାପି ତମେ ଅଗ୍ନି ସାକ୍ଷୀ ଦେଇ ସପ୍ତପଦୀ କରି ହାତଧରି ବାହାହେଲି ସ୍ତ୍ରୀକୁ ବଳିକରି ବେଶି ବିଶ୍ୱାସରେ ମୋ ସାଥିରେ ରହିଆସିଚ । ଏଇଲି ମୋର ବନବାସର ପ୍ରସଙ୍ଗ ଆସିଛି । କୁଆଡ଼େ ଯିବି, ତା ମୁଁ ଜାଣେନା । ତମର କଣ ଦରକାର କହି । ଟଙ୍କା ଦରକାର ହେଲେ ଟଙ୍କା ଦେବି । ଘର ଦରକାର ହେଲେ ଘର ତିଆରି କରି ଦେବି । ତମର ଋଣରୁ ବି ମୋର ମୁକ୍ତହେବା ଦରକାର, କି ନାହିଁ ?"

"ଏପରି ମହତ ଲୋକର କଥା କେଉଁଠା ଲୋକଙ୍କ ମୁହଁରୁ ବାହାରିବ ? ମୋ ମା ବି ତାଙ୍କ ଦୁଃଖ କଷ୍ଟ କଥା ଜାଣିଥିଲି । ଟଙ୍କା ପଇସାର ହିସାବ କରି ସେ ବଞ୍ଚିବାବାଲି ? ତେଣୁ ସେ ଏତିକ କହିଲି, "ଆପଣଙ୍କର ବିଶ୍ୱାସ ଅଟଳ ରହୁ, ମୋ ଲାଗି ଏତିକ ଯଥେଷ୍ଟ ।" ତାର କହିବା କଥା ଇଏ । ତେଣୁ ମୁଁ ସ୍ୱାକୁ ସତ ମଣେ । ତା ଉପରେ ମୋର ବିଶ୍ୱାସ ବି ରହିଛି । ମୋ ମା ଭାବିଲି କି ସବୁ ଆମ ହାତରେ ଦେଇ ଏକୁଟିଆ ଯାଇ କୋଉଠି କଣ କରି ରହିବେ ? କହନ୍ତୁ, ତାଙ୍କର ସବୁଠୁଁ ବେଶି ଜୀବନଟାଇ ଭାରି ଲାଗୁଥିଲି । ତେଣୁ ସେ ଜୀବନ ହାରିଦବା ଅବସ୍ଥାରେ ଥିଲେ, ଏ କଥା ବି ମା ମୋତେ କହିଛି ।"

ତାପରେ ଇନ୍ଦୁମତୀ ତା ମା ବାପାଙ୍କ କଥା ମନେ ପକାଇ କାନ୍ଦିଲି । ମୋ ମୁହଁରୁ ବି କଥା ବାହାରିଲି ନାହିଁ । ଲୋକାଗ୍ରହ ମୁତାବକେ ମୁଁ ତାକୁ ବୁଝେଇବା ଭଳି କିଛି କଥା କହିଲି । ହେଲେ ଏସବୁ ଶୁଖିଲି କଥା କଣ ତା ମନର ଦହନ ଲିଭେଇ ପାରେ ? ତା ବଡ଼ ଭାଇ ଯେ ମା ବଞ୍ଚିଛି ବୋଲି ଲେଖିଚ, ସେ କଥା କହିବାକୁ ମନ ବଳାଲିନାହିଁ । ମିଛରେ ତାକୁ କଷ୍ଟ ଦେଇ ଲାଭ କଣ ? ତା ପରେ ମୁଁ ତା କାମ କଥା, ସ୍ୱାମୀ କଥା, ଭଲମନ୍ଦ ପଚାରିଲି । ହଠାତ୍ ସେ କହିଲି, ହଁ "ଆପଣ କହିଲେ ନା ଯେ ବାପାଙ୍କ ସାଙ୍ଗରେ ଆପଣଙ୍କର ବନ୍ଧୁତା ଥିଲି, ପାଞ୍ଚ ଛଅ ବର୍ଷର ଚିହ୍ନା ଜଣା ବନ୍ଧୁତା ଅଛି । ତାଙ୍କର ଗୋଟିଏ ଫଟୋ ଦେଇ ପାରିବେ ?

"ଗୋଟିଏ ଫଟୋ ଅଛି । ତାର କପି କରି ପଠାଇ ଦେବି ।"

"ସତରେ ?"

"ହଁ ସତରେ । ତମ ମା'ଙ୍କ ଛବି ଅଛି ? ମୁଁ ପଚାରିଲି ।

Digitized by PPRACHIN, SOA

"ଗୋଟିଏ ଫଟ ଥିଲା କୋଡ଼କଣୀରେ । ବହୁତ ପୁରୁଣା ଫଟୋ । ସଫା ସୁରୁଖ ନୁହେଁ । କେବେ ଗାଁକୁ ଗଲେ ଆଣିବ ।"

"ଆଣିଲେ ମୋ ପାଖକୁ ପଠେଇ ଦବ । ତାକୁ ନେଇ ଗୋଟିଏ ଭଲ ଚିତ୍ରକର ଲଗେଇ ବଡ ଛବି କରାଇ ଦେବା । ଫଟ ନ ଦେଖିଲେ, କିଛି ପାରିବନି ତାକୁ ନେଇ କଣ କଣ କରି ହବ ।"

"ହଁ ସେଇଟା ଟିକିଏ ଝଲସି ଯାଇଛି ।"

"ହଉ, ମୋ କାମ ବଢ଼ିଲା । ବସ୍ କେତେବେଳେ ଆସିବ ?"

"ବସ୍ ଲାଗି ଚିନ୍ତା କଣ ? କେତେ ଆସିବ, କେତେ ଯିବ । ଆପଣ ଏଇଲା ଯାଇ ପାରିବେନି । ସେ ଏଇଲାଗେ ଆସିଯିବେ । ଆପଣ ତାଙ୍କ ସଙ୍ଗେ ଦେଖା କରିଯିବେ । ସେ ବି ଆପଣଙ୍କ କିଛି ସବୁ ପଢ଼ିଚନ୍ତି ।"

"କିଛି ଲେଖିବାକୁ ସିନା ଏ ଦଣ୍ଡ ମିଳିଲା ।"

"ଆପଣ ଧାରଓ୍ୱାଡ଼ ଆଡ଼ର ଭାଷା କହନ୍ତୁ ।"

"ମୋ ଲାଗି ଧାରଓ୍ୱାଡ଼, କୁମଟା, ମଙ୍ଗଲୁର ସବୁ ସମାନ ।" କହୁଁ କହୁଁ ଗୋଟିଏ ବସ୍ ଆସି ଦ୍ୱାରରେ ଅଟକିଲା । ତା ରହିବାର ଶବ୍ଦ ଶୁଣିଲା ମାତ୍ରେ ଇନ୍ଦୁମତୀ ଖୁସୀ ହୋଇ କହିଲା, "ସେ ଆସିଲେ, ପରି ଲାଗୁଛି", ଆଉ ପାଞ୍ଚ ମିନିଟ୍ ଭିତରେ ମାଷ୍ଟର ବାବୁଙ୍କ ଦର୍ଶନ ବି ମିଳିଗଲା । ଇନ୍ଦୁମତୀ ବାରଣ୍ଡାର ସିଡ଼ିରୁ ଦଉଡ଼ି ଯାଇ ବାହାର ଦରଜା ପାଖକୁ ଦଉଡ଼ିଗଲା ଓ ସ୍ୱାମୀର ଦୁଇ କାନ୍ଧରେ ହାତ ରଖି ମୋ ଆଡ଼କୁ ଦେଖାଇଲା । ସେ ବି ଉତ୍ସାହରେ ଘରର ପାହାଚ ଚଢ଼ି ମୋତେ ନମସ୍କାର କଲା । ଇନ୍ଦୁମତୀ ସ୍ୱାମୀ ଭିତରେ ପରିଚୟ ଦେଇ ସାରିଥିଲା । ସେ ମୋ ସାଙ୍ଗରେ କଥାବାର୍ତ୍ତା କରିବାକୁ ବସିପଡ଼ିଲା, ଯେମିତି କୋଉ କାଳର ଜଣା ଶୁଣା ।

ସେ ଦିନ ଦି'ପହରେ ସେଇଠି ଭୋଜନ କଲି । ତା ପରେ ବି ବହୁ ସମୟ ମତେ ସେଠୁ ଛାଡ଼ିଲେ ନି । ମୋ ଗାଁ କଥା ପଚାରିଲେ, ମୋ କଥା ପଚାରିଲେ । ସନ୍ଧ୍ୟା ବେଳକୁ ଦୁହେଁ ମୋତେ ସାଣେକଟ୍ଟାର ଲବଣାଗାର ନେଇଗଲେ । ବଡ଼ ବଡ଼ କିଆରୀରେ ଲୁଣିପାଣି ସଂଗ୍ରହ କରି, ତାକୁ ଶୁଖାଇ ଲୁଣ ତିଆରି କରିବା ସେ ସ୍ଥାନରେ ଗୋଟାଏ ବିଶେଷ ମହତ୍ତ୍ୱ । ଲୁଣର ଗଦାଗୁଡ଼ିକ କାଚର ପରି ନିର୍ମଳ ଉଜ୍ଜ୍ୱଳ ଦିଶୁଥିଲେ । ସନ୍ଧ୍ୟା ବେଳଯାଏ ମଉଜରେ ଗପ କଲୁ । ସୂର୍ଯ୍ୟାସ୍ତ ପରେ ଯାଇ ଘରକୁ ଫେରିଲୁ ।

Digitized by PPRACHIN, SOA

ଇନ୍ଦୁମତୀ ଓ ମୋ ବନ୍ଧୁଙ୍କ ଝିଅ କଳକାକ୍ଷୀର ସ୍ୱଭାବ ଗୁଣ ଭିତରେ ମୁଁ ବେଶ୍ କିଛି ସାମ୍ୟ ଦେଖିଲି । ଇନ୍ଦୁମତୀର ବର୍ଣ୍ଣ କଳକାକ୍ଷୀଠାରୁ କିଛି ମଇଳା ପଡ଼ିବ । କିନ୍ତୁ ଗୁଲିଚଳନ ଓ କଥାବାର୍ତ୍ତା ଭିତରେ ସେହିକ ସୁଲକ୍ଷଣ ଥିଲା । ତଫାତ୍ ଖାଲି ଏତିକି ଯେ କଳକାକ୍ଷୀ ତିନି ତିନିଟା ପିଲାଙ୍କୁ ଜନ୍ମ ଦେଇଛି ଓ ସଂସାରର କେତେ ଦୁଃଖ କଷ୍ଟ ପାଇଛି ।

କିନ୍ତୁ ଇନ୍ଦୁମତୀ ଦାମ୍ପତ୍ୟର ଆରମ୍ଭରେ ଠିଆ ହୋଇଛି । ବାଲ୍ୟର ଗୃହକାଳ ଶେଷ ହୋଇଛି, ଯୌବନର ଶୁଭୋଦୟ ହୋଇ ସାରିଛି । ତା ହାତ ଧରିଥିବା ସଦାନନ୍ଦ ତାର ଅନୁକୂଳ ସହଚର ପରି ଲାଗୁଛି । ବଙ୍କତାହୀନ ଅକପଟ ସରଳତା ଦୁହିଁଙ୍କ ଭିତରେ ରହିଛି ।

ତହିଁଆରଦିନ ସକାଳୁ ମୁଁ ସାଣେକଛାରୁ ବସ୍‌ରେ ବସିଲି । ଦୁହେଁ ଏକାଠି ମୋତେ ବଳେଇ ଦେଲେ । ବାହାରିଲାବେଳେ ଇନ୍ଦୁମତୀ ମନେ ପକାଇ ଦେଲା, "ଫଟୋ କଥା ମନେଥିବ ତ ?" କୁମଟା ଆସି ଯୋଉ ଗୁରିଟା ଦିନ ମୁଁ କଟାଇଲି ତା ଭିତରେ ଯାହା ଯାହା କଲି, ଦୁଃଖ ଭୋଗ କଲି, ସୁଖ ପାଇଲି, ସବୁ ମନର ତରାଜୁ ଧରି ଓଜନ କରିଗଲି । ସେ ହିସାବରୁ ଦେଖିବାକୁ ଗଲେ ମୋର ଲାଭ ହିଁ ହୋଇଛି । ଦୁନିଆଁରେ ଦୁଃଖର ଦଶଘଡ଼ିକୁ ସୁଖର ଘଡ଼ିଏ ସମାନ, ଯାହା କହନ୍ତିନ ? କୋଟି କୋଟି ଆଖିଲୁହର ବିନ୍ଦୁ ବଦଳରେ ଗୋଟିଏ ହସ । ହଜାର ଅଶାନ୍ତ ମହୂର୍ତ୍ତ ବଦଳରେ ଗୁରି ପାଞ୍ଚଟି ଶାନ୍ତ ପ୍ରସଙ୍ଗ ରହିଛି । ସେପରି ସ୍ଥଳେ, ମୋର ପ୍ରେତ ପ୍ରବାସରୁ ବିଶେଷ ଲାଭ ନାହିଁ କି ?

ବୋଧହୁଏ ସେଇଥିପାଇଁ କୁମଟା ଫେରିଆସି, ସଭ୍ୟବନ୍ତ ବାବୁଙ୍କଠାରୁ ବିଦାୟ ନେଇ ତହିଁ ଆର ଦିନ ସକାଳେ ବସରେ ବସି ଯେତେବେଳେ ନିଜ ଗାଁକୁ ପ୍ରସ୍ଥାନ କଲି, ବାଟରେ ମୋ ମନରେ କୌଣସି ପ୍ରକାର ଓଜନ ନଥିଲା । ଆସିବା ସମୟରେ ବସ୍ ଯାତ୍ରାରେ ଯେଉଁ କ୍ଲାନ୍ତି, ଗରମର ଛଟପଟ, ଫେରିବାବେଳେ ତାର ଦେଖା ନଥିଲା । କୁମଟାରୁ କୁନ୍ଦାପୁର ପହଞ୍ଚିଲି । ତା ପରେ ଏଠି ସେଠି ବୁଲି ବୁଲି ସଞ୍ଜ ବେଳକୁ ଭୂଲି ଭୂଲି ନିଜ ଗାଁରେ ପହଞ୍ଚିଲି ।

ଘରେ ପହଞ୍ଚିଲା ପରେ ତ ମୋ ମନରେ ଏତେ ଉତ୍ସାହ ହୋଇଥିଲା ଯେମିତି କୋଉ ଦିଗ୍‌ବିଜୟ କରି ଫେରିଛି । ଏଇଲାଗି ତ ମୁଁ ମୋ ବନ୍ଧୁ ଯଶୋବନ୍ତ ବାବୁଙ୍କ ପୂର୍ଣ୍ଣଚିତ୍ର କଳ୍ପନା କରି ଦେଇ ପାରିବି । କଳ୍ପନାରେ ଯାହା ଦୋଷ ତ୍ରୁଟି ହେବା

Digitized by PPRACHIN, SOA

ସମ୍ଭବ, ତା ସେଥିରେ ଥିବ; କିନ୍ତୁ ସେ କଳ୍ପନା ନିରାଧାର ନୁହେଁ, କିଛି ଏକାଙ୍ଗୀ ଚିନ୍ତା ବି ନୁହେଁ । ପଇସାର ଦୁଇପଟ ମୁଁ ଦେଖିଛି । ଚଳନ୍ତି, ଅଚଳନ୍ତି ପଇସା, ତହିଁରେ ବି ହଜାର ହାତ ବାଜି ଘଷିହୋଇ କାନ୍ତିହୀନ ହୋଇଥିବା ପଇସା ସେ । ଅଖାଡ଼ର ଜୀବନ, ସବୁ ସେଇପରି; କିନ୍ତୁ ଏ ପଇସାଟା କେମିତିକା ? ଚିହ୍ନି ପାରିବାର ଯୋଗ୍ୟତା ମୋର ହୋଇଛି ? କି ଧାତୁରେ ଗଢ଼ା ? କୋଉ ଅମଳର ? କିଏ ମୋହର ଲଗେଇଛି ? ତା ମୂଲ କେତେ ? ଅଚଳ ହୋଇଗଲେ କେତେ ମୂଲରେ ଯିବ ? ଏ ସବୁ ବୁଝାଯାଇ ପାରିବ ତ ?

ମୋର ଏ ପଇସା କିନ୍ତୁ ଅଚଳ ନୁହେଁ । ବାଜେ ପଇସା ପରି କେବଳ ସାଙ୍କେତିକ ପଇସା ବି ନୁହେଁ । କାଗଜର ନୋଟ୍ କେମିତି ! ଟଙ୍କେ, ଦଶଟଙ୍କା, ସେତେବେଳକାର ସ୍ୱୀକୃତ ମୂଲ୍ୟର । କିନ୍ତୁ ମାନିଲେ ଯାଇ ମୂଲ୍ୟ ଅଛି, ନ ମାନିଲେ ତହିଁରେ କାଗଜର ମୂଲ୍ୟ ବି ନାହିଁ । ବିଲ୍‌କୁଲ୍ ଲୁହାର ବି ନାହିଁ । ନିକେଲ ସାଥିରେ କେଜାଣି କେତେ କଣ ମିଶାଇ ତରଳାଇ ବେକାର ଲୁହାରୁ ତିଆରି ପଇସା ବି ଏ ନୁହେଁ । ସେଇଟା ପୁରୁଣା କାଳର ଖାଣ୍ଟି ତମ୍ବା ପଇସା ବି ନୁହେଁ । ଏଣେ କିଛି ଶୁଦ୍ଧ ମୋହର ବି ନୁହେଁ । ଅଳ୍ପ ତାମ୍ର ମିଶ୍ରିତ ସୁନାର ପଇସା ଏ— ମୋର କଳ୍ପନା ଦୃଷ୍ଟିରୁ । ବଣିଆଙ୍କ ପରି ଭରସା ଦେଇ କହିପାରେ ଯେ ଏ ପଇସାରେ ଏତେ ଓଜନର ସୁନା ହେବ । ସ୍ୱାକୁ ଆଉ ଗୋଟାଏ କସଟି ପଥରରେ ଘସିକର ଦେଖିବାକୁ ହେବ ।

ମୋର କସଟି ପଥର ହେଉଛି ଯଶୋବନ୍ତ ବାବୁଙ୍କ ଲିଖିତ ସଂସ୍ମରଣ-ଗ୍ରନ୍ଥ । ନିଜରଚନା ସେ ଲିଖିତ ହୋଇଥିବାରୁ ସେଇଟି କସଟି ପଥର ହୋଇ ପାରିବ । ଆଉ ଗୋଟିଏ କସଟି ଅଛି-ପୁନାର ବିଷ୍ଣୁପନ୍ତ ଘାଟେ । ସେ ଏଡ଼େ ହଇରାଣର ଯୋଗ୍ୟ କି ନୁହେଁ—ତାଙ୍କୁ ଭେଟିବା ଆଗରୁ କହି ହେବ ନାହିଁ, ଆଉ ମୋର ଏତେ ବେଳ ନାହିଁ ଯେ ଦୁଇଚାରି ଦିନ ଭିତରେ ପୁନା ଯାଇ ଏକଥା ମାପି ଆସି ପାରିବି । ସେ ପର୍ଯ୍ୟନ୍ତ ତାଙ୍କ ଡାଇରିର ପୃଷ୍ଠା ଲେଉଟାଇବା ଛଡ଼ା ଆଉ ଗତି ନାହିଁ ।

ସରସୀ ବିଷୟରେ ମୋର ବନ୍ଧୁ କଣ ପ୍ରତ୍ୟକ୍ଷ ବା ଅପ୍ରତ୍ୟକ୍ଷ ଭାବରେ ଦରକାର କଥା ଲେଖି ନ ଥିବେ ? ପ୍ରିୟ ସଂସ୍ମରଣ କଣ ଭୁଲି ଯାଇଥିବେ ? ମୁଁ ଭାବିବାକୁ ଲାଗିଲି । ମୁଁ ତ ତାଙ୍କୁ ଥରକୁ ଥର ଦେଖିଛି, ତେଣୁ ମୋର ମନେ ହେଲା ଯେ କିଛି ବୋଧହୁଏ ଲେଖି ଯାଇ ନାହାନ୍ତି, ତଥାପି ସେଇଟି ଖୋଲି କୌତୁହଳ

Digitized by PPRACHIN, SOA

ହେତୁ ଆଉ ଅନ୍ୟ ପଢ଼ିନେଲି । ଶେଷ ପୃଷ୍ଠା ଯାକେ ବି ଗଲି । ବିଲ୍‌କୁଲ୍ ଶେଷ ପୃଷ୍ଠାରେ ଯେତେବେଳେ ପଢ଼ିଲି, 'ଶିରସିର ନିଜ ଘରେ ଯେତେବେଳେ ବହୁଥିର ହୋଇଗଲି । ଶିରସିଗାଁ ନା ! ସ୍ୱାମୀ ପାଖର ଗାଁ । ସେହିଭାବରେ ଆଗେ ସେ ପୃଷ୍ଠାଟା ଓଲଟାଇ ଯାଇଥିଲି । ସେତେବେଳେ ମୋର ଏ ସତ୍ୟର କଳ୍ପନା ନ ଥିଲା । 'ସିରସି'କୁ 'ସରସୀ' ଭାବରେ ତାକୁ ପୁଣି ପଢ଼ିବାରୁ ମୋତେ ଆଶ୍ଚର୍ଯ୍ୟ ଲାଗିଲା ।

ଶେଷ ପୃଷ୍ଠାଟିକୁ ଡାଇରୀର ପଛ ସାଙ୍ଗରେ ଅଠା ଲଗାଇ ଦେଇଥିଲେ । ତାକୁ ଆସ୍ତେକରି ବାହାରକରି ଦେଖିଲି ସେହି ବିଷୟ ଆହୁରି ଆଗେଇଛି । ଜାଣି ଶୁଣି ସେ ଲୁଚାଇ ରଖିଥିଲେ—ଠିକ୍ ଯେମିତି ନିଜର ଜୀବନରେ ସେହି (ସରସୀ) ସ୍ଥାନଟିକୁ ଲୁଚାଇ ରଖିଥିଲେ । ଗୋଟିଏ ମୁହଁର ରେଖାଚିତ୍ର ବି ତହିଁରେ ଥିଲା ଏବଂ ସେଇଟି ଥିଲା ସରସୀର କୋମଳ, ସୌମ୍ୟ, ସୁଲକ୍ଷଣା, ସୁନ୍ଦର ମୁଖ ।

Digitized by PPRACHIN, SOA

ବାର

"ଜୀବନରେ ମୁଁ ଯେବେ କିଛି ସୁଖ ପାଇଥାଏ, ପାଇଛି ସରସୀ ଘରେ, ମୋର ପାଳିକା ମା ପଦ୍ମତାମ୍ଭା ହାତରେ ।

"ଯେତେବେଳେ ମଲ୍ଲିକା କଥା ଚିନ୍ତାକରେ, ମୋ ମନରେ ଅଲଗା ଭାବନା ଆସେ ଯେ ସେ ନିଜ ପାଇଁ ଜୀଏଁ, ଆମ୍ରବୃକ୍ଷ ସବାଶେ ନୁହେ । ମନକୁ ଶିକ୍ଷା ଦେଇକରି ଆମ୍ବଗଛ ପରି ମୁଁ, ଯେତେ କୁହ ଯାହା କୁହ ସେ ମୋତେଇ ଗୁଡ଼ାଇ ଘେରି ରହିଛି । ଯଦି କହିବ ସେ ଯାହା ଫୁଲ ଫୁଟାଇଛି ସବୁ ତ ମୋରି, ତଥାପି ସେ ଲତା ମୋର ହୋଇ ନ ପାରେ । ଲତାରେ ଫୁଟିଥିବା ଫୁଲ ବି ମୋର ହେଲେନାହିଁ । ତହିଁରୁ ଝଡ଼ିଥିବା ଫୁଲ ବାସ୍ତବିକ ଜଗତରେ ନା ମୋର, ନା ସେ ଲତାର । ଏସବୁ ଫୁଲ ତ ଖାଲି ତାଙ୍କର ଯେ ପିନ୍ଧନ୍ତି କି ପୂଜା ଚଢ଼ାନ୍ତି । ତଥାପି ସେଇ ଫୁଲଙ୍କ କଥା ମୋର ଖାଲି ମନେ ପଡ଼ୁଥିବ, ଆଉ ଲତା ଲାଗି କିଛି ବାକି ରହିଲାନି ଶେଷକୁ !

"ସରସୀ ସେପରି ନୁହେଁ । ଲୋକ କନ୍ଦାର ଶିକାର ହୋଇ ରହିଲେ କଣ ହବ, ସେ ସେପରି ନୁହେଁ । କୁଳ ମାନଙ୍କେ ଶୀଳର ନିର୍ଣ୍ଣୟ କରେନା । ଲିଛୁ ଗଛର ପ୍ରତ୍ୟେକ ଫଳ ଅଲଗା ଅଲଗା ପ୍ରକାରର ହୁଏ । ତାର ଗୋଟାଏ ଫଳ ମଦ ପିଉଥାଏ, ତ ଆଉ ଗୋଟିଏ ଫଳ ତାନପୁରାର ମିଠା ନାଦଲାଗି ପ୍ରେରକ ହୁଏ । ସରସୀ ଏହିପରି ଲିଛୁ । ତାନପୁରାର ତୁଳନା ମୋ ମନକୁ କାହିଁକି ଆସିଲା ? ସେ ମୋ ଲାଗି ତାକୁ କିଛି ଧରି ତା ତାର ବଜାଇବାକୁ ଆସୁଥିଲା, ସେଇଥିପାଇଁ ? ପଇସା ଦେଇ ସଙ୍ଗୀତ ଶୁଣାଯାଇପାରେ । ପଇସା ଦେଇ ଦେହ ସୁଖ ବି ପାଇ ହୁଏ; କିନ୍ତୁ ମନର ସୁଖ ଲାଗି, ହୃଦୟର ଶାନ୍ତି ଲାଗି ମନ ଦେବା ପାଇଁ, ସମର୍ପଣ କରିବା ପାଇଁ କେହି ଥିବା ଦରକାର ।

"ସରସୀ ସେମିତି ନୁହେ ! ତଥାପି ଗୁଡ଼ି ଚାଲି ଆସିଲି । ଯାହା ପୂର୍ବରୁ ମୋତେ ସେ ବି ବିଦାୟ ଦେଲା । ସେ ଯଦି ମନା କରି ଦେଇଥାନ୍ତା, ତା ହେଲେ

Digitized by PPRACHIN, SOA

ମୋର କଣ ଅବସ୍ଥା ହେଉଥାନ୍ତା କେଜାଣି ! ଯେମିତି ଇଚ୍ଛା ସେମିତି ସେ ମତେ ଘର ଗାଡ଼ି ପରି ଦୁହିଁ ପାରୁଥା'ନ୍ତା, ଯେତେବେଳେ ପଚାରିଲି, 'ତମର କଣ ଦରକାର କୁହ, ସେ କହୁଥିଲା, 'ଆପଣ ଯେଉଁ ବିଶ୍ୱାସ ରଖିଛନ୍ତି, ମୋର ସେତିକ ଯଥେଷ୍ଟ।' ଏବେ ଦିନ ଗଲାଣି, ତଥାପି ମୋ ମନରୁ ତାର ଉଦାର ବୃତ୍ତି, ତା ଗୁଣ କିଛି ଲିଭି ନାହିଁ। ତା ତ୍ୟାଗ ମହାନ୍। 'ସୁରଟା ପିଲାଙ୍କୁ ସଙ୍ଗୀତ ଶିଖାଇ ମୋର ପେଟ ପୁରିବ ନାହିଁ ? ଆପଣ କେତେ କଷ୍ଟ ମୁଣ୍ଡାଇବେ ?' କହୁଥିବା ସରସୀ ଅସାଧାରଣ। ମୁଁ କେବେ ଭାବି ନ ଥିଲି ଯେ ତାର ବିଶ୍ୱାସପାତ୍ର ହେବାର ଗୁଣ ମୋଠାରେ ଅଛି।"

ମୋ ବନ୍ଧୁଙ୍କର ଏହି ବର୍ଣ୍ଣନାରୁ ଇନ୍ଦୁମତୀର ମା'ର ଛବି ମୋ କଳ୍ପନାରେ ଭାସି ଉଠିଲା। ଇନ୍ଦୁର ମୁହଁ ବହୁତ ଅଂଶରେ ବାପ ମୁହଁ ସାଙ୍ଗରେ ମିଶୁଥିଲା। ରଙ୍ଗ ବି ସେହିପରି। ଗୁଣ କଥା ମନେ ପକାଇବାକୁ ଲାଗିଲି, ତାହା ବି ସେହିପରି ହୋଇଥିବ। ତା ବଡ଼ ଭାଇ ପ୍ରତି ମୋ ମନରେ ଭଲ କଥା ଆସିବା ଅସମ୍ଭବ ଥିଲା। ଅଳ୍ପ କେଇଟା ଟଙ୍କା ଲୋଭରେ ମୃତା ମାଙ୍କୁ ଜୀବନ୍ତ କରାଇ ଦେବାର ଘଟଣା ମୋତେ ଅସନ୍ତୁଷ୍ଟ କରି ଦେଲା। ଶମ୍ଭୁ ହେଉଡ଼େ ଯେନେ ଗୋଟାଏ ପ୍ରକାରେ ଠକାମି କରୁଛି, ସେ ବି ଆଉ ପ୍ରକାରେ ଠକାଉଛି।

ଗାଁକୁ ଆସିବାର ମାସେ ହେଲାଣି। ଗ୍ରୀଷ୍ମର ତାପକୁ ବର୍ଷା ତଡ଼ି ଦେଉଛି ଓ ବାତାବରଣରେ ଏକ ଅପୂର୍ବ ସୁଷମା ଭରି ଦେଉଛି। ଇନ୍ଦୁମତୀ ମୋ ଠିକଣା ମାଗି ତା ପାଖରେ ରଖିଥିଲା। ତା ଭାଇଠାରୁ ସେ ତା ମାଆର ଫଟୋ ମଗାଇ ମୋ ପାଖୁ ପଠାଇଲା, ଆଉ ଲେଖିଲା, "ମୋ ବାପାଙ୍କ ଫଟୋ ପଠେଇବା କଥା ଭୁଲିଗଲେ ନା ?" ଏହି ଦୁଇ ଭାବ ଚିତ୍ରଙ୍କୁ ଏକାଠି କରି ଛବିଟିଏ ଅଙ୍କାଇ ପାରିଲେ କେତେ ଭଲ ହୋଇଥାନ୍ତା—ଏଥିପାଇଁ ବ୍ୟସ୍ତ ହୋଇ ପଡ଼ିଲି। ସେଥିପାଇଁ ଯୋଗ୍ୟ ଚିତ୍ରକର ମିଳିବା ଦରକାର। ସେହି ଚିତ୍ରକରକୁ ଡାକି ମୋତେଇ ସେଇ ଲୋକର ସ୍ୱଭାବ ବର୍ଣ୍ଣନା କରିବାକୁ ପଡ଼ିବ। ଏପରି କଲେ ଖାଲି ରଙ୍ଗ ଓ ଆକୃତି ନୁହେଁ; କିନ୍ତୁ ଲକ୍ଷଣ ଯୁକ୍ତ ଚିତ୍ର ବି ହୋଇ ପାରନ୍ତା। ସେତେବେଳେ ମୋର ଜଣେ ଚିତ୍ରକର-ବନ୍ଧୁଙ୍କ କଥା ମନେପଡ଼ିଲା। ଏଣେ, ଇନ୍ଦୁ ପାଖୁ ମୋ ବନ୍ଧୁଙ୍କ ଫଟୋର ଗୋଟିଏ କପି ପଠାଇ ଦେଲି। ଜୁନ ମାସ, ତେଣୁ ପତ୍ରରେ ପଚାରିଲି, "ଯଶୋବନ୍ତ ପାସ୍ କଲା କି ?" ତାପରେ ପ୍ରତି ମାସର ପଚଶ ଟଙ୍କା ଓ ତହିଁରେ ପଚଶ ଆହୁରି ମିଶାଇ ପଠାଇ ଦେଲି। କଲକାତାରୁ ଗୋଟିଏ ଚିଠି ଲେଖାଇଥିଲି ଯଶୋବନ୍ତ ହାତରେ, ଯଶୋବନ୍ତ ପାସ୍ କରିଛି, ତା ସାନ ଭାଇ ଦଓଟି ବି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜୟନ୍ତ ହାଇ-

Digitized by PPRACHIN, SOA

ସ୍କୁଲରେ ନାଁ ଲେଖାଇଲଣି । ଲେଖିଥିଲ, "କେକେଙ୍କ ଫଟୋ ଦେଖି ଆମେ ସମସ୍ତେ ଖୁସୀ ହେଲୁ; କିନ୍ତୁ ମାଆ ଆଖିରେ ଲୁହ ଆସିଗଲା । ବାପା ଏଇଲା ସେଇଟି ଶୋଇବା ଘରେ ଟଙ୍ଗାଇ ଦେଇଛନ୍ତି । ତା ଉପରେ ରୋଜ ଫୁଲଟିଏ ଚଢ଼ାନ୍ତି, ଯେମିତି କୋଉ ଦେବତା ।" ନିଜ ପୂର୍ବପୁରୁଷଙ୍କ ଉପରେ ଭକ୍ତିଥିଲେ ଏହିପରି ହେବା କଥା । ପାଖରେ ଥିଲାବେଳେ ଋଣ ପରିଶୋଧ ହେଲାନି ଯାହାଙ୍କର, ଦୂରର ଋଣ ସେ ଶୁଝିବେ ? ଅଦୃଷ୍ଟ ଦେବତାଙ୍କର କଳ୍ପନା କରି ପାରନ୍ତି ? ଭକ୍ତିଭାବକୁ ବି ତ ଗୋଟିଏ ସ୍ପଷ୍ଟ ଆଧାର ଲୋଡ଼ା !

ଇନ୍ଦୁର ଖଣ୍ଡିଏ ଚିଠି ପାଇଲି, ହର୍ଷ ଉଲ୍ଲାସରେ ଭରା । ତହିଁରେ ଲେଖି ଥିଲା, "ମୁଁ ତାଙ୍କୁ ପିଲାଦିନେ ଦେଖିଥିଲି । ତାଙ୍କ କୋଳରେ ଖେଳିଛି, ତଥାପି ତାଙ୍କ ଚେହେରା ଏହି ଫଟୋ ଦେଖିବା ପରେ ମନେ ପଡ଼ିଲା । ଆପଣ ପଠାଇଥିବା ଫଟୋ ଦେଖି ମୁଁ କେତେ ଖୁସୀ ହେଇଛି, କହି ବୁଝାଇ ପାରିବିନି । ସତ କହିଲେ, ସେଦିନ ମୁଁ ଖାଇଲି କି ନାହିଁ, ମୋର ଆଉ ମନେ ନାହିଁ । ମୋର ତାଙ୍କ ଝିଅଭାବରେ ବଡ଼ ଗର୍ବ । ସେହି ଚଳାଚଳ ହୁଏଁ । ଆଜି ଯେବେ ମୋ ମା ବଞ୍ଚିଥାନ୍ତା, ତାହେଲେ ଏ ଫଟୋକୁ ଗ୍ରୁଡରେ ଘିନିକରି ବସିଥାନ୍ତା । ଝିଏ ଯାହା କହିବାର କହୁ । ନିଜ ଲୋକ ତ ନିଜର, ନା ?"

ମୋର ଗୋଟିଏ କଥାର କିଣ୍ଟୁ ରହିଯାଇଛି – ବିଷ୍ଣୁପନ୍ଥ ବାବୁଙ୍କ ସାଙ୍ଗରେ ଭେଟିବା କଥା । ତାଙ୍କ ଘରକୁ ଯାଇ, ତାଙ୍କ ସାଙ୍ଗରେ ଦେଖାକରି, କଥାବାର୍ତ୍ତା କରି ମନର ଶୋଷ ମାରିବାର ଫୁରୁସତ୍ କେବେ ପାଇବି କେଜାଣି ? ପୁନା କିଛି ମୋଲାଗି ପାଖ ସହର ନୁହେଁ । ତେଣୁ ମୁଁ ଲେଖିଲି, "ଘାଟେ ମହାଶୟ, ଆପଣଙ୍କ ବହି କାମ କେତେଦୂର ଗଲା ? ସଂଶୋଧନ ବା ଲେଖାଲେଖି କାମ କେତେ ଆଗେଇଲା ? ଆପଣଙ୍କଠାକୁ ଯାଇ, ସେ ବିଷୟରେ କଥାବାର୍ତ୍ତା କରିବାକୁ କେବେ ସୁବିଧା ମିଳିବ କହି ପାରିବି ନାହିଁ । ସେପର୍ଯ୍ୟନ୍ତ ନିଜର ଆକୁଳତା ଅଟକାଇ ରଖିବା କଠିନ ହେଉ-ଅଛି । ଆପଣଙ୍କର ଦେହ ପା' ଭଲଥିଲେ ସଂକ୍ଷେପରେ ହେଉପଛେ, କଥାବାର୍ତ୍ତା ହେଉ —ଯଶୋବନ୍ତ ରାଓ ବାବୁଙ୍କ ସଙ୍ଗରେ ଆପଣଙ୍କର ସ୍ନେହ ସମ୍ପର୍କ କିପରି ହୋଇଥିଲା ? କେଉଁ କେଉଁ ବିଷୟ ତାଙ୍କର ପ୍ରିୟ ଥିଲା ? ସମ୍ପ୍ରଦାୟ, ଧର୍ମ, ବିଶ୍ୱାସ, ଭକ୍ତି ଆଦି ବିଷୟ ନେଇ ଆପଣଙ୍କ ସଙ୍ଗେ ସେ ଆଲୋଚନା କରିଥିଲେ କି ? ଆପଣ ଧର୍ମଶାସ୍ତ୍ର ଉପରେ ଲେଖାଲେଖି କରିବାକୁ ବସିଛନ୍ତି । ମୁଁ ଯେତେଦୂର ଜାଣିଛି, ତାଙ୍କର କୋଉ ପୁରୁଣା କଥା ଉପରେ ବିଶ୍ୱାସ ନ ଥିଲା । ଆପଣତ ଲାଗୁଛି ଈଶ୍ୱର ବିଶ୍ୱାସୀ ଲୋକ,

Digitized by PPRACHIN, SOA

ଆପଣଙ୍କଠାରୁ ତାଙ୍କର ମିଳନ କପରି ସ୍ଥାପିତ ହୋଇଥିଲା ? ଏସବୁ ବିଷୟ ପତ୍ରରେ ବା କପରି ଲେଖି ହେବ ? ତଥାପି ଆପଣ ପଣ୍ଡିତ ବ୍ୟକ୍ତି । ଦଶଧାଡ଼ିରେ ଲେଖିକରି ସମାପ୍ତ କରି ଦେଲେ ମୋର ସନ୍ତୋଷ ଆସିପିବ । ଏ ମାସର ଟଙ୍କାଟା ଏହି ଚିଠି ସଙ୍ଗରେ ପୋଷ୍ଟାଲ୍ ଅର୍ଡ଼ର୍ ଯୋଗେ ପଠାଉଅଛୁ । ଏହି ଟଙ୍କା ଓ ମୋର ପ୍ରଶ୍ନ ଭିତରେ କିଛି ସମ୍ପର୍କ ଅଛି ବୋଲି ଦୟାକରି ଭାବିବେ ନାହିଁ ।”

ଗ୍ରେଜ ତାଙ୍କ ଚିଠିର ପ୍ରତୀକ୍ଷା କରୁଥାଏ ।

ଦଶଦିନ ପରେ ମୋ ପାଖକୁ ତାଙ୍କର ଗୋଟିଏ ଦୀର୍ଘ ପତ୍ର ଆସିଲା, କିନ୍ତୁ ସେଥିରୁ ମୋର କୌତୂହଳ ମେଣ୍ଟିବା ଦୂରେ, ଆହୁରି ବଢ଼ିଗଲା । ଏପର୍ଯ୍ୟନ୍ତ ଚିଠି ବୋଲି ମୋ ପାଖକୁ କ୍ଷୁଦ୍ରପତ୍ରରେ ଯାହା ଖଣ୍ଡେ ଖଣ୍ଡେ ପୋଷ୍ଟକାର୍ଡ଼ ମିଳୁଥିଲା, ତହିଁରେ “ଭଲ ଅଛି,” ବା “ଭଲ ନାହିଁ”, “ଲେଖାଲେଖି ବେଶି ହୋଇ ଯାଉଛି” ଠାରୁ ବେଶି କିଛି ଲେଖା ନ ଥାଏ । ଆଗର ଗୋଟିଏ କାର୍ଡ଼ରେ ସେ ତାଙ୍କ ମନର ସଂଶୟ ବ୍ୟକ୍ତ କରିଥିଲେ, “ଦେଖନ୍ତୁ, ଯଶୋବନ୍ତ ବାବୁ ମୋ ଉପରେ ବିଶ୍ୱାସ ରଖି, ଦୟାକରି ଆପଣଙ୍କ କାମ ଶେଷ ହେବାଯାକେ ପଚାଶଟଙ୍କା ପଠାଉଥିବ ବୋଲି ଆଶ୍ୱାସନା ଦେଇଥିଲେ । ତାଙ୍କୁ ଟଙ୍କାଟା ବେଶି ନ ଲାଗୁ ପଛେ, ମୋତେ ତ କିଞ୍ଚିତ କଷ୍ଟକର କାମ ହୋଇ ଯାଉଛି । ଏଇଲା ମୋ ଜୋଇଁ ମଧ୍ୟ କିଛି ଦେଉଅଛି । ମୋ ପୁଅ ବି ବଡ଼ ହେଲାଣି, ଚାକିରି ଖୋଜୁଛି । ମୋର ଲେଖାଲେଖି କାମ ପ୍ରାୟ ଶେଷ ହୋଇ ଆସିଲାଣି । ତାକୁ ପ୍ରକାଶ କରିବାର ଦାୟିତ୍ୱ ତ ଖୁବ୍ ବଡ଼ । ଏକଥାରୁ ମନଟା ଚିନ୍ତିତ ଅଛି ।”

ତାଙ୍କ ବିଷୟ ମୁଁ ଆଗରୁ କିଛି ନ ଜାଣି ତାଙ୍କୁ ବୁଝାଇକରି ଲେଖିବାକୁ ପ୍ରବୃତ୍ତି ହେଲା ନାହିଁ । ମୋର ସନ୍ଦେହ ହେଲା ସେ କଣ ଆଉ ଗ୍ରନ୍ଥ ପ୍ରକାଶନ ସକାଶେ ମୋର ସାହାଯ୍ୟ ଗ୍ରହଣ କରନ୍ତି ନା କଣ । କିନ୍ତୁ ପତ୍ରର ଆରମ୍ଭରେ ଲେଖା କଥାରୁ ଜଣା ଯାଉଛି ଯେ ମାଗନ୍ତା ହାତ ପାତିବାର ସ୍ୱଭାବ ତାଙ୍କଠିଁ ନାହିଁ । ତାଙ୍କର ଚରିତ୍ର ସ୍ୱଭାବ ବିଷୟରେ ମୁଁ କିଛି କଳ୍ପନା କରି ପାରି ନ ଥିଲି, ଫଳରେ ସେକଥାକୁ ସେହିଠାରେ ଛାଡ଼ି ଦେଇଥିଲି ।

ବର୍ତ୍ତମାନ ତାଙ୍କର ଯୋଉ ପତ୍ର ପାଇଲି, ତହିଁରେ ଆହୁରି ଅଧିକ ସ୍ପଷ୍ଟ କଥା ଥିଲା । ସେ ଚିଠିଟା ପୂର୍ଣ୍ଣପ୍ରାପ୍ତ ଏଠି ମୁଁ ଦେବାକୁ ଗ୍ରହଣ ନାହିଁ । ‘ମହାଶୟ’— ଏହି ଆଡ଼ମ୍ବରପୂର୍ଣ୍ଣ ସମ୍ବୋଧନରୁ ତାଙ୍କର ପତ୍ର ଆରମ୍ଭ ହୋଇଛି । ସେ ସଂସ୍କୃତ ଭାଷାର ପଣ୍ଡିତ, ଶବ୍ଦ ବିଷୟରେ ବଡ଼ ଉଦାର ଭାବକରି ହସିଲି । ତାପରେ ଚିଠିଟି

Digitized by PPRACHIN, SOA

ପଚାରିଲି, "ଆପଣ ଯଶୋବନ୍ତ ରାୟ ବାବୁଙ୍କ ବିଷୟରେ ଯେଉଁ ଆଗ୍ରହ ଦେଖାଉଛନ୍ତି, ତାହା ସ୍ୱାଭାବିକ । ମୁଁ ଯାହା ଜାଣିଛି, ତାହା କହିବା ବି ଉଚିତ କଥା । କିନ୍ତୁ ମୋର ଏପରି ଅହଙ୍କାର ନାହିଁ ଯେ ମୁଁ ତାଙ୍କୁ ଚିହ୍ନି ପାରିଛି । ଦୃଷ୍ଟିକୋଣ ଦିଗରୁ ବିଚାର କଲେ ସେ ଉତ୍ତର ଧ୍ରୁବ ହେଲେ, ମୁଁ ଦକ୍ଷିଣ ଧ୍ରୁବ ହେବି । ମୁଁ ଗ୍ରାଚ୍ଛାଦୃ ବୈଦିକ ବ୍ୟକ୍ତି, ପୁରାତନ ପରମ୍ପରାରେ ଗଭୀର ଆସ୍ଥା ପୋଷଣ କରେ । ଆପଣ ଆପଙ୍କଣର ବନ୍ଧୁବରଙ୍କୁ ଜାଣନ୍ତି । ସେ ନିଜର ବିଶ୍ୱାସକୁ ଝାଡ଼ିକରି, ଗୋଟାଇ, ଓଜନ କରିବାର ଯୋଗ୍ୟ ବ୍ୟକ୍ତି ଥିଲେ । ମୋତେ ସେ ଉସ୍କାଇ, ଚିଡ଼ାଇ ଖିଡାଇ ବମ୍ଭଲଇ ପରିହାସ କରି କହୁଥିଲେ ଯେ ଆପଣ ପଣ୍ଡିତ ବ୍ୟକ୍ତି, ବାପ ଅଜାଙ୍କ ଗ୍ରେଇବା ବରଗଛକୁ କୁଣ୍ଢେଇବା ଲୋକଙ୍କ ପରି ହଜାର ହଜାର ବର୍ଷର ପୁରୁଣା ଚେର, ଓହଳ ଧରି ଜାବୁଡ଼ିକରି ବସିଥାନ୍ତି । ନା ଭାବନା ନା ଚନ୍ତା !

"ମହାବଳେଶ୍ୱର ସେ ଯେଉଁଦିନ ପ୍ରଥମ କରି ଆସିଥିଲେ ସେତେବେଳେ …ଏକୁଟିଆ ଆସିଥିଲେ । ରହିବାକୁ ବସା ଖୋଜୁଥିଲେ । ମୁଁ କହିଲି, "ଯେବେ ଆପଣଙ୍କର ପସନ୍ଦ ହୁଏ, ତାହେଲେ ମୋ କୁଡ଼ିଆର ଅଧା ଅଂଶ ଭଡ଼ାରେ ଦିଏଁ ?" ମୋ ଘରର ଅବସ୍ଥା ଦେଖିଲା ପରେ ସେ କହିଲେ, 'ହଉ ମୋର କିଛି ବଡ଼ ବଙ୍ଗଳା ଦରକାର ନାହିଁ, ମନର ଶାନ୍ତି ଲାଗି ଆସିଛି । ଏହି ପାହାଡ଼ ପର୍ବତଙ୍କୁ ଦେଖିଲେ ମନରେ ଗୋଟେ ପ୍ରକାର ଆନନ୍ଦ ମିଳେ । ମନ ଲାଗିଲେ ଏଠି ବସି ଛବି ଆଙ୍କିବି, ନହେଲେ ନାହିଁ । ଏପ୍ରକାର ସ୍ଥିର କରି ଦୁଇମାସ ମୋ ଘରେ ରହିଗଲେ । ସେତେବେଳେ ନିଜେ ରନ୍ଧାରନ୍ଧି କରୁଥିଲେ ।

"ଯାହା ହେଉ, ସେ ଲୋକର ଜୀବନ ଅଦ୍ଭୁତ । ବୟସ ବି ବହୁତ ହୋଇଥିଲା, ଦେହ ବି ଖୁବ୍ ମଜଭୁତ ନୁହେଁ । ଏକଥା ଠିକ୍ ଯେ ମୋ ପରି ରୋଗିଣା ନଥିଲେ, ତଥାପି ନିଜେ ରାନ୍ଧି ଖାଇବା କେତେ କଷ୍ଟ କାମ ? ମନୁଷ୍ୟକୁ ଦିନ ବିତାଇବାକୁ ମନୁଷ୍ୟର ସମ୍ପର୍କ ଦରକାର । ଯେତେବେଳେ ସେ ଏକୁଟିଏ ବୋଧ କରୁଥିଲେ, ମୋ ବଖରାକୁ ଆସି ପଚାରୁଥିଲେ, "ପଣ୍ଡିତ ମହାଶୟ, କଣ କରୁଚନ୍ତି କି ?" ମୁଁ ବି କଥାବାର୍ତ୍ତା ହୁଏ, ମୋର ଶ୍ୱାସବେଗ, ମୁଁ ଦୈହିକ ପରିଶ୍ରମ କରିପାରେ ନାହିଁ । ପୂର୍ବପୁରୁଷଙ୍କଠାରୁ ସଂସ୍କୃତ ଶିଖି ଥିଲି । ସଂସ୍କୃତ ଅଧ୍ୟୟନ ଫଳରେ ଧର୍ମ ଶାସ୍ତ୍ରମାନଙ୍କରେ ଆସକ୍ତ ଥିଲି, ତେଣୁ ସଦାବେଳେ ସେଇମାନଙ୍କୁ ପଢ଼ୁଥାଏ । କେତେ ଗ୍ରନ୍ଥ ପଢ଼ିଛି । ଦିନେ ମନକୁ ଆସିଲା, ଯାହା ସବୁ ମୁଁ ପଢ଼ିଛି ସେସବୁ ହାଓ୍ୱାରେ ଉଡ଼ି ନ ଗଲେ ହେଲା, ମୋର ମନେ ହେଲା, ଯାହା କିଛି ମୁଁ ପଢ଼ିଛି ସେ ସବୁକୁ ନେଇ ଯେଉଁମାନେ

Digitized by PPRACHIN, SOA

ସଂସ୍କୃତ ଜାଣିନ୍ତି ନାହିଁ ତାଙ୍କୁ କହିବା ଦରକାର, ମୋ ନିଜର ମରାଠୀ ଲୋକଙ୍କୁ ଶୁଣାଇ ପାରନ୍ତି କି । ଏହି ଦୃଷ୍ଟିରୁ ମୁଁ 'ଆମ ଧର୍ମଶାସ୍ତ୍ର' ନାମକ ଗୋଟିଏ ଗ୍ରନ୍ଥ ଲେଖିବାକୁ ଆରମ୍ଭ କଲି । ଯଶୋବନ୍ତ ବାବୁ ପଚାରିବାରୁ ତାଙ୍କୁ କହିଲି ଯେ ଏପରି କାମଟିଏ ମୁଁ ହାତକୁ ନେଇଛି ।

"ଏହାପରେ ସେ ଦିନକୁ ଘଣ୍ଟାଟିଏ ମୋ ପାଖରେ ବସନ୍ତି । ଏ ପୃଷ୍ଠା କୋଉଠାର ?' 'ସ୍ତ୍ରୋ କି ବହି ? ଏଥିରେ କଣ କୁହାଯାଇଛି ?' ଏହିଭଳି କେତେ କଥା ସେ ପଚାରୁଥିଲେ । ମୋର ଯାହା ମନକୁ ଆସୁଥିଲା, ମୁଁ ସେଇଭଳି କହୁଥିଏ । ଦିନେ ଭଗବଦ୍‌ଗୀତାର ପ୍ରସଙ୍ଗ ଆସିଲା ।

ମୁଁ କହିଲି, "ଶ୍ରୀକୃଷ୍ଣ ଭଗବାନ୍ ଏହିପରି କହିଛନ୍ତି ।"

"ଆପଣ ଶୁଣି ନାହାନ୍ତି ତ କହିଲାବେଳେ ?" କହି ସେ ପଚାରିଲେ, 'ଭଗବଦ୍‌ଗୀତାର ସମୟ ?'

"ମହାଭାରତର ସମୟ । କମ୍‌ରେ ପାଞ୍ଚ ହଜାର ବର୍ଷ ହୋଇଥିବ ।"

"ମହାଭାରତର ଅଙ୍ଗ ନା ଗୀତାଟା ?'

"ହଁ ।"

"ତାର ରଚୟିତା ବ୍ୟାସ ନୁହନ୍ତି କି ?"

"ହଁ ।"

"ବ୍ୟାସଙ୍କ ସମୟ ?"

"ମହାଭାରତର ସମୟ ।"

"ଏସବୁ କଥା ଛାଡ଼ନ୍ତୁ । ଐତିହାସିକ, ଐତିହାସିକ ଦୃଷ୍ଟିରୁ ବ୍ୟାସ ନାମକ କବି, ଯେ କି ମହାଭାରତ ଲେଖିଥିଲେ, ତାଙ୍କର ସମୟ କୋଉଟା ? ଏ ବିଷୟରେ ଆପଣଙ୍କ ବିଦ୍ୱାନମାନେ କଣ କହୁଁଚନ୍ତି ?"

ମୁଁ ବୈଦ୍ୟ ମହାଶୟଙ୍କର ସିଦ୍ଧାନ୍ତ କହିଲି ।

"ତାହେଲେ ଗୀତା ବି ତାହାର ସମୟରେ ହୋଇଥିବ ନା ? ପାଞ୍ଚହଜାର ବର୍ଷ ଆଗରୁ କୃଷ୍ଣ ମୁହଁରୁ ବ୍ୟାସ ଦ୍ୱାରା ଶୁଣାଯାଇଥିବା ଗୀତା ଇଏ ।"

"ଶ୍ରୀକୃଷ୍ଣ ଭଗବନାନ୍ ।" ମୁଁ କହିବା ଆଗରୁହିଁ ସେ ମୋର ବାକ୍ୟଟି ପୂରଣ କଲେ; "ତୃତ ପାଞ୍ଚ ହଜାର ବର୍ଷ ପରେ ବ୍ୟାସ ମୁଖରେ କୁହାଇଥିଲେ ।"

Digitized by PPRACHIN, SOA

ମୁଁ କହିଲି ଯେ ମୁଁ ସେ ଦୃଷ୍ଟିରୁ ଭାବୁ ନାହିଁ ।

"ବ୍ରହ୍ମା ଜଣେ ଆସି କରି ବେଦମାନ ଶୁଣାଇଲେ—ଆପଣ ଏଇଆ କହନ୍ତି ।"

"ସେ କଥା ଠିକ୍ ।"

" ତାହେଲେ ଆପଣଙ୍କର ମୋର ଏସବୁ ବିଷୟରେ କିଛି ଆଲୋଚନାଇ ହୋଇ ପାରିବନି ।"

ଏହିପରି କେତେ ଆଲୋଚନା ଆମ ଭିତରେ ହେଉଥିଲା, ଏଇଥିପାଇଁ ମୁଁ କହିଲି ନା ସେ ଉତ୍ତର ଧ୍ରୁବ ହେଲେ ମୁଁ ଦକ୍ଷିଣ ଧ୍ରୁବ । ମୋ ଲାଗି ହେଇଟା ଆଶ୍ଚର୍ଯ୍ୟ କଥା ନ ଥିଲା, କିନ୍ତୁ ଦାରିଦ୍ର୍ୟ ଭିତରେ ବି ଧର୍ମଶାସ୍ତ୍ର ଉପରେ ମରାଠୀରେ ଗ୍ରନ୍ଥରଚନା କରିବାର ଦେଖି ତାଙ୍କର ପ୍ରୋତ୍ସାହିତ କରିବା ମୋତେ ଆଶ୍ଚର୍ଯ୍ୟ କରି ଦେଇଥିଲା । ମୁଁ ବିସ୍ମୟ ପ୍ରକଟ କରିଥିଲି । 'ଯଶୋବନ୍ତ ବାବୁ, ଆପଣଙ୍କର ସ୍ୱାଭ ବୁଝି ହେଉ ନାହିଁ । ମୋର ମାର୍ଗକୁ ଆପଣ ମାନନ୍ତି ନାହିଁ, କହନ୍ତି ଯେ ଧର୍ମଶାସ୍ତ୍ର ହେଉଛି ହଜାର ଲୋକଙ୍କର ବିବିଧ ଶତାବ୍ଦୀର ବିଶ୍ୱାସ ମାତ୍ର; କିନ୍ତୁ ତଥାପି ସେଇଗୁଡ଼ାକ ଲେଖିବାକୁ କହୁଚନ୍ତି ।" ଭାବିଥିଲି ସେ ମୋ ସଙ୍ଗେ ପରିହାସ କରିବେ । ସେଇଠୁ ସେ କହିଲେ, "ଘାଟେବାବୁ ଆପଣ ତ ଆଉ ମୁ ନୁହନ୍ତି ।"

"ତା କେମିତି ହୋଇ ପାରିବ ?'

"ତେଣୁକରି ଆପଣଙ୍କୁ ଲେଖିବାକୁ ହବ । ମୋ ବିଶ୍ୱାସ ମୋ ଲାଗି, ଆପଣଙ୍କରଟା ଆପଣଙ୍କ ଲାଗି । ଆପଣ ଠିକ୍ ହୋଇଥିବେ, ନ ହେଲେ ମୁଁ ଠିକ୍ ହୋଇଥିବ । ଦୁହେଁ ଭୁଲ୍ କରିଥାଇ ପାରୁଁ, ବା ହୁଏତ ଆମ ବିଶ୍ୱରଧାରାରେ ସତ୍ୟ ଅସତ୍ୟର ମିଶ୍ରଣ ରହିଛି ।'

"ହୋଇପାରେ ।"

"ଆପଣ ମାନୁଛନ୍ତି ?"

"ନ ମାନଲେ ଚଳିବ କେମିତି ?"

"ହଉ ତା ହେଲେ, ଆପଣଙ୍କର ଜୀବନ, ଆପଣଙ୍କର ବିଶ୍ୱର ଆମ ସମସ୍ତଙ୍କୁ ମିଳିବା ଦରକାର, ଆମେ ଯେତେ ବୁଦ୍ଧିମାନ ହେଉ ପଛେ, ଯେତେ ଠିକ୍ କଥା କହୁ ପଛେ, ପ୍ରତ୍ୟେକ ପ୍ରାଣୀ ଜଣେ ଦେଖିଥିବା ଆଲୋକରେ ଚାଲିବା ଦରକାର ।

Digitized by PPRACHIN, SOA

ଏହା ହିଁ ସତ୍ୟ, ଏହା ହିଁ ସତ୍ୟ ବୋଲି କହି ଅନ୍ୟମାନଙ୍କର ଭଣ୍ଟି ଚପିକରି ବାଣୀର ନିୟନ୍ତ୍ରଣ କରିବା ସମାଜଘାତକ ରୀତି ।”

ତାଙ୍କ କଥା ଶୁଣିକରି ମୁଁ ବଡ଼ ଆଶ୍ଚର୍ଯ୍ୟ ହେଲି । ଆମ ଭିତରେ ବିଦ୍ୱାନବର୍ଗ ହୁଅନ୍ତୁ ବା ଆଗୃର୍ଯ୍ୟ ହୁଅନ୍ତୁ; ସବୁଠୁଁ ବଡ଼ ଦୋଷ ହେଉଛି ଏହି କଥା ଚିନ୍ତା କରିବା ଯେ ମୋହରି କଥାଟା ଠିକ୍, ବାକି ଦୁନିଆଁ ସାରା ମୂର୍ଖ ଲୋକ, ମନେ ହେଲା ହଜାର ଲକ୍ଷ୍ୟ ଲୋକଙ୍କର ବିତଣ୍ଡା ସତ୍ତ୍ୱେ ସତ୍ୟ ଯାହା ତାହା ନିଜର ଶକ୍ତି ବଳରେ ବଞ୍ଚିପାରେ, ପ୍ରତିବାଦ କରି ବା ବଡ଼ ପାଟିରେ କୁତର୍କ କରି ତାକୁ ଜୀଆଇ ରଖି ହୁଏ ନାହିଁ । ଏ ବିଷୟରେ ଯଶୋବନ୍ତ ବାବୁ ହିଁ ମୋର ଚକ୍ଷୁଉନ୍ମିଲନ କଲେ । ଆଉ ଅଧିକ ଲେଖିବି ଭାଇ ତାଙ୍କ କଥା ! ସେ ବହୁତ ବଡ଼ ଦରର ଲୋକ ଥିଲେ । ଉପରକୁ ତାଙ୍କ ବ୍ୟକ୍ତିତ୍ୱ ଦେଖାଯାଉ ନ ଥିଲା, ମୁଁ ତାକୁ ଦେଖିପାରୁ ନ ଥିଲି ।

ତା ପରେ ସେ କହିଲେ, “ଏଇ କାମଟା ଆଗକୁ ବଢ଼ାନ୍ତୁ । ଯାହା ଆପଣଙ୍କ ଦେଇ ହବ, ସେଇ କାମଟା ଆପଣଙ୍କୁଇ କରିବାକୁ ପଡ଼ିବ । ବେଶି ସାହାଯ୍ୟ ମୋ ଦେଇ ହେବ ନାହିଁ, ହେଲେ ମୁଁ ସ୍ୟାହି କାଗଜ, ଗୃର ଛଅ ସନ୍ଦର୍ଭର ପୁସ୍ତକ ପାଇ ଯାହା ଟଙ୍କା ଲାଗିବ, ଦେବି ।” ଯାର ଫଳ ହେଲା ଆପଣଙ୍କର ପଠାଉଥିବା ବାର୍ଷିକ ଭତ୍ତା । ସେ ଏହିପରି ଦେଇ ଆସିଥିଲେ ।

ଏଇଲା ମୋର ଗୋଟାଏ ବଡ଼ ଭୟ ହେଉଛି । ଏହି ମାସ ଆରମ୍ଭରୁ ହିଁ ପାଞ୍ଚ ଶହ ପୃଷ୍ଠାର ଗ୍ରନ୍ଥ ବହୁତ ମିହିନ୍ତ କରି ଶେଷକରି ଦେଇଛି । ମୁଁ କହିଲି ନା, ମୁଁ ସମ୍ପ୍ରଦାୟ ବାଦୀ ଲୋକ । ଯଶୋବନ୍ତ ବାବୁ ମୋର ଚିନ୍ତାଧାରାକୁ ଦୋହଲାଇ ଦେଲେ । ‘ଏ ସମସ୍ତ କଣ ?’ ‘ଆଗରୁ କିଏ କହିଛି ?’ ‘ସେ କଣ ?’ ‘ତା ପରେ କିଏ କିଏ କହିଥିଲେ ?’ “ଏ ଶ୍ଳୋକର ଏଇଆ ଅର୍ଥ ହେବ ? ଏ କଥାର ସିଦ୍ଧାନ୍ତ କିପରି କରନ୍ତି ?’ କହି ସେ ମୋତେ ଚିଡ଼ାଉଥିଲେ । ସେତେବେଳେ ମନେହେଲା ମୋ କାମଟା କେତେ କଷ୍ଟ ମୋର କେତେ ଜାଗାରେ ସନ୍ଦେହ ହେବାକୁ ଲାଗିଲା । ଯାହା ମୁଁ ଜାଣିଛି, ସେଗୁଡ଼ା ଠିକ୍ ହଉ, ଭୁଲ୍ ହେଉ, ସମାଜ ଆଗରେ ରଖି ଦେଉଛି, ବିଦ୍ୱାନ୍‌ମାନଙ୍କ ଆଗରେ ପରିବେଷଣ କରୁଅଛି । ଆପଣଙ୍କ ଆଗମନରେ ପ୍ରତୀକ୍ଷା କେଉଁଦିନକୁ କରିବ ?” ଲେଖିକରି ସେ ପତ୍ର ଶେଷ କରିଥିଲେ ।

ବର୍ଷାକାଳ ଶେଷ ହେଲା । ଏଠି ସେଠି ବାଦଲ ପହଁରୁଥିଲେ । ମୋ ଦେଶ ଶସ୍ୟ-ଶ୍ୟାମଳା ହୋଇ ବର୍ଷାଦ୍ୱାରା ନିର୍ମଳ ହୋଇଯାଇଛି । ଥଣ୍ଡା ପବନ, ପାଣିର

Digitized by PPRACHIN, SOA

ଭୟରୁ ମୁକ୍ତ ପଶୁପକ୍ଷୀ ବର୍ତ୍ତମାନ ସ୍ୱଚ୍ଛନ୍ଦ ଭାବରେ ଗୋଟିଏ ଗଛରୁ ଆଉ ଗୋଟିଏ ଗଛକୁ ଡ଼ିଆଁ ଡେଇଁ କରୁଛନ୍ତି । ଅନ୍ନର ସାମଗ୍ରୀ ମଧ୍ୟ ତାଙ୍କର ସବୁକଷ୍ଟ ଦୂର କରିଛି । ଅସଂଖ୍ୟ ଅନାମ ପକ୍ଷୀ ସଙ୍ଗୀତଶାସ୍ତ୍ରର ହାତ ପାହାନ୍ତା ଡେଇଁ ଗୀତମାନ ଗୁଣୁ ଗୁଣୁ ଗାଉଛନ୍ତି । ସୂର୍ଯ୍ୟ ବାଦଲ ସଙ୍ଗେ ଅନ୍ଧପୁଟୁଳି ଶେଷକରି ବର୍ତ୍ତମାନ ଖୋଲା ନୀଳ ଆକାଶରେ ଘୂରୁଅଛି । ଏଥିରେ ଭଲା କପଣ ମଣିଷ ବରନ୍ଦରର ଗୃହର ଘୋଡ଼େଇ ହୋଇ ଶୋଇ ରହିପାରିବ ?

ମୋର ବମ୍ବେ କଥା ମନେ ପଡ଼ିଲା । ମୁଁଇ ସକାଶେ ଆମ ଗାଁ ଓ ବମ୍ବେ ଭିତରେ ଜାହାଜ ଚଳାଚଳ ବନ୍ଦ ଥିଲା । ତଥାପି ପ୍ରବାସ ଯିବାକୁ ମନ ହେଲା । ବସ୍ ରେ ବସି ଯାତ୍ରା ଆରମ୍ଭ କଲି । ସେଥିରେ ବସି ବସି ସହ୍ୟାଦ୍ରି ଯାକେ ପହଞ୍ଚିଲି, ତାପରେ ପାହାଡ଼ ଇଲାକାରେ ପ୍ରବେଶକରି ଆଗେଇଲି । ତଳ ଅଞ୍ଚଳରେ ରେଳଗାଡ଼ି ଧରିଲି । ଏ ଅଞ୍ଚଳରେ ଆମ ଗାଁ ପରି ବା ପାହାଡ଼ ପରି ବର୍ଷାର ଛିଟକ ନାହିଁ । ତଥାପି ବର୍ଷାଋତୁ ଆସିଥିଲା । ବାଟସାରା କଳା ମାଟି ଉପରେ କପା, ଖସା ଇତ୍ୟାଦି ସବୁଜତା ମାଇଲ୍ ମାଇଲ୍ ଧରି ବିଛା ହୋଇଥିଲା । ମୁଁ ଟ୍ରେନରେ ଝରକା ପାଖରେ ବସିଲି । ପବନର ଦମକା ଖାଇ ଯେତେବେଳେ ଏହି ସବୁଜ ସାଗରରେ ଲହରୀ ଉଠେ, ସେତେବେଳେ ମୋ ହୃଦୟରେ ବି ଆନନ୍ଦର ଲହରୀ ଉଠୁଥାଏ । ଏଣୁ ରାସ୍ତାର ଦୂରତ୍ୱ ଜଣା ପଡ଼ିଲାନି । ବେଲଗାଓଁ ସହର ଆସିବା ଯାକେ ବି ସବୁଜତା ଥିଲା । ତା ପରେ ଅନ୍ଧକାର । ବେଲଗାଓଁରେ ଯେଉଁ ଡବାରେ ମୁଁ ବସିଥିଲି, ତହିଁରେ ଲୋକ ପଣି ଗଣ୍ଡଗୋଳ କରି ନ ଥିଲେ । ଆରାମରେ ଶୋଇଗଲି । ସକାଳେ ପୁନାରେ ଯାଇ ନିଦ ଭାଙ୍ଗିଲା ।

ବିଷ୍ଣୁପନ୍ଥବାବୁ ନିଜ ଘରେ କାମରେ ଲାଗିବା ପ୍ରକୃତିର ଲୋକ, ତାହା ତାଙ୍କ ଚିଠିରୁ ଜାଣି ପାରିଥିଲି । ରେଳରୁ ଓହ୍ଲାଇବା ମାତ୍ରେ ଗୋଟିଏ ଟଙ୍ଗା ଭଡ଼ା କରି ସିଧା ଶନିବାର ପେଠରେ ଥିବା ତାଙ୍କ ଘରକୁ ଗଲି । ସେତେବେଳେ ସେ ଘରେ ନଥିଲେ । ସେ ତାଙ୍କ ଜୋଇଁଙ୍କ ଘରେ ରହୁଥିଲେ । ଘରେ ଝିଅ ଜୋଇଁ ଥିଲେ । ତାଙ୍କଠୁ ଖବର ମିଳିଲା ଯେ ଘାଟେ ବାବୁ କୋଉ କାମରେ ନାସିକ୍ ଯାଇଛନ୍ତି । ସେଇଠୁ ମୁଁ ନାକ କୁଣ୍ଡାଇ କୁଣ୍ଡାଇ ପଚାରିଲି, "କେବେ ଫେରିବେ ?"

"କାଲି ଆସିବେ ।"

ସେ ମୋ ବିଷୟ ଜାଣିବାକୁ ଚାହିଁଲେ ଓ ମୁଁ କହିଦେଲି । ସେ ଦମ୍ପତ୍ତି ପନ୍ଥବାବୁ ଆସିବା ଯାକେ ଘରେ ରହିବାକୁ ଅନୁରୋଧ କଲେ । ପନ୍ଥବାବୁ ନ ଥିବାବେଳେ ସେଠି

Digitized by PPRACHIN, SOA

ରହିବାଟା ମୁଁ ଉଚିତ ମନେ କଲି ନାହିଁ ଓ କହିଲି ଯେ ଆଠ ଦିନ ପରେ ନିଶ୍ଚୟ ଆସିବି । ତାପରେ ଜଳଖିଆ କରି ପଣ୍ଡୁବାବୁଙ୍କ ନାମରେ ଖଣ୍ଡିଏ ଚିଠି ଲେଖି ରଖି ଆସିଲି ସେଠୁ ସାଙ୍ଗେ ସାଙ୍ଗେ ରେଲରେ ବସି ବମ୍ବେ ବାହାରିଗଲି ।

ମୋର ମନ ଉତ୍ସାହରେ ପୂର୍ଣ୍ଣ ହୋଇଗଲେ କି ଏପରିକି ବିରକ୍ତ ହୋଇ-ଗଲେ, ମୁଁ ଚାରି ପାଞ୍ଚଦିନ ବମ୍ବେରେ ଯାଇ ରହି ଆସୁଥିଲି । ଆମ ଗାଁରେ ତ ଲୋକଙ୍କ ଭିଡ଼ ନାହିଁ; କିନ୍ତୁ ବମ୍ବେ କଥା ଅଲଗା । ଲକ୍ଷ୍ୟ ଲକ୍ଷ୍ୟ ଲୋକ ସ୍ଥାୟୀ ନିଜର କରିଛନ୍ତି, ଏ ସହର ଜନାରଣ୍ୟ । ମୋର ବନ୍ଧୁ ଯଶୋବନ୍ତରାୟ ବାବୁଙ୍କ କଥାରେ କହିଲେ ଏଇମିତି ବର୍ଣ୍ଣନା ହେବ—ଅରଣ୍ୟ ବଡ଼ ହୋଇଗଲେ ତହିଁରେ ଗଛବୃଦା ବନସ୍ପତିଙ୍କର ସଂଖ୍ୟା ବି ଅଧିକ ହେବ । ଆପଣ ତହିଁରେ ଯେ କୌଣସି ଔଷଧ ବୃକ୍ଷ ଖୋଜି ପାଇବେ ; ଗଛ ଚିହ୍ନି ପାରୁଥିଲେ ନିଶ୍ଚୟ ଆମେ ତା ପାଇବା ।

ଏମିତି ଦେଖିବାକୁ ଗଲେ ସେ ନଗର ଭିତରେ କିଛି ଗଛଙ୍କ ପରିଚୟ ମୁଁ ପାଇସାରିଛି । ଗଛମାନେ ଏଠି ମନୁଷ୍ୟ । ବମ୍ବେ ସହର ଛାଡ଼ି କୁଆଡ଼େ ଯିବେନାହିଁ । 'ମୋର ଜନ୍ମ ଏଇଠି, ଜୀବନ ଏଇଠି, ମୃତ୍ୟୁ ବି ଏଇଠି' ଠିକ୍ କରି ରହୁଥିବା ମୋର ବନ୍ଧୁ ଦଳଙ୍କ ଭିତରୁ କେହି କେହି ଏଠି ରହନ୍ତି । ଏହିପରି ନର-ବୃକ୍ଷଙ୍କୁ ଭେଟିକରି ସମୟ କଟାଇଲି ।

ସେଇଠୁ ମନରେ ଯେଉଁ କାମ ଠିକ୍ କରି ଆସିଛି, ସେ କାମଟା ବାକି ଅଛି । ମୁଁ ଯାହା ସକାଶେ ଆସିଛି, ସେଇ ଚିହ୍ନକର ଏଇଠି ଅଛି । ଯେଉଁଦିନ ଆସିଲି, ସେ ଦିନ ତା ଘରକୁ ଯାଇକରି ତାକୁ କହିଲି, "ଏତେଥର ଆପଣଙ୍କ ଘରକୁ ଆସିଛି, କିନ୍ତୁ ଏଥର କଥା ଅଲଗା । ଏଥରକ ଆପଣଙ୍କର ପରୀକ୍ଷା ନେବାକୁ ଆସିଛି । ଏ ପ୍ରକାରେ ନିଜର ଉଦ୍ଦେଶ୍ୟ ଦେଖାଇ, ମୋ ବସ୍ତାନିରୁ ଯଶୋବନ୍ତ ରାୟଙ୍କର ଅଙ୍କା ଚାରି ପାଞ୍ଚଟି ଚିହ୍ନ ବାହାର କରି ତା ଆଗରେ ଥୋଇଲି । ସାଙ୍ଗରେ ଯଶୋବନ୍ତ ରାୟ ବାବୁଙ୍କର ଗୋଟିଏ ଫଟୋ ବି ଥାଏ । ସେ ସାଙ୍ଗଟି ଯଶୋବନ୍ତ ରାୟଙ୍କ ଫଟୋ ଆଡକୁ ଚାହିଁଲା ନାହିଁ । ସେଇଠୁ ତାକୁ ଆଣି ମୁଁ ମୋ ପକେଟରେ ରଖି ଦେଲି । ସାଙ୍ଗଟି ଅତି କୌତୂହଳ ସହିତ ପନ୍ଦର ମିନିଟ୍ ଯାଏ ପ୍ରତ୍ୟେକ ଚିହ୍ନକୁ ଦେଖିଲା । 'ଗୋରୁ', 'ମଇଁଷିର ବାଛୁରୀ', 'ଦାଦା', 'ଷମା', 'ଟୀମା' ଭଳି ଚିହ୍ନ ସେଠି ଥିଲା । ତାଙ୍କୁ ଦେଖି ସେ ହସିଲା ।

ମୁଁ କହିଲି, 'ହସିଲେ କାହିଁକି ?'

Digitized by PPRACHIN, SOA

"ୟାଙ୍କର ଗୋଟେ ପ୍ରକାର ଆଖି ଅଛି, ତା ଆମର ନାହିଁ । ଚିତ୍ରକଳାର ତନ୍ତ୍ର କିଛି ନାହିଁ । ସତକଥା ତାକୁ ଶିଖିବାକୁ ହୁଏ । ଚିତ୍ର ଆଙ୍କିବାର କଳାଟିରେ ସିଦ୍ଧି ମିଳିନାହିଁ । କିନ୍ତୁ ୟାଙ୍କୁ କିଛି ବି ଜଣା ନାହିଁ ; ତାଇ ବି କହି ହବନି । ୟାଙ୍କ ଭିତରେ ଗଭୀର ଦୃଷ୍ଟି ଅଛି । କିଏ ଆଙ୍କିଚି ୟାକୁ ?"

ସେଇଠୁ ମୁଁ ପକେଟରୁ ଫଟୋ ବାହାର କରି ଦେଖାଇଲି ।

"ସେ କୋଉଠିକାର ?"

"ସ୍ୱର୍ଗପୁରର ।"

"ସ୍ୱର୍ଗପୁର କୋଉଠି ?

"ସ୍ୱର୍ଗର ପୁର ହେଲା ସ୍ୱର୍ଗପୁର ।"

"ମରିଯାଇଚନ୍ତି ?"

"ଏଇଲା ତ ସନ୍ତୋଷ ହେଲା । ଆପଣ ବି ଚିତ୍ରକର, ସେ ବି ଚିତ୍ରକର, ହେଲେ ସେ ଆଉ ପ୍ରତିଦ୍ୱନ୍ଦୀ ନୁହନ୍ତି । ଏକଥାର ଭରସା ଆସିଗଲାତ ?" କହିଲା ପରେ ତାଙ୍କର ବମ୍ବେରେ ଥିବା କଥା କହିଲି । ପୁଣି ମୋ ଉଦ୍ଦେଶ୍ୟ ପୂରଣ ସକାଶେ ଯାହା ଯାହା ଦରକାର ବୁଝିଲି ତାଙ୍କ ଜୀବନର କଥାକେ ଶ୍ରେଷ୍ଠ ଶ୍ରେଷ୍ଠ ପ୍ରସଙ୍ଗ ବାଛି ବର୍ଣ୍ଣନା କଲି । ତାପରେ ଆସ୍ତେ କରି କହିଲି "ଦେଖନ୍ତୁ, ମୁଁ ଗଦ୍ୟ ଲେଖକ, ୟାଙ୍କ ଜୀବନ ଚରିତ, ବରଂ ଗୋଟାଏ କାହାଣୀ ଲେଖୁଛି । ଆପଣ ବି ତାଙ୍କୁ ଦେଖିଥିଲେ ଭଲ ହୋଇଥାନ୍ତା । ଆପଣ ତ ଦେଖି ନାହାଁନ୍ତି । ମଲା ମଣିଷକୁ ମୁଁ ବି ଦେଖାଇ ପାରିବିନାହିଁ । ତା ଜାଗାରେ ଆପଣ ଏଇ ଫଟୋଟା ନିଅନ୍ତୁ । ତା ଢାଙ୍ଗକୁ ଏ ବି ଥାଉ ।" କହି ସରସୀର ଅସ୍ପଷ୍ଟ ଚିତ୍ରଟି ବି ଦେଲି । ତାଛଡ଼ା ତାଙ୍କ ଷ୍ଟାମ୍ପର ରେଖାଚିତ୍ର ଯାହାକି ଡାଇରିର ଶେଷ ପୃଷ୍ଠାରେ ଥିଲା ତାକୁ ବି ତା ଆଗରେ ଥୋଇଲି । ତାଙ୍କର ଦାମ୍ପତ୍ୟ ଜୀବନ, ବିରସ ଜୀବନ, 'ଶିରସି' ର ଜୀବନ କହିଲି, "ୟାକୁ ସବୁ ନେଇ ଯାହା କରି ପାରିବେ କରନ୍ତୁ । ମୁଁ ଗୃହବନ ପରେ ଫେରି ଆସିବି । କିନ୍ତୁ ଯେବେ ନହେଲା; ମୁଁ ଫେରିଲେ ଫେରାଇ ଦେବେ । ଆମ ଗାଁର ଜଣେ ଡ୍ରଇଂ ମାଷ୍ଟ୍ର ଅଛି, ତାକୁ କହିବି । ସେ ବେଳେ ବେଳେ ମୃତ ଲୋକଙ୍କର, କି ନାଁ ବି ନ ଜାଣିଥିବା ଲୋକଙ୍କୁ ଲମ୍ବା ଚଉଡ଼ା ପେଣ୍ଟ ଆଙ୍କି, ଜରିଦାର ଚଦର ପିନ୍ଧେଇ, ପାଖରେ ଗୋଟାଏ ଫୁଲଦାନୀ ରଖି, "ବମନ-ହଲ୍ଲିର ମହାରାଜା ପ୍ରେ' ଭଳିଆ କିଛି ଲେଖି ଦିଅନ୍ତି । ମାନେ ଆପଣଙ୍କୁ ଏ କାମ କରିବାକୁଇ ପଡ଼ିବ ବା ତାଙ୍କ ଆଙ୍କିଥିବା ଚିତ୍ରକୁ ଦେଖିକରି ଆତ୍ମହତ୍ୟା କରିବାକୁ

Digitized by PPRACHIN, SOA

ପଡ଼ିବ ।'' ମୁଁ ପରିହାସ କରି କହିଲି । ମୋ ସାଙ୍ଗ କହିଲା, ''ଏଣିକି କିଛି କହି ପାରିବନି । ଆଉ ମୋର ଯେବେ ଆତ୍ମହତ୍ୟା କରିବାର ସୁଯୋଗ ଆସିଯାଏ, ତାହେଲେ କପେ କଫିରେ ଡେଇଁପଡ଼ି ପ୍ରାଣତ୍ୟାଗ କରିବ !''

ଗୃହଦାହ ପରେ ମୁଁ ପହଞ୍ଚିଲି ବେଲଗିକ ଚିତ୍ର ଛାଆରି ହେଇ ଯାଇଥିଲି । ମୋର ସାଙ୍ଗ ଗୋଟିଏ ଛବି-ଚିତ୍ର ଆଙ୍କିଥିଲା, ଯହିଁରେ ତାନ ଝିଅ ଯେନ ନବ୍ୟଭାରଣା ସୁନ୍ଦରୀ ସରସୀ ଗୀତ ଗାଉଥିଲା ଓ ପାଖରେ ମୋର ବନ୍ଧୁ ଯଶୋବନ୍ତ ବାବୁ ବସିକରି ଭାବମଗ୍ନ ହୋଇଥିଲେ ।

''ଓହୋ ! ଏ ଛବିଟା ଯେବେ ଇନ୍ଦୁମତୀ ଦେଖିବ ନା, ଧନନ୍ଦାତ ଡେଇଁ ପଡ଼ିବ !''

''ଇନ୍ଦୁମତୀ ପୁଣି କିଏ ?'' ମୋ ସାଙ୍ଗ ପଚାରିଲା । ସେଇଠୁ ମୁଁ ମୋ ଚିତ୍ରକର ବନ୍ଧୁଙ୍କୁ ସେ କାହାଣୀ ବି ଶୁଣାଇଲି ।

ମୋର ମୁଖ୍ୟ କାର୍ଯ୍ୟଟି ସମାପ୍ତ ହେବା ପରେ, ବମ୍ବେର ବନସ୍ପତିମାନଙ୍କରୁ ବାଛି ବାଛି କିଛି ଖୋଲପା ଓ ଫୁଲ ମୁଁ ସାଙ୍ଗିନେଲି । ତାପରେ ପୁନା ଗଲି । ଏଥରକ କୃଷ୍ଣ ପନ୍ଥ ଘାଟେ ବାବୁ ନିଜେ ଦରଜା ଖୋଲିଲେ । କୃଷ୍ଣ ପନ୍ଥ ବାବୁଙ୍କର ସାଧାରଣ ଉଚ୍ଚତା, ଗୋରରଙ୍ଗ ଓ ଦୁବଳା ପତଳା ଦେହ । ମୋର ସ୍ୱାଗତ କରି ସେହି କୃଷ୍ଣଜିନ ଚମଡ଼ା ଉପରେ ବସାଇଲେ ଯାହା ଉପରେ ସେ ନିଜେ ବସି ଲେଖା ଲେଖି କରନ୍ତି, ତା ପରେ କଥାବାର୍ତ୍ତା ଆରମ୍ଭ କଲେ । କୁଶଳ ସମାଚାର ପଚାରିଲେ । ଯଶୋବନ୍ତ ରାୟଙ୍କ ପ୍ରତି ଗୌରବ ଓ ସମ୍ମାନର ବର୍ଷଣ କଲେ । ତା ପରେ ଧର୍ମଶାସ୍ତ୍ର ବିଗ୍ରହ'ର ହସ୍ତଲିଖିତ ପାଣ୍ଡୁଲିପିଟି ମୋ ଆଗରେ ଥୋଇଲେ, ''ସେ ମୋତେ ଟଙ୍କା ସାହାଯ୍ୟ ଛଡ଼ା, କାମ କରିବାର ପ୍ରେରଣା ଦେଇ ମୋ ହାତରେ ଏ କାମଟା କରାଇ ନେଲେ । ଏ ଛପା ହବ, ଯାକୁ ଲୋକେ ପଢ଼ିବେ, ଏ ଭରସା ମୋରନାହିଁ । ମୁଁ ଏତେ ବଡ଼ ମନୀଷ ବି ନୁହେଁ । କର୍ତ୍ତବ୍ୟ ପାଳନ ସକାଶେ କର୍ତ୍ତବ୍ୟ କରୁଛି ମାତ୍ର ।

''ଆଉ ଗୋଟିଏ କଥା କହିବେ । ଆପଣ ଅନ୍ୟ କିଛି ଭାବିବେ ନାହିଁ । ଏହି କାମ ଶେଷ ହୋଇଗଲା ପରେ ମୁଁ ଆଉ ଯଶୋବନ୍ତରାୟ ବାବୁଙ୍କ ହିସାବରୁ ଟଙ୍କାନେଇ ପାରିବ ନାହିଁ'' ମୋତେ ତାଙ୍କର ଏହି ବ୍ୟବହାର ଦେଖି ବଡ଼ ଆଶ୍ଚର୍ଯ୍ୟ ଲାଗିଲା ।

Digitized by PPRACHIN, SOA

ସେହି ଦିନଯାଏ ମୁଁ ବିଷ୍ଣୁପନ୍ଥ ବାବୁଙ୍କ ସଙ୍ଗେ ଆତ୍ମୀୟତା ପୂର୍ବକ ବିତାଇଲି । ସେ ମରାଠୀ ଛୁଡ଼ି ଇଂରାଜୀରେ କଥା କହିବାକୁ ଚେଷ୍ଟା କଲେ, କିନ୍ତୁ ସଫଳ ହେଲେ ନାହିଁ ।

ତାଙ୍କ ଜୋଇଁଙ୍କ ଜରିଆରେ, ଇଂରେଜୀ ସାହାଯ୍ୟରେ ଆମେ ପରସ୍ପରକୁ ଚିହ୍ନି ପାରିଲୁ । ସେ ଆଗେ ଯୋଉ ଚିଠି ମୋ ପାଖକୁ ଲେଖିଥିଲେ, ସେସବୁ ମାରାଠୀରେ ଥିଲା, ସେତେବେଳେ ଅନୁବାଦ ଦରକାର ହେଉଥିଲା । ତାପରେ ସେ ତାଙ୍କ ଜୋଇଁ ହାତରେ ଇଂରାଜୀରେ ଲେଖାଇଲେ । ବର୍ତ୍ତମାନ ମଧ୍ୟ ତାଙ୍କ ଜୋଇଁ ଆମ ଦୁହିଁଙ୍କ ଭିତରେ ଦୋଭାଷୀ ହୋଇଗଲା ।

କେତେଥର ତାଙ୍କର ଆଉ ଯଶୋବନ୍ତ ରାୟଙ୍କ ଭିତରେ ଯାହା କଥାବାର୍ତ୍ତା ହେଉଥିଲା, ତାର ବିବରଣ ସେ କହିଲେ । ଯାତେ ବାବୁ ଧାର୍ମିକ ବିଷୟରେ ଆସକ୍ତ— ଅଭିରୁଚି ପୋଷଣ କରନ୍ତି, ତେଣୁ ଯାଙ୍କର ତାଙ୍କର ଆଲୋଚନା ଚର୍ଚ୍ଚା ଧର୍ମ ବିଷୟକ ହେଉଥିଲା । ବିଶ୍ୱାସର ମୂଳ ପ୍ରୟୋଜନ, ଜୀବନର ସମସ୍ୟା, ମତ-ସମ୍ପ୍ରଦାୟ-ଧର୍ମ ମାନଙ୍କ ଭିତରେ ଭେଦ ଓ ମିଳ—ଏପରି କଥା ସବୁ ତାଙ୍କର ଆଲୋଚ୍ୟ ବିଷୟ ଥିଲା । ଦୁହିଁଙ୍କ ଚିନ୍ତାଧାରା, ତାଙ୍କ କହିବା ମତେ ଦକ୍ଷିଣ ଉତ୍ତର ଧ୍ରୁବ ।

"ଚିନ୍ତାଧାରା ଯାହା ହେଉ, ଆମେ ଦୁହେଁ ଅଲଗା ଅଲଗା ସଂସ୍କାର ପାଇଥିଲୁ । ତେଣୁ ସିଦ୍ଧାନ୍ତରେ ଭିନ୍ନତା ସ୍ୱାଭାବିକ । କିନ୍ତୁ ତାଙ୍କ ଭିତରେ ମାନବିକତାର ପକ୍ଷ ଅଧିକ ଥିଲା, ତେଣୁକରି ସେ ଏତେ ସାହାଯ୍ୟ ଦେଲେ, ମୋତେ ସେ ପ୍ରୋତ୍ସାହ ଦେଲେ ।"

ମୁଁ ତାଙ୍କ କଥାରେ ମୁଣ୍ଡ ହଲାଇଲି । ପଚାରିଲି, 'ପନ୍ଥବାବୁ, ଜନ୍ମାନ୍ତର ବିଷୟରେ, ଆତ୍ମା ପରମାତ୍ମା ବିଷୟରେ ଆପଣଙ୍କର ଓ ତାଙ୍କର ବିଚାର କଣ ଥିଲା ? କେମିତି ଥିଲା ?"

"ଉତ୍ତର ଧ୍ରୁବ--ଉତ୍ତର ଧ୍ରୁବ ହିଁ ଥିବ । ବିଷ୍ଣୁପନ୍ଥ, ବିଷ୍ଣୁପନ୍ଥ ରହିଛି । ଯଶୋବନ୍ତ ବାବୁ, ଯଶୋବନ୍ତ ବାବୁଇ ଥିବେ ।"

"ତାଙ୍କର ସିଦ୍ଧାନ୍ତ କଣ ଆପଣ ଜାଣି ପାରିଲେ ?"

"ତାଙ୍କର ଗୋଟେ ପ୍ରକାରର ଅଦ୍ୱୈତ । ତାକୁ ମୁଁ ଆଧୁନିକ ଅଦ୍ୱୈତ କହି ପାରେ ? ଯେପରି ଦ୍ୱୈତବାଦୀ ଶଙ୍କରାଚାର୍ଯ୍ୟଙ୍କୁ ନାସ୍ତିକ କହନ୍ତି, ସେମିତି ମୁଁ ବି

Digitized by PPRACHIN, SOA

କୌଣସି ଅଲଗା ନାମ ଦେଇପାରେ । ଏପରି ଲୋକ ଜୀବନ ଉପରେ ବିଶ୍ୱାସ ରଖନ୍ତି । ମନୁଷ୍ୟ ଭିତରର ଆତ୍ମା ଉପରେ ବିଶ୍ୱାସ କରନ୍ତି ନାହିଁ । ତେଣୁ ତାଙ୍କ ଲାଗି ପରମାତ୍ମାର ପ୍ରଶ୍ନ ମୁଖ୍ୟ ନୁହେଁ । ଭକ୍ତି, ମୋକ୍ଷ—ଏସବୁ ବିଷୟରେ ତାଙ୍କର ଅଭିରୁଚି ନଥାଏ । ମୁଁ ଥରେ ପଚାରିଲି, 'ଆପଣ କଣ କହୁଚନ୍ତି ଯେ ପରମାତ୍ମା ନାହାନ୍ତି ?' ସେଇଠୁ ସେ ପଚାରିଲେ । 'ସେକଥା ଆପଣ ଜାଣିଥିବେ ନା, ଆପଣ ଦେଖିଚନ୍ତି ?''

''ବେଦରେ କହିଚନ୍ତି । ସବୁ ଧର୍ମରେ କୁହାଯାଇଚି ।''

''ଆପଣ ଯୋଉ ଧର୍ମ କଥା ଶୁଣିଚନ୍ତି, ସେଇସବୁ ଧର୍ମରେ । ଶୁଣିଚି ଏମିତି ଧର୍ମ ବି ରହିଚି ଯହିଁରେ ପରମାତ୍ମା ବିଷୟ ଉତ୍ଥାପନ ବି ହୋଇନାହିଁ । ସେ ସବୁ ଧର୍ମ ନିଜକୁ ଅଜ୍ଞାତ ବିଷୟ କରି ରଖିନାହାନ୍ତି ?''

'ଯଦି ମୁଁ କୁହେ, ସନାତନ ଧର୍ମ ହିଁ ଶ୍ରେଷ୍ଠ ଧର୍ମ, ତାହେଲେ ?'

'ଯିଏ ବିଶ୍ୱାସ କରନ୍ତି ତାଙ୍କ ଲାଗି ସେଇ ଧର୍ମ ଶ୍ରେଷ୍ଠ'—କହି ସେ ହସିଲେ ।

''ତା ହେଲେ ଆପଣ ମୋତେ ପଚାରିପାରନ୍ତି, ସେ କଣ ନାସ୍ତିକ ଥିଲେ ? ପୁରା ସଂସାରକୁ, ପ୍ରାଣୀଙ୍କୁ ସେ ମମତା ଓ ସହାନୁଭୂତି ଦେଇ ଦେଖିଚନ୍ତି । ତାଙ୍କ ଦୃଷ୍ଟିରେ ସକଳ ଜୀବନ ସମାନ । ଏପରି ଜୀବନରେ, ଜୀବନ ଆରମ୍ଭ ଆଗରୁ ବି, ଆଜି କି କାଲି କେବେହେଲେ ଭେଦ ନ ଦେଖିବା ଏକପ୍ରକାର ଅଦ୍ୱୈତ ବିଚାରଧାରା ତାଙ୍କର ଥିଲା । ସେଇଥି ପାଇ ସେ ଅଦ୍ୱୈତ କହିଲେ । ତାହା ସାମ୍ପ୍ରଦାୟିକ ଚିନ୍ତା-ଧାରା ହୋଇ ନ ପାରେ ।''

ମୋ ବନ୍ଧୁ ବିଷ୍ଣୁ ପଣ୍ଡା ବାବୁଙ୍କର ଯଦ୍ୟପି ଯଶୋବନ୍ତ ବାବୁଙ୍କ ବିଚାରଧାରା ଉପରେ ବିଶ୍ୱାସ ନାହିଁ, ତଥାପି ତାଙ୍କ ବ୍ୟକ୍ତିତ୍ୱ ପ୍ରତି ଅପାର ଆଦର ରହିଛି, ତାହା ଜଣା ପଡ଼ିଲା ।

ପଣ୍ଡା ବାବୁଙ୍କଠାରୁ ବିଦାୟ ନେବା ଆଗରୁ ପଚାରିଲି, ଆପଣ 'ଆପଣଙ୍କର ଗ୍ରନ୍ଥଟି ଛପାଇବାର କଣ ବନ୍ଦୋବସ୍ତ କରିଛନ୍ତି ?''

ସେ କହିଲେ, ''କିଛି ବି କରିନି ।''

''କେତେ ଟଙ୍କା ଲାଗିବ ?''

Digitized by PPRACHIN, SOA

"ଆର୍ଯ୍ୟଭୂଷଣ ପ୍ରେସ୍‌ବାଲାଏ କହୁଚନ୍ତି ପ୍ରାୟ ତିନି ହଜାର ଲାଗିବ ।"

"କୌଣସି ପ୍ରକାଶକଙ୍କ ସାଙ୍ଗେ ଦେଖା କରିଥିଲେ ?"

"ଦେଖା କରିନି ତା ନୁହେଁ । ଦେଖା କଲେ କିଛି ଲାଭ ନାହିଁ । ଯେ କୌଣସି ଛପା ହବ ? ଏ କଣ ଉପନ୍ୟାସ ହୋଇଚି ? କହିବେ; ଏ ଯୁଗରେ ଆଉ ଧର୍ମଶାସ୍ତ୍ର କାହାର ଲୋଡ଼ା ?"

ତାଙ୍କର ଏ କଥା ଶୁଣି ମୁଁ ହସିଲି । କହିଲି, "ଦେଖନ୍ତୁ ମୁଁ ତ ଗଳ୍ପ ଉପନ୍ୟାସ ଲେଖିବା ଲୋକ । ଗଳ୍ପ ଲେଖିଥିଲେ, ଲୋକେ ପଢ଼ିବେ, ଯାହାକୁ କିଏ ପଢ଼ିବ ? ଆମ ଲୋକଙ୍କର ଆଧୁନିକତା ଏଇମିତି । ଆକାଶରୁ ଖସିଆସି ମାଟିରେ ବସିଚି ଯେ ଆଧୁନିକତା । ଏଠି ଯେ ଜନ୍ମ ନେଇଚ୍ଛ ସେ ଯେତେ ଆଧୁନିକ ହେଉ ପଛେ, ଲୋକେ ବୁଝିନ୍ତି ନାହିଁ ଯେ ମଞ୍ଜିଟେର ସାହାଯ୍ୟରେ ଗଛର ଶାଖା ପ୍ରଶାଖା ପ୍ରସ୍ଫୁଟିତ ହେବେ, ଆଉ ତହିଁରେ ଫୁଲ ଫୁଟିବ । ଏଇମିତି ଯେ ଆଧୁନିକତା । ତଥାପି ଆପଣ ଯାହା ପାରିବେ, ଚେଷ୍ଟା କରୁଥାନ୍ତୁ ।" ମୁଁ ବିଦାୟ ନେଲି ।

ଆପଣ ଅନୁମାନ କରି ପାରୁଥିବେ ଯେ ମୁଁ କେତେ ପ୍ରସନ୍ନ ମନରେ ନିଜ ଘରେ ପହଞ୍ଚିଲି । ମୋର ସମସ୍ୟା ଗୁରୁତର ହୋଇଗଲା । ଯଶୋବନ୍ତ ବାବୁ ଯେଉଁ ଦାୟିତ୍ୱ ମୋତେ ଦେଇଥିଲେ, ତାକୁ ଭୁଲାଇବା ଲାଗି ଆଉ କଷ୍ଟ ହେବ ନାହିଁ । ପାବଟତ୍ମା ମରିଗଲାଣି । ବେନକଯ୍ୟାଙ୍କ ଦେଉଳ ପ୍ରାୟ ଦୁଇ ହଜାର ଖାଇଚ୍ଛ । ଶୀନ୍‌କୁ ମୁଁ ଭୁଲି ଯାଇପାରେ; କିନ୍ତୁ ମଞ୍ଜୁଯ୍ୟ ବାବୁ ଓ ତାଙ୍କର ପିଲା କବିଲାଙ୍କୁ ଭୁଲି ହେବନାହିଁ । ଆଉ କଣ ରହିଲା ? କେତେ ଦେଲି, କେତେ ବଳିଲା, ହିସାବ କଲି । ବେନକଯ୍ୟାଙ୍କ ଦେଉଳ କରିବାଇ ଦରକାର, ମୋର ମନେ ହୋଇଥିଲା । ବିଷ୍ଣୁପନ୍ଥ ବାବୁଙ୍କର ଗ୍ରନ୍ଥ ପ୍ରକାଶନ ସକାଶେ ଯଶୋବନ୍ତ ବାବୁଙ୍କ ନାମରେ ତିନି ହଜାର ଟଙ୍କା ଦେବାକୁ ହେବ । ତାପରେ ଯାହା ବଳିବ, ମୋ ବନ୍ଧୁଙ୍କ ଜୋଇଁଙ୍କ କୁଟୁମ୍ବ, ମାନେ ମଞ୍ଜୁଯ୍ୟ ବାବୁଙ୍କର ସହାୟତା ସକାଶେ ଏକପ୍ରକାର ପାଣ୍ଠି ରୂପେ ରଖିବାକୁ ସ୍ଥିର କଲି । ଏଥିପାଇଁ ଆବଶ୍ୟକ ବନ୍ଦୋବସ୍ତ କରିବାକୁ ଆରମ୍ଭ କଲି । ମଞ୍ଜୁଯ୍ୟ ବାବୁଙ୍କୁ ବି ପଚାରିଲି । ପନ୍ଥ ବାବୁଙ୍କୁ ଚିଠି ଲେଖିଲି । ଇନ୍ଦୁମତୀକୁ ବି ପଚାରିଲି, 'ତମ ପିତାଙ୍କର ସ୍ମୃତି ରୂପେ ତମର କଣ ଇଚ୍ଛା ।' ଉତ୍ତର ପାଇ ତଦନୁରୂପ ବ୍ୟବସ୍ଥା କଲି । ନିଜଲାଗି ମୁଁ ଖାଲି ତାଙ୍କର ଡାଇରୀ ବା ସଂସ୍କରଣ ଗ୍ରନ୍ଥ ରଖିନେଲି ।

Digitized by PPRACHIN, SOA

ସବୁଁ ହିସାବ କର ଦେଖୁଛୁ । ମୋ ହିସାବ ନୁହେଁ । ପୂର୍ଣ୍ଣ ଜୀବନ ଜୀଇଥିବା ଯଶୋଚନ୍ଦ୍ର ବାବୁଙ୍କର ହିସାବ । ତାଙ୍କର ସିଦ୍ଧାନ୍ତ ଅନୁସାରେ—ସଂସାରଠାରୁ, ସମାଜଠାରୁ ଯେତେ ପାଇଥିଲେ ତହିଁରୁ କମ୍ ଦେଲେ ନା ବେଶି ଦେଲେ—ତାର ହିସାବ । ଋଣ ଶୁଝିବାର ହିସାବରୁ—କିଏ କେତେ ଋଣୀ ହେଲ ?

ଯଶୋଚନ୍ଦ୍ର ବାବୁ ସବୁ ପ୍ରକାରରେ ଯାହା ନେଲେ, ତା ତୁଳନାରେ ଯେ କିଛି କମ୍ ଦେଇଗଲେ, ସେପରି ମନେ ହେଉନାହିଁ ।

Digitized by PPRACHIN, SOA

ଭାରତର କୌଣସି ନିର୍ଦ୍ଦିଷ୍ଟ ଭାଷା-ଭାଷୀ ପ୍ରଦେଶର ସାମାଜିକ ବ୍ୟବସ୍ଥା, ସଂସ୍କୃତି, ରୀତି ନୀତି, ଚାଲିଚଳଣ ତଥା ସୁଖ-ଦୁଃଖ ବିଷୟରେ ସେହି ଭାଷାର ଉତ୍କୃଷ୍ଟ ଜନପ୍ରିୟ ପୁସ୍ତକାବଳୀ ମାଧ୍ୟମରେ ଦେଶର ଅନ୍ୟ ପ୍ରାନ୍ତର ପାଠକମାନଙ୍କୁ ସମ୍ୟକ ଧାରଣା ଦେବା ହିଁ ଏହି ପୁସ୍ତକମାଳାର ମୁଖ୍ୟ ଉଦ୍ଦେଶ୍ୟ । ଏହି ଉଦ୍ଦେଶ୍ୟକୁ ହିଁ ବିଚାରରେ ରଖି ପୁସ୍ତକାବଳୀ ବଛାଯିବ ଏବଂ ସାଧାରଣତଃ ଆଧୁନିକ ସାହିତ୍ୟରୁ ହିଁ ଏହି ନିର୍ବାଚନ କରାଯିବ ।

ଭାରତ ଏକ ବହୁ ଭାଷା-ଭାଷୀ ଦେଶ ଅଟେ । କିନ୍ତୁ ଦୁଃଖର କଥା ଯେ, ପଡ଼ୋଶୀ ଭାଷା-ଭାଷୀ ଅଞ୍ଚଳର ବିଚାରଧାରା, ସାଂସ୍କୃତିକ ଓ ସାମାଜିକ ଜୀବନ ବିଷୟରେ ଆମେ ବହୁତ କମ୍ ଜାଣୁ ଏବଂ ଏଥିପ୍ରତି ବି ଖୁବ୍ କମ୍ ଧ୍ୟାନ ଦିଆଯାଉଛି । ୟୁରୋପୀୟ ଭୂଖଣ୍ଡରେ ଭିନ୍ନ ଭିନ୍ନ ଦେଶମାନଙ୍କର ଭିନ୍ନ ଭିନ୍ନ ଭାଷା ହୋଇଥିଲେ ମଧ୍ୟ ସେମାନେ ପରସ୍ପର ମଧ୍ୟରେ ଘନିଷ୍ଠ ସମ୍ପର୍କ ରଖିଛନ୍ତି ଏବଂ ପରସ୍ପର ମଧ୍ୟରେ ସାହିତ୍ୟିକ ତଥା ସାଂସ୍କୃତିକ ଆଦାନପ୍ରଦାନ କରୁଛନ୍ତି ।

ଆଶା, ଏହିଭଳି ଆଦାନ-ପ୍ରଦାନ ଦ୍ୱାରା ବିଭିନ୍ନ ଭାଷା-ଭାଷୀ ଭାରତର ଜନସାଧାରଣଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ସ୍ଥାପନ କରିବାରେ ସହାୟତା ମିଳିବ । ଜଣେ ଅନ୍ୟକୁ ଠିକ୍ ରୂପେ ବୁଝିବାକୁ ସକ୍ଷମ ହେବ । ରାଷ୍ଟ୍ରୀୟ ଏକତା ବୃଦ୍ଧି କରିବାରେ ଏହା ସହାୟକ ହେବ ।

Rs. 4-00

Digitized by PPRACHIN, SOA